ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ମାର୍ଚ୍ଚ ୨୦୨୨ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ । ଇମେଲ୍ : aahwaan@gmail.com


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଦୋଳପୂର୍ଣ୍ଣିମା ଏବଂ ହୋଲି ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **କାହାଣୀ ବିଭାଗ** | | **୧୯** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୧୯ | ଅଶୋକ ବିଶ୍ୱାଳ | ୨୦ |
| ଧୂଳିବୋଳା ଶୈଶବ | ମୋନାଲିସା ପାତ୍ର | ୩୧ |
| ବାଳିକା ବଧୁ | ରୋଜାଲିନି ମିଶ୍ର | ୩୫ |
| ଅଫିସରେ ଦିନଟିଏ | ପ୍ରହ୍ଲାଦ ସାହୁ | ୪୨ |
| ଶୀତର ଦୁଇଟା ସ୍କେଚ୍ | ସାଇ ପ୍ରସାଦ ସାହୁ | ୪୭ |
| ନିର୍ବାଚନ ଓ ଭୋଟ୍ | ମନୋଜ କୁମାର ଦାସ | ୫୦ |
| ସୀମାର ଭାଷାପ୍ରୀତି | ସୁରେଶ ଚନ୍ଦ୍ର ପାଢ଼ୀ | ୫୩ |
| ମୋ କୁଆଁର ପୂନେଇ ଜହ୍ନ | ମାନସୀ ବେହୁରା | ୫୫ |
| ଦଶହରା ଭେଟି | ତ୍ରିନାଥ ନନ୍ଦୀ | ୫୮ |
| ବାପା | ସ୍ନିଗ୍ଧା ଜି ମହାପାତ୍ର | ୬୨ |
| ଦୁଃଖ ନଦୀକୂଳେ କରିଛି ଘର | ଶିବରାମ ଦଳେଇ | ୬୭ |
| ବୋଉ ମୋର ଅନ୍ଧ | ଝରଣା ବାରିକ | ୭୧ |
| ବିଶ୍ୱାସଘାତକ ମାଙ୍କଡ଼ | ଅମରନାଥ ବାରିକ | ୭୫ |
| ପଛବେଞ୍ଚର ସେ ପିଲା | ସୁଶାନ୍ତ ପୁରୋହିତ ପାର୍ଥ | ୭୮ |
| ମାନସ ପୁତ୍ର | ଅଳକାନନ୍ଦା ପଟ୍ଟନାୟକ | ୮୫ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସମୟର ଚକ ଯାଏ ଘୁରିଘୁରିକା | ସୁଧାଂଶୁ ଶେଖର ଦ୍ୱିବେଦୀ | ୯୫ |
| **କବିତା ବିଭାଗ** | | **୧୦୨** |
| ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର | ଦେବଦତ୍ତ ସୁନା | ୧୦୩ |
| ନିଶ୍ଚିହ୍ନ ଗୋଧୁଳି | ଶିବ ନାରାୟଣ ଦାଶ | ୧୦୪ |
| ଶିଳ୍ପୀ ଓ କବି | ସ୍ୱର୍ଗତ ଶ୍ରୀ ମାୟାଧର ଦାଶ | ୧୧୪ |
| ହତଭାଗାର ଜୀବନ | ନାରାୟଣ ଚନ୍ଦ୍ର ସେନାପତି | ୧୧୭ |
| ମନର ମଣିଷ | ନିରଞ୍ଜନ ସାହୁ | ୧୧୯ |
| ଚରିତ୍ର | ଦୁଷ୍ମନ୍ତ ବେହେରା | ୧୨୦ |
| ଋଷି ବିଶ୍ୱାମିତ୍ର | ଶଙ୍କର ବିଶ୍ୱାଳ | ୧୨୧ |
| ପ୍ରଶ୍ନ | ଦୀପକ କୁମାର ପାତ୍ର | ୧୨୨ |
| ମିଛ ସ୍ୱାଧୀନତା | ଅମରନାଥ ବାରିକ | ୧୨୩ |
| ସାଧାରଣତନ୍ତ୍ର ଦିବସ | ରାମଚନ୍ଦ୍ର ପ୍ରଧାନ | ୧୨୪ |
| ଘୁଷୁରୀ ପ୍ରକୃତି ପଙ୍କରେ ଲୋଟେ | ଅଲେଖ ମେହେର | ୧୨୫ |
| କଷଟି ପଥର | କୁଞ୍ଜବିହାରୀ ରାଉତ | ୧୨୬ |
| ଗୁରୁ | ଦେବାର୍ଚ୍ଚନ ମେହେର | ୧୨୮ |
| ଓମିକ୍ରନ ଡରେ | ଜୟନ୍ତ କୁମାର ମଲ୍ଲିକ | ୧୨୯ |
| ଦଣ୍ଡିବା ଶକ୍ତି ଯାର ଥାଇ | ମନ୍ମଥ କୁମାର ଦଳେଇ | ୧୩୦ |
| ମୁଠାଏ ଜୀବନ | ଶିବରାମ ଦଳେଇ | ୧୩୨ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଗୋଲାପ | ରାହୁଲ ଚନ୍ଦ୍ର ଘଡ଼େଇ | ୧୩୩ |
| ଶୀର୍ଷକବିହୀନ ! | ଆଞ୍ଚଲ କବି | ୧୩୫ |
| ମୋ ପ୍ରିୟ | ବିନୟ ମିଶ୍ର | ୧୩୬ |
| ତ୍ରିରଙ୍ଗା | ପ୍ରିୟଦର୍ଶିନୀ ମହାପାତ୍ର | ୧୩୭ |
| କାହାକୁ କହିବୁ କେମିତି କହିବୁ | ପ୍ରଶାନ୍ତ ବ୍ରହ୍ମା | ୧୩୮ |
| ନିଆରା ଆମର ରାଜ୍ୟ | ମନସ୍ମିତା ବିଶ୍ୱାଳ | ୧୩୯ |
| ମୁଁ ସରପଞ୍ଚ ହେବି | ସିଦ୍ଧେଶ୍ୱର ତ୍ରିପାଠୀ | ୧୪୧ |
| ଜାଣେନା ମୁଁ | ଡଃ ମାଙ୍ଗଳିକା ମହାପାତ୍ର | ୧୪୨ |
| ଚନ୍ଦ୍ରମୁଖୀ | ବିନୟ ମହାପାତ୍ର | ୧୪୪ |
| ଗଣତନ୍ତ୍ର ଆମ ପରିଚୟ | ସୁବ୍ରତ କୁମାର ପ୍ରଧାନ | ୧୪୬ |
| ଟିକିଏ ତ ହସିଦିଅ | ଶୁଭସ୍ମିତା ସାହୁ | ୧୪୮ |
| ସେହି ନାରୀ | ଜନ୍ମଜୟ ନାୟକ | ୧୪୯ |
| କବିତା ସେ ଆତ୍ମାର ଭାବ | ଆଶୁତୋଷ ମେହେର | ୧୫୧ |
| ମୋ ପ୍ରିୟା | ଅମୀୟ କୁମାର ରଥଶର୍ମା | ୧୫୨ |
| ଭୋକ | ଝରଣା ବାରିକ | ୧୫୩ |
| ଲୁହର ଅଭିମାନ | ଚିକୁନ ପଣ୍ଡା | ୧୫୪ |
| ମୁଁ ବି ଦେଖିବାକୁ ଚାହେଁ | ସବିତା ପଟ୍ଟନାୟକ | ୧୫୫ |
| ଇନକିଲ୍ଲାବ୍ | ସ୍ମୃତିରଞ୍ଜନ ବାରିକ | ୧୫୬ |
| ଅଫେରା ନୁହେଁ | ସୁବ୍ରତ କୁମାର ଜେନା | ୧୫୯ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ବିକର୍ଣ୍ଣ | ବିଜୁ ମହେନ୍ଦ୍ର | ୧୬୧ |
| ଆସରେ ପାଳିବା ମହିଳା ଦିବସ | ବାସନ୍ତୀଲତା ଜେନା | ୧୬୩ |
| ନର୍କରୁ ତୁ ଦୂରେଇ ଯା | ଅଜୟ କୁମାର ବେହେରା | ୧୬୫ |
| ବସନ୍ତ ବାସ୍ନା | ପୁଷ୍ପାଞ୍ଜଳୀ ପଣ୍ଡା | ୧୬୬ |
| ତୁମେ ଗଲାପରେ | ପ୍ରୀତିଶ କୁମାର | ୧୬୭ |
| ଅନିର୍ବାପ ଜ୍ୟୋତି | ବାଲାଜୀ ସେଠୀ | ୧୬୮ |
| ଶେଷ ଇଚ୍ଛା | ଆଦରମଣି ପ୍ରଧାନ | ୧୭୦ |
| ମୁଁ ଗଲାପରେ | ଶୁଭମ୍ କୁମାର ସାହୁ | ୧୭୧ |
| ଆମ ପରିବେଶ ଆମ ଦାୟିତ୍ୱ | ନିଶିଥ ଚକ୍ରବର୍ତ୍ତୀ | ୧୭୨ |
| ହଲାନା ହଲାନା ଆଉ ନାକର ଗୁଣା | ତାରା ପ୍ରସାଦ ଜେନା | ୧୭୩ |
| ଦୁଇଟୋପା ଲୁହ ସାହିତ୍ୟର ମୋହ | ଦେବାଶିଷ ସିଂହ | ୧୭୫ |
| ବସନ୍ତ ବିଳାସ | ଚିତ୍ରାରାଣୀ ପାତ୍ର | ୧୭୬ |
| ଥକିବାନି କେବେ | ସନ୍ତୋଷ କୁମାର ସାହୁ | ୧୭୭ |
| ଭାବଗ୍ରାହୀ | ଶୈଳବାଳା ନାୟକ | ୧୭୮ |
| ଓଁ ନମଃ ଶିବାୟ | ରୁକ୍ମିଣୀ ସାହୁ | ୧୭୯ |
| ଶିବରାତ୍ରୀ | ତାନଶ୍ରୀ ପାଣିଗ୍ରାହୀ | ୧୮୦ |
| ସତ୍ୟମ୍ ଶିବମ୍ ସୁନ୍ଦରମ୍ | କବିରତ୍ନ ନୂତନ କୁମାର ବେହେରା | ୧୮୧ |
| ପରମ ପିତା | ପ୍ରତାପ କିଶୋର ରାଉତ | ୧୮୩ |
| ଶିବବାବା | ବିଜୟଲକ୍ଷ୍ମୀ ମହାପାତ୍ର | ୧୮୪ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଘେନ ହେ ଭକ୍ତି ଅଞ୍ଜଳି | ରଶ୍ମିତା ପାତ୍ର | ୧୮୫ |
| ମହାଶିବରାତ୍ରୀ ଜାଗର | ରୀତା ଅପରାଜିତା ମହାନ୍ତି | ୧୮୬ |
| ଠାକୁର ହେ ଠାକୁର | ନିରୁପମା ପାଣି | ୧୮୮ |
| ଭାରି ମନେ ପଡୁଛ | ସ୍ୱପ୍ନା ମହାନ୍ତି | ୧୮୯ |
| ଅଜଣା ରାଇଜ | ସରୋଜ କୁମାର ସାହୁ | ୧୯୧ |
| ଗାଁଠୁ ସହର | ଭାଗବତ ସାହୁ | ୧୯୨ |
| ବିବାହ ବାର୍ଷିକୀ ଉପଲକ୍ଷେ | ଲଳିତା ଜେନା | ୧୯୩ |
| ତୁମେ ଥିଲ ମୋ ଜୀବନ | ସ୍ମିଟି ସାହୁ | ୧୯୫ |
| ଯୁଦ୍ଧ | ଗୀତାଞ୍ଜଳୀ ଭୂୟାଁ | ୧୯୬ |
| ଛୁପି ଛୁପି ଆସ ବସନ୍ତି ରାତି | ଆଲିନ୍ ମେୟା | ୧୯୮ |
| ଅଷ୍ଟାହକୁ ଆଠ ଦିନ | ଡଃ ଦେବାଶିଷ ମହାପାତ୍ର | ୨୦୧ |
| କାହିଁକି ଏ ଯୁଦ୍ଧ ? | ରାକେଶ ଷଡ଼ଙ୍ଗୀ | ୨୦୨ |
| ଫେଡ଼ ମୋ ଆରତ | ଭାଗିରଥୀ ଯାନୀ | ୨୦୪ |
| ଗାଡ଼ିଏ ନର୍କ | ଅରୂପ କୁମାର ବିଶ୍ୱାଳ | ୨୦୫ |
| ଶିବ ଓ ଆମ ଶସ୍ତ୍ର | ଶରତ ଚନ୍ଦ୍ର ପଣ୍ଡା | ୨୦୭ |
| ସଂପର୍କ | ଡଃ ଅଭିମନ୍ୟୁ କାନୁନଗୋ | ୨୦୮ |
| ଅସମ୍ପୂର୍ଣ୍ଣ ରହିଲା କି ପୂଜା ମୋହର | ଅଶୋକ କୁମାର ପଧାନ | ୨୦୯ |
| ମିତରେ ମିତ | ବିନତା ଜେନା | ୨୧୨ |
| ଅବ୍ୟକ୍ତ ଯନ୍ତ୍ରଣା | ଶୁଭଲକ୍ଷ୍ମୀ ସେଠୀ | ୨୧୪ |


Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସଂପର୍କ | ଊର୍ମିଳା ରାୟ ମହାନ୍ତି | ୨୧୮ |
| ଶ୍ରମ କୋଳେ ଶ୍ରମିକ | ଦିପ୍ତୀ ଦେବଦର୍ଶିନୀ ସୁତାର | ୨୨୦ |
| ଛପର ଘର | ଧୀରେନ୍ଦ୍ର ମଲ୍ଲିକ | ୨୨୨ |
| ରଣଭୂମି ୨ | ଦୀନବଂଧୁ ବେଜ | ୨୨୩ |
| ହେ ଗୋଲାପ ଦିଶ ରକ୍ତଉଜ୍ଜ୍ୱଳ | ପ୍ରଦୀପ କୁମାର ଜିଲିକାରା | ୨୨୪ |
| ଜୀବନ ବଦଳିଯାଏ | ମଞ୍ଜୁରାଣୀ ମିଶ୍ର | ୨୨୬ |
| କେବଳ ତୁମରି ପାଇଁ | ମାନସୀ ତ୍ରିପାଠୀ | ୨୨୭ |
| ବିମୁକ୍ତ ଚରିତ୍ର | ଡଃ ଆର୍ଯ୍ୟକୁମାରୀ ପ୍ରଜ୍ଞା ପାରମିତା | ୨୨୮ |
| ମେଣ୍ଢାଛୁଆର ପ୍ରଶ୍ନ | ରାଧାମୋହନ ପୂଜାହାରୀ | ୨୩୦ |
| ଗାଆଁ ଆଉ ମାଆ | ପ୍ରଶାନ୍ତ କୁମାର ନାଥ | ୨୩୩ |
| ଚଳିଥିଲା ଦାନ ସେଦିନ | ପ୍ରହ୍ଲାଦ ସାହୁ | ୨୩୫ |
| ମୁଠାଏ ଖରା | ଓଜସ୍ୱିନୀ ଶତପଥୀ | ୨୩୭ |
| ମୋ ଶୈଶବ ଶିକ୍ଷା | ଦଣ୍ଡାସି ପ୍ରଧାନ | ୨୩୮ |
| ସନ୍ଦେହ | ଅନସୂୟା ପଣ୍ଡା | ୨୪୦ |
| ଆତ୍ମମଗ୍ନ ଉଚ୍ଚାରଣ : ପିତୃପ୍ରତିମ ଦେବୀପ୍ରସନ୍ନ | ଡଃ ମନୋରଞ୍ଜନ ବିଷୋୟୀ | ୨୪୨ |
| ନିର୍ବାଚନରେ ପଲ୍ଲୀ ଜୀବନ | ପଙ୍କଜ କୁମାର ମଙ୍ଗଳ | ୨୪୪ |
| ମଦ ମୁଁ ଛୁଉଁନି ଆଉ | ଶିଶିର କୁମାର ପଣ୍ଡା | ୨୪୬ |
| ଲାଳସାର ଛବି | ଜିନ୍ ବିନ୍ ଦାଶ ତ୍ରିପାଠୀ | ୨୪୭ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


## ସଂବଲପୁରୀ ବିଭାଗ ୨୪୯

| | | |
|---|---|---|
| ହୃରୁଦ୍ ଭିତ୍'ରର୍ କଥା | ବିଶ୍ୱନାଥ ଭୁଏ | ୨୫୦ |
| ଅସଲ୍ ମୁନୁଷ୍ 'ପନ୍' | ସୁନିଲ୍ କୁମାର ଅଗସ୍ତି | ୨୫୧ |

## ପ୍ରବନ୍ଧ ବିଭାଗ ୨୫୩

| | | |
|---|---|---|
| ଭଗବତ୍ ଜ୍ଞାନ | ସହଦେବ ପ୍ରଧାନ | ୨୫୪ |
| ବିଶ୍ୱ ମାତୃଭାଷା ଦିବସର ଚିନ୍ତନ | ଡା ଉଷାରାଣୀ ଦାଶ | ୨୮୦ |
| ଦୋଳ ପୂର୍ଣ୍ଣିମା | ଦେବେନ୍ଦ୍ର ସାମଲ | ୨୮୬ |
| ନବଗୁଞ୍ଜର ରୂପ | ସୁଷମା ପରିଜା | ୨୮୯ |
| କେଦାରନାଥ | ଶାନ୍ତିଲତା ସାହୁ | ୨୯୮ |
| ସାହିତ୍ୟ ଓ ଜୀବନ ଜିଜ୍ଞାସା | ମୌସୁମୀରାଣୀ ବେହେରା | ୩୦୦ |
| ଉତ୍କଟ ବେକାରୀ ସମସ୍ୟା ଓ ସମାଧାନ | ବାସନ୍ତୀ ଲତା ଜେନା | ୩୦୨ |
| ପାଇକ ବିଦ୍ରୋହର ତର୍ଜମା | ଅସିତ ମହାନ୍ତି | ୩୦୬ |
| ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ : ମହାତ୍ମା ଗାନ୍ଧୀ | ଅକ୍ଷୟ କୁମାର ରାଉତ | ୩୧୨ |
| ମାଡ଼ରେ ଭିଟାମିନ୍ ଏମ୍ ! ! ! | ପଙ୍କଜ କୁମାର ପାଣିଗ୍ରାହୀ | ୩୨୨ |
| ପ୍ରେମର ପରିଭାଷା | ଚିନ୍ମୟୀ ପାତ୍ର | ୩୨୭ |

ବିଶେଷ ସୂଚନା ୩୨୯


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ମାର୍ଚ୍ଚ ମାସର ସଂସ୍କରଣ ସହ ମୁଁ ଆଜି ଉପସ୍ଥିତ । ଆଜି ଓଡ଼ିଆ ଭାଷାକୁ ଏକ ସାଂସ୍କୃତିକ ଭାଷା ଭାବରେ ମାନ୍ୟତା ମିଳିଥିବା ଭଳି ଏକ ଗୌରବମୟ ଦିନ । ଦୁଇହଜାର ବର୍ଷରୁ ପୁରୁଣା ଓଡ଼ିଆ ଭାଷାକୁ ଭାରତର ଅନ୍ୟ ଛଅଗୋଟି ଭାଷା ସହ ସାଂସ୍କୃତିକ ଭାଷା ଭାବରେ ମାନ୍ୟତା ମିଳିଥିଲା ମାର୍ଚ୍ଚ ଏଗାର ତାରିଖ ବର୍ଷ ୨୦୧୪ରେ । ଆଜି ଏଇଥିପାଇଁ ଅଧିକ ଉତ୍ସାହ ଓ ଉଦ୍ଦୀପନା କିନ୍ତୁ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିନାହିଁ । କିନ୍ତୁ ଆମେ ଏହି ଦିନଟିକୁ ଅତ୍ୟନ୍ତ ଆନନ୍ଦର ସହ ସ୍ୱାଗତ କରିବା ଏବଂ ଆମ ଭାଷା ଓ ସାହିତ୍ୟ ପାଇଁ ଗର୍ବ କରିବା ।

ବିଗତ ମାସରେ ଯାନ୍ତ୍ରିକ ତ୍ରୁଟି ଏବଂ ତ୍ୱରିତ ପ୍ରକାଶନ ପ୍ରକ୍ରିୟା ହେତୁ ଅନେକ ବନ୍ଧୁଙ୍କ ଆଲେଖ୍ୟ ସବୁ ପ୍ରକାଶିତ ହୋଇ ପାରିନଥିଲା । ପତ୍ରିକା ପ୍ରକାଶନ ହେବାପରେ ସେ ସବୁ ଆଲେଖ୍ୟ ଆମ ଦୃଷ୍ଟିଗୋଚର ହୋଇଥିଲା ଏବଂ ଅନେକେ ଆମକୁ ଭ୍ରାମ୍ୟଭାଷୀ ମାଧ୍ୟମରେ ଏହି ବିଷୟରେ ଅବଗତ କରାଇଥିଲେ । ସେମାନେ ସମସ୍ତଙ୍କୁ ମୋର ଧନ୍ୟବାଦ । ଆପଣଙ୍କ ଭଳି ସାହିତ୍ୟାନୁରାଗୀ ମାନଙ୍କ ପାଇଁ ହିଁ ଆମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାଷା ସମୃଦ୍ଧ ହୋଇଛି ବୋଲି ମୁଁ ଗର୍ବର ସହ କହିପାରେ । ଆହ୍ୱାନ ଇ-ପତ୍ରିକାର ସମୂହ ଉନ୍ନତି କେବଳ ଆପଣଙ୍କ ପରି ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରେମୀଙ୍କ ଦ୍ୱାରା ହିଁ ସମ୍ଭବ ।

ଏଠାରେ ମୁଁ ଜଣେ ବନ୍ଧୁଙ୍କ ବିଷୟରେ ଉଲ୍ଲେଖ କରିବାକୁ ଉଚିତ ମନେ କରୁଛି । ବିଗତ କିଛି ସଂସ୍କରଣ ପାଇଁ ସେହି ବନ୍ଧୁ ଜଣଙ୍କ ନିଜ ଲେଖା ସମେତ ଅନେକ ଲେଖକଙ୍କ ଲେଖାକୁ ଓଡିଆରେ ଟାଇପ୍ କରି ଫଟୋଗ୍ରାଫ୍ ସହ ଆମ ଇମେଲ୍ ଠିକଣାରେ ପ୍ରେରଣ କରି ଆସୁଛନ୍ତି । ପ୍ରତ୍ୟକ୍ଷ ଭାବରେ ହେଉ ବା ପରୋକ୍ଷ ଭାବରେ ସେ ମା, ମାଟି ଓ ମାତୃଭାଷା ପାଇଁ ନିଜର ଦାୟିତ୍ୱକୁ ସୁଚାରୁରୂପରେ ନିର୍ବାହନ କରି ଆସୁଛନ୍ତି । ତାଙ୍କର ପ୍ରଚେଷ୍ଟା ପାଇଁ ଆହ୍ୱାନର କଳେବର ବୃଦ୍ଧି ହେବା ସହ ଅନେକ ନୂତନ ତଥା ପ୍ରତିଷ୍ଠିତ ଲେଖକ ତଥା କବିଙ୍କ ଆଲେଖ୍ୟ ଆପଣ ପଢ଼ି ପାରୁଛନ୍ତି । ମୁଁ ଆହ୍ୱାନ ଇ-ପତ୍ରିକା ପାଇଁ ଏଇଭଳି ବଦାନ୍ୟ ତଥା ସ୍ୱାର୍ଥହୀନ ସେବା ଯୋଗାଉଥିବା ବନ୍ଧୁ ଶ୍ରୀ ନାରାୟଣ ଚନ୍ଦ୍ର ସେନାପତିଙ୍କୁ ଧନ୍ୟବାଦ ଜଣାଉଛି । ତାଙ୍କ ପରି ଅନେକ ବନ୍ଧୁ ଏହିଭଳି ସେବା ଆମକୁ ଆଗରୁ ବି ଯୋଗାଇ ଆସିଛନ୍ତି । ସେ ସମସ୍ତ ବନ୍ଧୁଙ୍କୁ ଆମେ ସମସ୍ତେ ଧନ୍ୟବାଦ ଜଣାଇବା ଉଚିତ ହେବ । ଓଡିଆ ସାହିତ୍ୟ ଏବଂ ଭାଷା କ୍ଷେତ୍ରରେ ଆପଣଙ୍କ ଅବଦାନ ସର୍ବଦା ପ୍ରଶଂସନୀୟ ହୋଇ ରହିବ ।

ବିଗତ ମାସ ବିଶ୍ୱ ଇତିହାସରେ ଏକ ଅନନ୍ୟ ମାସ ଭାବରେ ପରିଗଣିତ ହେବ । ଏଇ ମାସରେ ବିଶ୍ୱର ଏକ ବିଶାଳ ଶକ୍ତି ଋଷ ଏହାର ପଡ଼ୋଶୀ ରାଷ୍ଟ୍ର ୟୁକ୍ରେନ୍ ଉପରେ ହଠାତ୍ ଆକ୍ରମଣ କରି ଏକ ପ୍ରକାର ବିଶ୍ୱଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି କରିଦେଇଥିଲା । ଏହା ପଛର ଇତିହାସ ହୁଏତ ଅନେକ ଜାଣିଥିବେ । କିନ୍ତୁ ଏହିଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ବିଗତ ଅନେକ ବର୍ଷରୁ ଅନେକ ବୁଦ୍ଧିଜୀବି ପୂର୍ବାନୁମାନ କରି ଆସୁଥିଲେ । ବିଗତ ଶତାବ୍ଦୀରେ ବିଶାଳ ୟୁଏସଏସଆର୍ ବା ସୋଭିଏଟ୍ ୟୁନିୟନର ବିଳୟ ପରେ ଅନ୍ୟୁନ ଅଶୀଏଟି ଦେଶ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସୃଷ୍ଟି ହୋଇଥିଲା । ସେଇ ସବୁ ଦେଶ ଏଇ ନୀତିରେ ଭିନ୍ନ ହୋଇଥିଲେ ଯେ ସେମାନେ ପରସ୍ପର ସହ ସମାନ ସମ୍ପର୍କ ଓ ସହଯୋଗ ବଜାୟ ରଖିବେ । କିନ୍ତୁ ଆମେରିକା ସମର୍ଥି ନାଟୋ ସଂସ୍ଥା ୟୁକ୍ରେନକୁ ନିଜ ଅକ୍ତିଆରରେ ନେବାପାଇଁ ପ୍ରଚେଷ୍ଟା କରିବା ଖବର ପାଇବା ପରେ ଋଷ ଏହାର ବିରୋଧ କରିଥିଲା, କିନ୍ତୁ ୟୁକ୍ରେନ୍ ଏହାକୁ ଅଣଦେଖା କରିବାପରେ ପରିସ୍ଥିତି ଅଣାୟତ୍ତ ହୋଇ ଯୁଦ୍ଧ ଆଡ଼କୁ ମୁହାଇଁଲା । ସେ ଯା ହେଉ ଋଷର ଆକ୍ରମଣରେ ୟୁକ୍ରେନରେ ପ୍ରଭୂତ କ୍ଷୟକ୍ଷତି ହୋଇଥିବାର ଦୃଶ୍ୟ ବାରମ୍ବାର ଗଣମାଧ୍ୟମ ଦେଖାଇବା ଫଳରେ ବିଶ୍ୱବାସୀଙ୍କ ମଧ୍ୟରେ ଅହେତୁକ ଭୟ ସୃଷ୍ଟି ହୋଇଗଲା । ପରୋକ୍ଷ ଭାବରେ ଆମେରିକା ଓ ନାଟୋ ସଂସ୍ଥା ୟୁକ୍ରେନକୁ ସହଯୋଗ କରିବାପାଇଁ ପ୍ରତିବଦ୍ଧତା ଦେଖାଇବା ପରେ ଏହି ଯୁଦ୍ଧ ତୃତୀୟ ବିଶ୍ୱଯୁଦ୍ଧରେ ପରିଣତ ହେବାର ସମ୍ଭାବନା ଏକ ପ୍ରକାର ସ୍ଥିରନିଶ୍ଚିତ ହୋଇଗଲା ।

ଏହି ସମୟରେ ବିଶ୍ୱ ନେତୃତ୍ୱ ଭାରତର ପଦକ୍ଷେପକୁ ଅପେକ୍ଷା କରି ରହିଥିଲେ । ଋଷ ଭାରତର ପାରମ୍ପରିକ ବନ୍ଧୁ ଏବଂ ଭାରତକୁ ବିଶ୍ୱ ଦରବାରରେ ସର୍ବଦା ସହଯୋଗ କରି ଆସୁଥିବା ହେତୁ ଭାରତ ଋଷ ବିରୋଧରେ କୌଣସି ପଦକ୍ଷେପ ନେବାକୁ ଅମଙ୍ଗ ହେଉଥିଲା ବେଳେ ଧିରେ ଧିରେ ଅନ୍ୟ ସବୁ ଦେଶ ମଧ୍ୟ ଭାରତ ଭଳି ପଦକ୍ଷେପ ନେବାକୁ ବାଧ୍ୟ ହେଲେ । ଏବେ ଯଦିଓ ଆନୂଷ୍ଠାନିକ ଭାବରେ ଯୁଦ୍ଧବିରତି ଚାଲିଛି, ତଥାପି ଋଷ ସୈନ୍ୟମାନେ ୟୁକ୍ରେନର ଅନେକ ବଡ଼ବଡ଼ ଅନୁଷ୍ଠାନ ଓ ପରମାଣୁ ରିଆକ୍ଟରକୁ ଅକ୍ତିଆରରେ ନେଇ ସାରିଛନ୍ତି ବୋଲି ଖବର ମିଳୁଛି ।

ୟୁକ୍ରେନ ଏକ ଛୋଟ ଦେଶ ହୋଇଥିବା ସତ୍ତ୍ୱେ, ଏଠାରେ ଶସ୍ତା ଶିକ୍ଷା ବ୍ୟବସ୍ଥା ଭାରତୀୟ ଛାତ୍ରଛାତ୍ରୀଙ୍କୁ ସେଠାରେ ମେଡ଼ିକାଲ ଶିକ୍ଷା ପାଇଁ ସୁହାଇ ଥାଏ । ଯେଉଁ ସ୍ୱଚ୍ଛଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବର୍ଗର ପିଲାମାନେ ଖର୍ଚ୍ଚ କରି ପାରନ୍ତି ସେମାନେ ୟୁକ୍ରେନ ଯାଇ ସେଠାରେ ମେଡ଼ିକାଲ ଶିକ୍ଷା ଗ୍ରହଣ କରି ଭାରତରେ ଆସି ଏକ ପରୀକ୍ଷା ଦେଇ କୃତକାର୍ଯ୍ୟ ହେଲେ ଏଠାରେ ଡାକ୍ତରୀ ସେବା ଯୋଗାଇ ଥାଆନ୍ତି । ଅବଶ୍ୟ ଏହି ପରୀକ୍ଷାରେ ମାତ୍ର କେଇ ପ୍ରତିଶତ ଛାତ୍ରଛାତ୍ରୀ ହିଁ ସଫଳ ହୁଅନ୍ତି ବୋଲି ସରକାରୀ ସୂତ୍ରରୁ ଜଣାପଡିଛି । ଅର୍ଥାତ ଅଧିକାଂଶ ଛାତ୍ରଛାତ୍ରୀ ଆଦୌ ଭାରତରେ ଡାକ୍ତର ଭାବରେ କାମ କରିବାର ସୁଯୋଗ ପାଆନ୍ତି ନାହିଁ । ୟୁକ୍ରେନ୍ ଯୁଦ୍ଧର ଅନତି ପୁର୍ବରୁ ଭାରତ ସରକାର ଛାତ୍ରଛାତ୍ରୀଙ୍କୁ ୟୁକ୍ରେନ୍ ତ୍ୟାଗକରି ଭାରତ ଚାଲି ଆସିବାପାଇଁ ନିର୍ଦ୍ଦେଶନାମା ଜାରୀ କରିଥିଲେ କିନ୍ତୁ ସେତେବେଳେ ଯୁଦ୍ଧର ସମ୍ଭାବନା ନାହିଁ କହି ସେମାନେ ଦେଶକୁ ଫେରିବାକୁ ମନା କରିଦେଲେ । ଯୁଦ୍ଧ ଆରମ୍ଭ ହେବାପରେ ଛାତ୍ରଛାତ୍ରୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଭାରତ ସରକାର ୟୁକ୍ରେନରୁ ବାହାର କରି ଆଣିବାକୁ ସକ୍ଷମ ହେଇଛନ୍ତି । ଉଲ୍ଲେଖନୀୟ ଘଟଣା ଏହି ଯେ ଯୁଦ୍ଧ ଚାଲୁଥିବା ସମୟରେ ଋଷ ଏବଂ ୟୁକ୍ରେନର ବାୟୁସୀମାରେ ବିମାନ ଚଳାଚଳ ବନ୍ଦ କରିବାପାଇଁ କଟକଣା ଥିବା ସମୟରେ କେବଳ ଭାରତୀୟ ବିମାନ ହିଁ ସେଇ ରାସ୍ତାରେ ଯାଇ ଛାତ୍ରଛାତ୍ରୀଙ୍କୁ ନେଇ ଆସିବା ଭଳି ଦୁଃସାହସିକ ପଦକ୍ଷେପ ନେଇ ପାରିଛି । ଏବଂ ଏଥିପାଇଁ ଋଷ କିଛି ସମୟ ପାଇଁ ଯୁଦ୍ଧବିରତି କରିଥିବା ମଧ୍ୟ ଆମର ଋଷ ସହ ବନ୍ଧୁତାର ଗୁରୁତ୍ୱପୂର୍ଣ୍ଣ ଦିଗକୁ ଦର୍ଶାଏ ।

ଭାରତ ସରକାର ଆମ ଦେଶର ନାଗରିକଙ୍କୁ ସୁରକ୍ଷିତ ଫେରାଇ ଆଣିବା ସହ ପଡ଼ୋଶୀ ଦେଶର ଛାତ୍ରଛାତ୍ରୀଙ୍କୁ ମଧ୍ୟ ସହାୟତା ଯୋଗାଇ ଦେଇଥିଲେ, ଯାହାର ଭିଡ଼ିଓ ସବୁ ସାମାଜିକ ଗଣମାଧ୍ୟମରେ ବହୁଳ ଭାବରେ ପ୍ରସାରିତ ହେଉଛି । ଏଥିପାଇଁ ଚାରିଜଣ କେନ୍ଦ୍ରମନ୍ତ୍ରୀ ୟୁକ୍ରେନ ଚତୁଃପାର୍ଶ୍ୱରେ ଥିବା ଚାରି ଦେଶରେ ଉପସ୍ଥିତ ରହି ବ୍ୟକ୍ତିଗତ ଭାବରେ ଏହି ପ୍ରକ୍ରିୟାକୁ ପରିଚାଳିତ କରିବା ଆଉ ଏକ ଉଲ୍ଲେଖନୀୟ ଘଟଣା । ବିଶ୍ୱର ଅନେକ ଦେଶ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜ ନିଜ ନାଗରିକଙ୍କୁ ଫେରାଇ ନେବାକୁ ଅକ୍ଷମତା ପ୍ରକାଶ କରୁଥିବା ବେଳେ ଏକା ଭାରତର ସଶକ୍ତ ସରକାର ଏହି କାର୍ଯ୍ୟକୁ କରି ଦେଖାଇ ସମସ୍ତଙ୍କୁ ଚମକାଇ ଦେଇଥିଲେ ।

ଭାରତ ସରକାରଙ୍କ ନିବେଦନ ପରେ, ୟୁକ୍ରେନରୁ ଫେରୁଥିବା ନାଗରିକଙ୍କ ବସ ଓ ଅନ୍ୟ ଯାନବାହାନରେ ଭାରତର ପତାକା ଲଗାଇବା ନିର୍ଦ୍ଦେଶ ମିଳିଥିଲା ଏବଂ ଆମ ଦେଶର ତ୍ରିରଙ୍ଗା ସମସ୍ତଙ୍କ ପାଇଁ ରକ୍ଷା କବଚ ଭଳି କାମ କରୁଥିଲା । ଏହାକୁ ଦେଖାଦେଖି ପଡ଼ୋଶୀ ପାକିସ୍ତାନର ଛାତ୍ରଛାତ୍ରୀମାନେ ମଧ୍ୟ ନିଜ ବସରେ ଭାରତୀୟ ପତାକା ଲଗାଇ ସୁରକ୍ଷିତ ବାହାରି ଆସିବା କଥା ଦାବୀ କରିଥିଲେ । ଭାରତୀୟ ପତାକାର ଏତେ ସମ୍ମାନ ବିଗତ ଦିନରେ ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା କୂଟନୈତିକ ରାଷ୍ଟ୍ରନୀତି ଫଳରେ ସମ୍ଭବ ହୋଇ ପାରିଛି ବୋଲି ଅନେକେ ମତ ଦେଇଛନ୍ତି । ଏହା ବ୍ୟତୀରେକ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱସ୍ତରୀୟ ନେତୃତ୍ୱରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରି ସାରିଛନ୍ତି ବୋଲି ଜଣାପଡୁଛି ।

ୟୁକ୍ରେନରୁ ଫେରିଥିବା ଛାତ୍ରଛାତ୍ରୀ ନିଜ ଭବିଷ୍ୟତକୁ ନେଇ ସନ୍ଦୀହାନ ହୋଇ ପଡ଼ିଥିବା ବେଳେ ସେମାନଙ୍କୁ ଭାରତୀୟ ମେଡ଼ିକାଲ କଲେଜ ମାନଙ୍କରେ ପାଠ ପଢ଼ାଇବା ପାଇଁ ଦାବୀ ଧିରେ ଧିରେ ଘନୀଭୂତ ହେବାରେ ଲାଗିଛି । ସୂଚନାଯୋଗ୍ୟ ଯେ ଭାରତରେ ମେଡ଼ିକାଲ ପଢ଼ିବା ପାଇଁ ସର୍ବନିମ୍ନ ଯୋଗ୍ୟତା ବା ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେବା ଅତ୍ୟନ୍ତ ଜରୁରୀ ଯାହା ଏଇ ସବୁ ଛାତ୍ରଛାତ୍ରୀ କରିନାହାନ୍ତି । ତେଣୁ ସେମାନଙ୍କୁ ଯଦି ଏଠି ପାଠ ପଢ଼ିବାକୁ ଦିଆଯାଏ, ତା ହେଲେ ଯେଉଁ ଛାତ୍ରଛାତ୍ରୀମାନେ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେବା ସତ୍ତ୍ୱେ ବିଭିନ୍ନ ସରକାରୀ ଯୋଜନା ଅନ୍ତର୍ଭୂକ୍ତ ନ ହୋଇ ପାରିବା ହେତୁ ସିଟ୍ ପାଇବାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କ ପ୍ରତି ଏହା ଏକ ଅନ୍ୟାୟ ହେବ ବୋଲି ମଧ୍ୟ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ବହୁ ବୁଦ୍ଧିଜୀବି ମତ ଦେଇଛନ୍ତି । ଅପରନ୍ତୁ, ୟୁକ୍ରେନରେ ହେଉଥିବା ପାଠପଢ଼ା ଭାରତୀୟ ଶିକ୍ଷାବ୍ୟବସ୍ଥାଠାରୁ ନ୍ୟୁନତର, ଏଥିରେ ସନ୍ଦେହ ନାହିଁ । ତେଣୁ ସେଇ ଛାତ୍ରଛାତ୍ରୀଙ୍କୁ ଏଠି ପଢ଼ାଇବାର ବ୍ୟବସ୍ଥା କରାଯିବା ବସ୍ତୁତଃ ଆମର ମେଧାବୀ ଛାତ୍ରଛାତ୍ରୀଙ୍କ ପ୍ରତି ଉପହାସ ପରି ଲାଗେ । ୟୁକ୍ରେନରୁ ଫେରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମେଡ଼ିକାଲରେ ପଢ଼ାଇବା ଦାବୀ ଏତେ ତ୍ୱରିତ ଭାବରେ ହେଉଛି ଯେ ଏହା ପଛରେ ରାଜନୈତିକ କାରଣ ସ୍ପଷ୍ଟ ଦେଖାଯାଉଛି ।

ଯୁଦ୍ଧ ଅନେକ ଦିନ ଧରି ହେବାଭଳି ନାହିଁ । ହୁଏତ କିଛି ସପ୍ତାହ କିମ୍ବା ଦିନରେ ଏହି ଯୁଦ୍ଧ ସମାପ୍ତ ହୋଇଯିବ, ତା ପରେ ଏହି ଛାତ୍ରଛାତ୍ରୀମାନେ ନିଜ କଲେଜକୁ ଯାଇ ନିଜ ଶିକ୍ଷା ସମାପ୍ତ କରି ପାରିବେ । କିଛି ଦିନ ବା ମାସର ବ୍ୟବଧାନ ଦ୍ୱାରା କୌଣସି ଅସୁବିଧା ହେବନାହିଁ । କୋଭିଡ଼ ପାଇଁ ଭାରତରେ ବିଗତ ଦୁଇବର୍ଷଧରି କୌଣସି ଶିକ୍ଷାବର୍ଷ ସଠିକ୍ ଭାବରେ ହୋଇନାହିଁ ତାହା ବି ତ ଏକ ଜଟିଳ ପରିସ୍ଥିତି ଥିଲା । ତା ହେଲେ ୟୁକ୍ରେନରୁ ସଦ୍ୟ ଫେରନ୍ତା ଏହି ଛାତ୍ରଛାତ୍ରୀଙ୍କୁ ମେଡ଼ିକାଲରେ ପଢ଼ାଇବା ଭଳି ନିଷ୍ପତି ଏତେ ତରତର ଭାବରେ କାହିଁକି ନିଆଯାଉଛି ।

ବିଗତ ଦିନରେ ଭାରତର ପାଞ୍ଚଟି ରାଜ୍ୟରେ ବିଧାନ ସଭା ନିର୍ବାଚନ ହୋଇଥିଲା ଏବଂ ସେ ସବୁ ରାଜ୍ୟର ଫଳାଫଳ ଗତକାଲି ଘୋଷଣା କରାଯାଇଛି । ଏଥିରେ କିଛି ଆଶ୍ଚର୍ଯ୍ୟଜନକ ଫଳାଫଳ ବି ଦେଖିବାକୁ ମିଳିଛି । ଉତ୍ତରପ୍ରଦେଶରେ ବିଗତ ତିନି ଦଶନ୍ଧିଧରି ଚାଲି ଆସିଥିବା ପ୍ରଥା (କୌଣସି ରାଜନୈତିକ ଦଳ ଦ୍ୱିତୀୟ ଥର ଶାସନରେ ଆସିନାହିଁ)କୁ ମିଥ୍ୟା ପ୍ରମାଣିତ କରିଦେଇ ଭାରତୀୟ ଜନତା ପାର୍ଟି ପୁଣିଥରେ ବହୁମତରେ ବିଜୟୀ ହୋଇଛି । ସେହିଭଳି ପଞ୍ଜାବରେ କଂଗ୍ରେସର ସମ୍ପୂର୍ଣ୍ଣ ମୂଳପୋଛ ହୋଇଯାଇଛି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ମୁଖ୍ୟମନ୍ତ୍ରୀ ଚନ୍ନି, ହୁଅନ୍ତୁ କି, ପୂର୍ବମୁଖ୍ୟମନ୍ତ୍ରୀ କ୍ୟାପଟେନ୍ ଅମରିନ୍ଦର ସିଂ, ଅଥବା ନବଯ୍ୟୋତ ସିଂ ସିଦ୍ଧୁ, ସମସ୍ତେ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ବିଫଳତାର ସ୍ୱାଦ ଚାଖିଥିବା ବେଳେ ଆମ୍ ଆଦମୀ ପାର୍ଟି ସମସ୍ତଙ୍କୁ ଚମକାଇ ଦେଇ ଜନମତ ପାଇବାରେ ସଫଳ ହୋଇଛି । ବିଜେପି ଛାଡ଼ିଦେଇ ଯାଇଥିବା ଅଧିକାଂଶ ନେତା ନିଜକୁ ଜିତାଇବାରେ ସଫଳ ହୋଇନାହାନ୍ତି । ଶିବସେନା ଓ ଏଆଇଏମଆଇଏମ୍ ଭଳି ଦଳକୁ ନୋଟାଠାରୁ ବି କମ ଜନମତ ମିଳିଛି । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଛି ଯେ ଜନତା ଏକ ସ୍ଥିର ସରକାର ଚାହୁଁଛନ୍ତି । ବିଗତ ବିଧାନସଭାରେ ଯୋଗୀ ସରକାର ନେଇଥିବା ଅନେକ କଠୋର ପଦକ୍ଷେପକୁ ଅସ୍ତ୍ରକରି ବିରୋଧୀମାନେ ଜନମତ ଯୋଗାଡ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ବିଫଳ ହୋଇଥିଲେ ।

ଉତ୍ତର ପ୍ରଦେଶ, ହିମାଚଳ ପ୍ରଦେଶ, ଉତ୍ତରାଞ୍ଚଳ, ଗୋଆ ଏବଂ ପଞ୍ଜାବର ନିର୍ବାଚନ ଫଳାଫଳ ବର୍ଷ ୨୦୨୪ରେ ହେବାକୁ ଥିବା ଭାରତୀୟ ସଂସଦୀୟ ନିର୍ବାଚନ ପାଇଁ ଏକ ବ୍ୟାପକ ପୂର୍ବାନୁମାନ ବୋଲି କହିହେବ ।

ଆଗାମୀ ମାସରେ ମହାବିଷୁବ ସଂକ୍ରାନ୍ତି ଓ ଉତ୍କଳୀୟ ନବବର୍ଷ ପଡୁଥିବାରୁ ଆମେ ଆହ୍ୱାନ ଇ-ପତ୍ରିକାରେ ଏକ ବିଶେଷ ସଂସ୍କରଣ ପ୍ରକାଶିତ କରିବୁ ସେଇଥିପାଇଁ ଆପଣ ନିଜ ଲେଖାକୁ ଶୀଘ୍ର ଆମ ଇମେଲ୍ ଠିକଣାରେ ପଠାନ୍ତୁ ।

ଆଶା କରୁଛି ଆହ୍ୱାନ ଇ-ପତ୍ରିକାର ଚଳିତ ସଂସ୍କରଣ ଆପଣଙ୍କୁ ଭଲ ଲାଗିବ ।

ଧନ୍ୟବାଦ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍










## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

DRJYOTIPRASAD

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୧୯



ଅଶୋକ ବିଶ୍ୱାଳ

ପାଓଲି ମୁଣ୍ଡ ଟୁଙ୍ଗାରିଲେ । ଏମାନଙ୍କୁ ଦେଖିଲେ ଯେ କେହି ଏଠାକାର ଲୋକ ନୁହଁନ୍ତି ବୋଲି କହିବ । ଏ ଯାଗାକୁ କଲିକତାରୁ ସାଧାରଣତଃ ବେଶି ଲୋକ ଆସନ୍ତି । ତେଣୁ ବୁଢା ସେମାନଙ୍କୁ କଲିକତାରୁ ଆସିଛନ୍ତି ବୋଲି ଭାବି ନେଇଥିବେ ।

"ମୁଁ ତିରିଶି ବର୍ଷହେଲା ବାହାରେ କାମ କରୁଥିଲି । ଆର୍ମିରେ କାମ । ସାରା ଭାରତ ବୁଲିଛି । ଏବେ ରିଟାୟାର ହୋଇ ଘରେ ଅଛି ।"– ସେ ନିଜ ପରିଚୟ ଦେଉଥିଲେ ।

"ଆପଣ ହୁକା ଟାଣୁଛନ୍ତି ଯେ ! ଏଠି ତ ଆଉ କେହି ହୁକା ଟାଣିବା ଦେଖୁନୁ ?"– ସପନବାବୁ କହିଲେ ।

"ହୁକା ଟାଣିବାଟା ଏକ ଅଭ୍ୟାସ ହୋଇଯାଇଛି । ଅନ୍ୟମାନଙ୍କୁ ଏତେ ସମୟ କାହିଁ । ରିଟାୟାର୍ଡ ଲୋକ । ଘରେ ଚାଷବାସ ବା ଗାଇଗୋରୁ ଦେଖି ସମୟ ଯାଉଛି । ମୁଁ ମାଛ ଧରିବାକୁ ଯାଏନା । ଏଣୁ ସମୟ ମିଳେ ।"- ସେ କହିଲେ ।

"ଏ ହୁକାଟା ? କେମିତି ଅଲଗା ଲାଗୁଛି !"- ପାଓଲି କହିଲେ ।

"ଏଇଟା ମୁଁ ନିଜେ ବରାଦ ଦେଇ ତିଆରି କରିଥିଲି । ଆଜିକି ତିରିଶି ବର୍ଷ ହେଲା ଅଛି ।"- ସେ କହିଲେ ।

"ବାପାଙ୍କୁ ମୁଁ ଦେଇଥିଲି । ସେ ଚାଲି ଯିବାର ଅନେକ ଦିନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲାଣି । ରିଟାୟାର ପରେ ମୁଁ ଏ ହୁକା ଟାଣେ । ଲାଗେ ଯେମିତି ମୁଁ ମୋ ବାପାଙ୍କୁ ଛୁଉଁଛି ।"- ବୁଢା କହିଲେ ।

ବୁଢା ଏକ ଲମ୍ବା ଶ୍ୱାସ ନେଲେ । ନିଃଶ୍ୱାସକୁ ଛାଡିଦେଲେ । ହୁକାର ନଳୀକୁ ମୁହଁପାଖରେ ଚାପିଧରିଲେ । ତାଙ୍କ ପାଚିଲା ନିଶ ଆଉ ନାକ ନଳୀ ଉପରେ ଚାପି ହୋଇ ରହିଥିଲା । କାଠର ଲମ୍ବା ନଳୀରେ ଭଲ କାରୁକାର୍ଯ୍ୟ ହୋଇଛି । ସବା ଉପରକୁ ନିଆଁ । ତାଙ୍କର ଗାଲ ଏକଦମ ଚିପି ହୋଇଗଲା । ସେ ଯେତେଦୂର ସମ୍ଭବ ଧୂଆଁକୁ ନିଜ ଭିତରେ ରଖିଲେ । ତାପରେ ଭକ୍ ଭକ୍ କରି ଧୂଆଁକୁ ବାହାର କଲେ । ଏଣିକି ଆଗକୁ ସେ ଟିକିଏ ଧୂଆଁ ଭିତରକୁ ନେଉଥିଲେ ଆଉ ସାଙ୍ଗେ ସାଙ୍ଗେ ବାହାରକୁ ଛାଡ଼ି ଦେଉଥିଲେ । ଧୂଆଁ ତାଙ୍କ ଚାରିପାଖେ ବୁଲୁଥିଲା । ଏବେ ଢୋକେ ଢୋକେ କରି ଧୂଆଁ ନେଉଥିଲେ । ହୁକାରୁ ଘଡ ଘଡ ଶବ୍ଦ ଆସୁଥିଲା । ବୁଢାଙ୍କର ପଛରେ ଏକ ଚଉଡା ନଦୀ । ନଈ ବନ୍ଧରେ ବୁଢା ବସି ଶାନ୍ତିରେ ହୁକା ପିଉଥିଲେ । ପାଖରେ ଏକ ଗୋରୁ ବନ୍ଧା ହୋଇଥିଲା ।

ନଦୀବନ୍ଧ ତଳେ ବୁଢାଙ୍କର ଘର । ନଦୀର କୂଳ ପଟକୁ ଇଟା ସବୁ ପରାଯାଇଥିଲା । କୂଳ ଖାଇଯିବ ନାହିଁ । କୂଳରେ ଗୋଟିଏ ଛୋଟ ଭାଇ ଭଉଣୀ ବସିଥିଲେ । ଝିଅଟି ଏକ ନୀଳ ରଙ୍ଗର ଫ୍ରକ ପିନ୍ଧିଛି । ପୁଅଟିର ଦେହ ଖାଲି । ସେମାନେ ଏକଧ୍ୟାନରେ ପାଓଲି ଆଉ ବୁଢାଙ୍କୁ ଅନାଇଥିଲେ । ହାଲୁକା ରଙ୍ଗର ଛୋଟ କଙ୍କଡାଟିଏ ପାଣିରୁ ଉଠି ଆସିଲା । ତା'ର ଛୋଟ ଗୋଡ଼ ଗୁଡିକ ବେଶ ଅସ୍ଥିର ଥିଲା । ସେ ଏପଟ ସେପଟ ହୋଇ ଇଟା ସନ୍ଧିରେ ଲୁଚି ଯାଉଥିଲା । ଏକ ସାପ ପାଣି ଭିତରୁ ଉପରକୁ ଉଠିଆସିଲା । ପାଣିରେ ସାପକୁ ବାରି ହେଉନଥିଲା । ସାପଟା ପାଣି ଉପରକୁ ଉଠିଆସି କିଛି ସମୟ ସ୍ଥିର ହୋଇ ରହିଲା । ପ୍ରାୟ ୩ -୪ ଫୁଟ ଲମ୍ବ । ପତଳା, ସାମାନ୍ୟ ହଳଦିଆ ପାଣିଚିଆ ସାପ । କିଛି ସମୟପରେ ଜୋରରେ ଇଟା ଉପରେ ଯେମିତି ଖସି ଏକ ସନ୍ଧିରେ କେଉଁଠି ଲୁଚିଗଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ହେରିଟେଜ୍

Magazine Downloaded from www.aahwaan.com

"ଏ ସାପଗୁଡା ସବୁଆଡେ ।"- ପାଓଲି କହିଲେ ।

"ସାପ ତ ରହିବେ ।"- ବୁଢା କହିଲେ ।

ତାଙ୍କ ସ୍ୱର ଘଡଘଡିଆ ହୋଇ ଯାଇଥିଲା । ଶରୀରଟା ସୂର୍ଯ୍ୟ କିରଣରେ ଚକ୍ ଚକ୍ କରୁଥିଲା ।

"ଛୁଆଗୁଡା ଏତେ ପାଖରେ । ସାପ ତ ଏକଦମ କତିରେ । ଡର ଲାଗୁନି ?"- ପାଓଲି କହିଲେ ।

"ସାପଙ୍କୁ ଡରିବାର କଣ ଅଛି । ସାପ ତ ସବୁଆଡେ । ମା' ମନସା ଆମକୁ ରକ୍ଷା କରିବେ ।"- ପାଖରେ ବସିଥିବା ଏକ ବୁଢୀ କହିଲେ । ଦେହରେ ସେ ଛାପା ଶାଢୀ ପିନ୍ଧିଛନ୍ତି । ବ୍ଲାଉଜ ପିନ୍ଧିଛନ୍ତି ।

"କିନ୍ତୁ ମୋତେ ଡର ଲାଗୁଛି ।"- ପାଓଲି କହିଲେ ।

"ମନସାଙ୍କୁ ସୁମରଣା କଲେ ଡର ଲାଗିବନି ।"- ବୁଢୀ କହିଲେ । ବୁଢା କିନ୍ତୁ କିଛି କହିଲେନି । ତାଙ୍କର ମୁହଁରୁ ସେମିତି ଷ୍ଟିମ ଇଞ୍ଜିନ ଭଳି ଭକ୍ ଭକ୍ ଧୂଆଁ ବାହାରୁଥିଲା ।

"ସପନବାବୁ ସେମାନଙ୍କ ବିଶ୍ୱାସ ଦେଖ ତ । ସାପ ଏକଦମ ପାଖରେ । ସେ ଛୁଆ ଦୁଇଟା ମଧ୍ୟ ଡରିକରି ପଳାଇଲେନି।"- ପାଓଲି କହିଲେ । ତାଙ୍କର ମୁହଁରେ ଆଶଙ୍କା ସ୍ପଷ୍ଟ ବାରି ହୋଇ ପଡୁଥିଲା । ସାପ ବିଷାକ୍ତ କି ଅବିଷାକ୍ତ ହେଉ ତାଙ୍କୁ ଡର ଲାଗେ ।

ପାଓଲି ପାଖର ଘରକୁ ଅନାଇଲେ । ସାଧାରଣ ଚାଳ ଛପର ଘର । ଏକ ସୁନ୍ଦର ଛୋଟ ଚଢେଇ କେଉଁଠୁ ଆସି ଚାଳରେ ଲାଗିଥିବା ବାଉଁଶ ଉପରେ ବସିଥିଲା । ଛୋଟ ଗୋଡରେ ଫକ୍ ଫକ୍ ହୋଇ ଡେଉଁଥିଲା । ପକ୍ଷୀଟିର ଛୋଟ ଧଳା ଥଣ୍ଟ । ଦେହଟା ପାଉଁଶିଆ କଳା । କଳା ଆଖିରେ ଏପଟ ସେପଟ ଚାହୁଁଥିଲା । କିଛି ସମୟପରେ ଫୁରର୍ କରି କୁଆଡକୁ ଉଡିଗଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

"ସପନବାବୁ ସେମାନଙ୍କ ବିଶ୍ୱାସକୁ ମନ ଭିତରକୁ ନେଇଯିବାକୁ ଇଚ୍ଛା ହେଉଛି ।"- ପାଓଲି କହିଲେ । ତାଙ୍କର ଆଖି ନଦୀ ଉପରେ ପଡିଥିଲା । ନଦୀରେ ଛୋଟ ଢେଉ । ପାଣି କୂଳରେ ଧୀରେ ବାଡେଇ ହେଉଥିଲା । ଛୋଟ ଛୋଟ କଙ୍କଡା ସବୁ ଇଟା ଉପରେ ଏପଟ ସେପଟ ହେଉଥିଲେ । ଟିକିଏ ଡର ଲାଗିଲେ ବା ଆଉ କିଛି ପାଖକୁ ଆସିଗଲେ ଜୋରରେ ଦୌଡି ଇଟା ଫାଙ୍କରେ ଲୁଚି ଯାଉଥିଲେ । କିଛି ସମୟପରେ ସେମାନେ ସେ ଉଢାଳରୁ ବଡବଡ ଆଖିରେ ଅନାଉଥିଲେ । ତାପରେ ବାହାରକୁ ଆସି ଆନନ୍ଦରେ ବୁଲୁଥିଲେ । ପାଓଲି ଭାବୁଥିଲେ ଜୀବନଟା ତ ଏମିତି । କିଛି ସମୟରେ ଶଙ୍କା ଆସେ । ମଣିଷ ସାବଧାନ ହୋଇଯାଏ । ପର ମୁହୁର୍ତ୍ତରେ ଶଙ୍କାର ସମୟ ବିତିଯାଏ ଆଉ ଜୀବନ ସ୍ୱାଭାବିକ ହୋଇଯାଏ ।

"ସପନବାବୁ ବେହୁଲାର ବିଶ୍ୱାସ ମୋତେ ଅଭିଭୂତ କରିଦେଇଛି । ବୁଢୀ ତ ତାଙ୍କ ହିସାବରେ କହିଲେ । କିନ୍ତୁ ବେହୁଲାକୁ ଦେଖତ । ସେ ନିଜର ମୃତ ସ୍ୱାମୀଙ୍କୁ ନେଇ କେତେ ବୁଲିଲା । କେତେ ଉପଚାର କଲା । କେତେ ଲୋକେ ତା' ଉପରେ ହସିଲେ । କିନ୍ତୁ ଶେଷରେ ସେ ସଫଳ ହେଲା ।"- ପାଓଲି କହୁଥିଲେ ।

ସପନବାବୁ କିଛି କହିଲେନି । ତାଙ୍କର ଆଖି ପାଖର ଘର ଉପରେ ଲାଗିଥିଲା । ଝାଟିମାଟି ଛାଳ ଛପର ଘରଟି ଏକ ଛୋଟ ପୋଖରୀ ଧାରରେ ଠିଆ ହୋଇଥିଲା । ବନ୍ଧପରେ ନଦୀ । ସେପଟେ ସୁଅରେ କେତେ ପାଣି ବୋହିଯାଉଛି । ଏଠି ଜୀବନ ଶାନ୍ତ । ଛୋଟ ପୋଖରୀରରେ ନୀଳକଇଁମାନ ଫୁଟିଥିଲା । କେତେ କଙ୍କି ଉଡୁଥିଲେ । ପାଓଲି ବୋହିଯାଉଥିବା ପାଣିକୁ ଅନାଉଥିଲେ ।

"ଦେଓଧାନୀ ନୃତ୍ୟର ଶକ୍ତି ଭାବନ୍ତୁ ତ ସପନବାବୁ । ସେ ନାଚରେ ସମର୍ପଣ ଅଛି ।"- ପାଓଲି କହଲେ । ସେ ଆଖି ବନ୍ଦ କରିଦେଲେ । ନିଜକୁ ଏକ ଦେଓଧାନୀ ନାଚର ପାତ୍ରୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭାବରେ ଅନୁଭବ କରୁଥିଲେ । ତାଙ୍କର ବାଳ ଖୋଲିଯାଇଛି । ସେ ଦେଓଧାନୀ ନାଚ କରୁଛନ୍ତି । ବେହୁଲା ଭଳି ସେ ଶୃଙ୍ଗାର କରି ନାହାନ୍ତି । ଦେହରେ ଲାଲ ଶାଢୀ । ସେ ମୁଣ୍ଡକୁ ଏପଟ ସେପଟ କରି ତାଳରେ ବୁଲାଉଛନ୍ତି । କାହାଳୀ, ଘଣ୍ଟ ଆଉ ଢୋଲ ବାଜୁଛି । ଧିରେ ତାଙ୍କର ମୁଣ୍ଡ ବୁଲାଇବାର ବେଗ ବଢ଼ିଯାଉଛି । ଲମ୍ବା ଖୋଲାବାଳ ଆଖି ଉପରକୁ ଆସିଯାଉଛି । ସେ ବାଳକୁ ଜୋରରେ ମୁଣ୍ଡହଲାଇ ପଛକୁ କରି ଦେଉଛନ୍ତି । ତାଙ୍କର ନାଚରେ ତାଳ ଆଉ ଲୟ । ସେ ମଝିରେ ମଝିରେ ଜୋରରେ ବୁଲିପଡୁଛନ୍ତି । ତାଙ୍କର ଗୋଡରେ ଅଫୁରନ୍ତ ଶକ୍ତି, ହାତରେ ଦେହରେ, ପ୍ରତି ଧମନୀରେ ଶକ୍ତିର ପ୍ରବାହ ଅନୁଭବ କରୁଛନ୍ତି । ତାଙ୍କର ନୃତ୍ୟର ବେଗ ବଢିଯାଉଛି । ସେ ନିଜକୁ ବଡରୁ ବଡ଼ ଅନୁଭବ କରୁଛନ୍ତି । ତାଙ୍କୁ କିଛି ଆଉ ଦୃଶ୍ୟ ହେଉନାହିଁ । ସବୁକିଛି ଉଜ୍ଜ୍ୱଳ, ଅତି ଉଜ୍ଜ୍ୱଳ ହୋଇଯାଉଛି । ସମସ୍ତେ ଏ ନୃତ୍ୟରେ ମୁଗ୍ଧ ହୋଇଛନ୍ତି । ମା ମନସା ମଧ୍ୟ ମୁଗ୍ଧ ହୋଇଛନ୍ତି ।

ପାଓଲି ଆଖି ଖୋଲିଲେ । ବୁଢା ସେମିତି ହୁକ୍କା ଟାଣୁଛନ୍ତି । ତାଙ୍କ ସ୍ତ୍ରୀ ପାଖରେ ବସିଛନ୍ତି । ବାହାରେ ଧିରେ ପବନ ବୋହୁଛି । ଛୋଟ କଙ୍କଡାମାନେ ଢେଉସହ ଆଉ ଛାଇ ସହ ଲୁଚକାଳି ଖେଳୁଛନ୍ତି । ଖରା ନଇଁ ଆସୁଛି । ଢେଉ ଆସି ଇଟା ଉପରେ ଧିରେ ବାଡେଇ ହେଉଛି । ସେମାନେ ଆଗକୁ ଚାଲିଲେ ।

ପରଦିନ ସକାଳେ ସପନବାବୁ ଆଉ ପାଓଲି ନଦୀକୂଳରେ ଆଉ ଏକ ଯାଗାରେ ଏକ ଗଛ ମୂଳରେ ଠିଆ ହୋଇଥିଲେ । ନଦୀରେ ପାଣି ସ୍ଥିର ଥିଲା । ପବନ ଜମା ବୋହୁନଥିଲା । କୁହୁଡି ତଳକୁ ଓହ୍ଲାଇ ଆସୁଥିଲା ।

ପୃଥିବୀ ହଠାତ୍ କୁହୁଡିଆ କେମିତି ହୋଇଗଲା ? ତାଙ୍କ ମୁଣ୍ଡ ଭିତରେ ସବୁ କିଛି କୁହୁଡିଆ ହୋଇ ଯାଉଥିଲା । ଶରୀରର ନର୍ଭସ ସିଷ୍ଟମ ଫେଲ ମାରିଗଲେ ମୁଣ୍ଡ ଭିତରଟା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେମିତି ଗୋଳମାଳିଆ ହୋଇଯାଏ । ମୁଣ୍ଡ ଭିତରେ ସ୍ନାୟୁମାନେ ଆଉ ଠିକ ଭାବେ କାମ କରିପାରନ୍ତି ନାହିଁ । ଅଙ୍ଗ ପ୍ରତ୍ୟଙ୍ଗକୁ ସନ୍ଦେଶ ଆଉ ଆସିପାରେନା । ସେମିତି କୁହୁଡି ତାଙ୍କୁ ଆଚ୍ଛନ୍ନ କରି ଦେଉଥିଲା । ତାଙ୍କ ଶରୀର ମନ କେମିତି ଠିକ ଭାବେ କାମ କରି ପାରୁନଥିଲା ।

ଆଗରେ ଗୋଟାଏ ଲୋକ ପାଣି ଭିତରେ ଥିଲା । ତା'ର ଗୋଡ ଜଂଘ ପର୍ଯ୍ୟନ୍ତ କାଦୁଅରେ ପଶି ଯାଇଥିଲା । ସବୁ କିଛି ଅସ୍ପଷ୍ଟ ଦେଖା ଯାଉଥିଲା । ସେ ଲୋକଟା ପାଣିକୁ ଜାଲ ଫୋପାଡି ଦେଲା । ପାଣି ଭିତରକୁ ସୀସାର ବଲ ଟାଣି ନେଉଥିଲା । ସେ ତାପରେ ଜାଲକୁ ଟାଣିଲା । ଜାଲ ଭିତରେ ମାଛ କେତେଟା ଛଟପଟ ହେଉଥିଲେ । କଥାଟା ସବୁଆଡେ ଏକାକାର । ଏପଟେ ମାତଲା ନଦୀରୁ ଆରମ୍ଭ କରି ରାଇମଙ୍ଗଳ ନଦୀ ପର୍ଯ୍ୟନ୍ତ କଥାଟା ଏକଦମ ଏକ ଥିଲା ।

ଜଣେ ପୁରୁଷ ଆଉ ଏକ ମହିଳା ଗୋଟାଏ ବଡ଼ ବିଡା ଜାଳ ଉଠାଇବାକୁ ଚେଷ୍ଟା କରୁଥିଲେ । ଦୁହେଁ ନଇଁଗଲେ ଆଉ ଏକ ଝଟକାରେ ଏତେ ବଡ଼ ଜାଳକାଠ ଗୋଛାକୁ ଉଠାଇଲେ । ଲୋକଟି ନିଜ ମୁଣ୍ଡ ଉପରେ ରଖିଦେଲା । ତାପରେ ବନ୍ଧ ଉପରକୁ ସେ ଜାଳକାଠ ଧରି ଚଢୁଥିଲା ।

ମହିଳାଟି ନିଜର ଶାଢୀକୁ ଆଣ୍ଠୁ ପର୍ଯ୍ୟନ୍ତ ଭାଙ୍ଗି ଦେଲା । ସେ ଜାଲକୁ ପାଣିରୁ ଉଠାଉଥିଲା ।

ଆଉ ଦଳେ ଲୋକ ପାଣିଆ ଚାଷ ଜମିରେ ପଡିଥିଲେ । ସେମାନଙ୍କ ହାତ ମେସିନ ଭଳି ଆଗପଛ ହେଉଥିଲା । ପାଦ ବୁଡିଯାଉଥିବା ପାଣି ଥିଲା । ସେମାନେ ଧାନ ଚାରାକୁ ବିଲରେ ରୋଉଥିଲେ । ସବୁ ବିଲରେ ଅଳ୍ପ ପାଣି ଭରି ଯାଇଥିଲା ।

ଗୋଟାଏ ଛୋଟ ଛୁଆ ଏକ ସାପ ସହ ଖେଳୁଥିଲା । ଛୁଆଟି ଖୁବ ଖୁସି ଥିଲା । ବହୁତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛୋଟ ଛୁଆ । ଡାହାଣ ହାତରେ ସାପର ମୁଣ୍ଡକୁ ଧରିଥିଲା, ବାଁ ଗୋଡ ତଳେ ସାପର ଶରୀରକୁ ମାଡି ବସିଥିଲା ।

ଏକ ଭେଳା କଦଳୀ ଗଛକୁ କାଟି ତିଆରି ହୋଇଥିଲା । କଦଳୀ ଗଛକୁ ସାଇଜ କରି କାଟି ଦିଆ ଯାଇଥିଲା, ଗୋଟିକ ଉପରେ ଆଉ ଗୋଟିଏ ଗରକୁ ସଜାଇ ଦିଆ ଯାଇଥିଲା । ସେମିତିଆ ଭେଳା ଏକ ମଣିଷର ଓଜନକୁ ସହଜରେ ସମ୍ଭାଳି ନେଇପାରେ । କଦଳୀଗରରେ ସାମାନ୍ୟ ବଡ଼ ବାଡିମାନ ପୋତି ଦିଆ ଯାଇଥିଲା । ସେଥିରେ ଏକ ନୀଳ ରଙ୍ଗର ମଶାରି ଟାଙ୍ଗି ଦିଆ ଯାଇଥିଲା । ସାଙ୍ଗ ସାଥି, ବନ୍ଧୁ ବାନ୍ଧବମାନେ ସେହି ଭେଳାକୁ ପାଣିକୁ ଠେଲି ଦେଉଥିଲେ । ଏକ ଆଲୋକିତ ଦୁନିଆକୁ ଠେଲି ଦେଉଥିଲେ । ସବୁଆଡେ କୁହୁଡିଆ ହୋଇ ଯାଉଥିଲା । ସବୁ କିଛି ଅସ୍ପଷ୍ଟ ଥିଲା । ବାସ୍ ଭେଳା ଆଗରେ ଏକ ଆଲୋକର ଉତ୍ସ । ସେମାନେ କିଛି ପାଦ ପାଣି ଭିତରକୁ ଚାଲିଗଲେ । ଅଣ୍ଟା ପର୍ଯ୍ୟନ୍ତ ପାଣି ହେଉଥିଲା । ଭେଳା ଏବେ ବେକ ଯାଏ ପାଣି ଭିତରେ ଥିଲା । ସେମାନେ ଧିରେ ଭେଳକୁ ଗଭୀର ପାଣିକୁ ଠେଲି ଦେଲେ । ଆଉ ହାତ ପାଇବ ନାହିଁ । କିଛି ହାତ ସେ ଭେଳା ଆଡକୁ ଲମ୍ବି ଯାଉଥିଲା । ଆଉ ଛୁଇଁ ହେବ ନାହିଁ । ସେମାନଙ୍କର ହାତର ଅପହଞ୍ଚରେ ଭେଳା ଥିଲା ।

ତା'ପରେ ସେମାନେ ଫେରି ଆସିଲେ । ଏତେ ପଙ୍କରେ ସେମାନଙ୍କ ଗୋଡ ଜଂଘଯାଏ ଗଳି ଯାଉଥିଲା । ସେମାନେ କୂଳକୁ ଉଠି ଆସିଲେ । ପଙ୍କରେ ସେମାନଙ୍କ ପାଦର ଛାପ ରହିଗଲା । କାଲି ସକାଳେ ପବନ ବୋହିବ, ଜୁଆର ଆସିବ । ଦବି ଯାଇଥିବା ପଙ୍କର ଚିହ୍ନକୁ ପାଣି ଲିଭାଇ ଦେବ । ପୁଣି ସେହି ପଙ୍କ ସମତଳ ହୋଇଯିବ । କୂଳରେ ସେହି ଭେଳାକୁ ଠେଲି ଦେଉଥିବା ଲୋକମାନେ ନଥିବେ । ସବୁକିଛି ଆଗଭଳି ହୋଇଯିବ । କେଉଁଠି କିଛି ଚିହ୍ନ ନଥିବ ।

ଏକ ଛୋଟ ଛୁଆ ଆଲୋକ ଭିତରେ ବୁଡିଯାଉଛି । ମୁହଁ ଟିକିଏ ଦେଖାଯାଉଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶରୀର ଆଲୋକ ଭିତରେ ବୁଡିଗଲାଣି । ଆଖି ବନ୍ଦ ହୋଇଯାଇଛି । ମୁହଁ ଖୁବ ସତେଜ ଦେଖାଯାଉଛି । ଆକାଶର ଅଜଣା କୋଣରୁ ତା' ମୁହଁ ଆଡକୁ ଆଲୋକ ଝରିଆସୁଛି । ସେହି ଆଲୋକ ଭିତରେ ସେ ଝଲସୁଛି । ସେହି ଆଲୋକ ଭିତରେ ସେ ଲୀନ ହୋଇଯାଉଛି । ଅଜଣା ଆକାଶରୁ କିରଣ ଝରି ଆସୁଛି ଆଉ କାହା ଉପରେ ସେ କିରଣ ପଡୁନି । ଏକ ମାଟି ହାଣ୍ଡି ପାଣିରେ ଭାସୁଛି । ଜଳ ଯାତ୍ରାରେ ତା'ର ସାଥି ହେବ ।

ଏକ ସାପ ଚାଳରୁ ତଳକୁ ଓହ୍ଲାଇ ଆସୁଛି । ପାଳଗଦା ତଳେ ଚେକାହୋଇ ଶୋଇଛି । ଗଛର ଡାଳରୁ ଓହଳିପଡି ଅନାଇଛି । ବୁଦା ଗହଳିରୁ ଫଣା ମାରୁଛି । ଏ ସାପଗୁଡା ତ ସବୁଆଡେ । ସୁନ୍ଦରବନର ସବୁଆଡେ ସାପ । ସାପ ତା'ର ମୁଣ୍ଡ ଉଠାଉଛି । ମୁଣ୍ଡ ଥାଳିଆ ଭଳି ପତଳା ହୋଇଯାଉଛି । ତା'ର ଆଖି ସ୍ଥିର ହୋଇଯାଇଛି । ସାପ ଆଘାତ କରୁଛି ।

ସର୍ପଦେବୀଙ୍କ ଆଗରେ କେତେ ପୂଜା ସାମଗ୍ରୀ ରଖାଯାଇଛି । ଏକ ପଞ୍ଚମୁଖୀ ସାପ ମାଟିରେ ତିଆରି କରାଯାଇଛି । ସେ ସାପର ଦେହରେ ଭିନ୍ନ ଭିନ୍ନ ଚିହ୍ନ କରାଯାଇଛି । ଲାଲ ମନ୍ଦାର ଆଉ ଅନ୍ୟ ଫୁଲମାନ ସର୍ପ ଦେବୀଙ୍କ ଆଗରେ ରଖାଯାଇଛି । ତଳେ ମାଟିକୁ ଖୁବ ଭଲ ଭାବେ ଲିପା ପୋଛା ଯାଇଛି । ସେଥିରେ ଅନେକ ଚିତ୍ର କରି ଦିଆ ଯାଇଛି ।

ସୁନ୍ଦରବନ ଅଞ୍ଚଳରେ ବନବିବି, ଦକ୍ଷିଣ ରାୟଙ୍କ ସହ ମନସା ଦେବୀଙ୍କୁ ଲୋକେ ବହୁତ ମାନନ୍ତି । ସବୁ ଅଞ୍ଚଳରେ ଏମାନଙ୍କ ପୂଜା କରାଯାଏ । ମନସା ଦେବୀ ହେଉଛନ୍ତି ସର୍ପଙ୍କ ଦେବୀ । ସବୁ ଗାଁ, ସବୁ ଘରେ ମାନସା ଦେବୀଙ୍କ ପୂଜା ସ୍ଥଳ ଅଛି । ପ୍ରତି ଘରେ ତ ମନସା ଦେବୀଙ୍କ ଫଟୋ ଲାଗିଛି । ଉଗ୍ର ମନସା ଦେବୀ ଶାନ୍ତ ହେବା ଆବଶ୍ୟକ ।

ଭାଦ୍ରବ ସଂକ୍ରାନ୍ତିରେ ଲୋକେ ମନସା ଦେବୀଙ୍କ ତୁଷ୍ଟି ପାଇଁ ପୂଜା କରନ୍ତି । ମା ଲୋକଙ୍କ ଉପରେ ଦୟାର ଦୃଷ୍ଟି ରଖନ୍ତୁ ।

ଶିଶୁଟି ଆଖି ବନ୍ଦ କରି ଦେଇଛି । କଦଳୀ ଭେଳାରେ ମଶାରୀ ତଳେ ଶିଶୁଟି ଶୋଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଇଛି । କେଉଁଠି ମଶାମାଛି ତା'ର ଶରୀରରେ ବସି ପାରିବେନି । ଗଭୀର ପାଣି ଭିତରକୁ ଭେଳା ଚାଲି ଯାଉଛି । ଭେଳା ଛୋଟ ଲହଡିରେ ନାଚୁଛି । ଶିଶୁଟି ଗାଢ ନିଦରେ ଶୋଇ ଯାଇଛି ଆଉ ଯେତେ ଗୋଳମାଳ ହେଲେ ବି ଉଠିବନି । ଶରୀର ଆଲୋକର ଉତ୍ସ ପାଖକୁ ଭାସିଯାଉଛି । ଆଲୋକର ରେଖା ମୁହଁ ଉପରେ ପଡିଛି । ବାକି ସବୁ ସ୍ଥାନ କୁହୁଡିଆ ହୋଇଯାଇଛି ।

ମା ତୁମ ଉଗ୍ର କୋପରୁ ରକ୍ଷା କର ।

ଭେଳା ପାଣିରେ ଭାସି ଯାଉଛି । ଭେଳା ସ୍ୱପ୍ନର ଦୁନିଆକୁ ଭାସି ଯାଉଛି । ଭେଳା ଭାସି ଯାଉଛି ଆଶାର ସାମ୍ରାଜ୍ୟକୁ । ଶିଶୁଟି ସେଇଠି ଆଉଥରେ ନିଦରୁ ଉଠିବ ।

ପ୍ରତିଟି ଲହଡିର ସହ ଭେଳା ଦୂରକୁ ଦୂରକୁ ଚାଲି ଯାଉଛି ।

ଆଉ ଆଖି ପାଉନି ।

ଭେଳା ଭାସିଯିବ ମହା ସମୁଦ୍ରକୁ ।

ବହୁତ ଦୂରରେ ବନ୍ଧୁ ବାନ୍ଧବ ରହିଲେଣି । ସମସ୍ତଙ୍କ ଆଖିରୁ ଲୁହ ଝରି ପଡୁଛି । ସମସ୍ତେ ଲୁହଭରା ଆଖିରେ, କୋହଭରା ହୃଦୟର ସହ ସେହି ଭେଳାକୁ ଚାହିଁଛନ୍ତି । ଏକ ମହିଳାର ଆଖିରୁ ଲୁହ ଧାର ଧାର ହୋଇ ବହି ଯାଉଛି । ସେ ଲୁହ ଆଉ ଶୁଖିବନି । ଭେଳା ସହ ଭାସି ଯାଉଛି ଆଶା, ହସ, ସ୍ୱପ୍ନ, ଆଉ ଭବିଷ୍ୟତ ।

ଏ ନଦୀରେ ଏମିତି କେତେ କେତେ ଭେଳା ଭାସି ଯାଉଛି । ଏତେ ଭେଳା ଏ ନଦୀରେ କୁଆଡୁ କୁଆଡୁ ଆସିଯାଉଛି । ନଦୀ କୂଳରେ ଅଗଣିତ ଲୋକ ଠିଆ ହୋଇଛନ୍ତି । ସମସ୍ତଙ୍କ ଆଖିରେ ଲୁହ । ଅଗଣିତ ମୁକୁଳାକେଶୀ ମହିଳାଗଣ । ସେମାନଙ୍କ କାନ୍ଦରେ ଆକାଶପାତାଳ କମ୍ପି ଯାଉଛି । ଲୁହର ଧାର ନଦୀର ରୂପ ନେଉଛି । ନୁଖୁରା ମୁହଁ ସବୁ ସବୁଆଡେ ଭରିଯାଉଛି । ନଦୀରେ ସବୁ ଭେଳାରେ ଶିଶୁ, ଅନ୍ୟ ମଣିଷମାନେ ଶୋଇଛନ୍ତି । ଗାଢ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନିଦରେ ଶାନ୍ତିରେ ଶୋଇଛନ୍ତି । ସେମାନେ ଭାସିଯାଉଛନ୍ତି, ସେମାନଙ୍କ ଉପରେ ଆକାଶରୁ ଆଲୋକର ରେଖା ପଡିଛି । ଆଉ ସବୁ କୁହୁଡିରେ ହଜି ଯାଉଛି ।

ଏତେ ସାପ ଘରର ପାଖରେ ।

"ସପନବାବୁ, ମୋତେ ଲାଗୁଛି ମୁଁ ଯେମିତି ଏ ପାଣିରେ ଭାସିଯାଉଛି । ମୋ ଆଖି ବନ୍ଦ ହୋଇଯାଉଛି । ମୋତେ ଦେଖୁଛନ୍ତି ସପନବାବୁ । ଦେଖନ୍ତୁ ମୋ ଆଖି ବନ୍ଦ ହୋଇଯାଇଛି । ମୋ ଉପରେ ଆକାଶରୁ ଆଲୋକ ଝରିପଡୁଛି । ମୋର ଚାରିପାଖେ କୁହୁଡି । ତା' ଭିତରେ ମୁଁ ଏକ କଦଳୀ ଭେଳାରେ ନିଦରେ ଶୋଇଯାଇଛି ।"- ପାଓଲି ନଦୀକୁ ଏକ ଲୟରେ ଅନାଇଥିଲେ ।

ସପନବାବୁଙ୍କ ଆଖିରେ ଲୁହ । ପାଓଲିଙ୍କ କଣ୍ଠରେ ନଦୀର ଆର୍ଦ୍ରତା ଥିଲ । ସେମାନଙ୍କ ହୃଦୟ କେମିତି ତଳ ସମୁଦ୍ର ଭିତରେ ବୁଡି ଯିବା ଭଳି ଲାଗୁଥିଲା ।

"ସପନବାବୁ, ମୁଁ ଭାସିଯାଉଛି । ଆପଣ ମୋତେ ଏତେ ଦୂରରୁ ଦେଖୁଥିବେ । ଆଗରେ ମହା ସମୁଦ୍ର । ମୁଁ ସେଇଠି ପହଁଚିଗଲିଣି । ସପନବାବୁ ଦେଖନ୍ତୁ ସେଇଠି ଅସୀମ ଆଲୋକର ଉତ୍ସ । ସେ ଭିତରକୁ ମୁଁ ଟାଣି ହୋଇଯାଉଛି । ମୋତେ କିଛି କଷ୍ଟ ନାହିଁ । ମନରେ ଖୁସି ଭରିଯାଇଛି ।"- ପାଓଲିଙ୍କ ସ୍ୱର ଆକାଶରୁ ଝରି ଆସିବା ଭଳି ଲାଗୁଥିଲା ।

ସପନବାବୁ ପାଓଲିଙ୍କୁ କୁଣ୍ଢାଇ ପକାଇଲେ । ପାଓଲି ସପନବାବୁଙ୍କ ଛାତିରେ ମୁଣ୍ଡ ରଖିଦେଲେ । ତାଙ୍କର ଲମ୍ବା ବାଳ ସପନବାବୁଙ୍କ ମୁହଁକୁ ଘୋଡାଇ ଦେଉଥିଲା ।

ନଦୀର ଆଗଟା କୁହୁଡିରେ ଢାଙ୍କି ଯାଇଥିଲା ।

"ପାଓଲି ।"- ମଧୁର ସ୍ୱରରେ ସପନବାବୁ ଡାକୁଥିଲେ । ଖୁବ ମଧୁର ସ୍ୱର । ସେ ସ୍ୱର ପାଓଲିଙ୍କ ହୃଦୟକୁ ଛୁଇଁ ଯାଉଥିଲା । ଆଗରେ ଆଲୋକର ଉତ୍ସ ଆଉ ସପନବାବୁଙ୍କ ମଧୁର କଣ୍ଠ । ପାଓଲି ଆଖି ଖୋଲି ସପନବାବୁଙ୍କୁ ଅନାଇଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଓଲିଙ୍କ ଆଖି ଝାପସା ହୋଇ ଯାଉଥିଲା । ସେ ଛୁଆଟି କେଉଁ ଆଲୋକର ଉତ୍ସ ଭିତରେ ହଜି ଯାଇଛି ।

"ସପନବାବୁ । ମୋତେ ଏମିତି ଭସାଇଦେବେ । ମୁଁ ଆଲୋକର ଉତ୍ସ ପର୍ଯ୍ୟନ୍ତ ବୋହିଯିବାକୁ ଚାହେଁ ।"

"ପାଓଲି ଏମିତି ଅଲକ୍ଷଣା କଥା କୁହନା ।"

"ସପନବାବୁ ମୁଁ ଏମିତି କଦଳୀ ଭେଳାରେ ଭାସିଯାଉଥିବି । କୁହୁଡିରେ ସବୁ ଢାଙ୍କି ଯାଇଥିବ ।"

"ଭସାଇଦେବେ ମୋତେ ଏମିତି ସପନବାବୁ । ନଇର ଢେଉରେ ମୁଁ ଭାସିଯାଉଥିବି ।"

"ପାଓଲି, ତୁମେ ଚେତାକୁ ଆସ ।"–ସପନବାବୁ ପାଓଲିଙ୍କୁ ଜୋରରେ ହଲାଇଦେଲେ ।

"ସପନବାବୁ ।"-ପାଓଲି ଆଉ କିଛି କହିପାରିଲେ ନାହିଁ । ତାଙ୍କ କଣ୍ଠରୁଦ୍ଧ ହୋଇ ଯାଉଥିଲା ।

କ୍ରମଶଃ-

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧୂଳିବୋଳା ଶୈଶବ



ମୋନାଲିସା ପାତ୍ର

ମୋ ବାହାଘର ପାଇଁ ସମସ୍ତେ ବ୍ୟସ୍ତ । ଆଉ ଦିନ କେଇଟା ଗଲେ ମୋର ବାହାଘର ହେବ, କୁଣିଆ ମୈତ୍ର ସବୁ ଆସି ଘରେ ଠୁଳ ହେବେ । ତେଣୁ ଆଜି ସକାଳୁ ମାଆ ଘର ଷ୍ଟୋର ରୁମ ଟା ସଫା କରିବାକୁ ଲାଗିପଡିଛନ୍ତି । ଇଆଡ଼େ ରଦ୍ଦୀ ବାଲା, ଟିଣ ଡବା ବାଲାଙ୍କୁ ମାଆ ଆଗରୁ ଖବର ଦେଇ ସାରିଥିଲେ । ସେମାନେ ସକାଳୁ ନିଜର ବୁଜୁଳା ପତ୍ର ଧରି ଘର ଦୁଆରେ ବସିଥିଲେ ।

ସେତେବେଳକୁ ସମୟ ପ୍ରାୟ ଦଶଟା ହେବଣି । ମୁଁ କଲେଜ ଯିବା ପାଇଁ ତରତର ହୋଇ ବାହାରୁଥିଲି । ହେଲେ ମୋ ସ୍କୁଟି ଚାବିକାଠିଟା କେଉଁଠି ଥୋଇ ଦେଇ ଭୁଲିଯାଇଥିବାରୁ ମାଆଙ୍କୁ ଡାକ ପକାଉଥିଲି । ଉତ୍ତର ନ ପାଇବାରୁ ଡାକି ଡାକି ଷ୍ଟୋର ରୁମ ଆଡ଼କୁ ମୁହାଁଇଲି । ସେଠାରେ ପହଞ୍ଚି ଦେଖିଲି ମାଆ କେତେ କଣ ଜିନିଷ ସବୁ ବଡ଼ ବଡ଼ ଅଖାରେ ଭାରି ରଦିବାଲାକୁ କହୁଛନ୍ତି, "ଏଇ ନେ ରାଧିଆ, ଏ ସବୁ କୁ ତୁ ଥରେ ଦେଖିପକା । କେତେ କଣ ଦାମ୍ ହେବ ଦେଖି କି କହ । ମୁଁ ଝିଅର ଚାବିକାଠିଟା ଖୋଜିସାରି ଆସେ । ଆଉ ରୋମା ତୁ ଏଇଠି ଠିଆ ହୋଇ ଦେଖୁଥା ।" ଏତିକି କହି ମାଆ ଘର ଭିତରକୁ ଚାଲିଗଲେ ।

କାହିଁକି କେଜାଣି ସେ ଅଖା ଭିତରେ କଣ କଣ ଭରା ହେଇଛି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେଉଁ ସବୁ ଜିନିଷକୁ ମାଆ ଅଦରକାରୀ ଭାବି ରଦ୍ଦିବାଲାକୁ ଦେବାକୁ ଚାହୁଁଛନ୍ତି ଥରେ ଦେଖିବାକୁ ମୋ କୌତୁହଳ ଜାତ ହେଲା । ମୁଁ ହାତ ପୁରାଇ ଖଣ୍ଡିଏ ବହି ସେ ଅଖାରୁ ବାହାର କଲି । ବହିଟି ଘନ ନୀଳ ରଙ୍ଗର । ଆଉ ସେଥିରେ ଧଳା ରଙ୍ଗରେ ଲେଖା ଥିଲା "ଜହ୍ନ ମାମୁଁ" । ମୁଁ ପୃଷ୍ଠା ପରେ ପୃଷ୍ଠା ଓଲଟାଇ ଦେଖିଲି । ତା ପରେ ଫେର ଅଖା ଭିତରେ ହାତ ପୁରାଇ ଆଉ ଖଣ୍ଡିଏ ବହି ବାହାର କଲି । ଦେଖି ଜାଣିପାରିଲି ସେଟା ବହି ନୁହେଁ ପୁରୁଣା ଆଲବମ୍ ଟିଏ ଥିଲା । ତାର ଅଧା ଫୋଟୋ ଗୁଡ଼ିକ ଯତ୍ନହୀନତା, ଉଈର ଅନବରତ ପ୍ରଚେଷ୍ଟା ଓ ସମୟ ସ୍ରୋତରେ ନଷ୍ଟ ହୋଇଯାଇଥିଲା । ମୁଁ ଖାଲି ସେ ଫୋଟ ଗୁଡ଼ିକ ଉପରେ ଆଙ୍ଗୁଠି ବୁଲାଇ ଦୁଇଟି ଯାକ ବହିକୁ ମୋ ବ୍ୟାଗ୍ ରେ ପୁରାଇ ଦେଲି । ତା ପରେ ନଜର ପଡ଼ିଲା ଆଉ ଅଖାଟା ଉପରେ । ତା ଭିତରକୁ ମୁହଁ ପୁରାଇ ଦେଖିଲି କିଛି ଭଙ୍ଗା ଖେଳନା ପଡ଼ିଥିଲା । କାହିଁକି କେଜାଣି ଥରେ ସେଗୁଡ଼ିକୁ ହାତ ବୁଲାଇ ଦେଖିବାକୁ ଆଜି ଭାରି ଇଚ୍ଛା ହେଲା । ହାତ ବୁଲାଉ ବୁଲାଉ ମୋ ହାତ ଗୋଟିଏ ଦରଭଙ୍ଗା କଣ୍ଢେଇ ଉପରେ ଅଟକି ଗଲା । ତାକୁ ବି ବ୍ୟାଗ୍ ରେ ପୁରାଇ ମୁଣ୍ଡ ଉଠାଇ ଦେଖିଲା ବେଳକୁ ମାଆ ହାତରେ ଚାବିକାଠିଟାକୁ ହଲେଇ ହଲେଇ ପହଞ୍ଚି ଗଲେ । କହିଲେ, "ଏଇ ନେ ତୋ ଚାବିକାଠି । ତୋରି ଖଟ କୋଣରେ ପଡ଼ିଥିଲା ।" ତା ପରେ ବି କିଛି କହିଲେ କିନ୍ତୁ ମୁଁ ଅନ୍ୟମନସ୍କ ହୋଇ ମୁଣ୍ଡ ହଲେଇ ଚାଲି ଆସିଲି ।

ସ୍କୁଟି ଚାବି ମୋଡ଼ି ଷ୍ଟାର୍ଟ କଲି । କଲେଜ୍ ରେ ପହଞ୍ଚିଲି । କ୍ଲାସ ସବୁରେ ଜମା ମନ ଲାଗିଲା ନାହିଁ । କେବଳ ଅନ୍ୟମନସ୍କ ଭାବେ ବସି ରହିଲି । ଚାରିଟା ବେଳକୁ ଘରକୁ ଫେରି ସିଧା ମୋ ରୁମ୍ ଭିତରକୁ ପଶିଲି । କବାଟ ଗେଡା ମଡ଼େଇ ଖଟ ଉପରେ ବସିଲି । ତା ପରେ ଅତି ଯତ୍ନର ସହ ବ୍ୟାଗ୍ ରୁ ସେ ପୁରୁଣା ଅଲୋଡ଼ା ଜିନିଷ ଗୁଡିକୁ ବାହାର କଲି । ତା ପରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାତରେ ଭରା ଦେଇ ଶୋଇ ରହି ଜହ୍ନ ମାମୁଁର ମୁଖପୃଷ୍ଠଟାକୁ ଦେଖିଲି । ସେ ମୁଖପୃଷ୍ଠରେ ଥିବା ରୂପେଲି ଜହ୍ନ ମୋତେ ଧୂଳିବୋଳା ଶୈଶବର ଜହ୍ନ ରାଇଜକୁ ନେଇଗଲା । ମନେ ପଡ଼ିଲା ସେ ପିଲାଦିନର ସୁନ୍ଦର ଦିନ ଗୁଡ଼ିକ... ମାଆଙ୍କ କୋଳ, ରାତିରେ ଖାଇବା ବେଳକୁ ଜହ୍ନ ଦେଖା, ମାଆଙ୍କ କାଖରେ ରହି ଆକାଶର ଜହ୍ନ ଧରିବାର ସେ ବାଳ ଆଶା, ରାତିରେ ଶୋଇଲା ବେଳକୁ ଗପ ଶୁଣିବାର ଅଳି, ବାପା ଅଫିସ୍ ରୁ ଫେରିଲା ବେଳକୁ ତାଙ୍କ ବ୍ୟାଗ୍ ରୁ ନିଜ ଉପହାର ବାହାର କରିନେବା, ସାହି ପିଲାଙ୍କ ସହ ଧୂଳି ଖେଳ, ଲୁଚକାଳି ଖେଳ, ବହୁଚୋରି, କଣ୍ଢେଇ ଖେଳ, ଇଟିକିଲି ମିଟିକିଲି ସବୁ ଗୋଟି ଗୋଟି ହୋଇ ମୋ ଆଖି ଆଗରେ ନାଚି ଗଲା । କଣ୍ଢେଇ ଖେଳ ରୁ ମନେ ପଡ଼ିଲା ଏ କଣ୍ଢେଇ ଟା ମୋତେ ବାପା ମୋ ପଞ୍ଚମ ଜନ୍ମଦିନ ରେ ଉପହାର ସ୍ୱରୂପ ଦେଇଥିଲେ । ଆଉ ମୁଁ ତାର କେତେ ଯତ୍ନ ନେଉଥିଲି ଠିକ୍ ସେମିତି ଯେମିତି ଜଣେ ମାଆ ତା ଛୁଆର ନିଏ । ତା ପରେ ଦିନେ ମାମୁଁ ପୁଅ ଚିକୁ ଆମ ଘରକୁ ଆସିଥିଲା । ସେ ଭାରି ଦୁଷ୍ଟ । ସେ ମୋ ଠାରୁ ବୟସରେ ଦୁଇ ବର୍ଷ ସାନ । ସେ ମୋ ସହ କଣ୍ଢେଇ ଖେଳିବ ବୋଲି ଜିଦ୍ କଲା ଏବଂ ମୋ କଣ୍ଢେଇର ଆଖିଟାକୁ କାଢ଼ି ଦେଲା । ମୋ କଣ୍ଢେଇ କାଣୀ ହୋଇଗଲା । ମୁଁ ମୋ ମାଆଙ୍କ ପାଖରେ ଅଭିଯୋଗ କଲି, ଖୁବ୍ କାନ୍ଦିଲି କିନ୍ତୁ କିଛି ଫଳ ହେଲା ନାହିଁ । ଭାଙ୍ଗି ଯାଇଥିବା ଜିନିଷକୁ କେବେ କଣ ଯୋଡ଼ି ହେବ ? ମାଆ କହିଲେ ଚିକୁ ସାନ ପିଲା । ଖେଳୁ ଖେଳୁ ଭାଙ୍ଗିଦେଲା । ତୁ ଜମା ଚିନ୍ତା କରନା । ଆମେ ଆଉ ଗୋଟିଏ ନୂଆ କଣ୍ଢେଇ ଆଣିବା । ତା ପରଦିନ ହିଁ ବାପା ଗୋଟିଏ କଥାକୁହା କଣ୍ଢେଇ ଆଣିଦେଲେ କିନ୍ତୁ ତା ସହ ମୋର ସମ୍ପର୍କ ଏତେଟା ସୁଦୃଢ ହୋଇ ପାରିଲା ନାହିଁ, ଯେମିତି ମୋର ସେ କାଣୀ କଣ୍ଢେଇ ସହ ଥିଲା । କାଣୀ କଣ୍ଢେଇଟାକୁ ମାଆ ସେଇଦିନୁ ବୋଧେ ସେ ଷ୍ଟୋରରୁମରେ ରଖିଦେଇଛନ୍ତି । ତାର ଗୋଲାପି ରଙ୍ଗର ଫ୍ରକ୍ ଟି ଧୂଳି ଲାଗି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିମିତି ଗୋଟିଏ ଫିକା ଦିଶୁଛି । ଆଜି ବି କାହିଁକି କେଜାଣି କାଣୀ କଣ୍ଢେଇ ଟା ମୋତେ ଅତି ଆପଣାର ପରି ମନେ ହେଉଥିଲା । ତା ପରେ ଉଇ ଖିଆ ଆଲବମ୍ ଉପରକୁ ମୋ ନଜର ଗଡିଲା । ଆଲବମ୍ ଟା ଖୋଲି ଦେଖିଲାବେଳକୁ ମୋ ହୃଦୟର ଶୈଶବ ସ୍ମୃତି ଗୁଡ଼ିକ ଯେମିତି ଆଖି ବାଟ ଦେଇ ବାହାରି ଗଲା । କେଜାଣି ମୋ ଅଜାଣତରେ ମୋ ଆଖିରୁ କେତେ ଲୁହ ଧାର ଧାର ହୋଇ ବହିଗଲା । ମୁଁ ସେ ସ୍ମୃତି ଚିହ୍ନ ଗୁଡିକୁ ଜାବୁଡ଼ି ଧରି ପୁଣି ଶୈଶବକୁ ଫେରି ଯିବାକୁ ଚାହୁଁଥିଲି, ଚାହୁଁଥିଲି ଟିକି ଝିଅଟେ ହେଇ ପୁଣି ଅଳି ଅର୍ଦ୍ଦଳି କରିବାକୁ ।

ଠିକ୍ ସେତିକି ବେଳକୁ କିଏ ଜଣେ କବାଟ ପିଟିଲା ଆଉ ସେ ବିକଟ ଶବ୍ଦରେ ମୁଁ ସେ ସୁନ୍ଦର ସପନ ରାଇଜରୁ ବାସ୍ତବ ଦୁନିଆକୁ ଫେରି ଆସିଲି । ତା ପରେ ଜାଣି ପାରିଲି ମାଆ ମୋତେ ରାତ୍ରୀ ଭୋଜନ ପାଇଁ ଡାକୁଛନ୍ତି । ସିଧା କାନ୍ଥ ଲଗା ଘଣ୍ଟା ଆଡ଼କୁ ଆଖି ବୁଲେଇଲି ଦେଖିଲି ସେତେବେଳକୁ ରାତି ନଅଟା ବାଜିଲାଣି । ମୁଁ ହୋଶରେ ଆସି ମୋ ୟୁନିଫର୍ମ ବଦଳାଇଲି । ଖଟ ଉପରେ ପଡ଼ିଥିବା ସେ ସ୍ମୃତି ଚିହ୍ନ ଗୁଡିକୁ ପୁନର୍ବାର ବ୍ୟାଗ୍ ଭିତରେ ପୁରାଇ ଉତ୍ତର ଦେଲି, "ହଁ, ମାଆ ଆସୁଛି" । ରୁମ୍ ର କବାଟ ଖୋଲି ରୋଷେଇ ଘରକୁ ଗଲା ବେଳକୁ ମୁଁ ଖାଲି ଭାବୁଥିଲି- ସତରେ ଏ ଧୂଳି ବୋଳା ଶୈଶବ କେତେ ସୁନ୍ଦର, ସତେ ଯେମତି ସେ ଦିନ ଗୁଡିକ ଅଭୁଲା ଅତୀତର ଅଲିଭା ସ୍ମୃତି ।

ସୁକମା, ଛତିଶଗଡ଼

ଇମେଲ୍ : monalisaptromkg@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବାଳିକା ବଧୂ



ରୋଜାଲିନି ମିଶ୍ର

ଆଜିକାଲି ବେଳ ଅବେଳରେ ଛାଇ ନିଦରେ ହାରାମଣିଙ୍କୁ ଦେଖା ଦେଉଛନ୍ତି ତାଙ୍କର ସ୍ୱର୍ଗତ ସ୍ୱାମୀ ନରେନ୍ । ତାହେଲେ ମୃତ୍ୟୁ କ'ଣ ତାଙ୍କର ଅତି ନିକଟରେ ! ! ହଁ... ଏଥିରେ ନୂଆ କଥା ବା କ'ଣ ? ବୟସ ଆସି ନବେ ଛୁଇଁବ ଛୁଇଁବ ହେଉଛି । ସେ ତ ଆଉ ଅମର ବର ପାଇ ନାହାନ୍ତି ଯେ ଚିରକାଳ ବଞ୍ଚିଥିବେ । ମୃତ୍ୟୁ ହିଁ ତ ଏ ସଂସାରର ଧ୍ରୁବ ସତ୍ୟ । କିନ୍ତୁ ମୃତ୍ୟୁର ଶୀତଳ ସ୍ପର୍ଶକୁ ଖୁବ ପାଖରୁ ଅନୁଭବ କରିବା ହେଉଛି ଜୀବନର ସବୁଠାରୁ କଷ୍ଟ ଦାୟକ ସମୟ ।

ରାତ୍ରିର ନିର୍ଜନ ପ୍ରହର । ଚାରିଆଡ ନିସ୍ତବ୍ଧ ଆଉ ଶୁନଶାନ୍ ଭିତରେ ଖାଲି ଯାହା ଶୁଣା ଯାଉଛି ହାରାମଣିଙ୍କ ଛାତିରେ ଜମିଥିବା କଫର ଘଡ଼ ଘଡ଼ ଶବ୍ଦ । ତା ସହ ତାଳ ଦେଉଛି ନିଃଶ୍ୱାସର ସାଁ ସାଁ ଶବ୍ଦ ବେସୁରା ରାଗିଣୀ ତୋଳି ।

ସ୍କାଇଲାଇଟର ଫାଙ୍କରେ ବୁଢିଆଣିଟିଏ ବସା ବାନ୍ଧି ଚାଲିଛି ନସର ପସର ହୋଇ । ସେ ଆଡକୁ ଚାହିଁଲେ ହାରାମଣି । ବୁଢିଆଣି ଜାଲର ସୂତା ଫାଙ୍କରେ ଦିଶୁଛି ତାଙ୍କର ଅଡୁଆ ତଡୁଆ ପିଲାଦିନର ଝାପସା ଚିତ୍ର ।

କେଉଁ ଏକ ଅଖ୍ୟାତ ନିପଟ ମଫସଲ ପଲ୍ଲୀରେ ଜନ୍ମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାରାମଣିଙ୍କର । ଭାରତ ପରାଧୀନ ସେତେବେଳେ । ଯେତେବେଳେ ସେ ମାତୃ ଗର୍ଭରେ ଥିଲେ ତାଙ୍କ ବୋଉ କେତକୀ ଗାଧୁଆ ତୁଠରେ ସକାଳର ବାଳସୂର୍ଯ୍ୟଙ୍କୁ ଅର୍ଘ୍ୟ ଟେକି କଥା ଦେଇଥିଲେ ତାଙ୍କ ସଙ୍ଗାତୁଣୀଙ୍କୁ ଯେ ଯଦି ତାଙ୍କର ଏ ଗର୍ଭସ୍ଥ ସନ୍ତାନଟି ଝିଅ ହୁଏ ତେବେ ସେ ନିଶ୍ଚୟ ତାକୁ ବାହାଦେବେ ସଙ୍ଗାତୁଣୀଙ୍କ ପୁଅ ନରେନ୍ ସହ । ଏମିତି ଭାବରେ ମାତୃ ଗର୍ଭରେ ହିଁ ତାଙ୍କର ବିବାହ ସରି ଯାଇଥିଲା ନରେନ୍ ଙ୍କ ସହ । ଖାଲି ଯାହା ସତ୍ୟ ରକ୍ଷା ପାଇଁ ବିଧିବଦ୍ଧ ଭାବରେ ବେଦୀରେ ବସି ସେ ବାହା ହୋଇଥିଲେ ନରେନଙ୍କୁ ମାତ୍ର ସାତବର୍ଷ ବୟସରେ ବାଳିକା ବଧୂଟିଏ ସାଜି । କଥା ଥିଲା ଯେ ଝିଅ ଏବେ ବାପା ମା'ଙ୍କ ପାଖରେ ହିଁ ରହିବ ଆଉ ବଡ଼ ହେଲା ପରେ ପୁଆଣି ହୋଇ ଶାଶୁ ଘରକୁ ଯିବ ।

ଝିଅ ତାଙ୍କର ପୁଆଣି ହୋଇ ଶାଶୁଘର ଯିବ ଆଉ କେଇଟା ବର୍ଷ ପରେ । ସେଥିପାଇଁ ଧୀରେ ଧୀରେ କରି କିଛି ଗହଣା ଗଢେଇ ଦେଲେ କେତକୀ । ଦାଣ୍ଡ ସୁନ୍ଦର ବୋଲି ଗୋଟେ ଜିନିଷ ପୁଣି ଅଛି ନା ନାହିଁ । ସବୁ ଗହଣା ଭିତରେ ହାରାମଣିଙ୍କର ବେଶୀ ପ୍ରିୟ ଥିଲା ନାଲି ସୁନାଶଙ୍ଖା ଚାରିପଟ ।

ନାଲିଶଙ୍ଖା ପ୍ରତି ଖୁବ ଦୁର୍ବଳତା ହାରାମଣିଙ୍କର ବାଲ୍ୟ କାଳରୁ । ଯେତେବେଳେ ବୁଢା ଶଙ୍ଖାରୀଟି ଦାଣ୍ଡରେ ଶଙ୍ଖା ନବ ଶଙ୍ଖା... କହି ଡାକ ଛାଡେ ସେତେବେଳେ କୁନି ଝିଅ ହାରା ତାର ସବୁ କଣ୍ଢେଇ ଖେଳଣା ଛାଡି ଧାଇଁଯାଏ ଗାଁ ଦାଣ୍ଡକୁ । ଶଙ୍ଖାରୀ ବୁଢା ପାଖରେ ଥାଏ ହରେକ ରକମର ଶଙ୍ଖା .... ରୂପା ପାତଦିଆ ଶଙ୍ଖା, ସୁନା ପାତଦିଆ ଶଙ୍ଖା, ନାଲି ଶଙ୍ଖା, ଧଳା ଶଙ୍ଖା, ଜଉଦିଆ ଶଙ୍ଖା, ମୀନାବସା ଶଙ୍ଖା, ହାତୀମୁହାଁ ଶଙ୍ଖା... ଏମିତି ଆହୁରି କେତେ । ସମସ୍ତଙ୍କୁ ଆଡେଇ ହାରା ବସି ପଡେ ଶଙ୍ଖା ପସରା ପାଖରେ ଆଉ ସବୁ ଶଙ୍ଖାରୁ ପଟେ ପଟେ ନେଇ ହାତରେ ଗଳାଏ । ଶଙ୍ଖା ଗୁଡା ହାତର ମଣିବନ୍ଧ ଡେଇଁ କହୁଣୀ ଡେଇଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାହୁ ପର୍ଯ୍ୟନ୍ତ ଚାଲିଆସେ ହାରାର ।

ବେଳେବେଳେ ହାରା ବୋଉ ପାଖରେ ଅଳି କରି ସେଇ ସୁନା ଶଙ୍ଖା ଚାରିପଟକୁ ମାଗେ ପିନ୍ଧିବା ପାଇଁ । କେତକୀ ବୁଝେଇ ଦିଅନ୍ତି କୁନି ଝିଅକୁ । କୁହନ୍ତି ...ରହ .... ପହିଲି ପୁଆଣି ହୋଇ ଗଲାବେଳେ ଟିକେ ଠାକୁରାଣୀଙ୍କ ପାଖରୁ ଛୁଆଇଁ ଆଣି ତୋତେ ପିନ୍ଧେଇ ଦେବି ଯେ ତୋ ହାତର ଶଙ୍ଖା ମା' ଙ୍କ କୃପାରୁ ଚିରଦିନ ବଜ୍ର ହେବ ।

କିନ୍ତୁ ସେଦିନ ଆଉ ଆସିଲାନି । ସେତେବେଳେ ହାରାମଣୀଙ୍କୁ ନଅ ବର୍ଷ ବୟସ ଆଉ ନରେନଙ୍କୁ ତେଇଶି ବର୍ଷ । ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେବା ପାଇଁ ମହାତ୍ମାଗାନ୍ଧୀ ଗାଁ ଗାଁ ବୁଲି ଲୋକ ମାନଙ୍କୁ ଆହ୍ୱାନ ଦେଉଥାନ୍ତି । ଗାନ୍ଧୀଙ୍କ ଆନ୍ଦୋଳନ ବାର୍ତ୍ତାର ଘନଘନ ପ୍ରଚାର ହେଉଥାଏ ବେତାର ଯନ୍ତ୍ର ମାଧ୍ୟମରେ । ଗାନ୍ଧିଜୀଙ୍କ ଡ଼ାକରାରେ ଅନୁପ୍ରାଣିତ ହୋଇ ତେଇଶି ବର୍ଷର ନବଯୁବକ ନରେନ୍ ଆନ୍ଦୋଳନରେ ଯୋଗ ଦେବା ପାଇଁ ଘର ଛାଡିଲେ ଯେ ଆଉ ଘର ମୁହଁ ଦେଖି ପାରିଲେନି ।

ଇଂରେଜ ସରକାରର ଲାଠି ମାଡ଼ରେ ନରେନ ବୀରଗତିକୁ ପ୍ରାପ୍ତ ହୋଇଛନ୍ତି ଶୁଣି ହାରାମଣିଙ୍କ ବାପା ବୋଉଙ୍କ ଆଖିରୁ ଆଉ ଲୁହ ଶୁଖିଲାନି । ଉଜୁଡି ଗଲା ଗୋଟେ କୁନି ଝିଅର ଆଦୌ ଆରମ୍ଭ ହୋଇ ନଥିବା ସଂସାରଟି । ଆଉ ତାର ପ୍ରିୟ ଶଙ୍ଖା ଚାରିପଟ ରହିଗଲା ସେମିତି ବୋଉର ଦସ୍ତା ଟ୍ରଙ୍କ ଭିତରେ ଲୁଗାପଟା ତଳେ ଗୋଲାପୀ କାଗଜ ଭିତରେ ଗୁଡ଼ିଆ ହୋଇ ।

ସାଙ୍ଗସାଥି ମାନଙ୍କୁ ଦେଖି ନଅ ବର୍ଷର ହାରାମଣି ଯେତେବେଳେ ହାତରେ ସେଇ ଶଙ୍ଖା ଚାରିପଟକୁ ପିନ୍ଧିବା ପାଇଁ ଜିଦ ଧରନ୍ତି ସେତେବେଳେ କେତକୀଙ୍କ ଆଖିରୁ ଲୁହ ବଦଳରେ ଲହୁ ବର୍ଷା ହୁଏ । ଅସହ୍ୟ ବେଦନାରେ ଛାତି ଫାଟିଯାଏ । ଲୁହକୁ ଲୁଚେଇ କଥାକୁ ବାଁରେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦିଅନ୍ତି କେତକୀ । ନହେଲେ କେମିତି ବୁଝାନ୍ତେ ସେ ଏଡ଼େ ବକଟେ ଛୁଆକୁ ଯେ ସେ ବିଧବା ବୋଲି । କେମିତି କହି ପାରନ୍ତେ ଯେ ଏ ଜନ୍ମ ପାଇଁ ତାକୁ ଶଙ୍ଖା ସିନ୍ଦୁର ମନା ବୋଲି ।

ଥରେ କେତକୀ ବାଡିର ଶାଗ ପଟାଳିରେ ପାଣି ଦେବା ବେଳେ ହାରାମଣି ଚୁପଚାପ ଖୋଲିଲେ ବୋଉର ଟ୍ରଙ୍କ । ପିଲାମନର ଅଦମ୍ୟ ଆଗ୍ରହକୁ ଆଉ କେତେଦିନ ବା ଦବେଇ ରଖିଥାନ୍ତେ ! ଟ୍ରଙ୍କ ଉପରେ କେତକୀଙ୍କ ବାହାଘର ବେଳର ନାଲି ଜରିଦିଆ ପାଟ । ସନ୍ତର୍ପଣରେ ଶାଢ଼ୀଟିକୁ କାଢି ନିଜ ମୁଣ୍ଡରେ ପକେଇ ଦର୍ପଣରେ ମୁହଁ ଦେଖିଲେ ହାରାମଣି । ଇସ୍ .... କେତେ ସୁନ୍ଦର ସେ । ନାଲି ଓଢଣାରେ ମୁଁହଟି ଦେବୀ ପ୍ରତିମା ପରି ଦିଶୁଛି । ଏଥର ଟ୍ରଙ୍କ ଭିତରୁ ଶଙ୍ଖା ଚାରିପଟକୁ ବାହାର କରି ଦୁଇ ହାତରେ ଗଳେଇ ନିରୀକ୍ଷଣ କଲେ ହାରାମଣି । ବାଃ... ଖୁବ ସୁନ୍ଦର ମାନୁଛି ତ ତାଙ୍କ ଗୋରା ଗୋରା ହାତକୁ । ଗୋଟେ ଲକ୍ଷେ ଟଙ୍କିଆ ହସ ଝରି ପଡିଲା ହାରାମଣିଙ୍କ ଓଠରୁ ।

ଏମିତି ନିଜ ସୌନ୍ଦର୍ଯ୍ୟରେ ନିଜେ ବିଭୋର ହେଉଥିବା ବେଳେ ହଠାତ ଦେଠେଇଙ୍କ ଚିତ୍କାରରେ ଚମକି ପଡିଲେ ହାରାମଣି । ଦେଠେଇ ଯେ ସେପଟ ଖଞ୍ଜାରୁ କେତେବେଳୁ ଆସି ତାଙ୍କର କାର୍ଯ୍ୟ କଳାପକୁ ଲକ୍ଷ୍ୟ କରୁଛନ୍ତି ସେଥିପ୍ରତି ଆଉ ନଜର ନାହିଁ ତାଙ୍କର । ପାଟି ଶୁଣି ବାଡ଼ି ପଟୁ ଧାଇଁ ଆସିଲେ କେତକୀ ଆଉ ଝିଅକୁ ଦେଖି ଚମକି ପଡିଲେ  ଭୁତ ଦେଖିଲା ପରି । ଦେଠେଇ ବି ଯାହା ଇଛା ତାହା ଶୁଣେଇ ଦେଇ ଗଲେ କେତକୀଙ୍କୁ ।

___ କି ବେଳାରେ ଏ ଟୋକି ଖଣ୍ଡକକୁ ଜନମ କରିଥିଲୁ ଲୋ କେତକୀ । ଦେଖେ ତାକୁ... ବିଧବା ହୋଇ କେଡେ ସଅକ । ବାହାପାଣି ପଡୁ ପଡୁ ତ ସ୍ୱାମୀ ମଲା ଆଉ ଏ ବିଧବା ଦେହରେ ଶଙ୍ଖା ଶାଢ଼ୀ ନାଉଛି କ'ଣ ବୋପା ଭାଇଙ୍କି ଖାଇବ ବୋଲି । ଛିଃ ଛିଃ ଛିଃ ଲୋ .... କି ଅଲଜ୍ଜା କଥା ଦେଖିଲା ଆଜି ଏ ଆଖି । ହଇଲୋ କେତକୀ .... ତୁ କ'ଣ ଏତିକି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୁଝେଇ ପାରୁନୁ ତୋ ଝିଅକୁ ଯେ ସେ ଗୋଟେ ବିଧବା ବୋଲି । ଆଲୋ... ଏ ଟୋକି ତ ମହା ଛନକୀ ଅଛି । ଆଜି ଠୁଁ ତ ଏଡ଼େ କନକନ ଆଉ ବୟସ ବେଳେ ଏ ତ ମୁହଁରେ ଚୂନକାଳି ମାରିଦେବ । ଧିକ ତୁମ ମା ଝିଅଙ୍କୁ ।

ଅପମାନରେ ପୋଡି ଯାଇଥିଲା କେତକୀଙ୍କ ମୁହଁ । ଦେଠେଇ ଗଲା ପରେ ସବୁ ରାଗ ଅପମାନକୁ ସେ ଅଜାଡି ଦେଇଥିଲେ ହାରାମଣିଙ୍କ ଉପରେ । ଚୁଲିଫୁଙ୍କା ନଳରେ ହାତ ଗୋଡ଼, ପିଠି ସବୁ ଫାଟି ଯାଇଥିଲା ହାରାମଣୀଙ୍କର । ବାଡେଇ ସାରିଲା ପରେ ବାହୁନି ବାହୁନି କାନ୍ଦିଥିଲେ କେତକୀ ନିଜ ଭାଗ୍ୟକୁ ନିନ୍ଦି । ସେଦିନ ରାତିରେ ଆଉ ଚୁଲି ଜଳି ନଥିଲା ତାଙ୍କ ଘରେ । ହାରାମଣି ବି ଅଧା ନିଦରୁ ଉଠି ଦେଖିଥିଲେ ବାପା ବୋଉ ମିଶିକି ବସି କାନ୍ଦୁଥିବାର ରାତି ଅଧରେ ।

ବାସ୍... ସେଇଦିନ ଠାରୁ ହଠାତ ବୟସ୍କା ପାଲଟି ଗଲେ ସେଦିନର ସେଇ କୁନି ବାଳିକା ବଧୂ ହାରାମଣି । ଚୁପଚାପ ଆଦରି ନେଲେ ବୈଧବ୍ୟର ଯନ୍ତ୍ରଣାକୁ । ଶଙ୍ଖା ତ ଦୂରର କଥା ସେଦିନ ଠାରୁ ବୋଉର ଟ୍ରଙ୍କକୁ ଦିନେ ଛୁଇଁବାକୁ ବି ସାହସ କରି ନାହାନ୍ତି ସେ ।

ଘରେ ଯେତେବେଳେ ଗରମ ଗରମ ମାଛ ଝୋଳର ବାସ୍ନା ଘୁରିବୁଲେ ସେତେବେଳେ ନିଜ ପାଇଁ ଅଲଗା ଚୁଲିରେ କଣ ଟିକେ ସାଦାସିଧା ଖାଦ୍ୟ ବଘାରି ଦିଅନ୍ତି ହାରାମଣି । ଆଇଁଷ ଝୋଳ ଟିକେ ହାପୁଡି ଭାତ ଖାଇବାର ଇଚ୍ଛାକୁ ମନ ଭିତରେ ମାରି ଚୁପଚାପ ଖାଇଦେଇ ଉଠି ଯାଆନ୍ତି ନିଜର ସାତ୍ୱିକ ଖାଦ୍ୟକୁ । କାର୍ତ୍ତିକ ମାସର ଜାଡ ଥଣ୍ଡାରେ ସମସ୍ତେ କମ୍ବଳ ତଳେ ଶୋଇଥିବା ବେଳେ ହାରାମଣି ରାତି ଅଧାରୁ ଉଠି ଗଡ଼ିଆର ହେମାଳ ପାଣିରେ ମୁଣ୍ଡ ବୁଡ଼େଇ ଗାଧେଇ ରାଇ ଦାମୋଦରଙ୍କ ପୂଜାର ଆୟୋଜନ କରନ୍ତି ମାସ ଗୋଟାକ । ନିର୍ଜଳା ଏକାଦଶୀ ଦିନ ମାନଙ୍କରେ ଘରର ଅନ୍ୟମାନେ ପେଟେ ପେଟେ ଖାଇ ବୁଲୁଥିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବେଳେ ପେଟର ଭୋକକୁ ପେଟରେ ମାରି ପାଟିର ଛେପରେ ତଣ୍ଟି ଟିକେ ଓଦା କରିବାକୁ ଚେଷ୍ଟା କରନ୍ତି ସେ । ଗାଁର ବାହାବ୍ରତ ଶୁଭ କାମରେ ତାଙ୍କର ସାଙ୍ଗସାଥି ମାନେ ମଜାମସ୍ତି କରୁଥିବା ବେଳେ ତାଙ୍କୁ ସେ ଜାଗାରେ ପାଦ ରଖିବା ପାଇଁ ମଧ୍ୟ ଦିଆଯାଏ ନାହିଁ । ଗୋଟେ ନଅ ଦଶ ବର୍ଷର ଝିଅକୁ ଏ ସବୁ କ'ଣ କଷ୍ଟ ଦିଏନି ?? ଖୁବ କଷ୍ଟ ଦିଏ । କିନ୍ତୁ ସେ କହିବେ କାହାକୁ । ସେ ସମୟର ସମାଜ ସେମିତି ହିଁ ତ ଥିଲା ।

ଏମିତିରେ ବିତି ଚାଲିଲା ବର୍ଷ ପରେ ବର୍ଷ । ସମୟ ବଦଳିଲା । ବାପା ବୋଉ ଚାଲି ଗଲେ ଜଣେ ପରେ ଜଣେ । ଘରେ ରାଜୁତି ଚାଲିଲା ଭାଇ ଭାଉଜଙ୍କର । ଏ ସବୁ ଭିତରେ କେତେବେଳେ ଯେ ତାଙ୍କ ଦେହରେ ଯୌବନ ଆସି ଚାଲିଗଲା ସେ କଥା ବି ଜାଣି ପାରିଲେ ନାହିଁ ହାରାମଣି ।

ବଡ଼ କଷ୍ଟରେ ଜୀବନର ସବୁ ପାହାଚ ଅତିକ୍ରମ କରି ଏବେ ସେ ଶେଷ ପାହାଚରେ ଉପନୀତ । କୋଉ ମୁହୂର୍ତ୍ତରେ ପ୍ରାଣ ଛାଡିଯିବ କିଏ ଜାଣେ ?? ଆଜି କାଇଁ ଖୁବ ମନେ ପଡୁଛନ୍ତି ନରେନ୍ । ଖୁବ ଇଚ୍ଛା ହେଉଛି ଶଙ୍ଖା ଚାରିପଟକୁ ମନଭରି ଦେଖିବା ପାଇଁ । ପିଲାବେଳେ ଯାହା ଦେଖିଥିଲେ ସେତିକି । ବୋଉ ମଲାପରେ ତା ଟ୍ରଙ୍କ ଆଉ ଖୋଲା ବି ହୋଇନି ।

ଧୀରେ ଉଠି ବସିଲେ ହାରାମଣି । ଛାତିର ଘଡ଼ଘଡ଼ ଶବ୍ଦ ଆହୁରି ଜୋରରେ ଶୁଣାଗଲା । ବଡ଼ କଷ୍ଟରେ ଘୁଷୁରି ଘୁଷୁରି ଗଲେ ସେ କାନ୍ଥ ଆଲମିରା ଯାଏ । ସେଠି ଥୁଆ ହୋଇଥିବା ବୋଉର ଟ୍ରଙ୍କକୁ ଖୋଲିଲେ ଧୀରେ କରି । ଟ୍ରଙ୍କର ଲୁଗାପଟା ଉପରେ ସାତକାମୁଡ଼ା ପୋକଙ୍କର ରାଜୁତି । ଲୁଗାପଟାକୁ ଆଡ଼ଉ ଆଡଉ ଦୁଇ ତିନିଟା ଅସରପା ଚଢ଼ିଗଲେ ହାରାମଣିଙ୍କ ହାତ ଉପରକୁ । ଏକଦମ ତଳେ ଯତ୍ନରେ ସାଇତା ହୋଇଥିବା ଶଙ୍ଖା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାରିପଟକୁ କାଢି ଆଣି ପୁଣି ଶେଯରେ ଆସି ବସିଲେ ସେ । ମନେ ପଡ଼ିଲା ଚୁଲି ଫୁଙ୍କାନଳୀରେ ବୋଉର ମାଡ଼କଥା । ମନେ ପଡ଼ିଲା ଶଙ୍ଖାରୀ ବୁଢା କଥା । ମନେ ପଡ଼ିଲା ଦେଠେଇଙ୍କ ଗାଳି ଗୁଲଜ କଥା । ଖୁବ ନିରିଖେଇ ଦେଖିଲେ ସେ ତାଙ୍କର ପ୍ରିୟ ବସ୍ତୁକୁ । ଏଇଆକୁ ପିନ୍ଧି ସେ ଦିନେ ପୁଆଣି ହୋଇ ଯାଇଥାନ୍ତେ ନରେନଙ୍କ ଘରକୁ । କିନ୍ତୁ ବିହି କିଛି ଅଲଗା ଲେଖିଥିଲା ତାଙ୍କ ଭାଗ୍ୟରେ । ପେଜୁଆ ଆଖିରୁ ଦୁଇଟୋପା ଲୁହ ଖସି ପଡ଼ିଲା ହାରାମଣିଙ୍କର । ଧୀରେ ଧୀରେ ନିଜର ଶୁଷ୍କ ଓଠକୁ ଲଗେଇଲେ ସେ ଶଙ୍ଖା ଉପରେ । ତାଙ୍କୁ ଲାଗିଲା ତାଙ୍କ ପାଖରେ ନରେନ୍ ବସିଛନ୍ତି ଆଉ ଠାରୁଛନ୍ତି ଶଙ୍ଖା ଚାରିପଟକୁ ପିନ୍ଧି ଦେବା ପାଇଁ । ନିଜର ଅସ୍ତିତ୍ୱ ଭୁଲିଗଲେ ହାରାମଣି । ଶଙ୍ଖା ଚାରିପଟକୁ ହାତରେ ଗଳେଇ ଗୋଟେ ଲାଜୁଆ ଚାହାଣୀରେ ସେ ଚାହିଁଲେ ନରେନଙ୍କ ଆଡେ । ନରେନ୍ ଖୁବ ପ୍ରେମରେ ବାହୁ ପ୍ରସାରି କୋଳକୁ ଟାଣି ଆଣିଲେ ନିଜ ବାଳିକା ବଧୂକୁ । ଢଳି ପଡିଲା ହାରାମଣିଙ୍କ ଶରୀର ଶେଜ ଉପରେ । ଛାତିର ଘଡ଼ଘଡ଼ ଶବ୍ଦ ବନ୍ଦ ହୋଇଗଲା । ମୁଁହରେ ଯନ୍ତ୍ରଣାର ଚିହ୍ନ ବଦଳରେ ଝଲକୁଥିଲା ପ୍ରଶାନ୍ତିର ଆଭା । ଓଠରେ ଲାଖି ରହିଥିଲା ସେଦିନର ସେଇ ଲକ୍ଷେ ଟଙ୍କିଆ ହସ । ଆଉ ହାତରେ ଚିକଚିକ୍ କରୁଥିଲା ଚାରିପଟ ନାଲି ସୁନା ଶଙ୍ଖା ।

ଭି ଏସ ଏସ ନଗର, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଫିସରେ ଦିନଟିଏ



ପ୍ରହ୍ଲାଦ ସାହୁ

ଅଫିସ, ଅଫିସ, ଅଫିସ,

ସତେ ଯେମିତି ସମ୍ପୂର୍ଣ୍ଣ ଜୀବନଟା ହିଁ ଅଫିସ । ସକାଳରୁ ସଞ୍ଜ ଯାଏ ଅଫିସ କାମ, ପୁଣି ଘରେ ପହଞ୍ଚିଲା ପରେବି ସେହି ଅଫିସ କାମ । ବସିବା, ଉଠିବା, ଖାଇବା, ଶୋଇବା, ଗାଧୋଇବା, ଏମିତିକି ସନ୍ଧ୍ୟା ଆଳତୀ ବେଳେ ବି ମୋବାଇଲ ଘଣ୍ଟି ବାଜିଉଠେ । ଯଦି କଲ୍ ରିସିଭ କରିବା ଟିକିଏ ବିଳମ୍ବ ହେଇଗଲା ତେବେ ଉପର ଅଫିସରଙ୍କ ଭାରି ଗଳାରୁ ରୁକ୍ଷ ଆବାଜ, ସାମ୍ନାରେ ପଡିଗଲେ ନାଲି ଆଖି  ।

ବେଳେ ବେଳେ ସକୁନ୍ତଳା (ମୋ ସ୍ତ୍ରୀ) କହନ୍ତି - ଯାଉନ ଅଫିସରେ ରହିବ । ଆସୁଥିଲ କାହିଁକି ? ଘରଦ୍ୱାର ବୋଲି ତମର କିଛି ଅଛି, ପିଲା ଛୁଆ ବି କଣ ଖାଇଲେ, କଣ କରୁଛନ୍ତି କେବେ ବୁଝିଛ ନା ଆଜି ବୁଝିବ ? ମୋ କଥା ତମକୁ କହି କିଛି ଲାଭ ନାହିଁ । ଆଗରୁ ଖାଇବା ପାଇଁ ଅଫିସରେ ମିଳୁନଥିଲା ଘରକୁ ଆସୁଥିଲ ଏବେ ସେ ସୁବିଧା ହେଇଯାଇଛି । ଅଫିସର କେଣ୍ଟିନ ଖୋଲିଯାଇଛି । ଖାଲି ଯାହା ବାକି ରହିଲା ସକାଳର ନିତ୍ୟକର୍ମ ।

ଆରେ ତମକୁ କହିବାକୁ ଭୁଲି ଯାଇଛି - ଏବେ ଯଦି କୌଣସି ଅର୍ଜେଣ୍ଟ କାମ ଆସିଯିବ ଷ୍ଟାଫଙ୍କ ପାଇଁ ହୋଟେଲରେ ରହିବା ବ୍ୟବସ୍ଥା ବି ଅଫିସ

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ତରଫରୁ କରାଯିବ ।

ହେ ଭଗବାନ, ସେଇଟା ଅଫିସ ନା ଅଫିସ କମ୍ ହାଉସ ? କହୁନ "ଗୋଟେ" ଯୋଗାଡ କରିଦେବେ ତମର ହାଲଚାଲ ବୁଝିବା ପାଇଁ । ଗୋଡ ହାତ ମାଲିସ କରିଦେବ । ଆଉ .....

ଆଉ କଣ....., ହଁ କୁହ..... , ସେଇ ଆଉ ଟା କଣ ।

ମୁଁ ଭାବୁଛି ସାରଙ୍କୁ କହିକି ତମକୁ ସେଦିନ ଡାକିନେବି ଯେଉଁଦିନ ରାତିରେ ଅଟକିବାର ଥିବ ।

ହଁ ଏମିତି ବି ଥରେ ହେଇଥିଲା । ସେଦିନ ଏକ ପ୍ରୋଜେକ୍ଟ ପାଇଁ M.D. ସାର୍ ସମସ୍ତଙ୍କ ସହିତ ମିଟିଙ୍ଗ ରଖିଥିଲେ ଏବଂ ଏହି ପ୍ରୋଜେକ୍ଟ ଅତି କମରେ ୧୦ ରୁ ୧୫ ଦିନ ଲାଗିବ । ରୋହିତ ସାର ପରମିଶନ ନେଇସାରିଥିଲେ MD ସାରଙ୍କ ଠାରୁ । କାରଣ ସେ ତାଙ୍କର ଧର୍ମପତ୍ନୀଙ୍କ ସହିତ ତିନି ମାସର ବେବିକୁ ନେଇ ଜନକପୁରି A-blockରେ ରହୁଥିଲେ । ଅଫିସ ଦ୍ୱାରକାରେ ଥିଲା । ଏକୁଟିଆ ତାଙ୍କୁ ଛାଡି ରହିବା ସମ୍ଭବ ନଥିଲା । ତାଙ୍କ ବିବି ଏବଂ ବେବି ଦୁହିଙ୍କୁ ଅଫିସକୁ ନେଇ ଆସିଥିଲେ ।

ତମର କଣ ଅସୁବିଧା ହେଲା, ତମେ ତ ଆମକୁ ନେଇ ନଥିଲ ।

ହଁ, ଅସୁବିଧା ଥିଲା । They are faculty. We are editor. ସବୁ ସୁବିଧା ସମସ୍ତଙ୍କ ପାଇଁ ନଥାଏ ।

ଅଫିସ ଏକ ଏମିତି ସ୍ଥାନ ଯେଉଁଠି ସବୁ ଶ୍ରେଣୀର ଲୋକ ମିଳିଯିବେ । କିନ୍ତୁ ସମସ୍ତେ ଏକା ପ୍ରକାର ନୁହନ୍ତି । ଯୋଗ୍ୟତା ଅନୁସାରେ କାର୍ଯ୍ୟବଣ୍ଟନ କରାଯାଇଥାଏ ।

Hierarchy System is always there.

Executives => Sr. Executives => Asst Managers => Deputy Managers

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

=> Managers => Sr. Managers => AGMs => DGMs => GMs

Regional Directors, Asst Directors => Senior Assistant Directors => Sr. Directors => Deputy Directors => Director => CCO/COO/CEO => MD => Chairman => Founder.

Head of Departments => Functional Head's => Academic Heads => Regional Heads => Area Business Heads => Regional Operations Manager => Cluster Branch Heads => Branch Heads.

ଆହୁରି ଅନେକ ପୋଜିସନ ଡିପାର୍ଟମେଣ୍ଟ ଅନୁସାର ।

ସାଢେ ନଅ ବେଳକୁ ଅଫିସ ପହଞ୍ଚିବାକୁ ହେଲେ ଆଠଟାରୁ ରେଡି ହେବାକୁ ପଡେ । ଭଡାର ଯଦି ଅଫିସ ଚାଲୁଥିବ ତେବେ ପ୍ରତି ବର୍ଷ ସିଫ୍ଟିଙ୍ଗ ହେବାର ଚାନ୍ସ ଅଧିକ । ନୌକରୀ କରୁଥିବା ଲୋକ କେତେଥର ଘର ବଦଳାଇବ ? ତେଣୁ ଅଫିସ ଯଦି ଦୂରରେ ତେବେ ପ୍ରଥମେ କିଛି ରାସ୍ତା ପାଦରେ, ତାପରେ ଇ-ରିକ୍ସା, ମେଟ୍ରୋ, ବସ୍, ଅଟୋରେ ଯିବାକୁ ପଡିଥାଏ ।

ପୁଣି କରୋନାରୁ ବଞ୍ଚିବାକୁ ହେଲେ - Use hand Sanitization. ଅଫିସ ବେଗରେ ଲଞ୍ଚ ନଥାଉ ପଛେ ସାନିଟାଇଜର, ମାସ୍କ ଥିବା ଜରୁରି ।

ସେଥିରେ ପୁଣି ଗୋଟିଏ ମିନିଟ ଲେଟ ହେଇଗଲେ ସର୍ଟ ଲିଭ । ଏକ ଘଣ୍ଟା ଲେଟ ହେଲେ ହାଲ୍ଫ ଡେ । 2:30PM ପରେ ଫୁଲ ଡେ - ଲିଭ । ଲେଟ ଆୱାର ବସିଲେ କିଛି ନାହିଁ । ତୁମର କାମ ତୁମେ କରିବାକୁ ବାଧ୍ୟ, ରାତି ହେଉ କି ଦିନ ହେଉ ।

ଫ୍ରେସ ହେଇ ସିଟର ବସୁ ବସୁ ସିନିୟର ଫୋନ କଲ, ଆଜକା ଷ୍ଟେଟସ୍ ଭେଜୋ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରୋଜେକ୍ଟ Archive ଷ୍ଟେଟସ କ୍ୟା ହେ ? What about write ups for our web-site ? HTML coding କମ୍ପ୍ଲିଟ ହୁଆ ? ମନିଷ କା ଛୁଟି ପୁରା ନୈହିଁ ହୁଆ, ସାଗର ଏବସେଣ୍ଟ କିୟୁଁ ? ଚା କପରୁ ଧୂଆଁ ବାହାରିବା ସେତେବେଳକୁ ବନ୍ଦ । ଚା ଡଷ୍ଟବିନ୍ ରେ ଢ଼ାଳିବା ନିଶ୍ଚିତ ।

ଟିମ୍ କଣ କରୁଛି, କାହା ପାଖରେ କଣ ପେନ୍‌ଡିଙ୍ଗ ରହିଗଲା ସେ ସବୁ ତଦାରଖ । ତାପରେ ନୂଆ ପ୍ରକଳ୍ପ ପାଇଁ କାହାକୁ ନେବାକୁ ପଡିବ । କାମ ସେହି ଅନୁସାର ବାଣ୍ଟିବାର ଥିବ । ଟିମ ୱାର୍କ ଠିକ ଠାକ ଚାଲିଛି କି ନାହିଁ ତାକୁ ବି ତଦାରଖ କରିବାକୁ ପଡିବ । ଅନ୍ୟ ଅଫିସ ଷ୍ଟାଫଙ୍କ ଫୋନ, କ୍ୱେରି ସେ ସବୁ ବି ଏଟେଣ୍ଡ କର ।

ସବୁ କିଛି କଲାପରେ ବି ଦି ପଦ ଶୁଣିବାକୁ ମିଳେ ସିନିୟରଙ୍କ ଠାରୁ ।

ଅମୁକ ହେଲାନି, ସମୁକ ରହିଗଲା । ଟିମ ମାନେଜ କରନା ନୈହିଁ ଆତା ତୁମ୍ହେ । ତେରେ ଟିମ ସେ କୁଛ ଲୋଗ ଠିକସେ କାମ ନୈହିଁ କର ରହେ । ଉନକା ୱାର୍କ ଷ୍ଟେଟସ ଭେଜୋ । ଏମିତି ଆହୁରି ଅନେକ କିଛି ।

ମାର୍ଚ୍ଚ ମାସ ଇନକ୍ରିମେଣ୍ଟ ସମୟ । ସମସ୍ତଙ୍କ ରିପୋର୍ଟ ଠିକ ହେବା ଦରକାର ନହେଲେ କିଏ ମୁହଁ ଫୁଲେଇ ଦବ ତ, କିଏ ସିନିୟରକୁ କମ୍ପ୍ଲେନ କରିବ ଆଉ କେହି କେହି ଦୋ ଚାର ଗାଳି ଶୁଣେଇ ନିଜ ମନର ସବୁତକ ରାଗ ଏକାଥରେ ସୁଝାଇ ଦେବ ।

ସର୍ବୋପରେ ଟିମ ଲିଡରର କୌଣସି ସମୟ ନାହିଁ କି comp off ନାହିଁ କି weekly off ନାହିଁ । ରାତି ନାହିଁ କି ଦିନ ନାହିଁ । ସେଦିନ ପ୍ରୋଜେକ୍ଟ କମ୍ପ୍ଲିଟ ହେବାର ଥିଲା ତେଣୁ ରାତି ଦେଢଟାରେ ଅଫିସ ପହଞ୍ଚିବାକୁ ପଡିଥିଲା । weekly off ଦିନ ଟିମ ଲିଡର ଅଫିସ ଆସିଲେ ତା ପାଇଁ କିଛି ନାହିଁ କାରଣ ତାର ଦରମା ସମସ୍ତଙ୍କ ଠାରୁ ଅଧିକ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମିତି ବହୁତ କିଛି ଅସାମଞ୍ଜସ୍ୟ ଭିତରେ ସାମଞ୍ଜସ୍ୟ ରଖିବା କାଠିକର ପାଠ ତଥାପି କରିବାକୁ ପଡେ କାରଣ ଚାକିରିକୁ ବଞ୍ଚେଇବା ବି ଜରୁରି ।

ଏଇ ଦେଖୁନ ଆଜି କର୍ବାଚୌଥ, ଉତ୍ତର ଭାରତର ବଡ ପର୍ବ । ଆଜି ସନ୍‌ଡେ ଭି । କିନ୍ତୁ ଅଫିସ ଆସିବାକୁ ପଡିଲା । ବହୁତ ଜରୁରି କାମ ।

ସମୟ ହେଲା ପରେ ବି ଅଫିସରୁ ବାହାରିବା କଷ୍ଟ । ପ୍ରୋଜେକ୍ଟ ଇନକମ୍ପ୍ଲିଟ ।

ଚାକିରି କରିବା କଷ୍ଟ ନୁହେଁ, ଦାୟୀତ୍ୱ ପୁରା କରିବା କଷ୍ଟ । ହୁଏତ ନିଜ କାମ ହେଇଥିଲେ ଟିକିଏ ବିଶ୍ରାମ ନେଇ ପାରିଥାନ୍ତା ମଣିଷ । ଅଫିସ କାମ ରାଜକାର୍ଯ୍ୟଠାରୁ କମ ନୁହେଁ । କାରଣ ଏଥିରୁ ଯେଉଁ ଦି ପୈସା ମାସ ଶେଷରେ ମିଳେ ସେଥିରେ ଆମ୍ଭର ପରିବାର ପ୍ରତିପୋଷଣ ହୋଇଥାଏ । ଅଫିସ ହେ ତୋ ଆଜ ହାମ ହେଁ ।

ନିଜ ଅନୁଭୁତିର କଥା - ମୁଁ ମୋ ଘରଠାରୁ ଅଫିସକୁ ଅଧିକ ପ୍ରାଧାନ୍ୟ ଦେଇ ଆସିଛି । ଘର ପରିବାର ପାଇଁ ଦିନ ରାତି ଅଖିଆ ଅପିଆ ରହି ଅଫିସ କରିଛି । କେବଳ ଦି ପୈସା ରୋଜଗାର କଲେ ଭଲରେ ମୋ ପରିବାର ଚଳିବ । ପିଲାଛୁଆଙ୍କ ପଢାପଢିରେ କିଛି ଅସୁବିଧା ହେବ ନାହିଁ ।

ଆଗେ ସମୟ କହିବ ମୋତେ ମୋ ପରିବାର କେତେ ପ୍ରାଧାନ୍ୟ ଦେଉଛି ? ସମୟ ଏବେ ବି ଦେଖୁଛି ଏବଂ ସେଦିନ ବି ଦେଖିବ ।

କିନ୍ତୁ ଆଜି ମୁଁ ଅଫିସରେ, କାଲି ଅଫିସରେ ନଥିବି ।

ଗୋଟିଏ ଦିନ ଅଫିସ ଲାଗି ମୁଁ ଯେତେ ପରିଶ୍ରମ କରିଛି ତାହା ନିଶ୍ଚିତ ମୋର ବାକି ଦିନ ପାଇଁ ସହାୟକ ହେବ ବୋଲି ଆଶା ଓ ବିଶ୍ୱାସ ।

ଦ୍ୱାରକା, ନୂଆଦିଲ୍ଲୀ, ୮୧୭୮୬୪୨୭୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତର ଦୁଇଟି ସ୍କେଚ୍



ସାଇପ୍ରସାଦ ସାହୁ

୧. କମ୍ବଳ...

ନୂଆବର୍ଷ ଆସିବା ପୂର୍ବରୁ କ୍ଷେତରାଜପୁର ରେଳଷ୍ଟେସନରେ ସମାଜସେବୀ ସଙ୍ଗଠନ କମ୍ବଳ ବଣ୍ଟନ କରୁଥାନ୍ତି । ଗୋଟିଏ ହାତରେ କମ୍ବଳ, ଅନ୍ୟ ହାତରେ ସେଲ୍ ଫି ନେଇ ଷ୍ଟାଟସ୍ ଦେଉଥାନ୍ତି । କିଛି ଦୂର ଆଗରେ ଜଣେ ମହିଳା ସାମ୍ବାଦିକା ଅନର୍ଗଳ କହିଚାଲିଥାନ୍ତି । ଓଠରେ ଲାଲ୍ ଲିପ୍ ଷ୍ଟିକ୍ ସତେ ଯେମିତି କ୍ୟାମେରା ଲାଇଟ୍ ରେ ରକ୍ତ ବୋଳା ହେବା ପରି ଦେଖାଯାଉଥାଏ । ଏହି ସମୟରେ ଷ୍ଟେସନରେ ଥିବା ଜଣେ ଦିବ୍ୟାଙ୍ଗ ଭିକାରୀ ଆସି ମହିଳାଙ୍କ ପାଖରେ ହାତ ଯୋଡ଼ି ଛିଡାହେଲେ  । ମହିଳା ଜଣକ କହିଲେ ;

ଆରେ ତମେ କମ୍ବଳ ନେଇନ କି, ରୁହ ଆଣିକି ଦେଉଛି ।

ଏ କଥା ନ ସରୁଣୁ ଭିକାରୀଟି କହିଲା, "ନାଇଁ ଆଜ୍ଞା ମୁଁ କମ୍ବଳ ମାଗୁନାହିଁ  ।"

ଆଉ ତା' ହେଲେ  ?

ଆପଣ ମାନେ ଏଇଠି ଏଇଠି କମ୍ବଳ ବାଣ୍ଟିବେ, ନା' ଆଉ କେଉଁଠାକୁ ଯିବେ  ।

ହଁ ଆସନ୍ତା କାଲି ସମ୍ବଲପୁର ଫାଟକ ରେଳଷ୍ଟେସନ ଏବଂ ଆଖପାଖ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଅଞ୍ଚଳକୁ ଯିବୁ  ।

କ'ଣ ହେଲା କି  ?

କମ୍ବଳ ପାଇଁ ତମେ ସେଠାକୁ ଯିବ କି  ?

ଭିକାରୀଟି କହିଲା ,

ନାଇଁ ଆଜ୍ଞା, ଆପଣଙ୍କ ପରି ଏଠାକୁ ସବୁଦିନ ଲୋକ ଆସି କମ୍ବଳ ଦେଇ ଫଟୋ ଉଠେଇ ଯାଉଛନ୍ତି । ଆମର ତ ରହିବାକୁ ଜାଗା ଖଣ୍ଡେ ନାହିଁ । ସେଥିପାଇଁ ରାସ୍ତା କଡ଼ରେ ରହୁଛୁ  ।

ଏତେ କମ୍ବଳ ରଖିବେ କେଉଁଠି  ?

ଆପଣ ତ କହିଲେ ଅନ୍ୟ ଏକ ରେଳଷ୍ଟେସନରେ ବାଣ୍ଟିବେ ବୋଲି  ।

ତେଣୁ ମୋର ଏତକ କମ୍ବଳ ନେଇ ଯାଆନ୍ତୁ, ଚିନ୍ତା କରନ୍ତୁ ନାହିଁ । ଯାହା ଦେବେ ଦେବେ ।

## ୨.ଜ୍ୟାକେଟ୍...

ଷ୍ଟାଡିୟମ ପଛପଟେ ଡିଅର୍ ପାର୍କ । ଶୀତୁଆ ସନ୍ଧ୍ୟାରେ ବସିଥାନ୍ତି ଶୁଭ୍ରଜିତ୍ ଓ ଶୀତଲ୍ । ଶୁଭ୍ରଜିତ୍ ଛାତିରେ ମୁଣ୍ଡ ଦେଇ ପକ୍ଷୀଙ୍କ କିଚିରିମିଚିରି ଶବ୍ଦ, ହରିଣ ମାନଙ୍କ ଦୌଡ ଦେଖୁ ଦେଖୁ ଶୀତଲ୍ କହିଲା, "ଏ ଶୀତୁଆ ସନ୍ଧ୍ୟାଟା କେତେ ଭଲ ଲାଗୁଛି ନା ।"

ହଁ, ମୁଁ ମଧ୍ୟ ଶୀତକୁ ବହୁତ ଭଲ ପାଏ  ।

କ'ଣ ମୋ ଠାରୁ ବି ଅଧିକ  ?

ଓଃ ସେଥିପାଇଁ ଜ୍ୟାକେଟ୍ ପିନ୍ଧୁନ  ।

ହୁଁ କହି ମୁହଁ ମୋଡ଼ି ଦେଇ, ରାଗରେ ଗର ଘର ହୋଇ ନିଜେ ପିନ୍ଧିଥିବା ଜ୍ୟାକେଟ୍‌କୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖୋଲି ଶୁଭ୍ରଜିତ୍ ଦେହରେ ପିନ୍ଧେଇ ଦେଲା ।

ଖୁସିରେ ହସି ଉଠିଲା ଶୁଭ୍ରଜିତ୍ ।

ଶୀତଲକୁ ଆଉ ଟିକେ ପାଖକୁ ଭିଡ଼ି ନେଇ କହିଲା ,

"ତମେ ସିନା ଶୀତକୁ ମୋ ଠାରୁ ଦୂରେଇ ଦେଲ । ହେଲେ ଦେଖତ, ତା'ର ହୃଦୟଟା କେତେ ବଡ଼ । ନା ସେ ତମ ଭଳିଆ ମୁହଁ ଫୁଲେଇ ରାଗିଲା, ନା ରୁଷିଲା । ବରଂ ତୁମେ ଇର୍ଷା କରୁଛ । ଜାଣି ମଧ୍ୟ ମୋ ଠାରୁ ଚାଲିଯାଇ ତୁମ ସହ ମିଶିଗଲା । ଦେଖୁନ ଶୀତଲ ତୁମେ କେମିତି ଥରୁଛ । ଏତିକିରେ ଶୀତଲ୍ ଆହୁରି ଚିଡିଗଲା ।

ଫୁଲେଇ ହୋଇ ଦେଖ ଶୀତକୁ ବିଦା କରୁଛି କହୁ କହୁ ଶୁଭ୍ରଜିତ୍ ଓଠରେ ଓଠ ଥୋଇ ଦେଲା ଶୀତଲ । ଉଭୟଙ୍କ ନାକରୁ ବାହାରୁଥାଏ ଉଷ୍ମ ପ୍ରଶ୍ୱାସ । ଠିକ୍ ଏତିକି ବେଳେ ଡିଅର୍ ପାର୍କ ଉପରୁ କିଛି ବାଟ ଦୂରରେ ଦେଖାଯାଉଥିବା ରେଳଧାରଣାରୁ ଶୁଭିଲା ଟ୍ରେନ୍ ର ହର୍ଣ୍ଣ । ସତେ ଯେମିତି ଶୀତ ବିଦାୟ ନେଉଥିଲା ଏ ଟ୍ରେନ୍ ରେ । ଉଭୟଙ୍କୁ ଅନୁଭବ ହେଉଥିବା ମାର୍ଚ୍ଚ ମାସ ପରି ଗରମ ।

ସିନ୍ଧେକେଲା, ବଲାଙ୍ଗୀର
ଭ୍ରାମ୍ୟ ଭାଷ – ୯୯୩୭୦୩୪୭୪୨
ଇ-ମେଲ୍ : saiprasadsahu867@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିର୍ବାଚନ ଓ ଭୋଟ



ମନୋଜ୍ କୁମାର ଦାସ

ବାନାମ୍ବର ବଜାରରୁ ସଉଦା କିଣି ଘରକୁ ଫେରୁଥିଲେ । ରାସ୍ତାରେ ଆସୁଥିବା ବେଳେ ଗାଁମୁଣ୍ଡ ସ୍କୁଲ ବାରଣ୍ଡାରେ କିଛି ଯୁବକ ବସି ଆଲୋଚନା କରୁଛନ୍ତି । ଟିକେ ଦୂରରେ ଅଟକିଯାଇ କାନଡେରି ଶୁଣିଲେ ବାନାମ୍ବର । ଜାଣିବାକୁ ପାଇଲେ ଯେ, ଆଗାମୀ ପଂଚାୟତ ନିର୍ବାଚନ ବିଷୟରେ ବିଶଦ ଆଲୋଚନା ଚାଲିଛି । ସେଥିରେ ଅଛନ୍ତି କିଛି ଚିହ୍ନା ଓ ଅଚିହ୍ନା ମୁହଁ ।

ଯାହା ଆମ ପଂଚାୟତର ପିଲାମାନେ । ସବୁ ଗାଁରୁ କିଛି କିଛି ମୁଖ୍ୟ ଯୁବ ନେତା ।

ଘରେ ପହଂଚିଗଲେ । ସଉଦା ବ୍ୟାଗଟି ରମା ବୋଉକୁ ଧରାଇ ଦେଇ ଆମ ସାହିର ଶିକ୍ଷିତ ତଥା ମୁରବି ସର୍ବେଶ୍ୱର ଭାଇଙ୍କୁ ଦେଖାକଲି । ପ୍ରତିଦିନ ସନ୍ଧ୍ୟାରେ ସମସ୍ତେ ନିଜ ନିଜର କାମଧନ୍ଦା ବା ଅଫିସରୁ ଫେରିଆସିଲେ, ଆମ୍ଭେମାନେ ଏକାଠି ହେଉ ।

ଗାଁ ଠାକୁରାଣୀଙ୍କ ଚାନ୍ଦିନୀରେ । ପ୍ରାୟ ଦଶ ପନ୍ଦର ଜଣ ବସୁ । ଦେଶ ବିଦେଶ, ରାଜ୍ୟର ଭଲ ମନ୍ଦ ଖବର ଉପରେ ଯିଏ ଯାହା ଜାଣିଥିବ କହିବେ । ସର୍ବେଶ୍ୱର ହାତରେ ଦୁଇ ତିନୋଟି ଖବର କାଗଜ ଧରିକି ଯାଇଥିବେ । ସେଠାରେ ପ୍ରାୟ ପଢ଼ନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାନାମ୍ବର ନିର୍ବାଚନ କଥା ଉଠାଇଲେ । ସର୍ବେଶ୍ୱର ଶୁଣି, ମୁରିକି ହସିଦେଲେ । କହିଲେ, ତୁମେ କଣ ଭୋଟରେ ଠିଆ ହେବ । କାହିଁକି ବାସ୍ନା ହେଉଛି ? ନା ନା ଭାଇ, ସେ ବୟସ ମୋର ନାହିଁ କି ଅର୍ଥ, ବାହୁବଳ ନାହିଁ ।

ସତରେ ତୁମେ କଣ ଥଟା କରୁଛ !

ବାନାମ୍ବର, ଏ ବିଷୟରେ ଆମେ ଗତ ମାସରେ ଆଲୋଚନା କରିଥିଲେ । ଆଗକୁ ପଂଚାୟତ ଭୋଟ ଆସୁଛି । ଖାଲି ଉଠିବ, ପଡିବ । ତୁମେ ଭୁଲି ଯାଇଛ ବୋଧେ । ନରହରି ଭାଇ କହୁ କହୁ କହିଦେଲେ, ଆଜିକାଲି ବାନାମ୍ବର ଭାଇର କିଛି ମନେ ରହୁନି । ଉପସ୍ଥିତ ଭାଇମାନେ ଏଥିରେ ଏକମତ ହେଲେ । ଆଗାମୀ ନିର୍ବାଚନରେ ଆମ କଥା କିଛି କାମ ଦେବନି । ସବୁ ପିଲାଙ୍କ ହାତରେ । ସବୁ ରାଜନୈତିକ ଦଳରେ ଏକା ଅବସ୍ଥା । ଆଗେ ସ୍ଥାନୀୟ ମୁରବି ମାନଙ୍କର କଥା ରହୁଥିଲା । ଏବେ - - - - -। ଆମ୍ଭେମାନେ ଗୋଟିଏ ସିଦ୍ଧାନ୍ତ ନେବା, ପଂଚାୟତରେ ଯିଏ ଠିଆ ହେଉ । ଶିକ୍ଷିତ, ଭଦ୍ର, ସଚୋଟ, ପରୋପକାରୀ ଲୋକକୁ ଭୋଟ ଦେବା । ତା ପାଇଁ ଗୁପ୍ତ ପ୍ରଚାର କରିବା ।

ଏ କଥାରେ ସମସ୍ତେ ରାଜି ହୋଇଗଲେ । ପଂଚାୟତର ବିକାଶ ନିଶ୍ଚିତ ହେବ । ସେ ଆମ କଥା ଶୁଣିବ । ନୀତିନିୟମରେ ସବୁ କାମ କରିବ । ନିର୍ବାଚନ ପ୍ରକ୍ରିୟା ପାଇଁ ବିଧିବଦ୍ଧ ଘୋଷଣା କରାଗଲା । ବିଭିନ୍ନ ଦଳର ସମର୍ଥନରେ ପ୍ରାର୍ଥୀପତ୍ର ଦାଖଲ କରାଗଲା । ସବୁରି ମୂଳରେ ରହିଲା, ସରପଞ୍ଚ । ପଂଚାୟତର ଭାଗ୍ୟ ବିଧାତା । ଅର୍ଥ ତାଂକ ହାତରେ । ପ୍ରାର୍ଥୀପତ୍ର ଦାଖଲରେ ବହୁ ଟାଣୁଆ ନେତା ରହିଲେ । ସେଥିରେ ଅର୍ଥ, ବାହୁବଳ ପତିଆରା ଅଧିକ । ଜଣେ ସାଧାରଣ ପ୍ରାର୍ଥୀ ପାଇଁ କାଠିକାର ପାଠ ।

ପ୍ରଚାର ଜୋରଦାର ହେଲା । ଭୋଜି ଭାତ ସାଙ୍ଗକୁ ମଦ, ମାଂସ । ଯିଏ ଯାହା ପାଇଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଲା । ଖାଇବା ଲୋକେ ଖାଇଗଲେ । ଗଣତନ୍ତ୍ର କହିଲେ, କିଛି ବୁଝନ୍ତି ନାହିଁ । ଭୋଟର ଅର୍ଥ ଜାଣନ୍ତି ନାହିଁ । ଯେତେ ଟଙ୍କା ଦେବ, ସିଏ ପାଇବ ଭୋଟ । ଏ କଥା ସବୁଠି ଚର୍ଚ୍ଚା ହେଲା । ଶିକ୍ଷିତ ସାଧାରଣ ପ୍ରାର୍ଥୀଟି ପଂଚାୟତର ବିକାଶ ମୁଦ୍ଦା ନେଇ ଲୋକମାନଙ୍କ ପାଖକୁ ଭୋଟ ଭିକ୍ଷା କରିବା କେତେ କଷ୍ଟକର । ତଥାପି ଜନସମର୍ଥନ ମିଳିବାର ଆଶା ଅଧିକ ଥିଲା ।

ମୁରବିମାନେ ସେ ପ୍ରାର୍ଥୀ ସପକ୍ଷରେ ଥିଲେ ଏବଂ ଭୋଟ ଯୋଗାଡ଼ରେ ଲାଗି ପଡ଼ିଥିଲେ । ଭୋଟ ହେବା ପୂର୍ବରାତିରେ ସବୁ ବଦଳି ଗଲା । ସୁଅମୁହାଁ ଟଙ୍କା ବଣ୍ଟାଗଲା । ଲୋଭ ମାୟାରେ ପଡି ରାତାରାତି ବଦଳି ଗଲେ । ଭୋଟର । ଭୋଟ ହେଲା । ଦୁଃର୍ଭାଗ୍ୟ ବଶତଃ ଯେଉଁମାନେ ଗାଁର ଉନ୍ନତି ପାଇଁ ଅଣ୍ଟାଭିଡି ଭଲପ୍ରାର୍ଥୀକୁ ଭୋଟ ଦେଇଥାନ୍ତେ, ସେମାନଙ୍କର ଭୋଟ ଲିଷ୍ଟରେ ନାମ ନଥିଲା ।

ମାତ୍ର ସେ ଟିମ ମଧ୍ୟରୁ ତିନି ଚାରି ଜଣଙ୍କୁ ଛାଡିଦେଲ ଅନ୍ୟ ଦଶ ବାର ଜଣକ ନାମ ବାଦ ପଡିଥିଲା । ମନ ଦୁଃଖରେ ଫେରିଆସିଥିଲେ, ଭୋଟ କେନ୍ଦ୍ରରୁ । ଏଥି ପାଇଁ ଦୁର୍ନୀତିଗ୍ରସ୍ତ ଗାଁ ନେତା ହିଁ ଦାୟୀ । ଫଳାଫଳ ପ୍ରକାଶ ପାଇଲା । ଯିଏ ଅଧିକ ମଦ, ମାଂସ, ଟଙ୍କା ଦେଇଥିଲା । ସେ ମାତ୍ର ପାଞ୍ଚ ଖଣ୍ଡ ଭୋଟରେ ବିଜୟୀ ହୋଇଛି ।

ଏଠାରେ କଥା ଉଠୁଛି । ଯେଉଁ ସଚେତନ ଭୋଟର ଭୋଟ ଦେଇ ପାରିଲେ ନାହିଁ । ସେମାନେ ଭୋଟ ଦେଇଥିଲେ, ନିଶ୍ଚୟ ଶିକ୍ଷିତ ସାଧାରଣ ପ୍ରାର୍ଥୀ ବିଜୟୀ ହୋଇଥାନ୍ତା । ଆଗାମୀ ଦିନରେ ପଂଚାୟତର ବିକାଶ ସମ୍ଭବ ହୋଇଥାନ୍ତା । ବିକାଶ ହେବ ନା ସର୍ବନାଶ । ତାହା ଜଳଜଳ ଦିଶୁଛି ।

ଆଳିଜଂଗା, କପାଳେଶ୍ୱର, ଠାକୁରପାଟଣା, କେନ୍ଦ୍ରାପଡ଼ା,

୯୯୩୭୨୯୭୭୫୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୀମାର ଭାଷାପ୍ରୀତି



ସୁରେଶ ଚନ୍ଦ୍ର ପାଢ଼ୀ

ସୀମା ସେତେବେଳେ ଇଂରାଜୀ ବିଦ୍ୟାଳୟରେ ପଢୁଥାଏ । ସେ ପିଲାବେଳୁ ମାତୃଭାଷାକୁ ଭଲପାଏ । ତାର ସାଙ୍ଗମାନେ ତା ସହ ହିନ୍ଦୀରେ କଥା ହୁଅନ୍ତି । ସେ ସୁଦୂର ମୁମ୍ବାଇରେ ଥାଏ । ସେ ଘରେ ବି ଓଡ଼ିଆରେ କଥା କୁହେ । ଦିନେ ସୀମାର ବାପା ସୀମାକୁ କହିଲେ ମା'ରେ ଆମେ ଓଡିଶା ବାହାରେ ରହିଲେ । ତୁ ଏବେ ହିନ୍ଦୀ ଓ ଇଂରାଜି ଭାଷାକୁ ଗୁରୁତ୍ୱ ଦେ । କିନ୍ତୁ ସୀମା ବାପାଙ୍କ କଥା ଶୁଣିଲା ନାହିଁ । ସେ ବିଦ୍ୟାଳୟରେ ସବୁ ଭାଷାକୁ ଶିଖିଲେ ମଧ୍ୟ ନିଜ ଭାଷାର ପ୍ରେମକୁ ନିଜ ଭିତରେ ରଖିଲା ।

ସେ ଘରେ ମା'ଙ୍କ ସହିତ ଲକ୍ଷ୍ମୀପୂରାଣ ଭାଗବତ ପୂରାଣ ପଢେ । ସବୁଦିନ ଓଡ଼ିଆ ବହି ପଢିବାକୁ ଭଲ ପାଏ । ଥରେ ସେ ସ୍କୁଲରେ ଓଡ଼ିଆରେ କଥା ହେବା ପରେ ଗାଳି ଓ ମାଡ଼ ଖାଇଲା କାରଣ ସେଠାରେ ହିନ୍ଦୀ ଓ ଇଂରାଜୀ ଭାଷାକୁ ଗୁରୁତ୍ୱ ଦିଆ ଯାଉ ଥିଲା ।

ସୀମା ଥରେ ଏକ କବିତା ରଚନା କଲା ଓ ସେ ଏକ ସଂଗୀତ କାର୍ଯ୍ୟ କର୍ମରେ ସେହି କବିତାକୁ ସ୍ୱରରେ ଗାନ କରିଲା । ସେଠାରେ ଥିବା ପ୍ରଧାନ ଶିକ୍ଷକ ତାକୁ ଏକ ବହିକୁ ପୁରସ୍କାରରେ ଦେଲେ ।

ଝିଅର ଓଡ଼ିଆ ଭାଷାରେ ଆଗ୍ରହ ଦେଖି ସୀମାର ପିତାମାତା ତାଙ୍କୁ ଆଣି ଗାଁରେ ଛାଡି ଦେଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ ସେଠାରେ ରହି ଓଡ଼ିଆ ସ୍କୁଲରେ ପାଠ ପଢିଲା ।

ସେ ତାର ସାଙ୍ଗସାଥି ମାନଙ୍କ ସହ କଥାହେବା ସମୟରେ ଭାଷାପ୍ରେମକୁ ସଭିଙ୍କ ଭିତରେ ଜାଗ୍ରତ କଲା ।

ସେ ଅନେକ କାବ୍ୟ କବିତା ଲେଖି ଜଣେ ସୁନାମ ଧନ୍ୟା କବୟତ୍ରି ହେଲା ।

ପ୍ରତି ଗାଁରେ ସାହିତ୍ୟ ସଭା କରି ଭାଷା ପାଇଁ ଅନେକ କାମ କରିଲା ।

ଶେଷରେ ତାର ଭାଷା ପ୍ରୀତି ପାଇଁ ଓ ତାର କାବ୍ୟ କବିତା ପାଇଁ ସବୁ ଆଡ଼େ ସୁନାମ ଅର୍ଜନ କରିଲା ।

ବୁଗୁଡ଼ା, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ କୁଆଁର ପୂନେଇ ଜହ୍ନ



ମାନସୀ ବେହୁରା

(ରାତିର ତୋଫାଜହ୍ନକୁ ଚାହିଁ ତା' ଭିତରେ ଖୋଜୁଥିଲା ତା' ମନର ମଣିଷକୁ । ଆଖିରୁ ଥପ ଥପ ବହିଯାଉଥିଲା ଶ୍ରାବଣୀଧାରା । କାନ୍ଧରେ କାହାର ସ୍ପର୍ଶ ଅନୁଭବ କରି ସେ ପଛକୁ ଚାହିଁଲା)

ଆଜି କୁମାର ପୂର୍ଣ୍ଣିମା । ସତରେ ବହୁତ ମନେ ପଡ଼ୁଛ । ଆକାଶର ଝିଲିମିଲି ତାରାମାନଙ୍କ ଭିତରେ କୁଆଁର ପୁନେଇ ଜହ୍ନଟି ସତେ କେଡ଼େ ମନଲୋଭା ଦିଶୁଛି । ଘର ଅଗଣାରେ ତୁଳସୀ ପୂଜା ସାରି ଚାନ୍ଦଭୋଗ ସମସ୍ତଙ୍କୁ ଦେଇ ମସିଣାଟିଏ ବିଛାଇ ଅଗଣାରେ ବସିଛି । ବଉଳ, ମକର, ଗୋଲାପ ତାଙ୍କ ଘରକୁ ଡାକିଥିଲେ କୁଆଁର ପୁନେଇ ଗୀତ ବୋଲିବା ପାଇଁ ।

ହେଲେ ମୁଁ ତୁମ ଉପରେ ଅଭିମାନ କରି ତାଙ୍କ ଘରକୁ ଯାଇନାହିଁ । ସେମାନେ ମତେ କହିଥିଲେ, "ଏ ବଉଳ ! ଏବର୍ଷ କୁଆଁର ପୁନେଇରେ ତୋ' ମନମଣିଷ ଆସିଲେ ତାଙ୍କୁ ଧରି ଆମ ଘରକୁ ଆସିବୁ । ହେଲେ ତୁମେ ତ ଆସିଲ ନାହିଁ । ମୁଁ ଆଉ କାହିଁକି ଯେ ତାଙ୍କ ଘରକୁ ଯିବି ?

ଆଜି ବଉଳ, ଗୋଲାପ ତାଙ୍କର ମନମଣିଷ ସହ କେତେ ଥଟ୍ଟାଗୋଳ ହେଉଛନ୍ତି । ସେମାନଙ୍କ ଖୁସିର ଲହରୀ ଆମ ଘରକୁ ଛୁଟୁଛି ।

ମୁଁ ଏକା ଏକା ମୋ' ଅଗଣାରେ ବସି କୁଆଁର ପୁନେଇ ଜହ୍ନକୁ ଏକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୟରେ ଚାହିଁ ରହିଛି ।ଏଇ ଜହ୍ନ ଭିତରେ ମୁଁ ତୁମ ଛବି ଦେଖୁଛି । ସତରେ ପୁନେଇଜହ୍ନଟି ଯେତିକି ସୁନ୍ଦର ଦିଶୁଛି ତୁମ ଛବିଟି ମଧ୍ୟ ସେତିକି ସୁନ୍ଦର ଦିଶୁଛି ।

ପୁନେଇଜହ୍ନର ପ୍ରୀତିଭରା ଜ୍ୟୋସ୍ନାଧାରାରୁ ତୁମ ମଧିର ପ୍ରେମର ସ୍ମୃତି ମହକି ଉଠୁଛି । ମୋ'ର ସର୍ବାଙ୍ଗ ପୁଲକିତ ହୋଇ ଉଠୁଛି । ସତେକି ତୁମ ଗାଁ'ର ଶୀତଳ ପବନ ବହିବହି ଆସି ମୋ' ତନୁ, ମନ, ପ୍ରାଣ ଛୁଇଁ ଛୁଇଁ ଯାଉଛି । ମୋ' ନୟନର ଶ୍ରାବଣୀ ଧାରା ତୁମ ସ୍ମୃତି ସମୁଦ୍ରରେ ବୁଡ଼ି ଏକାକାର ହୋଇଯାଇଛି ।

ଗତବର୍ଷ ଏଇ କୁଆଁରପୁନେଇରେ ତୁମକୁ ମୁଁ ଚାନ୍ଦଭୋଗ ଖୁଆଇ ନାଲି ଓଢ଼ଣୀଟି ମୁଣ୍ଡରେ ଦେଇ ତୁମ ପାଦ ଛୁଇଁ ପ୍ରଣାମ କରିଥିଲି । ତୁମେ ଧୀରେ ଧୀରେ ମୋତେ ତୁମ କୋଳକୁ ନେଇ ମୋ' ମଥାରେ ଓଢ଼ଣୀ ଘୋଡ଼ାଇ କହିଥିଲ, "ଆସନ୍ତା ଏଇ ପୁନେଇ ତିଥିରେ ତୁମକୁ ବୋହୂ କରି ମୋ' ଘରକୁ ନେଇଯିବି । ହେଲେ ତୁମେ ଆସିଲ ନାହିଁ ।

ମୁଁ କିନ୍ତୁ ଆଜି ନୂଆଁବୋହୂ ସାଜିଛି, ଷୋଳଶୃଙ୍ଗାର ବେଶରେ ସଜହୋଇ ମଥାରେ ଓଢ଼ଣୀ ଦେଇ ଏକ ଲୟରେ ଏଇ ପୁନେଇ ଜହ୍ନକୁ ଚାହିଁ ରହିଛି । ଏଇ କୁଆଁରପୁନେଇ ଜହ୍ନ ଭିତରେ କେବଳ ତୁମରି ଛବି ଜଳଜଳ ହୋଇ ମୋତେ ଦିଶୁଛି । ତୁମ ପ୍ରତି ମୋ' ଭଲପାଇବାର ନିବିଡ଼ତାକୁ ଦେଖି ତାରାମାନେ ଲାଜରେ ବଉଦ ଭିତରେ ଲୁଚି ଗଲେଣି । ଧୀରେ ଧୀରେ ପୁନେଇଜହ୍ନ ମଧ୍ୟ ପାହାନ୍ତିଆ ଆକାଶରେ ପାଦ ଥାପିଲାଣି । ତୁମ ମୁହଁ ମଧ୍ୟ ମୋତେ ଝାପ୍ସା ଦିଶିଲାଣି ଏଇ ଅଧା ଛାଇ ଅଧା ଆଲୁଅରେ ।

ମୁଁ ମଧ୍ୟ ଜହ୍ନକୁ ମୁହଁ ମୋଡ଼ି ଯାଉଛି ମୋ' ବିଛଣାକୁ । ଆରେ ଏ କ'ଣ ? ତୁମେ କେତେବେଳେ ଆସି ମୋ' ଦୁଇ କାନ୍ଧକୁ ସ୍ପର୍ଶ କରି ମୋ' ପଛରେ ଠିଆ ହୋଇଛ ମୁଁ ଜାଣି ପାରିଲିନି । ଜାଣିବି ଅବା କେମିତି ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ପରା ତୁମ ସ୍ମୃତିସମୁଦ୍ରରେ ବୁଡ଼ି ପୁନେଇଜହ୍ନକୁ ଏକ ଲୟରେ ଚାହିଁଥିଲି---

ଏତେ ଦୁଷ୍ଟ ତୁମେ । ମୋ' ଆଖିରୁ ଶ୍ରାବଣୀର ଅସରନ୍ତି ଧାରା ଗୁଡ଼ାଏ ବୁହାଇଲା ପରେ ସୁନାପିଲା ପରି ମୋ' କାନ୍ଧଧରି ପଛରେ ଠିଆ ହୋଇ ଯାଇଛ ନୁହେଁ ।

ଏଇ ଦେଖିଲ, ବଉଳ, ମିତଣୀ ମଧ୍ୟ ଏପର୍ଯ୍ୟନ୍ତ ଶୋଇନାହାନ୍ତି । ସେମାନେ ତାଙ୍କ ମନ ମଣିଷଙ୍କୁ ଧରି ଏବେବି "କୁଆଁରପୁନେଇ ଜହ୍ନଲୋ ଫୁଲ ବଉଳ ବେଣୀ" ଗୀତ ବୋଲୁଛନ୍ତି ।

ଚାଲ ଆମେବି ଆଜି ଗାଇବା--

"କୁଆଁରପୁନେଇ ଜହ୍ନଲୋ

ଫୁଲ ବଉଳ ବେଣୀ,

ହେ ଜହ୍ନ ଦେବତା ଆମ ପ୍ରେମ ସଦା

ହେଉଥାଉ ଛନ୍ନଛନ୍ନଲୋ

ଫୁଲ ବଉଳବେଣୀ ।"

(ମାନସୀମାନୀଜାହ୍ନବୀଜାନୁ)

GC CRPF, ଭୁବନେଶ୍ୱର, ନୟାପଲ୍ଲୀ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଦଶହରା ଭେଟି



ତ୍ରିନାଥ ନନ୍ଦୀ

ମହାଳୟା ପାଞ୍ଚଦିନ ପୂର୍ବରୁ ସ୍ମିତା ଓ ପ୍ରଦିପର ବାହାଘର ହୋଇଥାଏ । ଦୁହେଁ ପରସ୍ପରକୁ ଖୁବ୍ ଭଲ ପାଆନ୍ତି । ସେମାନେ ଦୁହେଁ ପ୍ରଥମଥର ପାଇଁ ମହାଳୟା ଦିନ ମନ୍ଦିର ମଣ୍ଡପରେ ମା'ଙ୍କର ଦର୍ଶନ କରି ବାହାରନ୍ତି ଏକ ସୁନ୍ଦର ରମଣୀୟ ସ୍ଥାନକୁ ବୁଲାବୁଲି ପାଇଁ । ସ୍ମିତା କବିତା ଲେଖିବାକୁ ଭଲପାଏ ହେଲେ ଏକଥା ପ୍ରଦିପକୁ ଜଣା ନଥାଏ । ସେ ବାଟରେ ଯାଉଥିବା ସମୟରେ ଏକ ଛୋଟ କବିତା ଲେଖୁଥାଏ । ହେଲେ ପ୍ରଦିପ ଜାଣିପାରୁ ନଥାଏ ।

ଦୁହିଁଙ୍କ ମନରେ ଗୋଟିଏ କଥା ସେମାନେ ପରସ୍ପରକୁ ପ୍ରଥମ ଥର ପାଇଁ କିଛି ଉପହାର ଦେବେ । ହେଲେ ସ୍ମିତା ତା ଶାଶୁଘର ବିଷୟରେ କିଛି ଜଣାନଥାଏ, କାହିଁକି ନା ସେ ନୂଆ କରି ଆସିଥାଏ । ତେଣୁ ସେ ତାର ଜୀବନର ସବୁଠାରୁ ପ୍ରିୟ କବିତାଟିଏ ପ୍ରଦିପକୁ ଭେଟି ଦେବାକୁ ମନସ୍ଥ କଲା । ହେଲେ ସେ କେବେ ଭେଟିଦେବ ସେ କଥା ଭାବୁଥାଏ । ଏହାରି ଭିତରେ ସେମାନେ ଯେଉଁ ସ୍ଥାନକୁ ବୁଲିବାପାଇଁ ଯାଇଥିଲେ ସେଠାରେ ପହଞ୍ଚି ଗଲେ । ହେଲେ ସ୍ମିତା ତାର ଭାବନାରେ ଅଟଳ । ତେଣୁ ସେ କହିଲା ତମେ ଟିକିଏ ଅପେକ୍ଷା କର ମୁଁ ଯାଉଛି । ହେଲେ ସ୍ମିତାର କବିତା ଲେଖା ଶେଷ ହେଲାନାହିଁ ତେଣୁ ସେ ତାକୁ ଅଧାରେ ରଖିଲା ଓ

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ସେମାନେ ବୁଲିବା ପାଇଁ ବାହାରିଗଲେ ।

ବୁଲାବୁଲି କରିବା ସମୟରେ ସ୍ମିତାର ମନ ବୁଲାବୁଲିରେ ନଥାଏ । ସେ କେବେ ପ୍ରଦିପକୁ ତା ମନର କବିତା ଭେଟିଦେବ ସେଇ କଥା ସେ ଭାବୁଥାଏ । ବୁଲାବୁଲି ସମୟରେ ସ୍ମିତାର ମନ ଅନ୍ୟ ଆଡେ ଥିବାର ପ୍ରଦିପ ଜାଣିପାରିଲେ । ତେଣୁ ସେ ସେଦିନ ଆଉ ବୁଲାବୁଲି ନକରି ଲଜ୍ କୁ ଫେରିଗଲେ । ସେ ଦିନ ରାତିରେ ସ୍ମିତା ଆଖିରେ ନିଦ ନଥାଏ । ରାତିସାରା ସେ କବିତାଟି ଲେଖୁଥାଏ । ଶେଷରେ ସେ ଦଶହରାରେ ସେ ପ୍ରଦିପକୁ ଭେଟି ଦେବ ବୋଲି ଭାବିଲା ।

ଲେଖା ଲେଖି ଶେଷ କର ସ୍ମିତା ଭୋର୍ ସମୟରେ ଦୁଇଘଣ୍ଟା ଶୋଇଗଲା । ସେଇ ସମୟରେ ପ୍ରଦିପଙ୍କର ନିଦ ଭାଙ୍ଗିଗଲା । ସେ ଦେଖିଲେ ବିଛଣା ଉପରେ ଡାଇରୀ ଓ କଲମଟି ପଡ଼ିଛି ତେଣୁ ସେ ତାକୁ ଖୋଲି ଦେଖିଲେ ସେ ଦେଖନ୍ତି ତ ସେଇ ଡାଇରୀରେ କେବଳ କବିତାର ବାସ୍ନା । ତେଣୁ ପ୍ରଦିପ ଜାଣି ପାରିଲେ ଯେ ସ୍ମିତାର ବଡ ଖୁସି ହେଉଛି କବିତା ରଚନା, ସେଇ ଡାଇରୀରେ ଲେଖା ଥିଲା "ଯେବେ ମୁଁ ଏହି ସବୁ କବିତାକୁ ନେଇ ପୁସ୍ତକ କରିବି ସେଇଦିନ ଯାଇ ମୋର କବିତା ଲେଖା ସଫଳ ହେବ "

ତେଣୁ ପ୍ରଦିପ ସେଇଥିରେ ଥିବା କବିତାକୁ ନେଇ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରସ୍ତୁତ କଲେ । ହେଲେ ଏକଥା ସେ ସ୍ମିତାକୁ କହିଲେ ନାହିଁ କି ସ୍ମିତା ଲେଖିଥିବା କବିତା ସେ ପ୍ରଦିପକୁ କହିଲା ନାହିଁ । ଏହାରି ଭିତରେ ପ୍ରଦିପ ତାଙ୍କ ବନ୍ଧୁଙ୍କ ସହାୟତାରେ ସେଇ ପୁସ୍ତକକୁ ପ୍ରସ୍ତୁତ କରି ଘରେ ଆଣି ରଖିଥାନ୍ତି ।

ତହିଁ ପରଦିନ ପୁଣି ସେମାନେ ବୁଲାବୁଲି ପାଇଁ ବାହାରିଲେ ହେଲେ ସେଦିନ ଥାଏ ଷଷ୍ଠୀ ପୁଜା । ସକାଳେ ସ୍ନାନ କରି ସେମାନେ ବୁଲାବୁଲି ପାଇଁ ଗଲେ ପ୍ରଥମେ ଗୋଟିଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସ୍ଥାନରେ ମା ଦୂର୍ଗାଙ୍କର ପୂଜା ମଣ୍ଡପରେ ମାଆଙ୍କୁ ଦର୍ଶନ କରି ସେମାନେ ଗଲାକାଲିର ବାକି ସ୍ଥାନ ବୁଲିବା ପାଇଁ ବାହାରିଗଲେ । ସେଠାରେ ପହଁଚି ସେମାନେ ବୁଲାବୁଲି କରି ସନ୍ଧ୍ୟାରେ ଲଜ୍ କୁ ଫେରିଗଲେ ।

ଲଜ୍ କୁ ଯିବା ରାସ୍ତାରେ ଗୋଟିଏ ମଣ୍ଡପ ପାଖରେ ଏକ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିଲା । ସେଇଠୁ ଲଜ୍ ର ଦୂରତା ଏକ କିଲୋମିଟର, ତେଣୁ ସେମାନେ ସେଠାରେ ସେଠାକାର କଳାକୁ ଉପଭୋଗ କରୁଥାନ୍ତି । ଏହାରି ଭିତରେ ଏକ ପ୍ରତିଯୋଗିତା ଆୟୋଜିତ ହେଲା । ସେଇ ପ୍ରତିଯୋଗିତାଟି ଥିଲା ଶ୍ରେଷ୍ଠ ଯୋଡ଼ି ସେଠାରେ ଦୁହେଁ ଅଂଶଗ୍ରହଣ କଲେ । ସେଠାରେ ପ୍ରତିଯୋଗୀ ମାନଙ୍କ ମଧ୍ୟରେ ଅନେକ ପ୍ରକାର ପ୍ରତିଯୋଗିତା କରିଗଲା ଏବଂ ଶେଷରେ ବିଜେତା ଘୋଷଣା କରାଗଲା ।

ସେଇ ପ୍ରତିଯୋଗିତାର ବିଜେତା ହେଲେ ସ୍ମିତା ଓ ପ୍ରଦିପ । ହେଲେ ଏତେ ବଡ଼ ପୁରସ୍କାର ଲାଭ କରି ମଧ୍ୟ ସ୍ମିତା ଓ ପ୍ରଦିପର ମନରେ ଖୁସି ନଥାଏ । କାରଣ ଦୁହେଁ ସେଇ ଗୋଟାଏ ଦିନକୁ ଅପେକ୍ଷା ବିଜୟା ଦଶମୀ । କେବେ ପାହିବ ନବମୀ ନିଶି ଓ ଉଦୟ ହେବ ଦଶମୀ ର ସୁନେଲି ଆକାଶ ।

ଦୁଇଦିନରେ ସେମାନେ ବୁଲାବୁଲି ଶେଷ କରି ସେମାନେ ଘରକୁ ଫେରିଗଲେ । ଅଷ୍ଟମୀ ଦିନ ଅପରାହ୍ନରେ ସେମାନେ ଘରେ ପହଞ୍ଚିଲେ । ଘରେ ପହଞ୍ଚି ସେମାନେ ରାତିରେ ତାଙ୍କ ଘର ପାଖରେ ଥିବା ମଣ୍ଡପ ଗୁଡିକରେ ମାଆଙ୍କର ଦର୍ଶନ କଲେ । ଯାନିଯାତରା ବସିଥାଏ ସେଇଠାରୁ ଅନେକ କିଛି କିଣାକିଣି କରି ଘରକୁ ଫେରିଲେ । ନବମୀରେ ମାଆଙ୍କର ଶେଷ ଦର୍ଶନ ପାଇଁ ପୁଣି ରାତ୍ରିରେ ଦର୍ଶନ ପାଇଁ ମଣ୍ଡପ ଗଲେ ।

ମଣ୍ଡପରୁ ଫେରି ଦୁହେଁ ଶୋଇବା ପାଇଁ ଗଲେ ହେଲେ ନିଦ ହେଉଛି । ଆଖି ଟିକିଏ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଲାଗି ଯାଉଥାଏ ପୁଣି ଖୋଲିଯାଏ । ଏହାରି ଭିତରେ ରାତି ପାହି ସକାଳ ହୋଇଗଲାଣି । ଦୁହେଁ ପରସ୍ପର ମୁହଁକୁ ଚାହିଁ ମୁରୁକି ହସିଲେ ।

ଏହାପରେ ସ୍ମିତା ଯାଇ ତାର ଉପହାରକୁ ନେଇ ପ୍ରଦିପକୁ ଦେବା ସମୟରେ ପ୍ରଦିପ ସ୍ମିତାର ଲେଖାକୁ ନେଇ ପ୍ରସ୍ତୁତ କରିଥିବା ପୁସ୍ତକକୁ ନେଇ ସ୍ମିତାକୁ ଦେଲା । ଦୁହେଁ ପରସ୍ପରକୁ ଏକା ସମୟରେ ଉପହାର ଦେଲେ । ଠିକ୍ ସେଇ ସମୟରେ ଦୁଃଖ ନିଜ ନିଜର ଉପହାରକୁ ଖୋଲିଲେ । ସ୍ମିତା ତାର ଉପହାର ଦେଖି ଆଶ୍ଚର୍ଯ୍ୟ ହୋଇଗଲା ଓ ପ୍ରଦୀପ ତାର ଉପହାରକୁ ଖୋଲି ସ୍ମିତା ଲେଖିଥିବା କବିତାଟି ପଢ଼ିଲା । ଦୁହେଁ ତାଙ୍କର ଉପହାର ପାଇ ଖୁସିହେଲେ ।।

ନାମ- ତ୍ରିନାଥ ନନ୍ଦୀ

ଦେଉଳିପଞ୍ଚୁଘଣ୍ଟା, ଜଳେଶ୍ୱର, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପା



ସ୍ନିଗଧା ଜି ମହାପାତ୍ର

ଆଜି ପ୍ରଭାତରୁ ଅବିନାଶଙ୍କ ପାଖକୁ ଫାଦର'ସ ଡେ'ର ଅନେକ ଶୁଭେଚ୍ଛା ଅଭିନନ୍ଦନ ବାର୍ତ୍ତା ଆସୁଛି । ତାଙ୍କ ସହ ସେଲଫି ଉଠାଇ ପିଲାମାନେ କେତେ ଫୋଟ  ଫେସବୁକରେ ପୋଷ୍ଟ କରିସାରିଲେଣି । ବାପାଙ୍କୁ ନେଇ କେତେ ମର୍ମସ୍ପର୍ଶୀ କବିତା, ସୁନ୍ଦର ଶବ୍ଦ ଗୁଚ୍ଛରେ ସଜ୍ଜିତ ଆଦର୍ଶ ବାପାର ଚରିତ୍ର ତାଙ୍କ ଫୋଟ ପାଖେ ହ୍ୱାଟ୍ସଅପ ଆଉ ଇନ୍‌ଷ୍ଟଗ୍ରାମରେ ପୁରି ଗଲାଣି । ତାଙ୍କ ମନ ବି ଭାରି ଖୁସି.... ବାପା ନ ହୋଇ ସେ ଏତେ ସମ୍ମାନ ସମାଜରେ ତଥା ପିଲାଙ୍କ ପାଶେ ପାଇ ପାରିଛନ୍ତି । କିନ୍ତୁ ତାଙ୍କ ବାପାଙ୍କ ଫୋଟ ପାଖରେ ଛିଡା ହୋଇ ତାଙ୍କୁ ଶୁଭେଚ୍ଛା ଜଣାଇଲା ବେଳେ ତାଙ୍କ ବାପାଙ୍କ ଅସହାୟତା ମନେ ପଡି ଆଖିରେ ଲୁହ ଜକେଇ ଆସୁଛି ।

ଆଜକୁ ପଚାଶ ବର୍ଷ ତଳର କଥା... ସେ ମଧ୍ୟ ସବୁ ପିଲାଙ୍କ ପରି ମାମା ମାମା ହୋଉଥିଲେ । ତାଙ୍କ ଦିନର ଆରମ୍ଭ ମା'ଙ୍କ ଠାରୁ ଆଉ ଶେଷ 'ମା'ଙ୍କ କୋଳରେ ହଉଥିଲା । ମା'ଙ୍କର ଟିକିଏ କଷ୍ଟ ତାଙ୍କୁ ଭୀଷଣ ଆଘାତ ଦଉଥିଲା । କିନ୍ତୁ ସେ ଯେତେ ବଡ଼ ହେବାକୁ ଲାଗିଲେ ତାଙ୍କ ବାପାଙ୍କ ପ୍ରତି ତାଙ୍କ ଅନୁରକ୍ତି, ଅନୁରାଗ ପ୍ରକାଶ ପାଇଲା । ମନେଅଛି ସେ ଥରେ ଶ୍ରେଣୀର ହସ୍ତାକ୍ଷର ଖାତାରେ ଲେଖିଥିଲେ ଜନନୀ ଧରିତ୍ରୀ ଓ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଆକାଶ ଠାରୁ ବଡ଼ କିନ୍ତୁ ଜନକ ଜନନୀ ଠାରୁ ମଧ୍ୟ ବଡ଼ । ଶିକ୍ଷକ ତାଙ୍କୁ ଯେତେବେଳେ ଏ ବାବଦରେ ପ୍ରଶ୍ନ କରିଥିଲେ ସେ ନିର୍ଭୀକ ଭାବେ କହିଥିଲେ ସାର ଏହା ମୋର ନିଜସ୍ୱ ଅନୁଭୂତି ।

ତାଙ୍କ ବାପା କେତେ ସ୍ନେହୀ, ସରଳ, ଆଦର୍ଶ ମଣିଷଟିଏ କିନ୍ତୁ ମା'ଙ୍କର ମିଛ ଅହମିକା ତଳେ ଝାଉଁଳି ପଡନ୍ତି । ମା କଥା କଥାକେ କହନ୍ତି ମୁଁ କେମିତି ଘରର ଝିଅ ତମର କଣ ଯୋଗ୍ୟତା ଥିଲା ବିବାହ କରିବାକୁ । ମୋତେ ବିବାହ କରି ତମ ଭାଗ୍ୟ ବଦଳିଯିବାରୁ ତମେ ହାକିମ ହୋଇଛ । ଅବିନାଶଙ୍କ ବାପା ବିଜ୍ଞାନରେ ଗୋଲ୍ଡ ମେଡ଼ାଲିଷ୍ଟ ହୋଇ ମଧ୍ୟ ବିରୋଧ କରନ୍ତି ନାହିଁ କାରଣ ସେ ଗରିବ ଘରର ପୁଅ । ସେ ଶୁଣିଥିଲେ ତାଙ୍କ ବାପାଙ୍କ ପାଠ ପଢ଼ାରେ ଅଜାଙ୍କ ଆର୍ଥିକ ସହାୟତା ଥିଲା । ଏଣୁ କଥା କଥାରେ ତାଙ୍କ ମା'ଙ୍କ ବାପାଙ୍କ ପ୍ରତି ଅହମିକା ଛାଟ ଅବିନାଶଙ୍କ କୋମଳ ମତି ମନରେ ଦାଗ ପକାଇ ଚାଲିଥାଏ । ବାପା ଅବିନାଶଙ୍କୁ କହନ୍ତି ମୋ ମା କହୁଥିଲା ଯୋଉ ଘରେ ମା'ଟି ବାପାଙ୍କୁ ସମ୍ମାନ ଦିଏ ସେ ଘରେ ପିଲାମାନେ ଆପଣା ଛାଏଁ ବାପାଙ୍କୁ ସମ୍ମାନ ଦିଅନ୍ତି ଅଭି ! ! ! ତୁ କିନ୍ତୁ ବ୍ୟତିକ୍ରମ... ତୋ ପିତୃଭକ୍ତିରେ ମୁଁ ଗଦଗଦ ହୋଇ ଯାଏରେ..

ଅବିନାଶ ସପ୍ତମ ଶ୍ରେଣୀରେ ପଢୁଥାନ୍ତି । ତାଙ୍କ ସାନମାମୁଁଙ୍କ ବିଭାଘର ଥାଏ । ଅବିନାଶଙ୍କୁ ପ୍ରବଳ ଜ୍ୱର ହୋଇଥାଏ । ବାପା ମାଙ୍କୁ କହିଲେ ସୁମି ପିଲାଟିକୁ ଜ୍ୱରରେ ନେଇ ଯିବାନି.. ବରଂ ସେ ସୁସ୍ଥ ହୋଇଯାଉ ରିସେପସନ ଦିନ ଆମେ ଯିବା.. ଅଭିକୁ ମଧ୍ୟ ଭଲ ଲାଗିବ । ମା ଶୁଣି ନଥିଲେ ପରାସିଟମଲ ଖାଇଲେ ଭଲ ହୋଇଯିବ ମୋ ବାପାଙ୍କ ଘରକୁ ନ ଯିବାକୁ ତମର କେବଳ ବାହାନା ଦରକାର.. ତମେ ନ ଯାଅ ମୁଁ ବାପାଙ୍କୁ କହି ସାରିଛି କାର ପଠାଇବାକୁ ସେ ଡ୍ରାଇଭର ଯୋଗାଡ଼ କରି ସାରିଲେଣି ମୁଁ ଅଭିକୁ ନେଇଯିବି ତମେ ତ ଗଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବସରେ ଯିବ ମୋତେ କମ୍ଫର୍ଟ ଲାଗେନି । ବାପା ଚୁପ ରହିଥିଲେ । କିନ୍ତୁ କାର ଆସିଲା ବେଳକୁ ଅଭିଙ୍କ ଜ୍ୱର କମି ନ ଥାଏ ସେ ବାପାଙ୍କୁ କ୍ଷୀଣ ସ୍ୱରରେ ଭିଡି ଧରି କହିଲେ ବାପା ମୁଁ ଯିବିନି ସେଦିନ ତାଙ୍କ ବାପା ମାଙ୍କୁ ବେଶ ଟାଣରେ କହିଥିଲେ ସୁମି ତମେ ଯାଅ ଅଭିକୁ ନେଇ ମୁଁ ପରେ ଯିବି । ମା ମଧ୍ୟ ଡ୍ରାଇଭର ଥିବା ଯୋଗୁଁ ଯୁକ୍ତି ନ କରି ଅଜାଙ୍କ ଘରକୁ ଅଭିକୁ ବାଏ କରି ଚାଲି ଯାଇଥିଲେ ।

ରାତିରେ ଔଷଧ ଖାଇବା ସତ୍ତ୍ୱେ ତାଙ୍କ ଜ୍ୱର କମି ନ ଥିଲା । ତାଙ୍କ ବାପା ଅନିଦ୍ରା ରହି ତାଙ୍କ କପାଳରେ ପାଣି ପଟି ଦେଇ ଥର୍ମୋମିଟର ଜ୍ୱର ମାପୁଥାନ୍ତି । ଆଖିରୁ ତାଙ୍କର ଧାର ଧାର ଲୁହ ବହି ଯାଉଥାଏ । ତାଙ୍କ ବାପା ସବୁଦିନ ଡାଏରୀ ଲେଖନ୍ତି । ଅଭିଙ୍କ ଦେହ ଖରାପ ଥିବାରୁ ବିବ୍ରତ ହୋଇ ତାଙ୍କ ତକିଆ ତଳେ ରଖି ଆଲମିରାରେ ରଖିବାକୁ ଭୁଲି ଯାଇଥିଲେ । ତା ପରଦିନ ଅଭିଙ୍କୁ ଟିକିଏ ଭଲ ଲାଗିବାରୁ ବାପା ପୂଜା କରିବା ସମୟରେ ଅଭି କୌତୁହଳ ବଶତଃ ଡାଏରୀଟିକୁ ପଢ଼ିଦେଇଥିଲେ ।

ଡାଏରୀ ଲେଖା ହୋଇଥିଲା ମା ! ତୋର ଭୁଲ ନିଷ୍ପତ୍ତି ପାଇଁ ମୁଁ ଆଜି ତିଳ ତିଳ ଜଳୁଛି । ଆମ ଗରିବ ଘରର ଶାନ୍ତି ଧନରେ କରତାଳିରେ ମିଳେନାହିଁ । ତୁ ମୋତେ ମଣିଷ କରିବାକୁ ନୁହେଁ ଧନସମ୍ପଦ ପାଇଁ ସୁରଜିତ ବାବୁଙ୍କ ଧନ ଫାଶରେ ପଡିଗଲୁ । ମୁଁ ବାପ ଛେଉଣ୍ଡ ପିଲା କଣ ବୁଝିଥିଲି । ସେ ମୋତେ ତୋ ପାଖରୁ ତାଙ୍କ ଝିଅ ପାଇଁ ଏକ ଖେଳନା କିଣିଥିଲେ । ମା ! ତୁ ତ ଜାଣୁ ମୁଁ ତୋତେ ଦିନେ ବିରୋଧ କରିନି ସୁମି ତା ବାପାଙ୍କୁ ବିରୋଧ କରିବାର ବଳ ମୋର କୋଉଠୁ ଆସିବ ? ? ? ଆଜି ଅଭିର ଦେହ ଖରାପରେ ସେ ଚାଲିଯିବାରୁ ମୁଁ ଏତିକି ଅନୁଭବ କଲି ନିଜ ସନ୍ତାନ ପାଇଁ ପ୍ରତି ଯଦି ଏଇ ମନୋଭାବ ମୋ ପ୍ରତି ତା ହୃଦୟରେ କେତେ ଦରଦ ? ? ସମାଜରେ ହାକିମର ସ୍ତ୍ରୀ ହୋଇ ସମ୍ମାନିତା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ହେବାକୁ ସେ ଚାହେଁ କିନ୍ତୁ ସ୍ତ୍ରୀ ହିସାବରେ ସମ୍ମାନ ଦିଏ ନାହିଁ ।

ଏମିତି ଆଉ ଏକ ଅତ୍ୟନ୍ତ ଦୁଃଖଦାୟକ ଘଟଣା ଯୋଉଦିନ ବାପାଙ୍କୁ ମା ଚରିତ୍ରହୀନ କହିଥିଲେ ଅଭିଙ୍କ ସମ୍ମୁଖରେ.. ସେତେବେଳେ ଅଭି ବଡ଼ ହୋଇ ଯାଇଥିଲେ । ବାପା କାହିଁକି ନାରୀ ସହକର୍ମୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବେ । ପ୍ରକୃତରେ ବାପାଙ୍କ ଗାଁ ପାଖରେ ଥିବା ଗରିବ ମେଧାବୀ ଛାତ୍ରୀ ବୋଲି ବାପା ତାଙ୍କୁ ସାହାଯ୍ୟ କରିଥିଲେ । ପରବର୍ତ୍ତୀ ସମୟରେ ସେ ସଂଯୋଗବଶତଃ ବାପାଙ୍କ କାର୍ଯ୍ୟାଳୟରେ ଚାକିରୀ କରିଥିଲେ ଓ ନିଜ ସ୍ୱାମୀଙ୍କ ସହ କୃତଜ୍ଞତା ଜଣାଇବାକୁ ଅଭିଙ୍କ ଘରକୁ ଆସିଥିଲେ । ସେ ଆଣିଥିବା ମିଠାକୁ ସେଦିନ ମା ଫୋପାଡ଼ି ଦେଇଥିଲେ । ଶାନ୍ତ ପ୍ରକୃତିର ଅଭିଙ୍କ ବାପା ସେଦିନ ବହୁତ ଉତ୍ୟକ୍ତ ହୋଇ ଯାଇଥିଲେ । ମାଆଙ୍କୁ ନନସେନ୍ସ କହି ଏକ ଜାବୁଡ଼ା ପକାଇଥିଲେ । ଅଭିକୁ ରାତିରେ ବାପା କହିଥିଲେ ତୋ ରାଣ ପକାଉଛି ମୁଁ ସେମିତି ନୁହେଁ କିନ୍ତୁ ମୁଁ ଗରୀବ ଘର ପିଲା ବୋଲି ଗରିବୀ କଣ ଜାଣିଛି ।

ମୋ ପରି କେହି ଅସହାୟ ନ ରୁହନ୍ତୁ ବୋଲି ମୁଁ ଭାବେ । ସେଇଦିନ ଠାରୁ ବାପା ମାଙ୍କ ସହ ଏକ ପ୍ରକାର କଥା ବନ୍ଦ କରିଦେଇଥିଲେ ।

ଯେଉଁଦିନ ଅଭି ଖଡଗପୁର ଇଂଜିନିୟରିଂ ପଢିବାକୁ ଗଲେ ବାପା ବହୁତ ଖୁସି ହୋଇଥିଲେ କିନ୍ତୁ ଟ୍ରେନରେ ତାଙ୍କୁ ଛାଡି ଦେଇ ଆସିଲା ବେଳକୁ ପ୍ଲାଟଫର୍ମରେ ଅଭିଙ୍କୁ ଧରି କାନ୍ଦି ପକାଇ ଥିଲେ । ଅଭି ମଧ୍ୟ କାନ୍ଦି ପକାଇଥିଲେ । ବାପାଙ୍କ ପାଖରେ ରହି ତାଙ୍କ ଏକଲା ପଣକୁ ଅଭି ବୁଝି ପାରିଥିଲେ । ମହମବତୀ ତରଳିଲା ପରି ବାପାଙ୍କ ସ୍ୱାଭିମାନ ପ୍ରତିଦିନ ମାଙ୍କ ପାଇଁ ତରଳିବାକୁ ଲାଗିଥାଏ । ମା କିନ୍ତୁ କ୍ଲବ, କିଟି ପାର୍ଟି, ସମାଜ ସେବାରେ ବ୍ୟସ୍ତ ରୁହନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଭିଙ୍କ ବିବାହ ବୟସ ହେବାରୁ ତାଙ୍କ ମାଆ ତାଙ୍କର ଅନ୍ତରଙ୍ଗ ବାନ୍ଧବୀ ଶିଳାର ଝିଅ ସହ କରିବାକୁ ଅଭିଙ୍କ ବାପା ଓ ଅଭିଙ୍କ ଉପରେ ଚାପ ପକାଉଥାନ୍ତି । ଅଭି ଯେତେବେଳେ ବିବାହ ପାଇଁ ରୋକଠୋକ ମନା କରିଦେଇଥିଲେ.. ଓ କହିଥିଲେ ଧନୀ ଘର ଝିଅ କଣ ମୁଁ କାହାକୁ ବିବାହ କରିବି ନାହିଁ । ତାଙ୍କ ମାଆ ବହୁତ କାନ୍ଦିଥିଲେ ବାପା ମଧ୍ୟ ବୁଝାଇଥିଲେ । ବାପା ଡାକରେ ଯେଉଁ ଦାମ୍ଭିକତା, ଦାୟିତ୍ୱ ରହିଛି ଆଉ କଉଥିରେ ନାହିଁ । ଅସୀମ ତ୍ୟାଗର ପ୍ରତୀକ.. ଦୁନିଆ ଝଡ଼ରେ ଚାଲିବାକୁ ବାପା ରାହା ଦେଖାଏ ବାପା ହେଲେ ତୁ ଏସବୁ ବୁଝିପାରିବୁ ବୋଲି ବାପା ବୁଝାଇ ଥିଲେ । ଅଭି ବାପାଙ୍କୁ ବାପା ନ ହୋଇ ମଧ୍ୟ ଏସବୁ କରି ପାରିବି ବୋଲି କହିଥିଲେ । ଆଜି ତାଙ୍କ ବାପାଙ୍କ ନାମରେ ଖୋଲା ହୋଇଥିବା ବାଳାଶ୍ରମର ପିଲାମାନେ ତାଙ୍କୁ ବାପା ବୋଲି ଡାକୁଛନ୍ତି । ଦୀର୍ଘ ତେଇଶି ବର୍ଷର ଏ ଅନୁଷ୍ଠାନ ବର୍ତ୍ତମାନ ପରିପକ୍ୱ । ତାଙ୍କର ସମସ୍ତ ରୋଜଗାର ସେ ଏଥିରେ ଖର୍ଚ୍ଚ କରିଦିଅନ୍ତି । ପ୍ରଥମେ ପ୍ରଥମେ ମା ବହୁତ ବିରୋଧ କରି କାନ୍ଦୁଥିଲେ... ପରେ କିନ୍ତୁ ବାପା ମା ଉଭୟ ନିଜକୁ ସାଲିସ କରି ଏ ଅନୁଷ୍ଠାନର ତଦାରଖ କରି ତାଙ୍କୁ ସହଯୋଗ କରିଛନ୍ତି । ପିଲାଙ୍କ ଗହଣରେ ଉଭୟ ହସିଛନ୍ତି ।

କିନ୍ତୁ ଅଭି ଆଜି ଯାଏ ଭୁଲି ପାରିନାହାନ୍ତି ଏକ ଅସହାୟ ପିତୃତ୍ୱର ଜ୍ୱାଳାକୁ । ଏଇ ପିଲାମାନଙ୍କର ବାପା ଡାକରେ ତାଙ୍କ ବାପାଙ୍କର ସ୍ୱାଭିମାନକୁ ସେ ରକ୍ଷା କରି ପାରିଛନ୍ତି ବୋଲି ଉପଲବ୍ଧି କରନ୍ତି ।

ବାରିପଦା, ୯୪୩୭୬୧୯୨୨୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଦୁଃଖ ନଦୀକୂଳେ କରିଛି ଘର



ଶିବରାମ ଦଳେଇ

ସିନ୍ଦୁରା ଫାଟି ସକାଳର ସୁନେଲି କିରଣ କାକର ଉପରେ ମୋତି ପରି ଚକମକ କରୁଥାଏ । ଦୁଃଖୀ ପୁଅକୁ ଧରି ଫକୀର ଅବଧାନେଙ୍କ ଘରେ ପହଂଚିଲା । ଅବଧାନେ ଟେଳାଟେ ଗୁଡ଼ାଖୁ ଧରି ଦାଣ୍ଡ ପିଣ୍ଡାରେ ଦାନ୍ତ ଘଷୁଥାନ୍ତି । ଦୁଃଖୀ ଆଣ୍ଠୁମାଡ଼ି ଅବଧାନେଙ୍କୁ ମୁଣ୍ଡିଆ ମାରିଲା, ପୁଅକୁ ମୁଣ୍ଡିଆ ମାରିବାକୁ କହିଲା ।

ଅବଧାନେ ପଚାରିଲେ ଆରେ ତୁମେ କିଏ ? ସକାଳୁ ସକାଳୁ ମୋ ପାଖକୁ କଣ ପାଇଁ ଆସିଛ ?

ଅବଧାନେ ଆଜ୍ଞା ମୋ ପୁଅ ଦୁଇ ଚାରି ଅକ୍ଷରପାଠ ପଢିବା ପାଇଁ ଜିଦ ଧରିଛି । ମୁଁ ଶୁଣିଛି ଆପଣଙ୍କ ପାଖକୁ ପଢ଼ିବା ପାଇଁ ଯିଏ ଆସିଛି, ସେ ତା ପରିବାର ଡ଼ଙ୍ଗାକୁ ଭଲରେ ଭଲରେ କୂଳରେ ଲଗେଇ ପାରିଛି । ଅବଧାନେ ଆଜ୍ଞା ତେମେ ଚାହିଁଲେ ବାପ ଛେଉଣ୍ଡ ମୋ କପିଳାଟା କୂଳରେ ଲାଗି ପାରନ୍ତା ।

ବାପ ଛେଉଣ୍ଡ ମାନେ ଆର ଗାଁ ମକରା ଗଉଡ଼ କି ?

ହଁ ଅବଧାନେ ସେ ମୋ ଗେରସ୍ତ ।

ଆରେ ସେ ତ ଆମ ଘରେ ନିଇତି କାମ କରୁଥିଲା । ଆଉ ତା ପୁଅକୁ ପାଠ ନ ପଢ଼େଇ ମୁଁ କଣ ଛାଡ଼ିଦେବି । ତାହାର ପଢ଼ିବା ପାଇଁ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଇଚ୍ଛା ଅଛି ମାନେ ତୁମେ ଦେଖିବ ତାକୁ ଆମ ଗାଁରେ ମଣିଷ ପରି ମଣିଷଟିଏ କରିବି । ଆମ ଗାଆଁରେ କଣ ଦେଖିବ ଚାରିଖଣ୍ଡି ଗାଁରେ ଲୋକେ କେମିତି ତାହାର ଯଶ ଗାଇବେ । ତାକୁ ମୁଁ ଡାକ୍ତରଟେ କରେଇବି । ଡାକ୍ତର ବିନା ମକରା ଯେମିତି ଆରପାରିକୁ ଚାଲିଗଲା, କାହା ଜୀବନରେ ଆଉ ସେମିତି ନ ଘଟୁ ମୁଁ ଚାହେଁ । ଫକୀର ଅବଧାନେ ଠୁ ଏତକ କଥା ଶୁଣିଲା ବେଳକୁ ଦୁଃଖୀ ଆଖିରୁ ସୁଖ ଆଉ ଦୁଃଖର କେଇବୁନ୍ଦା ଲୁହ ବୋହି ଆସିଲା ।

ଛପନ ବର୍ଷ ବୟସରେ କାହାକୁ ଛଅ ଅଣା ଛାଡି ନଥିବା ଅବଧାନେ ଦୁଃଖୀକୁ ବା କେମିତି ଛାଡିବ । ସେ ସଫା ସଫା କହିଦେଲା, କପିଳାକୁ ପଢେଇବାକୁ ଅନେକ ଅର୍ଥ ଖର୍ଚ୍ଚ ହେବ ହେଲେ ତୁମେ ଅର୍ଥ କେଉଁଠୁ ପାଇବ ?

ଦୁଃଖୀ ଆଖିରୁ ଲୁହ ପୋଛି କହିଲା "ଅବଧାନେ ଆଜ୍ଞା ତେମେ ତ ଜାଣ ମୁଁ ଦୁଃଖିନୀ ଟିଏ ଅନ୍ୟ ଘରେ ଦି ପାହିଟି କରି ଆମେ ଦୁଇ ପ୍ରାଣୀ ଚଳିଯାଉଛୁ । ଆଉ ଆପଣ ଟିକିଏ ମୋ କପିଳାକୁ ସହାୟ ହେଲେ ସେ ଟିକିଏ କୂଳକୁ ଲାଗିଯିବ ।" ମୋ କପିଳା ଯଦି ଡାକ୍ତର ହବ ତେବେ ସେତେବେଳେ କଣ ତୁମ ଋଣ ସୁଝି ଦେବନି । ଆଉ ଯଦି କହିବେ ମୁଁ ଆଉ ଦି ଘର ପାଇଟି କରି ଯାହା ମିଳିବ ତାକୁ ଆଣି ଦେବି ।

ଅବଧାନେ କହିଲେ ଭଲ ହୁଅନ୍ତା ଯଦି ମୋ ପ୍ରସ୍ତାବରେ ରାଜି ହୋଇଯାଆନ୍ତ ।

ଦୁଃଖୀ କହିଲା କି ପ୍ରସ୍ତାବ ଅବଧାନେ ?

ତୁମେ ଅନ୍ୟର ପାଇଟି କର କିନ୍ତୁ ଯେତେବେଳେ କପିଳାକୁ ପଢେଇବାକୁ ଆଣିବ ମୋ ଘରର କଣ ଟିକିଏ ପାଇଟି କରିଦେବ । କପିଳାର ପାଠ ପଢାକୁ ପାଠ ପଢ଼ା ହେଇଯିବ ମୋ ଘରର କାମ ବି ହେଇଯିବ ।

ଦୁଃଖି କପିଳାର ଭବିଷ୍ୟତ ପାଇଁ ଅବଧାନେଙ୍କ ପ୍ରସ୍ତାବରେ ରାଜି ହୋଇଗଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଇମାସ ହେବ କପିଳାର ପଢ଼ା ସୁରୁଖୁରୁରେ ଚାଲିଥିଲା ତା ସାଙ୍ଗକୁ ଅବଧାନେ ଘରର ପାଇଟି । କପିଳାର ପଢ଼ା ସାଙ୍ଗକୁ ଅବଧାନେଙ୍କ ଘରକାମ ବି ସୁରୁଖୁରୁରେ ହେଇଯାଉଥିଲା ।

ଦିନେ ଦୁଃଖୀ, ଅବଧାନେ ଶୋଇବା ଘର ଝାଡୁ କରୁଥିବା ସମୟରେ ହଠାତ ତା ମୁଣ୍ଡରୁ ଶାଢ଼ୀଟା ବକ୍ଷ ତଳକୁ ଖସି ପଡ଼ିଲା । ବାଇଶି ବର୍ଷିୟ ଦୁଃଖୀର ବକ୍ଷ ସତେ ଯେପରି 'ତରଙ୍ଗାୟିତ ଢେଉ କୂଳରେ ପିଟି ହେଲା ପରି ଫକୀର ଅବଧାନେଙ୍କ ହୃଦୟ କାନ୍ଥରେ ପିଟିହେଲା । ଯୌବନର କିଛିଟା ପାହାଚ ଚଢିଥିବା ଦୁଃଖୀ ଦେହର ମାନସାଙ୍କକୁ ବୁଢ଼ା ଅବଧାନେ ଏକା ନିଶ୍ୱାସରେ ପଢ଼ି ପକାଇଲା ।

ବୁଢ଼ା ଅବଧାନେ ତଟସ୍ଥ ହୋଇ ଚାହିଁ ରହିଗଲେ । ଦୀର୍ଘ ଛଅ ବର୍ଷ ଧରି ଏକଲାପଣ ଅନୁଭବ କରି ନଥିବା ଫକୀର ଅବଧାନେ ଆଜି ସ୍ତ୍ରୀର ଅନୁପସ୍ଥିତି ଅନୁଭବ କଲେ । ପ୍ରତିଦିନ ଅନ୍ୟର ହସ୍ତରେଖା ଦେଖି ଭବିଷ୍ୟତ ବତାଉଥିବା ଫକୀର ଅବଧାନେ ସେଦିନ ସାରା ରାତି ତନ ତନ କରି ନିଜ ହାତର ଭାଗ୍ୟରେଖାକୁ ପରଖୁଥିଲା । ତଥାପି ସେ ସେହି ମୁହୂର୍ତ୍ତଟିକୁ ଭୁଲି ପାରୁନଥିଲା । ଆଖିକୁ ଟିକିଏ ଛାଇନିଦ ଆସିଛି କି ନାହିଁ ଚଢେଇମାନଙ୍କ କିଚିରିମିଚରି ଶବ୍ଦରେ ଫକୀର ବୁଢ଼ାର ନିଦ ଭାଙ୍ଗିଗଲା । କଛି ସମୟ ଯାଇଛି କି ନାହିଁ ଦୁଃଖୀ ପୁଅକୁ ପଢ଼ା ଘରେ ଛାଡି ତା କାମରେ ଲାଗିଗଲା । ଫକୀର ଅବଧାନେ କପିଳାକୁ ପାଠ ଦେଇ ଅନ୍ୟ ରୁମକୁ ଚାଲିଗଲା ଯେଉଁ କୋଠରୀ ଦୁଃଖୀ ସଫା କରୁଥିଲା । ହଠାତ ଭିତର ପଟୁ କବାଟ ବନ୍ଦ କରି ବୁଢ଼ା ଦୁଃଖୀକୁ ଖଟ ଉପରକୁ ଭିଡ଼ିନେଲା । ଦୁଃଖୀ ଚିତ୍କାର କରି ବଳପୂର୍ବକ ଖସିଯିବାକୁ ଚେଷ୍ଟାକଲା ବେଳକୁ ଫକୀର ଅବଧାନେ ଦୁଃଖୀ ମୁହଁକୁ ଚାପିଧରି ତା କାନରେ କହିବାକୁ ଲାଗିଲା ତୋ କପିଳାର ଭବିଷ୍ୟତ ଚାଁହୁଛୁ ପରା, ତୁ କଣ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାହୁଁନୁ ତୋ କପିଳା ଡାକ୍ତର ହେଉ । ଅବଧାନେଙ୍କ ଏତକ କଥା କେଳା ସାପକୁ କରାୟତ କଲାପରି ଦୁଃଖୀର ଶରୀରକୁ ଆସ୍ତେ ଆସ୍ତେ ନିଷ୍କ୍ରିୟ କରିଦେଲା । ସ୍ୱାମୀ ଚାଲିଯିବା ଦୁଃଖର ଲୁହ ଦୁଃଖୀ ଆଖିରୁ ନ ଶୁଖୁଣୁ ଦୁଃଖୀ ପାଇଁ ଆଉ ଏକ ଦୁଃଖର ବନ୍ୟା ମାଡ଼ିଆସିଲା ।

ଲେଖନପୁର, ସାଲେପୁର

ଦୂରାଭାଷ :-୯୪୩୯୯୩୭୦୭୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୋଉ ମୋର ଅନ୍ଧ



ଝରଣା ବାରିକ

ରାତି ପାହିଲେ ବୋଉ ଡାକରେ ନିଦ ଭାଙ୍ଗିଯାଏ । ଭୋକ ହେବା ଆଗରୁ ବୋଉ ହାତରନ୍ଧା ଖାଇବା ପହଞ୍ଚିଯାଏ । ଦାନ୍ତ ଘଷି ସାରିବା ପରେ ଟିଫିନ୍ ହେଉ କି ଗାଧେଇ ସାରିଲେ ପଖାଳ ଆଳୁ ଚକଟା ହେଉ । ସବୁବେଳେ ବୋଉ ଜଗି ରହିଥାଏ । ଜେଜେଙ୍କର ଚା କପ୍ ଠୁ ଆରମ୍ଭ କରି ଜେଜେ ମା'ର ପାନ ଭଙ୍ଗା ପର୍ଯ୍ୟନ୍ତ । ବାପା ତ ବୋଉ ନଥିଲେ ବୋଧହୁଏ କିଛି କରି ପାରନ୍ତେନି । ଏମିତି କି ଗାମୁଛାଟିଏ ବି ମିଳେନି ତାଙ୍କର ବୋଉ ନ ଦେବା ପର୍ଯ୍ୟନ୍ତ । ଧିରେ ଧିରେ ବଡ଼ ହେବା ପରେ ମୁଁ ଭାବେ ଏକା ବେଳକେ ଏତେ କାମ ପୁଣି ସମସ୍ତଙ୍କର, କେମିତି କରି ପାରୁଛି ବୋଉ ।

ବାଡି ପଟେ ଶାଗ କିଆରିଟିଏ କରିଛି । କାକୁଡି, ଜହ୍ନି, ପୋଇ, ଏମିତି କେତେ କଣ ଲଗେଇ ଦେଇଛି ବୋଉ । ଲଙ୍କା ଗଛ ତ କେବେ ବାଡିରୁ ସରେ ନାହିଁ କି ମରେ ନାହିଁ । ଫୁଲ ଗଛ ବି କମ୍ ନାହିଁ ଟଗର, ମନ୍ଦାର, ସୁଗନ୍ଧ ରାଜ, ମଲ୍ଲୀ ବାର ଜାତି ଫୁଲ ଲଗେଇ ଦେଇଛି ବାଡ଼ିରେ । ଘର କାମ ସବୁ ସରିଲା ପରେ ବୋଉ ଆସି ଟିକେ ବାଡ଼ିରେ ବୁଲେ, କୋଉ ଫୁଲ ଗଛ ଶୁଖି ଯାଇଛି କିଏ ଝାଉଁଳି ପଡ଼ିଛି କାହା ମୂଳରେ ଘାସ ଉଠିଛି ତାହା ନିରେଖି ଦେଖି ସଫା କରିଦିଏ । ମୁଁ ବି ସ୍କୁଲରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫେରିଲେ ବୋଉ ସାଙ୍ଗରେ ବାଡିରେ ବୁଲେ । ବାଡିରେ ଆମର ଗୋଟିଏ ବଡ଼ ବାଉଁଶ ବୁଦା ଥାଏ ଟିକିଏ ସଞ୍ଜ ବୁଡ଼ିଗଲେ ଭୁତମାନେ ସବୁ ଆସିକି ବସି ଯାଆନ୍ତି । କେତେବେଳେ ଜୋରରେ ପବନ ହେଇ ନଇଁ ଯାଏ ତ କେତେବେଳେ କଡ କଡ କରୁଥାଏ । ସେଥିପାଇଁ ମୁଁ ବେଶୀ ବାଡି ଆଡ଼କୁ ଯାଏନି । ଭାରି ଡର ମାଡେ ।

ସଞ୍ଜ ବୁଡ଼ିଗଲେ ସଞ୍ଜ ସଳିତା ଦେଇ ପୁଣି ନିଜ କାମରେ ଲାଗିପଡେ । ବୋଉ ମୋର ବେଶୀ ପାଠ ପଢିନି । ନିଜେ କିଛି ପଢିପାରେନି ବୋଲି ଆମକୁ ତାଗିଦ୍ କରି ନାଲି ଆଖି ଦେଖେଇ ପାଠ ପଢିବା ପାଇଁ ଜୋର କରେ । ଆମକୁ ବୁଝେଇ କୁହେ ମୁଁ ସିନା ଅନ୍ଧୁଣି ହେଲେ ତମ ମାନଂକର ଆଖି ଅଛି ତୁମରି ଆଖିରେ ମୁଁ ବି ଦୁନିଆଁ ଦେଖିବି । ଆମେ ବୁଝି ପାରୁନି ବୋଉ ଆମକୁ ଅନ୍ଧୁଣୀ ବୋଲି କାହିଁକି କୁହେ । ସିଏ ତ ସବୁ କରିପାରେ ତା ବିନା ଏ ଘର ଅନ୍ଧାର ହେଲେ ବୋଉ କହେ ମୁଁ ଅନ୍ଧୁଣୀ ।

ଏ କଥା ବୋଉକୁ ମୁଁ ପଚାରିଲି ବୋଉ ହସିଲା ଆଉ କହିଲା ରହ କହିବି ତତେ ଶୋଇଲା ବେଳେ ଗପଟିଏ କହିବି ତୁ ଠିକ୍ ବୁଝିଯିବୁ । ମନଟା ଭାରି ବ୍ୟସ୍ତ ଲାଗୁଥାଏ କେତେବେଳେ ବୋଉର କାମ ସରିବ ଆଉ ବୋଉ ଶୋଇବାକୁ ଆସିବ । ଜେଜେ, ଜେଜେମା, ବାପା ଆଉ ଆମେ ଭାଇ ଭଉଣୀ ସମସ୍ତେ ଖାଇ ସାରିଲେ ବୋଉ ଖାଏ । ରୋଷେଇ ଘର ପରିଷ୍କାର କରି ଧୁଆ ଧୋଇ ହୋଇ ବୋଉ ଶୋଇବାକୁ ଆସେ ।

ବୋଉ ମୋ ମୁଣ୍ଡ ଆଉଁସି ଦେଲେ ମୁଁ ଶୋଇପଡେ । ସେଦିନ କିନ୍ତୁ ନିଦ ହେଉ ନଥାଏ । ବୋଉ ଗପ କହିବାକୁ କହିଛି ଶୁଣିବି ତାପରେ ଯାଇ ଶୋଇବି । ବୋଉ କାମ ସାରି ମୋ ପାଖରେ ଆସି ଶୋଇଲା । ମୁଁ କହିଲି ବୋଉ ତୁ କହିଥିଲୁ ଗପ କହିବୁ କହୁନୁ । ବୋଉ ଆରମ୍ଭ କଲା :::::

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଟିଏ ଦେଶରେ ଗୋଟିଏ ରାଜା ଥିଲେ । ସେ ରାଜା ତାଙ୍କ ମହାମନ୍ତ୍ରୀଙ୍କୁ ଆଦେଶ ଦେଇ କହିଲେ, "ମହାମନ୍ତ୍ରୀ ମୋ ଦେଶରେ ଯେତେ ଅନ୍ଧ ଅଛନ୍ତି କାଲି ସମସ୍ତଙ୍କୁ ଆଣି ମୋ ରାଜ ଦରବାରରେ ହାଜର କରାଇବ ।"

ମହାମନ୍ତ୍ରୀ ଯଥା ଆଜ୍ଞା କହି ଦଣ୍ଡବତ ହେଲେ ।

ତହିଁ ଆରଦିନ ସକାଳୁ ରାଜା ଆସି ଦରବାରରେ ପହଞ୍ଚିଲେ । ମହାମନ୍ତ୍ରୀଙ୍କୁ ଡକାଗଲା । କାଲି ଦେଇଥିବା କାର୍ଯ୍ୟକୁ ସଠିକ୍ ଭାବରେ ତୁଲେଇଛନ୍ତି କି ନାହିଁ ପଚରାଗଲା । ଆଜ୍ଞା ହଜୁର କହି ମହାମନ୍ତ୍ରୀ ନତ ମସ୍ତକ ହୋଇ ଠିଆ ହୋଇ ରହିଲେ ।

ରାଜା ଆଦେଶ ଦେଲେ ସେମାନଙ୍କୁ ଆଣି ରାଜ ଦରବାରରେ ହାଜର କରାଯାଉ । ସଙ୍ଗେ ସଙ୍ଗେ ମହାମନ୍ତ୍ରୀ ସମସ୍ତଙ୍କୁ ରାଜାଙ୍କ ସମ୍ମୁଖରେ ଆଣି ଛିଡ଼ା କରିଦେଲେ । ସମସ୍ତଙ୍କୁ ଦେଖି ରାଜା ଆଶ୍ଚର୍ଯ୍ୟ ହୋଇଗଲେ ଓ ମହାମନ୍ତ୍ରୀଙ୍କ ଉପରେ ଗର୍ଜି ଉଠିଲେ ଏ କଣ ମହାମନ୍ତ୍ରୀ ମୁଁ ତୁମକୁ କ'ଣ କହିଥିଲି ତମେ କଣ କରିଛ ।

ରାଜାଙ୍କ ଆଦେଶର ଅବମାନନା କରିଥିବାରୁ ମହାମନ୍ତ୍ରୀଙ୍କୁ ଶୁଳି ଦଣ୍ଡ ଦେବା ପାଇଁ ଆଦେଶ ଦିଆଗଲା । ମହାମନ୍ତ୍ରୀ ଯାହା କହିବାକୁ ଚାହୁଁଥିଲେ ତାହା ମଧ୍ୟ କହି ପାରିଲେ ନାହିଁ । ମଥାପାତି ରାଜାଙ୍କ ଆଦେଶକୁ ପାଳନ କଲେ । ଶେଷରେ ଶୁଳି ଉପରକୁ ନିଆଗଲା । ମହାମନ୍ତ୍ରୀଙ୍କୁ ତାଙ୍କର ଶେଷ ଇଛା କ'ଣ ବୋଲି ପଚରାଗଲା । ମହାମନ୍ତ୍ରୀ ଏତିକି କହିଲେ ମୋର ଶେଷ ଇଛା ଯେଉଁ ଲୋକମାନଙ୍କୁ ଆଖି ଥାଉ ଥାଉ ମୁଁ ଅନ୍ଧ ବୋଲି ଆଣି ରାଜ ଦରବାରରେ ଠିଆ କରିଛି ସେଇମାନଙ୍କ ମୁହଁରୁ ଭାଗବତ ଗୀତାର ଗୋଟିଏ ଗୋଟିଏ ପଦ ଶୁଣିବାକୁ ଚାହେଁ । ସେଇଥିରେ ମୋ ଆତ୍ମା ଶାନ୍ତି ପାଇବ ମୁଁ ଶାନ୍ତିରେ ମରି ପାରିବି ।

ମହାମନ୍ତ୍ରୀଙ୍କ କହିବାନୁଯାୟୀ ସମସ୍ତଙ୍କୁ ଭାଗବତ ବହି ଖଣ୍ଡେ ଖଣ୍ଡେ ଦିଆଗଲା ଓ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗୋଟିଏ ଗୋଟିଏ ପଦ ପାଠ କରିବା ପାଇଁ କୁହାଗଲା । ସମସ୍ତେ ବହିକୁ ଅନେଇ ରହିଲେ କିନ୍ତୁ କାହାରି ପାଟିରୁ ଗୋଟିଏ ବି ଶବ୍ଦ ଶୁଭିଲା ନାହିଁ । ଶୁଳି ଦେବାର ସମୟ ଗଡ଼ି ଯାଉ ଥିବାରୁ ରାଜା ପାଟି କରି ଉଠିଲେ । କଣ ହେଉଛି ଏସବୁ ଯଥା ଶୀଘ୍ର ଭାଗବତ ପାଠ କରାଯାଉ ଓ ଶୁଳି କାର୍ଯ୍ୟ ସମାପନ କରାଯାଉ ।

ରାଜାଙ୍କ ତାଗିଦ୍ ର କୌଣସି ପ୍ରକାରର ଫରକ ପଡ଼ିଲା ନାହିଁ ।

ଏଥର ମହାମନ୍ତ୍ରୀ ଆଉ ଚୁପ୍ ରହିଲେ ନାହିଁ । କହିଲେ ମହାରାଜ ଏମାନଙ୍କର ଆଖି ଅଛି ସତ କିନ୍ତୁ ଏମାନେ ଜଣେ ଜଣେ ଅନ୍ଧ । କାରଣ ମୁର୍ଖଠାରୁ ବଳି ଅନ୍ଧ ଏ ସଂସାରରେ ବିରଳ । ଆପଣ କହିବା ଅନୁସାରେ ମୁଁ ଆଖିଥିବା ଲୋକ କେମିତି ଅନ୍ଧ ହୋଇପାରେ ଜଣାଇବା ପାଇଁ ଏ ରାଜଦରବାରରେ ଏମାନଙ୍କୁ ଆଣି ଛିଡ଼ା କରାଇଛି । ରାଜା ନିଜର ଭୁଲ୍ ବୁଝିପାରିଲେ । ମହାମନ୍ତ୍ରୀଙ୍କୁ ଶୁଳି ଦଣ୍ଡରୁ ମୁକ୍ତ କରାଗଲା ।

ଶେଷରେ ବୋଉ ଏତିକି କହିଲା ମୁଁ ସିନା ସବୁ କରିପାରେ ହେଲେ ମୁଁ ଗୋଟିଏ ଅନ୍ଧ ସହିତ ସମାନ । ବୋଉ ଆଖିରୁ ଲୁହ ଦି ଟୋପା ଝରି ଆସି ମୋ ଗାଲରେ ପଡ଼ିଲା । ଭାରି ଉଷୁମ ଥିଲା ଲୁହ ଦି ଟୋପା ।

ସମଲ, ତାଳଚେର, ଅନୁଗୋଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱାସଘାତକ ମାଙ୍କଡ଼



ଅମରନାଥ୍ ବାରିକ

ନିରୋଳା ଘଞ୍ଚ ଜଙ୍ଗଲ, ଝରଣାର କୁଳୁକୁଳୁ ଶବ୍ଦ ଏବଂ ପକ୍ଷୀ ମାନଙ୍କର କିଚିରି ମିଚିରି ସ୍ୱରରେ ଗୁଞ୍ଜରୀତ ହୋଇ ଉଠେ ଏହି ଅରଣ୍ୟ । ନାନା ପ୍ରକାର ରଙ୍ଗୀନ ଫୁଲରେ ଶୋଭିତ ସୁମଧୁର ଫଳରେ ମଣ୍ଡିତ ହୋଇଥାଏ ଏହି ସବୁଜିମା ଭରା ବନ । କେଉଁଠି କେଉଁଠି ରହିଛି ପାହାଡ଼ ପର୍ବତ ତ କେଉଁଠି ରହିଛି ଛୋଟବଡ଼ ଗୁମ୍ଫା । ତା' ମଧ୍ୟରେ ବାସ କରନ୍ତି ଅନେକ ଜାତି ପ୍ରଜାତିର ଜୀବଜନ୍ତୁ । ଠିକ୍ ଏହି ଜଙ୍ଗଲ ତା'ର ମଝିରେ ଅଙ୍କାବଙ୍କା ହୋଇ ଏକ ରାସ୍ତା ଲମ୍ବି ଯାଇଛି ଅନେକ ଦୂରକୁ ।

ଏକ ଗଛ ଡାଳରେ ବସି ମାଙ୍କଡ଼ଟିଏ ଚିନ୍ତାମଗ୍ନ ହୋଇ ଚାହିଁ ରହିଥାଏ ସେହି ରାସ୍ତା ଆଡ଼କୁ । ଠିକ୍ ସେହି ସମୟରେ ସେଇ ବାଟ ଦେଇ ତା'ର ପରିଚିତ ଗଧଟି ଆସିଲା ଯାହା ଉପରେ ନଜର ଥିଲା ଏହି ମାଙ୍କଡ଼ର ! ମାଙ୍କଡ଼ ଖୁବ ଉଚ୍ଚ ସ୍ୱରରେ ଡାକିଲା ସେହି ହୃଷ୍ଟପୃଷ୍ଟ ବଳିଷ୍ଠ ଚେହେରା ଥିବା ଗଧକୁ ।

ହୋ... ଗଧ ଭାଇନା ! ! ଏତେ ସକାଳୁ ସକାଳୁ ଉଠି କୁଆଡ଼େ ଯାଉଛ ? କ'ଣ କେଉଁଠି ନିମନ୍ତ୍ରଣ ଅଛି ନା କ'ଣ ? ମୁଁ ତ ସମସ୍ତଙ୍କ ମୁହଁରୁ ତୁମର ପ୍ରଶଂସା ଶୁଣୁଛି ! ସତରେ ତୁମେ ଜଣେ ନିରୀହ ଏବଂ ପରିଶ୍ରମୀ ପଶୁ । କାହିଁକି ନା ମଣିଷ ତୁମ ପିଠିରେ ଯେତେ ବି ଭାରି ଜିନିଷ ରଖିଦିଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ତାହା ପ୍ରାଣପଣେ ବୋହି ନେଇଯାଅ । କାହାରିକୁ କିଛି କୁହ ନାହିଁ । ବିନା ପ୍ରତିବାଦରେ ସବୁ କାମ କରିଥାଅ । ହେଲେ ମୁଁ ଆଜି ଗୋଟେ କାମ କହିବି ଦୟାକରି ମୋ କାମଟି କରିଦେବ ତ ?

ଏଥର ଗଧ ଭାଇନା ହସି ହସି କହିଲା । ହଁ ଭାଇ ମୁଁ ନିଶ୍ଚୟ କରିବି ହେଲେ କାମଟି କ'ଣ କୁହ ତ ? ମାଙ୍କଡ କହିଲା "ମୁଁ ଅନେକ ଦିନ ହେଲାଣି ମୋ ମାମୁଁ ଘରକୁ ଯାଇନାହିଁ । ମୋ ବାଘ ମାମୁଁ ଆଉ ବାଘୁଣୀ ମାଇଁ ଖବର ଦେଇଛନ୍ତି ମୁଁ ଯିବି । ତୁମେ ଟିକେ ତୁମ ପିଠିରେ ମୋତେ ବସେଇ ନେଇ ସେଠାରେ ଛାଡ଼ି ଦିଅ ।"

ହେଲେ ମାଙ୍କଡ଼ର ଚତୁରତାକୁ ଗଧ ଆଗରୁ ଜାଣିଥିଲା ବୋଲି ମାଙ୍କଡ଼କୁ ଜଣା ନଥାଏ । ପୂର୍ବ ଦିନ ମାଙ୍କଡ଼ ସେହି ଜଙ୍ଗଲରେ ଥିବା ଗୁମ୍ଫା ଆଡ଼କୁ ବୁଲିବାକୁ ଯାଇଥିଲା । ବୁଲୁ ବୁଲୁ ସେଠାରେ ବାଘ ଓ ବାଘୁଣୀଙ୍କ ହାବୁଡରେ ପଡିଥିଲା । ମାଙ୍କଡ଼ର ନରମ ଶରୀରକୁ ଦେଖି ବାଘୁଣୀ ଖାଇବ ବୋଲି କହିବାରୁ ବାଘ ମାଙ୍କଡ଼କୁ ଅଟକାଇଥିଲା । କିନ୍ତୁ ମାଙ୍କଡ଼ ତ ଅତି ଚତୁର ! ସେ ବାଘକୁ କହିଲା "ବାଘ ମାମୁଁ, ମୋତେ ଖାଇଲେ କିଛି ଲାଭ ହେବ ନାହିଁ । କାହିଁକି ନା ମୋ ଶରୀର ଏତେ ଛୋଟ ତୁମ ପେଟ ଭରିବ ନାହିଁ । ମୋତେ ଗୋଟେ ସୁଯୋଗ ଦିଅ, ମୁଁ ଯାଉଛି ମୋର ଜଣେ ଚିହ୍ନା ଗଧ ଅଛି ତା'ର ବିଶାଳ ଆକାର ଶରୀର । ତାକୁ ଖାଇଲେ ତୁମ ଦୁହିଁଙ୍କର ପେଟ ଭରିଯିବ ଏବଂ ସ୍ୱାଦିଷ୍ଟ ଲାଗିବ ।

ଏହି କଥାଟିକୁ ଦୂରରୁ ଛକି ବସି ଶୁଣୁଥିଲା ବିଲୁଆ । ସେ ଯାଇ ତା'ର ମଇତ୍ର ଗଧକୁ କହିଥିଲା । ଏବେ ଗଧ ମାଙ୍କଡ଼କୁ କହିଲା, "ହୋ.. ମାଙ୍କଡ଼ ନନା ମୁଁ ତ ଦେଖୁଛି ତୁମେ ବଡ଼ ବିଶ୍ୱାସଘାତକ ! ମୁଁ ଜଣେ ଗଧ ହୋଇଥାଇ ପାରେ, ହେଲେ ମୋର ବି ତ ଅଳ୍ପ ବହୁତ ଜ୍ଞାନ ଅଛି । ବାଘମାମୁଁ ଗୁମ୍ଫାକୁ ଯାଇ କେହି ଫେରିଲାଣି ? ତୁମେ ଚତୁର କୁମ୍ଭୀରକୁ ସିନା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଠକିଦେଇ ମଝି ନଈରୁ ପଳେଇ ଆସିଥିଲ । ଗଛ କୋରଡରେ କଲିଜା ରଖିଛ ବୋଲି କହି । ସେମିତି ମୋତେ ଠକିଦେଇ ବାଘ ଓ ବାଘୁଣୀ ମୁହଁରେ ଦେବାକୁ ବସିଛ । ତୁମେ ବିଶ୍ୱାସ ଘାତକ କାହାଣୀ ମୋର ବିଲୁଆ ମଇତ୍ର ଠାରୁ ମୁଁ ଶୁଣି ସାରିଛି ।" ଏଥର ମାଙ୍କଡ଼ ନିରୁପାୟ । ବାଘ ବାଘୁଣୀଙ୍କୁ ଯେତେ ବାଟ ଭାଙ୍ଗି ଯିବାକୁ ଚେଷ୍ଟା କଲା ଦିନେ ଧରା ପଡିଗଲା । ଉଚିତ ଶିକ୍ଷା ପାଇଲା, ବାଘୁଣୀ ତାକୁ ଖାଇଲା ।

କର୍ଯ୍ଯାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର

ଓଡ଼ିଶା, ପିନ୍ ନଂ - ୭୫୫୦୧୧

ଦୂରଭାଷ - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପଛବେଞ୍ଚ୍‌ର ସେ ପିଲାଟି



ସୁଶାନ୍ତ ପୁରୋହିତ
ପାର୍ଥ

ନେଟରୁ ଏକ ଇଂରେଜୀ ଅଲେଖ୍ୟ ଆଧାରରେ

ଭାବାନୁବାଦ ଓ ଉପସ୍ଥାପନା : ପାର୍ଥ

ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୀମା କନକଭରମ୍ କୋରୋନାରେ ପୀଡିତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥାନ୍ତି । ଆଇସୋଲେସନ ୱାର୍ଡର ଏକ ଛୋଟିଆ କେବିନର ବେଡରେ ଶୋଇ ବହି ଖଣ୍ଡିଏ ଧରି ଛାତକୁ ଅନାଉଥାନ୍ତି । ସାରା ଜୀବନ ହଜାର ହଜାର ଛାତ୍ରଛାତ୍ରୀଙ୍କ ମେଳରେ ରହି ଆସିଥିବା ଓ ଅବସର ପରେ ବି ଏକ ବଡ ପରିବାରରେ ପୁଅ ବୋହୂ ନାତିନତୁଣୀଙ୍କ ମେଳରେ ରହୁଥିବା ସୀମାଙ୍କୁ ଏକୁଟିଆ ସମୟ ତକ ବଡ ଅସହ୍ୟ ଲାଗୁଥାଏ । ହଁ, ଡିଉଟିରେ ଥିବା ନର୍ସମାନେ ଓ ଡାକ୍ତର ନିୟମିତ ଆସନ୍ତି, କିଛି କଥାବାର୍ତ୍ତା ନିଶ୍ଚୟ ହୁଅନ୍ତି, ତେବେ ବାକି ସମୟ ତ ନିର୍ଜନତାରେ । ବାହାରେ ହୁଏତ ଅନ୍ଧାର ମାଡି ଆସିଲାଣି, ତେବେ କୋଠରି ଭିତରେ ତ କିଛି ଜାଣି ହଉନି । ଏହି ସମୟରେ ଏକ ଅଜଣା ନମ୍ବର ଥାଇ କଲଟିଏ ଆସିଲା । ଏଭଳି ଅଜଣା ନମ୍ବର କଲ ସୀମା ଉଠାନ୍ତି ନାହିଁ । କିଏ ହୋଇଥିବ କେଜାଣି, ହୁଏତ ବିଜ୍ଞାପନ କଲ ବି ହୋଇ ଥାଇପାରେ । ତେବେ କିଛି ଆଉ କରିବାର ନ ଥିବାରୁ ସେ କଲ୍ ଟି ଗ୍ରହଣ କରି ସୁଇଚ ଚିପିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ହାଲୋ, ଶୁଭସନ୍ଧ୍ୟା ମାଡାମ, ମୁଁ ଦୁବାଇରୁ ସୋଜୀ ଗୋପାଳକୃଷ୍ଣ କହୁଛି । ମୁଁ ମାଡାମ ସୀମା କନକଭରମ୍‌ଙ୍କ ସହିତ କଥା ହଉଛି ତ ?" ସେପଟୁ ଏକ ଦୃଢ ପୁରୁଷ ସ୍ୱର ଆସିଲା । ଜାଣିବାକୁ ଆଗ୍ରହୀ ହୋଇ ସୀମା କହିଲେ । "ହଁ, ଆପଣ ସୀମା ସହିତ କଥା ହଉଛନ୍ତି ।" କିଛି ମୁହୂର୍ତ୍ତ ନୀରବତା ପରେ ସେପଟୁ ଆସିଲା, "ମାଡାମ, ମୁଁ କିଛିବର୍ଷ ଆଗରୁ ଯେତେବେଳେ ଦଶମ ଶ୍ରେଣୀରେ ପଢୁଥିଲି, ଆପଣ ମୋର ଶ୍ରେଣୀ ଅଧ୍ୟାପିକା ଥିଲେ ।"

ସ୍ୱରଟି ଆଦୌ ମନେ ପକେଇ ପାରିଲେନି ସୀମା । ହଜାର ହଜାର ଛାତ୍ରଛାତ୍ରୀଙ୍କୁ ସେ ପଢେଇଛନ୍ତି ତାଙ୍କର ଦୀର୍ଘ ୩୮ ବର୍ଷର ଚାକିରି ଜୀବନରେ । କେତେକଙ୍କ ଛଡା ତ କାହାରି ଖବର ନେଇ ହୋଇନି । କହିଲେ, "ମୁଁ ଏବେ କୋରୋନାରେ ପୀଡିତ ହୋଇ ହସ୍ପିଟାଲରେ ଅଛି । କିଛି ଜରୁରୀ କାମ ଥିଲା କି ? ପରେ କଥା ହେଲେ ଚଳିବ ?"

"ମାଡ଼ାମ, ସେକଥା ମୁଁ ଜାଣେ । ୧୯୯୫ ବେଚ୍‌ର ଶ୍ରେଣୀର ଟପ୍ପର ସୁଢ୍ଢୁଠାରୁ ସେଇ ଖବରପାଇ ଆପଣଙ୍କ ନମ୍ବର ନେଇ ମୁଁ ଫୋନ କରୁଛି । ସୁଢ୍ଢୁକୁ ତ ଆପଣ ମନେ ପକେଇ ପାରୁଥିବେ ନା ?" ସୌଜୀ କହିଲା ସେପଟୁ ।

ଆଗ୍ରହୀ ସ୍ୱରରେ ସୀମା କହିଲେ, "ହଁ, ହଁ, ମୁଁ ସୁଢ୍ଢୁକୁ ମନେ ପକେଇ ପାରୁଛି । ଖୁବ ଭଲ କରୁଥିଲା ସେ । ୧୯୯୫ ମସିହାରେ ସେ ଖାଲି ସ୍କୁଲରେ ନୁହଁ, ବୋର୍ଡ ପରୀକ୍ଷାରେ ମଧ୍ୟ ଟପ୍ପର ହୋଇ ସ୍କୁଲର ସୁନାମ ରଖିଥିଲା । କିନ୍ତୁ ସୌଜି, ତୁମକୁ ତ ମନେ ପକେଇ ପାରୁନାହିଁ, ଟିକେ କୁହ ତୁମ ବିଷୟରେ ।"

"ମାଡାମ, ଆପଣ ୧୯୯୫ ମସିହାର ଦଶମ ଶ୍ରେଣୀର କ୍ଲାସ ଶିକ୍ଷକ ଥିଲେ । ସେହି ଶ୍ରେଣୀରେ ମାଡାମ ଜଣେ କଳା, ଲମ୍ବ ପିଲାଟିଏ ଥିଲା । ଖୁବ ଚଗଲିଆ । କେବେ ଠିକ ସମୟରେ ଆସୁ ନଥିଲା । ସବା ପଛ ବେଞ୍ଚରେ ବସୁଥିଲା । ହୋମୱାର୍କ କେବେ କରିକି ଆସୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନଥିଲା । ଆପଣ ତାକୁ ପ୍ରାୟ ପ୍ରତିଦିନ ଦଣ୍ଡ ଦଉଥିଲେ, କେବେ ସେଇ ପଛ ବେଞ୍ଚରେ ପୁରା ପିରିଅଡ ଠିଆ ହେବାକୁ ତ କେବେ ଶ୍ରେଣୀ ବାହାର କରିଡରରେ । ମୁଁ ସେହି ସୌଜି ଗୋପାଳକୃଷ୍ଣ ମାଡାମ । ଖାଲି ଆପଣ ନୁହନ୍ତି, ସବୁ ସାର ଓ ମାଡାମଙ୍କ ଠାରୁ ମୁଁ ଦଣ୍ଡ ପାଇବା ସୁନିଶ୍ଚିତ ଥିଲା । ଭାରି ଚଗଲାମି କରୁଥିଲି । ସ୍କୁଲର ସବୁ ଚଗଲା ପିଲାଙ୍କ ନେତା ଥିଲି ମୁଁ । କିନ୍ତୁ ସବୁ ପିଲା ମତେ ଭଲ ପାଉଥିଲେ କାହିଁକି କେଜାଣି । ସବୁ ସାର ଓ ମାଡାମ ମୋତେ ବହୁତ ରାଗୁଥିଲେ କେବଳ ଆପଣଙ୍କୁ ଛାଡି ମାଡାମ । ଆପଣ ମତେ ସୁଧାରିବା ପାଇଁ ବହୁତ ବହୁତ ପ୍ରୟାସ କରୁଥିଲେ । ହେଲେ ମୋ ଦ୍ୱାରା ପାଠପଢା ହେଇ ପାରିବାର ନ ଥିଲା । ଆପଣ ମତେ ଯେଉଁ ଦଣ୍ଡ ଦଉଥିଲେ, ସେଇ ସମୟରେ ଯେଉଁ ଉପଦେଶ ଦଉଥିଲେ ତାହା ହିଁ ମୋ ବିଚାରଧାରାକୁ ପ୍ରଭାବିତ କରୁଥିଲା । ମୁଁ ଆଜି ଯାହା ବି ହୋଇଛି କେବଳ ଆପଣଙ୍କ ପାଇଁ ହୋଇ ପାରିଛି ଯଦିଓ ଆପଣ ଜାଣି ନାହାନ୍ତି ।”

ସୀମା ଟିକିଏ ଚୁପ ରହିଯାଇଥାନ୍ତି । ଧୀରେ ଧୀରେ ତାଙ୍କ ସ୍ମୃତି ପଟଳରୁ ପରଦା ହଟି ହଟି ଯାଉଥାଏ, ଦୀର୍ଘ ୨୫ ବର୍ଷ ଆଗର ଘଟଣା ଗୁଡିକ ସଫା ସଫା ଦିଶି ଆସୁଥାଏ ତାଙ୍କ ମାନସ ଦର୍ପଣରେ, ଯେମିତି ଆଦ୍ୟ ଶୀତ ସକାଳର କୁହୁଡି ଧୀରେ ଧୀରେ ଅପସରି ଗଲେ ସବୁ ସଫା ଦିଶେ । ଆଃ, କି ଭାବମୟ ସମୟ ଥିଲା ତାହା । ହଁ, ଏଇ ସୌଜି, ସବୁଠାରୁ ଦୁଷ୍ଟ ପିଲା, ସବୁ ବିଷୟରେ ଫେଲ ହଉ ହଉ ରହି ଯାଉଥିଲା ଠିକ ପାସ ମାର୍କ ଉପରେ ରଖି । ଆଉ ସୁଦ୍ଧୁ ? ସେଇ ଶାନ୍ତ, କୋମଳ ଭଲ ପିଲାଟିଏ ସେଇ ବେଚର, ସବୁବେଳେ ପ୍ରଥମ ଧାଡିରେ ବସେ, ସବୁ ବିଷୟରେ ପ୍ରଥମ ଛଡା ଦ୍ୱିତୀୟ ହୋଇଥିବା ସେ କେବେ ଜାଣି ନାହାନ୍ତି । ଗଣିତରେ ତ ସେ ୧୦୦ ରୁ ୧୦୦ ପ୍ରତି ପରୀକ୍ଷାରେ ! ! ! ! ସେଇ ସୁଦ୍ଧୁ ପାଇଁ ସ୍କୁଲ ଗର୍ବିତ । ବୋର୍ଡ ଟପ୍ପର ବି ହୋଇଥିଲା । ଶୁଣା ଯାଉଥିଲା ସେ କେଉଁ ବଡ କମ୍ପାନୀରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାର୍ଟାର୍ଡ ଏକାଉଣ୍ଟଣ୍ଟ ହୋଇ ବଡ ପଦବୀରେ ଅଛି । ସେଇ ସୁଦ୍ଧୁ ତ ଏହି ସୌଜିର ସାଙ୍ଗ ବି ଥିଲା । ତାକୁ ପଢେଇ ଦଉଥିଲା କିଛି ଯାହା ଫଳରେ ସୌଜି ପାସ କରିଯାଉଥିଲା । ତେବେ ସ୍କୁଲ ଛାଡିଗଲା ପରଠୁ ଆଉ ଏଇ ସୌଜି ବିଷୟରେ ତ ଶୁଣି ନଥିଲେ ସୀମା । ଆଜି ହଠାତ୍ କିପରି ଫୋନ କଲା ? ? ?

"ମାଡାମ, ଅଛନ୍ତି ନା ? ଶୋଇ ପଡିଲେ କି ?" ସେ କିଛି ମୁହୂର୍ତ୍ତ ଭାବନାରେ ବୁଡି ଚୁପ ହୋଇ ଯାଇଥିବା ବେଳେ ସୌଜିର ଆବାଜରେ ଚମକି ଉଠିଲେ । "ହଁ, ହଁ ସୌଜି କୁହ । ଶୁଣୁଛି ।" କହିଲେ ସୀମା ।

"ମାଡାମ, ମୁଁ ଆଉ ବେଶୀ ନ ପଢି ଚାଲିଆସିଲି ମୋ କକେଇଙ୍କ ପାଖକୁ ଏଇ ଦୁବାଇକୁ । ଏଇଠି ଗୋଟିଏ କମ୍ପାନୀରେ କାମ ପାଇଲି, ସାଧାରଣ ଶ୍ରମିକ ଭାବେ । ଆପଣ ହିଁ କହିଥିଲେ ନା ମ୍ୟାଡାମ, "ସୌଜି ତୁମେ ବେଞ୍ଚ ଉପରୁ ଥାଇ ଚାରିଆଡେ ଲକ୍ଷ୍ୟ କର, ଦେଖିବ ସବୁଆଡେ ସୁଯୋଗ ହିଁ ସୁଯୋଗ ରହିଛି । ତୁମକୁ ସେଇ ଭିତରୁ ଭୁଲ ଠିକ ବାଛି ନେଇ ଆଗେଇବାକୁ ହେବ ।" ବାହାରେ ଛିଡା ହେଲେ କହୁଥିଲେ, "ସୌଜି ପ୍ରକୃତିକୁ ଦେଖ, ସବୁ ବିଦ୍ୟା କ୍ଲାସ ଭିତରେ ନାହିଁ, ପ୍ରକୃତିରୁ ବି ବହୁତ ଶିଖିପାରିବ ଯଦି ଠିକ ଠଉରାଇ ପାରିବ ।" ବେସ୍, ସେଇ କଥା ହିଁ ମୋ ମନ ଭିତରେ ଥିଲା ମାଡାମ, ଆଉ ତା ପରେ ତାହା ହିଁ ମତେ ରାସ୍ତା ଦେଖେଇଲା । ମୁଁ କାମ କଲାବେଳେ ସବୁଆଡେ ଦେଖି ଦେଖି ଶିଖିଲି । ଉପରକୁ ଉପର ଉଠିବା ମୋ ପାଇଁ ସହଜ ହୋଇଗଲା ମାଡ଼ାମ । ଧୀରେ ଧୀରେ ମୁଁ ମୋର କାମ ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରି କମ୍ପାନୀରେ ହିଁ ବହୁତ ଉପରକୁ ଉଠିଲି । ପରେ ନିଜେ ଗୋଟିଏ କମ୍ପାନୀ ଖୋଲିନେଲି, 'ସୌଜି ଗୋପାଳକୃଷ୍ଣ ଲଜିଷ୍ଟିକ କମ୍ପାନୀ' । ଆଜି ଏହି କମ୍ପାନୀରେ ମୋ ଅଧୀନରେ ଦୁଇ ହଜାର କର୍ମଚାରୀ ଅଛନ୍ତି ମାଡ଼ାମ । ତେବେ ଆଜି ହିଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଦ୍ଧୁ ମତେ କହିଲା ଆପଣଙ୍କ ବିଷୟ଼ । ଆମେ କଥା ହୋଇ ଆମ ବେଚର ଯେତେ ଯାହାଙ୍କ ନମ୍ବର ପାଇଲୁ ସମସ୍ତଙ୍କ ସହ ଯୋଗାଯୋଗ କଲୁ । ମୋଟ ସାତ ଜଣ । ଆପଣ ସମସ୍ତଙ୍କୁ ପଢେଇଛନ୍ତି । ସେ ଭିତରୁ ତିନି ଜଣ ଇଞ୍ଜିନିଅର ହୋଇ ତିନିଟି ଦେଶରେ ଅଛନ୍ତି ବଡ ବଡ କମ୍ପାନୀରେ । ତିନିଜଣ ଡାକ୍ତର ଅଛନ୍ତି ଦିଲ୍ଲୀରେ, ଆଉ ଜଣେ ଆସାମରେ ଧର୍ମଯାଜକ ଅଛି । ଆମେ ଠିକ୍ କରୁଥିଲୁ ସମସ୍ତେ ମୁମ୍ବାଇ ପହଞ୍ଚି ଗାଡିଟିଏ ନେଇ ଆପଣଙ୍କ ହସ୍ପିଟାଲରେ ପହଞ୍ଚି ସରପ୍ରାଇଜ୍ ଦେବୁ ବୋଲି । କିନ୍ତୁ ମାଡାମ କରୋନା କଟକଣା ଯୋଗୁଁ ତାହା ଏବେ ସମ୍ଭବ ହେଲାନାହିଁ । ତେଣୁ ଆମେ ଏହି କଂଫେରେନ୍ସ କଲ୍ ଲଗେଇ ଆପଣଙ୍କୁ ଯୋଗାଯୋଗ କଲୁ । ଏବେ ଆମେ ଆଠ ଜଣ ଯାକ ଏହି କଥା ଶୁଣୁଛୁ ମାଡ଼ାମ, ସୁଦ୍ଧୁ ବି ।”

ଏତେ କଥା ଶୁଣି ଯାଉଥାନ୍ତି ସୀମା ସ୍ତବ୍ଧ ହୋଇ । ବହିଟି ତାଙ୍କ ହାତରୁ କେତେବେଳେ ଖସି ଯାଇଥାଏ ତାଙ୍କୁ ଜଣା ବି ନଥାଏ । ସ୍ତବ୍ଧ, ବିଲକୁଲ୍ ସ୍ତବ୍ଧ ସୀମା କନକଭରମ୍ ! ! ! ! ମନ ଭିତରେ ବିଜୁଳି ଚମକ୍ ପରି ପଛ ଦିନର ସ୍ମୃତି ଦଉଡୁଥାଏ । ଆରେ ! ! ! ଏବେ ପୁରା ମାନେ ପଡିଗଲା ସେଇ କଳା ଡେଙ୍ଗା ପିଲାଟି, ସୌଜୀ, ହସ ହସ ମୁହଁ, ତେବେ ଚଗଲାମି ଭରା, ପିଲାଟି କୁ ତ ସେ ସିଲାବସର ପାଠ ପଢେଇ ପାରିଲେନି । ସିଲାବସ ବାହାର ପାଠ ସେ ଶିଖିନେଲା, ଏତେ ସୁନ୍ଦର ଭାବେ, ଏତେ ସଫଳ ଭାବରେ ! ! ! ତାଙ୍କ ୩୮ ବର୍ଷ ଶିକ୍ଷକତା ଭିତରେ ତ ସେ ପଛ ବେଞ୍ଚର କେହି ଜଣକୁ ବି ଜାଣି ନାହାନ୍ତି ଏତେ ସଫଳତା ପାଇଥିବାର । ହଁ କିଛି ପରେ ସଫଳ ବ୍ୟବସାୟୀ, ସଫଳ ରାଜନୈତିକ ବ୍ୟକ୍ତି ହୋଇଥିବା ସେ ଜାଣନ୍ତି । କିନ୍ତୁ ସୌଜି ? ? ମେଟ୍ରିକ ପାସ ପିଲା, ଦୁବାଇ ଯାଇ ସେଇଠି ଏକ ବହୁରାଷ୍ଟ୍ରୀୟ କମ୍ପାନୀଟେ ଛିଡା କରିଦେଲା ? ? ?

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପୁଣି କିଛି ସମୟ ବିତି ଯାଇଥିଲା ନୀରବତାରେ । ଏଥର କିନ୍ତୁ ସୁଦ୍ଭୁ, ୧୯୯୫ର ଟପ୍ପର, କହିଲା ଫୋନରେ "ମାଡାମ, ହାଲିଆ ହୋଇଗଲେ କି ? ମୁଁ ସୁଦ୍ଭୁ କହୁଛି । ଆପଣ ତ ମୋତେ ମନେ ପକାଉଥିବେ ?"

"ହଁ, ହଁ ସୁଦ୍ଭୁ, ତୁମ ସମସ୍ତଙ୍କ କଥା କୁହ, କିଏ କଣ କରୁଛ ?"

ଜଣେ ଜଣେ କରି ସମସ୍ତେ ତାଙ୍କ କଥା କହିଲେ । ମାଡାମ ଶୀଘ୍ର ସୁସ୍ଥ ହୁଅନ୍ତୁ ବୋଲି କାମନା ଜଣେଇଲେ ଆଉ ଶେଷକୁ କହିଲା ସୁଦ୍ଭୁ...... ପୁଣି ଚମକେଇ ଦେବା ପରି କଥାଟିଏ ସୀମା ମାଡାମଙ୍କୁ ।

"ମାଡ଼ାମ, ମୁଁ ତ ଚାର୍ଟାର୍ଡ ଏକାଉଣ୍ଟାଣ୍ଟ ହୋଇ ଆମେରିକାର ଏକ କମ୍ପାନୀରେ ଅର୍ଥ ଅଧିକାରୀ କାମ ପାଇଲି । ଏଇ କିଛି ବର୍ଷ ଆଗରୁ ମତେ ସୌଜି ଆସିକି ନେଇଗଲା ତା କମ୍ପାନୀକୁ ମୁଖ୍ୟ ଅର୍ଥ ଅଧିକାରୀ ଭାବରେ । ମୁଁ ଏବେ ସୌଜିର କମ୍ପାନୀରେ ଦୁବାଇରେ କାମ କରେ । ମୁଁ ଖୁବ ଖୁସି ଅଛି ମାଡ଼ାମ ସୌଜି ଅଧୀନରେ କାମ କରିକି ।"

"ଚମତ୍କାର ! ! ! ! ସୀମା ହତବାକ୍ ହୋଇ ଭାବୁଥାନ୍ତି । ଶ୍ରେଣୀରେ ଯିଏ ଗଣିତରେ ୧୦୦ ରୁ ୧୦୦ ରଖୁଥିଲା, ଯେଉଁ ପଛ ବେଞ୍ଚପିଲା ସୌଜିକୁ ପାସ କରିବାକୁ ଶିଖେଇ ଦଉଥିଲା, ସେ ଏବେ ସେଇ ପଛ ବେଞ୍ଚ ପିଲାର ତିଆରି  କମ୍ପାନୀରେ ତା ଅଧୀନରେ କାମ କରୁଛି  ! ! !"

ଖୁସି, ଭାବମୟତାରେ ସୀମାଙ୍କ ଆଖିରୁ ଗଡୁଥିଲା ଧାରେ ଲୁହ.... ଭୁଲିଯାଇଥିଲେ ସେ ଅଛନ୍ତି କରୋନା ୱାର୍ଡରେ..... ହୁଏତ ଖୁସିରେ ତାଙ୍କ ଦେହ ପୁରା ଠିକ ହୋଇ ଯାଇଥିଲା ......  ।

ଦୁଇଦିନ ପରେ ଯେବେ ତାଙ୍କୁ ଡାକ୍ତର ତାଙ୍କୁ ଛାଡିବାକୁ ଅନୁମତି ଦେଲେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାଉଣ୍ଟରକୁ ନିଜ ପୁଅ ସହିତ ଦେବାକୁ ଗଲା ବେଳେ ଡାକ୍ତର ନିଜେ ତାଙ୍କୁ ଫୁଲ ତୋଡାଟିଏ ଦେଇ ଶୁଭେଚ୍ଛା ଜଣେଇ କହିଲେ ତାଙ୍କର ପୁରା ବିଲ ଦୁବାଇର ଏକ ବଡ କମ୍ପାନୀ ତରଫରୁ ଅନଲାଇନରେ ଦିଆ ସରିଛି ଓ ସେଇ କମ୍ପାନୀ ତରଫରୁ ଗାଡିଟିଏ ଆସି ତାଙ୍କୁ ଘରକୁ ନେବାକୁ ଅପେକ୍ଷା କରିଛି ।.....

ଆମ ଅନନ୍ୟ ସଂସ୍କୃତିରେ ଶିକ୍ଷକର ବ୍ୟାଖ୍ୟା ଅଛି ବିଭିନ୍ନ ଶ୍ରେଣୀର ଶିକ୍ଷକଙ୍କ । ଏ ଭିତରୁ "ଗୁରୁ" ହେଉଛନ୍ତି ଶ୍ରେଷ୍ଠ ଓ ଗୁରୁ ଜଣେ ଏପରି ଶିକ୍ଷକ ଯିଏ ପାଠ ପଢେଇବା ସହିତ ସଫଳ ଜୀବନ ବଞ୍ଚିବାର ମାର୍ଗ ହିଁ ଦେଖେଇ ଦେଇଥାଏ ଛାତ୍ରଙ୍କୁ । ଆମ ସମାଜରେ ଏହି ଭଳି "ଗୁରୁ" ନିଶ୍ଚୟ ଅଛନ୍ତି, ସୀମାଙ୍କ ପରି, ଆଉ ସେହିଭଳି ଗୁରୁଙ୍କୁ ଏହି ଆଲେଖ୍ୟ ସମର୍ପିତ ।


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାନସ ପୁତ୍ର



ଅଲକାନନ୍ଦା ପଟ୍ଟନାୟକ



ବିକାଶ ଯୋଶୀ

ଲେଖିଛନ୍ତି: ବିକାଶ ପ୍ରକାଶ ଯୋଶୀ ।

ଅନୁବାଦିତ: ଆଲାକାନନ୍ଦ ପଟ୍ଟନାୟକ ଏବଂ ଅଶ୍ୱର୍ଯ୍ୟା ପଟ୍ଟନାୟକ ।

ଶିକ୍ଷକ ଯେତେବେଳେ ଶ୍ରେଣୀରୁ ଦୀର୍ଘ ସମୟ ପାଇଁ ବାହାରକୁ ଚାଲି ଯା'ନ୍ତି, ପିଲାମାନେ ସେତେବେଳେ ମନକୁ ମନ ଗୁଣୁ ଗୁଣୁ ହୋଇ ଗୀତ ବୋଲନ୍ତି ଓ କେହି କେହି ଥଟ୍ଟା ମଜା ଆରମ୍ଭ କରନ୍ତି । ଏହା ହେଉଛି ନିଉଟନ୍‌ଙ୍କ ପଞ୍ଚମ ନିୟମ ଯାହା କି ପ୍ରାଥମିକ ବିଦ୍ୟାଳୟ ମଧ୍ୟରେ ପ୍ରସିଦ୍ଧ ।

କୋରେଗାଁଓ ପାର୍କର ଡାଇମଣ୍ଡ ଆନ୍ତର୍ଜାତୀୟ ବିଦ୍ୟାଳୟରେ, ପଞ୍ଚମ ଶ୍ରେଣୀର ଛାତ୍ରମାନଙ୍କ ମଧ୍ୟରେ ଭି ଏଭଳି ଘଟଣା ଘଟିଆସୁଛି।

ରୋଶନ୍ ପରାଞ୍ଜପେ, ହାତରେ ଗୋଟେ ଲୁହାର ଲମ୍ବା ସ୍କେଲ ଧରି ଶ୍ରେଣୀ ଗୃହ ସାମନାରେ ଠିଆ ହୋଇଥିଲା । ଯେମିତି କୌଣସି ଗାୟକ ମାଇକ୍ ଧରି ସଂଗୀତ ପରିବେଷଣ କରନ୍ତି । ଶ୍ରେଣୀର ଅନ୍ୟ ପିଲାମାନେ ତା ସାଙ୍ଗରେ ମିଶି "ଲକଡୀ କି କାଠି" ଗୀତଟି ଗାଇବା ଆରମ୍ଭ କରି ଦେଇଥିଲେ । ବାନ୍ଧବୀ ପଲ୍ଲବୀ ମଧ୍ୟ ସଂଗୀତ ଗାଇବାରେ ସହଯୋଗ କରିଥିଲେ । "ପରିବେଶ ବିଜ୍ଞାନ" କ୍ଲାସର ଅବକାଶ ସମୟ ଥିଲା । ଯେତେବେଳେ ଗୀତଟିରେ ଘୋଡା ଦୌଡିବାକୁ ଆରମ୍ଭ କଲା, ପରିବେଶ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଜ୍ଞାନ ଶିକ୍ଷୟିତ୍ରୀ ମିସେସ୍ ଅରୋରା ଶ୍ରେଣୀ ଗୃହରେ ପ୍ରବେଶ କଲେ ।

"ନିଜ ନିଜ ସ୍ଥାନ ଗ୍ରହଣ କର ରୋଶନ୍ ଓ ପଲ୍ଲବୀ । ବର୍ତ୍ତମାନ ପାଠ ପଢା ଆରମ୍ଭ କରିବା ।"

ଯେତେବେଳେ କ୍ଲାସ୍ ସମାପ୍ତ ହେଲା, ଛାତ୍ରମାନେ ଶ୍ରେଣୀଗୃହରୁ ବିଶୃଙ୍ଖଳା ଭାବରେ ବିଦାୟ ନେଲେ ।

"ରୋଶନ୍ !"

ମ୍ୟାଡମ୍ ଙ୍କ ସମ୍ବୋଧନରେ ପ୍ରକୃତିସ୍ଥ ହେଲା ରୋଶନ୍ ।

"ଆଜ୍ଞା !"

"ତୁମେ କୋଉଠି ରହୁଛ ?"

"କୋରେଗାଁଓ ପାର୍କରେ ମ୍ୟାଡମ୍ ।"

"ଆରେ ବାଃ ! ତୁମେ ଗୀତ ଗାଇବାକୁ ଭଲପାଅ ?"

ଚେନାଏ ହସ ଖେଳିଗଲା ରୋଶନ୍ ମୁହଁରେ । ଆଖି ଦୁଇଟି ମୁକ୍ତାଭଳି ଟିକ୍ ଟିକ୍ ଦିଶିଲା ।

"ମୁଁ ... ମୁଁ ... ହଁ ମ୍ୟାଡମ୍ ! ମୁଁ ଗୀତ ଗାଇବାକୁ ବହୁତ ଭଲ ପାଏ ।"

"ତୁମେ ଜାଣିଛ, ତୁମ ସ୍ୱର ଏତେ ସୁନ୍ଦର, ମୁମ୍ବାଇରେ ସ୍ୱୟଂ ଗୁଲ୍‌ଜାର ତାଙ୍କ ସ୍ୱରଚିତ ଏଇ ଗୀତ ତୁମଠୁ ଶୁଣିଲେ ବହୁତ ଖୁସି ହେବେ ।"

"ଆଛା ... ପ୍ରକୃତ ରେ ମ୍ୟାଡମ୍ ?"

ଆଶ୍ଚର୍ଯ୍ୟ ଓ ଖୁସିରେ ତାର ଆଖି ଦୁଇଟି ବଡ ବଡ ହୋଇଗଲା । ଏତେ ବଡ ପ୍ରଶଂସା ଜୀବନରେ ପ୍ରଥମ ଥର ପାଇଁ ଶୁଣୁଥିଲା ସେ । ଆନନ୍ଦରେ ମୁହଁ ନାଲି ହୋଇଗଲା ତାର ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମ୍ୟାଡମ୍ ଙ୍କ ପ୍ରଶଂସାରେ ଆଉ କଣ ବା ପ୍ରତିକ୍ରିୟା ହୋଇଥାନ୍ତା, ଜାଣି ପାରୁନଥିଲା ସେ ।

"ଧନ୍ୟବାଦ ମ୍ୟାଡମ୍ ।"

"ଆଉ ଗୋଟେ କଥା ପଚାରିବି ରୋଶନ୍ ? ସମସ୍ତେ କାହିଁକି ତୁମକୁ ସିନାମନ୍ (ଡାଲଚିନି) ଡାକୁଛନ୍ତି ?"

"ଓଃ ! ମୋ ବାପା ଓ ମା ଡାଲଚିନିକୁ ପ୍ରତି ରୋଷେଇରେ ବ୍ୟବହାର କରନ୍ତି, ମାନେ ଚା', କେକ୍, ପେଷ୍ଟ୍ରି, ରୋଲ... ସବୁଥିରେ । ମୁଁ ଏହାକୁ ଠିକ ଭାବରେ ଉଚ୍ଚାରଣ କରିପାରେନି... ସିନାମମ କିମ୍ବା ସିନାନମ କହିଦିଏ । କିନ୍ତୁ ଏବେ ମତେ ଏଇ ନାଁ ଆଉ ଭଲ ଲାଗୁନି ।" ତା' ମୁହଁରେ ବିଷାଦର ଛାୟାଟିଏ ଢାଙ୍କି ଦେଲା ।

"ଆଚ୍ଛା... ବାପା ଓ ମା କଣ ଗୀତ ପସନ୍ଦ କରନ୍ତି ?"

"ନା ମ୍ୟାଡମ୍ ! ମାନେ ପସନ୍ଦ କରନ୍ତି କିନ୍ତୁ ବେଶୀ ନୁହଁ ହେ ।" ହାତରେ ଇସାରା କଲା ରୋଶନ୍ ।

ରୋଶନ୍ ର ଚପଳ କଥାରେ ସ୍ମିତ ହସିଲେ ମିସେସ୍ ଅରୋରା ।

କହିଚାଲିଥାଏ ରୋଶନ୍ - "ଗୀତ ଗାଇବାକୁ ମୁଁ ବହୁତ ଭଲ ପାଏ । ବୋଧେ, ଯେଉଁ ମା ମତେ ଜନ୍ମ ଦେଇଛନ୍ତି ତାଙ୍କର ଗୀତ ଗାଇବା ପସନ୍ଦ ଥିବ ।"

"ଜନ୍ମ ଦେବା ମା ?" ପ୍ରଶ୍ନବାଚୀ ଦୃଷ୍ଟିରେ ଚାହିଁଲେ ମିସେସ ଅରୋରା ।

"ଆଜ୍ଞା । ମୋ ବାପା ମା ମତେ ପୁଅ କରି ଆଣିଛନ୍ତି ।" ଆଖି ତଳକୁ କଲା ରୋଶନ୍ ।

ମିସେସ ଅରୋରା ନିଜ କାନରେ ପିନ୍ଧିଥିବା ରିଙ୍ଗକୁ ହାତରେ ଏପଟ ସେପଟ କରୁଥିଲେ । ବୋଧହୁଏ ଏହାର କଣ ଉତ୍ତର ଦେବେ ଜାଣି ପାରୁନଥିଲେ । କିଛି ସମୟ ପରେ, ସ୍ମିତ ହସି କହିଲେ, "ଆଚ୍ଛା ଠିକ ଅଛି । ଗୀତ ଗାଇବା କେବେ ଛାଡିବ ନାହିଁ । ହଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଅ ।"

ବାପା ଆଉ ମା କେବେ ରୋଶନକୁ କୌଣସି କଥା ଲୁଚାଉନଥିଲେ । କେମିତି ସେ ତାକୁ ପୁଅ କରି ଘରକୁ ଆଣିଛନ୍ତି ସେ କଥା ବି । ରୋଶନ ବି ଏହି କଥାକୁ ନିଜ ଜୀବନର ଗୋଟେ ଅଂଶ ଭାବେ ଗ୍ରହଣ କରି ନେଇଥିଲା । ତାର କହରା ଆଖି ଓ ଲମ୍ବା ଲମ୍ବା ଗୋଡ଼ ବି ବାଦ ପଡିନଥିଲା ।

ଯେତେବେଳେ ତାକୁ ୨ ବର୍ଷ ହୋଇଥିଲା, ମା ତାକୁ ପାଖରେ ବସେଇ ଗୋଟେ ଗପ କହିଥିଲେ । ବୋଧେ କୋଉ ବଙ୍ଗାଳି ବହିର ହୋଇଥିବ । ବାପାଙ୍କ ସାଙ୍ଗରେ ଖଟ ଉପରେ ବସି ମାଙ୍କ କଥାକୁ ଅପଲକ ନୟନରେ ଉପଭୋଗ କରୁଥାଏ ସେ ।

"ପୁରୁଣା କାଳର କଥା । ଦିଲ୍ଲୀ ପାଖରେ ମଥୁରା ନଗରରେ ବାସୁଦେବ ଓ ଦେବକୀଙ୍କର ଅଷ୍ଟମ ଗର୍ଭରୁ ଯେଉଁ ସନ୍ତାନ ଜନ୍ମ ନେଇଥିଲେ ସେ ଥିଲେ - କୃଷ୍ଣ । ମଧ୍ୟ ରାତ୍ରି ସମୟ । ସେହି ସମୟରେ ତାଙ୍କର ଜନ୍ମ ହୋଇଥିଲା । ଭୀଷଣ ବର୍ଷା ହେଉଥିଲା । ବାସୁଦେବ ଗୋଟିଏ ବାଉଁଶ ଟୋକେଇରେ ଶିଶୁ କୃଷ୍ଣକୁ ନେଇ ନନ୍ଦଙ୍କ ଘରେ ଛାଡିଦେଲେ । ନନ୍ଦ ଜଣେ ଗୋ'ପାଳକ । କୃଷ୍ଣଙ୍କ ଜୀବନ ରକ୍ଷା ପାଇଁ ଏହା କରିବା ଅନିବାର୍ଯ୍ୟ ଥିଲା । ଭଗବାନ କୃଷ୍ଣ ସେଠାରେ ନିଜ ପାଳିତ ପିତା ମାତାଙ୍କ ପାଖରେ ଚନ୍ଦ୍ରକଳା ପରି ବଢିଲେ ।"

ବାପା ବି ତାପରେ ଗୋଟେ ମରାଠୀ ଗପ କହିଲେ, "ସେ ବି ପୁରୁଣା କାଳର କଥା । ଜଣେ ସାରଥୀ ନଦୀରୁ ଟୋକେଇରେ ଭାସୁଥିବା ଶିଶୁଟିଏ ପାଇଲେ । ସାରଥିଙ୍କ ନା ଅଧିରଥ । ସେ ଓ ତାଙ୍କ ପତ୍ନୀ ନିଃସନ୍ତାନ ଥିଲେ । ସେମାନେ ଜାଣିବାକୁ ପାଇଲେ ଶିଶୁଟି ରାଜକୁମାରୀ କୁନ୍ତୀ ଓ ସୂର୍ଯ୍ୟଦେବଙ୍କର ସନ୍ତାନ । ସେମାନେ ଶିଶୁଟିର ନା ଦେଲେ କର୍ଣ୍ଣ ଯେକି ଆଗକୁ ଯାଇ ଜଣେ ବିଖ୍ୟାତ ଯୋଦ୍ଧା ଭାବେ ପରିଚିତ ହେଲେ ।"

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ତେଣୁ ସିନାମନ୍ ଜାଣିରଖ, ଏହିପରି କେତେ ଜଣ ଶିଶୁ ଏମିତି ବିଭିନ୍ନ ଉପାୟରେ ସଂସାରକୁ ଆସିଥାନ୍ତି, ଯେଉଁମାନେ "ବିଶେଷ ସନ୍ତାନ" ଭାବେ ପରିଗଣିତ ହୋଇଥାନ୍ତି ।" ମା ତାଙ୍କ କଥା ଶେଷ କଲେ ।

ବାପା କହୁଥିଲେ ଯେତେବେଳେ ତାକୁ ଆଣିବା ପାଇଁ ସେ ଏଜେନ୍ସିକୁ ଯାଇଥିଲେ, ସେତେବେଳେ ସେମାନେ କହିଲେ, “ଏହି ଶିଶୁଟି ଅନ୍ୟ ଶିଶୁମାନଙ୍କଠୁ ଅଲଗା ଦେଖାଯାଉଛି ସିନା, କିନ୍ତୁ ଏହାର କିଛି ଅସୁବିଧା ନାହିଁ ।” ବୋଧେ ତାର କହରା ଆଖି, ଲମ୍ବା ଚେହେରା ଦେଖି କଣ ଭାବୁଥିବେ ବାପା ବୋଲି ।

ଯେତେବେଳେ ତାକୁ ୪ ବର୍ଷ ହେଲା ବାପା ମା ତାକୁ ପୁନେର କୁଶଲକର ରୋଡରେ ଥିବା ଡାକ୍ତରଖାନାକୁ ନେଇଯାଇଥିଲେ, ଆଉ ସେଇଠିକୁ ବି, ଯୋଉଠୁ ପୁଅ କରି ଘରକୁ ନେଇ ଆସିଥିଲେ ।

ବାପା କହନ୍ତି, ଯୋଉଦିନ ସିନାମନ୍ କୁ ଘରକୁ ଆଣିଲେ ସେଦିନକୁ ସେ କେବେ ବି ଭୁଲି ପାରିବେନି । ମା ମଧ୍ୟ ଠିକ ସେଇ କଥା କୁହନ୍ତି । ଜେଜେମା, ଜେଜେବାପା, ଭାଇ, ଅପା, ସମସ୍ତେ ସେଇ ଗୋଟିଏ କଥା କୁହନ୍ତି । ସେତେବେଳେ ଆମର ମାରୁତି ଜେନ ଥିଲା । ସମସ୍ତଙ୍କୁ ସେଥିରେ ଜାଗା ହେବନି ବୋଲି ଦୁଇଟା ଅଟୋ ରିକ୍ସା ବି ଯାଇଥିଲା । କହିଲା ବେଳେ ଖୁସିରେ ଆଖି ଚିକ ଚିକ ହେଉଥିଲା ବାବାଙ୍କର । ତା ପୂର୍ବଦିନ ବହୁତ ବର୍ଷା ହେଇଥିଲା । ଗୋଟିଏ ଛୋଟ ହଲରେ ତାର ସ୍ୱାଗତ ଉପଲକ୍ଷେ ଭୋଜିର ଆୟୋଜନ ହୋଇଥିଲା । କିନ୍ତୁ ବହୁତ ଲୋକ ଆସିଲେ ବୋଲି ବାପା ବାଧ୍ୟ ହୋଇ ବଡ ହଲ ଟିଏ ନେଇ ଭୋଜିର ଆୟୋଜନ କଲେ ।

ଏହି କଥା ବାପା ସବୁବେଳେ ବାରମ୍ବାର ଅଲଗା ଅଲଗା ଢଙ୍ଗରେ କହୁଥିଲେ । ଆଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସିନାମନ୍ ଶୁଣୁଥିଲା କ୍ଲାନ୍ତ ନ ହୋଇ ।

ସିନାମନ୍ କ୍ରମେ ବଡ ହେଉଥିଲା । ବାଥରୁମରେ ଥିବା ଆଇନାରେ ନିଜକୁ ନିରେଖି ଦେଖୁଥିଲା । ଭାବୁଥିଲା ସେ କାହା ପରି ? ବାପା ନା ମା ? ତାର ଶ୍ୟାମଳ ରଙ୍ଗ ଆକର୍ଷଣୀୟ ଚେହେରା, ଲମ୍ବା ଶରୀର ଓ ତୀକ୍ଷ୍ଣ ନାସିକା, କଣ ବାପାଙ୍କ ପରି ? ଚମତ୍କାର ସ୍ୱର ଓ ହସ କଣ ମା'ଙ୍କ ପରି ? କୋଉଠି ସେମାନେ ? କଣ କରୁଛନ୍ତି ଏବେ ? ଯୁଆଡେ ଯାଉଥିଲା ଜନ ଗହଳି ଭିତରେ ସବୁବେଳେ ତାର ଆଖି ସେମାନଙ୍କୁ ହିଁ ଖୋଜୁଥିଲା ।

ବାପା ଆଉ ମା (ପାଳିତ) ପରିବାର ଭିତରେ ସମସ୍ତଙ୍କୁ ତା ବିଷୟରେ ଜଣାଇ ଦେଇଥିଲେ । ବନ୍ଧୁ ସମାଜରେ ବି କାହାକୁ ଅଛପା ନଥିଲା । ଯାହା ହେଉ ଏସବୁ ଦୃଷ୍ଟିରୁ ରୋଶନ୍ ପ୍ରତିକ୍ରିୟା ମୁକ୍ତ ଥିଲା ।

...

୬ ବର୍ଷ ବୟସରେ ସେ ନିଜ ପାଳିତ ବାପା ମା'ଙ୍କୁ ପ୍ରଶ୍ନ କଲା, "ବାପା ! ଯଦି ମୋ ନିଜ ମା ମତେ ନେବାକୁ ଆସନ୍ତି ତେବେ ତୁମେ କଣ କରିବ ?"

"ଜାଣିନୁ ପୁଅ, ସେ ଏବେ କୋଉଠି ଅଛନ୍ତି । ତୁ ବି ଏଠାରେ ଅଛୁ ସେ ବି କେମିତି ଜାଣିବେ ? ଏହା କେବେ ବି ଘଟିବ ନାହିଁ । ତତେ ଆମେ ବହୁତ ଭଲ ପାଉ । ଯିବାକୁ ଦେବୁ ନାହିଁ ।" ବାପା ମା ତାର ମୁଣ୍ଡ ଆଉଁସି କହିଲେ ।

୭ ବର୍ଷ ବୟସରେ ସେ ପୁଣି ପ୍ରଶ୍ନ କଲା, "ମୋ ନିଜ ବାପା ମା କେମିତି ଦେଖାଯା'ନ୍ତି ? ସେମାନେ କଣ ମୋ ପରି ଡେଙ୍ଗା ?"

"ଜାଣିନୁ ।" ଧୀର ସ୍ୱରରେ ବାପା କୁହନ୍ତି ।

"କେମିତି ?"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"କେବେ ତାଙ୍କ ସାଙ୍ଗରେ ଦେଖା ହୋଇନି ଆମର ।"

"ମତେ ସେମାନେ କାହିଁକି ଛାଡିଦେଲେ ? କେମିତି ଏହା କରିପାରିଲେ ?" ଆଖି ଦୁଇଟି ଲୁହରେ କଳମଳ ହେଲା ତାର ।

ବାପା ମା ଦୁହେଁ ଜଡାଇ ଧରିଲେ ତାକୁ । ଚୁମ୍ବନରେ ଛାଇଦେଲେ ତାର ଲୁହ ଧୁଆ ମୁହଁକୁ । "ଆମର କଣ ଭୁଲ ହେଲାକି ପୁଅ ?"

ସେମାନେ ଛାଡ଼ି ନାହାନ୍ତି । ତୋର ବି କିଛି ଭୁଲ ନାହିଁ । ବୋଧହୁଏ ଭଗବାନଙ୍କର ଏଇଆ ଇଚ୍ଛା ଥିଲା । ଆମେ କେମିତି ତତେ ପାଇଥାନ୍ତୁ ? କିଛି ଗୋଟେ କାରଣ ଥିବା ଯୋଉଁଥିପାଇଁ ସେମାନେ ଏହା କରିବାକୁ ବାଧ୍ୟ ହେଲେ ।"

ମନ ବୁଝେନା ସିନାମନ୍ ର । ସେ ଗୋଟିଏ କଥା ତା ମନକୁ ଆନ୍ଦୋଳିତ କରେ । ".... କାହିଁକି ଛାଡିଦେଲେ ତାକୁ ...."

...

ଯତୀନ ଅଙ୍କଲ ଓ ନିବେଦିତା ଆଣ୍ଟି ଉପର ମହଲାରେ ରହନ୍ତି । ସବୁଦିନ ସକାଳୁ ବାପାଙ୍କ ସଂଗେ ଏକାଠି ଜଗିଂ କରନ୍ତି ଓ ଫେରନ୍ତି ଏକାଠି ଝାଳ ନାଳ ହୋଇ । ଦୁହେଁ ଭାରି ଭଲ ଲାଗନ୍ତି ତାକୁ । ହସ ହସ ମୁହଁ ସବୁ ବେଳେ । ବାପାଙ୍କ ବିଭିନ୍ନ କଥାରେ ଯୋଗ ଦିଅନ୍ତି ଓ ଆଗ୍ରହ କରନ୍ତି ।

ବ୍ରେକଫାଷ୍ଟ ଟେବୁଲରେ ମା ଦିନେ ହସି ହସି ବାପାଙ୍କୁ କହିଲେ – "ତୁମେ ଜାଣିଛ, ନିବେଦିତା ସନ୍ତାନ ସମ୍ଭବା ।"

ବାପା ହସରେ ଉଡେଇଦେଲେ – "ଏତେ ଶୀଘ୍ର ।"

ସିନାମନ୍ ଏସବୁ ଶୁଣିଲା । "ସନ୍ତାନ ସମ୍ଭବା" ର ଅର୍ଥ କିଛି ବୁଝି ପାରିନଥିଲା କିନ୍ତୁ ସେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲକ୍ଷ୍ୟ କରୁଥିଲା, ଆଣ୍ଟିଙ୍କ ପେଟ ବଢୁଛି ଧୀରେ ଧୀରେ । ଏ ସବୁ ଭଲ ଲାଗିଲାନି ତାକୁ । ତାକୁ ଭଲ ଲାଗିବା ନ ଲାଗିବା ଏସବୁ କେହି ଗୁରୁତ୍ୱ ଦେଉନଥିଲେ ବରଂ ନିବେଦିତା ଆଣ୍ଟିଙ୍କ ପେଟ ରେ ହାତ ମାରି ଖୁସି ହେଉଥିଲେ ।

ମା'ଙ୍କୁ ପଚାରିଲା ସେ – "ମା ! ଆଣ୍ଟିଙ୍କ କଣ ହୋଇଛି ? ସେ କିଛି କରୁନାହାନ୍ତି କାହିଁକି ? ତାଙ୍କ ପେଟ ଫାଟିଯିବନି ତ ?"

ମା ହସି ହସି କହିଲେ – "ନା ପୁଅ ସେ ଖୁବ୍ ଶୀଘ୍ର କିଛି କରିବେ ।"

ଦିନେ ନିବେଦିତା ଆଣ୍ଟି ଅଙ୍କଲ କ ସହ ହଠାତ କୁଆଡେ ଉଭାନ ହୋଇଗଲେ । ତାଙ୍କ ଘର ବି ବନ୍ଦ ଥିଲା । ଗୋଟେ ସପ୍ତାହ ଏମିତି ଚାଲିଗଲା । ଦିନେ କଲିଂ ବେଲର ଶବ୍ଦରେ ମା କବାଟ ଖୋଲି ଦେଖନ୍ତି ତ ଯତୀନ ଅଙ୍କଲ ହାତରେ ଗୋଲଡେନ କେଶରୀ ପେଡ ପାକେଟ ଧରି ଦଣ୍ଡାୟମାନ । ତାଙ୍କ ମୁହଁ ଖୁସିରେ ଚିକ ଚିକ କରୁଥିଲା, ଯେମିତି ସେ କୌନ ବନେଗା କାରୋଡ଼ପତି ଶୋରେ ଜିତି କୋଟିପତି ବନିଯାଇଛନ୍ତି ବା ଭାରତର ପ୍ରଧାନମନ୍ତ୍ରୀ ହୋଇଯାଇଛନ୍ତି ।

"ବହୁତ ଅଭିନନ୍ଦନ ତୁମକୁ ।" ଆଲିଙ୍ଗନ କଲେ ମା ଅଙ୍କଲଙ୍କୁ । ବାପା ବି ।

"କଣ ଝିଅର ନାଁ ?"

"ଅନ୍ୱି"

"ଖୁବ ସୁନ୍ଦର । ସ୍ୱାଗତମ !" ମରାଠୀରେ କହିଲେ ବାପା ।

ସିନାମନ୍ କିଛି ବୁଝି ପାରୁନଥିଲା । କାହିଁକି ବାପା ଓ ମା ଅଙ୍କଲଙ୍କୁ ଅଭିନନ୍ଦନ ଜଣାଉଛନ୍ତି । ଏଥିପାଇଁ ଯେ, ଅନ୍ୱି ନିବେଦିତା ଆଣ୍ଟିଙ୍କ ପେଟରୁ ଜନ୍ମ ନେଇଛି । ଆଶ୍ଚର୍ଯ୍ୟ ବି ଲାଗୁଥିଲା ତାକୁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରାୟ ରବିବାର ଗୁଡିକରେ ମା ତାର ମୁଣ୍ଡରେ ସୋରିଷ ତେଲରେ ମାଲିସ କରନ୍ତି । ବାପା କହନ୍ତି, ନଡ଼ିଆ ତେଲରେ ମାଲିସ କରିବାକୁ । ସୋରିଷ ତେଲର କଡା ବାସ୍ନା ଭଲ ଲାଗେନି ତାକୁ । କିନ୍ତୁ ମାଲିସ ପରେ ଭଲ ଲାଗେ । ତାଜା ଲାଗେ । ପୁରୁଣା ଖବର କାଗଜ ବିଛେଇ ସେ ଚଟାଣରେ ବସିଯାଏ ମାଲିସ ହେବାକୁ । ମା କହନ୍ତି ତେଲ ମାଲିସ ହେଲେ ରକ୍ତ ସଂଚାଳନ ଭଲ ହୁଏ ଓ ପିଲାମାନେ ବୁଦ୍ଧିମାନ ହୁଅନ୍ତି । ତୋର ଅଜା ଓ ଆଇ ଆମ ମାନଙ୍କ ମୁଣ୍ଡରେ ଜଡ଼ା ତେଲ ମାଲିସ କରୁଥିଲେ ଯାହା ବଡ ହେଲା ପରେ ଆମେ ଅନୁଭବ କଲୁ । ପିଲାମାନଙ୍କ ପାଇଁ ମାଲିସ ନିହାତି ଦରକାର ।

ସିନାମନ୍ କଥାର ମୋଡ଼ ବଦଳେଇଲା, "ମା ଗୋଟେ ପ୍ରଶ୍ନ ପଚାରିବି ?"

"ହଁ କହ ।"

"ଅନ୍ୱି କଣ ନିବେଦିତା ଆଣ୍ଟିଙ୍କର ପେଟରୁ ବାହାରିଛି ? ଅନ୍ୟ ପିଲାମାନେ ବି ସେହି ପରି ତାଙ୍କ ମାଙ୍କ ପେଟରୁ ବାହାରନ୍ତି ? ତମେ ଓ ବାବା, ଆଇ ଓ ଜେଜେମାଙ୍କ ପେଟରୁ ?"

"ହଁ କଣ ହେଲା ?"

"କିନ୍ତୁ ମୁଁ ତ ଆସିନି...."

ତାର ପ୍ରଶ୍ନିଳ ଆଖି ମାଙ୍କ ପେଟ ଉପରକୁ ଚାଲିଗଲା । ହାତ ବି ଉଠିଗଲା ସେଠାକୁ ଯନ୍ତ୍ର ଚାଳିତ ଭଳି । "ମୁଁ ତ ଏଠି ନଥିଲି ।"

"ହଁ ପୁଅ । କଣ ହେଲା ସେଠୁ । ମୋ ପେଟରୁ ଜନ୍ମ ନହେଲେ କଣ ହେଲା, ତୁ ମୋ ମନରୁ ଜନ୍ମ ନେଇଛୁ । ତୁ ମୋ ମନରେ ଥିଲୁ ଓ ସବୁଦିନ ପାଇଁ ରହିବୁ । ତୁ ମୋର ମାନସ ପୁତ୍ର । ବଙ୍ଗାଳୀ ଭାଷାରେ ଟାଗୋରଙ୍କ ପଂକ୍ତି ଉଚ୍ଚାରଣ କଲେ ମା' ।

"ତାହେଲେ ମୁ କାହା ପେଟରୁ ବାହାରିଛି ?"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ତୋ ନିଜ ମା'ଙ୍କର ।" ମା ହସିଲେ ।

ସିନାମନ୍ ନିଜ ପେଟକୁ ଚାହିଁଲା କିଛି ସମୟ । ଅନୁଭବ କଲା, ଶିଶୁଟିଏ ଅଛି ସେଠାରେ । ହାତ ଗୋଡ ହଲାଉଛି । "ଛି ....... " ଘୃଣାରେ ବିକୃତ ହେଲା ମୁହଁ ତାର । "ମା ବହୁତ କଷ୍ଟ ହୁଏ ନା ?" ହାଲ୍କା ଚିତ୍କାର କଲା ସେ ।

"ହଁ ପୁଅ । ବହୁତ କଷ୍ଟ ହୁଏ । କିନ୍ତୁ ଶିଶୁଟିଏ ଜନ୍ମ ହେଲା ପରେ, ସେ କଷ୍ଟ ଗାଏବ ହେଇଯାଏ ।”

କିଛି ସମୟ ଚୁପ ରହିଲା ସେ । ତାପରେ କହିଲା "ତୁମେ ଭାବିଲ ଦେଖି ମା ! ମୁଁ କେତେ ଭଲ.... ମୁଁ ଆସିଛି ତୁମ ପାଖକୁ ତୁମକୁ କୌଣସି କଷ୍ଟ ନ ଦେଇ ।"

ସିନାମନ୍ ର ନିରୀହ ଉତ୍ତରରେ ମା ତାର ଗାଲକୁ ସ୍ନେହରେ ଚିପିଦେଲେ ଓ ପୁଣି ମୁଣ୍ଡରେ ତେଲ ମାଲିସ କରିବାରେ ଲାଗିଲେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟର ଚକ ଯାଏ ଘୁରିଘୁରିକା



ସୁଧାଂଶୁ ଶେଖର ଦ୍ୱିବେଦୀ

ନାଟକ:- (୮ମ ଭାଗ)

।।୧୮ ଦୃଶ୍ୟ ।।

(ଅମରେନ୍ଦ୍ର ଚୌଧୁରୀଙ୍କ ବାସଭବନ । ଆସିତ ଶ୍ରାବଣୀକୁ କିଛି କହିବା ପାଇଁ ପ୍ରସ୍ତୁତ ହେଉଥାଏ । କିନ୍ତୁ ଶ୍ରାବଣୀ ମୋବାଇଲରେ ଅନ୍ୟ କାହା ସହିତ କଥା ହେଉଥାଏ ।)

ଅସିତ- ଓ ହୋ ମୁଁ ବୁଝିପାରୁନି ତୁମେ ଏଭଳି ଘଣ୍ଟା ଘଣ୍ଟା ଧରି କାହା ସହିତ କଥାବାର୍ତ୍ତା ହୁଅ ।

ଶ୍ରାବଣୀ- (ଶ୍ରାବଣୀ ମୋବାଇଲ ମାଧ୍ୟମରେ କଥା କହିବାରେ ବ୍ୟସ୍ତ)

ଅସିତ- ଓଃ ୟୁ ଷ୍ଟପ ଇଟ,ଷ୍ଟପ ଇଟ ।(ଚିତ୍କାର କରି)

ଶ୍ରାବଣୀ- କଣ ହେଲା ମୋତେ କିଛି କହିବ ?

ଅସିତ- ମୁଁ ଏଇ କେତେଦିନ ହେବ ଲକ୍ଷ୍ୟ କରୁଛି ତୁମେ ବହୁତ ଅପସେଟ ରହୁଛ ?

ଶ୍ରାବଣୀ- କାହିଁ ନା ତ...

ଅସିତ- ମୋତେ ଲୁଚାଉଛ ?

ଶ୍ରାବଣୀ- ପୋଲିସ ଲୋକ ତ ସେଥିପାଇଁ ସବୁବେଳେ ସନ୍ଦେହ ଦୃଷ୍ଟି ।

ଅସିତ- ତୁମ ବିଷୟରେ ମୁଁ ଯାହାସବୁ ଶୁଣିଛି ତାହା କଣ ସତ ନୁହେଁ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରାବଣୀ- ମୋ ବିଷୟରେ... ?

ଅସିତ- ହଁ ହଁ ତୁମ ବିଷୟରେ ।

ଶ୍ରାବଣୀ- ମୋ ବିଷୟରେ କଣ ଶୁଣିଛ ?

ଅସିତ- ସମ୍ବିତ ସହିତ ତୁମର ସମ୍ପର୍କ ?

ଶ୍ରାବଣୀ- ସ୍ୱଚ୍ଛ ଜଳ ପରି ପବିତ୍ର, ସକାଳ ପବନ ପରି ନିର୍ମଳ ।

ଅସିତ- ମିଛ

ଶ୍ରାବଣୀ- ମିଛ .. ? ତା'ମାନେ ତୁମେ ମୋତେ ସନ୍ଦେହ କରୁଛ ?

ଅସିତ- କେବଳ ମୁଁ ନୁହେଁ ଆମ ପରିବାରର ସମସ୍ତଙ୍କ ନିଜରରେ ତୁମେ ଜଣେ ସନ୍ଦେହୀ ନାରୀ ।

ଶ୍ରାବଣୀ- ସନ୍ଦେହରେ ସବୁକିଛି ସମାଧାନ ହୋଇଯାଏନା ଅସିତ ।

ଅସିତ- ତାମାନେ ତୁମେ ପ୍ରମାଣ ଚାହୁଁଛ ?

ଶ୍ରାବଣୀ- ପବିତ୍ରତା ନିକଟରେ ପ୍ରମାଣ କଣ ଆବଶ୍ୟକ ।

ଅସିତ- ତାହେଲେ ଅଧିକାଂଶ ଦିନ ରାତିରେ ସମ୍ବିତ ତୁମ ପାଖକୁ କଣପାଇଁ ଆସେ ? ସେ ପୁଣି ଗଭୀର ରାତିରେ...

ଶ୍ରାବଣୀ- ଜୀବନରେ କିଛି ଏଭଳି କଥା ଥାଏ ଯାହା ଅତି ନିଜର ଲୋକକୁ ବି କହିହୁଏ ନାହିଁ ।ହୁଏତ ସେଇଭଳି କିଛି ପରିସ୍ଥିତିରେ ସେ ମୋ ପାଖକୁ ଆସନ୍ତି ।

ଅସିତ- ସତରେ ମୁଁ ବିଶ୍ୱାସ କରିନଥିଲି ଶ୍ରାବଣୀ ତୁମେ ମୋ ସହିତ ଛଳନା କରି ଜଣେ ପର ପୁରୁଷ ସହିତ.....

ଶ୍ରାବଣୀ- ବନ୍ଦକର,ବନ୍ଦକର ସେଭଳି କଥା ।ଶ୍ରାବଣୀ ପାଖରେ ସୀତାଙ୍କ ଭଳି ଦୈବୀ ଶକ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁ ଯେ ଅଗ୍ନିପରୀକ୍ଷା ଦେଇପାରିବ କିନ୍ତୁ ଏତିକି କହିବି ସମ୍ବିତ ଓ ମୋର ସମ୍ପର୍କ ଗଙ୍ଗା ଜଳ ପରି ପବିତ୍ର ।

ଅସିତ- ସେଇ ପଵିତ୍ରତାର ପ୍ରମାଣ ମୋର ଆବଶ୍ୟକ । ହେଲେ ତୁମ ପାଖରେ ତ ଦୈବୀ ଶକ୍ତି ନାହିଁ ପ୍ରମାଣ ଦେବ କେମିତି ?

ଶ୍ରାବଣୀ- ଆଉ କିଛିଦିନ ଅପେକ୍ଷା କର ।

ଅସିତ- ଅପେକ୍ଷା, ପ୍ରତୀକ୍ଷା ଏସବୁ ଜଣେ ପୋଲିସବାଲା ପାଇଁ ଭାରି ଯନ୍ତ୍ରଣା ଦାୟକ ।ତୁମ ନାଁରେ ଯଦି ଗୁଜବ ଉଠି ନଥାନ୍ତା ତାହେଲେ ହୁଏତ ମୋର କିଛି ଆପତ୍ତି ନଥିଲା ।କିନ୍ତୁ ଗୁଜବ ଉଠିଛି ମନେ ତାର ପ୍ରମାଣ ଆବଶ୍ୟକ ।

ଶ୍ରାବଣୀ- ଏବେ ମୁଁ ତୁମକୁ ପ୍ରମାଣ ଦେଇପାରିବି ନାହିଁ ।

ଅସିତ- ତାହେଲେ ତୁମକୁ ମୋତେ ଡିଭୋର୍ସ ଦେବାକୁ ପଡିବ ।

ଶ୍ରାବଣୀ- କଣ କହିଲ...ଆଉଥରେ କୁହ

ଅସିତ- ଜଣେ କଳଙ୍କିନୀ ପାଇଁ ମୋ ହୃଦୟରେ ସ୍ଥାନ ନାହିଁ । ଯାଅ ଚାଲିଯାଅ ମୋ ସମ୍ମୁଖରୁ । ଆସନ୍ତା କାଲି କୋର୍ଟରୁ ଡିଭୋର୍ସ ପେପର ପଠାଇଦେବି । କେବଳ ଆମ ଦୁହିଁଙ୍କର ଗୋଟେ ଗୋଟେ ସିଗନେଚରରେ ତୁମେ ତୁମ ଜାଗାରେ ମୁଁ ମୋ ଜାଗାରେ ।

ଶ୍ରାବଣୀ- ହେ ଭଗବାନ ! ପ୍ଲିଜ ଅସିତ ତୁମେ ପିଲାଙ୍କ ଭଳି ଅମାନିଆ ହୁଅନାହିଁ । ସମୟ ଆସିଲେ ତୁମେ ସବୁକିଛି ଜାଣି ପାରିବ ।

ଅସିତ- ନୋ ମୁଁ ଆଉ ସେସବୁ କିଛି ଜାଣିବାକୁ ଚାହେଁନା ଯଥାଶୀଘ୍ର ତୁମେ ତୁମ ଲଗେଜ ପେକ କରି ଏଠାରୁ ପଳାଅ ।

ଶ୍ରାବଣୀ- ତୁମେ ବିଶ୍ୱାସ କର ଅସିତ ସମ୍ବିତଙ୍କ ସହିତ ମୋର କିଛି ଖରାପ ସମ୍ପର୍କ ନାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ଲିଜ ତୁମେ ଏତେ ନିଷ୍ଠୁର ହୁଅନା ।

ଅସିତ- ଆଇ ସେ ଗେଟ ଆଉଟ ।

ଯଶୋଦା- (ପ୍ରବେଶି)ଏ କଣ ଶୁଣୁଛି ମୁଁ । ଆରେ ମା ତୁ ଠିକ ଅଛୁ ତ ?

ଶ୍ରାବଣୀ- ବୋଉ(ଜଡାଇ ଧରି ପିଲାଙ୍କ ଭଳି କାନ୍ଦେ)

ଯଶୋଦା- କଣ ହେଇଛିରେ ମା' ତୁ ଏମିତି ପିଲାଙ୍କ ଭଳି କାନ୍ଦୁଛୁ କାହିଁକି ?

ଅମରେନ୍ଦ୍ର(ପ୍ରବେଶି)-କାନ୍ଦି କାନ୍ଦି ଦିଇ ଠୋପା ଲୁହ ଗଡେଇ ଦେଲେ ଭୁଲର ସମାଧାନ ହୋଇ ଯାଏନାହିଁ ବରଂ ପ୍ରାୟଶ୍ଚିତ ହିଁ ଏକମାତ୍ର ଉପାୟ ।

ଯଶୋଦା- ଭାଇ ସାହେବ...ଆରେ କଣ ହେଇଛି ? ମୋ ଶ୍ରାବଣୀ କି ପ୍ରକାର ଭୁଲ କରିଛି ଯେ ତାକୁ ଘରୁ ବାହାରି ଯିବାର ଦଣ୍ଡ ମିଳିଛି ।

ଅମରେନ୍ଦ୍ର- ସ୍ନେହ ଶ୍ରଦ୍ଧାର ଉପମାରେ ଆଜି କଳଙ୍କ ଲାଗି ଯାଇଛି ଭାଉଜ । ମୁଁ ମଧ୍ୟ କଳ୍ପନା କରି ନଥିଲି ଯିଏ ମୋ ଘରର ଝିଅଙ୍କଠାରୁ ଅଧିକ ସ୍ନେହର ପାତ୍ରୀ ଥିଲା ସେ ଯେ ଜଣେ କଳଙ୍କିନୀ ।

ଶ୍ରାବଣୀ-ବାପା !...

ଯଶୋଦା- ଆପଣ କାହା କଥା କହୁଛନ୍ତି ଭାଇ ସାହେବ ?

ଅମରେନ୍ଦ୍ର- ସେ ଆମକୁ କେବଳ ଧୋକା ଦେଇନାହିଁ ଦୀର୍ଘ ଦିନର ବନ୍ଧୁତ୍ୱର ଖମ୍ବକୁ ମଜବୁତ କରିବା ପରିବର୍ତ୍ତେ ଭାଙ୍ଗି ନଷ୍ଟ କରିଦେଇଛି । ମୁଁ ବି ବଡ଼ ବୋକା ମଣିଷଟେ । ଯଦି ନିୟମ ବଦ୍ଧ ହୋଇ ନଥାନ୍ତି କି ପୂର୍ବରୁ ଜାଣିଥାନ୍ତି ଶ୍ରାବଣୀ ସମ୍ବିତକୁ ଭଲ ପାଉଥିଲା ତାହେଲେ ଅସିତ ପାଇଁ ପାତ୍ରୀର ଅଭାବ ନଥିଲା । ଓକେ ଲେଟ ବାୟ୍ସ ଗନ ବି ବାୟ୍ସ ଗନ । ପରିସ୍ଥିତିକୁ ସୁଧାରିବା ପାଇଁ ପୁଣି ଥରେ ଅଣ୍ଟାରେ ଗାମୁଛା ବାନ୍ଧିବାକୁ ପଡିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯଶୋଦା- ନା ଭାଇ ସାହେବ ! ଆପଣ ଯାହା କହୁଛନ୍ତି ପ୍ରକୃତରେ ମୋ ଶ୍ରାବଣୀ କେବେ ସେମିତି ଭୁଲ କରିବ ନାହିଁ । ଭୁଲ ବୁଝାମଣାର ଶିକାର ହୋଇ ଅଯଥାରେ ତାକୁ ଦୋଷାରୋପ କରୁଛନ୍ତି ।

ଅମ- ସତ୍ୟକୁ କେବେ ଲୁଚେଇ ରଖି ହୁଏନାହିଁ । ସତ୍ୟ ଯେ ସୂର୍ଯ୍ୟାଲୋକ ଭଳି ଚିରଞ୍ଜୀବୀ ।

ନିର-(ପ୍ରବେଶି)- ଆଜ୍ଞା ମୁଁ ପରା ନିଜ ଆଖିରେ ଦେଖିଛି,କାନରେ ସ୍ପଷ୍ଟ ଶୁଣିଛି ।

ଶ୍ରାବଣୀ- ନୀର କକା ତୁମେ ବି ଶେଷରେ....

ଅସିତ- ସତକୁ ସମସ୍ତେ ଭୟ କରନ୍ତି । ନିର କକା ସତ କିହିଲେ ବୋଲି ଏତେ ସଙ୍କୁଚିତ ହୋଇପଡୁଛ କଣପାଇଁ ?

ଅମରେନ୍ଦ୍ର- କଥାରେ ଅଛି ପୋଷା ପୁଅ ଖୁଞ୍ଚା ରୁଅ । ବୁଝିଲ ଭାଉଜ ଯାହାକୁ ଆଜିଯାଏ ମା ଓ ମମତାର ସ୍ନେହ ଦେଇ ଆସିଛ, ଯାହାପାଇଁ ନିଜ ସୁଖରୁ ଅଧେ ତାପାଇଁ ସମର୍ପି ଦେଇଛ ସେଇ ବେଇମାନ ସମ୍ବିତ ଅଣ୍ଟି ଛୁରୀ ହୋଇ ତଣ୍ଟି କାଟିଛି ।

ସମ୍ବିତ- (ପ୍ରବେଶି)-ନା ମଉସା ଆପଣ ଏ କଣ କହୁଛନ୍ତି । ମୁଁ ଅଣ୍ଟି ଛୁରୀ ହୋଇ ତଣ୍ଟି କାଟିଛି ।

ଅସିତ- ବାପା କିଛି ମିଛ କହିନାହାନ୍ତି ।

ସମ୍ବିତ- ଅସିତ ! !

ଅସିତ- ଲାଲ ଆଖି କାହାକୁ ଦେଖାଉଛ ? ତୁମେ ହିଁ ମୋ ଜୀବନ ପରିଧିର ରାହୁ ତୁମକୁ ମୁଁ ଯଦି ମିଛ କେଶ କରି ହାଜତରେ ନପୂରେଇଛି ତାହେଲେ ଜାଣିବ ଅସିତ ଚୌଧୁରୀ କଣ କରିପାରେ ।

ଶ୍ରାବଣୀ- ଦେଖ ଅସିତ ସମ୍ବିତ ମୋର ଯାହା ବି ହୁଅନ୍ତୁ ପରିସ୍ଥିତି ନସୁଧୁରିବା ଯାଏ ମୁଁ ସତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଣ ମିଛ କଣ ଜଣାଇ ପାରିବି ନାହିଁ । ଆଉ ତୁମେ ମୋଠାରୁ ଡିଭୋର୍ସ ଚାହୁଁଛ ନା ଠିକଅଛି ଡିଭୋର୍ସ ପେପରରେ ମୁଁ ସିଗନେଚର କରି ଦେବି ।

ଅସିତ-ଓକେ ଆଇ ଏମ ରେଡି ।

ସମ୍ବିତ- ନା ଶ୍ରାବଣୀ,ତୁମେ ସେଭଳି କେବେ କରିପାରିବ ନାହିଁ ।

ଯଶୋଦା- ଆଉ କଣ ଏଇୟା ଦେଖିବାକୁ ଥିଲାରେ ସମ୍ବିତ । ନିଜ ମନର ଅଭିଳାଷକୁ ପୂରଣ କରିବା ପାଇଁ ଶେଷରେ ତୁ...... ।

ସମ୍ବିତ- ନା ବୋଉ ନା ତୁ ସେମିତି ଅଯଥାରେ ମୋତେ ଦୋଷାରୋପ କରନା ।

ଯଶୋଦା- ରାକ୍ଷସ(ମାଡ଼ ମାରେ) ମୁଁ ତୋତେ ମୋ ଜୀବନଠାରୁ ଏତେ ସ୍ନେହ ଶ୍ରଦ୍ଧା କରିଥିଲି ଶେଷରେ ତୁ ମୋ ମମତାର ପ୍ରତିଦାନ ଏଇୟା ଦେଲୁ ? କହ ମୋ ମମତାରୁ କେତେ ପରିମାଣ ଊଣା ହୋଇଥିଲା ଯେ ମୋ ଶ୍ରାବଣୀର ଖୁସିକୁ ନଷ୍ଟ କରିଦେଲୁ ?

ସମ୍ବିତ- ତୁ ମୋତେ ବିଶ୍ୱାସ କର ବୋଉ...

ଯଶୋଦା- ତୋତେ ଆଉ କିପ୍ରକାର ବିଶ୍ୱାସ କରିବିରେ ଯା' ବାହାରି ଯା' ଏଠାରୁ । ମୁଁ ତୋ ମୁହଁ ଦେଖିବାକୁ ଚାହେଁନା ।

ସମ୍ବିତ- ତୋତେ ଛାଡ଼ି କୋଉଠିକୁ ଯିବିଲୋ ବୋଉ । ଯିବି ଯଦି ସବୁଦିନ ପାଇଁ ଚାଲିଯିବି । ତୋ ଆଦେଶରେ ଯଦି ମୁଁ ନିଜକୁ ଗୁଳି କରି ମରିପାରେ ତଥାପି ତୋ ଆଦେଶ ଅମାନ୍ୟ କରିବିନି । ଆସୁଛି ବୋଉ ମନ କଷ୍ଟ କରିବୁନି ।(ଦୁଃଖାଶ୍ରୁ ସହିତ ପ୍ରସ୍ଥାନ)

ଯଶୋଦା- ଶମ୍ଭୁ !...ଅରେ ସତରେ ତୁ ଚାଲିଗଲୁନା କଣ ? ଆରେ ବାଇଆ ଫେରିଆରେ ବାବା ଫେରିଆ ମୋତେ ଏକା ଛାଡି କୁଆଡେ ଚାଲି ଯାଉଛୁରେ

...... । ନା ନା ଆଉ ସେ ଫେରିବନି, ମୋ ଉପରେ ଅଭିମାନ କରି ଚାଲିଗଲା । ମୋ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପରେ.....(କୋହ ସମ୍ଭାଳି ନପାରି କାନ୍ଦିଉଠେ)

ଅମରେନ୍ଦ୍ର- ଆଉ କାନ୍ଦିଲେ କଣ ହେବ ଭାଉଜ । କୃତକର୍ମ ଯିଏ କରିଥାଏ ତାକୁ ହିଁ ଭୋଗିବାକୁ ପଡେ ।

ଯଶୋଦା- ଭା.ଇ.ସା.ହେ.ବ ! ! !

ଅମରେନ୍ଦ୍ର- ରିଟାୟାର୍ଡ଼ ଏସ.ପି ଅମରେନ୍ଦ୍ର ଚୌଧୁରୀର ବାକ ଶକ୍ତି ଥିବା ସତ୍ତ୍ୱେ ଆଜି ନାଚାର, ସଂପୂର୍ଣ୍ଣ ନାଚାର ।

ଅସିତ- ଯାଅ ତୁମେ ବି ମୋଠାରୁ ଦୂରେଇ ଯାଅ । କହିବ ତ ନୀର କକାଙ୍କୁ କହିବି ସେ ତୁମ ଗନ୍ତବ୍ୟ ସ୍ଥାନରେ ଛାଡି ଆସିବ ।

ଶ୍ରାବଣୀ- ଅସିତ ! ତୁମେ ମଣିଷ ନା ଆଉକିଛି ?

ଅସିତ- ଦେଖ...ଯିଏ ତୁମର ଅତିପ୍ରିୟ ତାହାରି ପାଖକୁ ଚାଲିଯାଅ । ଆଜିଠାରୁ ତୁମର ମୋର ସମ୍ପର୍କ କିଛି ନାହିଁ ।ଆଇ ସେ ଗେଟ ଆଉଟ ।

(ସମୟର ଚକ ଯାଏ ଘୁରି ଘୁରିକା ଟାଇଟଲ ଗୀତର ତାଳେ ତାଳେ ଯଶୋଦା ଓ ଶ୍ରାବଣୀ ପ୍ରସ୍ଥାନ କରନ୍ତି ।)

ଅସିତ- କଳଙ୍କିନୀ,ଭୁଜଙ୍ଗିନୀ ଦଂଶନ କରିବାକୁ ଆଉ କୋଉଠି ସ୍ଥାନ ପାଇଲୁ ନାହିଁ ମୋତେ ଦଂଶନ କରିବାକୁ ଆସିଥିଲୁ । ସତରେ ନାରୀର ପ୍ରେମ ବାଲିର ବନ୍ଧ ପରି । କେତେବେଳେ ଯେ ଭୁଶୁଡି ପଡିବ ତାହା ମୁଁ ଅନଭିଜ୍ଞ ଥିଲି । ବାସ୍ତବିକ ନାରୀ ଅଧରରେ ମଧୁ ଆଉ ଅନ୍ତରରେ ବିଷ ।(ମ୍ରିୟମାଣ)

(ମଞ୍ଚ ଅନ୍ଧର)

କ୍ରମଶଃ............email- dwibedysudhansu@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

DRJYOTIPRASAD

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

କବିଙ୍କ ଅସୁସ୍ଥତା ହେତୁ ଏହି କାବ୍ୟଲେଖର ଚଳିତ ମାସର ଅଂଶ ପ୍ରକାଶିତ ହୋଇ ପାରୁନାହିଁ ।

ଆହ୍ୱାନ ଇ-ପତ୍ରିକା କବିଙ୍କ ଆଶୁ ଆରୋଗ୍ୟ କାମନା କରୁଛି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଶ୍ଚିହ୍ନ ଗୋଧୂଳି



ଶିବ ନାରାୟଣ ଦାଶ

(ଗୋଧୂଳି ଏଠାରେ ଏକ ପ୍ରତୀକାତ୍ମକ ସମୟର ମୁହୂର୍ତ୍ତ । କବିତାରେ ବର୍ଣ୍ଣିତ ଘଟଣାମାନ ଭକ୍ତ ଆଉ ଭଗବାନ ଅଥବା ସୃଷ୍ଟି ସହ ସ୍ରଷ୍ଟାଙ୍କର ଅଦ୍ଭୁତ ଏବଂ ଅସଂଖ୍ୟ ଲୀଳା ମାଧୁରୀରୁ ଅଳ୍ପ କେତୋଟିର ସମାହାର, ଯାହା ମୁଖ୍ୟତଃ ଜନ -ମାନସରେ ଆଦୃତ ଓ କଥିତ । ଏପରି ମାନେ ନାହିଁ ଯେ ଏ ସମସ୍ତ ଘଟଣାମାନ ଠିକ ଗୋଧୂଳି ବେଳାରେ ହିଁ ଘଟିଥିବ । ଦିନର ଯେ କୌଣସି ସମୟରେ ଏ ସବୁ ଲୀଳାମାନ ସଂଘଟିତ ହୋଇଥିଲେ ମଧ୍ୟ, ଗୋଧୂଳି ଏକ ଏପରି ହୃଦୟସ୍ପର୍ଶୀ ମୁହୂର୍ତ୍ତ, ଯାହା ସମସ୍ତ ଦିନର ଘଟଣା ପ୍ରବାହକୁ ଦିନାନ୍ତରେ ଏକ ସୁନ୍ଦର ସ୍ମୃତିରେ ସାଇତି ରଖିଥାଏ । "ନିଶ୍ଚିହ୍ନ ଗୋଧୂଳି" ସେହି ମୁହୂର୍ତ୍ତ ମାନଙ୍କର ପ୍ରତୀକାତ୍ମକ ଅବତାରଣା । )

(୧)

ଏ ଗୋଧୂଳି ଲମ୍ବିଅଛି କାହିଁ କେତେ ଦୂର -
କେତେ କାଳ, କେତେ କଳ୍ପ ଧରି,
ବଣ ପରବତ ଡେଇଁ, ସବୁଜ ପ୍ରାନ୍ତର ଛୁଇଁ
କହିଯାଏ କଥା କେତେ କ୍ଲାନ୍ତ ଦିନାନ୍ତର -
ଏ ଗୋଧୂଳି ସତେ ଅବା ଯୁଗ ଯୁଗାନ୍ତର ।

ଗୋପଦାଣ୍ଡ ପଥ, ଘାଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖିଛି ଯେ ଚପଳ ଦୁଷ୍ଟାମୀ -

ଧୂଳିଖେଳ, ଦଧିଭାଣ୍ଡ ଅବା ପୁଣି

ଲବଣି ଚୋରାଇ

ସାଙ୍ଗ ସାଥି ମେଳେ ଖାଇବାର,

ଏ ଗୋଧୂଳି କରେ ସେହି ପ୍ରଶ୍ନ ବାରବାର -

ଗୋପଦାଣ୍ଡ ମନା କରି

କାଳିଆ ସୁନାକୁ

ଚାହିଁଛନ୍ତି କାହିଁ ପୁଣି ଗୋପର ତରୁଣୀ ?

କାହିଁଗଲା ନନ୍ଦବଳା ସେ କଳାମାଣିକ -

ଶୁଭୁନାହିଁ କାହିଁକି ତା

ପଦଧ୍ୱନି ଆଉ

ନୂପୁର ନିକ୍ୱଣ ?

ଏହାଠୁ ବରଂ ଭଲ

ହଇରାଣ, ହରକତ ତା'ର

ଆଉ ଚପଳାମି ।

ଗୋପାଙ୍ଗନା ଅଧିରା ଚାହାଣି

ଗୋଧୂଳିର ରଙ୍ଗମାଖି

ଝୁରିହୁଏ ବସି ସେହି  ସେନେହ - ଦୁଷ୍ଟାମି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

(୨)

ଗୋପପୁର ଗ୍ରାମାନ୍ତର
ଦିଗହଜା ସବୁଜ ପ୍ରାନ୍ତର
ଆଉ ତା'ର ଛନଛନ
କଅଁଳିଆ ଶ୍ୟାମ ଦୁର୍ବାଦଳ
ଦେଖିଛନ୍ତି ସେ ଗୋଧୂଳି ଲେଉଟାଣି ବେଳ -,
ଗାଈ, ବାଛୁରୀର ପଲ
ଘରମୁହାଁ ହେଲାବେଳେ
ନିରିମାଖି ଖୋଜିଲା ଆଖିରେ
କାନଡ଼େରି ଫେରି ଚାହିଁବାର -
"ଶୁଭୁନାହିଁ କାହିଁକି ସେ ମୁରଲୀର ସ୍ୱର
ଅବା ପୁଣି ରୁଣୁଝୁଣୁ କୁନି ପାଦଟିର
ଗାଈଆଳ ନନ୍ଦ-ଗୋପାଳର" !
ଏ ଗୋଧୂଳି ଚପଳାମି ଭରା
ମିଠା ଦୁଷ୍ଟାମୀର ।

(୩)

ଯମୁନା ତଟରେ ଶୁଭେ
ଆଜିବି ସେ ବଇଁଶିର ସୁର,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେଳି କଦମ୍ବର ମୂଳେ

ଗୋପାଙ୍ଗନା ବିରହ ବିଳାପ,

କିଏ ବା ବୁଝିବ ସେହି ପ୍ରେମ ଅଭିସାର -

ତପ କରି ବରିଥିଲେ ଯା'କୁ

ଗୋପନାରୀ

ଷୋହଳ ସହସ୍ର ।

ତୁମେ ତାଙ୍କ ପୁରାଇଲ ଆଶ,

ସେ ତୁମ ଭକତ ବିଶ୍ୱାସ ।

ଯମୁନାର ତଟ ଛୁଇଁ

ବୃନ୍ଦାବନେ ଲୀଳାକୁଞ୍ଜେ ହଜିଗଲା ଯିଏ,

ଏ ଗୋଧୂଳି ସାକ୍ଷୀ ସେହି

ଚୈତ୍ୟ ବିରହର -

ବଂଶୀସ୍ୱନ, ନୀପବନ, ଚୁତ-ବକୁଳର ।

ରାଧାର ଆତୁର ଆଖି

ବତୁରା ଲୁହରେ ଭାସି

ଝୁରିଥିବ ପ୍ରାଣପ୍ରିୟ ପୁରୁଷଙ୍କୁ ତାର -

"କାହିଁଗଲେ ଭାବଗ୍ରାହୀ ରସିକ ଶେଖର" !

ଏ ଗୋଧୂଳି ସତେ ଅବା ଏଡିକି ନିଷ୍ଠୁର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

(୪)

କାଳୀୟ ଦଳନ ଠାରୁ

ଗଜ ଉଦ୍ଧାରଣ,

ଅବା ପୁଣି ବୃନ୍ଦାବନେ

ଟେକିଧରି ଗିରି ଗୋବର୍ଦ୍ଧନ -

ଗୋଧୂଳିର ମୁହୁର୍ମୁହୁଃ କ୍ଷଣେ

ରହିଅଛି ଶତ ଶତ ଏମନ୍ତ ପ୍ରମାଣ,

ତୁମେ ସତେ ଅଟ ଆର୍ତ୍ତତ୍ରାଣ ।

କୁରୁସଭା ତଳେ ପୁଣି

ଦେଖିନାହିଁ କି'ବା ଚମତ୍କାର,

ଇତିହାସ ଦ୍ରଷ୍ଟା ତା'ର ଯୁଗ ଯୁଗ ଧରି

ଦେବାକୁ ନଜୀର -

ମଣିଷର ଅସହାୟ ଆକୁଳ ଗୁହାରେ

ତୁମେ ଖାଲି ଶୁଣନାହିଁ ଡାକ,

ଡାକ ଶୁଣି ଆସି ଧରାଦିଅ ।

ଏ ଗୋଧୂଳି ଦେଖିଅଛି

ଅସହାୟ ବିବଶ ନାରୀର

ବିବସ୍ତ୍ର ହେବାର - ଲଜ୍ଜା ଆଉ ଅପମାନ ଭରା ।

କିଏ ଅବା ଶୁଣିଥିଲା ତା'ର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲଜ୍ଜା ନିବାରଣ ପାଇଁ ଆକୁଳ ପ୍ରାର୍ଥନା ?

କା' ମୁହଁରୁ ସ୍ଫୁରିଲାନି ଭାଷା -

ଆର୍ଯ୍ୟବ୍ରତ ଜ୍ଞାନୀ, ଗୁଣି,

ଗୁରୁ, ଗୁରୁଜନ

ଆଉ ପୁଣି

ଆଜନ୍ମ ବ୍ରହ୍ମଚାରୀ

ଜ୍ଞାନବନ୍ତ ଭୀଷ୍ମ ପିତାମହ ।

ଶୌର୍ଯ୍ୟବନ୍ତ ସୁପୁରୁଷ

ପାଞ୍ଚାଳୀର ପାଞ୍ଚପତି ଥିଲେବି ନିରବ ।

"ଏ ଶରୀର ମୋର ନୁହେଁ ପ୍ରଭୁ !

ମୁଁ ଅଟେ ତୁମର,

ମୋତେ ନେଇ ଯାହା ଇଚ୍ଛା

ତାହା କରିପାର" --

ଦ୍ରୌପଦୀର ଆକୁଳ ପ୍ରାର୍ଥନା

ସଅଁପି ଦେବାର,

ମାନଉଦ୍ଧାରଣ ତୁମେ କରିଥିଲ ପରା,

ପରସ୍ତ ପରସ୍ତ ଦେଇ ବସ୍ତ୍ର ପରିଧାନ

ଶେଷ ନାହିଁ ଯା'ର,

ମନ୍ତ୍ର-ଧ୍ୱନି ଭଳି ତୁମ କରୁଣାରେ ଭରା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜିବି ଗୋଧୂଳି ଗାଏ ତୁମ ବଡ଼ପଣ,
କୋଟି ବସ୍ତ୍ର ଦେଇ  ପ୍ରଭୁ ଆହେ ଆର୍ତ୍ତତ୍ରାଣ
ଦ୍ରୌପଦୀର ଲଜ୍ଜା ତୁମେ କଲ ନିବାରଣ ।

(୫)

ସେଦିନ ଏମିତି ଏକ
ପଥକ୍ଳାନ୍ତ କ୍ଷଣେ
ଦରିଦ୍ର ବ୍ରାହ୍ମଣ ଏକ ଆସି ହେଲା ଉଭା
ଦ୍ୱାରକାର ରାଜା ନବରରେ,
ଛିନ୍ନ ବସ୍ତ୍ରେ ଢାଙ୍କି ନିଜ
ଦାରିଦ୍ର୍ୟର ନଗ୍ନ ଅପଘନ
ଶଙ୍କା ଆଉ ସଙ୍କୋଚର ତ୍ରସ୍ତ ଚାହାଣୀରେ ।
ଗୋଧୂଳିର ସେ ଭବ୍ୟ ଲଗନେ
ଆସିଥିଲା ଭେଟିବାକୁ
ବାଲ୍ୟ-ସଖା ଦ୍ୱାରିକାଧିଶଙ୍କୁ ।
ଅନ୍ତରରେ ଭକ୍ତି ପୁଣି ମନେଥିଲା ଭୟ,
କିବା ନ ଦେଖିଲା ଆଖି
ଏମନ୍ତ ବିସ୍ମୟ !
ରାଜସିଂହାସନ ଛାଡି ପାଗଳ ସଦୃଶ
ଆଲିଙ୍ଗନ ବାହୁପାଶେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମ୍ଭାଷିଲେ ଦରିଦ୍ର ବ୍ରାହ୍ମଣ -
ଦ୍ୱାରକାର ଅଧିପତି ପ୍ରଭୁ କୃପାମୟ ।
ହତବାକ ସୁଦାମା ବ୍ରାହ୍ମଣ !
ଭୁଲିଗଲା ଆପଣା ଅଭାବ - ଗୃହେ ନାହିଁ ଅନ୍ନ
ମାଗିବାର ନ ଥିଲା ତ କିଛି ପ୍ରୟୋଜନ -
ତିନିମୁଠା ଚାଉଳ ଭଜାରେ
ତୃପ୍ତ ଯାର କ୍ଷୁଧା,
ସେଇ ଏକା କରିପାରେ ତ୍ରିଲୋକର ଦାନ ।
ଆଜି ବି ଗୋଧୂଳି ସାକ୍ଷୀ
ଭକ୍ତ ଆଉ ଭଗବାନଙ୍କର
ମହାର୍ଘ - ସେ ବନ୍ଧୁ ମିଳନ ।

(୬)

ସବୁ ଲୀଳା ସାଙ୍ଗ ହେଲା ପରେ
ଗୋଧୂଳିର ସେ ମେଲାଣି ବେଳେ
ଯଦୁକୁଳ ନାଶ ଗଲେ ଯେବେ
ଆଉ ପୁଣି
ଲୀନ ହେଲା ଦ୍ୱାରିକାର ସୁରମ୍ୟ ନଗର
ଜଳାର୍ଣ୍ଣବେ, ସାଗର ଗରଭେ,
ଶାମ୍ମଳୀର ଲତା ଗହଳରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିଭୃତ କାନନେ,

କ୍ଲାନ୍ତ ଶରୀର ନେଇ

ଲୋଟିଗଲେ ଶେଷେ

ଯୁଗସ୍ରଷ୍ଟା ପରମ ପୁରୁଷ

ଯୋଗନିଦ୍ରା ଧ୍ୟାନେ ।

ବିଦାୟୀ ଅଶ୍ରୁ ଢାଳି ସେ ଗୋଧୂଳି କହିଥିବ ତେବେ,

ଦ୍ୱାପରର ଅନ୍ତ ହେଲା ଏବେ ।

ପୂର୍ଣ୍ଣ କରି ଶୂନ୍ୟ ହୃଦୟ -

ମୋହନ ବଂଶୀ ସୁର

ଆଉ ପୁଣି ଶୁଭିବନି କେବେ ।

ମନ୍ଦ ହସି ଯଦୁପତି

କହିଥିବେ ଆଶ୍ୱାସର କଥା -

"କି କରିବି କୁହ ?

ମୁଁ ଯେ ବନ୍ଧା

ମୋ କର୍ମର କର୍ମଫଳ ହାତେ,

ମଥାପାତି ସହିବାକୁ ହେବ

ଗାନ୍ଧାରୀର ଅଭିଶାପ ମୋତେ" ।

ଅସୁର-ସଂହାରକାରୀ

କୁରୁକ୍ଷେତ୍ର ନେପଥ୍ୟ-ନାୟକ -

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିପାରେ ଯିଏ ଶତ ଅଧର୍ମର ଅନ୍ତ,

ମୃତ୍ୟୁ ତାକୁ କରିପାରେ କେମିତି ବା ହତ !

ସାମାନ୍ୟ ବ୍ୟାଧର ଏକ ଶରାଘାତେ ପୁଣି

ଆପଣାକୁ କରି ପରାହତ ।

କର୍ମ ଆଉ କର୍ମଫଳ,

ଜନମ, ମରଣ -

ଏ ସବୁର ସ୍ରଷ୍ଟା - ନିୟାମକ,

ସେ ପୁଣି ପଡଇ ବନ୍ଧା ଆପଣାର କର୍ମଫଳ-ଡୋରେ

ହସି, ହସି ମରଣକୁ କରି ଆଲିଙ୍ଗନ ।

ବିଦୀର୍ଣ୍ଣ ଗୋଧୂଳି କରେ ଅଶ୍ରୁଳ ପ୍ରଣାମ -

ଯୁଗ ହୁଏ ଅନ୍ତ ।

ଇତିହାସ ପୃଷ୍ଠାରେ କେଉଁଠି

ଦେଖିଛ କି କେବେ ଅବା

ଏମନ୍ତ ଦୃଷ୍ଟାନ୍ତ ?

ଅବସରପ୍ରାପ୍ତ ମହା ପ୍ରବନ୍ଧକ (ବିତ୍ତ)

ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ୍ - ନୂଆ ଦିଲ୍ଲୀ


ଇମେଲ୍ : dasshibanarayan61@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶିଳ୍ପୀ ଓ କବି



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

ଜଡ ଦେହେ କରିଲ କେ' ଜୀବନ ସଂଚାର !

ଗହନ ବିଜନ ବନୁଁ

ଗିରିବର ଅଙ୍କୁ

ଚ୍ୟୁତ କରି ସୁପ୍ତ ଶିଳା ଖଣ୍ଡ -

ଜାଗ୍ରତ କରିଲ, ଦେଇ ଜୀବନର କଠୋର ସାଧନା !

ନିର୍ମମ ପାଷାଣ ବୁକେ

ପ୍ରାଣ ଦେଲ -

କିଏ ତୁମେ ମହାପ୍ରାଣ !

ନୟନରେ ଦେଲ ଭାଷା

ଅଙ୍ଗେ ଅଙ୍ଗେ ଭରିଦେଲ

ସୁଷମାର ଅଧିର ପିପାସା !

କିଏ ତୁମେ ସ୍ରଷ୍ଟା !

ପାଷାଣ ଗାଉଛି ତୁମ ଜୀବନର କଳା ପରାକାଷ୍ଠା ।

ନ ମେଣ୍ଟଇ ନୟନ-ପିପାସା,

ନ ପୁରଇ ଆଶା ମୋର

ଦେଖି ବାର ବାର ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆକର୍ଷି ନିଅଇ ବଳେ

ଜଗତର ମନ  !

ବିଦୂରିତ ହୁଏ ଦୁଃଖ ଦରଶନେ ଯାର୍

ଧନ୍ୟ ତୁମେ  !

ଜୀବନରେ ଏହି ତୁମ ଶ୍ରେଷ୍ଠ ପୁରସ୍କାର ।

ହୁଅ ପଛେ ଯିଏ ତୁମେ,

ଜାଣେ ଖାଲି ଅଟ ତୁମେ

ମୃତ୍ୟୁଞ୍ଜୟୀ ଶିଳ୍ପୀ -

ସେହି ତୁମ ଶ୍ରେଷ୍ଠ ଆଉ ଶେଷ ପରିଚୟ,

କାଳେ କାଳେ କରେ ତୁମ ସୃଜନୀର ଜୟ ।

ମୁଗ୍ଧ ମୁହିଁ ରୂପପାୟୀ କବି,

ଧରଣୀର ଶତ ଶତ ଶ୍ରେଷ୍ଠ ରୂପାୟନୁଁ

ଖୋଜେ ତବ ସୃଷ୍ଟିର ନବ ନବ ଛବି ।

ପାଷାଣୁ ଝରାଅ ତୁମେ

ପ୍ରେମ ମନ୍ଦାକିନୀ,

ଯୁଗେ ଯୁଗେ ଗଢ଼ ତୁମେ

ଶିଳ୍ପର କୋଣାର୍କ,

ଆଉ ପ୍ରଣୟର ତାଜ ତୋଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିହାଣର ମୁନେ,

ଗାଏ ମୁହିଁ ପ୍ରାଣ ଭରି

ଜୟଗାନ ତୁମ -

ସାର୍ଥକ ମୋ ଲେଖନୀ ଚାଳନେ ।

କଳାର ପରଶ ଦେଇ ଗଢ଼ ତୁମେ ବିଶ୍ୱ

ଲେଖନୀ ମୋ' ଥରିଉଠେ

ତୁମର ସେ ଛନ୍ଦେ,

ନିଥର ଧରାରେ ତୁମେ

କର ରୂପଦାନ

କରେଁ ମୁଁ କୀର୍ତ୍ତନ ଖାଲି ଉଚ୍ଛୁଳା ଆନନ୍ଦେ ।

ଶିଳ୍ପୀ ତୁମେ ମରି ବି ଅମର,

କବି ମୁହିଁ ହେବି ମହୀୟାନ

ପଦେ ତୁମ କରି ନମସ୍କାର ।

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ହତଭାଗାର ଜୀବନ



ନାରାୟଣ ଚନ୍ଦ୍ର ସେନାପତି

ଭରସା ନ ଥାଏ ବିଶ୍ୱାସ ହରାଏ
ଛିଡିଯାଏ ତା'ର ସୁଖର ପଘା
ଜୀବନ ଟି ତାର ଶୁନ୍ୟ ମରୀଚିକା
ସଭିଏଁ କହନ୍ତି ଏ ହତଭାଗା ।

ଆଶାର ଆକାଶ ତା ପାଇଁ ମେଘୁଆ
ଝରେନା ତା ମୁହେଁ ମୁନ୍ଦିଏ ଜଳ
ବାଲୁକା ସ୍ତୁପରେ ଖୋଜୁଥାଏ ଶସ୍ୟ
ନ ପାଇ ଅନ୍ତର ହୁଏ ବିକଳ ।

ପରିବାର ତାର ନ ହୋଇ ବାଆର
ଏକୋଇଶି ସମ ସଭିଙ୍କ ମୁହଁ
ଧନ ଜ୍ଞାନ ଜନ ସଭିଏଁ ଥାଆନ୍ତି
ତଥାପି ଆଖିରେ ତତଲା ଲୁହ ।

କେତେ ତପୋବଳେ ପାଇଥିଲା ପୁଅ
ବଡ଼ ହୋଇ ଭୁଲିଗଲା ମମତା
ମାଆର ମନଟା ଦରଭଙ୍ଗା ପ୍ରାୟ
ଚାଖୁଥିଲା ଫିକା ସେନେହ ପିତା ।

ସ୍ୱାମୀ ଯେବେ ଆଙ୍କେ ଛଳନାର ଛବି
ପତ୍ନୀ ପ୍ରେମ କୁମ୍ଭେ ଗରଳ ଲୁଚେ
ଖୁସିର ଲହରୀ ଶୋଇଯାଏ ପୁରା
ଦୁଃଖର ଝଡ଼ଟା ବିହ୍ୱଳେ ନାଚେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗୁରୁ ଯେବେ ପାଏ ନିନ୍ଦା ଅପମାନ
ଶରଧାରେ ଗଢ଼ା ବିଦ୍ୟାର୍ଥୀ ଠାରୁ
ଭାଗ୍ୟ ଆକାଶରେ ଧୂମକେତୁ ଆସି
ଦୁଃଖ ବାଂଟିଦିଏ ତିକ୍ତ ଦେହରୁ ।

ଦୁର୍ଲଭ ଜନମ ପାଇ ଯେ ହରାଏ
ପରିବାର ପରିଜନ ବାନ୍ଧବ
ଅଙ୍ଗ ସବୁ ଥାଇ ଲାଗଇ ଦିବ୍ୟାଙ୍ଗ
ଅଧା ଜଳେ ବୁଡ଼େ ଆକାଂକ୍ଷା ନାଵ ।

ପ୍ରତିଭା ଥାଇ ଯେ ଅଲୋଡା ଆଖୋଜା
ନ ଥାଇ ସୁଗୁଣ ହୁଏ ମହାନ
ସମାଜରେ ଗୁଣୀ ଲାଗେ ହତଭାଗା
ପବନ ବି କରେ ଦୁଃଖ କ୍ରନ୍ଦନ ।

ସୁବିଧାବାଦୀ ଯେ ଅଳସୁଆ ହୀନ
ଢାଳିଥାଏ ନିତ୍ୟ ମିଛ କାନ୍ଦଣା
ହତଭାଗା କହି ଅଭିନୟ କଲେ
ଭବିଷ୍ୟେ ମିଳଇ ଦୁଃଖ ଯାତନା ।

ନ ଭାବି ନିଜକୁ ତୁଚ୍ଛ ହତଭାଗା
କର୍ମେ ଧର୍ମେ ଯାର ଦୃଢ଼ ବିଶ୍ୱାସ
ହତଭାଗା ନୁହଁ ସେ ତ ଭାଗ୍ୟବାନ
ପାଉଥାଏ ନିତ୍ୟ ଅମୃତ ସ୍ପର୍ଶ ।

ଜମ୍ପୁରା, କେନ୍ଦୁଝର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନର ମଣିଷ



ନିରଞ୍ଜନ ସାହୁ

ଏହି ଜୀବନର ଅକୁହା କାହାଣୀ
ତୁମ ଆଗେ ଦେଲି ଖୋଲି
କାହିଁକି କେଜାଣି ତୁମେ ଲାଗ ମୋତେ
ଆପଣାର ଲୋକ ବୋଲି ।

ମନ ସାଥେ ମନ ମିଶଇ ଯେଉଁଠି
ହୃଦୟ ଦରଜା ଖୋଲେ
ମନକୁ ନିର୍ମଳ କରିଦେବା ପାଇଁ
ଆତ୍ମା ସତ କଥା ବୋଲେ
ଗୋପନୀୟ ତଥ୍ୟ ପ୍ରକାଶ କରିଲି
ଅନ୍ତର କରିକି ଖାଲି ।

ଛନ୍ଦ , କପଟ କି ଛଳନା ଏଥିରେ
ସାମାନ୍ୟ ଟିକିଏ ନାହିଁ
ଯାହା କହିଛି ମୁଁ ସତ କହିଅଛି
ସନ୍ଦେହର ପ୍ରଶ୍ନ କାହିଁ
ତୁମକୁ ଭରସା ବିଶ୍ୱାସ କରିକି
ନିଜର ମୁଁ ଭାବି ନେଲି ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୩
ମୋ :- ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଚରିତ୍ର



ଦୁଷ୍ମନ୍ତ ବେହେରା

ମୋ ଚରିତ୍ର ରେ
ମୁଁ ଅଭିନୟ କରୁଛି
ତୁମେ ତ ମୋ ଶ୍ରୋତା ...

ଶ୍ରୋତା ହୋଇ ଯଦି
ବିଦାୟ ନ ଦେବ ମୋର
ମୂଲ୍ୟ କ'ଣ ରହିବ...

ମୁଁ ଜାଣି ନାହିଁ ମୋ
ଅଭିନୟ ଦେଖି ତୁମେ
ଆସିବ କି ନାହିଁ ...

ତଥାପି ଅପେକ୍ଷା କରିବି
ମୋ ଶେଷ ସମୟ ର
ଚରିତ୍ର କୁ ନେଇ ...

ଆସ ଦେଖିବ ଯାହା ମୁଁ
ନେଉଛି ତୁମ ଭଲ ପାଇବା
ତୁମ ଓଠରେ ଆହା ...

ଗଲା ବେଳକୁ କଥା
ପଦେ କହୁଛି ମୋତେ
ଘୃଣା କର ...

ମୋ ଚରିତ୍ର ର ଅଭିନୟ କୁ
ଘୃଣା କରିବ ନାହିଁ
ମୁଁ ମୋ ଚରିତ୍ର ରୁ .....

ବିଦାୟ ନେଉଛି

ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଋଷି ବିଶ୍ୱାମିତ୍ର



ଶଙ୍କର ବିଶ୍ୱାଳ

ବୈଦିକ କାଳର ବିକ୍ଷ୍ୟାତ ଯୋଗୀ ସେ
ଥିଲେ ଋଷି ବିଶ୍ୱାମିତ୍ର ,
ଜ୍ଞାନର ସାଗରେ ଭଷାଇ
ଦିଅଯେ ଦେଖି ପୁରିଯାଏ ନେତ୍ର ।

ପ୍ରତାପି, ତେଜସ୍ୱୀ ମହାପୁରୁଷ ସାଜି
ଧର୍ମର ରକ୍ଷା ତୁମେ କଲ ,
ଋଷିଧର୍ମ ପୂର୍ବେ ଥିଲ ତୁମେ ବଡ଼
ପରାକ୍ରମ ଓ ପ୍ରଜାବତ୍ସଳ ।

ରାଜା କୋସିକ ବାସ୍ତବିକ ନାମେ
ଥିଲ ତୁମେ ଜଣାଶୁଣା ,
ପୌରାଣିକ ଗ୍ରନ୍ଥେ ଆଧାରକରି
ଲେଖିଲ କେତେ ରଚନା ।

କ୍ଷତ୍ରିୟ ଧର୍ମକୁ ତ୍ୟାଗ କରିଯେ
ବ୍ରାହ୍ମଣକୁ ଆପଣେଇ ,
ତପସ୍ୟାର ବଳେ ରାଜସ୍ୱୀକୁ ଛାଡ଼ି
ବନିଲ ମହର୍ଷି ।

ବିରଚିତ କଲ ପୌରାଣିକ କଥା
ରଖିଗଲ ମହାଯଶ ,
ପିତାଥିଲେ ତୁମ ଗାଧି
ଜନ୍ମ କଲେ ମହାପୁରୁଷ ।

ଗୁଡ଼ିଆଳୀ, କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ-୬୩୭୨୨୬୯୯୭୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଶ୍ନ



ଦୀପକ୍ କୁମାର
ପାତ୍ର

ଏଠି ପ୍ରଶ୍ନ ତ ଅନେକ
ହେଲେ କ'ଣ ସବୁ ପ୍ରଶ୍ନର ଉତ୍ତର
ସଠିକ୍ ଭାବରେ ସମସ୍ତଙ୍କୁ ଦେଇହୁଏ ?
ଏମିତି ବି କିଛି ଉତ୍ତର ଥାଏ
ତାକୁ କାହାକୁ କହିବା ଅପେକ୍ଷା
ନିଜ ଭିତରେ ହିଁ ସମାହିତ କରିବାକୁ ହୁଏ ।।
ସବୁ ପ୍ରଶ୍ନର ଯେ ଉତ୍ତର ଥିବ
ଏମିତି କ'ଣ ମାନେ ଅଛି ଯେ
ଆଉ ସବୁ ଉତ୍ତରର ନିହାତି ଅର୍ଥ ରହିଥିବ
ଏମିତି କୋଉଠି ଲେଖାଅଛି ଯେ ।।
ଖାଲି ପ୍ରଶ୍ନକୁ ଗୋଡେଇ ଗୋଡେଇ
ଉତ୍ତର ଜାଣିବା ଆଶାରେ ଲାଳାୟିତ
କ'ଣ କେବେ ବୁଝିପାରେ କି ?
ଏଇ ପ୍ରଶ୍ନବାଚୀ ଚିହ୍ନଟିଏ
ଜଣେ ବ୍ୟକ୍ତି ଜୀବନରେ
କେଉଁ ଝଡ଼ର ପ୍ରାରମ୍ଭ କରିଯାଏ ।।
ଏଇ ପ୍ରଶ୍ନ ବାଣଟି ମଧ୍ୟ ମଣିଷର ମନକୁ
ବାରମ୍ବାର ଆଘାତ କରି
ତା'ର ଚଲାପଥକୁ ଆନମନା କରିଦିଏ
ସେ ବିଭିନ୍ନ ଆଭ୍ୟନ୍ତରୀଣ ପ୍ରଶ୍ନର ଉତ୍ତର
ଖୋଜିଚାଲେ ମୂଳରୁ ଚୂଳଯାଏଁ
ହେଲେ ଉତ୍ତର ଖୋଜୁଖୋଜୁ ସୀମାଲଙ୍ଘି
ଉପରକୁ ହାତ ଟେକିଦିଏ ।।
ଏଇ ଜୀବନରେ ବେଳେବେଳେ
ଏମିତି ବି କେତେକ ପ୍ରଶ୍ନ
ଆଖି ସାମ୍ନାକୁ ଚାଲିଆସେ
ନା ତା'ର ଆଦି ଥାଏ ନା ତା'ର ଅନ୍ତ
ଖାଲି ପ୍ରଶ୍ନବାଚୀ ଚିହ୍ନଟିଏ ପରି ଉଭାହୋଇ
ମଣିଷର ଜୀବନ ସହ
ଓତପ୍ରୋତ ଭାବେ ଜଡିତ ହୋଇ
ପ୍ରଶ୍ନଟିଏ ହୋଇ ରହିଯାଏ ।।

ବୋରିଆ, କେସିଙ୍ଗା, କଳାହାଣ୍ଡି

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମିଛ ସ୍ୱାଧୀନତା



ଅମରନାଥ୍ ବାରିକ

ଦେଖ ଦେଖ ଆଜି ଜାତୀୟ ପତାକା
ଉଡୁଅଛି ଫରଫର
ତଳେ ରାଜନେତା ରୁଣ୍ଡିଭୁତ ହୋଇ
ନିଜକୁ ମଣନ୍ତି ବୀର
ସବୁଠାରୁ ବଡ଼ ଚୋର
ଆଇନ ଭକ୍ଷକ ପୋଲିସ ସେଠାରେ
ନୁଆଁଇ ଅଛନ୍ତି ଶିର ।

ଦିଅନ୍ତି ଭାଷଣ ନିଜ ଦଳ ପାଇଁ
କରିଛି କେ କେତେ କାମ
ଉପର ଖୋଳପା ମାତୃଭକ୍ତି ଛାପ
ହୃଦେ ନାହିଁ ଦେଶ ପ୍ରେମ
କରୁଥାନ୍ତି କୃତ କର୍ମ
ଆଇନ ଆଖିରେ କଳାପଟି ବନ୍ଧା
ଭାସି ଯାଏ ଦେଶ ଆମ ।

ପ୍ରକୃତ ସଂଗ୍ରାମୀ ଫଟୋ ଉଇ ଖାଏ
ପୋଷ୍ଟର ଯାଙ୍କର ଛପେ
ସ୍ଲୋଗାନରେ ନିଜ ମନ୍ତ୍ରୀ ନାମ ଯୋଡ଼ି
ଭୋକି ହେଉଥାନ୍ତି ଆପେ
ଭୋଟର ବାପୁଡା ଜପେ
ଇଲେକ୍ସନ ବେଳେ ପିଇଥିଲେ ବୋଲି
ନାଲି ପାଣି କପେ କପେ ।

ମିଛେ ଉଡ଼ାଉଛ ତ୍ରିରଙ୍ଗା ପତାକା
ଜାତୀୟ ସଙ୍ଗୀତ ଗାଇ
କହି ପାରିବ କି ଗଣତନ୍ତ୍ର କ'ଣ
ପୁଣି ହେଉଅଛ ବାଇ
ସମ୍ବିଧାନ ଜଣା ନାହିଁ
କେଉଁଥିରେ ଲେଖା ଶୋଷଣ କରିବା
କହି କି ପାରିବ ଭାଇ !

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାଧାରଣତନ୍ତ୍ର ଦିବସ



ରାମଚନ୍ଦ୍ର ପ୍ରଧାନ

ସାଧାରଣ ତନ୍ତ୍ର ଦିବସରେ ଆଜି
ନେବାରେ ଆସ ଶପଥ
ଜାତି ପ୍ରେମ ବହ୍ନି ଜାଳି ହୃଦୟରେ
ଚଢ଼ିବା ବିଜୟ ରଥ ।
ସମ୍ବିଧାନେ ଲେଖା  ନୀତି ନିୟମକୁ
ନିଷ୍ଠାର ସହ ପାଳିବା
ଭାଷଣ ବାଜିଠୁ ଦୂରେଇ ରହି କି
ସୁନାର ଦେଶ ଗଢ଼ିବା ।
ହାରିବାନି କେବେ ଡରିବାନି କେବେ
ଆମେ ଏ ଜନ୍ମ ମାଟିରେ
ଶତ୍ରୁ ସଙ୍ଗେ ଲଢ଼ି ଘଉଡ଼ାଇ ଦେବା
ଆମ ଦେଶ ସୀମା ପାରେ ।

ତ୍ରିରଙ୍ଗା ନେତକୁ ସନମାନ ଦେବା
ଗରବେ ଫୁଲାଇ ଛାତି
ଦେଶ ପାଇଁ ଆମେ ଗୌରବ ଆଣିବା
ହୃଦେ ବୁଣି ଦେଶ ପ୍ରୀତି ।
ରାଷ୍ଟ୍ରୀୟ ଏକତା ବଜାୟ ରଖିବା
ସାମୁହିକ ସ୍ୱାର୍ଥ ପାଇଁ
ସ୍ୱଚ୍ଛତା ଦିଗରେ ଅଗ୍ରସର ହେବା
ମାଟି ମାଆ ମଥା ଛୁଇଁ ।
ହର୍ଷ ଉଲ୍ଲାସରେ ପାଳିବା ଆସରେ
ଏ ଜନରାଜ୍ୟ ଦିବସ
ସତ୍ୟ ଧର୍ମ ନ୍ୟାୟ ଅହିଂସା ପଥରେ
ଚାଲିବା ସାରା ବରଷ ।

ଶିକ୍ଷକ, ସାନ୍ତରାପଲ୍ଲୀ,ଗଞ୍ଜାମ
ମୋ: ୯୮୬୧୬୩୮୭୩୬

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଘୁଷୁରୀ ପ୍ରକୃତି ପଙ୍କରେ ଲୋଟେ



ଅଲେଖ ମେହେର

ଉଚ୍ଚ କୂଳେ ଲଭି  ଜନମ କି ଲାଭ
କର୍ମ ହୋଇଗଲେ ହୀନ,
ନୀଚକୂଳେ ଜାତ ହୋଇ ସରସୀଜ
ହରେ ସର୍ବ ଜନମନ ।
ଶୁକରକୁ ଦେଲେ  ରାଜ ସିଂହାସନ
ଚିତ୍ତ କି ରହିବ ତହିଁ,
ଆବର୍ଜନା ବିଷ୍ଠା  କାଦୁଅ ଜଳରେ
ମନଥିବ ତାର ରହି ।
ଭୁଜଙ୍ଗ ପାଳିଲେ  କ୍ଷୀର ସର ଦେଇ
ହୋଇ କି ପାରିବ କୀର,
ସମୟ ସୁବିଧା  ଦେଖି ମାରି ଚୋଟ
ଦେହେ ଭରିବ ଜହର ।
ତାଳ ଖଜୁରକୁ  ରଖିଲେ ଭରଷା
ନିଦାଘ କଷଣ ସାର,
ବଳାହକେ ଜନ୍ମି  ଅଶନୀ ଯେସନ
ଉର୍ବୀରେ କରେ ସଂହାର ।

ମହୀରୁ ଉତ୍ପତ୍ତି  ଲଭି ତରୁତୃଣ
ସର୍ବସ୍ୱ କରନ୍ତି ଦାନ,
ନିଃସ୍ୱାର୍ଥ ହୃଦୟ  ସେବା ମନୋଭାବ
ଜାଣି ଅଛି ତ୍ରିଭୁବନ ।
କୁରଙ୍ଗ ଭ୍ରମଣ  ଅଟବୀ ଗହନେ
କଣ୍ଠିରବ ଗୁପ୍ତେ ଥାଇ,
କରଇ ହରଣ  ନିରୀହ ପରାଣ
ବନରେ ରାଜା ବୋଲାଇ ।
ଗୃଧ୍ର ପାଇଁ ଶିବି  କଳେବର କାଟି
ଉଡାଇଲେ ଧର୍ମ ନେତ,
ବୃଜିନ କରମ  ଆଚରି ମହାନ
ହୋଇଛି କି କେଉଁ ଧୂର୍ତ୍ତ ।

ସୋହେଲା, ବରଗଡ଼
ମୋ-୬୩୭୦୨୨୦୫୫୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଷଟି ପଥର



କୁଞ୍ଜବିହାରୀ ରାଉତ

ଜୀବନର କଷଟି ପଥରେ

ଘଷି ମାଜି ସଫା ହୋଇଯାଇଛି

ସବୁ ଅଭିଜ୍ଞତା,

ଶିଶୁର ଦରୋଟି ହସରେ, ଯେପରି ଭରି ରହିଥାଏ

ଉଦାରତା,ଚପଳତା ଆଉ ଦୁଷ୍ଟାମୀର ଛିଟା

ସେ ସବୁକୁ ସାଉଁଟି ଆଣିଲେ

ଉତ୍‌ଫୁଲ୍ଲିତ ହୋଇଯାଏ ମନ

ହସ ସବୁ ସଂଚରି ଯାଆନ୍ତି ଏ ଓଠରୁ ସେ ଓଠକୁ

ହିଂସା,ବାଦ ସବୁ ଲୁଚିଯାଆନ୍ତି

ବିଷର୍ଣ୍ଣ ହୃଦୟର ଆଢୁଆଳରେ

ଠିକ୍ ଯେପରି ଚନ୍ଦ୍ର ଲୁଚିଯାଏ ବାଦଲ ପଛରେ....

ସହନଶୀଳତା,ଶାନ୍ତି,ମୈତ୍ରୀ ବାର୍ତ୍ତାର ଅମୃତକୁ

ବିଛାଡି ଦେଲେ ବି

ତା'ର ମୂଲ୍ୟ କି ବୁଝିବ ସର୍ପ

ଯେତେ କ୍ଷୀର ଦେଇ ପାଳିପୋଷିଲେ ବି

ଦିନେ ତ ମାରିବ ଚୋଟ......

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଋଣଗ୍ରସ୍ତ ବାପ ଓ ବିଟପି ମା ଅଡୁଆ ପୁଅକୁ

ସୁନ୍ଦରୀ ସ୍ତ୍ରୀ ଅଡୁଆ ସ୍ୱାମୀକୁ

ଅପାଠୁଆ ପୁଅ ଅଡୁଆ ବାପକୁ

ସ୍ୱଳ୍ପ ବିଦ୍ୟା ଭୟଙ୍କରୀ,ଜାଣିଥା ଏକଥା

ଜହ୍ନ ଆଲୁଅ ଅଡୁଆ ଚୋରକୁ

ଜଳକ୍ଲିଷ୍ଟଙ୍କ ପାଇଁ ଅଡୁଆ ମରୁଭୂମି

ସଚେତନ ନାଗରିକ ଅଡୁଆ ନେତାଙ୍କୁ

ଜଳବହୁଳେ ଜଳବିହୁନେ ଅଡୁଆତ ଚାଷୀକୁ

ବେଳ ଥାଉ ଥାଉ ସଜାଡି ନିଅ ଓ

ପରଖି ନିଅ ନିଜକୁ

କଷଟି ପଥରର ଏ କାହାଣୀ

କେବେହେଲେ ନହେବ ଅନ୍ୟଥା

ହେଳାକଲେ,ନମାନିଲେ ଏହି ଅକାଟ୍ୟ ବାରତା

ସାଧୁ ସାବଧାନ !

ନୋହିଲେ ଜୀବନଟା ଭରିଯିବ ବ୍ୟର୍ଥତାରେ

କାଳକାଳ ଭୋଗୁଥିବ ବ୍ୟଥା.....

ପ୍ଲଟ-୧୪୮/୫, କଣ୍ଟ୍ରାକ୍ଟର କଲୋନୀ,ହମିରପୁର
ରାଉରକେଲା-୩,ମୋ=୯୦୯୦୦୯୦୨୨୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁରୁ



ଦେବାର୍ଚ୍ଚନ
ମେହେର

ଆଦ୍ୟ ଗୁରୁ ଯେ ପିତା ମାତା,

ଦ୍ୱିତୀୟ ଗୁରୁ ଶିକ୍ଷା ଦାତା ।।

ପିତା, ମାତା ଯେ ଚଳନ୍ତି ଠାକୁର,

ଗୁରୁ ଯେ ଜ୍ଞାନର ଭଣ୍ଡାର ।।

କେତେ ପରିଶ୍ରମ କରି ଗୁରୁ ଦିଅଇ ଶିକ୍ଷା,

ଗୁରୁଙ୍କ ଶିକ୍ଷାଦାନ କୁ ସମସ୍ତେ କରନ୍ତି ଅପେକ୍ଷା ।।

ଗୁରୁ ଜ୍ଞାନ ବଳେ ଶିଷ୍ୟ ବୁଲୋଇ ସଂସାର,

ହେ ମଣିଷ ସମାଜ ନ ଭୁଲିବ କେବେ ଗୁରୁଙ୍କୁ ପ୍ରତିଜ୍ଞା କର ।।

ଅନ୍ଧକାର ଦୁନିଆରୁ ଆଲୋକକୁ ଆନେ,

ମଣିଷ ହୁଏ ସିଏ ଗୁରୁଙ୍କ କଥା ଯେ ମାନେ ।।

ଭଗବାନ ପିତା, ମାତା, ଗୁରୁ ରୂପେ ଆସି କରନ୍ତି ବାସ,

ତାଙ୍କ କଥା ନ ମାନି ଚଳିଲେ ସଂସାରୁ ହେବ ଯେ ନାଶ ।।

ଗୁରୁଙ୍କ ଆଦେଶକୁ କରେ ଯେ ପାଳନ,

ଯେ ଶିଷ୍ୟ ଦିନେ ଭଲ ମଣିଷ ହେବ ଯାନ ।।

ଗ୍ରାମ - ବାପୁଜୀନଗର, ଜିଲ୍ଲା - ବୌଦ୍ଧ

ମୋ - ୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଓମିକ୍ରନ ଡରେ



ଜୟନ୍ତ କୁମାର
ମଲ୍ଲିକ

ରାତି ପାହିଲେ ନାଲି ଘୋଡ଼ାରେ
ଆସେ ସୂରୁଯ ମାଡ଼ି
ପିଲାଏ ଦେଖି ଖୁସି ହୁଅନ୍ତି
ବାଜିଲେ କାନ୍ଥ ଘଡ଼ି ।
ଇସ୍କୁଲ ଯିବୁ ପାଠ ପଢ଼ିବୁ
ଚିନ୍ତା କରନ୍ତି ବସି
ମାଆଙ୍କ ପାଖେ ସତ କହିଲେ
ହୁଅନ୍ତି ସିଏ ଖୁସି ।
ରୋଷେଇ ଘରେ କରନ୍ତି ମାଆ
କୋବି ଭଜାକୁ ରୁଟି
ଇସ୍କୁଲ ଯାଇ ପଢ଼ନ୍ତି ପାଠ
ନଥାଏ ଯଦି ଛୁଟି ।
ଏବକୁ ସିନା କରୋନା ବେଳ
ରୁହନ୍ତି ସବୁ ଘରେ
ସଭିଙ୍କ ସାବଧାନତା ଦେଖି
ଓମିକ୍ରଅନ ଡରେ ।
ପରୀକ୍ଷା ଏବେ ଆଗକୁ ଅଛି
କେଜାଣି ହେବ କିସ
ଉଦ୍ଧାର କର ଦେଶବାସୀଙ୍କୁ
ହେ ପ୍ରଭୁ ଜଗଦୀଶ ।

ଶୂରଡିହ, ନନ୍ଦିପୁର, ଯାଜପୁର
ଆଳାପ:~୯୪୩୭୮୬୪୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦଣ୍ଡିବା ଶକ୍ତି ଯାର ଥାଇ



ମନ୍ମଥ କୁମାର
ଦଳେଇ

ସେମାନେ ଚିର ନମସ୍ୟ, ବରେଣ୍ୟ, ମହାଶୟ
ସେହି ନ୍ୟାୟରେ ଆମେ ପରମ ଆଜ୍ଞାଧୀନ,
ଯାହା କିଛି ହେଲା, ହେଉଛି, ହେବ
ସବୁକିଛି ଦଣ୍ଡ ଆଉ ମାନଦଣ୍ଡ
ଏବଂ ଭୂତ ଆଉ ଭବିଷ୍ୟତର ନିର୍ଦ୍ଧୟ ସମୀକରଣ,
ତେଣିକି ବାଡ଼ ଫସଲ ଖାଉ ଅବା
ଫସଲ ବାଡ଼ ଖାଉ, ସବୁକିଛି ଢ଼ୋ.....

ସେମାନେ କହିଲେ କାଉ ଧଳା, ବଗ କଳା
ଆମେ ଶୁଣିଲୁ, ମନେ ମନେ ବହେ ହସିଲୁ
ତାପରେ ଦଣ୍ଡେ ରହି ବିରାଟ ବଡ଼ ହୁଁ ଟେ ମାରିଲୁ,
ସେହି ହୁଁ ଟିର ମଞ୍ଜିରେ ସୃଷ୍ଟି ହେଲା ଏକ ବିରାଟ ବୃକ୍ଷ,
ସେଥିରୁ ଫଳିଲା ବୋଝ ବୋଝ ସ୍ୱାଦିଷ୍ଟ ଫଳ,
ଏବେ ସେ ଫଳର ମାଲିକାନା ତାଙ୍କ ହାତରେ
ଆଉ ବୃକ୍ଷର ସମ୍ପୂର୍ଣ୍ଣ ଦାୟିତ୍ୱ ଆମ ମୁଣ୍ଡରେ ।

ମାନସିକ ପତନର ଅନ୍ତିମ ଗ୍ଲାନି
ଅବା ଭୌତିକ ଆବଶ୍ୟକତାର ଭୟଙ୍କର ଅନ୍ତର୍ଦାହରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତେବେଳେ ସେମାନଙ୍କ ଅହଂକାର ବହ୍ନି
ଜଳୁଥିଲା ଘୋ ଘୋ ହୋଇ,
ସେତେବେଳେ ଆମେ ପାଲଟି ଗଲୁ ସମ୍ପୂର୍ଣ୍ଣ ବରଫ,
ତଥି ଅନ୍ତେ ଆମେ ତରଳି ତରଳି ଚାଲିଲୁ
ବରଫରୁ ସମ୍ପୂର୍ଣ୍ଣ ଜଳ ହେବା ଯାଏଁ ।

ସେମାନଙ୍କ ସମସ୍ତ ଭୁଲକୁ
ଚନ୍ଦନ ଭାବି ଯେଉଁଦିନ ଠାରୁ
ଆମେ ମଥାରେ ବୋଳିବା ଶିଖିଲୁ ,
ସେମାନେ ପାଲଟି ଗଲେ ଦେବତା
ଆଉ ଆମକୁ ସଜେଇ ଦେଲେ ଦେବଦୁତ,
ତାଙ୍କ ଆଜ୍ଞାରେ ଏବେ ଆମ ସାତ ଖୁନ ମାଫ ।

ସେମାନେ ଏବେ ଖୁଲମ ଖୁଲା କହି ବୁଲିଲେ
"ଦଣ୍ଡିବା ଶକ୍ତି ଯାର ଥାଇ, ତା ପାଦେ ଈଶ୍ବର ଖଟଇ "
ଏଥର କିନ୍ତୁ ଆମେ ସମ୍ପୂର୍ଣ୍ଣ ଚୁପ,
ତହିଁ ଉପରାନ୍ତେ ଦେଖିଲୁ
ସେମାନେ ବି ଚୁପ ହୋଇଗଲେ ଦିନ କେଇଟାରେ ।

ମ୍ୟାନେଜର, NTPC/Kaniha
ମୋବାଇଲ : ୯୪୩୭୪୮୯୮୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଠାଏ ଜୀବନ



ଶିବରାମ ଦଳେଇ

ଯୋଗୀ ଗାଇଥାଏ   ଜୀବନର ଗୀତ
କେନ୍ଦେରା ର ସୁରେ ସୁରେ  ।
ମୋ ଜୀବନ ଗୀତ   ଏମିତି ବେସୁରା
ଛନ୍ଦି ଛାନ୍ଦୀ ଖାଲି ହୁଏ  ।।

ତୁମ ଜୀବନରେ  ମଳୟ ବହୁଛି
ବସନ୍ତ ଆସିବା ପରେ  ।
ଆଖି ପତା ମୋର   ନିଇତି ଭିଜୁଛି
ଅଦିନିଆ ବରଷାରେ  ।।

ଝରା ଶେଫାଳି ତ   ଝରି ପଡ଼ିଥାଏ
ରାତ୍ରି ର ଅନ୍ଧକାରେ  ।
ମୋ ଜୀବନ ଆଜି  ଶେଫାଳିଠୁ ହୀନ
ଝରେ ପ୍ରତି ମୁହୂର୍ତ୍ତରେ  ।।

ଜୀବନରେ ମୋର  ବିଞ୍ଚିଦେଲ କାହିଁ
ପ୍ରେମ କୃଷ୍ଣଚୂଡ଼ା ଫୁଲ  ।
କୃଷ୍ଣଚୂଡ଼ା ଆଜି   ପଳାଶ ସାଜିଛି
ବଂଚିବା ର ନାହିଁ ମୂଲ  ।।

ତୁମେ ଗଲାପରେ  ଜୀବନ ର ରାସ୍ତା
କଣ୍ଟାରେ ଯାଇଛି ଭରି  ।
ମୁଠାଏ ଜୀବନ  ଯିଇବାକୁ  ହେବ
ଦୁଃଖ କୁ ନିଜର କରି  ।।

ଲେଖନପୁର, ସାଲେପୁର
ଦୂରାଭାଷ :-୯୪୩୯୯୩୭୦୭୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୋଲାପ



ରାହୁଲ ଚନ୍ଦ୍ର ଘଡ଼େଇ

ଭାଗ : ୧

ପ୍ରଥମ ଗଛର ମୋ ପ୍ରଥମ ଗୋଲାପ ଫୁଲ
କେବେ ଦେବି ବୋଲି ତୁମକୁ ଗଣି ଚାଲୁ ଥିଲି ଦିନ ।
କାଳେ ଗ୍ରହଣ କରିବକି ନାଇ ତୁମେ ମୋ ପ୍ରେମ
ସେଇ ଭାବନାରେ କାଟି ଦେଲି ଅନେକ ଦିନ ।

ପାଗଳ ପ୍ରେମୀକ ମୁଁ ପାଗଳ ମୋ ମନ
ଭାବୁ ଭାବୁ ଭାଇ ଦେଇଥିଲା ଟିକେ ଅଧିକ ।
ମଉଳି ଗଲା ମୋ ପ୍ରଥମ ଗଛର ପ୍ରଥମ ଗୋଲାପ ଫୁଲ
ପୁଣି ଚାହିଁ ବସିଲି ମୁଁ ଆଉ ଗୋଟିଏ ନୂଆ ଦିନ ।

ଚାହୁଁ ଚାହୁଁ ବିତିଗଲା କିଛିଦିନ
ଆସି ପହଞ୍ଚି ଗଲା ମୋ ପାଖରେ ମୋ ଅପେକ୍ଷାର ଦିନ ।
ମନରେ ବାନ୍ଧିଲି ଗୁଡ଼ାଏ ଆସା ଓ ଭରସା
ଫୁଲକୁ ଦେଖି ମନ ମୋର ହୋଇଗଲା ଖୁସିରେ ଭରା ଭରା ।

ଧରିଲି ମୁଁ ଗୋଲାପ ଫୁଲ ଚାଲିବାକୁ ଲାଗିଲି ବାଟ
ପହଞ୍ଚି ଅପେକ୍ଷା କରି ବସିଲି ତୁମ ଫେରିବାର ବାଟ ।
ହୃଦୟ ମୋର ତୀବ୍ର ରେ କରୁଥିଲା ଥରହର
ସତେ ଯେପରି ତୁମେ ଉପସ୍ଥିତ ହୋଇଅଛ ମୋ ଆଖି ଆଗରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାଗ : ୨

ସବୁ ଦିନ ଠାରୁ ଲାଗେ ଆଜି ଭାରି ଅଲଗା
ମନ ମୋ କହୁଛି ଏଇ ଦେଖ୍ ଆସୁଛି ତୋ ପ୍ରିୟା ।
ହସି ହସି ଯେବେ ଆସ ତୁମେ ମୋତେ ଦେଖି
ମନ ମୋ ମୋତେ କହୁଛି ହାୟେ ମୁଁ ମରି ଯାଇକି ।

ହାଲ୍କା ହାଲ୍କା ପବନ ସହ ତୁମ ଦେହର ବାସ୍ନା
ଭରୀ ଦେଇଯାଏ ମନରେ ମୋର କେବଳ ତୁମରି ଭାବନା ।
ଝୁମି ଝୁମି ଯାଏ ଆଜି ଏଇ ମନ ମୋର
ତୁମେ ଆସୁ ଅଛ ବୋଲି କହୁଛି ହୃଦୟ ମୋର ।

ପଦର ତୁମ ଘୁଙ୍ଗୁର ବନ୍ଧା ଝୁମୁ ଝୁମି ପାଉଁଞ୍ଜି
ସଜାଗ ରହିବାକୁ ସତେ ଯେପରି ମୋତେ କହୁଛି ।
ହାତରେ ତୁମର ନାଲି ନୀଳ କାଚ
ତାକୁ ଦେଖି ଓଠରେ ମୋର ମୁରୁକି ମୁରୁକି ହସ ।

ଆଖିରେ ତୁମ କଜଳ ର ଗାର
ଦେଖି ମୋ ଛାତି ରେ ବାଜିଲା ତୀର ।
ଓଦା ଓଦା ଓଠକୁ ତୁମ ମିଠା ମିଠା ହସ
ଦେଖି ମୁଁ ସେହିକ୍ଷଣି ହୋଇଗଲି ବେହୋସ ।

ଦାଣ୍ଡମୁକୁନ୍ଦପୁର୍, ପିପିଲି, ପୁରୀ
୮୪୫୫୯୫୯୫୯୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଶୀର୍ଷକବିହୀନ !



ଆଞ୍ଚଲ କବି

ତୁମ କବିତାରେ ମୁଁ
ନ ଥାଇପାରେ,
ମୋର ପ୍ରତିଟି ଶବ୍ଦରେ
ତୁମେ ଅଛ !
ସକାଳର ପ୍ରାରମ୍ଭେ ତୁମର
ମୁଁ ନାହିଁ ବୋଧେ,
କିନ୍ତୁ ମୋର ପହିଲି କିରଣରେ
ତୁମେ ଅଛ !
ତୁମ ଓଠ ହସରେ
ମୋର ଜାଗା ନାହିଁ ,
କିନ୍ତୁ ମୋର ଅଶ୍ରୁରେ ମଧ୍ୟ
ତୁମେ ଦିଶୁଛ !

ତୁମ ଆଖିରେ ଆଉ ମୁଁ
ଝଲସୁନି ବୋଧେ,
ହେଲେ ମୋ ନିଶ୍ୱାସରେ
ତୁମେ ବାସୁଛ !
ମନରେ ତୁମର ମୁଁ
ମରିସାରିଛି,
କିନ୍ତୁ ମୋର ପ୍ରତିଟି ସ୍ମୃତିରେ
ତୁମେ ଆଜି ବି ବଞ୍ଚିଛ !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ପ୍ରିୟ...



ବିନୟ ମିଶ୍ର

ମନ ମନ୍ଦିରେ ଦେବତା ସଜାଇ

ପୁଜୁଥିଲି ମନେ ମନେ,

ଠିକଣା ହଜାଇ ଲୁଚିଗଲ କାହିଁ

ପଡୁନାହିଁ କିବା ମନେ,

ଖୋଜୁଛି ତୁମକୁ ବାସରେ ଶେଯରେ

କବରୀରେ ଚିବୁକରେ,

ଆଶାରେ ଅନେଇ ରହିଛି ଗୋ ପ୍ରିୟ

ଆସ ମୋ ପାଖକୁ ଥରେ,

ଅଭିମାନ ଭାଙ୍ଗି ଯାଉ,

ନବ ରଶ୍ମିର ରଙ୍ଗେ ପ୍ରଶାନ୍ତ

ଆକାଶ ରଞ୍ଜୁଥାଉ ।

ମଲ୍ଲୀପୁର, ନିଆଳି, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତ୍ରିରଙ୍ଗା



ପ୍ରିୟଦର୍ଶିନୀ
ମହାପାତ୍ର

ସେଇ  ତିନି ରଙ୍ଗରେ ରଙ୍ଗୀନ ଆଜି
ଦିଶେ  ମୋ  ଭାରତ ଭୂଇଁ
ଶାନ୍ତି, ମୈତ୍ରୀ, ବୀରତ୍ୱ ପ୍ରତୀକ
ଉଡୁଥାଏ  ବାର୍ତ୍ତା  ଦେଇ   । ।

ମୋ  ଦେଶରେ ଆଜି  ଗରବେ  ସର୍ବେ
ହୁଅନ୍ତି ଏକାଠି ଜନ
ଗୋଟିଏ ଚେତନା କୋଟିଏ ଭିତରେ
ଆମେ ଭାରତ ମାତାର ସନ୍ତାନ   । ।

ଏକତାର ରଙ୍ଗେ ରଙ୍ଗୀନ୍ ଆମେ
ବୋଲି ଦେଲେ ଗାନ୍ଧୀ ମହାନ
ନୂତନ ଭାବନା ଜାଗରଣ କଲା
ଆମ୍ବେଦକରଙ୍କ ସମ୍ବିଧାନ   । ।

ଗାନ୍ଧୀ, ଗୋପବନ୍ଧୁ ସୁବାସ ବୋଷଙ୍କ
ହାତଗଢ଼ା ଦେଶ ଏହି
ଶାନ୍ତି ମୈତ୍ରୀ  ବୀରତ୍ୱ ପ୍ରତୀକ
ଉଡୁଥାଏ  ବାର୍ତ୍ତା  ଦେଇ   । ।

ଶିକ୍ଷୟିତ୍ରୀ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାକୁ କହିବୁ କେମିତି କହିବୁ



ପ୍ରଶାନ୍ତ ବ୍ରହ୍ମା

କାହାକୁ କହିବୁ କେମିତି କହିବୁ
କିଏ ବା ବୁଝିବ ତୋ କଥା
ଆଖି ଲୁହ କନାରେ ପୋଛି
ଯାଉଅଛି ଦିନ  ସର୍ବ ସର୍ବଦା ।

ନିଜର ଲୋକ ହୋଇଲେ ପର
ପରକୁ କିପରି ଭାବିବୁ ଆପଣାର
କରୁଥିବୁ ଯେତେଦିନ ରୋଜଗାର
ରହୁଥିବୁ ସେତେଦିନ ବାସ ଖୁସିର ।

ମିଛ ମାୟା ଏସାରା ସଂସାର
ଏଠି କିଏ ନୁହେଁ କାହାର
ତୁ କାହାକୁ କହିବୁ ମୋର ମୋର
ଏଠି  ନିଶ୍ଚେ ସବୁ ତୋ ପର ।

ଜନ୍ମ ଦେଲୁ ଯାହାକୁ
ଚାହିଁଲା ସେ ନାହିଁ
ଘରୁ ବାହାର କରି ରହିଲା
ସ୍ତ୍ରୀ ମୁହଁକୁ ଚାହିଁ ।

ଭାବିଥିଲୁ ମନେ
କରିବ ସେବା  ସେ ପୁଅ ମୋର
ଆସା ତ ଆସା ରେ ରହିଲା
ସବୁ ତୁଚ୍ଛ ହୋଇଗଲା ତୋର ।

ଏସାରା ସଂସାର ଖାଲି ସିନା ମିଛ ଦୁନିଆ
ଜାଣିପାରିଲୁ ନାହିଁ ଖାଲି ହୋଇଲୁ କଲବଲିଆ ।
ବାରେ ଦୁନିଆ ବା କିମିତିକା ଏ ସଂସାର
ନିଜ ଘର ଛାଡ଼ି ରହିଲା ଯାଇ ସେ ଆଶ୍ରମରେ ।

ପଳାଶପୁର, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଆରା ଆମରି ରାଜ୍ୟ



ମନସ୍ମିତା ବିଶ୍ୱାଳ

ନିଆରା ଆମରି ରାଜ୍ୟ
ନିଆରା ତାହାରି ଭାଷା
ନିଆରା ଆମ ସଂସ୍କୃତି
ନିଆରା ତା ଲୋକକଥା ।।

ନିଆରା ତା କାରୁକାର୍ଯ୍ୟ
ନିଆରା ତା ପରମ୍ପରା
ନିଆରା ତାହାରି ଖାଦ୍ୟ
ନିଆରା ତା ଭାଇଚାରା ।।

ନିଆରା ସେ ବଡଦାଣ୍ଡ
ନିଆରା ଆମ ବଡ଼ଠାକୁର
ନିଆରା ସେ ମହୋଦଧି
ନିଆରା ସେ ଶିରୀକ୍ଷେତ୍ର ।।

ନିଆରା ସେ ଖୋର୍ଦ୍ଧାଗଡ
ନିଆରା ଆମ ପାଇକପୁଅ
ନିଆରା ସେହି ବଣିଜ
ନିଆରା ଆମ ସାଧବପୁଅ ।।

ନିଆରା ପର୍ବପର୍ବାଣୀ
ନିଆରା ସେ ଚାଲିଚଳଣୀ
ନିଆରା ଆମ ପୂର୍ବପୁରୁଷ
ନିଆରା ତାଙ୍କରି ବାଣୀ ।।

ନିଆରା ସେ ଖଣ୍ଡଗିରି
ନିଆରା ସେ ଉଦୟଗିରି
ନିଆରା ଥିଲେ ସେ ରାଜା
ନିଆରା ସେ କିର୍ତ୍ତୀରାଜୀ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିଆରା ସେହି କୋଣାର୍କ
ନିଆରା ବାରଶହ ବଢେଇ
ନିଆରା ସେ ଚନ୍ଦ୍ରଭାଗା
ଧର୍ମପଦର କାହାଣୀ ।।
ନିଆରା ସେ ରଥଯାତ୍ରା
ନିଆରା ବାହୁଡାଯାତ
ନିଆରା ବଡ଼ଦେଉଳ
ପତିତପାବନ ନେତ ।।
ନିଆରା ସେ ରଜଦୋଳି
ନିଆରା ସେ ମାଣବସା
ନିଆରା ସେ ରାକ୍ଷୀପର୍ବ
ବାର ମାସେ ତେର ଓଷା ।।
ନିଆରା ସେ ଇତିହାସ
ନିଆରା ଐତିହାସିକ ମଠ
ଓଡ଼ିଆ ବୋଲି ମୁଁ ଭାବି
ମନରେ ଆସେ ମୋ ଗର୍ବ ।।

ଗଡମାଟିଆପଡା, କଣାସ, ପୁରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ସରପଞ୍ଚ ହେବି



ସିଦ୍ଧେଶ୍ୱର ତ୍ରିପାଠୀ

ପଞ୍ଚାୟତ ଇଲେକ୍ସନ ଆସିଗଲା
କୁଲୁକୁଲୁ ମୋର ମନ
ଭାବୁଛି ଏଥର ସରପଞ୍ଚ ହେବି
ବଢ଼ିବ ମୋ ସନମାନ ।

ମଦ ମୁଁ ବାଣ୍ଟିବି ଭୋଜି ଭାତ ଦେବି
ବାଣ୍ଟିବି ନୋଓଟ ବିଡା
ପଞ୍ଚାୟତ ବୁଲି ଜଣେଇ ଦେବି ମୁଁ
ସରପଞ୍ଚେ ହେଲି ଛିଡା ।

ଘରେ ଘରେ ପସି ମୁଣ୍ଡିଆ ମାରିବି
ମାଉସି ମଉସା ଡାକି
ହେ ଭାଇ ଭଉଣୀ ମୋତେ ଭୋଟ ଦିଅ
ମୋ ଚିହ୍ନକୁ ମନେରଖି ।

ପୁଳାଏ ଟଙ୍କାକୁ ଖରଚ କରିମୁଁ
ହେବି ଯେବେ ସରପଞ୍ଚ
ଲାଞ୍ଚ ନେଇ ସବୁ ଟଙ୍କା ଉଠେଇବି
କହି କେତେ ସତ ମିଛ ।

ପାଞ୍ଚ ବରଷରେ ପଚିଶି କୋଟି ମୁଁ
ସହଜେ ଉଠେଇ ଦେବି
କଲେକ୍ଟର ବୋଲି ନିଜକୁ ଭାବିବି
ସରପଞ୍ଚ ଯେବେ ହେବି ।

ଖୋର୍ଦ୍ଧା, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜାଣେନା ମୁଁ



ଡଃ ମାଙ୍ଗଳିକା ମହାପାତ୍ର

ଜାଣେନା ମୁଁ ତୁମକୁ
ମନେରଖିଛି କି ଭୁଲିଛି.. ! !
ହେଲେ ଏତିକି ଜାଣେ
ମୁଁ ତୁମ ହୃଦୟରେ ଅଛି...

ଜାଣେନା ତୁମ ବିନା
ମୁଁ ବଞ୍ଚିଛି କି ମରୁଛି ... ! !
ହେଲେ ଏତିକି ଜାଣେ
ତୁମ ଜିଇଁବାର କାରଣ ସାଜିଛି...

ଜାଣେନା ତୁମକୁ କେବେ
ପାଇଛି ନା ହରାଇଛି ... ! !
ହେଲେ ଏତିକି ଜାଣେ
ମୁଁ ତୁମ ହୃଦୟକୁ ଜିଣିଛି...

ଜାଣେନା ମୋ ଭାଗ୍ୟରେ
ତୁମେ ରହିଛ କି ନାହିଁ.. ! !
ହେଲେ ଏତିକି ଜାଣେ
ମୋ ଛଡା ତୁମର କେହି ନାହିଁ ....

ଜାଣେନା ତୁମେ ମୋର
ଶତ୍ରୁ ନା ବନ୍ଧୁ ସାଜିଛ.. ! !
ହେଲେ ଏତିକି ଜାଣେ
ମତେ ତୁମେ ନିଜର ଭାବିଛ...

ଜାଣେନା ତୁମ ସାଥେ
ଚାଲୁଚାଲୁ ଝୁଣ୍ଟିଲି କି ପଡ଼ିଲି.. ! !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେଲେ ଏତିକି ଜାଣେ
ପଡ଼ିବା ଆଗରୁ ସାହାରା ପାଇଲି...
ଜାଣେନା ସତ କି ମିଛ
ଯେ ମୁଁ ଭୁଲିବାକୁ ଚାହେଁନା.. ! !

ହେଲେ ଏତିକି ଜାଣେ
ତୁମେ ମୋ ବିନା ରହି ପାରନା ....
ଜାଣେନା ମୁଁ ତୁମର
ବଧୂ କି ସାଜିଛି ବାନ୍ଧବୀ.. ! !

ହେଲେ ଏତିକି ଜାଣେ
ତୁମର ହୋଇ ସଦା ମୁଁ ରହିବି...

ଏବେ ଆଉ ସେ ସବୁ କିଛି
ମୁଁ ଜାଣିବାକୁ ଚାହେଁ ନା...
କଥାର ସତ୍ୟତା କୁହେ
ତୁମ ଦୁଇ ଆଖିର ଆଇନା...

ରେଭେନସା ବିଶ୍ୱବିଦ୍ୟାଳୟ, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚନ୍ଦ୍ରମୁଖୀ



ବିନୟ ମହାପାତ୍ର

ତୁମେ ଦୂରରୁ ଦେଖୁ ଥିଲ
ସବୁ କିଛି ସୁନ୍ଦର ଦିଶୁ ଥିଲା,
ସେଥି ପାଇଁ ମନା କରି ଦେଲି,
ପାଖକୁ ମୋ ଆସ ନାହିଁ ଚାଲି ।
ହେଲେ ତୁମେ ରାଗି ଗଲ,
ଅଭିମାନେ ସମ୍ପର୍କ ତୁଟେଇ ଦେଲ ।

ଦୁଃଖ ନାହିଁ, ତୁମେ ଦୂରେଇ ଗଲ
ମନ ଦୁଃଖ କରି ନାହିଁ କେବେ,
ଏମିତି ଦୁଃଖ ତ ଠିକ୍ ଅଛି,
ବେଶି ଦୁଃଖ ଲାଗିଥାନ୍ତା
ଯଦି ତୁମେ ପାଖକୁ ଆସିଥାନ୍ତ,
ଦେଖିଥାନ୍ତ ବିଭତ୍ସ ମୋ ରୂପ
କଣ୍ଟା ଝୁଣ୍ଟା ଅରମା ଏ ବଣ
କଙ୍କରିତ ବକ୍ଷ ମୋର,
ରକ୍ତାକ୍ତ ମୋ ମୁହଁ ।

ପ୍ରତି ରାତି ଜହ୍ନ ରୋଷଣୀରେ
ଚକମକ୍ ରଙ୍ଗ ବୋଳା ମୁହଁ
ମଖମଲି ଗୋଲାପି ଅଧର
ଜୁଇ, ଜାଇ, ନା ନା ଜାତି
ଫୁଲ ମହକରେ,
ମହକିତ ଅଳିନ୍ଦ ମୋହର ।
ତୁଳିତଳ୍ପ ଶେଜ,
ପ୍ରତି ରାତି ନୂତନ ଅତିଥି,
ପ୍ରତି ପ୍ରଭାତରେ
ରତିକ୍ଳାନ୍ତ ସୂର୍ଯ୍ୟ ଯାଗେ
ରକ୍ତମୁଖା ହୋଇ,
ରାତି ତ ବାହୁଡ଼ି ଯାଏ
ଲୁଚାଇ ତା କଳା ମୁହଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚକମକ୍ ତାରଜଡା
ଆକାଶି ପଣତ ତଳେ
ନିଜର କଳଙ୍କ ଲୁଚାଇ ।

ସେଥି ପାଇଁ କହି ଥିଲି
ପାଖକୁ ମୋ ଆସ ନାହିଁ
ଦୂର ପାହାଡ ଦୂରରୁ ସୁନ୍ଦର
କଳଙ୍କ ତା ଦେଖି ହୁଏ ନାହିଁ ।
ଦୂରରୁ ଦେଖ ମୋର କାନ୍ତି,
କେବେ ପାଖକୁ ଆସନା
ଜଳି ଯିବ ଅଜଣା ନିଆଁରେ,
ଜଳନ୍ତା ନିଆଁକୁ, ଅଣ୍ଟିରେ ରଖିବା
କିଛି ଭଲ କଥା ନୁହେଁ ।

ପଟିଆ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗଣତନ୍ତ୍ର ଆମ ପରିଚୟ



ସୁବ୍ରତ କୁମାର
ପ୍ରଧାନ

ସାଗର ଧୁଏ ଯା ପଦ ଯୁଗଳକୁ
ହିମାଳୟ ଯାର ମଥାରେ ଶୋଭା
ଜଗତ ଘୋଷୁଛି ଯଶକିର୍ତ୍ତୀ ଯାର
ଅସୀମ ବିରତ୍ୱ ବଢ଼ାଏ ଆଭା ।

ଇଂରେଜ ଅଧୀନେ ଥିଲେ ପରାଧୀନ
ଶୋଷଣ କଷଣ କି ଅତ୍ୟାଚାର
ସ୍ୱାଧୀନତା ପାଇଁ ବୀର ମୁକ୍ତିଯୋଦ୍ଧା
ଅହିଂସା ଅସ୍ତ୍ରରେ କଲେ ସମର ।

ଲଭି ପରାଜୟ ଟଳିଲା ଫିରିଙ୍ଗି
କଳା କାହାଣୀ ର ହୋଇଲା ଇତି
ନବ ସୂର୍ଯ୍ୟୋଦୟେ ଶ୍ରୀ ଆମ୍ବେଦକର
ସମ୍ବିଧାନ ଲେଖି ଜାଳିଲେ ବତୀ ।

ଉଣେଇଶି ଶହ ପଚାଶ ମସିହା
ଜାନୁଆରୀ ମାସ ଛବିଶିରେ
ପ୍ରଣୟନ ହେଲା ନବ ସମ୍ବିଧାନ
ପଥ ପ୍ରଦର୍ଶକ ସାଜି ବିଶ୍ୱରେ ।

ଧର୍ମ ନିରପେକ୍ଷ ଗଣତନ୍ତ୍ର ରାଷ୍ଟ୍ରେ
ଶାସନ ଡ଼ଙ୍ଗାରେ ନିଜେ ନାଉରୀ
ନିଜ ଅଧିକାର ଆଇନ ବ୍ୟବସ୍ଥା
ଭାଇଚାରା ମନ୍ତ୍ର ହୃଦେ ଉଚ୍ଚାରୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୁହେଁ ସମ୍ପ୍ରଦାୟ ଅମିର ଫକିର

ଆକୁମାରୀ ବିନ୍ଧ୍ୟ ଗଙ୍ଗା କାଶ୍ମୀରୀ

ଏକତାରେ ବିବିଧତା ଦିଏ ଶିକ୍ଷା

ରାଷ୍ଟ୍ରୀୟ ସମ୍ମାନେ ଶ୍ରଦ୍ଧା ସବୁରି ।

ତ୍ୟାଗ ବଳିଦାନ ସଂଘର୍ଷ ର ଗାଥା

ତ୍ରିରଙ୍ଗା ବୁଣୁଛି ଶାନ୍ତି ର ବୀଜ

ତିନି ସେନା ସଦା ଅଗ୍ନିଶିଖା ସାଜି

ଶତୃ ଦେଶ ମୁହେଁ ଦିଏ ଜବାବ ।

ଗଣତନ୍ତ୍ର ଆମ ପରିଚୟ ସାଜେ

ସମ୍ବିଧାନ ଆମର ସ୍ୱାଭିମାନ

ଦେଶପ୍ରେମୀ ସାଜି କର୍ତ୍ତବ୍ୟ ପାଳିଲେ

ମାନବ ଜୀବନ ହୋଇବ ଧନ୍ୟ ।

ଗୋପୀବଲ୍ଲଭପୁର , କୋଶଳା

ଅନୁଗୋଳ ,୭୫୯୧୩୦


ମୋ -୯୮୬୧୯୭୦୪୧୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଟିକିଏ ତ ହସିଦିଅ



ଶୁଭସ୍ମିତା ସାହୁ

ଆଖି ପଲକରୁ ଝରୁଛି ମୋତି
ଟିକିଏ ତ ରୋକିଦିଅ,,
ମୁକ୍ତାର ଝରଣା ନ ବୁହାଇ
ଟିକିଏ ତ ହସିଦିଅ ।
ସ୍ୱାଭିମାନ ସହ ଅଭିମାନ କରି
କିଏ କାହାର କହିଦିଅ,,
କାହାର ମୁଖେ ହସ ଦେବା ପାଇଁ
ଟିକିଏ ତ ହସିଦିଅ ।।।
ସୁଖ, ଶାନ୍ତି, ସମ୍ମାନ ଥାଇ
ପ୍ରେମର ପ୍ରାସାଦ ଗଢିଦିଅ ,,
ମୁଁ କେବଳ ତୁମର ଭାବି
ଟିକିଏ ତ ହସିଦିଅ ।।।
ମନମାନିନୀକୁ ବୁଝାଉବୁଝାଉ
ନିଜେ ଅବୁଝା ଯେ ହୁଅ,,
ପ୍ରେମ ମନ୍ଦିରର ପୂଜାରିଣୀ ପାଇଁ
ଟିକିଏ ତ ହସିଦିଅ ।।।
ତୁମ ଓଠରୁ ଚେନାଏ ହସ
ଟିକିଏ ଝରାଇଦିଅ,,,
ସ୍ମିତହାସ୍ୟର ମଧୁଦାନ ଦେଇ
ଟିକିଏ ତ ହସିଦିଅ ।।।
ସବୁ କୋହକୁ ଓଠରେ ଚାପି
ଦୀପ ଭଳି ଜଳୁଥାଅ,,
ରହେ କି ନରହେ ତୁମରି ପାଶେ ମୁଁ
ଚିରଦିନ ହସୁଥାଅ ।।।।
ମଧୁପରୀ ଆସି ମଧୁ ଦିଏ ଲେସି
ଦୁଃଖକୁ ଦୂରେଇ ଦିଅ,
ଦୁଃଖ ହତାଶର ବାଦଲ ଏଡ଼ାଇ
ଟିକିଏ ତ ହସିଦିଅ ।।।
ମନକୁ ବୁଝାଇ ନିଜକୁ ସଜାଇ
ନିଜେ ନିଜର ସାହସ ହୁଅ,,
ଫେରୁକି ନ ଫେରୁ ମନର ରାଣୀ ତୋ
ଟିକିଏ ତ ହସିଦିଅ ।।।
ହଁ ଟିକିଏ ତ ହସିଦିଅ ।।

ସାପୋଇନାଳି, ଛେଣ୍ଡିପଦା, ଅନୁଗୁଳ..

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେହି ନାରୀ



ଜନ୍ମଜୟ ନାୟକ

ନାମ ସିନା ତା'  ଦୁହିତା     ଦୁଇକୁଳକୁ ସେ ହିତା
ଧରାରେ ଜନମ ଲଭେ ସହିବା ପାଇଁ ,
ବାପାଙ୍କର ଅଲିଅଳି          ଭାଇ ସାଥେ କରେ କଳି
କିଛି ନ  ପାଶୋରି  ଯାଏ ଏରୁଣ୍ଡି ଡେଇଁ,
କାହାର ସେ ଅରି ନୁହଁଇ
ମମତାମୟୀ ମାଆ ସେ ସେନେହମୟୀ  ।

ଦେବୀ ମମତା ମନ୍ଦିରେ     ଲୁହ ପୋଛେ ପଣତରେ
ଦୁନିଆରେ କେହି ବି ନୁହଁଇ ତା' ସମ,
ଲୁଚାଇ କୋହକୁ ହୃଦେ   ସେନେହ ଡୋରିରେ ବାନ୍ଧେ
ପରକୁ ଆପଣାର କରିବା ତା' କାମ,
ନିଜ ଖୁସିକୁ ଭୁଲିଥାଇ
ବାଣ୍ଟି ଚାଲିଥାଏ ପ୍ରେମ ସନ୍ତାନ ପାଇଁ   ।

କେବେ ସେ ଦ୍ରୌପଦୀ ସାଜି ସଭାସ୍ଥଳେ ଲାଗେ ବାଜି
ସମ୍ପର୍କ ପଶାପାଲିରେ ହୁଏ ନିଲାମ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେବେ ସେ ସୀତା ସାଜଇ ଅଗ୍ନିପରୀକ୍ଷା ଦିଅଇ
ସତୀତ୍ୱ ତା' ହୁଅଇ କେବେ ବଦନାମ ,
ସବୁ ସହେ ସେ ସର୍ବଂସହା
ଅପନିନ୍ଦାର ମୁକୁଟ ପିନ୍ଧଇ ଯାହା ।

କେବେ ପାଏ ନିର୍ଯ୍ୟାତନା  କେବେ ପାଏ ପ୍ରତାରଣା
ଛଳନା ଛୁରୀକାଘାତେ କ୍ଷତାକ୍ତ ମନ ,
କେବେ ହୁଏ  ସେ ଲୁଣ୍ଠିତା କେବେ ହୁଏ ଅପହୃତା
ନାରୀ ମାଂସଲୋଭୀ  ହଜାଏ ତା' ସପନ,
କେବେ  ଦଶଭୂଜା ସାଜଇ
ପାପୀ ମହିଷାସୁରକୁ ବଧିବା ପାଇଁ  ।

ଗଣିତ ଶିକ୍ଷକ, ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର, ୯୩୩୭୮୦୦୫୬୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ସେ ଆତ୍ମାର ଭାବ



ଆଶୁତୋଷ
ମେହେର

କବିତା କି ଗାଏ ଅକୁହା ରାଗିଣୀ ହୃଦୟ ତଳର ଗାଥା
ଲେଖି ହୋଇଯାଏ ଲହୁ ଓ ଲୁହରେ ମନର ଶାଣିତ ବ୍ୟଥା ।
ଆଖି ଲୁହ ପିଏ ଓଠ ପାଟି ସିନା ହାତର କଲମ ଗାରେ
ଅକୁହା ମନଟା ଆତ୍ମାକୁ ବିସ୍ତାରୀ ପୃଷ୍ଠାରେ ପୃଷ୍ଠାରେ ଭରେ । ।

ଫୁଲ ଫୁଟି ହସେ ସକାଳ କିରଣେ ଆକାଶେ ଅରୁଣ ଆଭା
କାକଳୀ ର ସୁରେ ଭରି ଯାଉଥାଏ ଆତ୍ମାରେ ମାର୍ମିକ ଶୋଭା ।
ପ୍ରକୃତି ର ସୁରେ କିଏ କହି ଦିଏ ସେ କେଉଁ ଗହନ ଭାଷା
ମରମେ ମରମେ ରଚିରଚି ଯାଏ  ପରାଣ ଭିତର ଆଶା  । ।

କବିତା ପରା ସେ ସବୁଦିନ ପାଇଁ ଆତ୍ମାରେ ଆତ୍ମାର ଭାବ
ଅଜଣା ଅଶୁଣା ମନ ରାଇଜରେ ପ୍ରେମର ଅନୁଭବ ।
ମନ ଓ ଭାବର ଯୁଗଳବନ୍ଦୀରେ କବିତା ରାଗିଣୀ ଝରେ
ଅଫୁରନ୍ତ ସୁରେ ଯୁଗଯୁଗ ପାଇଁ ମଣିଷ ଜୀବନେ ଭରେ । ।

୫୪, ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ
ଭୁବନେଶ୍ୱର, ୭୫୧୦୨୪, ଦୂରଭାଷ : ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ପ୍ରିୟା



ଅମୀୟ କୁମାର
ରଥଶର୍ମା

ଅଭିମାନି ପ୍ରିୟା ମୋର ଏମିତି ହସେ
ଯେମିତିକା ମେଘ ଲୁଚେ ବାଦଲ ସାଥେ
ତାର ଅଭିମାନ ତାର ସ୍ୱାଭିମାନ
ତା ଲାଜୁଆ ହସ  ତା ରୂପସୀ ବେଶ
ସପନର ପରୀ ଭଳି ଲାଗେସେ ମୋତେ  ।

ଧାରା ଶ୍ରାବଣର ବର୍ଷା ପରି ତାର ମନ
ସେ ମନରେ ଥାଏ କେତେ ସତ କେତେଯେ ସପନ
ନେଇସେ ପହିଲି ସୁରୁଜ କିରଣ
ସେ କିରଣେ ଧୋଇ ଦିଏ ତାର ତନୁମନ
ତାର ରୂପ ରଙ୍ଗ ତାର ରଙ୍ଗ ଢଙ୍ଗ
ତାର ନାଲି ଓଠ ତାର ରାଣୀ ଥାଟ
ସେସବୁ ଦେଖି ମୁଁ ଯେ ମୁରୁକି ହସେ  ।

ଶରତ ଋତୁର ପୁନେଇଁ ରାତିର ଜହ୍ନ
ସେ ଜହ୍ନରେ ନଥାଏ ଦାଗ ଆଉ ବା ମଳିନ
ସେ ଜହ୍ନକୁ ଦେଖି ମୋ ପ୍ରିୟାର କଟେ ଦିନ
ଆସିଲେ ବି ଆସୁ ଯେତେ ଝଡଝଞ୍ଜା ଆଉ ପବନ
ତାର ମନ ଯମା ଟପେ ନାହିଁ ସୀମା
ଦୁଃଖ ସୁଖ ସହେ ତାର ନିରୀହ ମନ
ପୁନେଇଁ ରାତିର ଚାନ୍ଦ ଟିଏ ସିଏ
ସେ ଚାନ୍ଦ ସାଥୀରେ ଦିନେ ହେବ ମିଳନ  । ।

ତରାବୋଇ, ଜଟଣୀ, ଖୋର୍ଦ୍ଧା
୯୪୩୭୩୬୩୮୭୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭୋକ



ଝରଣା ବାରିକ

ସେଦିନ ମୁଁ ଦେଖିଥିଲି ଭୋକ କୁ ଅତି ପାଖରୁ
ଭାତ ହାଣ୍ଡିରେ ତୋରାଣି ଥିଲା ସତ
ଦୁଇ ଚାରିଟା ଭାତ ପହଁରୁ ଥିଲେ
ମାଛ ପରି ।

ସେଦିନ ଭୋକକୁ ମୁଁ ଦେଖିଥିଲି ଅତି ପାଖରୁ
ଡଷ୍ଟବିନର ଅଳିଆ ଆବର୍ଜ୍ଜନାରୁ ଖୋଜୁଥିଲା
ବାସି ରୁଟି ଆଉ କିଛି ବିସ୍କୁଟ ଜରି

ସେଦିନ ଭୋକକୁ ମୁଁ ଦେଖିଥିଲି ଅତି ପାଖରୁ
ହୋଟେଲ ର ବଳକା ଖାଇବା ଫୋପାଡି ବାହାନା ରେ
ବାହାରକୁ ନେଇ ନିଜେ ଖାଇ ଦେଲା ବେଳେ ।

ସେଦିନ ମୁଁ ଦେଖିଥିଲି ଭୋକକୁ ଅତି ପାଖରୁ
କାଉ ମାନଙ୍କୁ ଘଉଡେଇ ରୁଟି ଖଣ୍ଡକୁ
ଚୋବେଇ ଚୋବେଇ ପାଟିରେ ଭର୍ତ୍ତି କଲା ବେଳେ ।
ସେଦିନ ମୁଁ ଦେଖିଥିଲି ଭୋକ କୁ ଅତି ପାଖରୁ
ପିଲାଟା କୁ କାଖରେ ଧରି ବାବୁ ଙ୍କ ଘରୁ
ମୁଢି ଦିଇଟା ଆଣି ଛୁଆ ଟାକୁ ଖୋଇଲା ବେଳେ ।

ସମଲ, ତାଳଚେର, ଅନୁଗୋଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୁହର ଅଭିମାନ



ଚିକୁନ୍ ପଣ୍ଡା

ଲୁହକୁ କରି ପର

ତୁମକୁ କରିଥିଲି ଆପଣାର ,

ଅମାନିଆ ଲୁହ ନଈ ପରି ବହୁଥିଲା ଅବିଶ୍ରାନ୍ତ

ତୁମେ ଦେଇଥିଲ ତୁମ ହାତେ ପୋଛି

କହିଥିଲ ଦେବ ସର୍ବସୁଖ ଅଜାଡ଼ି ।

ଦେଇ ଥିବା କଥା ,କଥା ରେ ରହିଲା

ଆଉ ତ, ଫେରିଲ ନାହିଁ,

କାନ୍ଦିବାକୁ ଏବେ ମାଡୁଛି ଡର

କାଳେ କରିବ ଲୁହ ଅଭିମାନ ।

ତୁମେ ଦେଇଥିବା କଥା ପାଣିର ଗାର

ମୋ ଆଖି ବି କରେ ମତେ ପରିହାସ,

ଭଲ ଥିଲା ସେ ଲୁହ

ତୁମ ପରି ନ ଥିଲା ତ, ଧୋକାବାଜ୍ ।

ଲୁହଠୁ ନିଜର ଅତି ଆପଣାର

କେହି ବି ନାହିଁ ଏ ଦୁନିଆର ।

ମନର ବେଦନା ଲୁହ ହେଇ ବହି ଆସେ


ସବୁଠାରୁ ଭଲ ବନ୍ଧୁଟିଏ ସେ ।

ଖପୁରିଆ, କଟକ, ୧୦

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମୁଁ ବି ଦେଖିବାକୁ ଚାହେଁ



ସବିତା ପଟ୍ଟନାୟକ

ମୁଁ ବି ଦେଖିବାକୁ ଚାହେଁ ସେଇ ସୂର୍ଯ୍ୟ ଆଲୋକକୁ...

ଯେଉଁଥିରେ ପରିପ୍ରକାଶ ହେବ ମୋ ଅନ୍ତର୍ନିହିତ ସତ୍ତା....

ଅନୁଭବରେ ଅନୁଭବ କରେ ସତ୍ତା ବହୁଦୂର କିନ୍ତୁ ବିଲୁପ୍ତ....

ଆଦିର ନାଁ ନଥାଇ ଅନ୍ତ ସଦୃଶ ଦୃଷ୍ଟିହୀନ...

ମୁଁ ବି ବଞ୍ଚିବାକୁ ଚାହେଁ ମୋ ଭିତରେ ଥିବା ମୋତେକୁ ନେଇ...

ଯୋଉଠି ପାଇପାରିବି ମୋର ଜୀବନ୍ତ ଗୁଣାବଳୀକୁ...

ମୁଁ ବି ହସିବାକୁ ଚାହେଁ ମୋ ହୃଦୟ ମନରେ ଉଙ୍କି ମାରୁଥିବା ଭିନ୍ନ ଏକ ସ୍ୱପ୍ନର ସାକାର ଦିଗରେ

ବହିଯାଉଥିବା ପବନ ଛୁଆଁର ସ୍ପର୍ଶକୁ ନେଇ.....

ମୁଁ ବି ଅପେକ୍ଷାରେ ସେଇ ଅଦୃଶ୍ୟ ଶକ୍ତିର ଆହ୍ୱାନର ଦୃଷ୍ଟି କଳ୍ପନା ପାଇଁ ...

ଯାହା ପରସରେ ଅହଂର ମହତ୍ତ୍ୱ ଲୁକାୟିତ ଅବସ୍ଥାରୁ ପରିବର୍ତ୍ତୀତ ହୋଇ ଲୋକ ଲୋଚନକୁ ଦୃଷ୍ଟି ଗୋଚର ହେବ....

ମୁଁ ବି ପିଇବାକୁ ଚାହେଁ ଖୁସିର ସେଇ ଲୁହକୁ ....

....ଇଏ ଅପେକ୍ଷା ନା ଅନ୍ଧକାର .. ! ! ? ? ? ?

କେଉଁଝର, ଓଡିଶା ୮୯୧୭୪୬୮୪୫୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଇନକିଲ୍ଲାବ୍



ସ୍ମୃତିରଞ୍ଜନ ବାରିକ

ଇନକିଲ୍ଲାବ୍.........
ଗାଇଯାଏ ବୀର ଗାଥା,
ନଇଁଯାଏ ମଥା.....
ପାଦପଦ୍ମେ ଶିର ମୋର,
ଶୁଣି ତୋର ବ୍ୟଥା ।
ମା ତୁ' ମୋ ମାତୃଭୂମି,
ଧୂଳି ତୋର ରଣୀ......
ହସି ହସି ପୋଛିନେଉ,
ପରାଧୀନ ବାଣୀ ।
ଭଗତ୍ ମୁଁ ମା ତୋ'ର,
ଅବୁଝା ସନ୍ତାନ....
କି ଅଂଗେ ଗଢିଦେଲୁ,
ବିଦ୍ରୋହୀ ଯେ ମନ ।
ଏକ୍ତଡିର ଶାଳ ଗ୍ରାମେ,
ଦେଲୁ ମୋତେ ଶିକ୍ଷା...
ଅନ୍ୟାୟରେ ଯୁଝିବାକୁ,
କରି ଆତ୍ମରକ୍ଷା ।

ହେତୁ ପାଇ ଚକ୍ଷୁ ଖୋଲି,
ଦେଖେ ଖାଲି ଶବ.....
ବାଲୁତରୁ ବୋଲିହେଲି,
ବିଦ୍ରୋହୀର ଭାବ ।
ନିର୍ଦ୍ଦୋଷର ମାଂସ ଭାସେ,
ଅନ୍ୟାୟର ତଟେ.....
ଆତ୍ମୀୟର ହାହାକାର,
ଗର୍ଭେ ତୋର ଛୁଟେ ।
ଦୃଢ଼ ଚିତ୍ତେ ସ୍ଥିର କରେ,
ଜୀବନ ମୁଁ ଦେବି.....
ଅଂଗ୍ରେଜର ଗୋଲାମିକୁ,
ନରକକୁ ନେବି ।
ଗାନ୍ଧୀ ମନ୍ତ୍ରେ ପାଦରଖି,
ବିଦ୍ୟାଳୟ ଛାଡେ......
ଅସହଯୋଗ ଆନ୍ଦୋଳନେ,
ଧ୍ୱଜା ସ୍ୱର ରଡେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହସ୍ର ଯେ ନିରୀହର,
ପ୍ରାଣ ବାରୁଦରେ.....
ଜାଲିଆନା ହତ୍ୟାକାଣ୍ଡ,
ଭଗତ୍ ଯେ ହାରେ ।
ଚାଲିଯାଏ ମୃତ୍ୟୁ ପଥେ,
ସାଥୀ ଏକା କରି......
ବିଜୟର ଦ୍ୱାର ପାଖେ,
ବିଦ୍ରୋହୀ ର ଭରି ।
ଯୁବକର ଯୌବନରେ,
ମାତୃଭୂମି ଭାବେ....
ନାରୀ ନାରୀ ହୋଇଥାଏ,
ଅନ୍ୟ ସେହି ନାବେ ।
ଆଦର୍ଶରେ ବଢିଚାଲେ,
ସ୍ୱାଧିନର ପାଶେ.....
ପରିବାର ତ୍ୟାଗ କରେ,
ହୋଇ ତ୍ରୟୋବିଂଶେ ।
ଲାଲା ହତ୍ୟା ଘୃତ ଢାଳେ,
ବିଦ୍ରୋହର ଦୀପେ......
ରାଜଗୁରୁ, ସୁଖଦେବ,
ଭଗତ୍ ଯେ କୋପେ ।

ହତ୍ୟା କରି ଫସିଯାଏ,
ଚକ୍ରବ୍ୟୁହ ଫାଶେ......
ବେଶ ତ୍ୟାଗି ଚାଲିଯାଏ,
ସ୍ୱାଧିନର ନିଶେ ।
ଆତଙ୍କର ରାଜା କହି,
ସରକାର ଖୋଜେ....
ବିଦ୍ରୋହର ନାୟକ ସେ,
ଗୋରା ପିନ୍ଧି ଆସେ ।
ହୃଦ ବାର୍ତ୍ତା ରଖେ ସିଏ,
ସଂସଦର ଗୃହେ......
ଶୁଣିବାକୁ ବାରୁଦରେ,
ଗୋଲା ଫିଙ୍ଗି କହେ ।
ହସି ହସି ହାତକଡି,
ମଣିବନ୍ଧ କରେ......
ପୂର୍ଣ୍ଣତା'ର ସ୍ୱରାଜ ରେ,
ନାରା ବିଶ୍ୱାସରେ ।
ବିଦ୍ରୋହ ଯେ ବିଦ୍ରୋହୀର,
ଜନ୍ମ ପରିଚୟ.....
ଅସ୍ତ୍ରସାଜେ ରଣକ୍ଷେତ୍ରେ,
ବୀର ଅନୁନୟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚକ୍ରବ୍ୟୂହ ଖୋଜେ ତା'ର,
ସ୍ୱପ୍ନ ସ୍ୱାଧୀନର......
ରୋକିଦିଏ ସାଥୀ ନିଜେ,
ହୋଇ ସ୍ୱାର୍ଥପର ।
ଅଖାଦ୍ୟର ବିରୋଧରେ,
ଉପବାସ ରହି......
ହସ୍ତେ ଧରି ବଦଳାଏ,
କଏଦୀ ଯେ ସେହି ।
ହିଂସା ନୁହେଁ କାର୍ଯ୍ୟ ତା'ର,
ଆତ୍ମରକ୍ଷା ଜାଣି......
ଗାନ୍ଧୀବାଦୀ ନୁହେଁ ସେ ତ,
ଆର୍ଯ୍ୟବର୍ତ୍ତ ମଣି ।
ରାଜଗୁରୁ,ସୁକଦେବ,
ବନ୍ଧୁପରି ଯାଏ....
ଜୀବନର ଅନ୍ତକାଳେ,
ବାହୁ ମଧ୍ୟେ ରହେ ।
ଆଦ୍ୟ ତା'ର ବୟସରେ,
ଅପରାହ୍ଣ ଆସେ....
ବିନା ଦ୍ୱିଧା ଆତ୍ମାତା'ର,
ଫାଶୀ ଫନ୍ଦେ ଫଶେ ।
ପ୍ରେମିକ ସେ ପ୍ରେମିକାର,
ଫାଶୀ ହୁଏ ନାରୀ......
ଅନ୍ତଃକାଳେ ଯୌବନର,
ମୃତ୍ୟୁ ସାଜେ ପରୀ ।

......................ଜିନ୍ଦାବାଦ ।

ଗ୍ରାମ:-ଅନୁପଲା,ପୋ:-ଅନ୍ଧେଇ,
ଜିଲ୍ଲା:-ଜଗତସିଂହପୁର,

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅଫେରା ନୁହେଁ



ସୁବ୍ରତ କୁମାର ଜେନା

ଅଫେରା  ନୁହେଁ,
ଥରେ ମୁକୁଳିଗଲେ ତୀର ଗାଣ୍ଡିବରୁ,
ଥରେ ଝଡିପଡିଲେ ଫୁଲ ବୃନ୍ତରୁ,
ଥରେ କଥା ରୂପନେଲେ ବିବାଦିତ ଅଶ୍ରୁର,
ସମୟକୁ ଅଟକାଇବାର ବୃଥା ପ୍ରୟାସରେ  ।

ଋତୁ ଆସେ ଋତୁବତୀ ହୋଇ,
ଭରେ କେବେ କିଛି ମିଠା ମହକ,
କେବେ ପୁଣି ସ୍ମୃତିର ପଠା ପୋଡାଳିଆ ବାସ୍ନାରେ,
ଅନେକ ହଁ ନାହିଁର ଦ୍ୱନ୍ଦ ଭିତରେ ପୃହେଳିକା,
ସମୟ ଅସମୟରେ ପ୍ରେମ ବିରହର ହୃଦୟ ନେଇ  ।

ଅନେକ ସମୟ ଅନାମିକା ଚାହିଁରୁହେ,
ଅନ୍ଧାର ଆକାଶର ଚିକମିକ ତାରା ଫୁଲକୁ,
ଇଚ୍ଛାକରିବି ତୋଳିପାରେନି ବାଦଲର ଲୁହକୁ,
ବାନ୍ଧିପାରେନି ଅଣ୍ଟାରେ ଫୁଗୁଣର ଫଗୁକୁ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାଗ୍ୟରେ ପରା ହତଭାଗିନୀର ଅଲିଭା ଦାଗ ।

ତଥାପି ବସନ୍ତ କହିଥିଲା କେବେ ଏକାନ୍ତରେ,

ନିଶ୍ଚିତ ଅଗଣାକୁ ପଠାଇବ କୋଇଲିକୁ ବୋଲି ,

ସୁଖର ମାଙ୍ଗଳିକ ବାର୍ତ୍ତା ଦେଇ,

ଅନେକ ଅପେକ୍ଷା ପରେ ଋତୁ ଏବେ ରଜ୍ଜବତ୍ତୀ,

କିଛି ଅଫେରାକୁ ଫେରାଇବାର ଆଶାନେଇ,

ତଥାପି ସାମ୍ନାରେ ଆଶା ଆଶଙ୍କାର ବୈତରିଣୀର ଧାର ।

ଶୂରଡିହ,ନନ୍ଦିପୁର,ଯାଜପୁର

ଦୂରଭାଷ -୯୭୭୭୨୦୮୯୩୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିକର୍ଣ୍ଣ



ବିଜୁ ମହେନ୍ଦ୍ର

ଶତପୁତ୍ର ଧରେ ଗର୍ଭେ,
ଗାନ୍ଧାରୀର ବୀର ସର୍ବେ ।
କରେ ତପ ଆଜୀବନ,
ଦର୍ଶନକୁ କରି ଦାନ ।
ବିକର୍ଣ୍ଣ ଯେ ଧର୍ମପ୍ରିୟ,
ଗାନ୍ଧାରୀର ସୁନା ଝିଅ ।
ଶତପୁତ୍ରେ ଏକା ସିଏ,
ଧର୍ମ ପ୍ରତି ଚିତ୍ତ ନିଏ ।
କୁରୁବଂଶେ ଉଠେ ସ୍ୱର,
ଦୁର୍ଯ୍ୟୋଧନ ପ୍ରତି ଡର ।
ଯୁଧିଷ୍ଠିର ଶ୍ରେଷ୍ଠ ପୁତ୍ର,
ଜାଣେ ସିଏ ହୃଦ ମିତ୍ର ।
ଦୁର୍ଯ୍ୟୋଧନ ଇଚ୍ଛା ଉଚ୍ଚ,
ସବୁ ଥାଇ ହୁଏ ନିଚ ।
ଜାଣି ଅଧର୍ମର ପକ୍ଷ,
ରୁହେ ଅବିଚଳ ଦକ୍ଷ ।

ଧୃତରାଷ୍ଟ୍ର ଧର୍ମ ପୁତ୍ର,
ବିକର୍ଣ୍ଣ ଯେ ହୁଏ ଧୃତ ।
ଅନ୍ୟାୟର କାର୍ଯ୍ୟେ ଦେଖେ,
ବିରୋଧର ବାର୍ତ୍ତା ରଖେ ।
ପଶାପାଲି ରାଜ୍ୟ ସଭା,
ନିଚ୍ଛ ହୁଏ ତା'ର ଶୋଭା ।
ଦ୍ରୋପଦୀ ଯେ ମା' ରୂପ,
ବିକର୍ଣ୍ଣ ର ସିଏ ଧୂପ ।
ସଭା ମଧ୍ୟେ ଉଠି କହେ,
ବିନାଶର ରଥ ଚାହେଁ ।
ଏକା କୁରୁପୁତ୍ର ସେହି,
ସତ୍ୟ ,ଧର୍ମ ବାଣୀ କହି ।
ଏହାଶୁଣି ମହା ମାନୀ,
କ୍ରୋଧପୂର୍ଣ୍ଣ ବାକ୍ୟ ବାଣୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିକର୍ଣ୍ଣ ଯେ ପୁତ୍ର ସାନ,

ହୃଦୟତା ଦୁଃଖ ପୂର୍ଣ୍ଣ ।

ଅତ୍ୟାଚାର ଜଡ ଚେର,

ବଢିଚାଲେ ହୋଇ ନୀର ।

କୁରୁକ୍ଷେତ୍ର ହୁଏ ସଜା,

ଧର୍ମର ତ ହେବ ଖୋଜା ।

ଦୁଇ ବଂଶ ରଣ କ୍ଷେତ୍ରେ,

ବନ୍ଧୁ, ପରିଜନ ମିତ୍ରେ ।

ଧର୍ମର ପକ୍ଷକୁ ଚାହିଁ,

ବିକର୍ଣ୍ଣ ଆସଇ ଧାଇଁ ।

ଏହା ଦେଖି ଦୁର୍ଯ୍ୟୋଧନ ,

କ୍ରୋଧେ କରେ ହୃଦ ମ୍ଳାନ ।

ବିଜୟ ତ ଧର୍ମ ପାଇଁ,

ବିକର୍ଣ୍ଣ ଲଭଇ ଭୂଇଁ ।

bsmrutiranjan269@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସରେ ପାଳିବା ମହିଳାଦିବସ



ବାସନ୍ତୀ ଲତା ଜେନା

ନାରୀ ନାରାୟଣୀ ସୃଜନ କାରିଣୀ
ସନ୍ତାନବତ୍ସଳା ମାଆ
କରୁଣାମୟୀ ସେ ଚିର ହାସ୍ୟମୟୀ
ସେବା ପାଇଁ ବନ୍ଦନୀୟା ।୧।

ଏହି ନାରୀ ପରା ବିଶ୍ୱରେ ମହାନ
ସମାଜ ପ୍ରଗତି ପାଇଁ
ସାରା ବିଶ୍ୱ ଆଜି ତାର ଗୁଣ ଗାଏ
ପ୍ରଶଂସାର ଫୁଲ ଦେଇ ।୨।

ପ୍ରତି ବର୍ଷ ମାର୍ଚ୍ଚ ଆଠ ତାରିଖଟି
ବିଶ୍ୱ ମହିଳା ଦିବସ
ମହିଳାଙ୍କୁ ସ୍ନେହ ସମ୍ମାନ ଦେବାକୁ
ଉତ୍ସବେ ପାଳନେ ହର୍ଷ ।୩।

ନାରୀ ଓ ପୁରୁଷ ସମାଜର ଚକ
ଊଣା ଅଧିକ ନୁହଇଁ
ଗୋଟିକୁ ଛାଡିଲେ ଅନ୍ୟଟି ଅଚଳ
ଦୁର୍ବଳ ସମାଜ ପାଇଁ ।୪।

ସମକକ୍ଷ ସିଏ ପୁରୁଷଙ୍କ ପରି
କଳା ସାହିତ୍ୟ ଦର୍ଶନ
ଆବିଷ୍କାର ଆଉ ଉଦ୍ଭାବନ ସଙ୍ଗେ
ପରି ଚାଳନା ବିଜ୍ଞାନ ।୫।

ଫୁଲଠୁ କୋମଳ ନାରୀର ହୃଦୟ
ଆବଶ୍ୟକେ ବଜ୍ର ପରି
ସଂସ୍ଥିତେ ସେ ଲକ୍ଷ୍ମୀ ବିପଦରେ ଦୁର୍ଗା
ପରିବାର ରକ୍ଷକାରୀ ।୬।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗାର୍ଗୀ ଲୋପାମୁଦ୍ରା ବିଶ୍ୱବାର ଘୋଷା
ଲୀଳାବତୀ ସଙ୍ଘମିତ୍ରା
ପରମ ବିଦୂଷି ଏହି ନାରୀ ଗାଣ
ମୌଳିକତାରେ ଦୀକ୍ଷିତା ।୭।

ସିପାହି ବିଦ୍ରୋହେ ଝାନ୍ ସିର ରାଣୀ
ବୀରତ୍ୱ ଲକ୍ଷ୍ମୀ ବାଇର
ନେତୃତ୍ୱ ତ୍ୟାଗର ପ୍ରତିମୂର୍ତ୍ତିଟିଏ
ଗୁଣ କିର୍ତ୍ତି ଗାରିମାର ।୮।

ପ୍ରକୃତି ସ୍ୱରୂପା ନାରୀ ନାରାୟଣୀ
ପ୍ରତି କାମେ ଆଗଭର
ପୁରୁଷକୁ କରେ କର୍ମ ଚଞ୍ଚଳ ସେ
ଉପଦେଶ କର୍ତ୍ତବ୍ୟର ।୯।

ଆଜିର ନାରୀ ତ ଆକାଶେ ଉଡୁଛି
ମୋତି ଖୋଜେ ସାଗରରେ
କ୍ରୀଡା ଜଗତରେ ନାମ କମାଉଛି
ପାଦ ତା ରାଜନୀତିରେ ।୧୦।

ଘର କାମ ସାଥେ ଅଫିସ ଚଳାଏ
ଏକ ହାତେ ବହୁ କାମ
ସେହି ନାରୀ ପରା ଲାଂଛିତ ହୁଅଇ
କୁତ୍ସା ରଟନାର ନାମ ।୧୧।

କାମୁକ ପୁରୁଷ ଶୋଷଣକୁ ଶହେ
ଯନ୍ତ୍ରଣାରେ ଜର୍ଜରିତ
ଯୌତୁକ ଯୁଇରେ ନବ ବଧୂ ଜଳେ
ମନେ ଦୁଃଖ ଅପ୍ରମିତ ।୧୨।

କନ୍ୟାଭ୍ରୂଣ ହତ୍ୟା ଆଜି ପୁଣି ହୁଏ
ଦୁଃସ୍ଥ ପୁରୁଷଙ୍କ ପାଇଁ
ଆସ ଭାଇ ଆସ ହାତ ମିଶାଇବା
କୁସଂସ୍କାର ଦୂର ପାଇଁ ।୧୩।

ସୁସ୍ଥ ସମାଜକୁ ଆହ୍ୱାନ କରିବା
ରମଣୀ ସମ୍ମାନ ଦେଇ
ଆସରେ ପାଳିବା ମହିଳା ଦିବସ
ଶ୍ରଦ୍ଧାର କୁସୁମ ଦେଇ ।୧୪।

ନାରୀର ମାନ ଆକ୍ଷୁର୍ଣ୍ଣ ରହିଲେ
ହସିବ ସାରା ସଂସାର
ସାରା ବିଶ୍ୱେ ଯେତେ ମହିଳା ଅଛନ୍ତି
ଦିଅ ପ୍ରୀତି ଉପହାର ।୧୫।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନର୍କରୁ ତୁ ଦୂରେଇ ଯାଆ



ଅଜୟ କୁମାର
ବେହେରା

ଭିତରେ ରଖିଛୁ ଏତେ ହଳାହଳ
 କିଏ ବା ବୁଝିବ କାହିଁ
ଦିନ ତୋର ବିତେ ପରର ଚର୍ଚ୍ଚାରେ
 ଅନ୍ୟକୁ ଲୁଟିବା ପାଇଁ ।୧ ।

କଦର୍ଯ୍ୟ ଭାବନା କୁତ୍ସିତ ମନରେ
 ଶୋଭା ପାଏ ନାହିଁ ତୋତେ
ବିଚରା ନିରୀହ ଦୁଃଖୀ ଦରିଦ୍ରଙ୍କୁ
 ଆଉ ତୁ ଶୋଷିବୁ କେତେ ।୨ ।

ବିବେକ ତୋହର ତୁଠ ପଥରଟେ
 ଶିଉଳି ଯାଇଛି ପଡ଼ି
ସମୟ ସୁଅରେ ସବୁ ବଦଳିବ
 ଦୁଃଖରେ ଛାଡ଼ିବୁ ରୋଡ଼ି ।୩ ।

ସୁଖ ପରେ ଦୁଃଖ ସଦା ନିରନ୍ତର
 ଲାଗି ଥାଏ ଏ ସଂସାରେ
ନୀଚ ଭାବନାରେ ଅପକର୍ମ କରି
 ରହିନି କେହି ସୁଖରେ ।୪ ।

ଧରମ ଦାଣ୍ଡରେ ଛିଡା ହୋଇ ତୁହି
 ଭାବିଛୁ ବଞ୍ଚିବୁ ଏକା
କୁଟିଳ ବୁଦ୍ଧି ତୋ ହଜି ଯିବ ଦିନେ
 ସୁଖର ନ ଥିବ ଦେଖା ।୫ ।

ପାରୁଛୁ ଯଦିରେ ଦାନ ଧର୍ମ କରି
 ଆତ୍ମ ସନ୍ତୁଷ୍ଟି ତୁ ପାଆ
ସତକର୍ମ କରି ଡାକି ହରି ହରି
 ନର୍କରୁ ତୁ ଦୂରେଇ ଯାଆ ।୬ ।

ମୋରଡ଼ା,ମୟୂରଭଞ୍ଜ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବସନ୍ତ ବାସ୍ନା



ପୁଷ୍ପାଞ୍ଜଳୀ ପଣ୍ଡା

ଚଉଦିଗେ ଚାରୁ ଚୋରା ଚଇତାଳି
ବକୁଳ ମୁକୁଳ ଗନ୍ଧ
ସହକାର ବନେ ଅଲିଅଳୀ ଅଳି
ଖୋଜେ ଫୁଲପେନ୍ଥା ବନ୍ଧ ।।
ଦକ୍ଷିଣା ବାଆର ପରଶ ଜଗାଏ
ମାଦକ ମହୁଲୀ ମନେ
ଚଇତର ଚିତ୍ର ପ୍ରତିମା ପ୍ରମତ୍ତ
ମୁଗ୍ଧ କିଂଶୁକ ବନେ ।।
ବଧୁଲି ସାଜରେ ଧବଳ ବେଶରେ
ମଲ୍ଲୀ, ଜୁଇ ହେନା ଦେଖେ
ପ୍ରକୃତିରେ ଭରା ବସନ୍ତ ପସରା
ପ୍ରେମର ରଙ୍ଗ ପରଖେ ।।
ଝୀନବସନରେ କେତକୀ ମରୁଆ
ହଲାଅନ୍ତି କ୍ଷୀଣ କଟୀ
ଅଶୋକ ମନ୍ଦାର ଟଗର ସେବତୀ
ଝୁଲନ୍ତି ସତେକି ନଟୀ ।।

ପ୍ରଜାପତି ଉଡି ଫୁଲର କାନରେ
ପ୍ରେମ ଋତୁ କଥା କୁହେ
ବସନ୍ତ ବରଣେ ମତୁଆଲା କରି
ବିରହ ରେ ମନ ମୋହେ ।।
ତୋଫା ଜହ୍ନ ଉଙ୍କିମାରେ ଆକାଶରୁ
ଅପରୂପ ରାତ୍ରି ସଙ୍ଗ
ଆଗମନୀ ଆବାହନୀ ସଙ୍ଗୀତର
ପ୍ରେମଶିକ୍ତ ସପ୍ତରଙ୍ଗ ।।
ବିଭୋର ବେଳାରେ,
ଉଷା, ସନ୍ଧ୍ୟା କାଳେ
ଋତୁରାଜର ମାନ୍ୟତା
କୋଇଲିର କୁହୁ ମୃଦୁ ମଳୟରେ
ଭରେ ସକଳ ଶୁନ୍ୟତା ।।

ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ଗଲାପରେ



ପ୍ରୀତିଶ କୁମାର

ପ୍ରତ୍ୟେକ ସମୟେ ସାଥିରେ ରହିବ କହି
ତୁମେ ଗଲା ପରେ......
ନୟନ କୋଣରୁ ଜକେଇ ଆସୁଥିବା ଲୁହ
ଖଣ୍ଡିଆଳି କରେ....
ହସେ ମୋ ପାରିବା ପଣିଆ ଉପରେ
ପୁଣି ବନ୍ଧୁତା କୁ ତାଚ୍ଛଲ୍ୟ କରେ ।

ପ୍ରତ୍ୟେକ ସମୟେ ସାଥିରେ ରହିବ କହି
ତୁମେ ଗଲା ପରେ.....
ସାଥୀ ହୋଇ ଚାଲିଥିବା ରାସ୍ତା
ଖାଁ ଖାଁ ଲାଗେ
ଏକା ଏକା ଲାଗେ
ଜନଗହଳି ରାସ୍ତା କାହିଁ
ଫାଙ୍କା ଫାଙ୍କା ଲାଗେ
ତୁମ ଅନୁପସ୍ଥିତି ରେ ।

ପ୍ରତ୍ୟେକ ସମୟେ ସାଥିରେ ରହିବ କହି
ତୁମେ ଗଲା ପରେ.....
ଆଙ୍କିଥିବା ଗୋଲାପୀର ଦାଗ
ଦାନ୍ତ ନିକୁଟାନ୍ତି
ମୁରୁକି ହସନ୍ତି
ସମ୍ପର୍କ ର ସେତୁ ପରେ ପ୍ରଶ୍ନ ଢ଼ାଳି ଦ୍ୟନ୍ତି
ମୋ ଦୁର୍ବଳତା ମାଟି ଧରେ ।

ପ୍ରତ୍ୟେକ ସମୟ ସାଥିରେ ରହିବ କହି
ତୁମେ ଗଲା ପରେ.....
ଝୁରିହୁଏ ବେଶୀ ବେଶୀ
ଶୁଖି ଥିବା ଲୁଣି ଜଳ
ବିନା ବଢ଼ିପାଣି ରେ
ପୁଣି ବନ୍ୟା ରଚଇ
ବିନା ବର୍ଷା ର ଆଗମନରେ
କେବଳ ତୁମେ ଗଲା ପରେ
କେବଳ ତୁମେ ଗଲା ପରେ
କେବଳ ତୁମେ ଗଲା ପରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନିର୍ବାପ ଜ୍ୟୋତି



ବାଲାଜୀ ସେଠୀ

(ଫୁଲଓ୍ୱାମା ସହୀଦ ଦିବସ ଉପଲକ୍ଷେ)

ହେ ବୀର ଯବାନ    ଅଟ ହେ ମହାନ
ମାତୃଭୂମି ଯୋଗ୍ୟ ସୁତ
ଭାରତ ମାତାର    ସେବାରେ ତୁମର
ତନ ମନ ସମର୍ପିତ  ।

ହିମାଙ୍ଗ ଶିଖରେ    ନିଶ୍ଚଳ ନିରବେ
କମାଣ ବାରୁଦ ଧରି
ମାତୃ ଭୂମିର    ବଇରୀ ବକ୍ଷକୁ
ଯାଅ ତୁମେ ଭେଦକରି  ।

ଗିରି, ବନ, କୂଳ    ସୀମାନ୍ତ ଅଞ୍ଚଳ
କର୍ତ୍ତବ୍ୟର ପଟ୍ଟଭୂମି
ଖରା,ବର୍ଷା, ଶୀତ   ସବୁ ତ ସହିଛ
ଅଦମିତ ପରାକ୍ରମୀ  ।

ଆଞ୍ଜୁଳିରେ ଧରି   ଆପଣା ଜୀବନ
ଶତ୍ରୁ ସଙ୍ଗେ ଯୁଦ୍ଧ ଲଢ଼ି
ମାରି ମରିବାକୁ    ଶପଥ ନେଇଛ
ଜାତୀୟ ଧ୍ୱଜାକୁ ଧରି  ।

ଫୁଲଓ୍ୱାମା ସ୍ମୃତି    ମନୁ ନ ଲିଭୁଛି
ଆତଙ୍କୀର କଳାକୀର୍ତ୍ତି
ବିବେକକୁ ମାରି    ଆସିଥିଲେ ଧରି
ମୃତ୍ୟୁ ଫାସ କାଳରାତି  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ କାଳ ରାତିର ରୂପ ଭୟଙ୍କର
ଥରୁଥିଲା ଦେଶ ଛାତି
ଅପ୍ରସ୍ତୁତେ ଦେଲ ବଇରୀ ଆଗରେ
ବିଶ୍ରାନ୍ତ ଶରୀର ପାତି ।

ଚାଳିଶି ଯବାନ ଅମୂଲ୍ୟ ଜୀବନ
ଅକାଳେ ପଡ଼ିଲା ଝରି
ବନ୍ଧୁ ପରିବାର ସଖା ସହୋଦର
ନୟନୁ ଶୁଖୁନି ବାରି ।

ଅକାଳ ବୈଧବ୍ୟ ଯନ୍ତ୍ରଣା ବରିଲେ
କେତେ ଯେ ବୀରା ରମଣୀ
ଗର୍ଭଧାରୀ ମାତା ପିତା ବିଳାପନ୍ତି
ସ୍ମୃତିକୁ କରି ବାହୁନି ।

ଛେଉଣ୍ଡ ହୋଇଲେ କେତେ ଯେ ବାଳୁତ
ଦେଶପ୍ରେମୀ ପିତା ହାରି
ତୁମ ପ୍ରେରଣାରେ ଭବିଷ୍ୟ ଗଢ଼ିବେ
ଅଛନ୍ତି ପ୍ରତିଜ୍ଞା କରି ।

ନିର୍ଲିପ୍ତ ହୃଦୟ ପ୍ରାଙ୍ଗଣ ପ୍ରସାରି
ଦେଶଭକ୍ତି ଥିଲ ଜାଳି
ତୁମ ଶୌର୍ଯ୍ୟ ପଣ ଆହେ ବୀରଗଣ
କିଏ ସେ ପାରିବ କଳି ।

ଫେବୃଆରୀ ଚୌଦ ଆଜିର ଦିବସ
ତୁମ ବଳିଦାନ ପାଇଁ
ତୁମ ଜୟଗାନେ ଦେଶବାସୀ ମଥା
ଯାଏ ଆପେ ଆପେ ନଇଁ ।

ଅନିର୍ବାପ ଜ୍ୟୋତି ରଚିଗଲ ଖ୍ୟାତି
ଭାରତ ମାତାର ଭାଗ୍ୟ
ସସମ୍ମାନେ ଆଜି ଅଶ୍ରୁ ଶ୍ରଦ୍ଧାଞ୍ଜଳି
କୁସୁମେ ବାଢୁଛି ଅର୍ଘ୍ୟ ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶେଷ ଇଚ୍ଛା



ଆଦରମଣି ପ୍ରଧାନ

ଆଜି ଭାରି ଇଚ୍ଛା ହେଉଛି
ତୁମ କୋଳରେ ଟିକେ
ଶାନ୍ତିରେ ଶୋଇବାକୁ
ତୁମେ ମୋ ମୁଣ୍ଡ ଆଉଁସି ଦିଅନ୍ତ,, ।
ମୋ କପାଳରେ ଛୋଟ ଛୋଟ
ଚୁମା ଦିଅନ୍ତ ,,, ବହୁତ,,, ସ୍ନେହଁରେ
ମୋ ଦେହକୁ ଧିରେ ଧିରେ
ଆଉଁସି ଦିଅନ୍ତ,,,,,,,,, ।
ମୋ ଆଖିରୁ ଝରି ପଡନ୍ତା
ଖୁସିର କେଇବୁନ୍ଦା ଲୁହ,,,,,,,,
ଏ ଗେଲି,,,,, ମୋ ଧନ
କାନ୍ଦନିରେ,,,,,,,,
ମୁଁ ଅଛି ନା ତୁମ ପାଖରେ
ତୁମେ କୁହନ୍ତ,,,,,,,,
ମୁଁ ମୁଣ୍ଡ ଉଠାଇ ତୁମକୁ
ଟିକେ ଚାହାନ୍ତି
ପୁଣି ଜୋର୍‌ରେ ଜାବୋଡି ଧରି
ଶୋଇବାକୁ ଚେଷ୍ଟା କରନ୍ତି
ଶାନ୍ତିରେ ଜୀବନର ଚିର ନିଦ୍ରାରେ
ଏହା ହେଉଛି ବୋଧେ
ମୋର ତୁମଠୁ ଶେଷ ଇଚ୍ଛା ,,, ।
ବହୁତ୍ ଜୋର୍‌ରେ ତୁମକୁ
ଜାବୁଡି ଧରିଥିବି ଯେମିତି
ଯମ ଦୂତ ମାନେ
ତୁମଠୁ ମୋତେ ନେଇ ପାରିବେନି
ମୁଁ ମରିଗଲା ପରେ ତୁମ କୋଳରେ,
ଏ ଗେଲି ବୋଲିକହି ଦୁଇ ବୁନ୍ଦା
ଲୁହ ଢାଳି ପାର
ମୋର ଏ ମର ଶରୀରରେ
ମୋର ଏହା ଶେଷ ଇଚ୍ଛା ,,,,, ।

ସିଙ୍ଗିଟି, ମତୋ, ଚାନ୍ଦବାଲି, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଗଲାପରେ



ଶୁଭମ କୁମାର ସାହୁ

ମୁଁ ଗଲା ପରେ ଏ ଦୁନିଆ କହିବ
କେହି ଜଣେ ଏଠି ଥିଲା
ହାତକୁ ହଲାଇ ବିଦାୟ କହି
ଦୁନିଆରୁ ଚାଲିଗଲା ॥

ମୁଁ ଗଲା ପରେ ଏ ଦୁନିଆ କହିବ
ଜଣେ ତ ମଣିଷ ଥିଲା
ନିଜେ ନିଜେ କାନ୍ଦି ହସ କୁ ଲୁଚାଇ
ଲୁହ ପିଇ ଯାଉଥିଲା ॥

ମୁଁ ଗଲା ପରେ ଏ ଦୁନିଆରେ
ଶୁନ୍ ଶାନ୍ ହେବ କି ଜାଣେନା
ମୁଁ ଗଲା ବେଳେ ଏ ଦୁନିଆରୁ
ନେଇଯିବି ସବୁ ଛଳନା ॥

ମାଗୁଛି ସଖା ହେ ମୁଁ ଗଲା ପରେ
ଫେରନ୍ତା କି ସୁଖ ମରତରେ
ଖୁସିରେ ଥରେ ବିଦାୟ ନେଇ
ଫେରିଆସନ୍ତି ମୁଁ ପୁଣିଥରେ ॥

ସା : ପଦାପଡ଼ା, ପୋ : ଗୁଡ଼ିଖାଳ
ଜିଲ୍ଲା : ବାଲେଶ୍ୱର, ୭୫୬୦୩୦
ମୋ : ୮୯୧୭୫୯୨୬୪୭
ଇମେଲ୍ : sahoosubham603@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ପରିବେଶ ଆମ ଦାୟିତ୍ୱ



ନିଶିଥ୍ ଚକ୍ରବର୍ତ୍ତୀ

ଆମ ପରିବେଶ ଆମରି ଦାୟିତ୍ୱ
ଭୁଲ ନାହିଁ ଭାଇ ଏହା ,
ଭୁଲରେ ବି ଭୁଲ୍ ହୋଇଗଲେ ଭାଇ
କାହାକୁ ବା ଦୋଷ ଦେବା ।
ସବୁଜ ସୁନ୍ଦର ରଖିବା ଟି ଆମେ
ଆମ ନିଜ ପରିବେଶ ,
ପ୍ରକୃତି ସତେଜ ରହିଲେ ଭାଇରେ
ସମାଜ ହସିଉଠିବ ।
ପ୍ଲାଷ୍ଟିକ ଆଉ ପଲିଥିନ ଅଭ୍ୟାସ
ଅଟେ ବଡ଼ ମାରାତ୍ମକ ,
ମୃତ୍ତିକା ସହିତ ଜଳ ପ୍ରଦୂଷଣ
ସ୍ୱାସ୍ଥ୍ୟ ବି ହୁଏ ଖରାପ ।
ଅଙ୍ଗାରକାମ୍ଳର ପରିମାଣ ବଢେ
ପ୍ରଦୂଷଣ ମାତ୍ରା ସହ ,
ଏଥିରୁ ବର୍ତ୍ତିବା ପାଇଁକି ଭାଇରେ
ସବୁଆଡ଼େ ଲଗା ଗଛ ।

ଜଙ୍ଗଲ ଯେ ଏକ ରହିଲେ ନିକଟେ
ଆଶୀର୍ବାଦ ବୋଲି ଜାଣ ,
ବନୀକରଣକୁ ପ୍ରୋତ୍ସାହନ ମିଳେ
ଲଗାଇ ନାନାଦି ଗଛ ।
ପୁରାତନ ଯୁଗରେ ଗୁରୁକୁଳରେ
ଥିଲା ଏହି ପରମ୍ପରା ,
ଔଷଧୀୟ ବୃକ୍ଷର ବଗିଚା ସହ
ଥିଲା ବହୁ ଗଛଲତା ।
ଏବେ ବି ସମୟ ହାତରେ ଅଛି
ଆସରେ ସୁଧୁରିଯିବା ,
ନିଜ ପରିବେଶକୁ ନିଜେରେ ଗଢିବା
ହେଉ ତାହା ସବୁଜିମା ।

କାହ୍ନାଇ ଭବନ, ଗୁଲନଗର, କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହଲାନା ହଲାନା ଆଉ ନାକର ଗୁଣା



ତାରା ପ୍ରସାଦ ଜେନା

ଟିଣିକି ଟିଣା......

ହଲାନା ହଲାନା ଆଉ ନାକର ଗୁଣା

ତୋ ପ୍ରେମରେ ପଡ଼ି ସତେ ହେଲିଣି ବଣା

..........ହଲାନା ହଲାନା ଆଉ ନାକର ଗୁଣା ! ୦ !

ପାଉଡ଼ର ମୁହଁ କ୍ରିମ୍ କହୁଚୁ ହସି

ରଙ୍ଗ ନଖ ପାଲିସକୁ ମାଗୁଚୁ ଖୁସି,

ଓଠ ଲାଗି ଲିପଷ୍ଟିକ୍ ବରାଦ ଅଛି

ତାରକସି କାନଫୁଲ କିଣିବୁ ବାଛି

ଟଙ୍କା ମେସିନିକି ମୋତେ ଲାଗୁଚି ଜଣା

..........ହଲାନା ହଲାନା ଆଉ ନାକର ଗୁଣା ! ୧ !

ଗୋଡ଼ିବସା ପାଉଁଜି ତୁ ନାଇବୁ ବୋଲି

ପାଟ ଶାଢ଼ୀ ପିନ୍ଧିବାକୁ ରଙ୍ଗ ସାକୁଲି,

କଜ୍ଜଳ କୁଙ୍କୁମ ପୁଣି ଖୋଜୁଚୁ ବିନ୍ଦି

ପଇସା ବଳ ମୋ ଭଲା ହେଇଚି ଖୁନ୍ଦି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛାଡ଼ିଲାଣି ନାଡ଼ି ମୋର ପକେଟ କଣା

.........ହଲାନା ହଲାନା ଆଉ ନାକର ଗୁଣା ! ୨ !

ଫଟଫଟି ବୁଲିବାକୁ ଉଛନ୍ନ ମନ

ହୋଟେଲରେ ଖାଇବାକୁ ବାହାରୁ ଦିନ,

ତୋର ଫରମାସ ପଡ଼ି ବିକିବି ଘର

ପ୍ରେମ ନାଆଁ ଶୁଣି ଏବେ ଲାଗୁଛି ଡର

ଫରମାସୀ ଯୋଡ଼ହସ୍ତ ବାଚାଳ ଗଣା

.........ହଲାନା ହଲାନା ଆଉ ନାକର ଗୁଣା ! ୩ !

ସା.-ରଣପୁର (ଗୋଡ଼ିପାଟଣା ସାହି),

ଡାକ- ରାଜ ରଣପୁର, ଜିଲ୍ଲା- ନୟାଗଡ଼

ପିନ୍-୭୫୨୦୨୬, ଦୂରଭାଷ-୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁଇଟୋପା ଲୁହ ସାହିତ୍ୟର ମୋହ



ଦେବାଶିଷ ସିଂହ

ନିରବଛିନ୍ନ ଅନାବିଳ.. ଅଶ୍ରୁଳ ନୟନୁ
ଅବିଶ୍ରାନ୍ତ ବୋହୁଥିଲା.. ଝର ଝର ଲହୁ
ସମୟର ଅଗଣାରୁ.. ବୋହୁଥିଲା ମହୁ
ଶତାବ୍ଦୀର ପ୍ରଗଣାରୁ.. ଝରୁଥିଲା ବିହୁ ।

ସାହିତ୍ୟାକାଶରେ ଉଜ୍ଜ୍ୱଳ ନକ୍ଷତ୍ର
ଶବ୍ଦ ଚଟାଣରେ ଭାଷା ର ସୁଅ
ତରଙ୍ଗାୟିତ ଉର୍ମ୍ମିମାଳା.. ସମ ପ୍ରତ୍ୟୟମାନ
ଆବେଗ ଭରା... ଚେତନାର କୋହ ।....

ସମବେଦନା ଜଣାଇ... ଉର୍ମୀ ଦେଉଥିଲା ତୁମି
ବେଦନାର ବର୍ଣ୍ଣାଢ୍ୟ... ବେଳାଭୂମି
ଶାମୁକା କହୁଥିଲା... ତା ଜୀବନ କାହାଣୀ
ନିରେଖି ଦେଖୁଥିଲା.. ସାଗର.. ଶାମୁକାର
ଚାହାଣୀ ।

ବାଲେଶ୍ୱର
୯୦୪୦୫୬୬୬୭୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବସନ୍ତ - ବିଳାସ



ଚିତ୍ରାରାଣୀ ପାତ୍ର

ବର୍ଣ୍ଣାଳୀର ଛଟାନେଇ
ଆସିଛି ବସନ୍ତ,
କୁଞ୍ଜେ-କୁଞ୍ଜେ ପାଏ ଶୋଭା
ବକୁଳର ଚ୍ୟୁତ । ।(୧) । ।

କୋଇଲିର କୁହୁତାନେ
ମନ ପ୍ରଫୁଲ୍ଲିତ,
ମଳୟର ବାଆ ସାଥେ
ତନୁ ଉଲ୍ଲସିତ । ।(୨) ।

ଚତୁର୍ଦ୍ଦିଗ ମୁଖରିତ
ଶୋଭାକୁ ବିକଶି,
ଆସତୁମେ ପ୍ରାଣପ୍ରିୟା
ହୃଦୟକୁ ପଶି । ।(୩) । ।

କି ଏକ ଆବେଗ ସାଥେ
କରିଛି ପ୍ରତୀକ୍ଷା,
ମିଳନର ମଧୁଲଗ୍ନ
ନକର ଉପେକ୍ଷା । ।(୪) । ।

ବସନ୍ତ-ବିଳାସ ତୋଳେ
ମଧୁର- ମୂର୍ଚ୍ଛନା,
ମନବୀଣା ବାଜିଉଠେ
କରିଯେ କଳ୍ପନା । ।(୫) । ।

। । ବାଲେଶ୍ୱର । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଥକିବାନି କେବେ



ସନ୍ତୋଷ କୁମାର ସାହୁ

ଜୀବନ ଅଛିତ ଯନ୍ତ୍ରଣା ବି ଅଛି
ସହିବାକୁ ହେବ ସବୁ କଷ୍ଟକୁ
ଲକ୍ଷ୍ୟର ପଥରେ ଅଗ୍ରସର ହେବା
କର୍ମ ବୀର ହୋଇ ଯିବା ଆଗକୁ ....
ମାୟାର ସଂସାରେ ଆସିବ ବି ବନ୍ୟା
କେତେ ବାଧାବିଘ୍ନ ଝଡ଼ ବତାସ
ଆଳସ୍ୟକୁ ତ୍ୟାଗି ମନ କରି ଦୃଢ଼
ବାନ୍ଧିବାକୁ ହେବ ଆତ୍ମ ସାହସ ....
ହେଉପଛେ କର୍ମ ବିଶାଳ ବିସ୍ତୃତ
କାତର ନହୋଇ ପାଞ୍ଚ ଉପାୟ
ପରିଶ୍ରମ କରି ଲକ୍ଷ୍ୟର କାର୍ଯ୍ୟକୁ
ସାରିବା ନିଶ୍ଚୟ ଦେଖି ସମୟ ....

ପରାଜୟ କିମ୍ବା ବିଫଳ ହୋଇଲେ
ଜୀବନେ ସଂଘର୍ଷ ନଦେବା ଛାଡ଼ି
କାର୍ଯ୍ୟ ପଥେ ଥିବା କଠିନ ଶିଳାକୁ
ଭାଙ୍ଗିବାକୁ ହେବ ମାରି ହାତୁଡ଼ି ....
ଖରା ବର୍ଷା ଶୀତ ଭୃକ୍ଷେପ ନକରି
କୃଷକ କରୁଛି ମାଟିରେ ଚାଷ
ନିରସ ଭୁଇଁରେ ଫଳାଏ ଫସଲ
ଥକି ଯାଏ ନାହିଁ ସେ ବାର ମାସ ...
ପରିଶ୍ରମ କରି ସୁସ୍ଥ ରହିଥିଲେ
ବାର୍ଦ୍ଧ୍ୟକେ କିଲୋଡ଼ା ସାହାରା ବାଡ଼ି
ଥକିବାନି କେବେ ହେଉ କର୍ମ ବଡ଼
କାମକୁ ସାରିବା ସ୍ୱେଦ ନିଗାଡ଼ି ...

ଗାନ୍ଧୀ ନଗର, କୋରାପୁଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାବଗ୍ରାହୀ



ଶୈଳବାଳା ନାୟକ

ଭାବ ଖୁଦ ଭଜା ସୁଦାମା ଖୋଇଲା
ଭାବ ବିହ୍ୱୋଳରେ ଖାଇଲ
ସୁଦାମାର ଭାବ ନାହିଁ ମୋର ପାଶେ
କେମିତି ଡାକିବି କହିଲ
ପ୍ରତୀକ୍ଷା କରିଛି ଦିନ ମୁଁ ଗଣୁଛି
କାଳେ ଆସିଯିବ ବୋଲି
ବାସ୍ନା ଭରା ଫୁଲ ତୋଳି ମୁଁ ରଖୁଛି
ତୁମ ପାଦେ ଦେବି ବୋଲି
ମନତ ଚାହୁଁଛି ପାଦେ ଲୋଟିଯିବି
ଯଦି ହେବ ଥରେ ଦେଖା
ମନରେ ଭାବର ଅଭାବ ଜାଣିବି
ଭାବି ନେଇଛି ମୋ ସଖା
ଖୋଜୁଛି ତୁମକୁ ଖୋଜିବି ପ୍ରଭୁ ହେ
ଏ ଜୀବନ ଥିବା ଯାଏ
ତୁମେ ମୋତେ ଭଲ  ପାଅ କି ନ ପାଅ
ମୁଁ ତୁମକୁ ଭଲ ପାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଓଁ ନମଃ ଶିବାୟ



ରକ୍ମିଣୀ ସାହୁ

ଅମା ଅନ୍ଧାରର ଜ୍ୟୋତି ମହାପ୍ରଭୁ
ଦିବ୍ୟ ଚେତନାର ମୂର୍ତ୍ତି
ହଳାହଳ ବିଷ ପାନ କରି ତୁମେ
ପିୟୁଷକୁ ଦେଲ ବାଣ୍ଟି
ନୀଳକଣ୍ଠ ନାମ ଧରିଲ ମର୍ତ୍ତ୍ୟର
କରିବାକୁ ଦୁଃଖ ଦୂର
ପବିତ୍ର ପାବନୀ ଗଙ୍ଗା ନିର୍ଝରିଲା
ଦିବ୍ୟ ଜାଟରୁ ତବ
ଜଗତର ହିତ ଏକା ତୁମ ବ୍ରତ
ସଂହାର କରତା ନାମ
ଦିବ୍ୟ ନେତ୍ରରେ ଦେଖ ବାବା ତୁମେ
ଏ ସାରା ବିଶ୍ୱର ଦୁଃଖ
ଅଶାନ୍ତ ନିଆଁରେ ଜଳୁଛି କିପରି
ଖାଲି ଧ୍ୱଂସର ସ୍ତୁପ
ବାରୁଦ ଧୂଆଁର ପାହାଡ଼ ତଳେ
ଅସ୍ଥି କଙ୍କାଳ ସାର

ନିରୀହ ଜନତା ବଳିପଡି ଯାଏ
ଦେଖ ବାବା ଯୋଗେଶ୍ୱର
ଶାନ୍ତି ଖୋଜୁଥିବା ମନୁଷ୍ୟ ଏଠି
ଯୁଦ୍ଧରେ ହେଉଛି ଶିକାର
ଆହେ ଉମାପତି ପାର୍ବତୀ ପତି
ଆଶୁତୋଷ ଭୋଳା ଶଙ୍କର
ଏ ମହାଶଙ୍କଟୁ ସମଗ୍ର ବିଶ୍ୱକୁ
କର ବାବା ତୁମେ ଉଦ୍ଧାର
ମଣିଷ ମନର ହିଂସା କ୍ରୋଧ କୁ
ଜାଳି ଦିଅ ମହା ପ୍ରଭୁ
ଆଜିର ଏହି ପବିତ୍ର ଲଗ୍ନ ରେ
ଭକ୍ତି ନୈବେଦ୍ୟ ବାଢି
କରୁଛି ମିନତୀ ଆହେ ପଶୁପତି
ରକ୍ଷା କର ତୁମ ସୃଷ୍ଟି ।

ଉଦଳା, ମୟୁରଭଞ୍ଜ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶିବରାତ୍ରୀ



ତାନଶ୍ରୀ ପାଣିଗ୍ରାହୀ

ହେ ଶିବ ଶଙ୍କର ଭୋଳା ମହେଶ୍ୱର

ତୁମେ ତ ସତ୍ୟ ସୁନ୍ଦର

ଉଜାଗର ରହି ଜାଳୁଛି ପ୍ରଦୀପ

ପ୍ରଣାମ ଘେନ ହେ ମୋର...

ଅରଖ, ଦୁଦୁରା ବେଲପତ୍ର ସାଥେ

ଶିରେ ଢାଳି କଞ୍ଚା କ୍ଷୀର

ହେ କୈଳାସ ପତି ରୋଗ ବ୍ୟାଧି ନାଶି

ଦୁଃଖ କରିଦିଅ ଦୂର...

ହାତରେ ତ୍ରିଶୂଳ ମସ୍ତକରେ ଗଙ୍ଗା

ଭାଲେ ତୁମ ଦିବ୍ୟଜ୍ୟୋତି

ପଞ୍ଚାକ୍ଷରୀ ମନ୍ତ୍ର ଜପି ପୂଜା କରି

ପାଳୁଛି ଜାଗର ରାତି...

ଆହେ ଯୋଗେଶ୍ୱର ହେ ଡମ୍ବରୁଧର

ତୁମରି ଚରଣେ ଭକ୍ତି

ପ୍ରାର୍ଥନା କରୁଛି ସବୁରି ଜୀବନେ

ଭରିଦିଅ ସୁଖ ଶାନ୍ତି...

ନିର୍ମଳ ମନେ ଜାଳିବା ଦୀପାଳି

ଦୀପ ଯେ ପରମ ଜ୍ୟୋତି

ପ୍ରତି ହୃଦୟରେ ଜ୍ଞାନର ଆଲୋକେ

ପୂର୍ଣ୍ଣ ହେଉ ଶିବରାତ୍ରୀ ॥

ଆଚାର୍ଯ୍ୟା, ସରସ୍ୱତୀ ଶିଶୁମନ୍ଦିର

ବାଲେଶ୍ୱର, ମୋ - ୯୩୩୭୩୦୪୨୯୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସତ୍ୟମ୍ ଶିବମ୍ ସୁନ୍ଦରମ୍



ନୂତନ କୁମାର ବେହେରା

ହେ ସତ୍ୟ ଶିବ ସୁନ୍ଦର ମହିମା ତୁମ ଅପାର
ଯୁଗେ ଯୁଗେ ଦେଖାଇଛ ଭକତ ପାଇଁ,
ରଚି ଏ ସୁନା ସଂସାର କରିଅଛ ମନୋହର
ରହିଥିଲେ ଚାହିଁ ପଲକ ପଡେ ନାହିଁ,
ଧନ୍ୟ ହେ ବିଶ୍ୱ କାରିଗର
ଭାବେ ଜୀବ ପରମ ବନ୍ଧା ନିରନ୍ତର ।
ତୁମ ବାହୁ ଛାୟା ତଳେ ଜୀବନ ପ୍ରଦୀପ ଜଳେ
ଶରୀର ସଳିତା ତାର ଆୟୁଷ ତେଲ,
ତୁମ ଦୟା କୃପା ବଳେ ଏ ସାରା ଦୁନିଆଁ ଚଳେ
ଉଦ୍ଧାରି ପତିତ ଜନେ ରଖ ହେ ଭଲ ।
ଡାକେ ମୁଁ ସଞ୍ଜରେ ସକାଳେ
କା' ଜୀବନ ପ୍ରଦୀପ ନଲିଭୁ ଅକାଳେ ।
ବ୍ରହ୍ମା ବିଷ୍ଣୁ ମହେଶ୍ୱର ତିନି ରୂପେ ଶିରୀଧର
ତୁମେ ହିଁ ସତ୍ୟମ୍ ଶିବମ୍ ସୁନ୍ଦରମ୍,
ହର୍ତ୍ତା କର୍ତ୍ତା ଜଗତର କର ପାଳନ ସଂହାର
ବିଶ୍ୱଜ୍ଞ ବ୍ରହ୍ମାଣ୍ଡେ ତୁମେ ଏକା ତ ପରମ୍,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମେ ଶାଶ୍ୱତ ହରିହର
ଆଶିଷ ଦେଇ ସବୁରି ମଙ୍ଗଳ କର ।
କରି ତୁମ ଆରାଧନା ବାର ବ୍ରତ ଉପାସନା
ରଖିଛି ତୁମକୁ ହୃଦୟ ସିଂହାସନେ,
ତୁମରି ପୂଜା ଅର୍ଚ୍ଚନା ମୋ ଜୀବନର ପ୍ରାର୍ଥନା
ତୁମ ବିନା ଅନ୍ଧକାର ଦିଶେ ନୟନେ,
ମନେ ପ୍ରାଣେ ଦିଅ ଚେତନା
ଭକ୍ତି ଚିତ୍ତେ କରେ ତୁମ ପାଦ ବନ୍ଦନା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରମ ପିତା



ପ୍ରତାପ କିଶୋର ରାଉତ

ପରମ ପିତା ହେ ଦୟା ବହି ମୋତେ
ଆଣିଅଛ ଧରା ପରେ
ଦାସ ପଣେ ମୋତେ ବାନ୍ଧି ଦିଅ ପ୍ରଭୁ
ତୁମରି କଞ୍ଜ ପୟରେ ।
ପରମ ପିତା ହେ------- ।୦ ।

ତୁମ ନାମ ହେଉ ଗଣ୍ଠି ଧନ ମୋର
ତାପାଇଁ ଲଙ୍ଘିବି ଭବ ପାରାବାର
ଅଭୟ ପଦ ରେ ଶରଣ ଦେବ ହେ
ଏତିକି ମିନତି କରେ ।
ପରମ ପିତା ହେ--------- ।୧ ।

ତୁମ ଭାବେ ହେଉ ମତି ବିଗଳିତ
ତୁମ ଅରଚନା ଜୀବନ ର ବ୍ରତ
ସୁଖ ସଉଭାଗ୍ୟ ଲୋଡା ନାହିଁ ମୋର
ବାନ୍ଧି ରଖ ପ୍ରେମ ଡୋରେ ।
ପରମ ପିତା ହେ-------- ।୨ ।

ମିଛ ଦୁନିଆ ରେ ତୁମେ ଏକା ସତ
ମୋ ଜୀବନ ଅଙ୍କେ ପହିଲି ପ୍ରଭାତ
ମୋ ଅନ୍ତର ତଳେ ତୁମ ଛବି ନାଚୁ
ପ୍ରତି ଜନ୍ମ ଜନ୍ମାନ୍ତରେ ।
ପରମ ପିତା ହେ--------- ।୩ ।

ତେନ୍ତୁଲିପଦୀ, ହାଟଡ଼ିହି, କେନ୍ଦୁଝର
ମୋ--୮୩୨୭୭୨୪୦୩୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶିବବାବା



ବିଜୟଲକ୍ଷ୍ମୀ
ମହାପାତ୍ର

ଶିବ ବାବା ତୁମେ ଅନ୍ଧକାରରେ ଜ୍ୟୋତି
ନିରାକାର ଜ୍ୟୋତି ବିନ୍ଦୁ
ଅଜ୍ଞାନ ଧରାରେ ତୁମେ ପରଂବ୍ରହ୍ମ
ଜ୍ଞାନର ଅସୀମ ସିନ୍ଧୁ
ତୁମେ ତ ଗଢ଼ିଛି ଏ ସାରା ସଂସାର ଫୁଲ ଫଳ
ଉପବନ
ତୁମ ରି ସର୍ଜନା ଶରୀର ଭିତରେ
ଆତ୍ମାକୁ କଲ୍ ସ୍ଥାପନ
ସୃଷ୍ଟି ଚକ୍ର ସିନା ତୁମରି ଆଦେଶେ
ଘୂରୁଥାଏ ସଦାକାଳେ
ପରମାତ୍ମା ତୁମେ ଲୀଳା କରୁଥାଅ
ତୁମରି ଆତ୍ମାଙ୍କ ମେଳେ

ଧର୍ମ ନାମରେ ଅଧମ କରିଛି
ବାଟରେ ବାଟ ଚାଲି
ମୋହେ ଅନ୍ଧ ହୋଇ ପାପ କରିଛି
ମାୟା ଜାଲେ ଛନ୍ଦି ହେଲି
ଜ୍ୟୋତିର୍ମୟ ତୁମେ ଜ୍ୟୋତିର ଆଲୋକ
ବୁଣି ଦିଅ ଧରା ପରେ
ଜ୍ଞାନର ସାଗର ଜ୍ଞାନର ମହିମା
ଭରି ଦିଅ ମୋ ଅନ୍ତରେ
ତୁମ ବ୍ରହ୍ମ ଜ୍ଞାନ ମଧୁର ମୂରଲୀ
ଗୁଞ୍ଜରିତ ପ୍ରତି କାନେ
କଣ୍ଟା ପରି ପୂର୍ଣ୍ଣ ପଥରୁ ଆମକୁ
ତ୍ରାହି କର ପ୍ରତି କ୍ଷଣେ

କଡମିଆ, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଘେନ ହେ ଭକ୍ତିଅଞ୍ଜଳି



ରଶ୍ମିତା ପାତ୍ର

କରିଛି ଜାଗର ରହି ଉଜାଗର

ହୃଦ ଗଙ୍ଗା ଜଳ ଢାଳି

ଜାଳିଛି ଦୀପାଳି ପରିଜନ ପାଇଁ

ଅଶ୍ରୁ ସଳିତା ବୋଳି,,

କାହାକୁ କହିବି ହୃଦୟ ବେଦନା

କେ ବୁଝେ ଅବା ମୋ ଅଳି

ମିଥ୍ୟା ଅପବାଦ କରେ ଅବସାଦ

ଯାଉଛି ହୃଦୟ ଜଳି,,

ଭାବେ ମନେ ଯାହା ପ୍ରକାଶଇ ତାହା

ଅରପି କବିତା ଥାଳି

ଆହେ ମହେଶ୍ୱର ସତ୍ୟର ସାଗର

ଘେନ ହେ ଭକ୍ତି ଅଞ୍ଜଳି

ବାରିପଦା ।

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମହାଶିବରାତ୍ରୀ ଜାଗର



ରୀତା ଅପରାଜିତା ମହାନ୍ତି

ଗୋଟିଏ ଦିନ ଦୀପ ଜାଳିଲେ ହୁଏନି ଜାଗର

ଗୋଟିଏ ଦିନ ଦେବାଳୟ ଗଲେ ପ୍ରଭୁ ମିଳିବେନି

ମନକୁ ମନ୍ଦିର କର ............... ।

ବେଲ କଲି ଆଖିର ଲୁହକୁ ମନକୁ କଲି ଦେବାଳୟ

ଏବେ ଦିଅଦେଖା ହେ ଶିବ ଶମ୍ଭୁ

ଜାଣେ ତୁମେ ଦୟାସାଗର

ଅଳ୍ପରେ ସନ୍ତୁଷ୍ଟ ଜଗତ ହିତ

ପାଇଁ ମସ୍ତକରେ ଧରିଲ ଗଙ୍ଗା

ପୁଣି କେବେ ପିଇଲ ।

ସମୁଦ୍ର ମନ୍ଥନର ସମସ୍ତ ଗରଳ

ତୁମେ ତୁମେ ସାଜିଲ ନୀଳକଣ୍ଠ

ତୁମ ପରି ଠାକୁର କିଏ ହେବ

ସତୀ ଙ୍କ ବିହୁନେ ତୁମ ତାଣ୍ଡବଲୀଳା

ତୁମେ ଏକ ପତ୍ନୀବ୍ରତର ପରିଚୟ ଦିଏ

ତେଣୁ ଶିବ ଓ ପାର୍ବତୀ

ଜଣେ ଦେହ ହେଲେ ଜଣେ ଆତ୍ମା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆସୁଛି ଜାଗର

ଏକ ନିଷ୍ଠାରେ ଉପବାସ କରି

ଦୀପ ଜାଳି ତୁମ ଲିଙ୍ଗରେ କ୍ଷୀର ଢାଳିଲେ

ତୁମେ ଭକ୍ତର ମନୋବାଞ୍ଛା ପୂର୍ଣ୍ଣ କରିବ

ଭକ୍ତ ଡ଼ହଳ ବିକଳ

ହେଲେ ଏବେ କଟକଣା ର ସମୟ

ଜୀବନ ପାଇଁ ପ୍ରଭୁ ତୁମ ମନ୍ଦିର କୁ

ଯିବା ମନା

ଏଇଠି ଭକ୍ତି ପ୍ରଦୀପ ଜାଳିଲି

ହୃଦୟ କୁ କଲି ବେଲପତ୍ର

ଆଖିର ଲୁହ କଲି ଗଙ୍ଗା ଜଳ

ତୁମେ ଦେବ କି ଦର୍ଶନ

ହେ ଶିବଶଙ୍କର

ଅପରାଜିତାର ଛୋଟ ଏକ ଅଳୀ

ପ୍ଲଟ ନ -୮୩( ସି)

ଆମ୍ରପଲ୍ଲୀ ଭୁବନେଶ୍ୱର -୨୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଠାକୁର ହେ ଠାକୁର



ନିରୁପମା ପାଣି

ମଠରେ ଥାଅ କି ମନ୍ଦିରରେ ଥାଅ
ଏଯାଏ ପାରୁନି ଜାଣି
ଖୋଜିଲେ କେଉଁଠି ମିଳୁନାହଁ ତୁମେ
ଠିକଣା ତୁମ ପାଉନି
ସରଗେ ଥାଅ କି ମରତେ ଥାଅ
କିବା ଅଛ ପାତାଳରେ
ଠାକୁରହେ ଠାକୁର କହିଦିଅ ଆଜି
ଦୟାକରି ମୋତେ ଥରେ
ସାଧୁ କହେ ତୁମେ ଅଛ ସାଧନାରେ
ସନ୍ଥ କହେ ଭାବନାରେ
ଗୃହସ୍ଥ ପାଇଛି ତୁମେ ଅଛ କହେ
ଗୃହକର୍ମ ପରିଶ୍ରମରେ
ନାରୀଟିଏ କହେ ତୁମକୁ ପାଇଛି
ସ୍ୱାମୀ ରୂପରେ ତାହାର
ଧନୀ କହେ ଧନ ତା ସିନ୍ଦୁକେ ତୁମେ
ଗରିବ ପାଖରେ ତୁମେ ଆଦର
ଯିଏ ଯେଉଁ ରୂପେ ଖୋଜିଚି ତୁମକୁ
ପାଇଛି ଯେ ସେହି ଭାବେ
ମୁଁ ପାପି ଅଧମ କି ଦୋଷ କରିଛି
ପାଉନାହିଁ ଦେଖା କେବେ
ସର୍ବବ୍ୟାପୀ ସର୍ବେଶ୍ୱର ହେ ଠାକୁର
ଥରେ ଦୟା ଟିକକର
ଏ ଦୀନ ଅଧୀନ ପାପି ଅକିଞ୍ଚନ
କରୁଣା ମାଗେ ତୁମର
ଠାକୁର ହେ ଠାକୁର....

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାରି ମନେ ପଡୁଛ



ସ୍ୱପ୍ନା ମହାନ୍ତି

କେଉଁ ସ୍ରଷ୍ଟା ଦେଲେ ଆଶୀର୍ବାଦ
ନେଲି ଜନ୍ମ ତୁମ କୋଳେ
ପ୍ରେମ ର ଚୁମ୍ବନ ରେ
ଦେଖାଇଥିଲ ଜଗତର ଆଲୋକ
ଦିବା ରାତ୍ର ସୁଖ ଚିନ୍ତା କରି
ନିଜ ଜୀବନକୁ ତିଳ କରିଲ !
ଏକ ଲକ୍ଷ୍ୟ
ବଡ଼ ବାବୁ ହେବ
ଘୋଡା ଚଢ଼ିବ
ସବୁ ମରୀଚିକା !
ସବୁ ସପନ ତୁମ ର
ପୂରଣ ହୋଇଲା
ପୁତ୍ର ସମ୍ପର୍କ ର ମାନେ ନ ବୁଝି
କରିଲା ତୁମକୁ ପର !
ସେହି ବଜ୍ରନିର୍ଘୋଷ ର ବାଣୀ
ତୁ ଯେଉଁଠି ରହ
ଭଲ ରେ ଥା ଧନ !
ଜନ୍ମ ମାଟି ମନେ ରଖିବୁ !
ଗାଁ ପୋଖରୀ
ରାସଲୀଳା ଭାଗବତ କୋଠି
ଆଜିବି ଝୁରେ !
ଭାରି ମନେ ପଡୁଛ ତୁମେ !
ଏପରି କାହିଁକି ହୁଅଇ !
ଭାରି ମନେ ପଡୁଛ !
ଆଜିର ତାରିଖ ତୁମେ
ଦେଇଥିଲ
କ୍ୟାଲେଣ୍ଡରର  ତାରିଖରେ
ଦିଶେ ତୁମ ଛବି !
ଆଜିବି କାନ୍ଦେ ତୁମ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ହାତଗଡା ମନ୍ଦିର !

ସବୁ ସ୍ମୃତି ଉଦଜୀବିତ !

ମନ୍ଦିର ପାହାଚରେ

ଦେଖାଇ ଦିଅ

ଦୂରେ ଥାଇ ପତ୍ର ର

ଅପେକ୍ଷାରେ

ରହିଥାଏ ଜଗି !

ତୁମେ ଭାରି ମନେପଡୁଛ !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଜଣା ରାଇଜ



ସରୋଜ କୁମାର ସାହୁ

କେଉଁଣେ ଗଲ ଛାଡି ମୋତେ ଏକାକରି
ଅନ୍ଧାରି ଅଜଣା ରାଇଜ
ପାଶୋରି କି ଦେଲ ମନରୁ  ସହଜେ
ମିଳାମିଶା ଖୁସି ମଉଜ  ।
ବାନ୍ଧି ରଖିଥିଲା ମନକୁ ବୋଲି ତ
ସ୍ନେହ ପ୍ରେମଭରା ଆଳାପ
ବାହୁନି କାନ୍ଦୁଛି ଏକାକୀ ଜୀବନେ
ଛାତିକୁ ଚିପୁଡି ବିଳାପ  ।
ଧନ ଦଉଲତ ରୂପ ମାଧୁରୀରେ
ଭରିଥିଲା ମନେ ଗରବ
କାହୁଁ ସେ ବୁଝିବ ଏ ହତଭାଗାର
ସ୍ୱଚ୍ଛ ହୃଦୟର ମରମ  ।

ମାଟିଘୋଡା ପରି ଖେଳିଥିଲ ବୋଲି
ମନକୁ ଦେଲ ତ ବୁଝେଇ
ଭସେଇ ପାରୁନି ଲୁହର ନଈରେ
ସ୍ମୃତିର ଚିହ୍ନକୁ ହଜେଇ  ।
ପବନ ସୁଅରେ ଖେଳୁଛି ଭଉଁରୀ
ସପନର ଜଉ ଘରଟା
ଛୁଇଁଲେ ଦେହକୁ ମିଶାଏ ମାଟିରେ
ପ୍ରେମର ଅକୁହା ଜ୍ୱରଟା  ।

ଖୁଣ୍ଟୁଣୀ, ଆଠଗଡ଼, କଟକ
୯୩୪୮୫୭୫୨୨୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଗାଁରୁ ସହର



ଭାଗବତ ସାହୁ

କଂକ୍ରିଟି ସଡ଼କ ଗାଁ ଠୁଁ ସହର
କଂକ୍ରିଟି ନଦୀ ନାଳ
କଂକ୍ରିଟି ଆଜି ଆନିକଟ ସବୁ
କଂକ୍ରିଟି ହୋଇଛି କେନାଲ ।।
ବରଷଣା ପାଣି ମାଟି ଚୁଉନାହିଁ
ଭାସିଯାଏ ସବୁ ଦୁଇ ନାଳ ।।
ନାଳ ପାଣି ଯାଇ ନଦୀରେ ମିଶୁଚି
ନଦୀ ମିଶେ ପୁଣି ସାଗରର ।
ଗଛ ଟାଣୁଅଛି ମାଟିତଳ ପାଣି
ମଣିଷ ପିଉଛି ପାନୀୟର
କଲ କାରଖାନା ଚାଲୁଛନ୍ତି କେତେ
ନେଇ ସେହି ଭୂମି ତଳ ଜଳ
ବର ଷଣା ପାଣି ପିଉ ନାହିଁ ମାଟି
କମେ ଜଳସ୍ତର ପୃଥିବୀର ।

ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିବାହବାର୍ଷିକୀ ଉପଲକ୍ଷେ



ଲଳିତା ଜେନା

ସାତ ଜନ୍ମ ପାଇଁ ଯାହା ପାଖେ ବନ୍ଧା
ଯାହା ପାଇଁ ସମର୍ପିତ ।
ସିଏ ପରା ମୋର ଜୀବନ ସାଥି ଲୋ
ସିଏ ମୋର ପ୍ରାଣ ନାଥ ।।

ଦୁଇ ପଟ ଶଙ୍ଖା ହାତରେ ପିନ୍ଧାଇ
ମଥା ରେ ସିନ୍ଦୂର ଦେଲ ।
ସାତ ଜନମ କୁ ସାଥି କରି ନେଇ
ବଧୂ ର ଦାୟିତ୍ୱ ଦେଲ ।।

ଦିନ ପରେ ଦିନ ମାସ ପରେ ମାସ
ବର୍ଷ ବର୍ଷ ଗଲା ବିତି ।
କାଲି ପରି ଲାଗେ ବିବାହ ବାର୍ଷିକ
ରଖିଛି ସ୍ମୃତି ସାଇତି ।।

ଜୀବନ ନଈ ତ ଯାଉଥାଏ ବହି
ସୁଖ ଦୁଃଖ ପଥ ଦେଇ ।
କେତେ ତ ହାରିଛି କେତେ ତ ଜିତିଛି
ଦିନ ରହେ ଅଭୁଲା ହେଇ ।।

ସମୟ ସୁଅ ତ ଭାରି ଅମାନିଆ
ବୁଝେ ନାହିଁ ଭଲ ମନ୍ଦ ।
କେତେ ତ ହସିଛି କେତେ ତ କାନ୍ଦିଛି
ହଜାଇ ସୁଖ ର ନିଦ ।।

ବୋହି ଚାଲେ ଭାର କାନ୍ଧ ରେ ମୋହର
କରେ ନାହିଁ ଅଭିମାନ ।
ସଂସାର ବୋଝ ତ ସମ୍ଭାଳି ନିଏ ମୁଁ
ବୁଝେ ସଭିଙ୍କର ମନ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହାତ ଧରି ଦୁହେଁ ଗଢି ଥିଲେ ଘର
ମମତା ମନ୍ଦିର ଟିଏ ।
କେତେ ଯେ ବସନ୍ତ ବିତିଲାଣି ସାଥି
ତୁମ ପରି ଅଛି କିଏ ।।

ସବୁରି ଓଠ ରେ ଭରୁଥାଏ ହସ
ସବୁରି ମଙ୍ଗଳ ପାଇଁ ।
ବିପଦ ବେଳ ରେ ଡାକୁଛି ଦିଅଁ କୁ
ସାହା ମୋ କାଳିଆ ସାଇଁ ।।

ଭଲ ତ ପାଉଛ ହୃଦୟ ରେ ମତେ
ଆଣି ଥିଲ ହାତ ଧରି ।
ସୁଖ ରେ ଗଢ଼ିଲ ମୋ ସଙ୍ଗେ ସଂସାର
ଘର କଲେ ସ୍ୱର୍ଗ ପୁରୀ ।।

ମାଗି ନାହିଁ ଦିନେ ଜୀବନ ପାଉଣା
ଅଭିନୟ ଯେତେ କଲି ।
ମୋ ଶଙ୍ଖା ସିନ୍ଦୁର ନ ଲାଗୁ ନଜର
କାଳିଆ ପାଖରେ ଅଳି ।।

ପଟିଆ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେଥିଲ ମୋ ଜୀବନ



ସ୍ୱିଟି ସାହୁ

ତୁମକୁ ଦେଖି ହୋଇଥିଲି ବିଭୋର
କାରଣ ତୁମକୁ ଭାବି ବନାଇଥିଲି
ମୋ ପ୍ରେମ ରାଇଜର ରାଜକୁମାର ।

ତୁମକୁ କଣେଇ କଣେଇ ଚାହୁଁଥିଲି
ତୁମ ମିଠା ହସ ମୋତେ ଦେଉଥିଲା ଭିଜେଇ
ତୁମ ଆଖିର ଛୁରୀ ମୋ ହୃଦୟକୁ ଦେଇଥିଲା
ହଲେଇ
ଆଜି ବି ମନେ ପଡୁଛି ତୁମ କଡା ଚୁମ୍ବନ
କେମିତି ଭୁଲିବି ସେ ମୁହୁର୍ତ୍ତ
ଯେଉଁ ମୁହୂର୍ତ୍ତରେ କେବଳ
ତୁମେ ଥିଲ ମୋ ଜୀବନ ।

ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯୁଦ୍ଧ



ଗୀତାଞ୍ଜଳୀ ଭୂୟାଁ

ଯୁଦ୍ଧ ଚାଲିଛି ଅହରହ

କେବେ ଆପଣା ଭିତରେ ତ

କେବେ ବିରୋଧୀ ଗୋଷ୍ଠୀସହ ।

ରାଜ୍ୟ ରାଜ୍ୟ, ଦେଶ ଦେଶ

ଧର୍ମ ଧର୍ମ ମଧ୍ୟରେ

ରାଜା ପ୍ରଜା ସର୍ବେ ଜଡ଼ିତ ।

ଆବହମାନ କାଳରୁ

ଯୁଦ୍ଧର ବିଭୀଷିକା ରଣ ହୁଙ୍କାରରେ

ବସୁନ୍ଧରା ରକ୍ତ ରଞ୍ଜିତ ।

ଇତିହାସ ପୃଷ୍ଠା ଉନ୍ମୋଚନ କଲେ

ନେତ୍ରପଟେ ଭାସିଯାଏ

ନିରୀହ ପ୍ରଜା ମୃତ୍ୟୁର ମର୍ମନ୍ତୁଦ ଦୃଶ୍ୟ

ଶୁଭିଯାଏ ଆର୍ତ୍ତ ଚିତ୍କାର ।

ମହାଭାରତ ମହାସମର

ଅଶୋକଙ୍କ କଳିଙ୍ଗ ବିଜୟ

ବିଶ୍ୱଯୁଦ୍ଧର ଭୟାବହତା,

ନାରଖାର କରିଦେଲା

ଧନ, ଜୀବନ, ସଂସ୍କୃତି, ସଭ୍ୟତା ।

କିଏ ବା ଚିନ୍ତାକରେ

ଯୁଦ୍ଧର ଶେଷ ପରିଣତି ?

ଅହଂକାରୀ, କ୍ଷମତାଶାଳୀ, ସ୍ୱାର୍ଥାନ୍ଧର

କୁଚକ୍ରାନ୍ତରେ ନିଶେଷ ହୁଅନ୍ତି

ସାଧାରଣ ବ୍ୟକ୍ତି ।

ଯୁଦ୍ଧ ଶେଷେ ନିରବତା ଶାନ୍ତି

କିନ୍ତୁ ଆଉ ବାକିଥାଏ କଣ । ?

ନେଡି ଗୁଡ଼ କହୁଣିରେ

ଫେରିବକି ପୂର୍ବ ପରିସ୍ଥିତି ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୁଢ଼ କୁଢ଼ ଶବ ଉପରେ

ବିଜୟର କିବା ଆତ୍ମତୃପ୍ତି ?

କି ଯଶ ଗୌରବ ସହସ୍ର ଚକ୍ଷୁର

ଅଶ୍ରୁଭିଜା ବିଜୟ କେତନ ?

କାଳେ କାଳେ ବଳି ପଡନ୍ତି

ଜନ ସାଧାରଣ ।

ଯିଏ କି ନୁହନ୍ତି ଯୁଦ୍ଧର କାରଣ ।

ଇଏ କଣ ଈଶ୍ୱରଙ୍କ ଜନ ନିୟନ୍ତ୍ରଣ ?

ନା ଅପରିଣାମଦର୍ଶୀ, ଅନ୍ୟାୟୀ

ଅତ୍ୟାଚାରୀଙ୍କର ପାପ ସଂହରଣ ?

ଅସ୍ପଷ୍ଟ ଅବୋଧ୍ୟ ପ୍ରଭୁ ତୁମ ସୃଷ୍ଟି ସମ୍ବରଣ ।

କେନ୍ଦୁପାଟଣା, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଛୁପି ଛୁପି ଆସ ବସନ୍ତି ରାତି !



ଆଲିନ୍ ମେୟ୍ୟା

ଛୁପିଛୁପି ଆସେ ଚୋରା ବସନ୍ତି
ତନେ ମନେ ଦିଏ ଶିହିରଣ ପରସି !
ପାଗଳ କରେ ଦିବାନା କରେ !
ବିନା ମଦ୍ୟପାନେ ମତୁଆଲା କରେ !
ସୁଲୁସୁଲୁ ବାଆ ମଂଦ ସମୀରଣ !
ମନୁପୋଛି ଦିଏ ନୀଦାଘ କଷଣ !
ତରୁ, ଲତା, ପତ୍ର, ସୁମନ, ଉଦ୍ୟାନ !
ନବକଳେବରେ ଦିଶନ୍ତି କି ମନୋରମ ?
ନୟନେ ଲେପନ୍ତି ଲଳିତ ଅଂଜନ !
ଚଉଦିଗଲାଗେ ଚିତ୍ରକାରର ଅଂକନ !
ବୃକ୍ଷଡାଳୁ ଆସେ କୋକିଳର ତାନ !
ସେହି ରମ୍ୟତା ଭିତରୁ କରିଥାଏ ମୁଁ
ଘୁରିଘୁରି ବୁଲି କାହାରି ତୀବ୍ର ସଂଧାନ !
ବୃକ୍ଷରାଜିଂକର ନୟନ ପିତୁଳା !
ଆଗମନେ ତାର ଚଂପକିତ ସାରା !
ସୁମନର ରଂଗେ ବାସ୍ନାର ମହକେ,
ଭ୍ରମର ଗୁଂଜନେ ମଧୁର ସିଂଚନେ,
ଗୋଲାପ ଉଦ୍ୟାନେ ପିରତୀ ବନ୍ୟାରେ
ସବୁଜ ଚାଦରେ ଢଂକିତ ଅରଣ୍ୟେ
ଶସ୍ତ୍ରୀ ଷଟପଦ ମଧୂ ଅସ୍ତ୍ର ହସ୍ତେ,
ସଲୁକିର ରହିରହି ଝିଂ ଝିଂ ଶବ୍ଦେ,
ନୃତ୍ୟାଙ୍ଗନା ସିତିକଂଠର ମନଖୋଲା ଉନ୍ମୁକ୍ତ
ପଂଖେ ଝମାଝମ ନୃତ୍ୟେ,
ଭରା ସରୋବରେ କୁମୁଦିନୀ ହାସ୍ୟେ,
ଆମ୍ର ବଉଳେ ନାସିକା ତୃଷ୍ଟେ,
ଚଣା ଆମ୍ରକଷିର ମତୁଆଲା ବାସ୍ନେ,
ସାଧ୍ୱୀ କୋକିଳର କୁହୁକୁହୁ ତାନେ,
ସଂଗଠିତ ହୁଏ ଅଲୌକିକ ଆସର !
ବଣ ମଉସ୍ତବେ ସଭିଏଁ ମସଗୁଲ,
ଉନ୍ମାଦନା ପ୍ରଚୁର, ଆବହାୱା ରୁଚିର,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନୀଦାଘରିପୁ ହୋଇ ହତାହତ
ଛୁପିଥାଏ କେଉଁ ଦୂର ବିଲ୍ବକୋଣେ !
ରୂପବତୀ ପ୍ରକୃତି ଅଂଗ ସଜ୍ଜିତେ,
ନିଜସ୍ୱ ଜାଦୁରେ କରି ସମ୍ମୋହିତ,
ଢଳିଢଳି ଆସେ ରଂଗବୈଭବେ !
ଭବ୍ୟ ପ୍ରଭାତର ସଦ୍ୟ ଶିଶିରବୁଂଦା
ମୋତିଫୁଲ ପରି ଜଗମଗେ ଝଳେ !
ଭେଳିଭେଳିକିଆ ଅଂକୁରିତ ଫଳ ମିଷ୍ଟ
ଭରିଥାଏ ଉଦର ପଶୁପକ୍ଷୀଂକର ଅମାପ
ତୃପ୍ତେ ସନ୍ତୁଷ୍ଟ ଆକଂଠେ !
ଖେତୁ ଟୁଣୁଟୁଣୁ ହଳଦୀ ବର୍ଣ୍ଣର ,
ପାଚିଲା ଧାନର କାଂଧଭରା ଶସ୍ୟ,
ବୋହିଆଣି ନିଜ ଖଳାବାଡିରେ ,
ଗଦା ମାରିଥାନ୍ତି ସାଇତି ଯତନେ ଯେତେ
ଯେତେ ଆମ ଚାଷୀକୂଳେ !
ପୂରା ବରଷର ଉଦରକୁ ଭରି ,
ବାକିବଚା ଶସ୍ୟ ହାଟବଜାରେ !
ଋତୁଚକ୍ରର ଘୂର୍ଣ୍ଣନେ ଆସେ ବସନ୍ତ !
ହୋଇଯାଏ ସବୁ ଶୋକଦୁଃଖର ଅନ୍ତ !

ହେ ଚଂମ୍ପିକିତ ଋତୁରାଜ ବସନ୍ତ !
ଦୁଗ୍ଧ ଅଳତାରେ କରି ତବପଦଧୌତ*
ସଜାଇବୁ ଲଖ୍ୟେ ଶୁଭ୍ର ଗୋଲାପେ, ମଲ୍ଲୀ,
ଜୁଇ, ଜାଇ, ରକ୍ତମଂଦାର ବାଟି
ଅପଘନେ ଲେପି କରିବୁ ସୁରଭିତ !
ଖେଳାଇ ଗୌରବ ତୋ ଚିର ସୌରଭ
ରହିଥିବୁ ଅପେକ୍ଷ୍ୟେ ଆର ବରଷକୁ !
ଛୁପିଛୁପି ବସନ୍ତି ରାତି !
ତାର ସ୍ମୃତି କୁ ତୋଳି ଆଣି ,
ଝୁରେ ମୁଁ ତା ଲାଗି !
ଜୀବନେ ବିରହ ନିଆଁ,
ଲାଗିଛି ମୋ ଦେହେ ଆଜି !
ସହି ହୁଏନା ଆଉ ସେ ଭୀଷଣ ତାତି !
ତୋ ପଥ ଚାହିଁ ଚାହିଁ ,
ମୋ ନୟନ କୋହ ଡାକେ !
ଛୁପିଛୁପି ମୋର ଏ ରଚନା ,
ଦୁନିଆରେ ଲୁହ ଝରାଇ....
ଝୁରେ ମୁଁ କା ଲାଗି ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲଜ୍ଜ୍ୟା ନାହିଁ ମୋ କହିବାକୁ ବାରେ,
ହଂ ହଁ, ଝୁରେ ମୁଁ ତା ଲାଗି,
ଝୁରେ ମୁଁ ତା ଲାଗି, ଝୁରେ ମୁଁ....... !
ପ୍ରୀତି ନୁହେଁ, ସେତ ଅଧାଲେଖା ଗୀତି !.
ନୀଝୁମ ରାତିର ତୁମୋ' ଏକକ ସାଥୀ !
ଏରାତି ନହେଉ ମିଳନର ଶେଷରାତି !
ଜୀବନର ବିଶେଷ ରାତି !
ପ୍ରୀତି ନୁହେଁ ସେତ ପଲକର ସ୍ମୃତି !
ସ୍ମୃତିନୁହେଂ ସେତ ଅଧାଲେଖା ଗୀତି !
ଏ କାହାଣୀ ମଧୂଝରା !
ଫୁଲେ ଫୁଲେ ଲେଖା !
ଡାଳେ ଡାଳେ ଲେଖା !
ପାହାଡରେ ଲେଖା !
ଝରଣାରେ ଲେଖା !
ପିଂଜରାରେ ଲେଖା !
ହୃଦୟରେ ଲେଖା !
ଅଲିଭା ଅକ୍ଷରେ ରକ୍ତେ ଲେଖା !
ଏ କାମନା, ଏ ବାସନା,
ଏ ଶବ୍ଦ, ଏ ଝଂକାର, ଏ ସୁର,
ଏ ତାନ, ଏ ତାଳ, ଏ ଲୟ !
ଏ ସପନ, ଏ ସ୍ପଂଦନ,
ଏ ବାଗ୍, ଏ ବଗିଆଁ,
ଏ ସୁମନ, ଏ ଚମନ,
ଅଭୂଲା, ଅଲିଭା, ଅକ୍ଷତ !
ନୀଝୁମ ରାତିର ଦେହଭରା ତାତିର ,
ନହେଉ କାହାଣୀ କେଭେବି ଇତି !
ଏ ରାତି, ଏ ପିରତୀ, ଏ ଗୀତି
ନହେଉ ସପନର ଶେଷ ରାତି !
ରହି ମୁଁ ପଛେ ଝରାଶେଫାଳି ହୋଇ
ଗଂଧହୀନ ଗଂଗଶିଉଳୀ ହୋଇ ,
ଅବା ଦୂର ପର୍ବତର ପାଦଦେଶେ ,
ଅଲୋଡା ଅମଡା ଗୁଳ୍ମଶିଉଳୀ ହୋଇ !...
ଛୁପି.. ଛୁପି ବ..ସ..ନ୍ତୀ ରା..ତି...,
ଛୁପା ଛୁପା ଏ ଚୋରା ପିରତୀ .... !

ଆଲିନ ମେୟ୍ଯା,ରାଜସ୍ଥାନ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅଷ୍ଟାହକୁ ଆଠ ଦିନ



ଡଃ ଦେବାଶିଷ ମହାପାତ୍ର

ସୋମବାରରୁ ଶନିବାର ଯାଏଁ
ନେଇଗଲେ ସରକାର,
ନିଜ ପାଇଁ ଟିକେ ସମୟ ମଳେନି
ଜୀବନ ଲାଗଇ ବେକାର । -୧

ବାକି ରହିଗଲା ରବିବାର
ବାକି ରହିଗଲା ରବିବାର
ନିଶ୍ଚିତ ଆମିଷ ବାର,
ବଜାର ସଉଦା, ଓଷଦ କିଣାରେ
ବ୍ୟସ୍ତ ରଖେ ପରିବାର । -୨

ସବୁ ବାର ଗୁଡା ସମସ୍ତ ଙ୍କୁ ଦେଇ
ଆମେ ହେଉ କଲବଲ,
ସ୍ୱାର୍ଥି ଦୁନିଆରେ କେହିତ ନାହାନ୍ତି
ବୁଝିବାକୁ ମନ୍ଦ ଭଲ । -୩

ଯେତେ ବାଧୁଛି ବାଧୁ ଆମକୁ ହେ
ସପ୍ତାହକ ସାତଦିନ,
ପ୍ରେମ ପାଇଁ ଦିନେ ମିଳିଲେ ହୁଅନ୍ତା
ଅଷ୍ଟାହକୁ ଆଠଦିନ । -୪

ଏତିକି ବିନତି କରନ୍ତି ପତି
ଦୁଃଖ ସୁଣ ସରକାର,
ପ୍ରେମ ପାଇଁ ଆଉ
ଦିନେ ଯୋଡି ଦିଅ,
ନାମ ହେବ ପ୍ରେମବାର
ନାମ ହେବ ପ୍ରେମବାର । -୫

ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା
ମୋବାଇଲ : ୭୯୭୮୬୨୭୨୨୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହିଁକି ଏ ଯୁଦ୍ଧ ?



ରାକେଶ ଷଡ଼ଙ୍ଗୀ

କାହିଁକି ଏ ଯୁଦ୍ଧ ଆପଣାଏ ମଧ୍ୟ

କାହିଁକି ଏ ଆକ୍ରମଣ ?

କାହିଁକି ବିତୃଷ୍ଣା, ରାଗ ,ରୁଷା , ଘୃଣା

କାହିଁକି ଏ ସଂକ୍ରମଣ ?

କାହିଁ ଦୟା,କ୍ଷମା ,ଶାନ୍ତି ଚୁକ୍ତିନାମା

କାହିଁ ଜାତିସଂଘ ଗଣ ?

କାହିଁକି ଅଶାନ୍ତି ବଢ଼ିଚାଲେ ନିତି ?

ଭୟେ କୋଣ ଅନୁକୋଣ

କାହିଁକି ଏ ଶକ୍ତି ପ୍ରଦର୍ଶନୀ ଆଜି

କାହିଁକି ଏ ପ୍ରତିଯୋଗୀ ?

ମହାଶକ୍ତିଶାଳି ରାଷ୍ଟ୍ରର ନାୟକେ

ହୋଇଲେ କି ଯୁଦ୍ଧରୋଗୀ ?

ଦୁଇ ଦୁଇ ବିଶ୍ୱଯୁଦ୍ଧ ପରିଣାମ

ଭୁଲିଲେ କି ବିଶ୍ୱଜନ ?

ପୁଣି ବିଶ୍ୱଯୁଦ୍ଧ କରିବା ନିମନ୍ତେ

ଜାଗିଲେଣି ରାଷ୍ଟ୍ରମାନ

କରିବାକୁ ବଶ ଅନ୍ୟ ଭୂମି, ଦେଶ

କାହିଁକି ଏ ଅଭିଳାଷ ?

ମାନବ ମଧ୍ୟରୁ ମାନବ ପଣିଆ

ହୋଇଲା କି ଆଜି ଶେଷ ?

ଏଇ ଯେ ବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ବୃଦ୍ଧି

ପାରିବ କି ସୃଷ୍ଟି ରକ୍ଷୀ ?

ନିଜର ହସ୍ତରେ ଅନ୍ୟର କଷଣ

କେମିତି ପାରିବ ଦେଖି ?

ଏଡ଼ି ମାନବତା ସେବା, ସ୍ୱାସ୍ଥ୍ୟ, ଶିକ୍ଷା

କାହିଁକି ଏ ହିଂସା ପଥ ?

ନାଶି ଜନପ୍ରାଣ ଅର୍ଜିବ କି ପୁଣ

ଆମୀୟଙ୍କ ପାଇଁ ଅର୍ଥ ?

କାହିଁ ସତ୍ୟ ଆଉ ଶାନ୍ତିର ପ୍ରାର୍ଥନା

ହଜିଲା କି ଧରାପୃଷ୍ଠେ ?

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅନ୍ୟର ଭୂମିକୁ କବଳିତ କରି
ବୋଲିବେ କି ସର୍ବଶ୍ରେଷ୍ଠେ ?
ଏ କି ରାଜନୀତି ଏ କି ରାଷ୍ଟ୍ରନୀତି ?
ସର୍ବେ ନିଜ ସ୍ୱାର୍ଥ ଲାଗି
ଅନ୍ୟର ଭୂମିକୁ ନେବାକୁ ହାତେଇ
ରହିଛନ୍ତି ସର୍ବେ ଜଗି
ହଟିଯାଉ ପୁଣି ବିଶ୍ୱର ଆକାଶୁ
ଯୁଦ୍ଧର ବାଦଲ ଯେତେ
ଗଢ଼ି ଉଠୁ ପୁଣି ଶାନ୍ତିର ପ୍ରାସାଦ
ସଭିଏଁ ଙ୍କ ରାଷ୍ଟ୍ର ହିତେ
ହେଉ ବିଶ୍ୱଶାନ୍ତି ବାର୍ତ୍ତା ନିତି ନିତି
ବାଜିଉଠୁ ଚଉଦିଗେ
ଭୟ ଆତଙ୍କର ହିଂସ୍ର ଜାନୁଆର
ଲୋଟିଯାଉ ମହୀ ଭାଗେ ।।

ମୁକୁନ୍ଦଦାଶପୁର , ବାଲିପାଟଣା, ଖୋର୍ଦ୍ଧା
ମୋ- ୭୮୫୩୦୭୬୦୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫେଡ଼ ମୋ ଆରତ



ଭାଗିରଥୀ ଯାନୀ

ଫେଡ ମୋ' ଆରତ ଆହେ ଜଗନ୍ନାଥ
ଜୀବନରୁ ଦୁଃଖ ସରୁ ନାହିଁ,
ହୋଇ ହନ୍ତସନ୍ତ ଡାକୁଛି ଏମନ୍ତ
କଷ୍ଟ ଦିଅ ପଛେ ଦୁଃଖ ନାହିଁ ।
ମିଠା କଥା କହି
ଥରୁଟିଏ ହେଲେ ଦିଅ ଚାହିଁ । । ୧ । ।

ତୁମ ଚକା ଆଖି ଅଟେ ଶ୍ରେଷ୍ଠ ସାଖୀ
ଏ ଜୀବନର ଯେତେ କରମ
ତୋ' କଳା ବଦନ ଟାଣିନିଏ ମନ
ବୁଝି ଯାଅ କି ସବୁ ମରମ
ପାଳନ କରି  ନିଜ ଧରମ । । ୨ । ।

ଏଇ ମୋ' ଅନ୍ତରେ ପ୍ରତି ମୁହୂର୍ତ୍ତରେ
ଧୈର୍ଯ୍ୟ ଓ ସାହସ ଭରି ଦିଅ
ଦୟାମୟ ହରି ନିଳାଦ୍ରି ବିହାରୀ
ବିପଦେ ଆପଦେ ସାହା ହୁଅ
ପୁଣ୍ୟ ହରି ନିଅ
ତବ ଟିକେ କୃପା ଢାଳି ଦିଅ । । ୩ । ।

ଆହେ ଦୀନବନ୍ଧୁ ଦୁଃଖୀ ପ୍ରାଣ ବିନ୍ଦୁ
ଜୟ ଜଗନ୍ନାଥ ନାମ ବହି
ଦୁଃଖୀ ରଙ୍କିଙ୍କର କଷ୍ଟ ଦୂର କର
ମୂଢ ଭାଗିରଥୀ ଗୀତେ କହି
ଆହେ ଭାବଗ୍ରାହୀ
ପ୍ରାଣ ଯାଉ ତୁମ ନାମ ଧ୍ୟାୟି । ୪ । ।

ଦଳପଡା, ଖଜୁରୀପଡା, ଫୁଲବାଣୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗାଡ଼ିଏ ନର୍କ



ଅରୂପ କୁମାର
ବିଶ୍ୱାଳ

ଗାଡିଏ ନର୍କକୁ କେତେ ମୁଁ ବହିବି
ପାପ ଫଙ୍କେ ଅଛି ବୁଡି,
ସଂସାର ଜଞ୍ଜାଳ ମୋହମାୟା ସବୁ
ମୋ ଆଗେ ଛାଡନ୍ତି ରଡି ।
ଜାଣିଛି ମୋହର ମୃତ୍ୟୁ ହାତଠାରେ
ତଥାପି ମୁଁ ନିଦାବିଷ୍ଟୁ,
ରାମ ନାମ ମୋତେ ଅଡୁଆ ଲାଗୁଛି
ଯାହା ପଛେ ଏଠି ଘଟୁ ।
ନରକ ଏଇଠି ସରଗ ଏଇଠି
ଏଇତ ଜୀବନ ରେଖା,
ଜଳୁଛି ଜୀବନ ପତଙ୍ଗରେ ଅଗ୍ନି
ଜଳୁଅଛି ଯେହ୍ନେ ଶିଖା ।
ଭଗ୍ନ ଘଟୁ ଜଳ ହୁଏ ନିଷ୍କାସିତ
ସରିସରି ଆସେ ଆୟୁ,
ବଡ ଅନିଶ୍ଚିତ ଏ ମୋର ଜୀବନ
ଊର୍ଦ୍ଧ୍ୱ ମୁଖୀ ହୁଏ ବାୟୁ ।

ରକ୍ତ ମଳ ମୂତ୍ର ଆବୋରି ବସିଛି
ଉପରେ ଚର୍ମ ଘୋଡଣୀ,
ପବନ ଥମିଲେ ଜୀବନର ଅନ୍ତ
ମୃତ୍ୟୁ ନେଇଯିବ ଟାଣି ।
ବଡ ଅବିବେକୀ ସେହି କାଳଯମ
ଲେଖୁଅଛି ମୋର ପାଞ୍ଜି,
ପାପ ପାଇଁ ନର୍କ ଭୋଗିବାକୁ ହେବ
ଯାହା ରଖୁ ଅଛି ସଞ୍ଚି ।
ଏଇ ଜଗତରେ ମଣିଷ ଜନମ
ବହୁ ପୁଣ୍ୟର ଫଳ,
ସୁକର୍ମକୁ ଛାଡି କୁକର୍ମ ପଛରେ
ଧାଇଁ ମୁଁ ହୁଏ ବିଫଳ ।
ବେଳ ଥାଉ ଥାଉ ବନ୍ଧ ମୁଁ ବାନ୍ଧିବି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରୁଛି ଇଚ୍ଛା ମୁଁ ଯେତେ,

ମନ ମୋର ଗୋଟେ ବେଲଗାମ ଘୋଡା

ନର୍କଗାମୀ ହେବି ସତେ ।

ହେ ବିଶ୍ୱ ନିଅନ୍ତି ହେ ହୃଦୟେଶ୍ୱର

ବସିଛ ହୃଦୟେ ମୋର,

ଦିଅ ହେ ଦେଖାଇ ମୋ ପାପ ପୁଣ୍ୟକୁ

ନର୍କ ଆଉ କେତେଦୂର ।

ସହକାରୀ ଶିକ୍ଷକ

ଏନ୍.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ,

ପାରାଦୀପ, ଜଗତସିଂହପୁର,

ମୋ-୯୦୪୦୮୭୦୧୦୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶିବ ଓ ଆମ ଶାସ୍ତ୍ର



ଶରତ ଚନ୍ଦ୍ର ପଣ୍ଡା

ଭାରତୀୟ ଶାସ୍ତ୍ର ପୁରାଣ କହିଛି ଅନେକ ବ୍ରତର କଥା,
ସେ'ମଧ୍ୟରୁ ଏକ ବିଶେଷ ସ୍ଥାନରେ ଜାଗର ବ୍ରତର ଗାଥା ॥
ଦିନେ ସର୍ବଦେବ ଏକତ୍ରିତ ହୋଇ ଶିବଙ୍କୁ କରିଲେ ଜଣା,
ଏକଳି କାଳରେ କିଛି ପୂଜା ଭାଗ ଆମକୁ ପ୍ରାପ୍ତ ହୁଏନା ॥
ଗୋଟିଏ ଦିବସ କର ନିର୍ଧାରଣ ଆହେ ଦେବ ଉମା ପତି,
ମରତ ମାନବ କରିବା ଅକର୍ମ କ୍ଷୟ ହେବ ଆହେ ଯତି ॥
ତେବେ ଯାଇ ପୂଜା, ହୋମ ଭାଗ ସବୁ ଦେବତା ମାନେ ପାଇବେ,
ଗୋଟିଏ ଦିନରେ ସୁର ଓ ଅସୁର, ମାନବ ମିଳିତ ହେବେ ॥
ଏହା ଶୁଣି ଶିବ କହିଲେ ହେ ଦେବ ଫାଲ୍ଗୁନ କୃଷ୍ଣ ଚତୁର୍ଦ୍ଦଶୀ,
ରାତ୍ରି କାଳେ ସର୍ବେ ହେବେ ଏକତ୍ରିତ ଶିବାଳୟେ ବିଶ୍ୱବାସୀ ॥
ସେ ସମୟ ହେବ ପ୍ରକୃଷ୍ଟ ସମୟ ପାପ ଧ୍ୱଂସ ପାଇଁ ଜାଣ,
କୋଟି ଶିବଲିଙ୍ଗେ ପ୍ରବେଶ ମୋହର ଓଁ କାରେ ମୋ ସଂକ୍ରମଣ ॥
ଡାକିବେ ଭକତେ ପାର୍ବତୀଙ୍କ କାନ୍ତ ନାମରେ ମତେ ସେଦିନ,
ବର୍ଷସାରା କରିଥିବା ସର୍ବ ପାପ ଓଁ ଙ୍କାରେ ହେବ ଛେଦନ ॥
ଗଙ୍ଗା ସମ ନାହିଁ ତୀର୍ଥ ଏ ମର୍ତ୍ତ୍ୟରେ ଶିବ ସମ କେ ଦେବତା,
ଶିବ ରାତ୍ରି ପରି ରାତ୍ରି ନାହିଁ ଭବେ ତତ୍ ପୁରୁଷାୟ ମାନ୍ୟତା ॥

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂପର୍କ



ଡଃ ଅଭିମନ୍ୟୁ
କାନୁନଗୋ

ସଂପର୍କ କ୍ଷୀର ନୀରର ପାର୍ଥ ଦାମୋଦର ।
ଯହିଁ ପାର୍ଥ ତହିଁ ପାର୍ଥସାରଥି ସୁନ୍ଦର ।।
ନିବିଡ ସଂପର୍କ ଜୀବ ପରମ ବେନିର ।
ଏକ ଆତ୍ମା ହେଲେ ଆନ ଅଟଇ ଶରୀର ।।
ଦ୍ୱିତୀ କୃଷ୍ଣ କୃଷ୍ଣ ମଧ୍ୟେ ନଥାଇ ଅନ୍ତର ।
ଦ୍‌ୱିତୀୟ ନାସ୍ତି ଏକଇ ବ୍ରହ୍ମର ବିଚାର ।।
ତେଣୁ ପାର୍ଥ ଅର୍ଦ୍ଧାଙ୍ଗିନୀ ବେନି ଭାଇଙ୍କର ।
ମଧ୍ୟରେ ଆସୀନ ହୋଇ ବଡ଼ମନୋହର ।।
ଅଭେଦ ପିରତି ଭାଇ ଭଗ୍ନିଙ୍କ ମଧ୍ୟର ।
ଯଥା ହରି ହର ମଧ୍ୟେ ପାର୍ଥକ୍ୟ ନକର ।।
ହରି ହର ଏକ ଆତ୍ମା ଜାଣଇ ସଂସାର ।
ଯିଏ ରାମ ସେ ଇଶ୍ୱର ଭବେ ଏକା ସାର ।।
ରାମ ଓ ଇଶ୍ୱର ନାମ ବେନି ଦେବଙ୍କର ।
ନାମ ସିନା ବେନି ଏକ ଦେବ ହରି ହର ।।
ରାମଙ୍କ ଇଶ୍ୱର ବୋଲି ନାମ ରାମେଶ୍ୱର ।
ରାମ ଇଶ୍ୱରଙ୍କ ମଧ୍ୟେ ନାହିଁ ପରାପୃର ।।

ହଳୀ ବନମାଳୀ ବେନି ଭାଇ ଏକାକାର ।
ଏକ ଆତ୍ମା କଳା ଧଳା ରୂପ ବେନି ଙ୍କର ।।
ଭକ୍ତ ଭଗବାନ ମଧ୍ୟେ ନାହିଁ ନା ଅନ୍ତର ।
ଭକ୍ତସୁଖ କଳାମୁଖ ଭକ୍ତ ପ୍ରାଣ ଯାର ।।
ଭକ୍ତ ପାଇଁ ନାରାୟଣ ସଖା ସହୋଦର ।
ଭକତ ପରାଣ ଧନ ମାଧବ ଶ୍ରୀଧର ।।
ଭକତ ନିମନ୍ତେ ହରି ଶଙ୍ଖ ଚକ୍ର କର ।
ଭକତ ହୀତରେ ହୁଏ ଦଶ ଅବତାର ।।
ଏଇତ ସଂପର୍କ ଭକ୍ତ ଭଗବାନଙ୍କର ।
ଯତ୍ର ଭକ୍ତ ତତ୍ର ଦଇତାରୀ ବିଶ୍ୱମ୍ଭର ।।
ଭକତ ତାହାର ପିତା ମାତା ଯେ ଆବର ।
ଭକ୍ତାଧିନ ଭଗବାନ ଜଗତେ ପ୍ରଚାର ।।

ପ୍ରସାର ଭାରତୀ (ଆକାଶବାଣୀ)
ମହୁ,ଅଳି, କେନ୍ଦ୍ରାପଡ଼ା
ମୋ-୮୮୯୫୪୫୦୧୧୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅସଂପୂର୍ଣ୍ଣ ରହିଲା କି ପୂଜା ମୋହର



ଅଶୋକ କୁମାର ପଧାନ

ଆଜି ମୁଁ ଯାଇଥିଲି ମନ୍ଦିର

ପାଳିଥିଲି ଜାଗର

କରିଥିଲି ଜପ ପ୍ରଭୁ

ପଞ୍ଚାକ୍ଷରୀ  ମନ୍ତ୍ର ତୋହର

ତଥାପି କାହିଁ ଲାଗୁଛି ମହାଦେବ

ଅସଂପୂର୍ଣ୍ଣ ରହିଲା କି ପୂଜା ମୋହର

ଦେଇନାହିଁ ବୋଲି ହ୍ୱାଟସ ଆପ କି ଫେସବୁକରେ ଷ୍ଟାଟସ ତୋହର  ।

ଦେଖୁଛି ଆଜି ସକାଳଠୁ ସଭିଙ୍କ ମୋବାଇଲରେ

କେବଳ ତୋହରି ମନ୍ତ୍ର ଓ ଭିଡିଓ

ପୁଣି ଦେଖିଛି ତୋ ମନ୍ଦିର ଅଗଣାରେ

ଆଉ କେତେ ତୋ ସାଙ୍ଗରେ

ସେଲଫି ନେଇ ଛାଡିବାର

କ୍ଷମା କରିଦେବ ମହାଦେବ

ଅସଂପୂର୍ଣ୍ଣ ରହିଲା କି ପୂଜା ମୋହର

ନେଇ ନାହିଁ ତମ ସାଥେ ସେଲଫି କି

ଦେଇନାହିଁ ବୋଲି ହ୍ୱାଟସ ଆପ କି ଫେସବୁକରେ ଷ୍ଟାଟସ ତୋହର  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଜି ଯେତେବେଳେ ଯାଇଥିଲି ତମରି ମନ୍ଦିରକୁ

ନିଷ୍ଠା ସହକାରେ ବୋଲିଥିଲି ତମରି ମନ୍ତ୍ର

କରିଥିଲି ଜପ ତମରି ନାମ

ଅର୍ପଣ କରିଥିଲି ବେଲପତ୍ର ଓ ଫୁଲ

ଲାଗୁଥିଲା ମୋର ଭକ୍ତି

କର୍ଣ୍ଣପାତ ହୋଇଥିବ ତୁମକୁ

କିନ୍ତୁ,

ସନ୍ଧ୍ୟାରେ ଯେତେବେଳେ ଦେଖିଲି

ଗୁଡାଏ ଭକ୍ତ ତମ

ନେଇଛନ୍ତି ସେଲଫି ତମରି ସାଥେ ବିଭିନ୍ନ ଢଙ୍ଗରେ

ଲେଖିଛନ୍ତି ଗୁଡାଏ ଭକ୍ତିପୂତ ବାର୍ତା

ମନେ ହେଲା ପ୍ରଭୁ

ଅସଂପୂର୍ଣ୍ଣ ରହିଲା କି ପୂଜା ମୋହର

ନେଲି ନାଇଁ ତମ ସାଥେ ସେଲଫି ଆଉ

ଦେଇନାହିଁ ବୋଲି ହ୍ୱାଟସ ଆପ କି ଫେସବୁକରେ ଷ୍ଟାଟସ ତୋହର  ।

ମନରେ ପ୍ରଶ୍ନଟାଏ ଉଙ୍କି ମାରୁଛି ପ୍ରଭୁ

ବୋଧହୁଏ ତମକୁ ଭକ୍ତି ଜଣାଇବାର

ଏଇଟା କି ନୂତନ ମାଧ୍ୟମ  ?

ହୋଇଥିବ ପ୍ରଭୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶହଶହ ଲୋକଙ୍କ ଭକ୍ତଙ୍କ ଗୁହାରି କାଳେ

ଏକା ସାଙ୍ଗରେ ମନେ ରଖି ପାରୁନଥିବ

ତେଣୁ, ଦେଉଛନ୍ତି ବୋଧେ ଭକ୍ତ ତମରି ଫୋଟୋ ଆଉ ସେଲଫି ଷ୍ଟାଟସ

ଯେତେବେଳେ ଖାଲି ସମୟ ହେଉଥିବ

ଗୋଟିଗୋଟି ଦେଖି ମନେ ପଡିଯାଉଥିବ ତାଙ୍କ ଗୁହାରି

ପୂର୍ଣ୍ଣ କରୁଥିବ ତାଙ୍କ ଇଛା

କିନ୍ତୁ, ପ୍ରଭୁ

ମନେ ରଖିଛ ତ ଗୁହାରି ମୋହରି

ନ ହେଲେ ଅସଂପୂର୍ଣ୍ଣ ରହିଲା ପୂଜା ମୋହର

ଦେଇନାହିଁ ବୋଲି ହ୍ୱାଟସ ଆପ କି ଫେସବୁକରେ ଷ୍ଟାଟସ ତୋହର ।

ଗିଧମାଲ, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ଦୂରଭାଷ-୯୧୭୮୪୪୦୬୮୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମିତରେ ମିତ



ବିନତା ଜେନା

ମିତରେ ମିତ !

ତୁ ମୋ ପ୍ରୀତି ବସନ୍ତ

ମୋ ଜୀବନ ସଙ୍ଗୀତ

ମୋ ହସର ଲହର

ମୋ ସୁଖର କାରଣ

ମୋ ପ୍ରାଣର ସ୍ପନ୍ଦନ...... ।

ମିତରେ ମିତ ! !

ତୋ ବିନା ଜୀବନ ଶୂନ୍ୟ

ପ୍ରାଣ ବିନା ପିଣ୍ଡ ଯେମିତି

ଜଳ ବିନା ମୀନ ଯେମିତି

ଚାନ୍ଦ ବିନା ଆକାଶ ଯେମିତି

ଫୁଲ ବିନା ଫଗୁଣ ଯେମିତି

ବିନା ମଳୟରେ ବସନ୍ତ ଯେମିତି

ତୋ ବିନା ସେମିତି

ଫିକା ଫିକା ଲାଗେ ସବୁ

ଭଲ ଲାଗେନା.........

ମନ ବୁଝେନା !

ମିତ ରେ ମିତ !

ସ୍ପର୍ଶ ତୋର ଲୋଡା ନାହିଁ

ଦେଖା ନହେଲେ ନାଇଁ

ଅଭିମାନ ନାହିଁ.........

ଅନୁଭବ ରେ ତୁ, ହଁ ତୁ !

ଭୂମି ରୁ ଭୂମା........

ସବୁଠି ତୋ ସ୍ଥିତି........ !

ନିଛାଟିଆ ସମୟରେ

ଅସହାୟ ଲାଗେ ନାହିଁ ଜମା

ତୋ ସ୍ଥିତି ସତେଜ କରାଏ ମୋତେ......

ଦୁଃଖ ଅବା ଯନ୍ତ୍ରଣା ଜର୍ଜରିତ ମନ

ତୋତେ ଖୋଜେ........

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଦିଏ କଥା ତୋର

ଶତ ସିଂହ ର ବଳ ଯୋଗାଏ ।

ତୋ ଆଗମନେ........

ମେଘ ଢଙ୍କା ଆକାଶ

ଫର୍ଚ୍ଚା ହେଇଯାଏ.......

ଫୁଲ ସବୁ ପାଖୁଡା ମେଲାଏ

ପକ୍ଷୀ ର କାକଳୀ ସୁମଧୁର ଶୁଭେ ।

ମିତରେ ମିତ !

ସାରା ଦୁନିଆ କୁ କରିବି ପଛ

ମୋ ହାତେ ଖାଲି ଥାଉ

ତୋଅରି ହାତ ।

ବାଗୁରାଇ, ଭଦ୍ରକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅବ୍ୟକ୍ତ ଯନ୍ତ୍ରଣା



ଶୁଭଲକ୍ଷ୍ମୀ ସେଠୀ

ସବୁ ସ୍ୱପ୍ନକୁ ଅଦରକାରୀ  କାଗଜ ପରି
ମୋଡି ମକଚି ଫିଙ୍ଗିଦେଲା ପରେ
ଆଉ କଣ ପାଇଁ ଲୋଭ କରିବି ସେ ଅଲୋଡ଼ା ଦ୍ରବ୍ୟରେ
ବିସ୍ୱାସ ସବୁକୁ ସାଉଁଟି ପାରିଲିନି
ବୋଲି ତ ସ୍ୱପ୍ନ ସବୁ
ଦୂରେଇ ଗଲେଣି କେବେ ଠାରୁ
ଖଣ୍ଡି ଉଡା ଦେଉଥିବା  କଅଁଳ
ଇଚ୍ଛା ଗୁଡାକ ଛାତିର କୋଉ ନିଭୃତ
କୋଣରେ ମୁହଁ ପୋତି ପଡି ରହିଲେଣି
ପ୍ରୟାସ କରୁଛନ୍ତି ଉଠିବାର
ପାଣିଚିଆ ହୋଇଗଲାଣି
ସେ ମିଠା ମିଠା ଛୁଆଁ ସେ ସମ୍ପର୍କ
ବଦଳିଗଲାଣି ରୂପ ରଙ୍ଗ
ଖିନ୍ ଭିନ୍ କରି ଦେଲାଣି ମୋର
ଅନ୍ତର ଆତ୍ମାକୁ
କ୍ଷତାକ୍ତ କରି ଚାଲିଛି ମୋର ନୀରିହ ଆବେଗକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ପର୍କର ଗଣ୍ଠି ଫିଟିଗଲାଣି
ଚେନାଏ ବିଶ୍ୱାସ କୁ ନେଇ
ଦୌଡି ଆସିଥିଲି ଏତେ ବାଟ
ଜାଣି ନଥିଲି ଏ ଅବିଶ୍ୱାସର
ସରାଏ ନିଆଁ ମୋର
ସାରା ଶରୀରକୁ ଜାଳି ପୋଡି
ଛାରଖାର କରିଦେବ
ଆଉ ମୁଁ ହୋଇଯିବି ସବୁଦିନ ପାଇଁ
ଲକ୍ଷଭ୍ରଷ୍ଟ
କକ୍ଷଚ୍ୟୁତ ଉଲକା ପରି
ଏ ଅବିଶ୍ୱାସର ନିଆଁଟା ଏମିତି ଏକ
ନିଆଁ ଯେ  ଯିଏ ଜଳେ
ସିଏ ହିଁ ବୁଝିଥାଏ
କାହାକୁ ପ୍ରକାଶ କରି ହୁଏନା
କହିଲେ କିଏ ବା ବୁଝିବ
ସେତ ମୋର କଳା କର୍ମର ଫଳ
ମୋର ଅତି ଅନ୍ତରଙ୍ଗ
ମୋ ଅତି ଆପଣାର
ମୁଁ ଆଜି ହାରିଯାଇଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୃଦୟର ସମସ୍ତ କୋହ ଆବେଗକୁ
ହୃଦୟର ଚାପି ରଖିବାର ସମସ୍ତ
ପ୍ରୟାସ ବୃଥା ପାଲଟି ସାରିଛି
ଆଉ କେତେ ଦିନ ଅମାନିଆ ଲୁହକୁ
ଆଖିର ବନ୍ଦ ପଲକରେ ଲୁଚେଇ ରଖିବି
ଲୁଚାଇ ରଖିବାଟା ଯେ କେତେ କଷ୍ଟ
ତୁମେ ବୁଝିପାରିବନି
ଯେ ଅନୁଭବି ଯିଏ ଅଙ୍ଗେ ଲିଭେଇଛି
ସେ ହିଁ ଠିକ୍ ବୁଝି ପାରିବ
ନା ମୁଁ ଲୁଚେଇ ପାରୁଛି ମୋ ଆଖିର ଲୁହକୁ
ନା ତୁମେ ଦଂଶିଥିବା ଛଳନା ରୂପକ  ବିଷରେ କ୍ଷତାକ୍ତ ହୋଇଥିବା
ସେଇ କ୍ଷତ ଜାଗାକୁ
ନା ପ୍ରତାରଣା ତୀରରେ ବିନ୍ଧି ଦେଇଥିବା
ଗୋଟା ପଣେ ମୋର
ସେ କ୍ଷତାକ୍ତ ଶରୀକୁ
ଆଜି ବି ମୁଁ ଭୁଲି ପାରୁନି ତୁମେ ମୋତେ
ଉପହାର ସ୍ୱରୁପ ଦେଇଥିବା ସେ ମଧୁର
କ୍ଷତ ଚିହ୍ନକୁ
ଯାହାର ଉପଚାର ପାଇଁ  ନା କିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜରିବୁଟି ନା ମଲମ ଅଛି

ମୁଁ ଆଉ ପାରୁନି

ସହିବାର ସବୁ ବନ୍ଧ ଭାଙ୍ଗି ସାରିଲାଣି

କାହିଁକି ଆଉ ବାନ୍ଧି ହୋଇ ପଡି ରହିବି

ସେ ମିଛ ମାୟା ଶୃଙ୍ଖଳାର ବେଡିରେ

ଆଉ କେତେ ଦିନ ମାଟି କାମୁଡି

ମୁର୍ଦ୍ଧାର ପରି ପଡିରହିବି

ଟିକେ ସୁଖ ସାଉଁଟିବା  ପାଇଁ

ଜାଣିଛି ମୋ ଯନ୍ତ୍ରଣାର ଶେଷ ନାହିଁ

ଇଚ୍ଛା ହୁଏ ଆଜି ସବୁ କିଛି ଭୁଲିଯିବି

ଆଉ ଚାଲିଯିବି ଅନେକ ଦୂରକୁ

ଯୋଉଠିକି ପୂର୍ବରୁ କେହି ଯାଇ ନଥିବେ

କି ଆଉ କେହି ଯିବାର ନଥିବ

ଏକ ଶୁନ୍ୟ ପଥରେ

ଖାଲି ଶୂନ ଶାନ୍  ଚାରିଆଡ ଲାଗୁଥିବ

କେହି ନଥିବେ ପାଖରେ

ନା ପାଇବାର ଆଶାଥିବ ନା

ହରେଇବାର ଭୟ

ମୁଁ ଥିବି ସେଇ ଅଶରୀରିର ଦୁନିଆରେ

ଆଠଗଡ଼, କଟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମ୍ପର୍କ



ଉର୍ମିଳା ରାୟ
ମହାନ୍ତି

ପିଲାଟିଏ ଯେତେବେଳେ
ପ୍ରଥମ ପାହାଚରେ ପାଦ ରଖେ
ସେ ତା' ସମ୍ପର୍କର ପରିଧି ମଧ୍ୟରେ
ବାନ୍ଧି ହୋଇ ରହିଥାଏ..
ଦ୍ୱିତୀୟ ସୋପାନରେ ମନ ତା' ର ଚଗଲାମି କରେ
ଚିଡିଚିଡା ଭାବ ବଢିଯାଏ
ଅବୁଝା ଅଝଟିଆ ହୋଇଯାଏ,
ତୃତୀୟ ପାହାଚରେ ପାଦ ଥାପୁ ଥାପୁ
ଅନେକ ଜଣା ଅଜଣା ବନ୍ଧୁତା ଭିତରେ ନିଜର ସମ୍ପର୍କ ଗଢି ବସେ
କେଉଁଠି ସେହି ସମ୍ପର୍କ ଛିଡି ଯାଏ ତ..
କେଉଁଠି  ଅନ୍ୟ ସମ୍ପର୍କଟିଏ ଅତି ଆପଣାର ହୋଇ ଯାଏ
ଚତୁର୍ଥ ସୋପାନରେ ସେ ସେହି ସମ୍ପର୍କରେ ବାନ୍ଧି ହୋଇ
ନିଜ ପରିଧି ବାହାରକୁ ଚାଲିଯାଏ
ନିଜ ସମ୍ପର୍କୀୟ ମାନଙ୍କୁ ହତାଦର କରେ, ଯୁକ୍ତି ତର୍କ କରେ, ଅବୁଝା ହୋଇଯାଏ
ସେ ତା' ର ଅତି ଆପଣାର ସମ୍ପର୍କକୁ ଭୁଲି ଯାଏ
ହାତ ଉଠାଇବାକୁ ବି ପଛାଏ ନାହିଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାହା ବାହାରେ ଦୁନିଆଁ

ଯେଉଁ ମାଂସ ପିଣ୍ଡୁଳାଟିକୁ ନିଜର ରକ୍ତ ଦେଇ ସେ ଏ ଦୁନିଆଁକୁ ଆଣି ନିଜ ହାତରେ ବଡ କରିଥିଲା

ଟିକିଏ ଭାବି ପାରିଲା ନାହିଁ ସେହି ସମ୍ପର୍କକୁ

ତା' ରି ଉପରକୁ ହାତ ଉଠାଇ ପାରିଲା,

ହାଏରେ ବିଧାତା ଏଇଥିପାଇଁ କ'ଣ  ଏ ରକ୍ତର ସମ୍ପର୍କକୁ ଗଢିଥିଲୁ

ଏଇ ଦୁଃଖ ଦେଖିବା ପାଇଁ

ନିଜ ରକ୍ତ ଆଜି ଅନ୍ୟ ଗୋଟିଏ ସମ୍ପର୍କ ପାଇଁ, ନିଜ ସମ୍ପର୍କକୁ ଧୋକା ଦେଇ ପାଦର ଆଡେଇ ଦୂରେଇ ଚାଲିଗଲା

ନିଜର ସମ୍ପର୍କ ବାନ୍ଧିବାକୁ.....

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶ୍ରମ କୋଳେ ଶ୍ରମିକ



ଦୀପ୍ତି ଦେବଦର୍ଶିନୀ
ସୁତାର

ଗାମୁଛା ମୋହର ଓଦା ହୋଇଯାଏ
ମୁଣ୍ଡ ଝାଳ ପୋଛି ପୋଛି
ସେ ଓଦା ଗାମୁଛା ବେଶୀ ଓଦା ହୁଏ
ପୁଅ ଲୁହ ଦେଲେ ପୋଛି ।।

ଛାତି ଉପରେ ମୋ ମୁଣ୍ଡ ରଖି ଗଣେ
ଘରଣୀ ପଞ୍ଜରା କାଠି
ତା' ଲୁହରେ ଭିଜେ ଆକାଶ ଛାତିଟା
ବରଷା ହୁଏ ଏକାଠି ।।

ଆଖିର କୋରଡେ ଧରି ରଖିଥାଏ
ଦିବସର ପାଦ ଚିହ୍ନ
ସାତ ଭାଙ୍ଗ ହୋଇ ହୃଦୟ ସାଉଁଟେ
ପଥର ତଳୁ ସପନ ।।

ଚାହେଁନାହିଁ କେବେ ଜୀବନ ନାବଟା
କାହା କୁହୁକ ପରଶେ
ସୁବର୍ଣ୍ଣ ପରାଏ ଝଟକି ଉଠିବ
ସୁଗନ୍ଧିତ ଫୁଲ ବାସେ ।।

ରକତ ବିନ୍ଦୁ ମୋ ହୀରା ମୋତି ହୋଇ
ଜନ କଲ୍ୟାଣ ମଥାରେ
ଝରି ପଡୁଅଛି ସୁଖଶାନ୍ତି ହୋଇ
ସଭିଙ୍କ ଚଲାପଥରେ ।।

ମୋ ପଖାଳ କଂସା କରୁ କି ନ କରୁ
ମୋ ଅଭାବ ଦୂର କରି
ମୋ ହାତ ଚାଲିବ ପାରୁଥିବାଯାଏ
ଦୁନିଆଁ ଇଚ୍ଛାକୁ ଭରି ।।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଉଚ୍ଚ ଅଟ୍ଟାଳିକା ଐଶ୍ୱର୍ଯ୍ୟ ସମ୍ପଦ
ବ୍ୟବହୃତ ନାନା ଦ୍ରବ୍ୟ
ସବୁ ଗଢ଼ିଦେଇ ଯୋଗାଇ ରଖିବୁ
ନିଜ କୁ ମଣି ସୌଭାଗ୍ୟ ।।

ଶ୍ରମିକ ଭାଇର ପୋଥି ପତରରେ
ଲେଖା ନାଁ ଠିକଣା ଆମ
କେଉଁ ଗ୍ରହ ଆଉ ନକ୍ଷତ୍ର ନିର୍ଦ୍ଦେଶେ
କେଜାଣି ଆମ ଜନମ ! ।।

ତଥାପି ଚାଲିଛି ସହାସ ବଦନେ
ଦୁଃଖ ମୋ ଭିତରେ ଚାପି
ଆଜି ର କାହାଣୀ କାଲି ଇତିହାସ
ବୁକୁ ରଖୁଥିବ ଲେଖି ।।

କାମ ମୋ କରମ କାମ ମୋ ଧରମ
କାମ ମୋ ଜଗତ ସେବା
ଚିରା ଛାତ ତଳେ ସପନ ଚନ୍ଦ୍ରମା
ଧରା ଦିଏ ନାହିଁ ଜମା ।।

ଓରାଳି, ହାଟଡିହୀ, କେନ୍ଦୁଝର
୭୫୮୦୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଛପର ଘର



ଧୀରେନ୍ଦ୍ର ମଲ୍ଲିକ

ଚାଳ ଛପର ଘର ଆମର
ଆଜିବି ଲାଗେ ନୂଆ
ପୂରୁବ ପରି ସକାଳ ହେଲେ
ବସଇ ଆସି କୁଆ,,
ଭାଙ୍ଗି ଗଲାଣି ବାଉଁଶ ବତା
କାନ୍ଥ ଗଲାଣି ପଡି,
ତଥାପି ସିଏ ଖୋଜେ ଆମକୁ
ଯାଇନି ମୋହ ଛାଡି,,
ମାଆ ପରିକା ସାହା ହୋଇଛି
ବିପଦ ଆସେ ଯେବେ,
ଝଡ଼ି ବରଷା ଖରା ସହିଛି
ଧୋକା ଦେଇନି କେବେ,,

ଏବେବି ତାର ସ୍ନେହ ମମତା
ଟିକେବି କମିନାହିଁ,
ଅପେକ୍ଷା ସିଏ କରିଛି ଆମ
ଫେରିବା ବାଟ ଚାହିଁ,,
ସତରେ ସିଏ କେଡ଼େ ମହାନ
ନାହିଁକେ ତାହା ଭଳି,
ଗୋଟିଏ ସ୍ଥାନେ ସ୍ଥିର ରହିଛି
ପଡ଼ିନି କେବେ ଟଳି,,

ନିଳକଣ୍ଠପୁର ମଙ୍ଗଳପୁର ଯାଜପୁର
ଫୋନ: ୭୯୦୪୩୯୭୬୮୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରଣଭୂମି - ୨



ଦୀନବଂଧୁ ବେଜ

କିଏ କହିବ ଏହାକୁ ଯୁଦ୍ଧ ???

ଯୁଦ୍ଧ ବାକରେ ବି ହୋଇପାରେ,

ଯୁଦ୍ଧତ ହୁଏ ଦୁଇ ମଲ୍ଲଙ୍କ ଭିତରେ,

ଯୁଦ୍ଧ ଯଦି ହୁଏ ମୂର୍ଦ୍ଧାର ସହିତ

ଶ୍ମଶାନ ଘାଟରେ...କଥା ସରିଯାଏ,

ଦେଖି କୋକେଇ ହୁଏ ଚକିତ,

ବାହୁନି କାନ୍ଦନ୍ତିନି ସିନା ଆବେଗ

ହାଣ୍ଡିକୁଣ୍ଡି, ଥାଳି ଓ ତାଟିଆ

ତଥାପି ଅପେକ୍ଷା କରନ୍ତି ତାଙ୍କୁ

ଚିରାଫଟା ହେଁସ ଓ ମସିଣା ,

ସେ ଦିନର ସତକର୍ମ ଫଳପାଇଁ

ଅଜାଡି ପଡ଼ିଥାଏ ଆଶ୍ୱାସନା ସିନା,

ଛାତିରେ ଭର୍ତ୍ତି ଥିବା କୋହମାନେ

ଚିହ୍ନାନ୍ତି ନାହିଁ ଆଖିର ଲୁହକୁ,

ତଥାପି ଅଣ୍ଟା ସଳଖି ଠିଆ ହୁଅନ୍ତି

କୃତ୍ରିମ ଭାବର ହସ ବାଣ୍ଟିବାକୁ ,

ଅସ୍ଥିର ଭାବେ ଲମ୍ଫ ନ ମାରିଲେବି,

ନଭଶ୍ଚୁମ୍ବି ଅଟ୍ଟାଳିକା ଧୂଳିସାତ ହୁଏ

ଧୂଳିଦ୍ୱାରା ଉଡିଯାଏ ନିରିହ ବିଶ୍ୱାସ

ଯୁଗଯୁଗର ବଂଶ ବୁନିଆଦି

ପରମ୍ପରା, ଆଙ୍କାକ୍ଷା ଦିବାସ୍ୱପ୍ନ ପରି

ଭାଙ୍ଗିରୁଜି ଚୁରମାର ହୁଏ ,

ଆଖି ଆଗରେ ନିମିଷକ ମଧ୍ୟେ

ପୁନଶ୍ଚ ଆଷାର କିରଣ ବର୍ଣ୍ଣନ ହୁଏ

ଦିନର ବିରତି ପରେ ରାତି ପରି,

ରାତିର ବିରତି ପରେ ଦିନ ପରି ।

ଏମଭି-୧୯,ମାଲକାନଗିରି,ଓଡ଼ିଶା

ବାଷଠୀ, ବାସୁଦେବପୁର, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ଗୋଲାପ ଦିଶ ରକ୍ତଉଜ୍ଜ୍ୱଳ



ପ୍ରଦୀପ କୁମାର
ଜିଲିକାରା

ହେ ଗୋଲାପ ଦିଶ ରକ୍ତ ଉଜ୍ଜ୍ୱଳ
କରିଛ କି ସ୍ନାନ ଅନ୍ତର୍ଲହୁରେ....

କୋମଳ ଅଙ୍ଗରେ କଣ୍ଟା ଲୁଚାଇଛ
ବିଛାଇ କପଟର କାନ୍ଥ
ମୁହଁ ସିନା ଦିଶେ ଅତି ନିରିମାୟା
ତୁମେ ତ ଅଦୃଶ୍ୟ ଦଇତ । ।

ସବୁଜ ସୁନ୍ଦର ତୁମ ଚାରି ପାଖ
ମୁହଁ ରେ ଅରୁଣ ଲାଲିମା
ହେଲେ ନାଶିଯାଅ ଅନନ୍ତ ଜୀବନ
ବାଣ୍ଟୁଛ ଯନ୍ତ୍ରଣା କାଳିମା । ।

ଛୁଇଁଲେ ତୁମକୁ ସରମି ଝଡୁଛ
କହୁଛ ମୁଁ ଅତି ଦୁର୍ବଳ
କୋମଳ ଭାବିକି ନ ଜାଣି ଧରିଲେ
ହୃଦେ ଭେଦ କଣ୍ଟା ତ୍ରିଶୂଳ । ।

କାହାକୁ ମିଶାଇ କାହାକୁ ଫେଡ଼ାଅ
ସୁଜନୀ କହନ୍ତି ସକଳ
ଦୁରୁଜନ ଗୁଣ ତୁମ୍ଭର ବହୁତ
ପ୍ରୀତି ନୁହେଁ ତୁମେ ଅନଳ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୀରତି ପାଇଁ ମହାର୍ଘ ଉପହାର

ପୀରତି ଆରମ୍ଭେ ଆନନ୍ଦ

ପ୍ରୀତି ଭାଙ୍ଗି ଗଲେ ତୁମେ ପାଦ ତଳେ

ହୁଅ କାହିଁକି କାରାରୁଦ୍ଧ । ।

କୋମଳ ଅଙ୍ଗରେ କଠୋର ଗୁଣକୁ

ବୋହିଛ ଲୁଚାଇ କପଟେ

ହେଲେ ପ୍ରେମୀ ଭାବେ ତୁମେ ତାର ବିଭୁ

ଯତ୍ନେ ରଖେ ହୃଦ ସମ୍ପୁଟେ । ।

ତୁମେ ମାୟାବିନୀ ରକ୍ତ ଲୋଲୁପିନୀ

ଅନ୍ତର୍ଲହୁରେ କରି ସ୍ନାନ

ଧରି କରବାଳ କେତେ ମନ ମାରି

ଗୌରବେ ବୋଲାଅ ମହାନ । ।

ହାଡ଼ଶିଙ୍ଗୁଲା, ଚାଟିକୋଣା,

ବିଷମକଟକ, ରାୟଗଡ଼ା । ।

ମୋ- ୮୨୪୯୪୩୯୯୩୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ବଦଳିଯାଏ



ମଞ୍ଜୁରାଣୀ ମିଶ୍ର

ବଦଳିଯାଏ  ଜୀବନ
ସ୍ୱପ୍ନର  ପାରିଜାତ ବନ
ଆଶା ଆଉ ବିଶ୍ୱାସ ର ମୂଲ୍ୟାଙ୍କନ
ବଦଳିଯାଏ ଫୁଲର ମଧୁମାସ
ପ୍ରଜାପତିର ବୟସ
ପବନର ନିଶ୍ୱାସ

ବଦଳିଯାଏ ସମ୍ପର୍କ ର ପରିଭାଷା
ଚଢ଼େଇ ର ବସା
ସୂର୍ଯ୍ୟାସ୍ତ ର ଲାଲିମା କୁ ଲିଭାଇଦିଏ
ରାତ୍ରୀ ର ପଣତ
ଫେରିଦେଖେ ଉଜୁଡା ବସନ୍ତ

ବଦଳିଯାଏ  ଜୀବନ
ଗଲା ପୁତ୍ର ବାହୁଡେ ନାହିଁ
ନିଛାଟିଆ କଦମ୍ବ ବନ
ଜୀବନ ସାଲିସ କରେ
ଭିନ୍ନ ଏକ ଠିକଣାରେ
କାହାପାଇଁ କିଏ ଝୁରେ
ପ୍ରତୀକ୍ଷାର ବଳୟରେ

ବଦଳିଯାଏ ଜୀବନର ସବୁ ଦୃଶ୍ୟ
ହାତ ବଢ଼େଇଲେ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଏ

ସବୁକିଛି  ସମାଧାନ ହେଲାପରେ
କିଛି  ପ୍ରଶ୍ନ ର ଉତ୍ତର ନଥାଏ

ହାଇଦ୍ରାବାଦ, ୭୩୮୦୬୨୫୬୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେବଳ ତୁମରି ପାଇଁ



ମାନସୀ ତ୍ରିପାଠୀ

କେମିତି କହିବି
କହି ହେଉନି କି ସହି ହେଉନି,
ତୁମ ବିରହର ନିଆଁରେ ଜଳୁଛି,
ପାଉଁଶ ତ ହୋଇନି ! ! !...

ତୁମ ସ୍ମୃତିର କଣ୍ଟାରେ ଚାଲୁଛି
ଟିକେ ଥକି ତ ପଡୁନି,
ଯନ୍ତ୍ରଣା ତ ଯେତେ ଦେଲ ହାତେ
ତୃଷ୍ଣା ତ ମେଣ୍ଟୁନି ! ! !....

ଯାହା ଥିଲା ପୁରୁଣା ସ୍ମୃତି ସବୁ
ଭୁଲି ତ ପାରୁନି ମୁହିଁ,
ମମତାର ଫୁଲ ଦେଇ ହାତେ
ଦୁରେଇ ଯାଉଛ କାହିଁ ! ! !...

ଜୀବନର ସବୁକିଛି ତୁମକୁ ଦେଇଛି ଆଜି
ରଖିଥିବ କରି ସାଇତି
ସୁଧମୂଳ ସହ ନେବି ମୁହିଁ
ଜନମ ନେଇଛି କେବଳ ତୁମରି ପାଇଁ,
ଜୀବନ ସାରା ଧରିବ ମୋ ହାତ
ସେହି ଅପେକ୍ଷାରେ ରହିଛି ମୁହିଁ,
ରହିଛି ରହିବି ତୁମରି ପାଇଁ ! ! !...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିମୁକ୍ତ ଚରିତ୍ର



ଡଃ ଆର୍ଯ୍ୟକୁମାରୀ
ପ୍ରଜ୍ଞା ପାରମିତା

ଇଚ୍ଛା ହୁଏ କେବେ କେବେ
ଗାଁ ରାସ୍ତାରେ, ସହରର ଗଳିରେ
ଜାତୀୟ ରାଜପଥରେ
ଖେଚଡାମୀ କରିବା ପାଇଁ !
ନିଃସ୍ୱାର୍ଥପର ଭାବେ
କେଉଁ ଏକ ଅଜଣା ମନର
ଭାବନା ନେଇ
ଜଣେ ସାଙ୍ଗ ସାଥିରେ ଥାଇ
ସତେ ଯେମିତିକି
ମୁଁ ଭୁଲ କରିବି ଆଉ
ସବୁ ଅଠା ତାକୁ ବୋଲିବି
ନିରୀହ ଆତ୍ମା ପରି
ସେ ଖାଲି ଚୁପ୍
କାହିଁକି ?
କ୍ରୁର ସତ୍ୟତାକୁ
ସେ ସ୍ୱୀକାର କରିବ ?

ସେ ବି ତ ମଣିଷ !
ଅସ୍ଥିର, ଅଥୟ ହୋଇ
ଖାଲି ନିଷ୍ପାପ ଭାବେ
ଛଳ ଛଳ ଯନ୍ତ୍ରଣାରେ
ନିରବତାର କଥା କହିବ
ବିଭାବନା, ବିଶେଷୋକ୍ତି ଅଳଙ୍କାର ପରି
ସେ ଆଉ ମୁଁ
ସବୁ ଯେମିତି ଆତ୍ମତୃପ୍ତି
ରାସ୍ତାକଡ଼, ନଦୀପଠା
ସମୟ, ଅସମୟ
ଏଇମାତ୍ର
ବିମୁକ୍ତ ଆତ୍ମାର
କେବେ କେମିତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରମାକାନ୍ତଙ୍କ ଅଲାଜୁକି ଭଳି

ଖାଲି କଳ୍ପନାର

ମାୟାଜାଲ

ଅବୁଝା ମାନ ଅଭିମାନ

ଉଦ୍ଦେଶ୍ୟହୀନ

ସମସାମୟିକ ଦୁଇଟି

ଅପରିବର୍ତ୍ତିତ ଆନ୍ତରିକ

ଚରିତ୍ର ।

ଅଧ୍ୟାପିକା, ଓଡ଼ିଆ ବିଭାଗ

କେଶପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେଶପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମେଣ୍ଢାଛୁଆର ପ୍ରଶ୍ନ



ରାଧାମୋହନ
ପୂଜାହାରୀ

ଭୋଅଟ୍ ପ୍ରଚାର ସମୟେ ଏକଦା
ମେଣ୍ଢା ମାନେ କଲେ ମେଳି,
ସାଥେ ତାଙ୍କ ପୁଣି ଯୋଗ ଦେଲେ କେତେ
ଗାଇ, ମଇଁଷି ଓ ଛେଳୀ । (୧)

ମେଳିର ସର୍ଦ୍ଦାର ଆଦେଶ ଦିଅଇ
ସଭିଙ୍କ ମୁହଁକୁ ଚାହିଁ,
କହେ ତାଙ୍କ ସର୍ତ୍ତ ପୂରଣ ନ ହେଲେ
ଭୋଟ୍ ଦିଆଯିବ ନାହିଁ । (୨)

କେତେ ନେତା କେତେ କୁଜିନେତା ସବୁ
ଧରିଣ ପ୍ରଚାର ଗାଡ଼ି,
ଭୋଟ୍ ଖଣ୍ଡେ ପାଇଁ ଏ ଗାଆଁ ସେ ଗାଆଁ
ଦାଣ୍ଡେ ଯାଉଥିଲେ ମାଡ଼ି । (୩)

କିଛି ଦିନ ପରେ ତାଙ୍କରି ଗାଆଁକୁ
ଆସିଥିଲା ନେତା ଜଣେ,
ମେଳି ସରଦାର ଧରି ଦଳବଳ
ଧାଇଁଲା ସେ ପ୍ରାଣପଣେ । (୪)

ମାଇକ୍ ଧରି ତା' ଚେଲାଚାମୁଣ୍ଡାଏ
କରୁଥିଲେ ତା'ର ସ୍ତୁତି,
ମେଣ୍ଢାଙ୍କୁ ସେ ନେତା ଦେଉଥିଲା କେତେ
ଲୋଭନୀୟ ପ୍ରତିଶ୍ରୁତି । (୫)

ନେତା କହୁଅଛି ସେ ମେଣ୍ଢାପଲକୁ
ଯଦି ମୁଁ ବିଜୟୀ ହେବି,
କଥା ଦେଲି ଆଜି ସଭିଙ୍କୁ କମ୍ବଳ
ଗୋଟି ଗୋଟି କରି ଦେବି । (୬)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇ ପ୍ରତିଶ୍ରୁତି ଖୁସିର ଲହରୀ
ଖେଳିଯାଏ ଚାରିଆଡ଼େ,
ମେଣ୍ଢାଙ୍କର ହସରୋଳେ କମ୍ପେ ନଭ
ସେ ନେତାର ଜୟକାରେ । (୭)

କେ ତାଳି ମାରଇ ନେତା ପାଇଁ ତ କେ
ପ୍ରଶଂସାରେ ପୋତି ଦିଏ,
ଅନତି ଦୂରୁ ଏ ଦୃଶ୍ୟ ଦେଖୁଥିଲା
କୁନି ମେଣ୍ଢା ଛୁଆଟିଏ । (୮)

ନେତା ମୁହଁରୁ ପ୍ରତିଶ୍ରୁତି ଶୁଣି ତା'ର
ସନ୍ଦେହ ମନେ ଘାରିଲା,
ବୁଦ୍ଧି ଖଟାଇ ତା' ମାଆାକୁ ସେଠି ସେ
ପ୍ରଶ୍ନଟିଏ ପଚାରିଲା । (୯)

ବାହାସ୍ଫୋଟ ମାରି ଆମକୁ ଏ ନେତା
ଭାବୁଛି ବୋଧେ ଅଧମ,
ଆମରି କମ୍ବଳ ପାଇଁକି ଏ ନେତା
ଆଣିବ କେଉଁଠୁ ଲୋମ ? ? (୧୦)

ତା'ର ପ୍ରଶ୍ନ ଶୁଣି ସେ ମେଳିରେ ପୁଣି
ଖେଳିଗଲା ନୀରବତା,
ବୁଝି ନିଜ ଭୁଲ୍ ସରବେ ଭାବନ୍ତି
ଠିକ୍ କଥା, ଠିକ୍ କଥା ! (୧୧)

ଠିକ୍ ସେହିପରି ଆମରି ନେତାଏ
ଭୋଅଟ୍ ସମୟେ ଆସି,
ମାଗଣା ଦେବାର ପ୍ରତିଶ୍ରୁତି ତାଙ୍କ
ଓଠୁ ଯାଉଥାଏ ଭାସି । (୧୨)

ପାଞ୍ଚ ଟଙ୍କିଆର ଆହାର ସାଙ୍ଗକୁ
ମାଗଣା ଚାଉଳ ଦେବେ,
ମାଗଣା ଫୋନ୍ ଓ ଲେପ୍‌ଟପ୍ ନାମେ
ଭୋଟ୍ ସବୁ ଗଣି ନେବେ । (୧୩)

କେବେ ସେ ମାଗଣା ଗହମ, ତେଲ ତ
କେବେ ପୁଣି ସାଇକିଲ୍,
ହିସାବ ଗଣାନ୍ତି ସତେ ଯେମିତି ସେ
ଧରିଛନ୍ତି ହାତେ ବିଲ୍ ! ! (୧୪)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବେ ମୁହିଁ କାଳେ ଆସିଲା କି ଆଉ
ଆମରି ଖରାପ ଦିନ ? ?
କ'ଣ ପାଇଁ ଆମେ ହୋଇଗଲେ ଆଜି
ମେଣ୍ଢାଛୁଆ ଠାରୁ ହୀନ ? ? (୧୫)

ତେଣୁ ଆହେ ନର ସର୍ବେ ପ୍ରଶ୍ନ କର
ନେତାଙ୍କୁ ଭ୍ରମିତ କରି,
ତେଜ ନିଜ ଚିନ୍ତାଶକ୍ତି ଓ ବିବେକ
ଠିକ୍ ମେଣ୍ଢାଛୁଆ ପରି । (୧୬)

ମିଥ୍ୟାର ପୂଜାରୀ ଏ ନେତାଏ ଆଜି
ନୁହଁ କେହି ତାଙ୍କ ତୁଲ,
ମାଗଣା ନାମେ ସେ ଧରେଇ ଦିଅନ୍ତି
ଯା' ଧାନକୁ ତା' ଚାଉଳ । (୧୭)

ଦୂରେଇ ରହ ଏ ମିଛ ପ୍ରହସନୁ
ନେତାଙ୍କ ମିଥ୍ୟା କଥାରୁ,
ପାଇଲା ମାତ୍ରକେ ପ୍ରତିଶ୍ରୁତି ତାଙ୍କ
ପ୍ରଶ୍ନ କର ଆଜିଠାରୁ । (୧୮)

ବୀରମହାରାଜପୁର (ସୁବର୍ଣ୍ଣପୁର)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗାଆଁ ଆଉ ମାଆ



ପ୍ରଶାନ୍ତ କୁମାର ନାଥ

ପ୍ରବାସରେ ରହି ଝୁରୁଛି ଗାଆଁକୁ
ଖୋଜୁଛି ମାଆର ଛୁଆଁ
ସବୁଠୁ ନିଆରା ତା ପାଣି ପବନ
ଏନ୍ତୁଡ଼ିରୁ ଜୁଇ ନିଆଁ ।

ଗାଆଁର ସଭ୍ୟତା ଗାଆଁ ପରମ୍ପରା
ଗାଆଁର ଯେ ବାଲିଧୂଳି
ମାଆ ହାତରନ୍ଧା ଶାଗମୁଗ ଆଉ
ମାଆର ସରୁ ଚକୁଳି ।

ଗାଆଁର ମଳୟ ଗାଆଁର ବଳୟ
ଗାଆଁର ମନ୍ଦିର ନେତ
ମାଆ ହାତେ ବଢା ବଢ଼ି ବାଇଗଣ
ସୁଆଦ ପଖାଳ ଭାତ ।

ଗାଆଁ ସଞ୍ଜ ଆଉ ଗାଆଁର ସକାଳ
ଗାଆଁର ସେ ଜହ୍ନରାତି
ମାଆର ପଣତ ମମତା ପରଶ
ମନ ଖୋଜୁଥାଏ ନିତି ।

ଗାଆଁ ଗାଈଗୋଠ ପୋଖରୀର ତୁଠ
ଗାଆଁର ସବୁଜ କ୍ଷେତ
ମାଆ ଡାକ ଆଉ ମାଆର ସେନେହ
ମାଆ ଆଶୀର୍ବାଦ ହାତ ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଗାଆଁର ବୈଶାଖ ଗାଆଁର ବସନ୍ତ
ଗାଆଁର ବରଷା ଋତୁ
ମାଆ ଓଷା ବ୍ରତ ମାଆ ମାନସିକ
ମାଆର ସମ୍ପର୍କ ସେତୁ ।

ଗାଆଁ ନଈପଠା ଗାଆଁ ଆମ୍ବତୋଟା
ଗାଆଁର ପଡିଶା ଘର
ମାଆର ତିଆରି ଦୁଟୁକା ଔଷଧ
ହୋଇଯାଇଥିଲେ ଜ୍ୱର ।

ଗାଆଁ ଖଳା ଆଉ ଗାଆଁର ବେଙ୍ଗଳା
ଗାଆଁର ସବୁଜ ବାଡ଼
ମାଆ ମିଠା ଗାଳି ମୋ ଧନ ସଙ୍ଖାଳି
ମାଆର ହାତରୁ ମାଡ଼ ।

ଗାଆଁର ଏକତା ଗାଆଁ ମହାନତା
ଗାଆଁର ଯେ ପ୍ରତିଛବି
ମାଆର ମମତା ମାଆର କ୍ଷମତା
ଜାଣେ ଏକା ଅନୁଭବୀ ।

ଲକ୍ଷ୍ମୀପୁରା, ବଦ୍ରାହାଲି, ସକାଲବାରା ରୋଡ୍,
ଜିଗନି ହୋବ୍ଲି, ଆନେକେଲ ତାଲୁକ, ବାଙ୍ଗାଲୋର-
୫୬୦୦୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଚଳିଥିଲା ଦାନ ସେଦିନ



ପ୍ରହ୍ଲାଦ ସାହୁ

ଚଳିଥିଲା ଦାନ ସେଦିନ
ଚଳିଥିଲା ଦାନ ସେଦିନ.....
ସବୁ ଦୁର୍ଦିନ ଗୁଡାକ ବଦଳି
ହୋଇଗଲା ସୁଦିନ
ସେ ତ ଶକୁନି ମାମାର ଅବଦାନ ।।

ତ୍ରିଋଣ ମଧ୍ୟରୁ ପିତୃ ଋଣ ଅପରିଶୋଧ,
ଯୋଗ୍ୟ ପିତାର ସୁଯୋଗ୍ୟ ସନ୍ତାନ
ତେଣୁ ସେ ନେଇଥିଲା ପ୍ରତିଶୋଧ ।

ଅସ୍ତି ବି କହୁଥିଲା କଥା
ମଜ୍ଜା ବି ଶୁଣୁଥିଲା ଅପବାଦର ବାର୍ତ୍ତା ।
ପିତୃ ପିତାଙ୍କ ଅଭିଶାପରେ ଶାଣିତ
ପ୍ରତିଶୋଧରେ ଜର୍ଜରିତ ସେ ପଶା ଦାନ
ରଚିଗଲା ଧ୍ୱଂସର ବିଭୀଷିକା
ଆଉ ପ୍ରତିଶୋଧର ଅହମିକା ।।

ଶକୁନି ମାମାର
ଚଳିଥିଲା ଦାନ ସେଦିନ......
କାହା ଲାଗି ଅନ୍ୟାୟ ତ ପୁଣି
କାହାଲାଗି ମାନ, ଅପମାନ ।

ସେହି ଦାନ ବଳେ----
ମାନୀ ଦୁର୍ଯ୍ୟୋଧନ ପଶା ଖେଳି
ଦ୍ରୌପଦୀଙ୍କୁ ଜିତିଥିଲେ ।

ସେହି ଦାନ ବଳେ----
ଦୁଃଶାସନ ସୀମା ଲଂଘି
ଦ୍ରୌପଦୀଙ୍କ କେଶ ସ୍ପର୍ଶ କଲେ ।

ସେହି ଦାନ ବଳେ----
କର୍ଣ୍ଣ ଏବଂ ବିକାର୍ଣ୍ଣ ଦୁଇ ଭାଇ
ଦୁଇ ଅଲଗା ପଥ ବାଛିନେଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେହି ଦାନ ବଳେ----
ଧୃତରାଷ୍ଟ୍ର ରାଜଧର୍ମ ପାଳି
ବିବସ କୁରୁସଭା ତଳେ ।

ସେହି ଦାନ ବଳେ----
ମାଆ ଗାନ୍ଧାରୀ ଏବଂ କୁନ୍ତି
ପୁତ୍ର ମୋହ, ବଧୁ ମୁହଁର
ଦୁବିଧାରେ ମଉନ ଥିଲେ ।

ସେହି ଦାନ ବଳେ----
ମହାଦାନୀ ପ୍ରଭୁ ଶ୍ରୀକୃଷ୍ଣ
ବିବସ୍ତ୍ରା ଦ୍ରୌପଦୀଙ୍କୁ ବସ୍ତ୍ର ଦେଇ
ଆର୍ଯ୍ୟାବର୍ତ୍ତର ମାନ ରଖିଥିଲେ ।

ସେହି ଦାନ ବଳେ----
ସେ ବିଶ୍ୱ ଲଲାଟ ପଟଳରେ
ମହାଭାରତ ସୃଜିଲେ ।

ସେହି ଦାନ ବଳେ----
ପିତାମହ ଭୀଷ୍ମ ସ୍ୱଇଛାରେ
ଶର ଶଯ୍ୟା ବରିନେଲେ ।

ସେହି ଦାନ ବଳେ----
ଅଶ୍ୱତ୍ଥାମା ହତ (ହାତୀ)
ନରବା ଗୁଞ୍ଜରେ ।

ସେହି ଦାନ ବଳେ----
ପ୍ରଭୁ ଶ୍ରୀକୃଷ୍ଣ ବିଶ୍ୱ ରୂପରେ
ବିରାଜିତ ହେଲେ ମହୀତଳେ ।

ସେହି ଦାନ ବଳେ----
ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଜ୍ଞାନ ଦେଇ
ବିଶ୍ୱକୁ ମହାଜ୍ଞାନ ସମର୍ପିଲେ ।

ଚଳିଥିଲା ଦାନ ସେଦିନ......
ଶକୁନି ମାମାର ଏହା ସତ,
କିନ୍ତୁ ଚଳାଇଥିଲେ
କଂସ ମାମାର ଭଣଜା ଶ୍ରୀକୃଷ୍ଣ ।।

"କରି କରାଉ ଥାଏ ସେହି,
ତା ବିନୁ ଅନ୍ୟ ଗତି ନାହିଁ ।"

ନୂଆଦିଲ୍ଲୀ, ୮୧୭୮୬୪୪୨୭୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଠାଏ ଖରା



ଓଜସ୍ୱିନୀ ଶତପଥୀ

ଅନେକ ଦିନର ଅପେକ୍ଷା ପରେ
ହାଡ଼ଭଙ୍ଗା ଶୀତର ପ୍ରକୋପ ସରେ
ସୂର୍ଯ୍ୟ ଯେବେ ଆକାଶରେ ଉଙ୍କି ମାରେ
ମନ, ପ୍ରାଣ ଶରୀର ଜୀଇ ଉଠେ ପୁଣି ଥରେ ।

ହାତ ପାପୁଲିରେ ଆଞ୍ଜୁଳାଏ ଖରା
ଚିକ୍ ଚିକ୍ କରୁଥାଏ ସତେ କି ହୀରା ! !
ସୁନା ରୂପା ନୀଳା ମୋତି ଓ ମାଣିକ
ନବରତ୍ନ ପରି ଥାଏ ଖରାର ଚମକ

ତରୁଲତା ଜୀବଜନ୍ତୁ ପାହାଡ଼ ପର୍ବତ
କନକ ଧାରାରେ ହୋଇ ସଦ୍ୟସ୍ନାତ
ସୁନେଲି ପୋଷାକ ପିନ୍ଧି ହୋଇ ପଲ୍ଲବିତ
ଆନନ୍ଦ ଉଲ୍ଲାସରେ କଲେ ନୃତ୍ୟନାଟ

ନୀଳାଭ ଆକାଶେ  ହେଲା ପକ୍ଷୀ ସମାବେଶ
ସମବେତ କଣ୍ଠରେ ଖଗ ଗାଇଲେ କୋରସ୍
ସବୁଜ ଧରଣୀରେ ହେଲା ମହୋତ୍ସବ
ନାନା ରଙ୍ଗ ନେଇ ପୁଣି ବସନ୍ତ ଆସିବ

ସିନ୍ଦୂର ଫଟା ନାଲି ଆକାଶ ବକ୍ଷରେ
ସୂର୍ଯ୍ୟ ଯେବେ ମୃରୁକି ହସଟିଏ ମାରେ
ମନେହୁଏ ସତେକି ରେଡ୍ କାର୍ପେଟ୍ ଉପରେ
କ୍ୟାଟ୍‌ୱାକ୍ କରିବ ସୂର୍ଯ୍ୟ ମଡେଲ ଷ୍ଟାଇଲରେ

ବଞ୍ଚିବାର ପ୍ରେରଣା ସର୍ବଶକ୍ତିର ଆଧାର
ଦୂର କରିପାରେ ସକଳ ନିରାଶା ଅନ୍ଧାର
ଆରୋଗ୍ୟ, ନୀରୋଗ ରହିବାର ମୂଳମନ୍ତ୍ର
ସକାଳୁ ଉଠି କର ସୂର୍ଯ୍ୟ ନମସ୍କାର ।

ହେ ଈଶ୍ୱର ! !
ମତେ ଅସୁମାରୀ ଧନ ଦିଅ ବା ନ ଦିଅ
ଯଶ, ଖ୍ୟାତି, ପ୍ରସିଦ୍ଧି ଦିଅ ବା ନ ଦିଅ
କେବଳ ମାତ୍ର ଏହି ପ୍ରତିଶ୍ରୁତି ଦିଅ
ଆଜୀବନ "ମୁଠାଏ ଖରା" ମୁଁ ପାଇବି
ନିଶ୍ଚୟ । । । ।

ନୂଆ ଦିଲ୍ଲୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଶୈଶବ ଶିକ୍ଷା



ଦଣ୍ଡାସି ପ୍ରଧାନ

ମାଘେ ଶ୍ରୀପଞ୍ଚମୀ  ବିଜେ ସରସ୍ୱତୀ
ବୁଦ୍ଧିପ୍ରଦା ମାତା ମାହେଶ୍ୱରୀ
ଶାରଦା ପ୍ରସନ୍ନେ ବିଦ୍ୟା ଅନୁକୂଳ
ସିଦ୍ଧିରସ୍ତୁ ଶବ୍ଦ ହୃଦେ ସ୍ମରି । । ୦୦

ଶୁଦ୍ଧ ପରିମଳ ଗୋମୟ ଆସ୍ଥାନ
ବିବିଧ ଅବିର ହରିଦ୍ରା ଝୋଟି
ସୁଆଦ୍ୟ ବସନ୍ତେ  ନବ ପଲ୍ଲବିତ
ଦିବ୍ୟ ଭବ୍ୟ ଶୋଭା ପରିପାଟୀ   । ।୦୧

ସାଙ୍ଗ ଗହଣରେ ବିଧିବିଧାନରେ
ନବ ଶୁଭ୍ର ବସ୍ତ୍ର ପରିଧାନ
ଶଙ୍ଖ ବାଦ୍ୟ ସୁର ସମୂହ ଝଙ୍କାର
ଆଜି ମନେପଡେ ପିଲାଦିନ  । ।୦୨

ଚନ୍ଦନ ଅଗୁରୁ ପୂଜନ ସାମଗ୍ରୀ
ସମ୍ଭାରେ ପୁଜିଲି ଗୁରୁ ପୟର
ମଥା ପ୍ରଣିପାତେ ବରଦା ସମ୍ମୁଖେ
ଲେଖିଲି ତହୁଁ ଆଦ୍ୟ ଅକ୍ଷର   । ।୦୩

ମୋ ପିଲା ଦିନର ଗାଁ ଚାଟଶାଳୀ
ବହୁଦିନ ଧରି କହିଛି କଥା
କଡ଼ା ଗଣ୍ଡାରେ ଅବଧାନୀ ପାଠ
ଢଗ ଢମାଳିରେ ମଣ୍ଡିଛି ମଥା । ।୦୪

କୋଇଲି କେଶବ, ଗୁଣ ସାଗର,
କୌତୁକିଆ ଗଣିତ ଗୀତେ,
ରାସକ୍ରୀଡ଼ା, ଗୋପି- ଭାଷା ଚଉତିଶା
ଟୀକା ଗୋବିନ୍ଦ ଚନ୍ଦ୍ର ସହିତେ । ।୦୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିଶୁ ଶ୍ରେଣୀର ସିଲଟ୍ ଖଡ଼ି
ପାଣି ଓଦା କନା ଛକାଏ ଧରି
କାଠି କଲମ ସାଇର ବଡ଼ି
ରଙ୍ଗ କଳା ନୀଳ ଭଳି କି ଭଳି ।।୦୬

ଠିପି ଖୋଲା କାଚ ଦୁଆତ ଖାଲି
କାଳି ବଲବଲ ପାଦ ସହିତେ
ପଟାମୁଣା ଟିଏ କାନ୍ଧେ ଝୁଲାଇ
ଆସନ ଖଣ୍ଡିଏ ଗୁଡ଼ାଇ କାଖେ ।।୦୭

ଖଣ୍ଡିଆ ପ୍ୟାଣ୍ଟ ଖାକି କପଡା
ପିନ୍ଧାରେ ବାଛ ବିଚାର କାହିଁ !
ପେଡା ରାଶି ତେଲ କିରାପିନି ଢଙ୍ଗେ
ଖୋଲା ପାଦ ସିନା ଚପଲ ନାହିଁ ।।୦୮

ବ୍ରହ୍ମ ମୁହୂର୍ତ୍ତରେ ପାହାନ୍ତି ପ୍ରହରେ
ସରସ୍ୱତୀ ଧ୍ୟାୟୀ କଠିନ ପାଠ
ଅଙ୍କ ପଣକିଆ ଖଡି କସରତ
ବିରିମୁଠିଆ ଅଭ୍ୟାସ ପାଠ ।।୦୯

ଛପାବହି ଖଣ୍ଡେ କଳା ଅକ୍ଷରରେ
ହାତୀ ମାର୍କା ର ଧଳା କାଗଜେ
ହାଫ୍ ପ୍ୟାଣ୍ଟ ଟୋପି ପିନ୍ଧା ହାକିମ
ବୋର୍ଡ ପରୀକ୍ଷଣେ ବିଦ୍ୟାର୍ଥୀ ବିଜେ ।।୧୦

ସମୟ ବଦଳି ବଦଳିଛି ଯୁଗ
ଆଜି ମୁଁ ସତରେ ପାଇଛି ଯାହା ,
ମୋ ଗାଁ' ମାଟିର ମହାର୍ଘ ସହିତ
ପିତା, ମାତା, ଗୁରୁ ପ୍ରସାଦ ମହା- ।।୧୧

ସାହିତ୍ୟ ସମ୍ପାଦକ ,
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ,
ପାତ୍ରପୁର, ଗଞ୍ଜାମ,
ଭ୍ରାମ୍ୟଭାଷ : ୦୮୬୭୦୧୯୪୯୬୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସନ୍ଦେହ



ଅନସୂୟା ପଣ୍ଡା

ସଂସାର ନୀଡରେ, ସମ୍ପର୍କ ଭିତରେ
ଯଦି ସନ୍ଦେହ ଅନିଳ ବହେ
ଜୀବନ ସୁଖକୁ ନିଏ ସେ ଭସେଇ
କାଳବଇଶାଖୀ ହୋଇବହେ ।

ମନରେ ଦଉଡେ ସନ୍ଦେହ ଭୂତାଣୁ
ଦେହହୀନ ସିଏ ପରଜୀବୀଟିଏ
ଅଦୃଶ୍ୟ ଭାବରେ ପାଣି ପବନରେ
ଲୁଚି ଛପି ଘୂରୁଥାଏ ।

ସନ୍ଦେହ କେବଳ ଭୂତାଣୁଟେ ନୁହେଁ
ସହସ୍ର ଫଣାର ବିଷଧର ସର୍ପଟିଏ
ଧୀରେ ଧୀରେ ସବୁ ମଧୁର ସମ୍ପର୍କେ
ସନ୍ଦୁଷିତ ବିଷ ମଞ୍ଜି ବୁଣି ଦିଏ ।

ଖୋଜେ ଖାଲି ସିଏ ଦୋଷ ତ୍ରୁଟି ଖାଦ୍ୟ
ଶୁଦ୍ଧ ସୁନାମୁଣ୍ଡାଟିରେ
ମନରେ ନଥାଏ ଶାନ୍ତି କି ସନ୍ତୋଷ
ଚେର ଡାଳମେଲି ଜୀବନୁ ମଧୁପ ପିଏ ।

ଯେତେ ସ୍ନେହପ୍ରୀତି ,ସାରା ସୁଖ ଶାନ୍ତି
ସନ୍ଦେହେ ନିଗିଡି ଯାଏ
ଧୀରେ ଧୀରେ କରେ କ୍ଲେଦାକ୍ତ ମନକୁ
ମୁହୂର୍ତ୍ତ ସବୁକୁ ପୋଡିଜାଳି ରଖି ଦିଏ
ଅନାଗତ ଭୂମିକମ୍ପକୁ ନେଇ ସଦର୍ପେ
ଚାଲୁଥାଏ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଖାଲି ଶୁଖି  ଶୁଖି ଯାଏ
ସନ୍ଦେହୀ ମନରେ ସ୍ବନ୍ତ ଶବ୍ଦ
ଅନୁଚ୍ଚାରିତ ଭିନ୍ନ ରାଗ ରଙ୍ଗ ବହେ
ସୁମଧୁର ଗୀତ ବେସୁରା ପ୍ରତୀତ ହୁଏ
ସନ୍ଦେହ ଜଳାଏ ଜୀବନ ମର୍ମକୁ
ପ୍ରଶ୍ନବାଚୀର ବାରୁଦ ଗଦାଟେ ହେଇ ।

ହଜି ଯାଏ ଯେତେ ଭବ୍ୟ ଭାବଧାରା
ନିରାବେଗେ ମଉଳା ଫୁଲଟେ ହେଇ
ସନ୍ଦେହରେ ଖାଲି ଭଙ୍ଗାରୁଜା ହୁଏ
ଗଢା କିଛି ହୁଏ ନାହିଁ
ବିଶ୍ୱାସ ନୀଡଟା ଅବିଶ୍ୱାସେ ବୁଡିଯାଏ  ।

ବିନ୍ଦୁଏ ସନ୍ଦେହ ଚୋରାବାଲି ଭଳି
ଟାଣି ନିଏ ସିଏ ମନର ପାଦକୁ
ସମ୍ବିତ୍ ହରେଇ ଜୀବନ ନଦୀରେ
ବିଷନ୍ନ  ବୀତସ୍ପୃହ ସବୁ  ହୁଏ ।

ବୁର୍ଲା, ସମ୍ବଲପୁର ମୋ-୯୪୩୯୭୧୧୯୭୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆତ୍ମମଗ୍ନ ଉଚ୍ଚାରଣ:ପିତୃପ୍ରତିମ ଦେବୀପ୍ରସନ୍ନ



ଡଃ ମନୋରଞ୍ଜନ
ବିଷୋୟୀ

ସେ ଦିନଟା ଆଜି ବି ମନେ ଅଛି
ମେଞ୍ଚା ମେଞ୍ଚା ପ୍ରଶ୍ନବାଚୀ ଆଖି
ଆମ ଫେରିବା ବାଟକୁ ଚାହିଁ ବସିଛି ।
ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ
ଆମ୍ବୁଲାନ୍ସ ପହଞ୍ଚିବା ପରେ
ସମସ୍ତଙ୍କ ମନ ଚମକି ଉଠିଛି ।
ଆପଣଙ୍କ ଜୀବନ୍ତ ଶରୀର
ସୁଦୂର ହାଇଦ୍ରାବାଦରୁ
ନିରବ ନିଶ୍ଚଳ ହୋଇ ଫେରିଛି ।
ଭସା ଭସା ପ୍ରଶ୍ନର ଉହାଡ଼େ
ବୋହି ଯାଉଥିବା ଅଶ୍ରୁଧାରକୁ
ରୁମାଲର ଅନ୍ଧାରୁଆ ବକ୍ଷେ ଚାପିରଖି
ଆପଣଙ୍କ ଶରୀର ଆତ୍ମୀୟଙ୍କ
ଗହଣରେ ପହଞ୍ଚି ଯାଇଛି ।

ସେତେବେଳେ ବାସ୍ତବତାର
ଦାରୁଣ ଦୃଶ୍ୟ ଆଗରେ
ବର୍ତ୍ତମାନ ଓ ଭବିଷ୍ୟତର ପରିଣତି
କ'ଣ ହେବ ସ୍ପଷ୍ଟ ବାରି ହୋଇ ପଡୁଛି ।
ଲାଗୁଛି ଯେମିତି ପୁଞ୍ଜିଭୂତ ଚିନ୍ତାଙ୍କର
ଏକତ୍ର ବିପ୍ଳବ ଚାଲିଛି ।
ତଥାପି ପ୍ର. ଦେବୀପ୍ରସନ୍ନ ପଟ୍ଟନାୟକ
ଦେବୀସାର୍, ଦେବୀଭାଇ, ଦେବୀବାବୁ
ଅମର ରହେ ଧ୍ୱନିରେ
ବ୍ରହ୍ମପୁର ସହର ପ୍ରକମ୍ପିତ ହୋଇଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେ ସବୁ ସ୍ୱପ୍ନକୁ ଫରୁଆରେ ବାନ୍ଧି

ଆପଣ ଯେ ଚାଲିଯାଇଛନ୍ତି

ସମସ୍ତଙ୍କ କାନ୍ଦୁରା ମୁହଁରୁ

ସ୍ୱଷ୍ଟ ବାରି ହୋଇ ପଡୁଛି ।

ଅନେକ ପଥ ମଧ୍ୟରୁ

ଆପଣ ଯେଉଁ ପଥକୁ ବାଛିଲେ

ସେ' ପଥର ଯାତ୍ରୀ ସାଜିବାକୁ

ଏତେଶୀଘ୍ର କିଏ ବା ଚାହିଁଛି ?

ଅନେକଙ୍କ ନିଃସ୍ୱ ମନରେ

ଅମରାବତୀର ସ୍ୱପ୍ନ

ସଜାଗ କରାଇ ପାରୁଥିବା

ଆପଣଙ୍କ ପରି ମଣିଷକୁ

ଏତେ ଶୀଘ୍ର ଈଶ୍ୱର ନିଜ ପାଖକୁ ଡାକିନେବା

କ'ଣ ଠିକ୍ ହୋଇଛି ?

ଜୀବନର ଇସ୍ତାହାର ଲେଖୁଲେଖୁ

ହରଣ ଗୁଣନ ଆଉ ଫେଡାଣ ମିଶାଣର

ଫେଣ୍ଟାଫେଣ୍ଟି ବର୍ଣ୍ଣାଳୀରେ

ଅନେକ ଅଛିଣ୍ଡା ଅଙ୍କର ଉତ୍ତର

ଆଜି ବାକି ରହିଯାଇଛି ।

ଏବେ କିନ୍ତୁ ଆମମାନଙ୍କ ଜୀବନ

ସମୟ ବା ସମସ୍ୟାର ସୀମା ଡେଇଁ

ଆପଣଙ୍କ ନିବିଡ଼ ଆଶ୍ଳେଷ ଚାହୁଁଛି ।

ତେଣୁ ତ ଆଜି ସ୍ମୃତିର ବାଇଶି ପାହାଚ ତଳେ

ଜଗା ନୁହେଁ କି ଯନ୍ତ୍ରଣା ବି ନୁହେଁ

ଆପଣଙ୍କ ଅଭୁଲା ଛବି ନିତି ଦିଶୁଛି ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ସଂପର୍କ: ୮୮୯୫୦୪୧୭୨୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିର୍ବାଚନରେ ପଲ୍ଲୀ ଜୀବନ



ପଙ୍କଜ କୁମାର
ମଙ୍ଗଳ

ଗଣତନ୍ତ୍ରର ପ୍ରମୁଖ ଅଧ୍ୟାୟ ନିର୍ବାଚନ, ଶ୍ରେଷ୍ଠ କର୍ଣ୍ଣଧାର ପାଇଁ,
ଆମରି ଭିତରୁ ବାଛିବା ଜଣକୁ ଆମରି ଶାସନ ପାଇଁ ।
ହୋଇ ଥିବେ ସେ ନିଃସ୍ୱାର୍ଥ ବ୍ୟକ୍ତିତ୍ୱ ଯେ ସଭିଙ୍କ ବିକାଶ କରିବ,
ଏମିତି ଆଶାୟୀ ମିଳିଲେ ଗଣଙ୍କୁ ନିର୍ବାଚନ ସଫଳ ହେବ ।
କେଉଁ ମାପକାଠି ଆସିବ କେଉଁଠୁ ଯୋଗ୍ୟ ବିବେଚନା ନିମିତ୍ତ,
ବାଛିବେ ଜନତା ତାଙ୍କ ପ୍ରିୟ ନେତା ଦେଇ ସର୍ବେ ଜନମତ ।

ଆସିଛି ସମୟ ବାଛିବାକୁ ହେବ ଉପଯୁକ୍ତ ନେତା ଆମର,
ସେ ଗଢ଼ିବେ ଭବିଷ୍ୟ ପାଞ୍ଚ ବର୍ଷ ପାଇଁ ପାଇ ଆମ ଅଧିକାର ।
ପଲ୍ଲୀର ଜୀବନ ଭାତୃତ୍ୱରେ ବନ୍ଧା ସର୍ବେ ସ୍ନେହ ମେଳେ ରୁହନ୍ତି,
ଗୋଟିଏ କୁଟୁମ୍ବ ପରି ସର୍ବମନ ବିପଦରେ ମିଶି ଲୋଢ଼ନ୍ତି ।
ସଭିଙ୍କୁ ମିଳେନି ତିନି ଅଳି ଖାଦ୍ୟ ତଥାପି ଶାନ୍ତିରେ ବାସ,
ନିଜପାଇଁ ଅନ୍ନ ଥାଉକି ନଥାଉ ଭିକାରୀକୁ ଦେବାର ନଥାଏ ଅବଶୋଷ ।

ସେହି ପଲ୍ଲୀ ଭୂଇଁ ସେମିତି ରହିଛି ହେଲେ ବଦଳୁଛି ଭାଇଚାରା,
ଯେଉଁ ହାତ ଦିନେ ଲୁହ ପୋଛୁଥିଲା ଆଜି ସେଥିରେ ନିର୍ବାଚନ ଅସ୍ତ୍ର ଭରା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ନେହପୂର୍ଣ୍ଣ ଚକ୍ଷୁରେ ହିଂସା ପ୍ରତିଫଳିତ ହୁଏ ସର୍ବେ ନିଜ ନିଜ ଦଳପାଇଁ,
ଭାଇଚାରା ଆଜି ଦଳରେ ମିଳୁଛି ଘର ଭାଗ ଭାଗ ହୋଇ ।
ଯେଉଁ ହାତ ଦିନେ ବଢ଼ୁଥିଲା ବନ୍ଧୁତା ପାଇଁ ଆଜି ଜୀବନ ନେବାକୁ ବିକଳ,
ନିର୍ବାଚନ ହିଂସା ଚାରିଆଡ଼େ ବ୍ୟାପ୍ତ ବଦଳିଲାଣି ପଲ୍ଲୀ ଜୀବନ ।

ନେତା ମନ୍ତ୍ରୀଙ୍କ ଦଳ ଭିନ୍ନ ହେଲେ ସେମାନେ ହିଂସାରୁ ବାହାରେ,
କିଏ ଶିକ୍ଷଉଛି  ଜନତାଙ୍କୁ ହିଂସା ପ୍ରାଣ ଭୟ ଘରେ ଘରେ ।
ବିଜୟ ପାଇଁକି ରାତ୍ରିର ଅନ୍ଧାରେ କେତେ କର୍ମ କାଣ୍ଡ ହୁଏ,
ସଭିଏଁ ଜାଣନ୍ତି ପ୍ରଶୟ ଦିଅନ୍ତି କାଳେ ବିଜୟର ପନ୍ଥା ଇଏ ।
ଦଳକୁ ନଦେଖି ବ୍ୟକ୍ତିତ୍ୱକୁ ଦେଖ ସଫଳ ହେବ ମତାଧିକାର,
ପଲ୍ଲୀ ଜୀବନକୁ କଳୁଷିତ କରନାହିଁ ଜୟ ହେଉ ଅହିଂସାର ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମଦ ମୁଁ ଛୁଉଁନି ଆଉ



ଶିଶିର କୁମାର ପଣ୍ଡା

ଭାରିଯା ମୋହର ଛାଡ଼ି ଚାଲିଗଲା
ମଦ ଖାଉଥିଲି ବୋଲିକି
ଆଣ କେ ବୁଝାଇ ବନ୍ଧୁ ମୋର ଯାଇ
ଦୁଃଖ କହେ ଆଜି ଖୋଲିକି ।
ନିଇତି ସଞ୍ଜରେ ପିଟୁଥିଲି ତାକୁ
କିଛି ନ ଥାଇକି କାରଣ
ବାପା ବୋଉ ମୋର ଏଇକଥା ନେଇ
କେତେ କରିଛନ୍ତି ବାରଣ ।
କାହା କଥା କେବେ ଶୁଣୁ ନଥିଲି ମୁଁ
ଯାହା ବୁଝୁଥିଲି ସେଇଆ
ପୁଅ ମୁଣ୍ଡ ଛୁଇଁ ନିଶା ଛାଡ଼ି ନାହିଁ
ଏଡ଼ିକି ସତେ ମୁଁ ବେହିଆ ।

ବରଷେ ହେଲାଣି ଭାରିଯା ମୋହର
ରହୁଛି ତା' ମାଆ ପାଖରେ
ବଡ଼ ପୁଅଟାକୁ ଛଅ ଚାଲିଲାଣି
ଝିଅଟା ଏବେବି କାଖରେ ।
କେମିତି କେଜାଣି ଚଳୁଥିବ ସିଏ
ଟଙ୍କା ମାଗୁଥିଲା ଦେଇନି
କୁମ୍ଭିରେ ଥିଲା ତ ଦି' ହଜାର ବୋଧେ
ତାକୁ ବି ଭାଙ୍ଗିକି ନେଇନି ।
ମାସେ ହେଇଗଲା ମଦ ମୁଁ ଛୁଇଁନି
ମନରେ ଶପଥ କରିକି
ଯାଉଛି ଆଣିବି ଭାରିଯାକୁ ମୋର
ବୁଝେଇ ତା' ହାତ ଧରିକି ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲାଳସାର ଛବି



ଜିନ୍ ବିନ୍ ଦାଶ
ତ୍ରିପାଠୀ

ଲାଳସା ବୋଲି କିଏ କହିଲା ପର,

ସପନ ଦେଖ ନିରନ୍ତର,

ବୋକା ଭାବି ଦୂରୁ କର ଜୁହାର,

ଦେଇ ନାହିଁ ସପନ କୁନଜି ତା ପାଇଁ ତୁମେ କଲ ପର ।।

ସୋସିଆଲ ସାଇଟରେ ମାମଲା ଗରମ,

ଗୁରୁଫୁ କରି କଲ ନିଜ ସାଗଂଠାରୁ ଦୂର,

ପୁରସ୍କାର ମାନପତ୍ର ହେଲା ତା ହାର,

ଦେଖାଇ ଅନ୍ୟକୁ ଜଲାଉ ଘର ପରିବାର ।।

ମିଛ ଡମକୁ ସତ ମୋତେ ଜାଗେ ଲାଳସା ବଡି,

କିଏ ବା ଦେବ ସାହାସ ନାହିଁ ଯେ ମୋ ଦୋକାନ କି ଫାକଟରି କ୍ଷେତି,

ବଳ ବୟସ ନ ଦିଏ  ସାଥି,

ପୁଣି କଣ ଦେଖିବି ଚାନଦିନି ରାତି  ।।

ମିଡିଆ ସବୁ ହେଲେ ବିକା ବିକି,

ଟଣାଟଣି ଝୁଣାଝୁଣି ହୋଇ ଗଲେ ଖବର ପାଇ,

ଆସି ଠିଆ ହେ କପଟୀ ଗଣ ଚାଲି ନ ଜାଣି ବି ପୁରସକୃତି,

ଗୁରୁଫୁ ରେ ମଚେ ଧମାଲ ମସତି ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟାଣ ରେ କିଏ କହେ ମୁଁ ଗୁରୁଫୁ ଆଡମିନ,

ପୁଣି କିଏ କହେ ମଡରେଟର ମୀନ,

ସବୁ ଠାରେ ବୟସ ମାରେ ଭିନ୍,

ବୁଢା ଠୁ ପିଲା ସବୁ ହୋ ଧୁନ୍ ଧୀନ । ।

ମୁରୁକି ହସି ଗୋରି ଗାଇଲେ ଗୀତ,

ପାକୁଆ ପାଟିରେ ବି ଭରେ ହସ ମିତ,

ଟୁମୁ କି ଚାଲି ନ ପଶେ ପାଦ ର ନୂପୁର ଶୀତ,

କାଉ ବି ଚାଲେ ମୟୂର ପରି ଗାଇ ମିତ । ।

ସାଇଡ ଇଫେକ୍ଟ ଏତ ଆରମ୍ଭ ସୁରଗଂ,

ମନ ନ ମିଳିଲେ ଦେଇ ନ ଥାଏ ମାନପତ୍ର ସାଗଂ,

ମୋ ପାଖେ ତ ନାହିଁ ଦକ୍ଷିଣା ରଗଂ ବିରଗଂ,

ପେପର ରେ ବା ଚପାଇ ବି କିପରି ନାମ ସାଗଂ । ।

ଫୋନ ଧବଳ ନମ୍ବର ଦେବା ଉଚିତ,

ଆସି ଦେଖ ଘରେ ମୋ କମ ତିଅଣ ମିତ,

ମନ୍ଥନ କର ବସି ଗଡିଲା ଘୃତ,

ପୁରସ୍କାର ଭାତ ନ ଲାଗେ ପାଟିକୁ ଥିଲେ ନିଅଣ୍ଟ ଘୃତ । ।

(ଜିନ ବିନ ଦାଶ ତ୍ରିପାଠୀ,ବାଲେଶ୍ୱର)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହୂରୁଦ୍ ଭିତ୍'ରର୍ କଥା



ବିଶ୍ୱନାଥ ଭୁଏ

ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ
ମହାପୁରୁ ଆମର୍ ସଥେ ଅନ୍
ହୂରୂଦ୍ କହୁଛେ ସତ୍ କଥାଟା
ପାହାଁତଲେ ତାକର୍ ପଡ଼ି ଶରନ୍..... !
ଯେନ୍'ଟା କହେସନ୍ ସେଟା କର୍'ସନ୍
କେଭେ ଭି କାହାକେ ନେ ଠଗନ୍
ଯିଏ ଭି ଯାଏସି ତାଙ୍କର୍ ଦୁଆର୍ କେ
ଖାଲି ହାଁତେ କେଭେ ନେ ଫିରନ୍..... !
କାମ୍ କରି କରି ଚାର୍'ହିକୁତି
ସେବାର୍ ବାଟେ ନେ ଥାକନ୍
ପଛ୍'ଘୁଚା ନେ ଦେଇକରି
ସବୁବେଲେ ଆଗ୍'କେ ବଢ୍'ସନ୍.... !
ଅନ୍ଧାର୍ ଦୁନିଆଁନୁ ଉଜାଲା ହେଇ
ଅପାରୁ ଲୁକ୍'କୁ ଉଦ୍ଧାର୍ କର୍'ସନ୍
ବିଶ୍ୱାସ୍ ମହକେ ସମ୍'କୁ ସଥେ
ଦେଖୁନ୍ ଦେଖୁନ୍ ମହକେଇ ଦେସନ୍.... !

କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼, ମୋ -୯୬୬୮୮୭୮୪୮୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅସଲ୍ ମୁନୁଷ୍ 'ପନ୍'



ସୁନିଲ୍ କୁମାର ଅଗସ୍ତି

ଜୁନହାଁ ଫରଦ୍ ମୁନୁଷ୍ ସୋର୍ ଥାଇକରି ତାର୍ ତାର୍ ଉପରେ ଉଲଟେଇ ଆନଲେ ଜନା ପଡସି ସବୁଦିନର୍ ଲାଗତି ଶତ୍ରୁ ମାନକଁର୍ ଡର୍ ନୁ ବରତିବାର୍ କାଯେ ଜୁନହାଁ 'ଚୀନ୍' ରାଏଜେ ଗଖା କାଁଥି ବନା ହେଇ ଥିଲା । ସମକିରର୍ ମନେ ଗୁଟେ ଭାବ୍ ଥିଲା ଇ' କାଁଥି ତ' ବନେ ଉଁଚା ଅଛେ ଶତ୍ରୁ ମାନେ ଡେଗି କରି ଇଫାଲ୍ କେ ଆସି ନି' ପାରନ୍ । ହେଲେ ଏନତା କିଛି ନି' ହି । ଗଖା କାଁଥି ବନାବାର୍ ପହେଲା ପାଁଚ୍ କୁଏର୍ ବଛର୍ ଭିତରେ ଚୀନା ମାନେ ଥର୍ ତିନେ ଚାରେ ଶତ୍ରୁ ମାନକଁର୍ ପାଲେ ପଡ଼ି ଥିଲେ, ଆର୍ କେହେନସି ଖେପି ଶତ୍ରୁ ମାନକୁଁ ଗଖା କାଁଥି କେ ଡେଗବା କେ ନି' ପଡ଼ି । ହର୍ ଖେପି ଶତ୍ରୁ ମାନେ ଗଖା କାଁଥି ଯୁଗୁ ମାନକୁଁ 'ହୁରସୁଲା' ଦେଇକରି ଭିତର୍ କେ ଭୁକୁ ଥିଲେ । ଚୀନା ମାନେ ବଢେ ଗଖା କାଁଥି ତ' ଗାଡ଼ି ଦେଇଥିଲେ ହେଲେ 'ଯୁଗୁ' ମାନକୁଁ ଅସଲ୍ ନିଦାନର୍ ମୁନୁଷ୍ ପନର୍ ବାର୍ତା ତାଁକର୍ କାନେ ନି' ଭରି ଆର୍ ତାଁକର୍ ଚରିତ୍ର ବନାବାର୍ ପାସରି ଦେଇଥିଲେ ବାଗିର୍ ଲାଗସି । ଇ' ନିଦାନେ ଗୁଟେ କଥା ଜନା ପଡୁଛେ କେହେନସି ଭି' ନିଦାନ୍ କେ ଖେଟବାର୍ ଆଘଲିନୁ ସେ ନିଦାନର୍ ମୁନୁଷ୍ ମାନକଁର୍ ନିଦାନ୍ କେ ଖେଟବାର୍ ଚାହି ।

ଇ' ଉପରେ ଆମର୍ ଫାଲର୍ ଗୁନୀ ଜ୍ଞାନୀ ଯେତେ ବନେ ଗୁରଦୁ କଥା କହି ଯାଇଛନ୍ । ହେଲେ ସେ ଫାଲର୍ ଝନେ ମହା ଜ୍ଞାନୀକଁର୍ କଥା ସବୁଠାନୁନ୍ ବରକସ୍ ଆର୍ ମୋଲର୍ ଆଏ ବାଗିର୍ ଲାଗସି । ସେ କହିଛନ୍ କେହେନସି ଭି' ସଭ୍ୟତା କେ ମୁଲୁହୁ ଧସକାବାର୍ ଲାଗତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତିନ୍ କିସମର୍ ବାଟ୍ ଅଛେ, ଶିକ୍ଷା, ପରିବାର୍ ଆର୍ ଆଦର୍ଶର୍ ଧସକେନ୍ । କେହେନସି ଦେଶର୍ କି ରାଏଜର୍ ପେହେଚାନ୍ ଆର୍ ଅସଲ୍ ନିହି ହେଉଛେ ସେ ଦେଶ୍ ରାଏଜର୍ 'ଶିକ୍ଷା' । ଶିକ୍ଷକ୍ ମାନକୁଁ ମୋଲ୍ ନି' ଦେଲେ କି' ତାଁକର୍ ମୋଲ୍ ନି' ବୁଝଲେ ଶିକ୍ଷା ଧସକି ଯାଏସି । ଇ' କିସମେ ମାଁ" କୁଁ ମୋଲ୍ ନି'ଦେଲେ ପରିବାର୍ ଖାର୍ ହି' ଯାଏସି । ହେନତା ଗୁନୀ ଜ୍ଞାନୀ ମାନକୁଁ କେରେଇ ହେଲେ, ସମାଜର୍ କେଚଡା ଠାବ୍ କଲେ ହର୍ କିସମର୍ ମୁନୁଷ୍ ପନ୍ ଖାର୍ ହି' ଯାଏସି । ଇତାର୍ ଉଧେ ମୁନୁଷର୍ ଅସଲ୍ ପନ୍ ଆର୍ 'ଚରିତ୍ର' ଗଠନ୍ ଟଲ୍ ମଲେଇ ଯାଏସି । ଇହାଛିନର୍ ସମାଜ୍ ଥିଁ ଇ' ତିନ୍ କିସମର୍ ହେଉ କି' ତିନ୍ ଝନକଁର୍ ହେଉ ଇମାନକଁର୍ ମୋଲ୍ କେନ୍ ବି' ଗଲେ ବୁଝବାର୍ ଲଗତି ନାରାଜ୍, ଇମାନକଁର୍ ମୋଲ୍ ତଲକେ ତଲ୍ ଖସରତେଲ୍ ଯାଉଛେ, ଯେନଟା କେ ଏଭର୍ ଯୁଆନ୍ ପିଢି ଭୁଗୁଛନ୍ ଆର୍ ଇ' କଥା କେ' କେନ୍ ନି' ବଲି ପାରବେ କାଏଁ ?

ହଁ ଇ' ତିନଟାର୍ ମୋଲ୍ କେ ଯଦରବି ହୁସିଆର୍ ଥାଇକରି ଆମର୍ ଦେଶ୍ ଆର୍ ରାଏଜ୍ ମୁଲୁହୁ ଯୁଗି ଥିତେ ବଏଲେ ଇହାଛିନିର୍ 'କରୋନା' ଯେନଟା କି' ଗୁଲା ପୁରଥି  କେ ଡରେଇ କରି ଚାପିଛେ ତାର୍ ତାଉ ଆମକେ ଇହାଛିନ୍ ନି',ଦେଖୁ ଥିତା । ଇ' ପଦେକର୍ ନିଦାନ୍ କେ ଖେଟବାର୍ ଲାଗତି ହର୍ ମୁନୁଷ୍ ସୋର୍ ଥିବାର୍ ମୁନୁଷ୍ କେ ବେଲ୍ ନି' ଲାଗେ ବାଗିର୍ ଲାଗସି ।

ଟିଟିଲାଗଡ଼, ବଲାଙ୍ଗୀର

ମୋ : ୭୬୮ ୪୮୬ ୯୬୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭଗବତ୍ ଜ୍ଞାନ



ସହଦେବ ପ୍ରଧାନ

ଓଁ ନମଃ ଭଗବତେ ବାସୁଦେବାୟ !

ନାରାୟଣଂ ନମସ୍କୃତ୍ୟଂ ନରଂଚୈବ ନରୋତ୍ତମଂ
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟ ମୁଦିରୟେତ୍ ।
ମୂକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିଂ
ଯତ୍କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ ।
ନିଗମକଳ୍ପତରୋର୍ଗଳିତଂ ଫଳଂ ଶୁକମୁଖାଦମୃତଦ୍ରବସଂଯୁତମ୍ ।
ପିବତ ଭାଗବତଂ ରସମାଳୟଂ ମୁହୁରହୋ ରସିକା ଭୁବି ଭାବୁକାଃ ।

ଶ୍ରୀମଦ୍ଭାଗବତ ମହାପୁରାଣର ୧୨ଶ ସ୍କନ୍ଧ ବିଷୟସୂଚୀ ଏବଂ ଅଧ୍ୟାୟଗତ ସାରାଂଶ -

ଶ୍ରୀମଦ୍ଭାଗବତ ମହାପୁରାଣର ୧୨ଟି ସ୍କନ୍ଧ ମଧ୍ୟରୁ ଏହି ସଂସ୍କରଣରେ ଶେଷ ତଥା ୧୨ଶ ସ୍କନ୍ଧ ବିଷୟରେ ସବିସ୍ତୃତ ବିବରଣ ପ୍ରଦାନ କରାଯାଉଛି । ଦ୍ୱାଦଶ ସ୍କନ୍ଧର ବିଷୟ ସୂଚୀଠାରୁ ଆରମ୍ଭ କରି ସର୍ବମୋଟ ୧୩ଟି ଅଧ୍ୟାୟର ସାରାଂଶ ଏଠାରେ ବର୍ଣ୍ଣନା କରାଯାଉଛି । ତେଣୁ ହେ ପ୍ରିୟ ପାଠକବୃନ୍ଦ - ଭାଗବତରୂପୀ ଅମୃତ ପାନ କରିବା ହୁଅନ୍ତୁ ।

ଆନନ୍ଦେ କର ସୁଧା ପାନ । ଯେଣେ ପାଇବ ଦିବ୍ୟ ଜ୍ଞାନ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦ୍ୱାଦଶ ସ୍କନ୍ଧ - ୧୩ ଟି ଅଧ୍ୟାୟ(ଆଶ୍ରୟ) ଭାଗବତର ୧୦ମ ଲକ୍ଷଣ

| ସଂଖ୍ୟା | ଅଧ୍ୟାୟ | ବିଷୟ ବସ୍ତୁ |
|---|---|---|
| ୧ | ପ୍ରଥମ | କଳିଯୁଗର ରାଜବଂଶ ବର୍ଣ୍ଣନା । |
| ୨ | ଦ୍ୱିତୀୟ | କଳିଯୁଗର ଲକ୍ଷଣ; କଳ୍କି ଅବତାର ଏବଂ ସତ୍ୟଯୁଗ ଆଗମନର ସୂଚନା । |
| ୩ | ତୃତୀୟ | ରାଜାମାନଙ୍କର ଆଚରଣରେ ଧରିତ୍ରୀର ଉପହାସ; ଯୁଗଧର୍ମ ବିଚରଣ ଏବଂ କଳିଯୁଗରେ ନାମ ସଂକୀର୍ତ୍ତନର ମହତ୍ତ୍ୱ । |
| ୪ | ଚତୁର୍ଥ | ଚାରି ପ୍ରକାର ପ୍ରଳୟ ବର୍ଣ୍ଣନା । |
| ୫ | ପଞ୍ଚମ | ଶ୍ରୀ ଶୁକଦେବଙ୍କ ଅନ୍ତିମ ଜ୍ଞାନ ଉପଦେଶ ଓ ପରୀକ୍ଷିତଙ୍କର ମୃତ୍ୟୁଭୟ ନିବାରଣ । |
| ୬ | ଷଷ୍ଠ | ପରୀକ୍ଷିତଙ୍କର ପରମ ଗତି ଲାଭ; ଜନ୍ମେଜୟଙ୍କ ସର୍ପଯଜ୍ଞ ଏବଂ ବେଦତ୍ରୟୀର ଶାଖାଭେଦ । |
| ୭ | ସପ୍ତମ | ଅଥର୍ବ ବେଦର ବିଭିନ୍ନ ଶାଖା ଓ ପୁରାଣମାନଙ୍କର ଲକ୍ଷଣ ଆଦି ବର୍ଣ୍ଣନ । |
| ୮ | ଅଷ୍ଟମ | ମାର୍କଣ୍ଡେୟଙ୍କର ତପସ୍ୟା ଓ ବରପ୍ରାପ୍ତି । |
| ୯ | ନବମ | ମାର୍କଣ୍ଡେୟଙ୍କ ମୟା ପ୍ରଳୟ ଦର୍ଶନ । |
| ୧୦ | ଦଶମ | ମାର୍କଣ୍ଡେୟଙ୍କୁ ମହାଦେବଙ୍କର ବରଦାନ । |
| ୧୧ | ଏକାଦଶ | ଭଗବାନଙ୍କ ଅଙ୍ଗ, ଉପାଙ୍ଗ ଓ ଆୟୁଧମାନଙ୍କ ରହସ୍ୟ; ନିଜ ନିଜ ଗଣଙ୍କ ସହ୧୨ଶ ଆଦିତ୍ୟଙ୍କ ସରଣ । |

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୨ ଦ୍ୱାଦଶ ଶ୍ରୀମଦ୍ଭାଗବତୋକ୍ତ ବିଷୟ ବସ୍ତୁର ସଂକ୍ଷିପ୍ତ ବିବରଣ ଏବଂ ଭାଗବତ ପାଠର ମହିମା ।

୧୩ ତ୍ରୟୋଦଶ ବିଭିନ୍ନ ପୁରାଣମାନଙ୍କର ଶ୍ଳୋକ ସଂଖ୍ୟା ନିରୂପଣ ଏବଂ ଶ୍ରୀମଦ୍ଭାଗବତର ଶ୍ରେଷ୍ଠତ୍ୱ ପ୍ରତିପାଦନ ।

ଦ୍ୱାଦଶ ସ୍କନ୍ଧ ଅଧ୍ୟାୟଗତ ସାରାଂଶ

ପ୍ରଥମ ଅଧ୍ୟାୟରେ କଳିଯୁଗର ରାଜବଂଶ ବର୍ଣ୍ଣନ । ବୃହଦ୍ରଥଙ୍କ ୨ୟ ପତ୍ନୀର ପୁତ୍ର ଜାରାସନ୍ଧର ୨୧ ପୀଢ଼ି ପରେ ଏହି ବଂଶର ଶେଷ ରାଜା ରିପୁଞ୍ଜୟ (ପୁରଞ୍ଜୟ) । ରିପୁଞ୍ଜୟଙ୍କ ମନ୍ତ୍ରୀଙ୍କ ନାମ ଶୁନକ । ସେ ରାଜାଙ୍କୁ ମାରି ଦେଇ ନିଜ ପୁତ୍ର ପ୍ରଦ୍ୟୋତଙ୍କୁ ରାଜା କରାଇଦେଲେ । ପ୍ରଦ୍ୟୋତଙ୍କ ପୁତ୍ର ପାଳକ – ତା ସୁତ ବିଶାଖଯୂପ - ତା ସୁତ ରାଜକ – ତା ସୁତ ନନ୍ଦିବର୍ଦ୍ଧନ । ପ୍ରଦ୍ୟୋତ ବଂଶର ଏହି ୫ ଜଣ ରାଜା ହେଲେ । ଏମାନେ 'ପ୍ରଦ୍ୟୋତନ' (ସଙ୍କ୍ଷାରେ) ବୋଲାଉଥିଲେ । ଏମାନେ ୧୩୮ ବର୍ଷ ରାଜତ୍ୱ କଲେ । ତାପରେ ଶିଶୁନାଗ ବଂଶ ଆରମ୍ଭ ହେଲା । ଶିଶୁନାଗଙ୍କ ପୁତ୍ର କାକବର୍ଣ୍ଣ । ତା ସୁତ କ୍ଷେମଧର୍ମା – ତା ସୁତ କ୍ଷେତ୍ରଜ୍ଞ । ତା ସୁତ ବିଧିସାର (ବିମ୍ବିସାର) – ତା ସୁତ ଅଜାତଶତ୍ରୁ – ତା ସୁତ ଦର୍ଭକ (ଦର୍ଶକ) – ତା ସୁତ ଅଜୟ (ଉଦୟ/ଉଦାସନ) – ତା ସୁତ ନନ୍ଦିବର୍ଦ୍ଧନ - ତା ସୁତ ମହାନନ୍ଦୀ । ଶିଶୁନାଗ ବଂଶରେ ଏହି ୧୦ ଜଣ ରାଜା ହେଲେ । ମତ୍ସ୍ୟ ପୁରାଣ ଅନୁଯାୟୀ ଏମାନେ ୩୬୦ ବର୍ଷ ରାଜତ୍ୱ କଲେ । ମହାନନ୍ଦୀଙ୍କର ଶୁଦ୍ରାପତ୍ନୀ ଗର୍ଭରୁ ନନ୍ଦ ନାମକ ପୁତ୍ର ଜନ୍ମ ହେଲେ । ସେ ବଳବାନ୍ ଓ ପ୍ରଭାବଶାଳୀ ହେବାରୁ ତାଙ୍କୁ ମହାପଦ୍ମନନ୍ଦ କୁହାଗଲା । ସେ କ୍ଷତ୍ରୀୟ କୂଳର ବିନାଶକ । ତା ପରଠାରୁ ରାଜାମାନେ ଶୁଦ୍ର ଓ ଅଧର୍ମୀ ହୋଇଗଲେ ।

ମହାପଦ୍ମନନ୍ଦ ଏକଛତ୍ର ଶାସନ କରି କ୍ଷତ୍ରୀୟମାନଙ୍କୁ ପୃଥିବୀରୁ ବିନାଶ କଲେ । ତେଣୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ୨ୟ ପର୍ଶୁରାମ ବୋଲାଇଲେ । ତାଙ୍କର ସୁମାଲ୍ୟ ଆଦି ୮ଟି ପୁତ୍ର ୧୦୦ ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କଲେ । ଉଗ୍ରସେନ, ପାଣ୍ଡୁକ, ପାଣ୍ଡିଗତି, ଭୂତପତି, ରାଷ୍ଟ୍ରପାଳ, ଗୋବିଶଙ୍କ, ଦଶୈଶ୍ଧକ, କୈବର୍ତ୍ତ ଓ ନନ୍ଦ । ଚାଣକ୍ୟ (ବାତ୍ସାୟନ/କୌଟିଲ୍ୟ) ବ୍ରାହ୍ମଣ, ନନ୍ଦବଂଶକୁ ଧ୍ୱଂସ କଲେ । ମୌର୍ଯ୍ୟବଂଶର ପ୍ରତିଷ୍ଠା କଲେ । ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, ଏହି ବଂଶର ୧ମ ରାଜା । ଚନ୍ଦ୍ରଗୁପ୍ତଙ୍କର ପୁତ୍ର ବାରିସାର (ବିନ୍ଦୁସାର) – ତା ସୁତ ଅଶୋକବର୍ଦ୍ଧନ । ତା ସୁତ ସୁଯଶ – ତା ସୁତ ସଙ୍ଗତ – ତା ସୁତ ଶାଳିଶୁକ – ତା ସୁତ ସୋମଶର୍ମା – ତା ସୁତ ଶତଧନ୍ୱା – ତା ସୁତ ବୃହଦ୍ରଥ । ମୌର୍ଯ୍ୟବଂଶର ଏହି ୧୦ ଜଣ ରାଜା ୧୩୭ ବର୍ଷ ରାଜତ୍ୱ କଲେ । (ଦଶରଥ ଏହି ବଂଶର ୫ମ ରାଜା ବୋଲି ବିଷ୍ଣୁ ପୁରାଣରେ ଲେଖା ଅଛି) ।

ବୃହଦ୍ରଥଙ୍କ ସେନାପତି ପୁଷ୍ପମିତ୍ର ଶୃଙ୍ଗ, ରାଜାଙ୍କୁ ମାରି ଶୃଙ୍ଗବଂଶ ପ୍ରତିଷ୍ଠା କଲେ । ପୁଷ୍ପମିତ୍ରଙ୍କ ପୁତ୍ର ଅଗ୍ନିମିତ୍ର – ତା ସୁତ ସୁଜ୍ୟେଷ୍ଠ – ତା ସୁତ ବସୁମିତ୍ର – ତା ସୁତ ଭଦ୍ରକ – ତା ସୁତ ପୁଲିନ୍ଦ - ତା ସୁତ ଘୋଷ – ତା ସୁତ ବଜ୍ରମିତ – ତା ସୁତ ଭାଗବତ – ତା ସୁତ ଦେବଭୂତି । ଶୃଙ୍ଗବଂଶର ଏହି ୧୦ ଜଣ ରାଜା ୧୧୨ ବର୍ଷ ରାଜତ୍ୱ କଲେ । ଶୃଙ୍ଗବଂଶୀଙ୍କ ଶେଷ ରାଜା ଦେବଭୂତିର ମନ୍ତ୍ରୀ ବସୁଦେବ ରାଜାଙ୍କୁ ମାରି କଣ୍ୱ ବଂଶ ସ୍ଥାପନ କଲେ । ବସୁଦେବଙ୍କ ପୁତ୍ର ଭୂମିତ୍ର (ଭୂମିମିତ୍ର) – ତା ସୁତ ନାରାୟଣ – ତା ସୁତ ସୁଶର୍ମା (ସୁଶ୍ରମଣ) । କଣ୍ୱ ବଂଶରେ ଏହି ୪ ଜଣ ରାଜା କାଣ୍ୱାୟନ ବୋଲାଇ ୩୪୫ ବର୍ଷ ରାଜତ୍ୱ କଲେ । (କିନ୍ତୁ ଇତିହାସ ଅନୁସାରେ କଣ୍ୱ ବଂଶ ଖ୍ରୀଷ୍ଟପୂର୍ବ ୭୫ ରୁ ୩୦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ) । କଣ୍ୱବଂଶୀ ସୁଶର୍ମାଙ୍କ ଶୂଦ୍ରସେବକ (ଅନ୍ଧ୍ରଜାତିର) ବଳୀ (ଶୀମୂକ), ସୁଶର୍ମାଙ୍କୁ ମାରିଦେଇ ରାଜା ହେଲେ । ତା ପରେ (ସାତବାହାନ ବଂଶ) ବଳୀର ଭାଇ କୃଷ୍ଣ ରାଜା ହେଲେ । କୃଷ୍ଣର ପୁତ୍ର ଶ୍ରୀଶାନ୍ତକର୍ଣ୍ଣ (ସାତକର୍ଣ୍ଣୀ) – ତା ସୁତ ପୌର୍ଣ୍ଣମାସ – ତା ସୁତ ଲମ୍ବୋଦର – ତା ସୁତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚିବିଳକ – ତା ସୁତ ମେଘସ୍ୱାତି – ତା ପୁତ୍ର ପୌତ୍ରାଦି କ୍ରମେ - ଅଟମାନ - ଅନିଷ୍ଟକର୍ମା – ହାଲେୟ – ତଳକ – ପୁରୀଷଭୀରୁ – ତା ସୁତ ସୁନନ୍ଦନ - ଚକୋର । ଚକୋରଙ୍କ ୮ଟି ପୁତ୍ର । ସେମାନେ 'ବହୁ' ବୋଲାଇଲେ । ସେମାନଙ୍କ ମଧ୍ୟରୁ ସର୍ବକନିଷ୍ଠ ପୁତ୍ର ଶିବସ୍ୱାତି । ତା ପୁତ୍ର ଗୋମତୀ ପୁତ୍ର – ତା ପରେ ପୁତ୍ର ପୁରୀମାନ୍ – ମେଦଃଶିରା – ଶିବସ୍କନ୍ଦ - ଯଜ୍ଞଶ୍ରୀ – ତା ସୁତ ବିଜୟ । ବିଜୟଙ୍କର ୨ ପୁତ୍ର – ଚନ୍ଦ୍ରବିଜ୍ଞ ଓ ଲୋମଧି । ଏହି ୩୦ ଜଣ ରାଜା ୪୫୬ ବର୍ଷ ରାଜୁତି କଲେ ।

ସେମାନଙ୍କ ପରେ ଅବଭୁତି ନଗରୀର ୭ ଜଣ ଆଭୀର, ୧୦ ଜଣ ଗର୍ଦଭୀ ଓ ୧୬ ଜଣ କଙ୍କ ଶାସନ କଲେ । ସେମାନେ ଅତ୍ୟନ୍ତ ଲୋଭୀ । ତା ପରେ ୮ ଜଣ ଯବନ ଓ ୧୪ ଜଣ ତୁର୍କ ଶାସନ କଲେ । ତା ପରେ ୧୦ ଜଣ ଗୁରୁଣ୍ଡ ଓ ୧୧ ଜଣ ମୌନ ରାଜା ହେଲେ । ମୌନଙ୍କ ବ୍ୟତୀତ ଅନ୍ୟମାନେ ୧୦୯୯ ବର୍ଷ ଶାସନ କଲେ । ଏବଂ ଉକ୍ତ ୧୧ ଜଣ ମୌନ ୩୦୦ ବର୍ଷ ଶାସନ କଲେ । ଏମାନଙ୍କ ପରେ କିଳିକିଳା ନାମକ ନଗରୀରେ ଭୂତନନ୍ଦ ରାଜା ହେଲେ । ତାଙ୍କର ପୁତ୍ର, ବଙ୍ଗିରି – ତା ଭାଇ ଶିଶୁନନ୍ଦି ଓ ଯଶୋନନ୍ଦି ତଥା ପ୍ରବୀରକ ୧୦୬ ବର୍ଷ ରାଜୁତି କଲେ । ସେମାନଙ୍କର ୧୩ ଜଣ ପୁତ୍ର ହେଲେ ଓ ବାହ୍ଲିକ ବୋଲାଇଲେ । ଏମାନଙ୍କ ପରେ ପୁଷ୍ପମିତ୍ର ନାମ ଜଣେ କ୍ଷତ୍ରୀୟ ଓ ତା ସୁତ ଦୁର୍ମିତ୍ରଙ୍କର ରାଜୁତି ଚାଲିଲା । ବାହ୍ଲିକ ବଂଶୀ ରାଜାମାନେ କେତେକ ବିଦୁର ଭୂମିର ଓ କେତେକ ନିଷଧ ଦେଶର ରାଜା ହେଲେ ।

ଏମାନଙ୍କ ପରେ ମଗଧର ରାଜା ହେଲେ ବିଶ୍ୱସ୍ଫୂର୍ଜି । ସେ ୨ୟ ପୁରଞ୍ଜୟ ବୋଲାଇଲେ । ସେ ବଡ଼ ମନ୍ଦବୁଦ୍ଧିର ରାଜା ଥିଲେ । ସେ କ୍ଷତ୍ରୀୟ, ବ୍ରାହ୍ମଣ ଓ ବୈଶ୍ୟମାନଙ୍କୁ ପୀଢ଼ା ଦେଲେ । ତାଙ୍କ ରାଜଧାନୀ ପଦ୍ମାବତୀପୁର । ବ୍ରାହ୍ମଣମାନଙ୍କର ଆଧିପତ୍ୟ କମ୍ ହୋଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମ୍ଳେଚ୍ଛ ପ୍ରଭାବଶାଳୀ ହେଲେ । ତା ପରେ କଳିଯୁଗର ଘୋର ପ୍ରଭାବ ପଡ଼ିଲା । ରାଜା, ପ୍ରଜା ସମସ୍ତେ ଅସଦାଚାରୀ, ମିଥ୍ୟାବାଦୀ, ଲମ୍ପଟୀ ହେଲେ ।

ଦ୍ୱିତୀୟ ଅଧ୍ୟାୟରେ କଳିଯୁଗର ଲକ୍ଷଣ; କଳ୍କି ଅବତାର ଏବଂ ସତ୍ୟଯୁଗ ଆଗମନର ସୂଚନା ବର୍ଣ୍ଣିତ । ଏହି ଅଧ୍ୟାୟରେ ପୁରୁଷ, ସ୍ତ୍ରୀ ମାନଙ୍କର ସ୍ୱଭାବ, ରାଜା, ପ୍ରଜାମାନଙ୍କର ଆଚାର ବ୍ୟାବାହାର ଇତ୍ୟାଦି ବର୍ଣ୍ଣନା କରାଯାଇଛି । ପ୍ରାଣୀମାନେ କିପରି ପ୍ରାକୃତିକ ବିପର୍ଯ୍ୟୟରେ ପୀଡ଼ିତ ହେବେ ସେହି ସବୁ ବିଷୟ ବର୍ଣ୍ଣନା କରାଯାଇଛି । ରାଜା ପରୀକ୍ଷିତଙ୍କର ଜନ୍ମକାଳଠାରୁ ନନ୍ଦଙ୍କ ଅଭିଷେକ ପର୍ଯ୍ୟନ୍ତ ସମୟ ମୋଟ ୧୧୧୫ ବର୍ଷ । କଳିଯୁଗର ଆୟୁଷ ଦେବତାମାନଙ୍କର ୧୨ ବର୍ଷ ତଥା ମନୁଷ୍ୟମାନଙ୍କର ୪,୩୨.୦୦୦ ବର୍ଷ ।

ଭୀଷ୍ମଙ୍କ ପିତା ଶାନ୍ତନୁଙ୍କ ଭାଇ ଦେବାପି ଓ ଇକ୍ଷ୍ୱାକୁବଂଶୀ ମରୁ ବର୍ତ୍ତମାନ ବି କଳାପ ଗ୍ରାମରେ ଅଛନ୍ତି ବୋଲି ବର୍ଣ୍ଣିତ ।

ତୃତୀୟ ଅଧ୍ୟାୟରେ ରାଜାମାନଙ୍କର ଆଚରଣରେ ଧରିତ୍ରୀର ଉପହାସ; ଯୁଗଧର୍ମ ବିଚରଣ ଏବଂ କଳିଯୁଗରେ ନାମ ସଂକୀର୍ତ୍ତନର ମହତ୍ତ୍ୱ ଇତ୍ୟାଦି ବର୍ଣ୍ଣନା କରାଯାଇଛି । ପ୍ରଜାମାନେ ଅଧର୍ମୀ, ରାଜା ଅନ୍ୟାୟୀ, ଅତ୍ୟାଚାରୀ ହେବେ । କଳିଯୁଗର ଦୋଷରୁ ରକ୍ଷା ପାଇବାର ଏକମାତ୍ର ଉପାୟ ହେବ ନାମ ସଂକୀର୍ତ୍ତନ ।

ଏ କଳି ଯୁଗେ ଏକା ସାର । ଭଜନ ଶ୍ରୀକୃଷ୍ଣ ପୟର । ।
ସତ୍ୟଯୁଗର ଧ୍ୟାନ ଫଳ । ତ୍ରେତାରେ ଯଜ୍ଞାଦି ସକଳ । ।
ଦ୍ୱାପରେ ପୂଜାର ବିଧାନ । କଳିରେ ନାମ ସଂକୀର୍ତ୍ତନ । । ୧୨/୩/୫୨

ଚତୁର୍ଥ ଅଧ୍ୟାୟରେ ଚାରି ପ୍ରକାର ପ୍ରଳୟ ବର୍ଣ୍ଣନା ହୋଇଛି । ଚାରି ପ୍ରକାର ପ୍ରଳୟର ନାମ – ନୈମିତ୍ତିକ, ପ୍ରାକୃତିକ, ନିତ୍ୟ ଓ ଆତ୍ୟନ୍ତିକ । ୧୦୦୦ ଚତୁର୍ଯୁଗୀରେ ବ୍ରହ୍ମାଙ୍କର ୧

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦିନ ହୁଏ । ବ୍ରହ୍ମାଙ୍କର ଏହି ଗୋଟିଏ ଦିନକୁ ୧ କଳ୍ପ କୁହାଯାଏ । ଗୋଟିଏ କଳ୍ପରେ ୧୪ ମନୁ ହୁଅନ୍ତି । ପ୍ରତି କଳ୍ପ ଶେଷରେ ପ୍ରଳୟ ହୁଏ । ୧ କଳ୍ପର ସମୟ ୧ପ୍ରଳୟର ସମୟ ସହ ସମାନ । ପ୍ରଳୟକୁ ବ୍ରହ୍ମାଙ୍କର ରାତି ବୋଲି କୁହାଯାଏ । ପ୍ରଳୟ ସମୟରେ ତ୍ରିଭୂବନ ଲୀନ ହୋଇଯାଏ । ଏହାକୁ ନୈମିତ୍ତିକ ପ୍ରଳୟ କୁହାଯାଏ । ଏହି ସମୟରେ ବ୍ରହ୍ମା ଓ ବିଷ୍ଣୁ ଶୋଇପଡ଼ନ୍ତି ।

ନୈମିତ୍ତିକ ପ୍ରଳୟ ବ୍ରହ୍ମାଙ୍କର ୧ ରାତିର ସମୟ । ଅର୍ଥାତ୍ ଏହାର ୨ ଗୁଣ ସମୟ ହେଉଛି ବ୍ରହ୍ମାଙ୍କର ୧ ଦିନ ଓ ୧ ରାତି । ଏପରି ରାତି ଦିନ ହୋଇ ବ୍ରହ୍ମାଙ୍କ ହିସାବରେ ୧୦୦ ବର୍ଷ (ମନୁଷ୍ୟମାନଙ୍କର ୨ ପରାର୍ଦ୍ଧ ବର୍ଷ) ହେଲା ପରେ ମହତ୍ତ୍ୱ, ଅହଂକାର ଓ ପତନ୍ମାତ୍ରା – ଏହି ୭ ପ୍ରକୃତି ମୂଳପ୍ରକୃତିରେ ଲୀନ ହୋଇଯାଏ । ଏହାକୁ ପ୍ରାକୃତିକ ପ୍ରଳୟ କୁହାଯାଏ । ଏଥିରେ ଅଗ୍ନି ପ୍ରଳୟ ଓ ଜଳ ପ୍ରଳୟ ହୁଏ । ବିବେକରୂପୀ ଖଡ୍ଗରେ ମାୟାମୟ ଅହଂକାରର ବନ୍ଧନ କାଟି ଦେଲେ, ଜୀବ ନିଜର ବିଶୁଦ୍ଧ ଆତ୍ମସ୍ୱରୂପର ସାକ୍ଷାତ୍କାର ପାଇଯାଏ । ଆତ୍ମାର ଏହି ମାୟାମୁକ୍ତ ବାସ୍ତବିକ ସ୍ଥିତିକୁ ହିଁ "ଆତ୍ୟନ୍ତିକ ପ୍ରଳୟ" କୁହାଯାଏ । ବ୍ରହ୍ମାଙ୍କଠାରୁ ଆରମ୍ଭ କରି ତୃଣ ପର୍ଯ୍ୟନ୍ତ ଯେତେ ପ୍ରାଣୀ ବା ପଦାର୍ଥ, ସମସ୍ତେ ଜନ୍ମ ହୁଅନ୍ତି ଓ ମରନ୍ତି । ଏମାନଙ୍କର ଅହରହ ଉତ୍ପତ୍ତି ଓ ପ୍ରଳୟ ହେଉଛି । ପ୍ରତିଦିନ ଓ ଅନୁକ୍ଷଣ ଉତ୍ପତ୍ତି ଓ ପ୍ରଳୟ ହେଉଛି । ଏହାର ନାମ 'ନିତ୍ୟ ପ୍ରଳୟ' ।

ପଞ୍ଚମ ଅଧ୍ୟାୟରେ ଶ୍ରୀ ଶୁକଦେବଙ୍କ ଅନ୍ତିମ ଜ୍ଞାନ ଉପଦେଶ ଓ ପରୀକ୍ଷିତଙ୍କର ମୃତ୍ୟୁଭୟ ନିବାରଣ ।

"ନ ଭବିଷ୍ୟସି ଭୂତ୍ୱା ତ୍ୱଂ ପୁତ୍ରପୌତ୍ରାଦିରୂପବାନ୍ ।

ବୀଜାଙ୍କୁରବଦ୍ ଦେହାଦେର୍ବ୍ୟତିରିକ୍ତୋ ଯଥାନଳଃ । ।"

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅର୍ଥାତ୍ ଶୁକଦେବ ପରୀକ୍ଷିତଙ୍କୁ କହୁଛନ୍ତି, "ଯେପରି ବୀଜରୁ ଅଙ୍କୁର ଏବଂ ଅଙ୍କୁରରୁ ବୀଜ ଉତ୍ପନ୍ନ ହୁଏ, ସେହିପରି ଏକ ଦେହରୁ ଅନ୍ୟ ଦେହ ଓ ସେହି ଦ୍ୱିତୀୟ ଦେହରୁ ଏକ ତୃତୀୟ ଦେହ ଉତ୍ପନ୍ନ ହୋଇଯାଏ । କିନ୍ତୁ ତୁମେ କାହାଠାରୁ ଉତ୍ପନ୍ନ ହୋଇନାହଁ, କି ଭବିଷ୍ୟତରେ ବି ପୁତ୍ରପୌତ୍ରାଦିଙ୍କ ଶରୀରରୂପେ ଉତ୍ପନ୍ନ ହେବ ନାହିଁ । ଅଗ୍ନି ଯେପରି କାଠଠାରୁ ସମ୍ପୂର୍ଣ୍ଣ ପୃଥକ୍ ଅର୍ଥାତ୍ ତାହା କାଠର ଉତ୍ପତ୍ତି ଓ ବିନାଶରୁ ସର୍ବଥା ଅତୀତ, ସେହିପରି ତୁମେ ମଧ୍ୟ ଶରୀର ଆଦି ଠାରୁ ସର୍ବଥା ଭିନ୍ନ ।

ସ୍ୱପ୍ନେ ଯେ ମୁଣ୍ଡକାଟଯାଇ । ପ୍ରାଣତ୍ୟାଗ ହୋଇଣ ଥାଇ । ।
ନିଦ୍ରାଭଙ୍ଗରେ ମିଥ୍ୟା ହୋଇ । ଏ ଭାବେ ଜନ୍ମ ମୃତ୍ୟୁ ଦୁଇ । ।
ଏ ଆତ୍ମା ଶରୀରୁ ବିଲଗ । ଜନ୍ମ ମରଣେ ନାହିଁ ସଙ୍ଗ । । ୧୨/୫/୪
ଘଟର ଭିତରେ ଆକାଶ । ସେ ଘଟ ଯେବେ ହୋଏ ନାଶ । ।
ଆକାଶ ପୂର୍ଣ୍ଣମୟ ଦିଶେ । ଘଟ ବିଯୋଗ ରହେ ଶେଷେ । ।
ସେ ଭାବେ ଦେହ ନାଶ ଗଲେ । ଜୀବ ମିଶଇ ବ୍ରହ୍ମ ତୁଲେ । ।
ଘଟର ବିନାଶ ହୁଅଇ । ଜନ୍ମ ମରଣ ତାର ନାହିଁ । ।
ଏ ଜୀବ ବିନାଶ ନୁହଁଇ । ପୁଣ ଶରୀରେ ପ୍ରକାଶଇ । । ୧୨/୫/୫
ମନ ହିଁ ଦେହ ଗୁଣ କର୍ମ । ଆପଣେ କରଇ ସୃଜନ । ।
ସେ ମନ ମାୟାରୁ ସମ୍ଭବ । ତେଣୁ ଜନମ ମୃତ୍ୟୁ ଲାଭ । । ୧୨/୫/୬
ମାୟା ଦେହର ଅଧିଷ୍ଠାନ । ଦେହ ସଂଯୋଗ ବିଯୋଗେଣ । ।
ଯେସନେ ପ୍ରଦୀପ ଜଳଇ । ଘୃତ ବଳିତା ଯୋଗ ପାଇ । ।
ତାହାକୁ ଅସଂଯୋଗ କଲେ । ଅଗ୍ନି ଅଦୃଶ୍ୟ ହୋଏ ଭଲେ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମନ୍ତ ଜୀବ କର୍ମଯୋଗେ । ଦେହରେ ସଂଯୋଗ ବିଯୋଗେ ।।
ଜନ୍ମ ମରଣ ତିନି ଗୁଣେ । ଜନମ ହୋଇ ରଜୋଗୁଣେ ।।
ତମ ଗୁଣରେ ନାଶ ଯାଇ । ସତ୍ତ୍ୱଗୁଣରୁ ସେ ବଢ଼ଇ ।। ୧୨/୫/୭

ଅର୍ଥାତ୍ ଯେ ପର୍ଯ୍ୟନ୍ତ ତେଲ, ତେଲ ରହିବାର ଅଧାର, ସଳିତା ଓ ଅଗ୍ନି ସଂଯୋଗ ହୋଇ ରହିଥାନ୍ତି, ସେ ପର୍ଯ୍ୟନ୍ତ ଦୀପର ଦୀପତ୍ୱ ରହିଥାଏ । ଠିକ୍ ସେହିପରି, ଯେ ପର୍ଯ୍ୟନ୍ତ କର୍ମ, ମନ, ଶରୀର ଓ ସେଥିରେ ରହିଥିବା ଚୈତନ୍ୟାଧ୍ୟାସ ସହିତ ଜୀବାତ୍ମାର ସମ୍ବନ୍ଧ ରହିଥାଏ, ସେ ପର୍ଯ୍ୟନ୍ତ ତାକୁ ଜନ୍ମମୃତ୍ୟୁମୟ ସଂସାର-ଚକ୍ରରେ ଘୂରିବାକୁ ପଡ଼ିଥାଏ ଏବଂ ସତ୍ତ୍ୱଗୁଣ, ରଜୋଗୁଣ ଓ ତମୋଗୁଣର ବୃତ୍ତିମାନଙ୍କ ଦ୍ୱାରା ତାକୁ ଉତ୍ପନ୍ନ, ସ୍ଥିତ ଏବଂ ବିନଷ୍ଟ ହେବାକୁ ପଡ଼ିଥାଏ ।

ଶରୀରେ ଆତ୍ମା ଲାଗି ନାହିଁ । ଆତ୍ମା ଯେ ଜ୍ୟୋତି ସ୍ୱରୂପ ହିଁ ।।
ବ୍ୟକ୍ତ ଅବ୍ୟକ୍ତ ବେନି ପର । ଆକାଶ ପ୍ରାୟେ ସର୍ବାଧାର ।।
ସର୍ବବ୍ୟାପୀ ଯେ ନିର୍ବିକାର । ଅନ୍ତ ଉପମା ନିହିଁ ଯାର ।। ୧୨/୫/୮

ଷଷ୍ଠ ଅଧ୍ୟାୟରେ ପରୀକ୍ଷିତଙ୍କର ପରମ ଗତି ଲାଭ; ଜନ୍ମେଜୟଙ୍କ ସର୍ପଯଜ୍ଞ ଏବଂ ବେଦତ୍ରୟୀର ଶାଖାଭେଦ ବିଷୟ ବର୍ଣ୍ଣନା କରାଯାଇଛି । ପରୀକ୍ଷିତ ନିଜର ଅନ୍ତରାତ୍ମାକୁ ପରମାତ୍ମାଙ୍କଠାରେ ସମାହିତ କରି ସମାଧିସ୍ଥ ହୋଇଗଲେ । ସେ ଗଙ୍ଗା ତଟରେ ଉତ୍ତରକୁ ମୁଖ କରି କୁଶ ଆସନରେ ବସିଥିଲେ ଏବଂ ସେହି କୁଶଗୁଡ଼ିକର ଅଗ୍ରଭାଗ ପୂର୍ବଆଡ଼କୁ ରହିଥିଲା । ଅଙ୍ଗିରସ ପୁତ୍ର ଶୃଙ୍ଗୀଙ୍କ ଶାପ ଯୋଗୁଁ ପରୀକ୍ଷିତଙ୍କୁ ତକ୍ଷକ ଦଂଶନ କରିବାକୁ ଚାଲିଲା । ବାଟରେ ତକ୍ଷକ, କଶ୍ୟପ ନାମକ ବ୍ରହ୍ମଣକୁ ଦେଖିଲା, ଯିଏ କି ସର୍ପଦଂଶନ ଚିକିତ୍ସା ଜାଣିଥିଲା । କିନ୍ତୁ ତକ୍ଷକ, ସେହି ବ୍ରାହ୍ମଣକୁ ପ୍ରଚୁର ଧନ ଦେଇ ପରୀକ୍ଷିତଙ୍କୁ ଚିକିତ୍ସା କରିବାରୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବଞ୍ଚିତ କରି, ନିଜେ ସେହି ବ୍ରାହ୍ମଣର ରୂପ ଧରି ପରୀକ୍ଷିତଙ୍କୁ ଦଂଶନ କଲା । ପରୀକ୍ଷିତଙ୍କ ଶରୀର ବିଷାଗ୍ନିରେ ତକ୍ଷଣେ ଭସ୍ମୀଭୂତ ହାଇଗଲା  ।

ପରୀକ୍ଷିତଙ୍କୁ ତକ୍ଷକ ଦଂଶନ କରିବା ଶୁଣି ଜନ୍ମଜେୟ କ୍ରୋଧରେ ସର୍ପ ଯଜ୍ଞ କଲେ । ଅନେକ ସର୍ପଙ୍କୁ ଯଜ୍ଞରେ ଭସ୍ମ କରିଦେଲେ । ତକ୍ଷକ ଯାଇ ଇନ୍ଦ୍ରଙ୍କଠାରେ ଶରଣ ପଶିବାରୁ, ଜନ୍ମଜେୟଙ୍କ ନିର୍ଦ୍ଦେଶରେ ବ୍ରାହ୍ମଣମାନଙ୍କ ଦ୍ୱାରା ମନ୍ତ୍ରଦ୍ୱାରା ତକ୍ଷକ ସମେତ ଇନ୍ଦ୍ରଙ୍କୁ ଆହ୍ୱାନ କରିବାରୁ, ଇନ୍ଦ୍ର ଆସନ ଟଳମଳ ହେବାରୁ, ଅଙ୍ଗିରାପୁତ୍ର ବୃହସ୍ପତିଙ୍କ ଅନୁରୋଧରେ ଜନ୍ମଜେୟ ତକ୍ଷକକୁ କ୍ଷମା କରି ଛାଡ଼ିଦେଇ ଥିଲେ  । ସେ ସର୍ପଯଜ୍ଞ ବନ୍ଦକରି ଦେବଗୁରୁ ବୃହସ୍ପତିଙ୍କୁ ବିଧିପୂର୍ବକ ପୂଜା କଲେ  ।

କେହି କାହାକୁ ନ ମାରଇ । କାହାରେ କେହି ନ ଜୀଆଇ । ।
ଶୁଣ ରାଜନ ମନ ଦେଇ । ଜନ୍ମ ମରଣ କର୍ମେ ହୋଇ । ।
ଯେ ଯାହା ଅର୍ଜଇ ଭୁଞ୍ଜଇ । ବ୍ରହ୍ମାଶଙ୍କରେ ଆନ ନୋହି । ।
କେ କାର ସୁଖଦୁଃଖଦାତା । ଯେମନ୍ତେ ଲେଖିଛି ବିଧାତା । । ୧୨/୬/୨୫
ସର୍ପାଗ୍ନି ଚୌର ଜଳ କ୍ଷୁଧା । ବ୍ୟାଧି ତୃଷ୍ଣାଦି ଯେତେ ବାଧା । ।
ପ୍ରାଣୀ ଏମାନ ଭୋଗ କରେ । ଆପଣା ଅର୍ଜିତ କର୍ମରେ । ।
ଜନ୍ମ ମରଣ ଏହି ଭାବେ । ଈଶ୍ୱର ସଂଯୋଗ ବିଯୋଗେ । । ୧୨/୬/୨୬

ବ୍ୟାସଦେବ ମନ୍ତ୍ରସମୁଦାୟ ମଧ୍ୟରୁ ଭିନ୍ନ ଭିନ୍ନ ପ୍ରକରଣ ଅନୁସାରେ ମନ୍ତ୍ରମାନଙ୍କୁ ସଂଗ୍ରହ କରି ସେସବୁକୁ ଋଗ୍, ଯଜୁଃ, ସାମ ଓ ଅଥର୍ବ – ଏପରି ୪ଗୋଟି ସଂହିତାରେ ବିଭକ୍ତ କରିଦେଲେ ଏବଂ ନିଜର ୪ ଶିଷ୍ୟଙ୍କୁ ଡ଼କାଇ ପ୍ରତ୍ୟେକଙ୍କୁ ଗୋଟିଏ ଗୋଟିଏ ସଂହିତା ଶିକ୍ଷା ଦେଲେ  । ସେ 'ବହ୍ଵୃଚ' ନାମକ ପ୍ରଥମ ଋକ୍ ସଂହିତା ପୈଳଙ୍କୁ, 'ନିଗଦ' ନାମକ ଦ୍ୱିତୀୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯଜୁଃ ସଂହିତା ବୈଶମ୍ପାୟନଙ୍କୁ, ସାମଶ୍ରୁତିମାନଙ୍କର ଛନ୍ଦୋଗସଂହିତା' ଜୈମିନିଙ୍କୁ ଏବଂ 'ଅଥର୍ବାଙ୍ଗିରସସଂହିତା' ନିଜର ଶିଷ୍ୟ ସୁମନ୍ତୁଙ୍କୁ ପଢ଼ାଇଲେ । ପୈଳ ମୁନି ନିଜର ସଂହିତାକୁ ୨ ଭାଗ କରି ଗୋଟିଏ ଭାଗ ଇନ୍ଦ୍ରପ୍ରମିତିଙ୍କୁ ଓ ଅନ୍ୟଟି ବାଷ୍କଳଙ୍କୁ ପଢ଼ାଇଲେ । ବାଷ୍କଳ ମଧ୍ୟ ନିଜ ଶାଖାକୁ ୪ ଭାଗ କରିଦେଇ ସେ ସବୁକୁ ପୃଥକ୍ ପୃଥକ୍ ଭାବରେ ନିଜର ଶିଷ୍ୟ ବୋଧ୍ୟ, ଯାଜ୍ଞବଲ୍କ୍ୟ, ପରାଶର ଓ ଅଗ୍ନିମିତ୍ରଙ୍କୁ ପଢ଼ାଇଲେ । ପରମ ସଂଯମୀ ଇନ୍ଦ୍ରପ୍ରମିତି ପ୍ରତିଭାଶାଳୀ ମାଣ୍ଡୁକେୟ ଋଷିଙ୍କୁ ନିଜର ସଂହିତାଟି ପଢ଼ାଇଲେ । ମାଣ୍ଡୁକେୟଙ୍କ ଶିଷ୍ୟଙ୍କ ନାମ ଥିଲା ଦେବମିତ୍ର; ସେ ସୌଭରି ଆଦି ଋଷିମାନଙ୍କୁ ବେଦ ଅଧ୍ୟୟନ କରାଇଲେ । ମାଣ୍ଡୁକେୟଙ୍କ ପୁତ୍ରଙ୍କ ନାମ ଶାକଲ୍ୟ । ସେ ନିଜର ସଂହିତାକୁ ୫ ଭାଗ କରି ବାତ୍ସ୍ୟ, ମୁଦ୍ଗଳ, ଶାଳୀୟ, ଗୋଖଲ୍ୟ ଓ ଶିଶିର ନାମକ ଶିଷ୍ୟମାନଙ୍କୁ ପଢ଼ାଇଲେ । ଶାକଲ୍ୟଙ୍କ ଅନ୍ୟ ଜଣେ ଶିଷ୍ୟ ଥିଲେ ଜାତୁକର୍ଣ୍ୟ ମୁନି । ସେ ନିଜର ସଂହିତାକୁ ୩ ଭାଗରେ ବିଭକ୍ତ କରି ତତ୍ ସମ୍ବନ୍ଧୀୟ ନିରୁକ୍ତ ସହିତ ସେ ସବୁକୁ ନିଜର ଶିଷ୍ୟ ବଳାକ, ପୈଜ, ବୈତାଳ ଓ ବିରଜଙ୍କୁ ପଢ଼ାଇଲେ । ବାଷ୍କଳଙ୍କ ପୁତ୍ର ବାଷ୍କଳି ସବୁ ଶାଖାକୁ ନେଇ 'ବାଳଖିଲ୍ୟ' ନାମକ ଶାଖା ରଚନା କଲେ । ସେହି ଶାଖାଟିକୁ ବାଳାୟନି, ଭୋଜ୍ୟ ଏବଂ କାସାର ଗ୍ରହଣ କଲେ । ଏହି ବ୍ରହ୍ମର୍ଷିମାନେ ପୂର୍ବୋକ୍ତ ସଂପ୍ରଦାୟ ଅନୁସାରେ ଋକ୍ ବେଦ ସମ୍ବନ୍ଧିୟ ବହ୍ବୃଚ ଶାଖାମାନଙ୍କୁ ଧାରଣ କଲେ । ଯେଉଁ ମନୁଷ୍ୟମାନେ ଏହି ବେଦ ବିଭାଜନ ଆଖ୍ୟାନ ଶ୍ରବଣ କରନ୍ତି, ସେମାନେ ସକଳ ପାପରୁ ମୁକ୍ତ ହୋଇଯାନ୍ତି । ବୈଶମ୍ପାୟନଙ୍କର କେତେକ ଶିଷ୍ୟଙ୍କ ନାମ ଥିଲା ଚରକାଧ୍ୱର୍ଯ୍ୟୁ । ସେମାନେ ନିଜ ଗୁରୁଙ୍କର ବ୍ରହ୍ମ ହତ୍ୟା ଜନିତ ପାପର ପ୍ରାୟଶ୍ଚିତ୍ତ କରିବା ନିମନ୍ତେ ଗୋଟିଏ ବ୍ରତ ଅନୁଷ୍ଠାନ କଲେ । ତେଣୁ ସେମାନଙ୍କର ନାମ 'ଚରକାଧ୍ୱର୍ଯ୍ୟୁ' ହୋଇଥିଲା । ଯାଜ୍ଞବଲ୍କ୍ୟ ମୁନି ମଧ୍ୟ ବୈଶମ୍ପାୟନଙ୍କର ଜଣେ ଶିଷ୍ୟ ଥିଲେ । ସେ ନିଜ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗୁରୁଦେବଙ୍କୁ କହିଲେ, "ଭଗବନ୍ ! ଏହି ଚରକାଧ୍ୱର୍ଯ୍ୟୁ ବ୍ରାହ୍ମଣମାନଙ୍କର ଶକ୍ତି ତ ବହୁତ କମ୍; ଏମାନଙ୍କର ବ୍ରତ ପାଳନରୁ ଆପନଙ୍କୁ କି ଲାଭ ମିଳିବ ? ଆପଣଙ୍କ ପ୍ରାୟଶ୍ଚିତ ନିମନ୍ତେ ମୁଁ ଅତି କଠିନ ତପସ୍ୟା କରିବି । ଯାଜ୍ଞବଲ୍କ୍ୟଙ୍କ କଥା ଶୁଣି ବୈଶାମ୍ପାୟନଙ୍କ ମନରେ କ୍ରୋଧ ଜାତ ହୋଇଗଲା । ସେ କହିଲେ, "ବାସ୍, ବାସ୍, ଚୁପ୍ ରହ ! ବ୍ରାହ୍ମଣମାନଙ୍କୁ ଅପମାନିତ କରୁଥିବା ତୋ ପରି ଶିଷ୍ୟ ମୁଁ ଚାହେଁନା । ତେଣୁ ତୁ ମୋ ଠାରୁ ଏ ପର୍ଯ୍ୟନ୍ତ ଯାହା କିଛି ଅଧ୍ୟୟନ କରିଛୁ, ଯଥାଶୀଘ୍ର ସେ ସବୁ ଫେରାଇ ଦେଇ ଏଠାରୁ ଚାଲି ଯା ।"

ଯାଜ୍ଞବଲ୍କ୍ୟ ଥିଲେ ଦେବରାତଙ୍କ ପୁତ୍ର । ଗୁରୁ କହିଦେବା ମାତ୍ରେ ସେ ସଙ୍ଗେ ସଙ୍ଗେ ତାଙ୍କ ଠାରୁ ଅଧ୍ୟୟନ କରିଥିବା ଯଜୁର୍ବେଦ ସଂହିତା ବାନ୍ତି କରିଦେଇ ସେଠାରୁ ଚାଲିଗଲେ । ଯ୍ରାଜ୍ଞବଲ୍କ୍ୟ ଯଜୁର୍ବେଦ ବାନ୍ତି କରିଦେଇ ଚାଲିଯିବାରୁ ତାହା ଦେଖି ଅନ୍ୟ ମୁନିମାନଙ୍କ ମନରେ ତାହା ନିଜେ ଗ୍ରହଣ କରିବା ଲାଗି ଲୋଭ ହେଲା । କିନ୍ତୁ ବ୍ରାହ୍ମଣ ହୋଇ ବାନ୍ତି କରି ଦିଆ ଯାଇଥିବା ମନ୍ତ୍ରକୁ ଗ୍ରହଣ କରିବା ଅନୁଚିତ ହେବ ବୋଲି ଜାଣି ସେମାନେ ନିଜେ ତିତ୍ତରୀ (ଏକ ପ୍ରକାର ପକ୍ଷୀ) ହୋଇଗଲେ ଏବଂ ସେହି ସଂହିତାକୁ ଖୁମ୍ପି ଖାଇଗଲେ । ଏହା ଫଳରେ ଯଜୁର୍ବେଦର ସେହି ପରମ ରମଣୀୟ ଶାଖାଟି 'ତୈତ୍ତିରୀୟ' ନାମରେ ପ୍ରସିଦ୍ଧ ହୋଇଗଲା । ଯାଜ୍ଞବଲ୍କ୍ୟ ମୁନି ଯଜୁର୍ବେଦର ଅସଂଖ୍ୟ ମନ୍ତ୍ରକୁ ୧୫ଟି ଶାଖାରେ ବିଭକ୍ତ କରିଦେଲେ । ସେସବୁ ବାଜସନେୟ ଶାଖା ନାମରେ ପ୍ରସିଦ୍ଧ । କଣ୍ୱ, ମାଧ୍ୟନ୍ଦିନ ଆଦି ଋଷିମାନେ ସେହିସବୁ ଶାଖା ଗ୍ରହଣ କଲେ । ବ୍ୟାସଋଷି ଜୈମିନିଙ୍କୁ ସାମ ସଂହିତା ପଢ଼ାଇଥିଲେ । ଜୈମିନିଙ୍କ ପୁତ୍ରଙ୍କ ନାମ ସୁମନ୍ତ ଓ ନାତିଙ୍କ ନାମ ସୁନ୍ୱାନ୍ । ଜୈମିନି ନିଜର ପୁତ୍ର ଓ ନାତିଙ୍କୁ ଗୋଟିଏ ଗୋଟିଏ ସଂହିତା ପଢ଼ାଇଲେ । ଜୈମିନିଙ୍କର ସୁକର୍ମା ବୋଲି ଜଣେ ଶିଷ୍ୟ ଥିଲେ । ସୁକର୍ମା ସାମବେଦର ୧୦୦୦ ସଂହିତା ରଚନା କରିଦେଲେ । ତାଙ୍କ ଶିଷ୍ୟ କୋଶଳଦେଶ-ନିବାସୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହିରଣ୍ୟନାଭ, ପୌଷ୍ୟଞ୍ଜି ଏବଂ ବ୍ରହ୍ମବେତ୍ତାମାନଙ୍କ ମଧ୍ୟରେ ଶ୍ରେଷ୍ଠ ଆବନ୍ତ୍ୟ ସେହି ଶାଖାଗୁଡ଼ିକ ଗ୍ରହଣ କଲେ । ପୌହ୍ୟଞ୍ଜି ଏବଂ ଆବନ୍ତ୍ୟଙ୍କର ୫୦୦ ଶିଷ୍ୟ ଥିଲେ । ସେମାନେ ଉତ୍ତର ଦିଗର ନିବାସୀ ହୋଇଥିବାରୁ ସେମାନଙ୍କୁ ଔଦିଚ୍ୟ ସାମବେଦୀ ବୋଲା ଯାଉଥିଲା । ସେମାନଙ୍କୁ ପ୍ରଚ୍ୟ ସାମବେଦୀ ମଧ୍ୟ ବୋଲାଯାଏ । ସେମାନେ ପ୍ରତ୍ୟେକେ ଗୋଟିଏ ଗୋଟିଏ ସଂହିତା ଅଧ୍ୟୟନ କଲେ । ପୌଷ୍ୟଞ୍ଜିଙ୍କର ଲୌଗାକ୍ଷି, ମାଙ୍ଗଳି, କୁଲ୍ୟ, କୁସିଦ ଓ କୁକ୍ଷି ନାମକ ଶିଷ୍ୟମାନେ ମଧ୍ୟ ଥିଲେ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଶହେ ଶହେ ସଂହିତା ଅଧ୍ୟ୍ୟୟନ କଲେ । ହିରଣ୍ୟନାଭଙ୍କର କୃତ ବୋଲି ଜଣେ ଶିଷ୍ୟ ଥିଲେ । ସେ ନିଜର ଶିଷ୍ୟମାନଙ୍କୁ ୨୪ଟି ସଂହିତା ପଢ଼ାଇଲେ । ଅବଶିଷ୍ଟ ସଂହିତା ଗୁଡ଼ିକ ପରମ ସଂଯମୀ ଆବନ୍ତ୍ୟ ନିଜ ଶିଷ୍ୟ ମାନଙ୍କୁ ପ୍ରଦାନ କଲେ ।

ସପ୍ତମ ଅଧ୍ୟାୟରେ ଅଥର୍ବ ବେଦର ବିଭିନ୍ନ ଶାଖା ଓ ପୁରାଣମାନଙ୍କର ଲକ୍ଷଣ ଆଦି ବର୍ଣ୍ଣନ । ସୁମନ୍ତ ଅଥର୍ବ ବେଦର ଜ୍ଞାନୀ ଥିଲେ । ସେ ଅଥର୍ବ ସଂହିତା ତାଙ୍କ ଶିଷ୍ୟ କବନ୍ଧଙ୍କୁ ପଢ଼ାଇଲେ । କବନ୍ଧ ଅଥର୍ବକୁ ୨ ଭାଗ କରିଦେଇ ପଥ୍ୟ ଓ ବେଦଦର୍ଶଙ୍କୁ ପଢ଼ାଇଲେ । ବେଦଦର୍ଶଙ୍କର ୪ଟି ଶିଷ୍ୟ – ଶୌକ୍ଲାୟନି, ବ୍ରହ୍ମବଳୀ, ମୋଦୋଷ ଓ ପିପ୍ପଳାୟନି । ପଥ୍ୟଙ୍କର ୩ ଶିଷ୍ୟ – କୁମୁଦ, ଶୁନକ ଓ ଅଥର୍ବବେତ୍ତା ଜାଜଳି । ଅଙ୍ଗିରାଗୋତ୍ର ଉତ୍ପନ୍ନ ଶୁନକଙ୍କର ବଭ୍ରୁ ଓ ସୈନ୍ଧବାୟନ ନାମକ୨ ଶିଷ୍ୟ ଥିଲେ । ସେମାନେ ୨ଟି ସଂହିତା ଅଧ୍ୟୟନ କଲେ । ସୈନ୍ଧବାୟନ ଆଦିଙ୍କ ଶିଷ୍ୟ ସାବର୍ଣ୍ଣି ଆଦି ତଥା ନକ୍ଷତ୍ରକଲ୍ପ, ଶାନ୍ତି, କଶ୍ୟପ, ଆଙ୍ଗିରସ ଆଦି ବହୁ ବିଦ୍ୱାନ୍ ମଧ୍ୟ ଅଥର୍ବବେତ୍ତା ଥିଲେ । ଏହି ମୁନିମାନେ ଅଥର୍ବ ବେଦ ଶାଖାଗୁଡ଼ିକୁ ଜ୍ଞାତ କରିଥିଲେ ।

ପୁରାଣବିଜ୍ଞାନଙ୍କ ମଧ୍ୟରୁ ୬ ଜଣ ଆଚାର୍ଯ୍ୟ – ତ୍ରୟ୍ୟାରୁଣି, କଶ୍ୟପ, ସାବର୍ଣ୍ଣି, ଅକୃତବ୍ରଣ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୈଶାମ୍ପୟନ ଓ ହାରୀତ । ଏମାନେ ରୋମହର୍ଷଣଙ୍କ ଠାରୁ ଗୋଟିଏ ଗୋଟିଏ ପୁରାଣସଂହିତା ପଢ଼ିଥିଲେ ଏବଂ ରୋମହର୍ଷଣ ବ୍ୟାସଦେବଙ୍କଠାରୁ ଏସବୁ ସଂହିତା ପଢ଼ିଥିଲେ । ସେହି ୬ ଜଣ ଆଚାର୍ଯ୍ୟଙ୍କଠାରୁ ସୁତମୁନି ସମସ୍ତ ସଂହିତା ପଢ଼ିଥିଲେ । ଏହି ୬ଟି ସଂହିତା ବ୍ୟତୀତ ଆହୁରି ୪ଟି ମୂଳ ସଂହିତା ମଧ୍ୟ ଅଛି । ସେହି ୪ଟି ସଂହିତା ମଧ୍ୟ ସୁତମୁନି, କଶ୍ୟପ, ସାବର୍ଣ୍ଣି, ପର୍ଶୁରାମଙ୍କ ଶିଷ୍ୟ ଅକୃତବ୍ରଣଙ୍କ ସହିତ ମିଶି ରୋମହର୍ଷଣଙ୍କଠାରୁ ଅଧ୍ୟୟନ କରିଥିଲେ ।

ପୁରାଣର ୧୦ଟି ଲକ୍ଷଣ – ସର୍ଗ, ବିସର୍ଗ, ବୃତ୍ତି, ରକ୍ଷା, ମନ୍ୱନ୍ତର, ବଂଶ, ବଂଶାନୁଚରିତ, ସଂସ୍ଥା (ପ୍ରଳୟ), ହେତୁ(ଊତି) ଏବଂ ଅପାଶ୍ରୟ । ମହାପୁରାଣରେ ୧୦ଟି ଓ ଛୋଟ ଛୋଟ ପୁରାଣରେ ୫ଟି ଲକ୍ଷଣ ଥାଏ । ମୂଳ ପ୍ରକୃତିରେ ଲୀନ ହୋଇଥିବା ଗୁଣମାନେ କ୍ଷୁବ୍ଧ ହେଲେ, ମହତ୍ତ୍ୱ ଉତ୍ପତ୍ତି ହୁଏ । ଏହି ଉତ୍ପତ୍ତି କ୍ରମର ନାମ ସର୍ଗ । ପରମେଶ୍ୱରଙ୍କ ଅନୁଗ୍ରହରୁ ମହତ୍ତ୍ୱ ଆଦି ତତ୍ତ୍ୱମାନେ ସୃଷ୍ଟି କରିବାର ସାମର୍ଥ୍ୟ ପାଇଥାନ୍ତି । ଜୀବମାନଙ୍କର ପୂର୍ବଜନ୍ମର କର୍ମ ଅନୁରୂପ ସତ୍ ଓ ଅସତ୍ ବାସନାର ପ୍ରାଧାନ୍ୟରୁ ସେହିସବୁ ତତ୍ତ୍ୱ ଚରାଚର ଜୀବମାନଙ୍କ ନିମନ୍ତେ ଏକ ବୀଜରୁ ଅନ୍ୟ ଏକ ବୀଜ ସୃଷ୍ଟି ହେବା ରୀତିରେ ଶରୀର ସୃଷ୍ଟି କରନ୍ତି । ଏପରି ସୃଷ୍ଟି କ୍ରିୟାକୁ ବିସର୍ଗ କୁହାଯାଏ । ଅଚର ପଦାର୍ଥ ହେଉଛି ଚର ପ୍ରାଣୀମାନଙ୍କ ପାଇଁ ଜୀବନ ନିର୍ବାହର ସାମଗ୍ରୀ । ଚରମାନଙ୍କ ପାଇଁ ଦୁଗ୍ଧ ଆଦି ମଧ୍ୟ ଏହିପରି ସାମଗ୍ରୀ । ଏହିସବୁ ଜୀବନ ନିର୍ବାହ ସାମଗ୍ରୀ ମଧ୍ୟରୁ କେତୋଟି ସାମଗ୍ରୀ ମନୁଷ୍ୟ ନିଜର ସ୍ୱଭାବ ହେତୁ କାମନା ଅନୁସାରେ ସ୍ଥିର କରେ ତ, ଅନ୍ୟ କେତୋଟି ଶାସ୍ତ୍ର-ଆଜ୍ଞାନୁସାରେ ସ୍ଥିର କରେ । ଭଗବାନ୍ ବିଭିନ୍ନ ଯୁଗରେ ପଶୁ, ପକ୍ଷୀ, ମନୁଷ୍ୟ, ଋଷି, ଦେବତା ଆଦିଙ୍କ ରୂପରେ ଅବତାର ଗ୍ରହଣ କରି ଅନେକ ଲୀଳା କରନ୍ତି । ସେହିସବୁ ଅବତାରରେ ସେ ବେଦଧର୍ମର ବିରୋଧୀମାନଙ୍କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂହାର ମଧ୍ୟ କରନ୍ତି । ସେହିସବୁ ଅବତାରଲୀଳା ବିଶ୍ୱକୁ ରକ୍ଷା କରିବା ନିମନ୍ତେ ହିଁ ହୋଇଥାଏ । ତେଣୁ ଏହି ଲୀଳାର ନାମ ରକ୍ଷା । ମନୁ, ଦେବତା, ମନୁପୁତ୍ର, ଇନ୍ଦ୍ର, ସପ୍ତର୍ଷି ଏବଂ ଭଗବାନଙ୍କର ଅଂଶାବତାର – ଏହି ଛଅଟି ଅଙ୍ଗ ସହିତ ବିଶେଷରୂପେ ଯୁକ୍ତ ସମୟକୁ ମନ୍ୱନ୍ତର କୁହାଯାଏ । ବ୍ରହ୍ମାଙ୍କ ଠାରୁ ଯେତେସବୁ ରାଜା ସୃଷ୍ଟି ହୋଇଥାନ୍ତି, ସେମାନଙ୍କର ଅତୀତ, ଭବିଷ୍ୟତ ଓ ବର୍ତ୍ତମାନ କାଳର ସନ୍ତାନ ପରମ୍ପରାକୁ ବଂଶ କୁହାଯାଏ । ସେହି ରାଜାମାନଙ୍କର ଓ ସେମାନଙ୍କ ବଂଶଧର ମାନଙ୍କର ଚରିତକୁ ବଂଶାନୁଚରିତ କୁହାଯାଏ । ଏହି ବିଶ୍ୱବ୍ରହ୍ମାଣ୍ଡର ପ୍ରଳୟ ପ୍ରକୃତି ଦ୍ୱାରା ହୋଇଥାଏ । ପ୍ରଳୟ ୪ ପ୍ରକାର, ଯଥା – ନୈମିତ୍ତିକ, ପ୍ରାକୃତିକ, ନିତ୍ୟ ଓ ଆତ୍ୟନ୍ତିକ । ତତ୍ତ୍ୱଜ୍ଞ ବିଦ୍ୱାନମାନେ ଏହି ସବୁକୁ ସଂସ୍ଥା ବୋଲି କହନ୍ତି । ପୁରାଣମାନଙ୍କର ଲକ୍ଷଣ ମଧ୍ୟରେ ଯାହାକୁ ହେତୁ ବୋଲାଯାଏ, ତାହା ହେଉଛି ଏହି ଜୀବ; କାରଣ ବାସ୍ତବରେ ଜୀବ ହିଁ ହେଉଛି ସର୍ଗ-ବିସର୍ଗ ଆଦିର ହେତୁ ଏବଂ ଅବିଦ୍ୟାବଶ ହୋଇ ଏହି ଜୀବ ନାନାପ୍ରକାର କର୍ମ କରି ସେଥିରେ ବାନ୍ଧି ହୋଇଯାଇଥାଏ ।

ଯେଉଁମାନେ ଜୀବକୁ 'ଚୈତନ୍ୟପ୍ରଧାନ' ଦୃଷ୍ଟିରେ ଦେଖନ୍ତି, ସେମାନେ ତାକୁ ଅନୁଶୟୀ ଅର୍ଥାତ୍ ପ୍ରକୃତିରେ ଶୟନ କରିଥିବା ଜୀବ ବୋଲି କହନ୍ତି ଏବଂ ଯେଉଁମାନେ ତାକୁ 'ଉପାଧିର ଅଧୀନ' ଦୃଷ୍ଟିରେ ଦେଖନ୍ତି, ସେମାନେ ତାକୁ ଅବ୍ୟାକୃତ ଅର୍ଥାତ୍ ପ୍ରକୃତିରୂପ ବୋଲି କହନ୍ତି । ଜୀବର ବୃତ୍ତିଗୁଡ଼ିକ ୩ ଭାଗରେ ବିଭକ୍ତ, ଯଥା – ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି । ଏହି ଅବସ୍ଥା ମାନଙ୍କରେ ଯେ ଏସବୁ ଅବସ୍ଥାର ଅଭିମାନୀ ବିଶ୍ୱ, ତୈଜସ ଓ ପ୍ରାଜ୍ଞର ମାୟାମୟ ରୂପରେ ପ୍ରତୀତ ହୁଅନ୍ତି ଏବଂ ଅବସ୍ଥାତ୍ରୟର ଅତୀତ ତୁରୀୟତତ୍ତ୍ୱ ରୂପରେ ମଧ୍ୟ ଲକ୍ଷିତ ହୁଅନ୍ତ, ସେ ହିଁ ବ୍ରହ୍ମ । ତାହାଙ୍କୁ ଏଠାରେ ଅପାଶ୍ରୟ (ସମସ୍ତଙ୍କର ଆଧାର) ବୋଲି କୁହାଯାଇଛି । ମାଟିରେ ଯେପରି ବିଭିନ୍ନ ନାମ ଓ ରୂପର ପଦାର୍ଥ ନିର୍ମାଣ ଓ ନଷ୍ଟ ହୁଏ, ଅଥଚ ମୂଳ ଦ୍ରବ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଟି ବିଦ୍ୟମାନ ରହେ; ଠିକ୍ ସେହିପରି ବୀଜ(ମଞ୍ଜି)ଠାରୁ ଆରମ୍ଭ କରି ସମସ୍ତ ଶରୀରର ଓ ଏହି ବ୍ରହ୍ମାଣ୍ଡର ଉତ୍ପତ୍ତି ଓ ବିନାଶ ନିରନ୍ତର ହୋଇଚାଲେ; କିନ୍ତୁ ଯେଉଁ ପରମାତ୍ମାଙ୍କୁ ଆଧାର କରି ଏହି ସମସ୍ତ ଚରାଚର ଜଗତ୍ ପ୍ରତୀୟମାନ ହୁଏ, ସେ ସର୍ବଦା ବିଦ୍ୟମାନ ରହନ୍ତି । ସେହି ପରମାତ୍ମାଙ୍କର ହିଁ ଶରଣ ଗ୍ରହଣ କରିବା ଉଚିତ । ତେଣୁ ତାକୁ ଆଶ୍ରୟ ତତ୍ତ୍ୱ ବୋଲି କୁହାଯାଏ । ଯେତେବେଳେ ଚିତ୍ତ ସ୍ୱୟଂ ଆତ୍ମବିଚାରଦ୍ୱାରା ଅଥବା ଯୋଗାଭ୍ୟାସଦ୍ୱାରା ତ୍ରିଗୁଣ-ସମ୍ବନ୍ଧୀୟ ବ୍ୟାବହାରିକ ବୃତ୍ତିଗୁଡ଼ିକୁ ତଥା ଜାଗ୍ରତ, ସ୍ୱପ୍ନ ଆଦି ସ୍ୱାଭାବିକ ବୃତ୍ତିଗୁଡ଼ିକୁ ତ୍ୟାଗ କରିଦେଇ ସେଥିରୁ ନିବୃତ୍ତ (ଉପରତ) ହୋଇଯାଏ, ସେତେବେଳେ ଶାନ୍ତବୃତ୍ତିରେ 'ତତ୍ତ୍ୱମସି' ଆଦି ମହାବାକ୍ୟ ଗୁଡ଼ିକର ଅନୁଭବ ଦ୍ୱାରା ଆତ୍ମଜ୍ଞାନ ଉଦୟ ହୋଇଯାଏ । ସେତେବେଳେ ଆତ୍ମବେତ୍ତା ପୁରୁଷ ଅବିଦ୍ୟାଜନିତ କର୍ମବାସନା ଓ କର୍ମ ପ୍ରବୃତ୍ତିରୁ ନିବୃତ୍ତ ହୋଇଯାନ୍ତି ।

ପୁରାଣର ଲକ୍ଷଣ ଗୁଡ଼ିକରେ ଯୁକ୍ତ ୧୮ଟି ଛୋଟ ବଡ଼ ପୁରାଣ ରହିଛି । ସେଗୁଡ଼ିକ ହେଲା - ୧. ବ୍ରହ୍ମ ପୁରାଣ, ୨. ପଦ୍ମ ପୁରାଣ, ୩. ବିଷ୍ଣୁ ପୁରାଣ, ୪. ଶିବ ପୁରାଣ, ୫. ଲିଙ୍ଗ ପୁରାଣ, ୬. ଗରୁଡ ପୁରାଣ, ୭. ନାରଦ ପୁରାଣ, ୮. ଭାଗବତ ପୁରାଣ, ୯. ଅଗ୍ନି ପୁରାଣ, ୧୦. ସ୍କନ୍ଦ ପୁରାଣ, ୧୧. ଭବିଷ୍ୟ ପୁରାଣ, ୧୨. ବ୍ରହ୍ମବୈବର୍ତ୍ତ ପୁରାଣ, ୧୩. ମାର୍କଣ୍ଡେୟ ପୁରାଣ, ୧୪. ବାମନ ପୁରାଣ, ୧୫. ବରାହ ପୁରାଣ, ୧୬. ମତ୍ସ୍ୟ ପୁରାଣ, ୧୭. କୁର୍ମ ପୁରାଣ, ୧୮. ବ୍ରହ୍ମାଣ୍ଡ ପୁରାଣ ।

ଅଷ୍ଟମ ଅଧ୍ୟାୟରେ ମାର୍କଣ୍ଡେୟଙ୍କର ତପସ୍ୟା ଓ ବରପ୍ରାପ୍ତି ବର୍ଣ୍ଣିତ । ମୃକଣ୍ଡ ଋଷିଙ୍କ ପୁତ୍ର ମାର୍କଣ୍ଡେୟ ଋଷି ହେଉଛନ୍ତି ଚିରଂଜୀବୀ ଏବଂ ପ୍ରଳୟ ଜଳ ସମଗ୍ର ଜଗତକୁ ବୁଡ଼ାଇ ଦେଉଥିଲା ବେଳେ ମଧ୍ୟ ସେ ଜୀବିତ ଥିଲେ । ମୃକଣ୍ଡ ଋଷି, ନିଜ ପୁତ୍ର ମାର୍କଣ୍ଡେୟଙ୍କର ସକଳ ସଂସ୍କାର କରାଇ ଦେଇଥିଲେ । ମାର୍କଣ୍ଡେୟ ବିଧିପୂର୍ବକ ବେଦ ଅଧ୍ୟୟନ କରି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତପସ୍ୟା ଓ ସ୍ୱାଧାୟରେ ସମ୍ପନ୍ନ ହୋଇଯାଇଥିଲେ । ସେ ଆଜୀବନ ବ୍ରହ୍ମଚାରୀ ଥିଲେ । ସେ ଅଗ୍ନିହୋତ୍ର, ସୂର୍ଯ୍ୟୋସଂସ୍ଥାନ, ଗୁରୁବନ୍ଦନା, ବ୍ରାହ୍ମଣସତ୍କାର, ମାନସପୂଜା ମାଧ୍ୟମରେ ଭଗବାନଙ୍କୁ ଆରାଧନା କରୁଥିଲେ । ଗୁରୁସେବା କରି କଠୋର ତପସ୍ୟା କରୁଥିଲେ । ସେ ମୃତ୍ୟୁ ଉପରେ ବିଜୟଲାଭ କଲେ । ଫଳରେ ବ୍ରହ୍ମା, ଭୃଗୁ, ଶିବ, ଅନ୍ୟ ମୁନିଋଷି ଇତ୍ୟାଦି ଅତ୍ୟନ୍ତ ବିସ୍ମିତ ହୋଇଗଲେ । ଯୋଗୀ ମାର୍କଣ୍ଡେୟ କେବଳ ପରମାତ୍ମାଙ୍କୁ ଧ୍ୟାନ କରୁଥିଲେ ।

ଏପରି ଛଅ ମନ୍ୱନ୍ତର ଅତିବାହିତ ହୋଇଗଲା । ସପ୍ତମ ମନ୍ୱନ୍ତରରେ ଇନ୍ଦ୍ର ଏକଥା ଜାଣିପାରିଥିଲେ । ସେ ଭୟଭୀତ ହୋଇ ତାଙ୍କ ତପସ୍ୟାରେ ବିଘ୍ନ ଘଟାଇବାକୁ ଉପାୟ କଲେ । ସେ ଗନ୍ଧର୍ବ, ଅପସରା, କାମଦେବ, ବସନ୍ତ, ମଳୟାନିଳ, ଲୋଭ ଓ ମଦକୁ ପଠାଇ ଦେଲେ । ତେଣୁ ଏ ସମସ୍ତେ ମାର୍କଣ୍ଡେୟଙ୍କ ଆଶ୍ରମ ଅଭିମୁଖେ ଚାଲିଲେ । ମାର୍କଣ୍ଡେୟଙ୍କ ଆଶ୍ରମଟି ହିମାଳୟର ଉତ୍ତର ପଟେ । ଆଶ୍ରମ ନିକଟରେ ପୁଷ୍ପଭଦ୍ରା ନଦୀ ବହୁଥାଏ । ସେଠାରେ ଚିତ୍ରା ନାମକ ଏକ ଶିଳା ବି ଥାଏ ।

ଏହି ଅଧ୍ୟାୟର ଶ୍ଳୋକ ୧୭ ରୁ ୨୧ ମଧ୍ୟରେ ମାର୍କଣ୍ଡେୟଙ୍କ ଆଶ୍ରମର ଶୋଭା ସୌନ୍ଦର୍ଯ୍ୟ ବର୍ଣ୍ଣନା କରାଯାଇଛି । ଶ୍ଳୋକ ୨୨ ରୁ ୨୮ ମଧ୍ୟରେ ଇନ୍ଦ୍ରଙ୍କ ଦ୍ୱାରା ପ୍ରେରିତ ସେବକମାନେ ମାର୍କଣ୍ଡେୟଙ୍କ ତପଭଙ୍ଗ କରିବାକୁ କିପରି ପ୍ରଚେଷ୍ଟା କରିଥିଲେ ତାହା ବର୍ଣ୍ଣନା କରାଯାଇଛି । କାମଦେବଙ୍କ ୫ଟି ଶରର ନାମ – ଶୋଷଣ, ଦୀପନ, ସମ୍ମୋହନ, ତାପନ ଓ ଉନ୍ମାଦନ । ଶ୍ଳୋକ ୨୯ ରୁ ୩୧ ମଧ୍ୟରେ ଇନ୍ଦ୍ରଙ୍କର ସମସ୍ତ ଚେଷ୍ଟା ବିଫଳ ହେବା ବିଷୟ ବର୍ଣ୍ଣନ । ଶ୍ଳୋକ ୩୨ ରୁ ୩୯ ମଧ୍ୟରେ ମାର୍କଣ୍ଡେୟଙ୍କ ପ୍ରତି ଭଗବାନଙ୍କ କୃପାବୃଷ୍ଟି ବିଷୟ ବର୍ଣ୍ଣନ । ଏବଂ ଶ୍ଳୋକ ୪୦ ରୁ ୪୯ ମଧ୍ୟରେ ମାର୍କଣ୍ଡେୟଙ୍କ ଦ୍ୱାରା ଭଗବାନଙ୍କୁ ସ୍ତୁତି କରାଯାଇଥିବା ବିଷୟ ଉଲ୍ଲେଖ ଅଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନବମ ଅଧ୍ୟାୟରେ ମାର୍କଣ୍ଡେୟଙ୍କ ମୟା ପ୍ରଳୟ ଦର୍ଶନ । ମାର୍କଣ୍ଡେୟ ଭଗବାନଙ୍କର ମାୟା ଦେଖିବାକୁ ଚାହିଁବାରୁ ଭଗବାନ ତାଙ୍କୁ ମାୟା ଦେଖାଇଥିଲେ । ଭଗବାନ ଶିଶୁରୂପରେ ମାୟା ଦର୍ଶନ କରାଇଥିଲେ ।

ଦଶମ ଅଧ୍ୟାୟରେ ମାର୍କଣ୍ଡେୟଙ୍କୁ ମହାଦେବଙ୍କର ବରଦାନ । ପାର୍ବତୀଙ୍କ ଅନୁରୋଧ କ୍ରମେ ଶିବ ମାର୍କଣ୍ଡେୟଙ୍କୁ ତାଙ୍କର ବ୍ରହ୍ମତେଜ ସର୍ବଦା ଅକ୍ଷୁର୍ଣ୍ଣ ରହିବା ଓ ଭୂତ ଭବିଷ୍ୟ ବର୍ତ୍ତମାନ ଜ୍ଞାନ ରହିବା ତଥା ତାଙ୍କୁ ପୁରାଣର ଆଚ୍ଚାର୍ଯ୍ୟ ପଦ ମିଳିବା ବର ଦେଇଥିଲେ ।

ଏକାଦଶ ଅଧ୍ୟାୟରେ ଭଗବାନଙ୍କ ଅଙ୍ଗ, ଉପାଙ୍ଗ ଓ ଆୟୁଧମାନଙ୍କ ରହସ୍ୟ ତଥା ନିଜ ନିଜ ଗଣଙ୍କ ସହ ୧୨ଶ ଆଦିତ୍ୟଙ୍କ ସରଣ ବିଷୟ ବର୍ଣ୍ଣନା କରାଯାଇଛି । ଭଗବାନଙ୍କର ଯେଉଁ ଚେତନାଧିଷ୍ଠିତ ବିରାଟରୂପରେ ଏହି ତ୍ରିଲୋକ ଦୃଶ୍ୟମାନ ହେଉଛି, ତାହା ପ୍ରକୃତି, ସୂତ୍ରାତ୍ମା, ମହତ୍ତ୍ୱ, ଅହଂକାର ଏବଂ ପତନ୍ମାତ୍ର – ଏହି ୯ଟି ତତ୍ତ୍ୱ ସହିତ ୧୧ ଇନ୍ଦ୍ରିୟ ତଥା ପଞ୍ଚଭୂତ- ଏପରି ୧୬ ବିକାର ଦ୍ୱାରା ଗଠିତ ହୋଇଛି । ଏହା ହେଉଛି ଭଗବାନଙ୍କର ପୁରୁଷରୂପ । ପୃଥିବୀ ହେଉଛି ଏହି ବିରାଟରୂପର ଚରଣ, ସ୍ୱର୍ଗ ହେଉଛି ମସ୍ତକ, ଅନ୍ତରୀକ୍ଷ ନାଭି, ସୂର୍ଯ୍ୟ ନେତ୍ର, ବାୟୁ ନାସିକା ଏବଂ ଦିଗମାନେ ହେଉଛନ୍ତି କର୍ଣ୍ଣ । ପ୍ରଜାପତି ହରଉଛନ୍ତି ବିରାଟରୂପର ଲିଙ୍ଗ, ମୃତ୍ୟୁ ମଳଦ୍ୱାର, ଲୋକପାଳମାନେ ବିଭିନ୍ନ ଭୁଜ, ଚନ୍ଦ୍ରମା ମନ ଏବଂ ଯମରାଜ ହେଉଛନ୍ତି ଭ୍ରୂକୁଟୀ । ଲଜ୍ଜା ହେଲା ଉପର ଓଠ, ଲୋଭ ତଳ ଓଠ, ଚନ୍ଦ୍ରର କିରଣ ହେଉଛି ଦନ୍ତାବଳୀ, ଭ୍ରମ ହେଉଛି ମୃଦୁହାସ, ବୃକ୍ଷମାନେ ଲୋମ ଏବଂ ମେଘମାଳ ହେଉଛି ବିରାଟପୁରୁଷଙ୍କ ଶିରର କେଶରାଶି । ମରଣଶୀଳ ମନୁଷ୍ୟ ମାନେ ଯେପରି ନିଜ ହାତରେ ଚଉଦ ପାଆ ବା ୭ ଚାଖଣ୍ଡ । ସେହି ବିରାଟ ପୁରୁଷ ମଧ୍ୟ ତାଙ୍କର ଅବୟବରୂପ ବିଭିନ୍ନ ମଣ୍ଡଳର ଆକାରାନୁରୂପ ମାପରେ ୭ ଚାଖଣ୍ଡ । ସ୍ୱୟଂ ଭଗବାନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଉଛନ୍ତି ଅଜନ୍ମା । ସେ କୌସ୍ତୁଭମଣି ରୂପରେ ତାଙ୍କର ଅଂଶ ଜୀବର ଶୁଦ୍ଧ ଚୈତନ୍ୟରୂପୀ ଆତ୍ମଜ୍ୟୋତି ହିଁ ଧାରଣ କରନ୍ତି ଏବଂ ତାହାର ସର୍ବବ୍ୟାପିନୀ ପ୍ରଭାକୁ ହିଁ ବକ୍ଷସ୍ଥଳରେ ଶ୍ରୀବତ୍ସ ଚିହ୍ନରୂପେ ଧାରଣ କରନ୍ତି । ସେ ତାଙ୍କର ସତ୍ତ୍ୱାଦି ଗୁଣସମନ୍ୱିତ ମାୟାକୁ ବନମାଳାରୂପେ, ବେଦକୁ ପିତାମ୍ବରରୂପେ ତଥା ଅ+ଉ+ମ – ଏହି ତିନିମାତ୍ରାଯୁକ୍ତ ପ୍ରଣବକୁ (ଓଁ କାରକୁ) ଯଜ୍ଞୋପବୀତ ରୂପରେ ଧାରଣ କରନ୍ତି । ଦେବାଧିଦେବ ଭଗବାନ ସାଂଖ୍ୟ ଓ ଯୋଗରୂପୀ ମକରାକୃତି କୁଣ୍ଡଳ ଧାରଣ କରନ୍ତି ତଥା ସମସ୍ତ ଭୁବନକୁ ଅଭୟ ପ୍ରଦାନ କରୁଥିବା ବ୍ରହ୍ମଲୋକକୁ ହିଁ ମୁକୁଟରୂପରେ ଧାରଣ କରନ୍ତି । ମୂଳପ୍ରକୃତି ହିଁ ହେଉଛି ତାଙ୍କର ଶେଷଶଯ୍ୟା; ତା'ଉପରେ ସେ ବିରାଜମାନ ରହନ୍ତି । ଧର୍ମଜ୍ଞାନାଦିଯୁକ୍ତ ସତ୍ତ୍ୱଗୁଣ ହିଁ ତାଙ୍କର ନାଭିକମଳ ବୋଲି ବର୍ଣ୍ଣିତ ହୋଇଛି । ସେ ମନ, ଇନ୍ଦ୍ରିୟ ଓ ଶରୀର ସମ୍ବନ୍ଧୀୟ ଶକ୍ତି ମାନଙ୍କରେ ଯୁକ୍ତ ପ୍ରାଣତତ୍ତ୍ୱରୂପୀ କୌମୋଦକୀ ଗଦା, ଜଳତତ୍ତ୍ୱରୂପୀ ପାଞ୍ଚଜନ୍ୟ ଶଙ୍ଖ ଓ ତେଜସ୍ତତ୍ତ୍ୱରୂପି ସୁଦର୍ଶନ ଚକ୍ର ଧାରଣ କରନ୍ତି, ଆକାଶ ପରି ନିର୍ମଳ ଆକାଶସ୍ୱରୂପୀ ଖଡ୍‌ଗ, ତମୋମୟ ଅଜ୍ଞାନରୂପୀ ଢ଼ାଲ, କାଳରୂପୀ ଶାର୍ଙ୍ଗଧନୁ ଓ କର୍ମରୂପୀ ତୂଣୀର ଧାରଣ କରନ୍ତି । ଇନ୍ଦ୍ରିୟମାନଙ୍କୁ ହିଁ ଭଗବାନଙ୍କର ଶରରୂପରେ ବର୍ଣ୍ଣନା କରାଯାଇଛି । କ୍ରିୟାଶକ୍ତି ଯୁକ୍ତ ମନ ହେଉଛି ରଥ ଏବଂ ତନ୍ମାତ୍ରମାନେ ହେଉଛନ୍ତି ରଥର ବାହାର ଭାଗ । ବର, ଅଭୟ ଆଦି ମୁଦ୍ରାମାନଙ୍କ ଦ୍ୱାରା ପ୍ରଭୂମାନଙ୍କର ବରଦାନ, ଅଭୟ ପ୍ରଦାନ ଆଦି କ୍ରିୟା ପ୍ରକଟିତ ହୁଏ । ସୂର୍ଯ୍ୟମଣ୍ଡଳ ଅଥବା ଅଗ୍ନିମଣ୍ଡଳ ହିଁ ହେଉଛି ଭଗବାନଙ୍କ ପୂଜାର ସ୍ଥାନ । ଅନ୍ତଃକରଣର ଶୁଦ୍ଧି ହେଉଛି ମନ୍ତ୍ରଦୀକ୍ଷା ଏବଂ ନିଜର ସକଳ ପାପ ନଷ୍ଟ କରିଦେବା ହିଁ ହେଉଛି ଭଗବାନଙ୍କର ପୂଜା ।

ସମଗ୍ର ଐଶ୍ୱର୍ଯ୍ୟ, ଧର୍ମ, ଯଶ, ଲକ୍ଷ୍ମୀ, ଜ୍ଞାନ ଓ ବୈରାଗ୍ୟ – ଏହି ଛଅଟି ପଦାର୍ଥର ନାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହିଁ ହେଉଛି ଭଗବାନ ସ୍ୱହସ୍ତରେ ଧାରଣ କରୁଥିବା ଲୀଳା କମଳ । ଧମ୍ର ଏବଂ ଯଶକୁ ଯଥାକ୍ରମେ ଚାମର ଓ ବ୍ୟଜନ(ପଙ୍ଖା) ରୂପେ ତଥା ନିଜର ନିର୍ଭୟଧାମ ବୈକୁଣ୍ଠକୁ ସେ ଛତ୍ରରୂପେ ଧାରଣ କରନ୍ତି । ୩ ବେଦର ନାମ ହେଉଛି ଗରୁଡ଼ । ସେହି ବେଦମାନେ ହିଁ ଅନ୍ତର୍ଯ୍ୟାମୀ ପରମାତ୍ମାଙ୍କୁ ବହନ କରନ୍ତି । ଆତ୍ମ ସ୍ୱରୂପ ଭଗବାନଙ୍କଠାରୁ ତାଙ୍କର ଆତ୍ମ ଶକ୍ତି କେବେ ବି ବିଛିନ୍ନ ହୁଏ ନାହିଁ; ସେହି ଅବିଛିନ୍ନ ଆତ୍ମ ଶକ୍ତିର ନାମ ହିଁ ଲକ୍ଷ୍ମୀ । ଭଗବାନଙ୍କର ପାର୍ଷଦମାନଙ୍କ ମଧ୍ୟରେ ମୁଖ୍ୟରୂପେ ପ୍ରସିଦ୍ଧ ବିଷିକେସନ ହେଉଛନ୍ତି ୫ ରାତ୍ରାଦି ଆଗମର ସ୍ୱରୂପ । ଭଗବାନଙ୍କର ସ୍ୱଭାବିକ ଗୁଣ ଅଣିମା, ମହିମା ଆଦି ଅଷ୍ଟସିଦ୍ଧିଙ୍କୁ ହିଁ ନନ୍ଦ, ସୁନନ୍ଦ ଆଦି ଅଷ୍ଟଦ୍ୱାରପାଳ କୁହାଯାଏ । ସ୍ୱୟଂ ଭଗବାନ ହିଁ ବାସୁଦେବ, ସଂକର୍ଷଣ, ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧ - ଏହି ୪ ମୂର୍ତ୍ତିଙ୍କ ରୂପରେ ଅବସ୍ଥିତ; ତେଣୁ ତାଙ୍କୁ ଚତୁର୍ବ୍ୟୂହ ବୋଲି କୁହାଯାଏ । ସେ ହିଁ ଜାଗ୍ରତ ଅବସ୍ଥାର ଅଭିମାନୀ ବିଶ୍ୱ ହୋଇ ସବ୍ଦାଦି ବାହ୍ୟ ବିଷୟ ଗ୍ରହଣ କରନ୍ତି ଏବଂ ସେ ହିଁ ସ୍ୱପ୍ନାବସ୍ଥାର ଅଭିମାନୀ ତୈଜସ ହୋଇ ବାହ୍ୟ ବିଷୟ ବିନା ମନେ ମନେ ଅନେକ ବିଷୟ ଦର୍ଶନ କରନ୍ତି ଓ ଗ୍ରହଣ କରନ୍ତି । ସେ ହିଁ ସୁଷୁପ୍ତି ଅବସ୍ଥାର ଅଭିମାନୀ ପ୍ରାଜ୍ଞ ହୋଇ ବିଷୟ ଓ ମନର ସଂସ୍କାରରେ ଯୁକ୍ତ ଅଜ୍ଞାନରେ ଆଚ୍ଛାଦିତ ହୋଇଯାଆନ୍ତି ଏବଂ ସେ ହିଂ ସମସ୍ତଙ୍କର ସାକ୍ଷୀ ତୁରୀୟ ରୂପେ ସକଳ ଜ୍ଞାନର ଅଧିଷ୍ଠାନ ହୋଇ ରହନ୍ତି । ଏପରି ଭାବରେ ଅଙ୍ଗ, ଉପାଙ୍ଗ, ଆୟୁଧ ଓ ଆଭୂଷଣରେ ଯୁକ୍ତ ତଥା ବାସୁଦେବ, ସଂକର୍ଷଣ, ପ୍ରଦ୍ୟୁମ୍ନ ଏବଂ ଅନିରୂଦ୍ଧ - ଏହି ୪ ମୂର୍ତ୍ତିଙ୍କ ରୂପରେ ପ୍ରକଟିତ ସର୍ବଶକ୍ତିମାନେ ଭଗବାନ ଶ୍ରୀହରି ହିଁ ଯଥାକ୍ରମେ ବିଶ୍ୱ, ତୈଜସ, ପ୍ରାଜ୍ଞ ଏବଂ ତୁରୀୟ ରୂପରେ ପ୍ରକାଶିତ ହେଉଛନ୍ତି ।

ଭଗବାନଙ୍କର ଅନାଦି ମାୟା ହେତୁ ଶ୍ରୀହରିଙ୍କୁ କାଳ, ଦେଶ, ଯଜ୍ଞାଦି କ୍ରିୟା, କର୍ତ୍ତା, ସ୍ରୁବ ଆଦି କରଣ (ସାମଗ୍ରୀ), ଯାଗାଦି କର୍ମ, ବେଦମନ୍ତ୍ରାଦି, ଧାନ୍ୟାଦି ଶାକଲ୍ୟ ଦ୍ରବ୍ୟ ଏବଂ ସ୍ୱର୍ଗାଦି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫଳ – ଏପରି ୯ଟି ନାମରେ ଉଲ୍ଲେଖ କରାଯାଇଛି । ଜଗତକୁ ସଂଚାଳିତ କରିବା ନିମନ୍ତେ ସୂର୍ଯ୍ୟରୂପୀ ଭଗବାନ ନିଜର ଭିନ୍ନ ଭିନ୍ନ ୧୨ ଗଣବର୍ଗଙ୍କ ସହିତ ଚୈତ୍ରାଦି ଦ୍ୱାଦଶ ମାସରେ ନିଜର ନିର୍ଦ୍ଦିଷ୍ଟ ପଥରେ ସଂଚାର କରନ୍ତି ।

ଧାତା ନାମକ ସୂର୍ଯ୍ୟ, କୃତସ୍ଥଳୀ ନାମ୍ନୀ ଅପସରା, ହେତି ରାକ୍ଷସ, ବାସୁକି ସର୍ପ, ରଥକୃତ ଯକ୍ଷ, ପୁଲସ୍ତ୍ୟ ଋଷି ଓ ତୁମ୍ବୁରୁ ଗନ୍ଧର୍ବ – ଏହି ୭ ଜଣ ଚୈତ୍ର ମାସରେ ନିଜ ନିଜ କାର୍ଯ୍ୟ ସମ୍ପାଦନ କରନ୍ତି । ଅର୍ଯ୍ୟମା ନାମକ ସୂର୍ଯ୍ୟ, ପୁଲହ ଋଷି, ଅଥୌଜା ଯକ୍ଷ, ପ୍ରହେତି ରାକ୍ଷସ, ପୁଞ୍ଜିକସ୍ଥଳୀ ଅପସରା, ନାରଦ ଗନ୍ଧର୍ବ ଓ କଚ୍ଛନୀର ସର୍ପ – ଏହି ୭ ଜଣ ହେଉଛନ୍ତି ବୈଶାଖ ମାସର କାର୍ଯ୍ୟ ନିର୍ବାହକ । ମିତ୍ର ନାମକ ସୂର୍ଯ୍ୟ, ଅତ୍ରି ଋଷି, ପୌରୁଷେୟ ରାକ୍ଷସ, ତକ୍ଷକ ସର୍ପ, ମେନକା ଅପସରା, ହାହା ଗନ୍ଧର୍ବ ଓ ରଥସ୍ୱନ ଯକ୍ଷ – ଏମାନେ ହେଉଛନ୍ତ ଜ୍ୟେଷ୍ଠ ମାସର କାର୍ଯ୍ୟ ନିର୍ବାହକ । ବରୁଣ ନାମକ ସୂର୍ଯ୍ୟ, ବଶିଷ୍ଠ ଋଷି, ରମ୍ଭା ଅପସରା, ସହଜନ୍ୟ ଯକ୍ଷ, ହୂହୂ ଗନ୍ଧର୍ବ, ଶୁକ୍ରନାଗ ଓ ଚିତ୍ରସ୍ୱନ ରାକ୍ଷସ – ଏମାନେ ଆଷାଢ଼ ମାସରେ କାର୍ଯ୍ୟ ନିର୍ବାହ କରନ୍ତି । ଶ୍ରାବଣ ମାସ ହେଉଛି ଇନ୍ଦ୍ର ନାମକ ସୂର୍ଯ୍ୟଙ୍କର କାର୍ଯ୍ୟକାଳ । ତାଙ୍କ ସହିତ ବିଶ୍ୱାବସୁ ଗନ୍ଧର୍ବ, ଶ୍ରୋତା ଯକ୍ଷ, ଏଳାପତ୍ର ନାଗ, ଅଙ୍ଗିରା ଋଷି, ପ୍ରମ୍ଲୋଚ୍ଚ ଅପସରା ଏବଂ ବର୍ଜ୍ୟ ନାମକ ରାକ୍ଷସ ନିଜ ନିଜ କାର୍ଯ୍ୟ ସମ୍ପାଦନ କରନ୍ତି । ଭାଦ୍ରବ ମାସର ସୂର୍ଯ୍ୟଙ୍କ ନାମ ବିବସ୍ୱାନ । ତାଙ୍କ ସହିତ ଉଗ୍ରସେନ ଗନ୍ଧର୍ବ, ବ୍ୟାଘ୍ର ରାକ୍ଷସ, ଆସାରଣ ଯକ୍ଷ, ଭୃଗୁ ଋଷି, ଅନୁମ୍ଲୋଚ୍ଚ ଅପସରା ଓ ଶଙ୍ଖପାଳ ନାଗ ରହନ୍ତି । ମାଘ ମାସରେ ପୂଷା ନାମକ ସୂର୍ଯ୍ୟ ରହନ୍ତି । ତାଙ୍କ ସହିତ ଧନଞ୍ଜୟ ନାଗ, ବାତ ରାକ୍ଷସ, ସୁଷେଣ ଗନ୍ଧର୍ବ, ସୁରୁଚି ଯକ୍ଷ, ଘୃତାଚୀ ଅପସରା ଓ ଗୌତମ ଋଷି ରହନ୍ତି । ଫାଲଗୁନ ମାସର କାର୍ଯ୍ୟକାଳ ହେଉଛି ପର୍ଜନ୍ୟ ନାମକ ସୂର୍ଯ୍ୟଙ୍କର । ତାଙ୍କ ସହିତ କ୍ରତୁ ଯକ୍ଷ, ଚର୍ଚ୍ଚା ରାକ୍ଷସ, ଭରଦ୍ୱାଜ ଋଷି, ସେନଜିତ ଅପସରା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶ୍ୱ ଗନ୍ଧର୍ବ ଓ ଐରାବତ ସର୍ପ ରହିଥାନ୍ତି । ମାର୍ଗଶୀର ମାସର ସୂର୍ଯ୍ୟଙ୍କ ନାମ ଅଂଶୁ । ତାଙ୍କ ସହିତ କଶ୍ୟପ ଋଷି, ତାର୍କ୍ଷ୍ୟ ଯକ୍ଷ, ଶୃତସେନ୍ ଗନ୍ଧର୍ବ, ଉର୍ବଶୀ ଅପସରା, ବିଦ୍ୟୁଚ୍ଛତ୍ରୁ ରାକ୍ଷସ ଓ ମହାଶଙ୍ଖ ନାଗ ରହିଥାନ୍ତି । ପୌଷ ମାସରେ ଭଗ ନାମକ ସୂର୍ଯ୍ୟଙ୍କ ସହିତ ସ୍ଫୁର୍ଜ ରାକ୍ଷସ, ଅରିଷ୍ଟନେମୀ ଗନ୍ଧର୍ବ, ଉର୍ଣ୍ଣ ଯକ୍ଷ, ଆୟୁ ଋଷି, ପୁର୍ବଚିତ୍ତି ଅପସରା ଓ କର୍କୋଟକ ନାଗ ରହିଥାନ୍ତି । ଆଶ୍ୱିନ ମାସଟି ହେଉଛି ତ୍ୱଷ୍ଟା ସୂର୍ଯ୍ୟ, ଜମଦଗ୍ନି ଋଷି, କମ୍ବଳ ନାଗ, ତିଲୋତ୍ତମା ଅପସରା, ବ୍ରହ୍ମାପେତ ରାକ୍ଷସ, ଶତଜିତ୍ ଯକ୍ଷ ଓ ଧୃତରାଷ୍ଟ୍ର ଗନ୍ଧର୍ବଙ୍କର କାର୍ଯ୍ୟକାଳ । କାର୍ତ୍ତିକରେ ବିଷ୍ଣୁ ନାମକ ସୂର୍ଯ୍ୟଙ୍କ ସହିତ ଅଶ୍ୱତର ନାଗ, ରମ୍ଭା ଅପସରା, ସୂର୍ଯ୍ୟବର୍ଚ୍ଚା ଗନ୍ଧର୍ବ, ସତ୍ୟଜିତ୍ ଯକ୍ଷ, ବିଶ୍ୱାମିତ୍ର ଋଷି ଓ ମଖାପେତ ରାକ୍ଷସ ନିଜ ନିଜର କାର୍ଯ୍ୟ ସମ୍ପନ୍ନ କରନ୍ତି ।

ଉପରୋକ୍ତ ସମସ୍ତେ ହେଉଛନ୍ତି ସୂର୍ଯ୍ୟରୂପ ଭଗବାନଙ୍କର ବିଭୂତି । ଯେଉଁ ଲୋକ ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ଏମାନଙ୍କୁ ସ୍ମରଣ କରନ୍ତି, ତାହାଙ୍କର ସକଳ ପାପ ନଷ୍ଟ ହୋଇଯାଏ । ଏହି ସୂର୍ଯ୍ୟଦେବ ନିଜର ଗଣମାନଙ୍କ ସହିତ ବାରମାସ ସର୍ବତ୍ର ବିଚରଣ କରିଥିଲନ୍ତି ଏବଂ ଇହ ଓ ପରଲୋକରେ ବିବେକ ବୁଦ୍ଧି ବିସ୍ତାର କରନ୍ତି । ସୂର୍ଯ୍ୟ ଭଗବାନଙ୍କର ଗଣମାନଙ୍କ ମଧ୍ୟରେ ଋଷିମାନେ ସୂର୍ଯ୍ୟ ସମ୍ବନ୍ଧୀୟ ଋଗ୍ବେଦ, ଯଜୁର୍ବେଦ ଓ ସାମବେଦର ମନ୍ତ୍ରଦ୍ୱାରା ସୂର୍ଯ୍ୟଙ୍କୁ ସ୍ତୁତି କରନ୍ତି ଏବଂ ଗନ୍ଧର୍ବମାନେ ସୂର୍ଯ୍ୟଙ୍କର ସୁଯଶ ଗାନ କରନ୍ତି । ଅପସରାମାନେ ଆଗରେ ନୃତ୍ୟ କରି କରି ଚାଲନ୍ତି । ନାଗଗଣ ସୂର୍ଯ୍ୟଙ୍କ ରଥକୁ ଦଉଡ଼ି ପରି ହୋଇ ବାନ୍ଧି ରଖନ୍ତି; ଯକ୍ଷମାନେ ରଥକୁ ସଜାଇ ସୁନ୍ଦର କରନ୍ତି ଏବଂ ବଳବାନ୍ ରାକ୍ଷସମାନେ ରଥକୁ ପଛରୁ ଠେଲନ୍ତି । ଏମାନଙ୍କ ଛଡ଼ା ବାଳଖିଲ୍ୟା ନାମକ ଷାଠିଏ ହଜାର ନିର୍ମଳ ସ୍ୱଭାବର ବ୍ରହ୍ମର୍ଷି ସୂର୍ଯ୍ୟଙ୍କ ଆଡ଼କୁ ମୁହଁ କରି ତାଙ୍କ ଆଗେ ଆଗେ ସ୍ତୁତି କରି ଚାଲନ୍ତି । ଏପରି ଭବେ ଅନାଦି, ଅନନ୍ତ, ଅଜନ୍ମା ଭଗବାନ ଶ୍ରୀହରି ହିଁ ପ୍ରତି କଳ୍ପରେ ନିଜ ସ୍ୱରୂପକୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଭକ୍ତ କରି ଲୋକମାନଙ୍କୁ ପାଳନ-ପୋଷଣ କରନ୍ତି ।

ଦ୍ୱାଦଶ ଅଧ୍ୟାୟରେ ଶ୍ରୀମଦ୍ଭାଗବତୋକ୍ତ ବିଷୟ ବସ୍ତୁର ସଂକ୍ଷିପ୍ତ ବିବରଣ ଏବଂ ଭାଗବତ ପାଠର ମହିମା ବର୍ଣ୍ଣନା କରାଯାଇଛି । ଶ୍ରୀମଦ୍ଭାଗବତ ମହାପୁରାଣରେ ସର୍ବପାପହାରୀ ସ୍ୱୟଂ ଭଗବାନ ନାରାୟଣ ଶ୍ରୀହରିଙ୍କର ଲୀଳା ହିଁ ସଂକୀର୍ତ୍ତନ କରାଯାଇଛି । ଏଥିରେ ଅତ୍ୟନ୍ତ ଗୋପନୀୟ ବ୍ରହ୍ମ ବିଷୟରେ ବର୍ଣ୍ଣନା କରାଯାଇଛି, ଯେଉଁଥିରେ କି ଜଗତର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟର ପ୍ରତୀତି ହୋଇଥାଏ । ଏଥିରେ ସେହି ପରମତତ୍ତ୍ୱର ଅନୁଭବାତ୍ମକ ଜ୍ଞାନ ଓ ତାହାକୁ ଲାଭ କରିବାର ଉପାୟ ବିଷୟରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ଏହି ଅଧ୍ୟାୟରେ ପ୍ରଥମ ସ୍କନ୍ଧ ଠାରୁ ଦ୍ୱାଦଶ ସ୍କନ୍ଧ ପର୍ଯ୍ୟନ୍ତ ସମସ୍ତ ସ୍କନ୍ଧର ବିଷୟ ବସ୍ତୁର ସଂକ୍ଷିପ୍ତ ପରିଚୟ ଏବଂ ଭାଗବତ ପାଠର ମହିମା ବର୍ଣ୍ଣନା ଦିଆଯାଇଛି ଯାହାକି ଆହ୍ୱାନ ଇ ପତ୍ରିକାର ଫେବୃୟାରୀ ୨୦୨୧ ସଂସ୍କରଣରେ ପ୍ରକାଶିତ ହୋଇସାରିଛି ।

ତ୍ରୟୋଦଶ ଅଧ୍ୟାୟରେ ଭିଭିନ୍ନ ପୁରାଣମାନଙ୍କର ଶ୍ଳୋକ ସଂଖ୍ୟା ନିରୂପଣ ଏବଂ ଶ୍ରୀମଦ୍ଭାଗବତର ଶ୍ରେଷ୍ଠତ୍ୱ ପ୍ରତିପାଦନ କରାଯାଇଛି ।

ବ୍ରହ୍ମ ପୁରାଣରେ ୧୦୦୦୦, ପଦ୍ମ ପୁରାଣରେ ୫୫୦୦୦, ବିଷ୍ଣୁ ପୁରାଣରେ ୨୩୦୦୦ ଏବଂ ଶିବ ପୁରାଣରେ ୨୪୦୦୦ ଶ୍ଳୋକ ରହିଛି । ଶ୍ରୀମଦ୍ ଭାଗବତରେ ୧୮୦୦୦, ନାରଦ ପୁରାଣରେ ୨୫୦୦୦, ମାର୍କଣ୍ଡେୟ ପୁରାଣରେ ୯୦୦୦ ତଥା ଅଗ୍ନି ପୁରାଣରେ ୧୫୪୦୦ ଶ୍ଳୋକ ରହିଛି । ଭବିଷ୍ୟ ପୁରାଣରେ ଶ୍ଳୋକ ସଂଖ୍ୟା ୧୪୫୦୦ । ବ୍ରହ୍ମବୈବର୍ତ୍ତ ପୁରାଣରେ ୧୮୦୦୦ ଶ୍ଳୋକ ଓ ଲିଙ୍ଗ ପୁରାଣରେ ୧୧୦୦୦ ଶ୍ଳୋକ ରହିଛି । ବରାହପୁରାଣରେ ୨୪୦୦୦, ସ୍କନ୍ଦ ପୁରାଣରେ ୮୧୧୦୦ ଏବଂ ବାମନ ପୁରାଣରେ ୧୦୦୦୦ ଶ୍ଳୋକ ରହିଛି । କୂର୍ମ ପୁରାଣରେ ୧୭୦୦୦ ଓ ମତ୍ସ୍ୟ ପୁରାଣରେ ୧୪୦୦୦ ଶ୍ଳୋକ ଅଛି । ଗରୁଡ଼ ପୁରାଣରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

୧୯୦୦୦ ଓ ବ୍ରହ୍ମାଣ୍ଡ ପୁରାଣରେ ୧୨୦୦୦ ଶ୍ଳୋକ ରହିଛି । ଏପରି ସବୁ ପୁରାଣରେ ଶ୍ଳୋକ ସଂଖ୍ୟା ମିଶି ମୋଟ ୪ ଲକ୍ଷ ହେଉଛି ।

ଭାଗବତରେ ବର୍ଣ୍ଣିତ ଭଗବାନଙ୍କର ଅଦ୍ଭୂତ ଚରିତ, ଶରୀରତତ୍ତ୍ୱ, ଜ୍ଞାନ ଦର୍ଶନ, ଭକ୍ତିଯୋଗ, ମୋକ୍ଷ ମାର୍ଗ ପ୍ରଭୃତି ବିଷୟ ସବୁ ମନୁଷ୍ୟଙ୍କର ପଠନ, ଶ୍ରବଣ, ଚିନ୍ତନ ଓ ସ୍ମରଣ କରିବା ଯୋଗ୍ୟ ।

ସର୍ବବେଦାନ୍ତସାରଂ ହି ଶ୍ରୀମଦ୍ଭାଗବତ ମିଷ୍ୟତେ ।
ତଦ୍ରସାମୃତତୃପ୍ତସ୍ୟ ନାନ୍ୟତ୍ର ସ୍ୟାଦ୍ରତିଃ କ୍ୱଚିତ୍ । ।
ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ
ସର୍ବେଷାମ୍ ଅଧ୍ୟାୟନାମ୍ ସାରସଂଗ୍ରହ ବିଶ୍ଳେଷଣ ଚିତି ସମାପ୍ତଃୟମ୍ ଦ୍ୱାଦଶ ସ୍କନ୍ଧଃ ।

ଭୀମସ୍ୟାପି ରଣେ ଭଙ୍ଗୋ ମୁନେରପି ମତିଭ୍ରମଃ ।
ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ବିଦ୍ୟତେ । ।
ତ୍ୱଦୀୟଂ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେ ।
ତେନ ତ୍ୱଦଂଘ୍ରିକମଳେ ରତିଂ ମେ ଯଚ୍ଛ ଶାଶ୍ୱତମ୍ । ।
ମନ୍ତ୍ରହୀନଂ. କ୍ରିୟାହୀନଂ, ଭକ୍ତିହିନଂ ସୁରେଶ୍ୱର ।
ଯତ୍ ପୂଜିତଂ ମୟାଦେବ ! ପରିପୂର୍ଣ୍ଣଂ ତଦସ୍ତୁମେ । ।
ଯଦକ୍ଷରପଦଭ୍ରଷ୍ଟଂ, ମାତ୍ରାହୀନଂ ଚ ଯଦ୍ ଭବେତ୍ ।
ତତ୍ସର୍ବଂ କ୍ଷମ୍ୟତାଂ ଦେବ ! ପ୍ରସୀଦ ପରମେଶ୍ୱର । ।

ଆବାହନଂ ନ ଜାନାମି, ନୈବ ଜାନାମି ପଲ୍ଲକ୍ଷନମ୍ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିସର୍ଜନଂ ନ ଜାନାମି, କ୍ଷମସ୍ୱ ପରମେଶ୍ୱର ! । ।୧ । ।

ମନ୍ତ୍ରହୀନଂ କ୍ରିୟାହୀନଂ, ଭକ୍ତିହିନଂ ସୁରେଶ୍ୱର ।

ଯତ୍ ପୂଜିତଂ ମୟାଦେବ ! ପରିପୂର୍ଣ୍ଣଂ ତଦସ୍ତୁମେ । ।୨ । ।

ଯଦକ୍ଷରପଦଭ୍ରଷ୍ଟଂ, ମାତ୍ରାହୀନଂ ଚ ଯଦ୍ ଭବେତ୍ ।

ତତ୍ସର୍ବଂ କ୍ଷମ୍ୟତାଂ ଦେବ ! ପ୍ରସୀଦ ପରମେଶ୍ୱର ! । ।୩ । ।

ଯସ୍ୟ ସ୍ମୃତ୍ୟା ଚ ନାମୋକ୍ତ୍ୟା, ତପୋଯଜ୍ଞକ୍ରିୟାଦିଷୁ ।

ନ୍ୟୂନଂ ସମ୍ପୂର୍ଣ୍ଣତାଂ ଯାତି, ସଦ୍ୟୋ ବନ୍ଦେ ତମଚ୍ୟୁତମ୍ । ।୪ । ।

ପ୍ରମାଦାତ୍ କୁର୍ବତାଂ କର୍ମ, ପ୍ରଚ୍ୟବେତାଧିରେଷୁ ଯଦ୍ ।

ସ୍ମରଣାଦେବ ତଦ୍ୱିଷ୍ଣୋଃ, ସମ୍ପୂର୍ଣ୍ଣଂସ୍ୟାଦିତି ଶ୍ରୁତିଃ । ।୫ । ।

ପୂର୍ଣ୍ଣାହୁତି- ଓଁ ପୂର୍ଣ୍ଣମଦଃ ପୁର୍ଣ୍ଣମିଦଂ, ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।

ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ, ପୂର୍ଣ୍ଣମେବାବଶିଷ୍ୟତେ । ।

। ।ହରିଃ ଓଁ ତତ୍ସତ୍ । ।

ହେ ମୋର ନମସ୍ୟ ସୁଜ୍ଞାନୀ ବିବେକୀ ପାଠକବୃନ୍ଦ -

ଭଗବାନ ହେଉଛନ୍ତି ପରମ ଶୁଦ୍ଧ ଓ ମାୟାମଳବର୍ଜିତ । ଶୋକ କିମ୍ବା ମୃତ୍ୟୁ ତାଙ୍କ ନିକଟରେ ପ୍ରବେଶ କରିପାରେନାହିଁ । ସେହି ପରମ ସତ୍ୟସ୍ୱରୂପ ପରମେଶ୍ୱରଙ୍କୁ ଧ୍ୟାନ କରି ଏହି ସଂକଳନ ସହ ମୁଁ ମୋର ଭଗବତ୍ ଜ୍ଞାନ ଶୀର୍ଷକ ଧାରାବାହିକ ସମାପ୍ତ କରୁଛି । "ହୀନଜଳେନ ଶଫରୀ ଫର୍ଫରାୟତେ" ଉକ୍ତିରେ ପ୍ରଶସ୍ତ ସାଗର ଶଯ୍ୟାର ଉତ୍ପଳଖଣ୍ଡମାତ୍ର ଜ୍ଞାନସଦୃଶ ମୁଁ ମୋର କିଛି ଜ୍ଞାନରୁ ମୋର ଭଗବତ୍ ସାରସଂଗ୍ରହ ଲେଖାସମୂହ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆପଣମାନଙ୍କ ସମୀପରେ ପ୍ରତିପାଦନ କରିଛି । ଏଥିରେ ଯାହା ସବୁ ତ୍ରୁଟି ଆପଣମାନେ ପରିଲକ୍ଷିତ କଲେ, ତାହାକୁ ଆପଣଙ୍କ ଉଦାରତାର ପରିଚୟ ପୂର୍ବକ କ୍ଷମା ପ୍ରଦାନ କରିବେ ବୋଲି ମୋର ଆଶା, ବିଶ୍ୱାସ ଓ ଆପଣଙ୍କଠାରେ ଯୋଡ଼ହସ୍ତ ପ୍ରାର୍ଥନା ।

ସର୍ବଶେଷରେ କିନ୍ତୁ ସର୍ବୋପରି ଡ଼କ୍ଟର ଜ୍ୟୋତି ପ୍ରସାଦ ପଟ୍ଟନାୟକ ମହାଶୟଙ୍କୁ ମୋର ପ୍ରଣାମ ତଥା ମୋ ଲେଖାକୁ ଧାରାବାହିକଭାବେ ଆପଣା ମାସିକ ଇ-ପତ୍ରିକାରେ ସ୍ଥାନ ଦେଇଥିବାରୁ ମୋର ଅନ୍ତରରୁ ମହାଶୟଙ୍କୁ କୃତଜ୍ଞତା ଜଣାଇ ଧନ୍ୟବାଦ ଅର୍ପଣ କରୁଛି ତଥା ମହାଶୟଙ୍କର ପତ୍ରିକା ଆବାଳ ବୃଦ୍ଧବନୀତାଙ୍କ ଦ୍ୱାରା ପରିଚିତ ଓ ଆଦୃତ ହୋଇ ଓଡ଼ିଶାର କୋଣ ଅନୁକୋଣରେ ପସାର ଓ ପ୍ରଚାର ହେଉ ବୋଲି ଓଡ଼ିଶାର ଆରାଧ୍ୟ ଭଗବାନ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଠାରେ ପ୍ରାର୍ଥନା କରୁଛି ।

"ଜୟ ଜଗନ୍ନାଥ"

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ
ମୋବାଇଲ୍ ନଂ – ୬୩୭୨୧୩୩୨୩୫
e-mail: sahadeva.pradhan04@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱ ମାତୃଭାଷା ଦିବସର ଚିନ୍ତନ



ଡା ଉଷାରାଣୀ ଦାଶ

ମାଆ ଓ ମାତୃଭୂମି ପ୍ରୀତି ଯେଉଁ ଦେଶର ଜନତାଙ୍କ ମଧ୍ୟରେ ରହିଥାଏ ସେ ଦେଶର ଗତି ଊର୍ଦ୍ଧ୍ୱଗାମୀ । ତା' ସହିତ ମାତୃଭାଷା ପ୍ରୀତି ସଂଯୁକ୍ତ ହୋଇଗଲେ ଦେଶ ସମୃଦ୍ଧିର ଶିଖରକୁ ସ୍ପର୍ଶ କରିଥାଏ । ମାତୃଭାଷା ପ୍ରୀତିର ବଳିଷ୍ଠ ନିଦର୍ଶନ ଦେଖାଇଥିଲେ ପୂର୍ବବଙ୍ଗର ଜନସାଧାରଣ, ଯାହାର ଫଳ ସ୍ୱରୂପ ବଙ୍ଗଳାଭାଷାକୁ ସରକାରୀ ଭାଷାର ମାନ୍ୟତା ମିଳିବା ସହିତ ପରବର୍ତ୍ତୀ ସମୟରେ ପୂର୍ବବଙ୍ଗ ପାକିସ୍ଥାନ ଠାରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଓ ସମୃଦ୍ଧ ରାଷ୍ଟ୍ରରେ ପରିଣତ ହୋଇ ପାରିଥିଲା ।

ସ୍ୱାଧୀନତା ଲାଭ ପରେ ୧୯୪୮ ମସିହାରେ ଡୋମିନିଅନ୍ ଅଫ୍ ପାକିସ୍ଥାନ ସରକାର ଉର୍ଦ୍ଦୁକୁ ଏକମାତ୍ର ଜାତୀୟ ଭାଷା ରୂପେ ଗ୍ରହଣ କରିଥିଲେ । ପାକିସ୍ଥାନର ଅଂଶ ସ୍ୱରୂପ ଥିବା ପୂର୍ବବଙ୍ଗ (ବର୍ତ୍ତମାନର ବାଂଲାଦେଶ)ର ସାଧାରଣ ଜନତା ଉର୍ଦ୍ଦୁ ଭାଷା ସହିତ ବଙ୍ଗଳା ଭାଷାକୁ ଦ୍ୱିତୀୟ ରାଜଭାଷାର ସ୍ୱୀକୃତି ପ୍ରଦାନ ନିମିତ୍ତ ପ୍ରସ୍ତାବ ଦେଇଥିଲେ । ମାତ୍ର ପାକିସ୍ଥାନ ସରକାର ଏହାକୁ ଅଗ୍ରାହ୍ୟ କରିଦେବାରୁ ଢାକା ବିଶ୍ୱ-ବିଦ୍ୟାଳୟର ଛାତ୍ର ଓ ସାଧାରଣ ଜନତା ୧୯୫୨ ମସିହାରେ ଢାକାଠାରେ ବିରୋଧର ଆୟୋଜନ କରିଥିଲେ । ପାଞ୍ଚଜଣ ଛାତ୍ର, ସାମାଜିକ କର୍ମୀ ଓ କେତେକ ସାଧାରଣ ଜନତାଙ୍କର ଏଥିରେ ମୃତ୍ୟୁ ହୋଇଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାତୃଭାଷାର ସୁରକ୍ଷା ଓ ସ୍ୱାଭିମାନ ରକ୍ଷା ନିମିତ୍ତ ବାଂଲାବାସୀଙ୍କର ଏହି ଅନନ୍ୟ ଓ ପୃଥିବୀ ବିରଳ ଆତ୍ମବଳୀଦାନର ଫଳ ସ୍ୱରୂପ ୧୯୫୬ରେ ବଙ୍ଗଳାଭାଷାକୁ ରାଜଭାଷାର ସ୍ୱୀକୃତି ମିଳିଥିଲା । ପରବର୍ତ୍ତୀ ସମୟରେ ବାଂଲାଦେଶୀ ରାଫିକୁଲ ଇସଲାମଙ୍କ ଓ ଅବଦୁସ ସଲାମଙ୍କ ଦ୍ୱାରା ବିଶ୍ୱ ମାତୃଭାଷା ଦିବସ ପାଳନ ନିମିତ୍ତ ପ୍ରଦତ୍ତ ପ୍ରସ୍ତାବକୁ ୟୁନେସ୍କୋର ୩୦ତମ ସାଧାରଣ ସଭାରେ ଗୃହୀତ ହୋଇ ୧୯୫୨ ମସିହାରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସହିଦମାନଙ୍କୁ ସ୍ମରଣ କରିବା ପାଇଁ ୨୧ ଫେବୃଆରୀକୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ଭାବେ ପାଳନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା ।

ଭାଷା ଏକ ସମ୍ମୋହନ, ଏକ ଆବେଗ । ଭାଷା ଭାବର ସଞ୍ଚାଳକ । ଏହା ଅଜଣା ଅପରିଚିତଙ୍କ ମଧ୍ୟରେ ସମ୍ପର୍କର ସେତୁବନ୍ଧଟିଏ, ଅସମାହିତ ଗହନତତ୍ତ୍ୱର ସରଳ ସମାଧାନର ସୂତ୍ରଟିଏ । ଏହା ସୀମାହୀନ, ଦିଗନ୍ତ ପ୍ରସାରୀ, ଯାହା ତା'ର ପରିଧି ମଧ୍ୟରେ ଥିବା ମଣିଷକୁ ବାନ୍ଧି ରଖେ ଆପଣାପଣରେ । ଫୁଲମାଳାର ଅନ୍ତର୍ନିହିତ ସୂତ୍ର ପରି ଏକ ସହିତ ଆରେକକୁ ଯୋଗ କରି ଗଢି ଦିଏ ଏକ ସୁନ୍ଦର ଭାବର ବନ୍ଧନ । ଧ୍ୱନି ସଂଯୋଜନାରେ ସୃଷ୍ଟ ଶବ୍ଦନିଚୟ ଅର୍ଥଯୁକ୍ତ ହୋଇ ଭାବବିନିମୟର ମାଧ୍ୟମ ହୋଇପାରିଲେ ଭାଷା ସଂଜ୍ଞା ଗ୍ରହଣ କରିଥାଏ । ମାତ୍ର, ମାତୃଭାଷା ଏକ ନିଆରା ଅନୁଭବ, ଏକ ମଧୁର ଆକର୍ଷଣ, ଏକ ପ୍ରୀତିଭରା ପୁଲକ । ମା'ର ଭାଷାପରି ଅମୃତଝରା, ଆପଣାପଣର ପ୍ରାଣପ୍ରାଚୁର୍ଯ୍ୟରେ ଭରା । ମା' କ୍ଷୀର ପରି ମଧୁର, ଅବିକଳ୍ପ ।

ଭାଷା ସମୀକ୍ଷକଙ୍କ ମତରେ ବର୍ତ୍ତମାନ ପୃଥିବୀର ପ୍ରାୟ ୭୦୦୦ କଥିତ ଭାଷା ମଧ୍ୟରୁ ପ୍ରାୟ ଶତକଡା ୪୩ ଭାଗ ବିପଦସଙ୍କୁଳ ଅବସ୍ଥାରେ ଅଛନ୍ତି । ପ୍ରକୃତ ପକ୍ଷେ ଶିକ୍ଷା ବ୍ୟବସ୍ଥା ଓ ସାର୍ବଜନୀନ କ୍ଷେତ୍ରରେ ବ୍ୟବହୃତ ହେଉଥିବା ଭାଷାର ସଂଖ୍ୟା ମାତ୍ର କେତେ ଶହ ମଧ୍ୟରେ ସୀମିତ । ସମଗ୍ର ପୃଥିବୀର ଶତକଡା୪୦ ଭାଗ ଲୋକ ନିଜ ମାତୃଭାଷା ବା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ବୋଧଗମ୍ୟ ଭାଷାରେ ଶିକ୍ଷାଲାଭ କରିନାହାନ୍ତି । ମିଳିତ ଜାତିସଂଘର ରିପୋର୍ଟ ଅନୁଯାୟୀ ପ୍ରତି ଦୁଇ ସପ୍ତାହରେ ଗୋଟିଏ ଭାଷା ପ୍ରାୟ ବିପଦସଙ୍କୁଳ ଅବସ୍ଥାକୁ ଆସିଯାଏ । ଜଗତୀକରଣ ଯୁଗରେ ମାତୃଭାଷାକୁ ଅଣଦେଖା କରି ବିଦେଶୀ ଭାଷା ଶିକ୍ଷାପ୍ରତି ଆଗ୍ରହ ହିଁ ମାତୃଭାଷା ବିଲୁପ୍ତିର ମୁଖ୍ୟ କାରଣ କୁହାଯାଇପାରେ । ଡିଜିଟାଲ କ୍ଷେତ୍ରରେ ମଧ୍ୟ ଶହେରୁ କମ୍ ସଂଖ୍ୟକ ଭାଷାର ବ୍ୟବହାର ଭାଷାବିଲୁପ୍ତିର ଅନ୍ୟତମ କାରଣ ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାଷାର ସୁରକ୍ଷା ଓ ସଂରକ୍ଷଣ ନିମିତ୍ତ ଆନ୍ତର୍ଜାତୀୟ ସ୍ତରରେ ପ୍ରୟାସ ଓ ପ୍ରଯତ୍ନ କରାଯାଉଛି । ମିଳିତ ଜାତିସଂଘ ଜେନେରାଲ ଆସେମ୍ବ୍ଲି ୨୦୧୯ ବର୍ଷକୁ ସ୍ୱଦେଶୀଭାଷାମାନଙ୍କର ଆନ୍ତର୍ଜାତିକ ବର୍ଷ ରୂପେ ଘୋଷିତ କରିଥିଲା । ୨୦୨୨-୩୨ ମଧ୍ୟବର୍ତ୍ତୀ ସମୟକୁ ସ୍ୱଦେଶୀ ଭାଷାମାନଙ୍କର ଆନ୍ତର୍ଜାତିକ ଦଶନ୍ଧି ଭାବରେ ମିଳିତ ଜାତିସଂଘ ନାମିତ କରିଛି । ଭାରତ ମଧ୍ୟ ଏ କ୍ଷେତ୍ରରେ ପଛରେ ପଡ଼ି ନାହିଁ । ୨୦୨୦ରେ ଘୋଷିତ ଜାତୀୟ ଶିକ୍ଷାନୀତିରେ ମାତୃଭାଷାର ବିକାଶ ନିମନ୍ତେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି । ପ୍ରାଥମିକ ଶିକ୍ଷା ଠାରୁ ବୈଷୟିକ ଶିକ୍ଷା ପର୍ଯ୍ୟନ୍ତ ଶିକ୍ଷାଦାନ ମାତୃଭାଷାରେ କରାଯିବ ଯଦ୍ଦ୍ୱାରା ବିଷୟର ବୋଧଗମ୍ୟତା ସହଜ ହେବ, ମାତୃଭାଷାରେ ଦକ୍ଷତା ପ୍ରତିପାଦନରେ ସହାୟକ ହେବ ଏବଂ ବହୁଭାଷୀ ସମାଜ ଗଠନ ନିମିତ୍ତ ଭାଷାଶିକ୍ଷାର ଦକ୍ଷତା ବୃଦ୍ଧିରେ ସହାୟକ ହେବ । ୧୯୬୧ମସିହାରେ ବୈଜ୍ଞାନିକ ବୈଷୟିକ ଶବ୍ଦାବଳୀ ଆୟୋଗ ସ୍ଥାପନ ହୋଇ ବିଶ୍ଵବିଦ୍ୟାଳୟ ସ୍ତରୀୟ ପୁସ୍ତକ ଆଞ୍ଚଳିକ ଭାଷା ରେ ରଚନା କରାଯିବା ନିମିତ୍ତ ପ୍ରୋତ୍ସାହନ ଦେଇ ଆସୁଛି ।କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ ଦ୍ଵାରା ପରିଚାଳିତ ରାଷ୍ଟ୍ରୀୟ ଅନୁବାଦ ମିଶନ ଦ୍ୱାରା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ପାଠ୍ୟପୁସ୍ତକ ଗୁଡ଼ିକୁ ସମ୍ବିଧାନର ଅଷ୍ଟମ ସୂଚୀରେ ଅନ୍ତର୍ଭୁକ୍ତ ସମସ୍ତ ଭାଷାରେ ଅନୁବାଦ କରାଯାଉଛି । ଏତଦବ୍ୟତୀତ ବିଲୁପ୍ତପ୍ରାୟ ଭାଷା ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଭାରତବାଣୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପରିଯୋଜନା, ଭାରତୀୟ ଭାଷା ବିଦ୍ୟାଳୟ ପ୍ରତିଷ୍ଠା, ଇଣ୍ଟରନେଟରେ ବିଭିନ୍ନ ଭାରତୀୟ ଭାଷାରେ ବିଷୟବସ୍ତୁ ଉପଲବ୍ଧତା ନିମନ୍ତେ ନବଲେଖା ପରିଯୋଜନା ଆଦି କାର୍ଯ୍ୟକ୍ରମ ମାତୃଭାଷା ବା ଆଞ୍ଚଳିକ ଭାଷାର ସ୍ୱୟଂ ସମ୍ପୂର୍ଣ୍ଣତାକୁ ବଜାୟ ରଖିବା ନିମନ୍ତେ ଏକ ଏକ ଅନନ୍ୟ ପଦକ୍ଷେପ ।

ଭାଷାର ସୁରକ୍ଷା ଓ ଶ୍ରୀ ବୃଦ୍ଧି ନିମିତ୍ତ ବିଶ୍ୱସ୍ତରୀୟ ଏତେ ସବୁ କାର୍ଯ୍ୟକ୍ରମର ପ୍ରମୁଖ କାରଣ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ଅନୁମେୟ ହୁଏ ଯେ ମାତୃଭାଷା ଆମକୁ ଆମର ଐତିହ୍ୟ ସହିତ ଯୋଡ଼ି ଥାଏ । ଆମର ସାମାଜିକ ଓ ସାଂସ୍କୃତିକ ପରିଚୟ କୁ ପରିଭାଷିତ କରିଥାଏ । ଗୋଟିଏ ଜାତିର ଧର୍ମ ସଂସ୍କୃତି ଓ ପରମ୍ପରା ସହିତ ଭାଷା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଭାଷାର ବିଲୋପରେ ଜାତି ତାର ଅସ୍ମିତା ହରାଇ ବସିବ । ବହୁଭାଷୀ ଜ୍ଞାନ ଆହରଣ ଦ୍ୱାରା ବିଭିନ୍ନ ଜାତି, ସମ୍ପ୍ରଦାୟ, ଦେଶର ସଂସ୍କୃତି ଓ ପରମ୍ପରା ସଂପର୍କରେ ଜାଣିବା ସମ୍ଭବ ହେବ ।

ସ୍ୱକୀୟ ମାତୃଭାଷାରେ କୌଣସି ତଥ୍ୟକୁ ବୁଝିବା ଓ ବୁଝାଇବା ଯେତେ ସହଜ, ଅନ୍ୟ ଭାଷାରେ ସେପରି ସମ୍ଭବ ନୁହେଁ । ସେଥିପାଇଁ ବିଶ୍ୱର ଅନେକ ବିକଶିତ ଓ ବିକାଶଶୀଳ ଦେଶ ଯଥା ଜାପାନ, ଋଷିଆ, ଚୀନ, ଜର୍ମାନ ଆଦିରେ ମାତୃଭାଷା ମାଧ୍ୟମରେ ପାଠପଢ଼ା ହୋଇଥାଏ ଏବଂ ପାଠ୍ୟପୁସ୍ତକ ଗୁଡ଼ିକ ମଧ୍ୟ ମାତୃଭାଷାରେ ରଚିତ ହୋଇଥାଏ । ମାତୃଭାଷା ଆମକୁ ଶିକ୍ଷିତ କରାଏ, ସଂହତି ଭାବ ଉଦ୍ରେକ କରାଏ, ଜାତୀୟ ଭାବ ଜାଗ୍ରତ କରାଏ, ଏକତା ସୂତ୍ରରେ ବାନ୍ଧି ରଖେ । ମଣିଷର, ସମାଜର, ଦେଶର ଓ ଜାତିର ଉନ୍ନତି ମାତୃଭାଷା ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।

ମାତୃଭାଷାକୁ ବିଲୋପ କରିବାରେ, ମାତୃଭୂମି ଓ ମାତୃଭାଷା ପ୍ରତି ହୀନମନ୍ୟତା ଭାବ ଥିବା ଆମର ତଥାକଥିତ ଶିକ୍ଷିତ ଜନସାଧାରଣଙ୍କ ଭୂମିକା ମଧ୍ୟ କମ୍ ନୁହେଁ । ଏହିଭଳି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭଦ୍ରମୁଖା ପିନ୍ଧା ମଣିଷମାନେ ମାତୃଭାଷାରେ କଥାବାର୍ତ୍ତା କରିବା ନିମନ୍ତେ ଲଜ୍ଜା ଅନୁଭବ କରିବା ସହିତ ନିଜ ସନ୍ତାନମାନଙ୍କୁ ମାତୃଭାଷା ଶିଖାଇବାକୁ ଆତ୍ମସମ୍ମାନ ହାନୀ ହେବ ବୋଲି ବିଚାରନ୍ତି । ନିଜ ସନ୍ତାନ ଜନ୍ମଭୂମି ଛାଡ଼ି ବିଦେଶରେ ଚାକିରୀ କରୁଛି କିମ୍ବା ବିଦେଶରେ ନାଗରିକତ୍ୱ ଗ୍ରହଣ କରି ନେଇଛି ବୋଲି ଗର୍ବର ସହ କହନ୍ତି ଓ ପୁଅଝିଅ ନାତିନାତୁଣୀଙ୍କ ସହ ଇଂରାଜୀ ଭାଷାରେ କଥା ହେଲେ ଆଭିଜାତ୍ୟ ବଢେ ବୋଲି ମନେ କରନ୍ତି । ଏହିମାନେ ହିଁ ପରୋକ୍ଷରେ ମାତୃଭାଷା ଓ ମାତୃଭୂମି ନିମିତ୍ତ ଅସଲ ଶତ୍ରୁ । ସେଥିପାଇଁ ଗଙ୍ଗାଧର ମେହେର କହିଛନ୍ତି- "ମାତୃଭୂମି ମାତୃଭାଷାରେ ମମତା ଯା' ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ?"

୨୦୨୨ ଆନ୍ତର୍ଜାତୀୟ ମାତୃଭାଷା ଦିବସର ବିଷୟବସ୍ତୁ ରଖାଯାଇଛି-'ବହୁଭାଷୀ ଶିକ୍ଷା ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର: ଆହ୍ୱାନ ଓ ସୁଯୋଗ ।' ବହୁଭାଷୀ ଶିକ୍ଷାର ଅଭିବୃଦ୍ଧି ନିମିତ୍ତ ପ୍ରଯୁକ୍ତିବିଦ୍ୟାର ସାମ୍ଭାବ୍ୟ ଭୂମିକା ଏବଂ ସମସ୍ତଙ୍କ ନିମିତ୍ତ ଗୁଣାତ୍ମକ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣର ବିକାଶ ନିମିତ୍ତ ପ୍ରଯୁକ୍ତିବିଦ୍ୟାର ସହଯୋଗ ବିଷୟରେ ଏହା ନୂତନ ଦିଗନ୍ତ ଉନ୍ମୋଚନ କରିବ । ବର୍ତ୍ତମାନ ସମୟରେ ଶିକ୍ଷାକ୍ଷେତ୍ରରେ ଥିବା ଆହ୍ୱାନର ସମାଧାନ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମ୍ଭବ ହୋଇପାରିବ । ସମସ୍ତଙ୍କ ପ୍ରତି ସମାନ ଦୃଷ୍ଟିକୋଣ ନେଇ ପୃଥିବୀର କୋଣ ଅନୁକୋଣର ସମସ୍ତ ଶିକ୍ଷାର୍ଥୀଙ୍କୁ ଅନ୍ତର୍ଭୁକ୍ତ କରିବାର ମୂଳନୀତି ଦ୍ୱାରା ଯଦି ଏହା ପରିଚାଳିତ ହୁଏ ତେବେ ପ୍ରଯୁକ୍ତିବିଦ୍ୟା ଜୀବନ ବ୍ୟାପୀ ଶିକ୍ଷାର ସୁଯୋଗ ସୃଷ୍ଟିକରିବା ଦିଗରେ ପ୍ରୟାସକୁ ତ୍ୱରାନ୍ୱିତ କରିପାରିବ ।

କୋଭିଡ ୧୯ ପରିପ୍ରେକ୍ଷୀରେ ବିଦ୍ୟାଳୟ ବନ୍ଦ ଥିବା ସମୟରେ ବିଶ୍ୱର ଅନେକ ଦେଶ ଶିକ୍ଷା କାର୍ଯ୍ୟକ୍ରମ ଚାଲୁରଖିବା ପାଇଁ ପ୍ରଯୁକ୍ତିବିଦ୍ୟା ଆଧାରିତ ସମାଧାନଗୁଡିକୁ ନିୟୋଜିତ କରିଥିଲେ । କୋଭିଡ୍ ୧୯ ପ୍ରଭାବରେ ବିଦ୍ୟାଳୟ ବନ୍ଦଥିବା ସମୟରେ ପୃଥିବୀରେ ୧୪୩ଟି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଶରେ କରାଯାଇଥିବା ଶିକ୍ଷାର ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ୟୁନେସ୍କୋ, ୟୁନିସେଫ୍, ବିଶ୍ୱବ୍ୟାଙ୍କର ସର୍ଭେରୁ ଜଣାଯାଇଛି ଯେ ଶତକଡା ୯୬ ପ୍ରତିଶତ ଉଚ୍ଚ ଆୟକାରୀ ଦେଶଗୁଡିକ ଅନଲାଇନ ପ୍ଲାଟଫର୍ମରେ ଶିକ୍ଷା ପ୍ରଦାନ କରି ଶିକ୍ଷାଦାନ କାର୍ଯ୍ୟକ୍ରମର ନିରନ୍ତରତା ଜାରି ରଖିଛନ୍ତି । ନିମ୍ନ ଆୟକାରୀ ଦେଶଗୁଡିକର ସଂଖ୍ୟା ଶତକଡା ୫୮ ଭାଗରେ ସୀମିତ । ନିମ୍ନ ଆୟକାରୀ ଦେଶଗୁଡିକ ଟେଲିଭିଜନ ଓ ରେଡିଓ ମାଧ୍ୟମରେ ଦୂରନ୍ତର ଶିକ୍ଷା ଜାରି ରଖିଛନ୍ତି ।

ନିଶ୍ଚିତ ଭାବରେ, ସେତେବେଳେ ଶିକ୍ଷକମାନଙ୍କର ସଂଚାର ବା ଆଭାସୀ ମାଧ୍ୟମରେ ଶିକ୍ଷାଦାନ ନିମିତ୍ତ ଦକ୍ଷତା ବା ପ୍ରସ୍ତୁତି ନଥିଲା । ଶିକ୍ଷାର୍ଥୀମାନଙ୍କର ମଧ୍ୟ ଆବଶ୍ୟକୀୟ ଉପକରଣ, ଇଣ୍ଟରନେଟ ସଂଯୋଗ ବା କୌଣସି ମାର୍ଗଦର୍ଶକ ନ ଥିଲେ, ଯାହାଫଳରେ ଅଧିକାଂଶ ଶିକ୍ଷାର୍ଥୀ ଦୂରଶିକ୍ଷାରୁ ବଞ୍ଚିତ ହୋଇଥିଲେ । ପୁନଶ୍ଚ ଦୂର ଶିକ୍ଷାଦାନ, ଶିକ୍ଷଣ ଉପକରଣ, ଟେଲିଭିଜନ ଓ ରେଡିଓର କାର୍ଯ୍ୟକ୍ରମ ଏବଂ ଇଣ୍ଟରନେଟରେ ଉପଲବ୍ଧ ବିଷୟବସ୍ତୁ ମୁଖ୍ୟତଃ ପ୍ରମୁଖ ଜାତୀୟ ଓ ଆନ୍ତର୍ଜାତୀୟ ଭାଷାରେ ପ୍ରଦାନ କରାଯାଉଥିଲା ।

ସୁଖର କଥା, ବିଗତ ଦୁଇ ବର୍ଷ ମଧ୍ୟରେ ଏହି ସ୍ଥିତିର କିଛି ପରିମାଣରେ ଉନ୍ନତି ଘଟିଛି । ଇଣ୍ଟରନେଟ ସଂଯୋଗ, ବହୁଭାଷୀ କାର୍ଯ୍ୟକ୍ରମ, ଆଞ୍ଚଳିକ ଭାଷାକୁ ଇଣ୍ଟରନେଟରେ ସ୍ଥାନ ପ୍ରଦାନ ଆଦି ଅନେକ ପରିବର୍ତ୍ତନ ଏହି ସମସ୍ୟାର କିଛିମାତ୍ରାରେ ସମାଧାନର ରାସ୍ତା ଦେଖାଇଛି । ଆଞ୍ଚଳିକ ଭାଷାର ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟା ଅନେକ ସୁଯୋଗ ସୃଷ୍ଟିକରିଥିଲେ ମଧ୍ୟ ଆଜି ବି ଏକ ଆହ୍ୱାନ ହୋଇ ରହିଛି । ଆଶା କରିବା, ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ନେଇ ଭାରତର ଅଗ୍ରଗତି ଏହାର ତ୍ୱରିତ ସମାଧାନର ନୂଆ ମାର୍ଗ ଦେଖାଇବ ।

ପ୍ରାଧ୍ୟାପିକା ,ଏମ୍‌ସ୍, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୋଳ ପୂର୍ଣ୍ଣିମା



ଦେବେନ୍ଦ୍ର ସାମଲ

ଋତୁରାଜ ବସନ୍ତରେ ପାଳନ କରାଯାଉଥିବା ପର୍ବମାନଙ୍କ ମଧ୍ୟରେ ଦୋଳ ପର୍ବ ଅନ୍ୟତମ । ଫାଲଗୁନ ମାସ ପୂର୍ଣ୍ଣିମା ଦିନକୁ ଦୋଳ ପୂର୍ଣ୍ଣିମା କୁହାଯାଏ । ଯାହା ଦୋଳ ଦଶମୀ ବା ଫଗୁ ଦଶମୀ ନାମରେ ଖ୍ୟାତ । ଦୋଳଯାତ୍ରା ସମୟରେ ଭଗବାନ କୃଷ୍ଣଙ୍କ ପ୍ରତିମା ସାଙ୍କୀର୍ତନ ମଣ୍ଡଳୀ, ଗାୟକ ଏବଂ ସଂଗୀତଜ୍ଞଙ୍କ ସହିତ ଏକ ଶୋଭାଯାତ୍ରା ବୀମାନ (ପାଲିଙ୍କି) ରେ ଗାଁର ସମସ୍ତ ଘରକୁ ନିଆଯାଏ ।

ଗାଁର ପ୍ରତ୍ୟେକ ଘର ଭଗବାନ କୃଷ୍ଣଙ୍କୁ ଭୋଗ ପ୍ରଦାନ କରନ୍ତି । ଶୋଭାଯାତ୍ରା ଅନୁସରଣ କରୁଥିବା ଲୋକମାନେ ଅବିର (ଶୁଖିଲା ରଙ୍ଗ) ସହିତ ଖେଳନ୍ତି । ଛଅ ଦିନି ଧରି ଏହି ଦୋଳ ଯାତ୍ରା ବା ଦୋଳ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଥାଏ ଏବଂ କେତେକ ସ୍ଥାନରେ ଏହା ସାତଦିନ, ନଅ ଦିନ ଓ ଦଶଦିନ ପର୍ଯ୍ୟନ୍ତ ଏହି ପର୍ବ ପାଳିତ ହୋଇଥାଏ ପୂର୍ଣ୍ଣିମାର ଅନ୍ତିମ ଦିନରେ, ଦେବତାମାନଙ୍କ ପାଇଁ ଏକ  ଦୋଳ ଯାତ୍ରା ସହିତ ଉତ୍ସବ ଶେଷ ହୁଏ ।

ଦୋଳ ଯାତ୍ରା ବା ଦୋଳ ପୂର୍ଣ୍ଣିମା ।

ଦୋଳ ପୂର୍ଣ୍ଣିମା ରାଧା ଏବଂ ଭଗବାନ କୃଷ୍ଣଙ୍କୁ ଦୋଳ ବିମାନରେ ବସାଇ ନଗର ପରିକ୍ରମା କରାଯାଏ । ଦୋଳ ଯାତ୍ରା ବା ପୂର୍ଣ୍ଣିମାରେ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନେକ ଗାଁରୁ ପାଲିଙ୍କିରେ ନିଆଯାଇଥିବା ମୂର୍ତ୍ତିଗୁଡ଼ିକ ମେଳଣ ପାଡିଆ ନାମକ ଏକ ସ୍ଥାନରେ ଏକତ୍ରିତ ହୁଅନ୍ତି । ସମସ୍ତ ଦୋଳ ବିମାନ ଗୋଟିଏ ଜାଗାରେ ସ୍ଥିର କରାଯାଏ । ଏହି ଶୋଭାଯାତ୍ରାରେ ଗାଁର 'ସଂକୀର୍ତ୍ତନ ମଣ୍ଡଳୀ' ନେତୃତ୍ୱ ନେଇଥାନ୍ତି ।

ପୌରାଣିକ କଥାରେ, ଏହି ପର୍ବକୁ ବସନ୍ତ-ପର୍ବ ବୋଲି କୁହାଯାଏ । କେତେକ ଶାସ୍ତ୍ରରେ ଦର୍ଶାଯାଇଛି ଭଗବାନ ଶ୍ରୀକୃଷ୍ଣ ଏକ ରାକ୍ଷସକୁ ବଧ କରିଥିଲେ । ବୃନ୍ଦାବନବାସୀ ଏଥିରେ ଉଲ୍ଲାସିତ ହୋଇ କୃଷ୍ଣଙ୍କୁ ବିମାନରେ ବସାଇ ନଗର ପରିକ୍ରମା କରିଥିଲେ । ଏହି ପର୍ବ ବସନ୍ତର ଆରମ୍ଭକୁ ଚିହ୍ନିତ କରେ ଏବଂ ଉତ୍ସାହର ସହିତ ପାଳନ କରାଯାଏ |

ପୌରାଣିକ କଥାରେ, ହୋଲି

ଏକ ଭୂତ ରାଜା, ହିରଣ୍ୟକଶ୍ୟପ ଥିଲେ । ସେ ଏତେ ଅହଂକାରୀ ଥିଲେ ଯେ ସେ ତାଙ୍କ ରାଜ୍ୟରେ ଥିବା ସମସ୍ତଙ୍କୁ ତାଙ୍କୁ ଉପାସନା କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ତାଙ୍କ ପୁଅ ପ୍ରହ୍ଲାଦ ଭଗବାନ ବିଷ୍ଣୁଙ୍କର ଜଣେ ଭକ୍ତ ହୋଇ ତାଙ୍କ ପିତାଙ୍କୁ ପୂଜା କରିବାକୁ ମନା କରିଦେଲେ । ତାଙ୍କ ପୁଅ ପ୍ରହ୍ଲାଦଙ୍କୁ ହତ୍ୟା କରିବା ପାଇଁ ହିରଣ୍ୟକଶ୍ୟପ ଅନେକ ଉପାୟ ଚେଷ୍ଟା କରିଥିଲେ କିନ୍ତୁ ପ୍ରଭୁ ବିଷ୍ଣୁ ତାଙ୍କୁ ପ୍ରତ୍ୟେକ ଥର ରକ୍ଷା କରିଥିଲେ । ଶେଷରେ, ସେ ତାଙ୍କ ଭଉଣୀ ହୋଲିକାଙ୍କୁ ପ୍ରହ୍ଲାଦଙ୍କ କୋଳରେ ପ୍ରଜ୍ୱଳିତ ଅଗ୍ନିରେ ପ୍ରବେଶ କରିବାକୁ କହିଥିଲେ । ହିରଣ୍ୟକଶ୍ୟପ  ଜାଣିଥିଲେ ଯେ ହୋଲିକାଙ୍କର ଏକ ଉତ୍ସାହ ଅଛି, ଯାହା ଦ୍ୱାରା ସେ ନିଆଁକୁ ଆୟତ୍ତ କରି ପାରିବେ ନାହିଁ ।

ହୋଲିକାଙ୍କୁ ତାଙ୍କ ଜୀବନ ସହିତ ନିଜର ଘୃଣ୍ୟ ଇଚ୍ଛାର ମୂଲ୍ୟ ଦେବାକୁ ପଡିଲା । ହୋଲିକା ଜାଣି ନଥିଲେ ଯେ ଯେତେବେଳେ ସେ ଏକାକୀ ନିଆଁରେ ପ୍ରବେଶ କରିଥିଲେ ସେତେବେଳେ ବୁନ୍ କାମ କଲା । ପ୍ରଭୁ ତାଙ୍କର ଅତ୍ୟଧିକ ଭକ୍ତି ପାଇଁ ତାଙ୍କୁ ଆଶୀର୍ବାଦ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଇଥିବାରୁ ଏହି ସମୟରେ ବିଷ୍ଣୁ ନାମ ଜପ କରୁଥିବା ପ୍ରହ୍ଲାଦ ନିରାପଦରେ ବାହାରକୁ ଆସିଥିଲେ ।

ଏହିପରି, ହୋଲି ହୋଲିକା ଠାରୁ ଏହାର ନାମ ପ୍ରାପ୍ତ କରେ ଏବଂ ମନ୍ଦ ଉପରେ ଭଲର ବିଜୟର ପର୍ବ ଭାବରେ ପାଳନ କରାଯାଏ ।

ଦୋଳ ପୂର୍ଣିମାର ଠିକ୍ ପରଦିନକୁ ସାରା ଭାରତବର୍ଷ ତଥା ଆମ ଓଡ଼ିଶାରେ ହୋଲି ଭାବେ ଧୁମଧାମରେ ପାଳନ କରାଯାଏ । ସମସ୍ତେ ପରସ୍ପର ଦେହରେ ଅବିର ଲଗାଇ ପିଚକାରୀରେ ରଙ୍ଗ ଫିଙ୍ଗି ଏ ପର୍ବର ଆନନ୍ଦ ନିଅନ୍ତି । ଏହି ଖେଳକୁ ଭାଷା ବର୍ଣ୍ଣ ଲିଙ୍ଗ, ଧର୍ମ ନିର୍ବିଶେଷରେ ସମସ୍ତେ ଉପଭୋଗ କରିଥାନ୍ତି । ସର୍ବୋପରୀ ଏହି ଖେଳ ଭିନ୍ନତା ମଧ୍ୟରେ ଏକତା ମନ୍ତ୍ରକୁ ଦର୍ଶାଇଥାଏ ।

ଦେବେନ୍ଦ୍ର ସାମଲ
୯୪୩୯୯୦୯୪୨୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନବଗୁଞ୍ଜର ରୂପ



ସୁଷମା ପରିଜା

ପୁରାଣ କହେ ଯେତେବେଳେ ପୃଥିବୀରେ ପାପର ଭାର ବେଶି ହୋଇଯାଏ, ସେତେବେଳେ ଭଗବାନ୍ ବିଷ୍ଣୁ ପୃଥିବୀର ପାପ ଭାରକୁ ଉଣ୍ଣାସ କରି ଧର୍ମର ସ୍ଥାପନା କରିବା ପାଇଁ ପୃଥିବୀ ପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି । ବିଭିନ୍ନ ପୁରାଣରେ ଭଗବାନ୍ ବିଷ୍ଣୁଙ୍କର ୧୦ଟି ମୁଖ୍ୟ ଅବତାର ସମ୍ପର୍କରେ ବର୍ଣ୍ଣନା ଅଛି । କିନ୍ତୁ ଭଗବାନ ବିଷ୍ଣୁ ଆହୁରି ଏକ ବିଚିତ୍ର ରୂପ ଗ୍ରହଣ କରିଥିବାର ଏକ କୌତୁକପୂର୍ଣ୍ଣ ବିବରଣୀ ମିଳେ ଆମ ଆଦିକବି ସାରଳା ଦାସଙ୍କ ରଚିତ ଓଡିଆ" ସାରଳା ମହାଭାରତ"ରୁ । କଥାଟି ଏମିତି ...

ବନବାସରେ ଥିବା ସମୟରେ ଦୌପଦୀଙ୍କ ସ୍ୱୟମ୍ବର ସଭାରେ ପାଣ୍ଡବ ପାଞ୍ଚଭାଇଙ୍କ ଭିତରୁ ଅର୍ଜୁନ ଲାଖ ବିନ୍ଧି ଦ୍ରୁପଦ ରାଜାଙ୍କ ଝିଅ ଦ୍ରୌପଦୀଙ୍କୁ ଜିତିଥିଲେ । ମାତ୍ର ଯେତେବେଳେ କୁଟୀରକୁ ଫେରି ଆସି ମାଆ କୁନ୍ତୀଙ୍କୁ ଦ୍ୱାର ବନ୍ଧ ପାଖରେ ସେକଥା କହିଲେ, ସେତେବେଳେ କୁନ୍ତୀ ପଛକୁ ନ ଚାହିଁ କହିଦେଲେ, "ଯାହା ଆଣିଛ ତାହାକୁ ପାଞ୍ଚଭାଇ ବାଣ୍ଟିନିଅ ।" କଥାଟି ଅପ୍ରାସଙ୍ଗିକ ହୋଇଥିଲେ ମଧ୍ୟ ମାତୃ ଆଦେଶ ପାଳନ କରି ଦ୍ରୌପଦୀଙ୍କୁ ପାଣ୍ଡବ ପାଞ୍ଚଭାଇଯାକ ବିବାହ କଲେ ।

ଗୋଟିଏ କନ୍ୟାକୁ ପାଞ୍ଚଟି ବର- ଚଳିବେ କିପରି ? ତେଣୁ ପରସ୍ପର ମଧ୍ୟରେ କଥା ହୋଇ ସମସ୍ତେ ସ୍ଥିର କଲେ, ଦ୍ରୌପଦୀଙ୍କ ସହିତ ଜଣେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିବାବେଳେ ଆଉ କେହି ସେଠାକୁ ଯିବେ ନାହିଁ । ମାତ୍ର ଦ୍ରୌପଦୀଙ୍କ ସହିତ କିଏ ଅଛି କି ନାହିଁ ଜାଣିବେ କିପରି । ତେଣୁ କଥା ହେଲା, ଯେ ଭିତରକୁ ଯିବାବେଳେ, ଘରର ଦ୍ୱାର ମୁହଁରେ ତାଙ୍କର ପାଦୁକାଟିକୁ ରଖିଦେଇ ଯିବେ । ଫଳରେ ଅନ୍ୟ କୌଣସି ଭାଇ ସେତେବେଳେ ଘର ଭିତରକୁ ଯିବେ ନାହିଁ । ଯିଏ ବାରଣ ସତ୍ତ୍ୱେ ଯିବେ, ସେ ଦଣ୍ଡ ସ୍ୱରୂପ ବାରବର୍ଷ ବନବାସ କରିବେ ।

କିନ୍ତୁ ଥରେ ଗୋଟିଏ ବିଭ୍ରାଟ ହେଲା । ସେଦିନ ଯୁଧିଷ୍ଠିର ଓ ଦ୍ରୌପଦୀ ଭିତର ଘରେ ଥିଲେ । ଏତିକିବେଳେ ମଧୁପିଙ୍ଗଳ ବ୍ରାହ୍ମଣ ଆସି ପହଞ୍ଚିଲେ । ସେ ଦ୍ୱାର ପାଖରେ ଅର୍ଜୁନଙ୍କୁ ଦେଖି କହିଲେ, "ବିଶେଷ କାର୍ଯ୍ୟରେ ଯୁଧିଷ୍ଠିରଙ୍କୁ ତୁରନ୍ତ ଦେଖା କରିବାକୁ ଚାହେଁ, ଡାକ ତାଙ୍କୁ ।" "ବଡଭାଇ ବିଶ୍ରାମ ନେଉଛନ୍ତି, ବର୍ତ୍ତମାନ ତାଙ୍କୁ ଡାକିବା ଅସମ୍ଭବ" ବୋଲି ଅର୍ଜୁନ କହନ୍ତେ କ୍ଷଣକୋପୀ ଅତିଥି ଜଣକ ଆଜ୍ଞା ପାଳନ ନକଲେ ଅଭିଶାପ ଦେଇ ସମସ୍ତଙ୍କୁ ଭସ୍ମ କରିଦେବେ ବୋଲି କହିଲେ । ଅର୍ଜୁନ ଭାବିଲେ ବ୍ରାହ୍ମଣ ଅଭିଶାପ ଦେଲେ ତ ପୁରା ବଂଶ ନାଶ ହୋଇଯିବ । ତେଣୁ ସତ୍ୟ ରକ୍ଷାକରି ସେ ନିଜେ ବନବାସ ଯିବେ ପଛକେ, ଅନ୍ତଃପୁରକୁ ଯାଇ ନିଶ୍ଚୟ ଯୁଧିଷ୍ଠିରଙ୍କୁ ଡାକିବେ । ସେତେବେଳକୁ ଯୁଧିଷ୍ଠିର ଓ ଦ୍ରୌପଦୀ ଅନ୍ତଃପୁରରେ ଥିଲେ । କିନ୍ତୁ ଦ୍ୱାର ମୁହଁରେ ଯୁଧିଷ୍ଠିରଙ୍କର ପାଦୁକା ନଥିଲା । ତେଣୁ ଭିତରେ ଯୁଧିଷ୍ଠିରଏବଂ ଦୌପଦୀ ଏକତ୍ର ଥିବା କଥା ଜାଣି ନପାରି ଅର୍ଜୁନ ଅନ୍ତଃପୁରରେ ପଶିଗଲେ ।

ଅର୍ଜୁନଙ୍କର ସେପରି କାର୍ଯ୍ୟରେ ଯୁଧିଷ୍ଠିର ଆଶ୍ଚର୍ଯ୍ୟ ହେଲେ । ସବୁକଥା ଜାଣି ମଧ୍ୟ ସେ ସେପରି କାହିଁକି କଲେ ବୋଲି ପଚାରିଲେ । ଅର୍ଜୁନ ମଥାନତ କରି ତାଙ୍କୁ କହିଲେ, "ମଧୁପିଙ୍ଗଳ ବ୍ରାହ୍ମଣ ଆସି ଆପଣଙ୍କୁ ସାକ୍ଷାତ କରିବାକୁ ଚାହୁଁଛନ୍ତି । ସାକ୍ଷାତ ନ ପାଇଲେ ବ୍ରହ୍ମଶାପରେ ଆମର ବଂଶ ନାଶ କରି ଦେବେ ବୋଲି କହିଲେ ।" ହେ ଜ୍ୟେଷ୍ଠ ! ତେଣୁ ମୁଁ ନିରୁପାୟ ହୋଇ ନିୟମ ଭଙ୍ଗ କରିଛି । ମୁଁ ବାର ବର୍ଷ ବନବାସ ଯାଏ ପଛେ, ବ୍ରହ୍ମକୋପରୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆମର ବଂଶ ରକ୍ଷା ପାଉ । ଯୁଧିଷ୍ଠିର ବ୍ୟସ୍ତ ହୋଇପଡ଼ିଲେ । ସାନଭାଇ ବାରବର୍ଷ ବନବାସରେ ଯିବ, କୋଉ ବଡ଼ଭାଇ ଅବା ବ୍ୟସ୍ତ ନ ହେବ ! ତଥାପି ଯୁଧିଷ୍ଠିର ପଚାରିଲେ...

- ଦ୍ୱାର ମୁହଁରେ ତ ମୋର ପାଦୁକା ଥିଲା ! ତାହା କ'ଣ ତୁମେ ଦେଖିପାରିଲ ନାହିଁ ?

- ନା' ସେଠାରେ କୌଣସି ପାଦୁକା ନଥିଲା ତ ! ଅର୍ଜୁନ କହିଲେ ।

ନିୟମ ଅନୁସାରେ ତ ଜଣେ ଭିତରକୁ ଗଲେ ତା'ର ପାଦୁକା ବାହାରେ ରହିବା କଥା । ତେବେ ସେଠାରେ ନଥିଲା କାହିଁକି ? ସେ ଆଶ୍ଚର୍ଯ୍ୟ ହେଲେ, ମନେ ମନେ ଚିନ୍ତା କଲେ, "ତେବେ ଦ୍ୱାର ମୁହଁରୁ ଯୁଧିଷ୍ଠିରଙ୍କର ପାଦୁକା ନେଲା କିଏ ?"

ତରବର ହୋଇ ଯୁଧିଷ୍ଠିର ଓ ଅର୍ଜୁନ ଯାଇ କୁଟୀର ଦ୍ୱାରରେ ଦେଖନ୍ତି ତ ସେଇ ବ୍ରାହ୍ମଣ ଜଣକ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି । ଦୁହେଁ ଚିନ୍ତାରେ ପଡିଲେ ଏହା କୌଣସି ଆସୁରି ମାୟା ନୁହେଁ ତ ! ବ୍ରାହ୍ମଣ ଜଣକ ସତ ହୁଅନ୍ତୁ କି ମିଛ, କିନ୍ତୁ ଅର୍ଜୁନ ନିୟମ ଭଙ୍ଗ କରିଛନ୍ତି ମାନେ ଦଣ୍ଡ ଭୋଗିବାକୁ ହେବ ନିଶ୍ଚିତ । ତେଣୁ କାଳବିଳମ୍ବ ନକରି ଅର୍ଜୁନ ବାରବର୍ଷ ବନବାସରେ ଯିବାକୁ ବାହାରିଲେ । ଭାଇ ଯୁଧିଷ୍ଠିର, ପତ୍ନୀ ଦ୍ରୌପଦୀ, ମାଆ କୁନ୍ତୀ- ଯିଏ ଯେତେ ବୁଝାଇଲେ ମଧ୍ୟ କାହା କଥା ଶୁଣିଲେ ନାହିଁ । ମା' କୁନ୍ତୀ ଏବଂ ପରିବାରର ଅନ୍ୟ ସମସ୍ତଙ୍କୁ ବୁଝାଇ ଶୁଝାଇ ସେମାନଙ୍କ ଠାରୁ ବିଦାୟ ନେଇ ଅର୍ଜୁନ ବାରବର୍ଷ ପାଇଁ ବନବାସରେ ଚାଲିଗଲେ । ଦେହରେ ବ୍ୟାଘ୍ର ଚର୍ମର ପୋଷାକ, ମୁଣ୍ଡରେ ପକ୍ଷୀର, ବେକରେ ଗୁଞ୍ଜମାଳି, ଚିତା, ହାତରେ ଧନୁତୀର ଧରି ସେ କିରାତଟିଏ ପରି ସେ ଗହନ ବନରେ ଘୁରି ବୁଲୁଥାନ୍ତି ।

ଅର୍ଜୁନଙ୍କ ବନବାସ ଯିବା ପରେ ସମସ୍ତେ ମନ ଦୁଃଖରେ ଥାଆନ୍ତି । ଯୁଧିଷ୍ଠିର ସହଦେବଙ୍କୁ ପଚାରିଲେ, ଏପରି କାହିଁକି ହେଲା ? ସହଦେବ ତ ସର୍ବଦର୍ଶୀ । ସେ କହିଲେ- ଏହା ଦୈବୀ ବିଡମ୍ବନା । ଶ୍ୱେତରାଜାଙ୍କ ଯଜ୍ଞ ସମୟରେ ଶହେ ବର୍ଷ ଧରି ଏକ ଅଗ୍ନିହୋମ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୋଇଥିଲା । ସେହି ଅଗ୍ନିହୋମରେ ବହୁ ସହସ୍ର ମହଣ ଘୃତାହୁତି ହେଲା । ବୈଶ୍ୱାନର ଲୋଭରେ ପଡ଼ି ଅନେକ ଘିଅ ଖାଇ ଦେଇଥିଲେ । ତେଣୁ ତାଙ୍କୁ ଲୁଦୁବୁଦୁ ବ୍ୟାଧି ହୋଇଛି । ଖାଣ୍ଡବ ବନରେ ହିଁ ସେଥିରୁ ମୁକ୍ତି ପାଇବା ପାଇଁ ଔଷଧି ରହିଛି । ଅଗ୍ନି ଦେବତା ଇନ୍ଦ୍ର ଦେବତାଙ୍କୁ ଖାଣ୍ଡବ ବନରୁ ଔଷଧି ମାଗିଥିଲେ । ମାତ୍ର ଇନ୍ଦ୍ର ତାହା ଦେଲେ ନାହିଁ । ତେଣୁ ଅଗ୍ନି ଦେବତା ଇନ୍ଦ୍ରଙ୍କ ପୁତ୍ର ଅର୍ଜୁନଙ୍କ ଦ୍ୱାରା ଏଇ କାମଟି ହାସଲ କରିବା ପାଇଁ ଚାହିଁଲେ । ଅଗ୍ନିଦେବତା ଲୁଦୁବୁଦୁ ବ୍ୟାଧିରୁ ମୁକ୍ତି ହେବା ପାଇଁ ଖାଣ୍ଡବ ବନ ଦହନ ହେବା ଦରକାର ଏବଂ ସେଥିପାଇଁ ଅର୍ଜୁନ ସେଠାକୁ ଯିବା ଦରକାର । ସେଥିପାଇଁ ଗତ ତିନିଯୁଗ ଧରି ଅଗ୍ନିଦେବତା ଆଶାୟୀ ହୋଇ ରହିଛନ୍ତି । ସେଥିପାଇଁ ନିଜେ ବୈଶ୍ୱାନର ଅଗ୍ନି ଶ୍ୱାନ ବେଶରେ ଆପଣଙ୍କ ପାଦୁକାକୁ ଦ୍ୱାର ମୁହଁରୁ ନେଇ ଯାଇଥିଲେ । ସେ ନିଜେ ମଧ୍ୟ ମାୟା ବ୍ରାହ୍ମଣ ବେଶରେ ଆସିଥିଲେ । ଅଗ୍ନି ଦେବତା ହିଁ ଏପରି ଚକ୍ରାନ୍ତ କରି ଅର୍ଜୁନଙ୍କୁ ବନକୁ ପଠାଇଛନ୍ତି ।

ସହଦେବଙ୍କର କଥା ଶୁଣି ସମସ୍ତେ ବସି ବିଚାର କଲେ, ଦୈବୀ କାର୍ଯ୍ୟରେ ସହଯୋଗ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଅର୍ଜୁନଙ୍କର ବନବାସ ଫଳରେ ଯଦି ଅଗ୍ନିଦେବତା ଲୁଦୁବୁଦୁ ବ୍ୟାଧିରୁ ମୁକ୍ତ ହୋଇପାରିବେ, ତା'ହେଲେ ଅର୍ଜୁନ ବନବାସରେ ଯିବାକୁ ଆମେ ବିରୋଧ କରିବା ନାହିଁ ।

ବନବାସ ସମୟର କଥା । ଦିନେ ଶିବପାର୍ବତୀ ତପସ୍ୱୀ-ତପସ୍ୱିନୀ ରୂପରେ ବନବିହାର କରୁଥାଆନ୍ତି । କ୍ଳାନ୍ତ ହୋଇପଡିବାରୁ ଶିବ, ପାର୍ବତୀଙ୍କ କୋଳରେ ମୁଣ୍ଡ ରଖି ଶୋଇଲେ । ତାଙ୍କର ଗଣ୍ଡାଟି ପାଖରେ ଥିବା ଜଳାଶୟରୁ ଜଳପାନ କରୁଥାଏ । ଜଳପାନ କରି ଲେଉଟି ଗଲାବେଳେ ଅର୍ଜୁନ ସେହି ବିଚିତ୍ର ଜୀବଟିକୁ ଦେଖି ତାକୁ ତୀର ବିନ୍ଧିଲେ । ତୀରଟି ଗଣ୍ଡାର ବାମ ଅଙ୍ଗରେ ଫୁଟିଗଲା । ସେ ଯାଇ ତପସ୍ୱୀ-ତପସ୍ୱିନୀ ବେଶରେ ଥିବା ଶିବ ପାର୍ବତୀଙ୍କ ପାଖରେ ପଡ଼ି ପ୍ରାଣତ୍ୟାଗ କଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାହା ଦେଖି ପାର୍ବତୀ ବ୍ୟସ୍ତ ହୋଇପଡ଼ିଲେ । ଶିବଙ୍କୁ ନିଦରୁ ଉଠାଇ କହିଲେ, ଆମର ପ୍ରିୟ ଗଣ୍ଡାଟିକୁ କିଏ ମାରିଲା ଯାଇ ଦେଖ । ଶିବ ନିଦରୁ ଉଠି ଗଣ୍ଡାଟିକୁ ମୃତ ଦେଖି କ୍ରୁଦ୍ଧ ହେଲେ । ଅର୍ଜୁନ ତୀର ବିନ୍ଧି ସାରିବା ପରେ ଗଣ୍ଡାକୁ ଅନୁସରଣ କରି ଆସୁ ଆସୁ ତପସ୍ୱୀ ବେଶରେ ଥିବା ଶିବଙ୍କ ସହିତ ତାଙ୍କର ମୁହାମୁହିଁ ହୋଇଗଲା । ଅର୍ଜୁନଙ୍କୁ ଗଣ୍ଡାଟିର ହତ୍ୟାକାରୀ ବୋଲି ଜାଣି ସେ ଗୋଟିଏ ଗଛର ଡାଳ ଧରି ତାଙ୍କ ଆଡ଼କୁ ଝପଟି ଆସିଲେ । ଦୁହିଁଙ୍କ ମଧ୍ୟରେ କଥା କଟାକଟିରୁ ଯୁଦ୍ଧ ଆରମ୍ଭ ହୋଇଗଲା । ଶକ୍ତିରେ ଏକୁ ଆରେକ ବଳୀୟାର ଥିଲେ ମଧ୍ୟ ଅର୍ଜୁନ ଭାରି ପଡୁଥିଲେ ଶିବଙ୍କ ଉପରେ । ସେ  ନିଜର ଧନୁକୁ ଶିବଙ୍କ ଗଳାରେ ପକାଇ ଚକ୍ରି ପରି ଘିରିଘିରି ବୁଲାଇବାକୁ ଲାଗିଲେ । ଶିବଙ୍କର ନାକ ଓ ପାଟିରୁ ଧାର ଧାର ରକ୍ତ ଝରିବାକୁ ଲାଗିଲା । ତହୁଁ ଅର୍ଜୁନଙ୍କର ବଳ ବିକ୍ରମରେ ମୁଗ୍ଧ ହୋଇ ଶିବ କହିଲେ, "ବତ୍ସ ! ମୁଁ ତୁମ ଉପରେ ସନ୍ତୁଷ୍ଟ । ମୋତେ କି ବର ମାଗୁଛ ମାଗ ।"

ଜଣେ ସାଧାରଣ ତପସ୍ୱୀଙ୍କ ମୁଖରୁ ଏ କଥା ଶୁଣି ଅର୍ଜୁନ ପରିହାସ କରି କହିଲେ, "ତୁମେ ଏମିତି କିଏ ଯେ ମୋତେ ପୁଣି ବର ଦେବ ? ତୁମର ସତରେ ଯଦି କିଛି ଅଲୌକିକ ଶକ୍ତି ଅଛି, ତେବେ ମତେ ତୁମର ସ୍ୱରୂପ ଦେଖାଅ ।" ଏ ଭିତରେ ପାର୍ବତୀ ଯୋଗ ଶକ୍ତି ବଳରେ ଜାଣି ସାରିଥାନ୍ତି ଯେ ଏହି କିରାତ କୌଣସି ସାଧାରଣ ଶବର ନୁହେଁ; ସେ ସ୍ୱୟଂ ଅର୍ଜୁନ । ସେ ଆନନ୍ଦିତ ହୋଇ କହିଲେ "ପୁତ୍ର ଅର୍ଜୁନ ! ତୁମର ସୌଭାଗ୍ୟ, ତୁମେ ଆଜି ସ୍ୱୟଂ ବିଶ୍ୱନାଥଙ୍କର ଦର୍ଶନ  ପାଇଲ ।" ପାର୍ବତୀଙ୍କ କଥା ଶୁଣି ଅର୍ଜୁନ ଅସ୍ତ୍ର ତ୍ୟାଗ କରି ତପସ୍ୱୀ ବେଶରେ ଥିବା ଶିବଙ୍କୁ ପ୍ରଣିପାତ କଲେ । ସ୍ୱୟଂ ମହାଦେବଙ୍କ ସହିତ ଶତ୍ରୁତା କରିଥିବାରୁ ନିଜକୁ ଧିକ୍କାର ମଧ୍ୟ କଲେ । ତାହା ଦେଖି ପାର୍ବତୀ ଅର୍ଜୁନଙ୍କୁ କହିଲେ, ଅଜାଣତରେ କରିଥିବା ଭୁଲ୍ ପାଇଁ ମନ ବିରସ କରୁଛ କାହିଁକି ? ଶତ୍ରୁତାରେ ହେଉ ପଛେ ତୁମେ ମହାଦେବଙ୍କୁ ସନ୍ତୁଷ୍ଟ କରିଛ । ଏବେ ତାଙ୍କୁ  କି ବର ମାଗୁଛ ମାଗ ।"

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ମାତ୍ର ଅର୍ଜୁନ କି ବର ମାଗିବେ ତାହା ବୁଝି ନ ପାରିବାରୁ ପାର୍ବତୀ ଚୁପ୍ କରି ତାଙ୍କୁ "ପାଶୁପତ ଅସ୍ତ୍ର" ମାଗିବାକୁ କହିଦେଲେ । ସେହି ଅସ୍ତ୍ରରେ ଶିବ ତ୍ରିପୁର ଦହନ କରିଥିଲେ । ସେହିପରି ପାର୍ବତୀ ମଧ୍ୟ ଅର୍ଜୁନଙ୍କୁ ଏକ ବର ଦେବାକୁ ଚାହିଁଲେ । ଅର୍ଜୁନ କି ବର ମାଗିବେ ବୋଲି ଚିନ୍ତା କରିବାରୁ ଶିବ ତାଙ୍କୁ ଚୁପ୍ କରି ପାର୍ବତୀଙ୍କ "ଅକ୍ଷୟ ତୂଣୀର"ଟି ମାଗିବାକୁ କହିଲେ । ସତ୍ୟ ଯୁଗରେ ଦୁର୍ଗା ଅବତାର ବେଳେ ସହସ୍ର ଭୁଜରେ ପାଞ୍ଚଶହ ଧନୁ ଧରି ସେ ତୀର ବିନ୍ଧିଥିଲେ । ରାତିଦିନ ଯୁଦ୍ଧ ଚାଲିଲେ ମଧ୍ୟ ସେ ତୂଣୀରରୁ ତୀର ସରି ନଥିଲା । ଏହିପରି ଦୈବୀ କୃପାରୁ ଶିବ ଓ ପାର୍ବତୀଙ୍କ ଠାରୁ ଅର୍ଜୁନ ଅକ୍ଷୟ ତୂଣୀର ଓ ପାଶୁପତ ଅସ୍ତ୍ର ପାଇବା ପରେ ନିର୍ଭୟରେ ଅରଣ୍ୟ ମଧ୍ୟରେ ଦିନ ବିତାଇବାକୁ ଲାଗିଲେ ।

ଏଣେ ଅର୍ଜୁନଙ୍କର ବନବାସବାର୍ତ୍ତା ଶୁଣି ଶ୍ରୀକୃଷ୍ଣ ଦ୍ୱାରକାରୁ ଆସି ହସ୍ତିନାରେ ପହଞ୍ଚିଲେ । ସେଠାରେ ସେ ସହଦେବଙ୍କ ଠାରୁ ଅର୍ଜୁନଙ୍କ ବନବାସର କାରଣ ଜାଣିଲେ । ତା'ପରେ ସହଦେବଙ୍କୁ ପଚାରିଲେ, ଅର୍ଜୁନ ଏବେ ବଣରେ କ'ଣ କରୁଛନ୍ତି ମୋତେ କୁହ । ସହଦେବ ନିଜର ଦିବ୍ୟଶକ୍ତି ବଳରେ ଜଣାଇଲେ ଯେ, ହର ଉଦ୍ୟାନ ବନରେ ଶିବଙ୍କୁ ଦ୍ୱନ୍ଦ୍ୱ ଯୁଦ୍ଧରେ ଜିଣି ଅର୍ଜୁନ ଅକ୍ଷୟ ତୂଣୀର ଓ ପାଶୁପତ ଅସ୍ତ୍ର ବର ରୂପେ ପାଇଛନ୍ତି । ଏବେ ସେ ନିର୍ଭୟରେ ମଣିଭଦ୍ର ପର୍ବତ ଉପରେ ଥିବା ବନରେ ଘୂରି ବୁଲୁଛନ୍ତି । ଆଜିକୁ ତାଙ୍କର ବନବାସ ଚାରି ବର୍ଷ ଛଅ ମାସ ହେଲା ।

ଶ୍ରୀକୃଷ୍ଣ ଚିନ୍ତିତ ହେଲେ । "ମୋର ପ୍ରିୟସଖା ଅର୍ଜୁନ ନାହିଁ, ତେଣୁ ମତେ ଏଠାରେ ଭଲ ଲାଗୁନାହିଁ । ମୁଁ ଏବେ ଚାଲିଲି" କହି ସେ ଯିବାକୁ ବାହାରିଲେ । ତାହା ଦେଖି ଯୁଧିଷ୍ଠିର କହିଲେ, ଏକା ଆପଣଙ୍କୁ ନୁହେଁ, ଆମକୁ ମଧ୍ୟ ଅର୍ଜୁନ ବିନା ଭଲ ଲାଗୁନାହିଁ । ତେଣୁ ଆପଣ ଦ୍ୱାରକା ନ ଯାଇ ଅର୍ଜୁନଙ୍କ ପାଖକୁ ଯାଆନ୍ତୁ ଓ ତାଙ୍କୁ ବୁଝାଇ ଶୁଝାଇ ଏଠାକୁ ନେଇ ଆସନ୍ତୁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତା' ପରେ ଶ୍ରୀକୃଷ୍ଣ ଗରୁଡ଼ ପିଠିରେ ବସି ସେଠାରୁ ସତୁରୀ ଯୋଜନ ଦୂରରେ ଥିବା ମଣିଭଦ୍ର ପର୍ବତରେ ପହଞ୍ଚିବା ପୂର୍ବରୁ ଶ୍ରୀକୃଷ୍ଣ ଭାବିଲେ, ଏତେକାଳ ପରେ ପ୍ରିୟସଖା ଅର୍ଜୁନ ସହିତ ଦେଖାହେବ । ତାଙ୍କୁ ଟିକିଏ ପରୀକ୍ଷା କରିନେବା । ଦେଖିବା, ସଖା ମୋତେ ଚିହ୍ନି ପାରୁଛନ୍ତି କି ନାହିଁ ! ତେଣୁ ମଣିଭଦ୍ରା ପର୍ବତ ଅଳ୍ପ ଦୂରରେ ଅଛି, ଗରୁଡଙ୍କୁ ସେ ଶୂନ୍ୟରେ ଅଟକାଇ ଏକ ଅଭିନବ ବେଶ ଧରିଲେ ।

ସେହି ବେଶ ଯେପରି ବିଚିତ୍ର, ସେପରି ସୁନ୍ଦର ଓ କୌତୂହଳପୂର୍ଣ୍ଣ । ତାଙ୍କର ଗୋଟିଏ ଶରୀରରେ ନଅଟି ଶରୀରର ସମାହାର ଘଟିଥିଲା । କୁକ୍କୁଟର ମୁଣ୍ଡ, ବୃଷଭର ଚୂଳ, ମୟୂରର କଣ୍ଠ ସହିତ ଲାଞ୍ଜ ରୂପେ ଏକ ସର୍ପ ଶୋଭା ପାଉଥିଲା । ଅଣ୍ଟାଟି ଥିଲା ସିଂହର । ଚାରିପାଦରୁ ତିନିଟି ପାଦ ଥିଲା ବାଘ, ହାତୀ ଓ ଘୋଡାଙ୍କର ଏବଂ ଆଗ ପାଦଟି ଥିଲା ମନୁଷ୍ୟର ହାତ । ସେହି ହାତରେ ଏକ ପଦ୍ମଫୁଲ ଶୋଭା ପାଉଥିଲା ।

ଆଦିକବି ସାରଳା ଦାସ ତାଙ୍କ ମହାଭାରତର ମଧ୍ୟପର୍ବରେ ଶ୍ରୀକୃଷ୍ଣଙ୍କର ଏହି ଅଦ୍ଭୁତ "ନବଗୁଞ୍ଜର" ରୂପର ସୁନ୍ଦର ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି :

ଶୁଣ ହୋ ବଇବସୁତ ମନୁ ବଦୟନ୍ତି ଅଗସ୍ତି
ଯେକଇ ଶରୀରେ ଦେବ ଧଇଲେ ନବମୂର୍ତ୍ତି ।
କୁକୁଡ଼ାର ମୁଣ୍ଡ ଗୋଟି ଅତୀଅ ସୁନ୍ଦର ଦିଶଇ
ବୃଷଭର ଚୂଳ ଯେ ମୟୂରର କଣ୍ଠ ବିରାଜଇ ।
ଅହିବର ପୁଚ୍ଛା ମଝା ସିଂଘ କଟି ପ୍ରାୟେ
ବ୍ୟାଘ୍ରର ଚରଣ ଗୋଟି ଅତୀବ ଶୋଭା ପାୟେ ।
ତୁରଙ୍ଗ ଚରଣେ ଯେ ଦିଶଇ ସୁନ୍ଦର
ଆବର ପାଦ ଗୋଟି ଅଟଇ କରିବର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଗ ପାଦ ଗୋଟିକ ମନୁଷ୍ୟର କର ଯେ ଅଟଇ
ସେ କରେ ପଦମ୍‌ପୁଷ୍ୟ ଗୋଟିୟେକ ଘେନିଲେ ଭାବଗ୍ରାହୀ ।
"ନବ ଗୁଞ୍ଜର "ଆଦିକବି ସାରଳା ଦାସଙ୍କର ଏକ ଅନନ୍ୟ ସୃଷ୍ଟି ।
ନଅ ଗୋଟି ପ୍ରାଣୀଙ୍କ ଅଙ୍ଗ ଧାରଣ କରିଥିବାରୁ ତା'ର ନାମ ହେଲା 'ନବ ଗୁଞ୍ଜର' ।

ଅର୍ଜୁନ ସେହି ବିଚିତ୍ର ଜୀବ ଟିକୁ ଦେଖି ଆସୁରୀ ମାୟା ବୋଲି ଭାବି ତା'କୁ ମାରିବା ପାଇଁ ଗୋଡାଇଲେ । ଜଙ୍ଗଲରେ ବହୁତ ବାଟ ଭ୍ରମି ଭ୍ରମି ଥକି ପଡିଲା ଜୀବଟି । ଅର୍ଜୁନଙ୍କର ତୀକ୍ଷ୍ଣ ଶରରୁ ରକ୍ଷା ପାଇବା ପାଇଁ ସେ ପୁନଃଶ୍ଚ ଧାବିତ ହେଲା । ପଛେ ପଛେ ଧାଇଁଥିଲେ ଧନୁର୍ଦ୍ଧାରୀ ଅର୍ଜୁନ । ପରକ୍ଷଣରେ ଅର୍ଜୁନଙ୍କର ମନକୁ ଆସିଲା, ନା, ଏ ଅସାଧାରଣ ଜୀବ ନିଶ୍ଚିତ ଭାବରେ ଏକ ମାୟାରୂପ । ସେ ଚିନ୍ତା କଲେ ଯେ, ହୁଏତ ଇଏ ମଧ୍ୟ ସେଇ ମାୟା ତପସ୍ୱୀ ଶିବଙ୍କ ଭଳି ଅନ୍ୟ କୌଣସି ଦେବତା । ଅଥବା ସ୍ୱୟଂ ଭଗବାନ । ଏହା ଚିନ୍ତା କରି ଅର୍ଜୁନ ଅସ୍ତ୍ର ତ୍ୟାଗ କରି ସେହି ନବଗୁଞ୍ଜରଙ୍କୁ ପ୍ରଣାମ କରି ସ୍ତୁତି କରିବାକୁ ଲାଗିଲେ । ଦୁଇ ହାତ ଯୋଡି ସେ ପ୍ରାର୍ଥନା କଲେ ହେ ଭଗବନ୍ ! ତୁମେ ଅଜେୟ, ଅକ୍ଷୟ, ଅବ୍ୟକ୍ତ । ତୁମେ ନିର୍ଗୁଣ ନିରାକାର ପୁଣି ସଗୁଣ ସାକାର । ତୁମେ ଅନାଦି ଅନନ୍ତ, ବାଞ୍ଛା କଳ୍ପତରୁ । ସ୍ୱୟଂ ତ୍ରିଲୋଚନ ମଧ୍ୟ ଦିନେ ତୁମ ମାୟାରେ ଭୁଲିଥିଲେ । ମୁଁ ତ ଛାର ମନୁଷ୍ୟ ! ଏଣୁ ହେ ମହାଭାଗ ! ଦାସର ଦୋଷ କ୍ଷମା କରି ଏହି ମାୟାରୂପ ଛାଡ଼ି ଆପଣା ରୂପରେ ପ୍ରକଟ ହୁଅନ୍ତୁ ପ୍ରଭୋ ! "

ଅର୍ଜୁନଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ନବଗୁଞ୍ଜର ବେଶ ତ୍ୟାଗ କରି ସଖାଙ୍କୁ ନିଜ ସ୍ୱରୂପରେ ଦର୍ଶନ ଦେଲେ ଲୀଳାମୟ । ପାଖରେ ସଖାଙ୍କୁ ପାଇ ଅର୍ଜୁନଙ୍କ ଆନନ୍ଦର ସୀମା ରହିଲାନି । ସେ ସଖାଙ୍କୁ ପୁନଃ ପୁନଃ ପ୍ରଣାମ ଜଣାଇ କୋଳାଗ୍ରତ କଲେ ଏବଂ ଅଜାଣତରେ କରିଥିବା ଦୋଷଟି ପାଇଁ କ୍ଷମା ମାଗିଲେ । ସଖାଙ୍କୁ ଭୂମିରେ ଉଠାଇ କୋଳାଗ୍ରତ କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶ୍ରୀକୃଷ୍ଣ କହିଲେ "ହେ ସଖା ! ତୁମ ବନବାସର ସକଳ ବୃତ୍ତାନ୍ତ ଶୁଣି ସାରିଛି ମୁଁ, ଏବେ ତ ଅଗ୍ନି ଦେବ ବ୍ୟାଧିମୁକ୍ତ ହୋଇ ସାରିଛନ୍ତି, ତୁମେ ମଧ୍ୟ ଈଶ୍ୱର ପାର୍ବତୀଙ୍କଠାରୁ ଆଶୀର୍ବାଦ ପାଇ ସାରିଛ, ଏଣୁ ଏବେ ଫେରିଚାଲ ହସ୍ତିନାପୁରକୁ ।"

ମାତ୍ର ଅର୍ଜୁନ କହିଲେ, ମୁଁ ସତ୍ୟ ଲଂଘନ କରିପାରିବି ନାହିଁ । ମୋର ବନବାସକୁ ଏବେ ମାତ୍ର ଚାରି ବର୍ଷ ଛଅ ମାସ ତେର ଦିନ ହେଲା । ଆଉ ସାତ ବର୍ଷ ପାଞ୍ଚ ମାସ ସତର ଦିନ ବାକି ଅଛି ବାରବର୍ଷ ସମ୍ପୂର୍ଣ୍ଣ ହେବାକୁ । ବାର ବର୍ଷ ପୁରିଲେ ମୁଁ ହସ୍ତିନାପୁରକୁ ଫେରିବି । ଅର୍ଜୁନଙ୍କ କଥା ଶୁଣି ଶ୍ରୀକୃଷ୍ଣଙ୍କର ମନଦୁଃଖ ହେଲେ ମଧ୍ୟ ସେ ଅର୍ଜୁନଙ୍କ ସତ୍ୟନିଷ୍ଠା ଦେଖି ଆନନ୍ଦିତ ହେଲେ ଏବଂ ଦ୍ୱାରକା ଫେରିବା ପାଇଁ ବାହାରିଲେ ।

ଅର୍ଜୁନ ହାତଯୋଡି ସଖାଙ୍କୁ ଅନୁରୋଧ କଲେ "ସଖା ! ଆପଣଙ୍କର ଏ "ନବଗୁଞ୍ଜର" ରୂପ ମୋତେ ମୁଗ୍ଧ କରିଛି । ସୃଷ୍ଟିରେ ଜୀବଜନ୍ତୁ ଓ ମନୁଷ୍ୟ ପରସ୍ପର ସହିତ ମିଳିମିଶି ରହି ପାରିବେ, ଏହି ବାର୍ତ୍ତା ଦେଉଛି ଆପଣଙ୍କର ଏ ରୂପ । ଏଣିକି ଆପଣଙ୍କର ଏହି ନବଗୁଞ୍ଜର ରୂପ, ଅପୂର୍ବ ସହାବସ୍ଥାନ ଭାବ ଜାଗ୍ରତ କରିବା ପାଇଁ ହିଁ ସଂସାରରେ ସମସ୍ତଙ୍କ ଦ୍ୱାରା ପୂଜିତ ହେବ ।"

"ତଥାସ୍ତୁ" କହି ସମ୍ମତି ଜଣାଇଲେ କେଶବ ।

ସେଇ ଦିନୁଁ ଶ୍ରୀକୃଷ୍ଣ ଙ୍କର ନବଗୁଞ୍ଜର ରୂପ ସାରା ଜଗତରେ ପୂଜା ପାଉଛନ୍ତି ।

ଶାରଳା ଭବନ, ପୋତାପୋଖରୀ, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେଦାରନାଥ



ଶାନ୍ତିଲତା ସାହୁ

କେଦାରନାଥ ଧାମର ଆଭିଧାନିକ ତାତ୍ପର୍ଯ୍ୟ ହେଉଛି – ଯାହାର ମସ୍ତକରେ ସ୍ତ୍ରୀ ଥା'ନ୍ତି, ତାଙ୍କୁ କେଦାର କୁହାଯାଏ । କେଦାରନାଥ ଧାମରେ ଦେବୀ ମନ୍ଦାକିନୀଙ୍କୁ ମସ୍ତକରେ ଧାରଣ କରିଛନ୍ତି ପଶୁନାଥ । ଏହି ପାବନ କ୍ଷେତ୍ରକୁ ବହୁ ଶ୍ରଦ୍ଧାଳୁ ଆସିଥାନ୍ତି, କେଦାରନାଥଧାମ ସଂପର୍କରେ ଏକ କିମ୍ବଦନ୍ତୀ ରହିଛି ବୋଲି କୁହାଯାଏ । ମହାଭାରତ ଯୁଦ୍ଧର ସମାପ୍ତି ପରେ ପାଣ୍ଡବମାନେ ରାଜତ୍ୱ କଲେ, କିନ୍ତୁ ସେମାନଙ୍କ ମନରେ ପଶ୍ଚାତାପ ହେଇଥିଲା ଯେ, ନିଜର ଗୁରୁଜନ, ଜ୍ଞାତି କୁଟୁମ୍ବଙ୍କୁ ହତ୍ୟାକରି ସେମାନେ ସିଂହାସନ ଆରୋହଣ କରିଛନ୍ତି । ଏଣୁ ଏହି ପାପର ମୋକ୍ଷ ପାଇଁ ସେମାନେ ହିମାଳୟକୁ ଆସି ପରମଯୋଗୀ ଯୋଗେଶ୍ୱର ଶିବଙ୍କ କରୁଣା ନିମିତ୍ତ ତପସ୍ୟା କଲେ । ତପସ୍ୟାରେ ମଗ୍ନ ଥିବାବେଳେ ଶିବଶଙ୍କର ଗୋଟିଏ ବୃଷଭ ରୂପରେ ଆବିର୍ଭୂତ ହେଲେ । ଏହାଦେଖି ପାଣ୍ଡବମାନେ ବୃଷଭକୁ ଅନୁସରଣ କଲେ । ସେହି ଛଦ୍ମବେଶୀ ବୃଷଭ ହିମାଳୟ ଶିଖରରୁ ଲମ୍ଫ ପ୍ରଦାନ କରି ଲୀନ ହୋଇଗଲେ । ହେଲେ ଜଗତର କଲ୍ୟାଣ ପାଇଁ ସେହି ବୃଷଭଙ୍କର ପାଞ୍ଚଟି ଅଂଗ ହିମାଳୟର ପାଞ୍ଚଟି ସ୍ଥାନରେ ପଥର ରୂପରେ ଆତ୍ମପ୍ରକାଶ କଲେ । କେଦାରନାଥରେ ବୃଷଭର କୁଜ, ମଦମହେଶ୍ୱର ଠାରେ ତାଙ୍କର ନାଭି, ତୁଙ୍ଗନାଥରେ ବାହୁ, ରୁଦ୍ରନାଥରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଖ, କଳ୍ପେଶ୍ୱରରେ ତାଙ୍କ ଜଟାର ଅବଶିଷ୍ଟାଂଶ ପଞ୍ଚକେଦାର ଭାବରେ ଉପାସିତ । ନେପାଳରେ ସେହି ବୃଷଭଙ୍କର ମସ୍ତକ ପଶୁପତି ନାଥ ଭାବରେ ପୂଜା ପାଆନ୍ତି । କେଦାରନାଥରେ ଏହି ଲିଙ୍ଗ ମହାର୍ଘ ରତ୍ନପଥର ପରି ଏକ ସ୍ୱତନ୍ତ୍ର ଧରଣର ପଥରର ଲିଙ୍ଗ । ମନ୍ଦିରର ପ୍ରବେଶ ଦ୍ୱାରରେ ପ୍ରସ୍ତର ନିର୍ମିତ ବିରାଟ ନନ୍ଦୀ ମୂର୍ତ୍ତି, ଦୁଇପାଖରେ ଦ୍ୱାରପାଳ ଶୃଙ୍ଗୀ ଓ ଭୃଙ୍ଗୀ, ଉପରେ ଭୈରବ, ବାମପାଶ୍ୱର୍ରେ ଏକ ବିରାଟ ଗଣେଶମୂର୍ତ୍ତି, ମନ୍ଦିର ଭିତରେ ଆଠଟି ପଥର ମୂର୍ତ୍ତି ଖୋଦିତ ହୋଇଛି । ଏହାକୁ ପାଣ୍ଡବମାନଙ୍କ ମୂର୍ତ୍ତି ବୋଲି ଚିହ୍ନିତ କରାଯାଉଥିବା ବେଳେ କେହି କେହି ଏହାକୁ ନାଥ ସଂପ୍ରଦାୟର ଅଷ୍ଟନାଥ ବୋଲି କହିଥାନ୍ତି ।

ପୁରାଣରେ ବର୍ଣ୍ଣିତ ରହିଛି ସ୍ୱୟଂ ଜଗଦୀଶ୍ୱର ନର ଓ ନାରାୟଣ ରୂପରେ କେଦାରଖଣ୍ଡରେ ମହାଯୋଗୀ ଶିବଙ୍କୁ ଦର୍ଶନ କରିବାର ଅଭୀପ୍ସା ନେଇ ତପସ୍ୟା କରିଥିଲେ । ନର ଓ ନାରାୟଣଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ମହାଦେବ ଆବିର୍ଭୂତ ହୋଇ ସେମାନଙ୍କୁ ବର ଯାଚିଲେ । ଶିବଶଙ୍କରଙ୍କୁ ଏହି କେଦାର ଧାମରେ ଜ୍ୟୋତିର୍ଲିଙ୍ଗ ରୂପରେ ବିରାଜିତ ହେବାକୁ ଅନୁରୋଧ କଲେ ସେ ଦୁହେଁ ସେହି ଦିନଠାରୁ ପରମଯୋଗୀ ଶିବ ଜ୍ୟୋତିର୍ଲିଙ୍ଗ ରୂପରେ ଆବିର୍ଭୂତ ହୋଇ ପୂଜା ପାଇଆସୁଛନ୍ତି । ସୁତରାଂ ଯେଉଁ ଭୂମିରେ ପାଦଦେଇ ସ୍ୱର୍ଗାରୋହଣର ଅନୁଭବ ହୁଏ ସେହି ଦେବଭୂମି ଭାରତୀୟ ସଂସ୍କୃତି, ଆଧ୍ୟାତ୍ମିକତା, ସଭ୍ୟତା, ବିଶ୍ୱାସ, ଭକ୍ତି ଓ ମାନସିକତାର ଜାଗ୍ରତ ପ୍ରହରୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାହିତ୍ୟ ଓ ଜୀବନ ଜିଜ୍ଞାସା



ମୌସୁମୀରାଣୀ
ବେହେରା

ସାହିତ୍ୟ -"ସାହିତ୍ୟ" ଏକ ମନୋରଞ୍ଜନର କେଳିକୁଞ୍ଜ ନୁହେଁ । ସାହିତ୍ୟ ବିରତି କାଳର ବିଭୋର ସ୍ୱପ୍ନ ବିଳାସ ନୁହେଁ । ସାହିତ୍ୟ ଶବ୍ଦ କୋଣାର୍କର ସ୍ଥାପତ୍ୟ ନୁହେଁ । ସାହିତ୍ୟ ଏକ ଜୀବନ ଗାଥା - ଯାହାର ପ୍ରତିଟି ଶବ୍ଦରେ ବିମ୍ବିତ ହେଉଥାଏ ଅବ୍ୟକ୍ତ ଜୀବନ ଯନ୍ତ୍ରଣାର ପ୍ରତିଛବି । ଜୀବନ ହିଁ ସାହିତ୍ୟ । ଜୀବନ ଅନ୍ୱେଷା ଓ ଜୀବନ ଜିଜ୍ଞାସା ହିଁ ସାହିତ୍ୟ ।

ସ୍ରଷ୍ଟାଙ୍କ ସୃଷ୍ଟିରେ ପୃଥିବୀ, ଜଳ, ବାୟୁ, ଅଗ୍ନି ଓ ଆକାଶ ଏହି ପଞ୍ଚଭୂତରେ ଗଢା ଏ ଜୀବନ । ନିତ୍ୟ-ସର୍ବଦା ଜୀବନ ଆମଠାରୁ ଅପସୃୟମାନ । ଏହି ପଞ୍ଚ ମହାଭୂତ ମାନଙ୍କ ଭିତରୁ କ୍ଷୁଧାର ଜଠର ଦହନ ଅନ୍ୟତମ । ଯାହାକି ଜଠରାଗ୍ନି ଭାବେ ଉଦରରେ ବିରାଜିତ । କୀଟ-ପତଙ୍ଗ ଠାରୁ ମାନବ ପର୍ଯ୍ୟନ୍ତ ସଚରାଚର ପ୍ରତିଟି ଜୀବ ନିତ୍ୟ ଅହରହ ଏହି ଅଖଣ୍ଡ ଜଠର ଦାବାଗ୍ନିକୁ ପ୍ରଜ୍ୱଳିତ ରଖିବାକୁ ଜୀବନ ଜୀଇଁବାର ସର୍ବନିମ୍ନ ଆବଶ୍ୟକତା "ଦାନାପାଣି" ପାଇଁ କର୍ମଚଞ୍ଚଳ । କେବଳ ହିଁ କେବଳ "ଦାନାପାଣି" ଅନ୍ୱେଷଣର ଜୀବନଚର୍ଯ୍ୟା ହିଁ ଆଦିମ ଯୁଗରୁ ଅଦ୍ୟାବଧି ପର୍ଯ୍ୟନ୍ତ ଜୀବନର ଅନ୍ତସ୍ୱର ।

ସୃଷ୍ଟିର ଆଦ୍ୟାରମ୍ଭେ ଆଦିମ ମାନବ ଏହି ଦାନାପାଣି ଅନ୍ୱେଷଣରେ ଭ୍ରମୁଥିଲା ପର୍ବତ ଉପତ୍ୟକାରେ । ଜଠରାଗ୍ନି ଉପଷମିତ ହେବାପରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୋଉଥିଲା ପ୍ରଶାନ୍ତିର ନିଦ କଠିନ ଶିଳାର ଶେଯରେ । ନଥିଲା ଗଜଦନ୍ତ ପଲଙ୍କରେ ତୁଳୀ-ତଳ୍ପ ଶଯ୍ୟା ପରେ ସୁଖ ନିଦ୍ରାର ଅସୁମାରୀ ସ୍ୱପ୍ନ । ନଥିଲା ଭୋଗ ବିଳାସ ପ୍ରାପ୍ତି ପାଇଁ କା ସାଥେ ପ୍ରତିଯୋଗିତା ।

ତାପରେ ଆଦିମାନବ ନିଜ ମନର ଭାବ ଓ ଆବେଗକୁ ଇଙ୍ଗିତରେ ସମ୍ପୂର୍ଣ୍ଣ ବ୍ୟକ୍ତ କରିବାର ଅସଫଳ ପ୍ରୟାସକୁ ପରିତ୍ୟାଗ କରି ସେ ଲୋଡି ବସିଲା "ଧ୍ୱନି" । ହୃଦୟର ବହୁବିଧ ଭାବଚୟକୁ ଓ ବସ୍ତୁ, କୀଟ ପତଙ୍ଗ ଠାରୁ ସମସ୍ତ ଅବୟବ ପାଇଁ ଏକ ନିର୍ଦ୍ଦିଷ୍ଟ ଧ୍ୱନିରେ ପର୍ଯ୍ୟବସିତ କଲା । ତାହା ହେଲା ଭାଷା । ନିଜର ସମଗ୍ର ଜୀବନ ଲୀଳା ଭିତରେ ଲହୁ ଲୁହର କିଛି ସ୍ୱତନ୍ତ୍ର ଘଟଣାବଳୀକୁ ଉତ୍ତର ପୁରୁଷ ପାଇଁ ସାଇତିବା ମନୋବୃତ୍ତିରୁ ଜନ୍ମ ନିଏ ଲିପି । ଧ୍ୱନିକୁ ଲିପି ଦ୍ୱାରା ଆବଦ୍ଧ କରିବା ପରେ ସାହିତ୍ୟର ପ୍ରଥମ ଭିତ୍ତି ପ୍ରସ୍ତର ସ୍ଥାପିତ ହୁଏ । ତେଣୁ ଜୀବନଜିଜ୍ଞାସାରୁ ହିଁ ସାହିତ୍ୟର ଉଦ୍ଭବ । ଅଦ୍ୟାବଧି ସେଇ ସାହିତ୍ୟ ଜୀବନର ଅବ୍ୟକ୍ତ ଗାଥାକୁ ବୟାନ କରି ମାନବିକତା ଓ ବିଶ୍ୱ ଭ୍ରାତୃତ୍ୱର ଜୟଗାନ କରୁଛି । ସାହିତ୍ୟରେ ଜୀବନ ଜିଜ୍ଞାସାର ସ୍ୱର ଚିରନ୍ତନ । ସାହିତ୍ୟ ଖୋଜି ଆସିଛି ଜୀବନ ଜୀଇଁବାର ଜଟିଳତମ ଅସମାଧିତ ପ୍ରଶ୍ନଵାଚୀର ଉତ୍ତର ।

ଦେଖାଇ ଆସିଛି ଅବରୁଦ୍ଧ ଜୀବନ ସରଣୀକୁ ନୂଆ ରାହା ।

ଅମା ଅନ୍ଧାରେ ଦେଖାଇ ଆସିଛି ନୂତନ ସୂର୍ଯ୍ୟୋଦୟର ଆଶା ।

ଏହା ହିଁ ସାହିତ୍ୟର ଜୀବନ ଜିଜ୍ଞାସା ଆଦିମରୁ ଅଧୁନା ।

ମୌସୁମୀ ରାଣୀ ବେହେରା,ବାରିପଦା

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଉତ୍କଟ ବେକାରୀ ସମସ୍ୟା



ବାସନ୍ତୀଲତା ଜେନା

ଉତ୍କଟ ବେକାରୀ ସମସ୍ୟା ଓ ତାର ସମାଧାନ

ମଣିଷ ସ୍ରଷ୍ଟାଙ୍କର ସର୍ବ ଶ୍ରେଷ୍ଠ ଉପହାର । ସେ ସବୁବେଳେ ଚାହେଁ ଭଲରେ  ରହିବ, ଭଲରେ ଗଣ୍ଡେ ଖାଇ ଶାନ୍ତିରେ ନିଃଶ୍ୱାସ ମାରିବ । କିନ୍ତୁ ଆଜିର ସମାଜରେ ତାହା ଦେଖିବାକୁ ମିଳେନି । ଉଚ୍ଚ ଡିଗ୍ରୀଧାରି ଶିକ୍ଷିତ ଯୁବକ /ଯୁବତୀ ଆଜି ବେକାର ହୋଇ ଘରେ ବସିଛନ୍ତି ।

ତାଙ୍କ ପାଇଁ ଚାକିରୀ ନାହିଁ । କିଛି ଦିନ ଘରେ ବସିରହିବା ପରେ ସେ ଲକ୍ଷ୍ୟ କରେ ଘରର ଦୂରାବସ୍ଥା । ବାଧ୍ୟ ହୋଇ ସେ ନିଜ ଅଞ୍ଚଳରେ କିଛି କାମଧନ୍ଦା କରିଥାଏ ତ ଆଉ ଯେତେକ ବହାର ରାଜ୍ୟ ବା ବିଦେଶକୁ ଯାଇ କିଛି କାମ କରି ଘରକୁ ପଇସା ପଠାନ୍ତି । ଆଉ କେତେକ ଛୋଟ ଛୋଟ କମ୍ପାନୀମାନଙ୍କର କାମ କରିଥାନ୍ତି । ତାଙ୍କର ଯୋଗ୍ୟତା ଅନୁଯାୟୀ ତାଙ୍କୁ କାମ ମିଳିନଥାଏ । କେତେକ ଶିକ୍ଷିତ ପିଲା କୁକାର୍ଯ୍ୟରେ ଲିପ୍ତ ହୋଇ ଥା'ନ୍ତି । ଚୋରୀ, ଡକାୟତି ହତ୍ୟା ପରି ଜଘନ୍ୟ କାର୍ଯ୍ୟରେ ଲିପ୍ତ ରହନ୍ତି । ଅଳ୍ପ ପରିଶ୍ରମରେ ବେଶୀ କିଛି ପାଇଯିବାକୁ ଆଶା କରନ୍ତି । ଶେଷ ପରିଣତି ପୋଲିସ ହାତରେ ଧରାପଡି ଜେଲ ଯାଆନ୍ତି । ଯିଏ ଭଲ ପାଠ ପଢି ଦେଶକୁ ଗଢିବାକୁ ସ୍ୱପ୍ନ ଦେଖିଥିଲା, ସେ ଆଜି ଜେଲର ହାଣ୍ଡି ଖାଉଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ଓଡ଼ିଶାର କୋଣ ଅନୁକୋଣରେ ଉତ୍କଟ ବେକାରୀ ସମସ୍ୟା ଦେଖା ଦେଇଛି । ସମୟର ପେଶା ଘାତରେ ପେଶି ହୋଇ ବେକାର ସମସ୍ୟା ଦିନକୁଦିନ ବୃଦ୍ଧି ପାଉଛି । ଯୁବକ/ଯୁବତୀ ନିଜ ରାଜ୍ୟରେ କାମ ନ ପାଇ ଅନ୍ୟ ରାଜ୍ୟ ଅନ୍ୟ ଦେଶକୁ ଯାଉଛନ୍ତି ପେଟ ପାଟଣା ପାଇଁ । ମୁଠାଏ ଅନ୍ନ ପାଇଁ ପରିବାରରେ ଦୁଃଖ ଦେଖି ନ ପାରି ଦେଶାନ୍ତର ହୋଇ ଯାଉଛନ୍ତି । ଆଜି ସାମ୍ପ୍ରତିକ ସ୍ଥିତି ବଡ଼ ସଂଘାତିକ । ସାରା ବିଶ୍ୱରେ କରୋନା ରୂପକ ମହାମାରୀ ଗ୍ରାସ କରିଛି । ହାହାକାର ପକାଇ ଦେଇଛି ଜନଜୀବନରେ । ଓଡ଼ିଆ ପ୍ରବାସୀ ଦାଦନଶ୍ରମିକ କାମରୁ ଛୁଟି ପାଇ ସାରିଛନ୍ତି । ବର୍ତ୍ତମାନ ହାତରେ କାମ ନାହିଁ କି ପେଟକୁ ଦାନା ନାହିଁ । ଖାଇବାକୁ ନପାଇ ସରକାରଙ୍କୁ ବିକଳ ନିବେଦନ କରନ୍ତି ନିଜ ଘର, ନିଜ ଗ୍ରାମକୁ ଫେରି ଆସିବାକୁ । ସରକାର ନିୟମ ଅନୁଯାୟୀ ନାମ ପଞ୍ଜିକରଣ କରିଛନ୍ତି । ସରକାର କେତେକ ପ୍ରବାସୀ ଦାଦନଙ୍କୁ ଆଣିଲେ ତ ଆଉ କେତେକ ରହିଗଲେ । ନିଜ ନିଜ ଖର୍ଚ୍ଚରେ ସୁନା ରୂପା ବିକି କିଏ ଆସିଲା ତ, କିଏ ଭୋକିଲା ପେଟରେ, ଟାଇଁ ଟାଇଁ ଖରାରେ, ତାତିଲା ପିଚୁ ରାସ୍ତାରେ ଚାଲି ଚାଲି ଘରକୁ ଫେରି ଆସୁଛନ୍ତି । କିଏ ଆସୁ ଆସୁ ବାଟରେ ମରୁଛି ତ କିଏ ଅଧା ମରା ହୋଇ ଘରେ ପହଞ୍ଚି କରେଣ୍ଟାଇନ ରହୁଛି । ଟି. ଭି., ଖବର କାଗଜ, ପ୍ରତିଦିନ ଏହି ବାର୍ତ୍ତା ମିଳୁଛି । ଏହି କଥା ଶୁଣି ଶୁଣି ହୃଦୟ ଉଦବେଳିତ ହେଉଛି । ଭାବିଲେ ଆଖିରୁ ଅଶ୍ରୁ ଝରି ପଡୁଛି ।

କେତେ ଆଶା କରି ପାଠ ପଢାଇଲେ
ପିତା ମାତା ମୋର ଦୁଇ
ଅର୍ଥର ଅଭାବ ସତ୍ତ୍ୱେ ମଣିଷ କରିଲେ
କଷଣ ତ ଗଲା ନାହିଁ ॥

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରକାର ବେକାର ସମସ୍ୟା ଦୂର କରିବା ପରିବର୍ତ୍ତେ ଯୋଜନା ଉପରେ ଯୋଜନା କରି ଚାଲିଛନ୍ତି । ଯଥା : କାଳିଆ ଯୋଜନା, ମମତା ଯୋଜନା, ବାର୍ଦ୍ଧକ୍ୟ ଭର୍ତ୍ତା ଯୋଜନା, ମଧୁସୂଦନ ଯୋଜନା ଏହିପରି କେତେ କଣ । ବେକାର ଯୁବକ ଘରେ ବସି ବସି ଖାଉଛି । ଅଳସୁଆ ପଣରେ କର୍ମଭୀରୁ ହୋଇଯାଉଛି । ବାପାମା ତାକୁ ଜୋରରେ କିଛି କହି ପାରୁ ନାହାନ୍ତି । ଯେଉଁଦିନ ପଦେ କହିଲେ, ସେଦିନ ଘର ଅଶାନ୍ତି । କବିଙ୍କ ଭାଷାରେ :-

ଭେଣ୍ଡା ପୁଅ ଘରେ ବସିକି ଖାଉଛି
ବଢେ ପିତା ମାତା ଚିନ୍ତା
ପଦୁଟେ କହିଲେ ଦ୍ୱିପଦ କହୁଛି
ହୃଦେ ଭରି ଯାଏ ବ୍ୟଥା ॥
ଆଖି ପତା ଭିଜେ ପୁତ୍ରର କଥାରେ
ସହି ହୁଏନା କଷଣ
ପୁତ୍ର ଜନ୍ମ କରି କି ସୁଖ ପାଇଲି
ହରାଉଛି ମୋର ମାନ ॥

ବେକାର ସମସ୍ୟା ଦୂରୀକରଣ :-

ବେକାର ସମସ୍ୟା ଦୂର କରିବା ପାଇଁ ସରକାର ବିଶେଷ ପଦକ୍ଷେପ ନେବା ଉଚିତ । ବିଦ୍ୟାଳୟ ଶିକ୍ଷା ଠାରୁ ଆରମ୍ଭ କରି କଲେଜରେ କିଛି ବୈଷୟିକ ଶିକ୍ଷା, କଳା କୌଶଳ ଦେଇ ପିଲାମାନଙ୍କୁ କର୍ମଠ କରିବା ଶିକ୍ଷା ଦେବା ଉଚିତ । ସତ୍ୟ, ଧର୍ମ, ନ୍ୟାୟ, ପରୋପକାରିତା ଆଦି ବିଷୟରେ ଆଧ୍ୟାତ୍ମିକ ଶିକ୍ଷା ଦେବା ଉଚିତ । କାରଣ, ଆଜିର ଶିଶୁ ଭବିଷ୍ୟତରେ ନାଗରିକ । ନିଜର ଚରିତ୍ର ଉତ୍ତମ ରୂପେ ଗଠନ କରି ପାରିଲେ ସେ ନିଜର ଉନ୍ନତି ସଙ୍ଗେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସଙ୍ଗେ ଦେଶର ସେବା କରି ପାରିବ । ଏହା ଦ୍ୱାରା ଭବିଷ୍ୟତରେ ପିଲା କର୍ମ କରିବାକୁ ପଛଘୁଞ୍ଚା ଦେବ ନାହିଁ । କାମକୁ ଛୋଟ ବଡ଼ ଭାବିବ ନାହିଁ । ପରିସ୍ଥିତି ପରିବେଶ ସହିତ ନିଜକୁ ଖାପ ଖୁଆଇ ଚଳିବାକୁ ଚେଷ୍ଟା କରିବ । ତା ମନରେ ନିରାଶାର ଭାବଉଦ୍ରେକ ହେବ ନାହିଁ । ସେ ଯେକୌଣସି କର୍ମ କରିବାକୁ କୁଣ୍ଠା ବୋଧ କରିବ ନାହିଁ । କବିଙ୍କ ଭାଷାରେ :-

ନିଜ କର୍ମ ବଳେ ହୁଅ ବଳିୟାନ
ଶ୍ରମ ଭୀରୁ ନ ହୋଇବ
ଦୁଃଖି ରଙ୍କୀଙ୍କର ସେବା କରୁଥିବ
ମଣିଷରେ ଗଣା ହେବ "

ନୀତିବାଣୀ : ନିଜର ଉତ୍ତମ ଚରିତ୍ର ଗଠନ କରିବା ସଙ୍ଗେ ସଙ୍ଗେ । ଯେକୌଣସି କର୍ମକୁ ଛୋଟ ବଡ଼ ନ ଭାବି କର୍ମ ରତ ହେଲେ ନିଜର ଓ ଦେଶର ମଙ୍ଗଳ ହେବ ।

ଗାନ୍ଧିନଗର, ନବରଙ୍ଗପୁର,
ମୋ : ୮୨୫୮୭୫୫୯୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାଇକ ବିଦ୍ରୋହର ତର୍ଜମା



ଅସିତ ମହାନ୍ତି

ପାଇକ ବିଦ୍ରୋହର ଐତିହାସିକ ତଥ୍ୟକୁ ବୈଜ୍ଞାନିକ ଦୃଷ୍ଟିକୋଣରେ ତର୍ଜମା କରିବାକୁ ହେବ

ଓଡ଼ିଶା ବିଧାନସଭା ଦ୍ୱାରା ଗ୍ରହଣ କରାଯାଇଥିବା ଏକ ସଂକଳ୍ପ ପରେ, ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରସାଦ ପାଣିଗ୍ରାହୀ ପୁଣିଥରେ କେନ୍ଦ୍ର ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀଙ୍କୁ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଘୋଷଣା କରିବାକୁ ଲେଖିଛନ୍ତି । ଏହି ମହତ୍ୱପୂର୍ଣ୍ଣ ବିଷୟ ଉପରେ ବର୍ତ୍ତମାନ ଜାତୀୟ ସ୍ତରରେ ତର୍କ ଆରମ୍ଭ ହୋଇଯାଇଛି । ତେଣୁ ଏବିଷୟରେ ବୁଝିବାକୁ ହେଲେ ପାଇକ ବିଦ୍ରୋହର ଐତିହାସିକ ପୃଷ୍ଠଭୂମିକୁ ଯିବାକୁ ହେବ । ଭାରତର ପ୍ରଥମ ବିପ୍ଳବ ୧୮୫୭ ମସିହାରେ ନୁହେଁ ବରଂ ୧୮୧୭ ମସିହାରେ ହୋଇଥିଲା, ଯାହା ଓଡ଼ିଶାରେ (ପୂର୍ବରୁ ଖୋର୍ଦ୍ଧା) ଯୁଦ୍ଧ ହୋଇଥିଲା । ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ନାମ ହେଲା ପାଇକ ବିଦ୍ରୋହ, ଯାହା ବ୍ରିଟିଶମାନଙ୍କୁ ଚେତାବନୀ ଦେଇଥିଲା ଯେ ଭାରତ ସେମାନଙ୍କର ଦାସତ୍ୱର ଶୃଙ୍ଖଳରେ ବଞ୍ଚିପାରିବ ନାହିଁ । ପୂର୍ବ ଭାରତର ଓଡ଼ିଶାରେ ପାଇକ ବିଦ୍ରୋହ ବ୍ରିଟିଶମାନଙ୍କୁ ଚକିତ କରି ଦେଇଥିବା ବ୍ରିଟିଶ ଶାସନ ବିରୁଦ୍ଧରେ ପ୍ରଥମ ବିପ୍ଳବ ଥିଲା ଯେଉଁଥିରେ ପାଇକ ଦଳ ବକ୍ସି ଜଗବନ୍ଧୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଦ୍ୟାଧରଙ୍କ ନେତୃତ୍ୱରେ ବ୍ରିଟିଶମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିବାକୁ ସାହାସ କରିଥିଲେ । ପ୍ରକୃତରେ ଏହା ହେଲା ଯେ ବ୍ରିଟିଶ ରାଜ ଓଡିଶାର ଉତ୍ତରରେ ଅବସ୍ଥିତ ବଙ୍ଗଳା ପ୍ରଦେଶ ଏବଂ ଦକ୍ଷିଣରେ ଅବସ୍ଥିତ ମାଡ୍ରାସ ପ୍ରଦେଶକୁ କବଜା କରିବା ପରେ ୧୮୦୩ ମସିହାରେ ଏହା ମଧ୍ୟ ଓଡିଶାର ନିୟନ୍ତ୍ରଣକୁ ନେଇଥିଲା । ଏଥି ସହିତ, ବ୍ରିଟିଶମାନଙ୍କ ଦ୍ୱାରା  ମନଇଚ୍ଛା ପୁନଃ ନିର୍ମାଣ ହୋଇଥିବା 'ଟିକସ ବ୍ୟବସ୍ଥା'ରେ ଅସନ୍ତୋଷ ଦେଖା ଦେଇଥିଲା । ସେହି ସମୟରେ ଓଡିଶା ମୁକୁନ୍ଦଦେବ ଦ୍ୱିତୀୟ ଗଜପତି ରାଜା ଜଣେ ନାବାଳକ ଥିଲେ ଏବଂ ତାଙ୍କ ପୃଷ୍ଠପୋଷକ ଜୟ ରାଜଗୁରୁଙ୍କ ବଞ୍ଚିବା ପାଇଁ ଅତି ନିର୍ମମ ଭାବରେ ହତ୍ୟା କରାଯାଇଥିଲା । କିଛି ବର୍ଷ ପରେ ଗଜପତି ରାଜାମାନଙ୍କର ଅସଂଗଠିତ ସୈନ୍ୟବାହିନୀର ବଂଶଧର ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହୀମାନେ ଆଦିବାସୀ ତଥା ସମାଜର ଅନ୍ୟାନ୍ୟ ବିଭାଗର ସାହାଯ୍ୟରେ ବ୍ରିଟିଶ ଶାସନ ବିରୁଦ୍ଧରେ ବିଦ୍ରୋହ କଲେ । ବ୍ରିଟିଶ ଶାସନ ବିରୁଦ୍ଧରେ ବିଦ୍ରୋହରେ ପାଇକ ଲୋକମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ମୂଳତଃ 'ପାଇକ' ଭୁବନେଶ୍ୱର ନିକଟରେ ଅବସ୍ଥିତ ଖୋର୍ଦ୍ଧାର ସେହି ଗଜପତି ଶାସକଙ୍କ କୃଷକମାନଙ୍କର ଏକ ଅସଂଗଠିତ ସୈନ୍ୟ ଥିଲା, ଯେଉଁମାନେ ଯୁଦ୍ଧ ସମୟରେ ରାଜାଙ୍କୁ ସାମରିକ ସେବା ଯୋଗାଉଥିଲେ । ଅବଶିଷ୍ଟ ସମୟରେ ସେ ଚାଷ କାର୍ଯ୍ୟ କରୁଥିଲେ | ସେମାନଙ୍କର ସାମରିକ ଅବଦାନ ପାଇଁ ସେମାନଙ୍କୁ ଟିକସମୁକ୍ତ ଜମି ଏବଂ 'ଟ୍ୟାକ୍ସ'ରେ ଛାଡ ମଧ୍ୟ ଦିଆଯାଇଥିଲା । ଏହା ମଧ୍ୟ ଶାନ୍ତି ସମୟରେ ଏହାର ଅଞ୍ଚଳକୁ ସୁରକ୍ଷା ଦେବା ପାଇଁ ବ୍ୟବହୃତ ହୋଇଥିଲା । ଏହି କାରଣରୁ ତାଙ୍କୁ ବିଶେଷ ସମ୍ମାନ ମିଳିଥିଲା । ଏଭଳି ପରିସ୍ଥିତିରେ ଯେତେବେଳେ ୧୮୦୩ ମସିହାରେ ବ୍ରିଟିଶ ଦଖଲ ପରେ ସେମାନଙ୍କ ଜମି ଛଡ଼ାଇ ନିଆଯାଇଥିଲା, ଯେଉଁ କାରଣରୁ ସେମାନଙ୍କର ଆର୍ଥିକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅବସ୍ଥା ଦିନକୁ ଦିନ ଦୁର୍ବଳ ହେବାକୁ ଲାଗିଲା । ଏହି କାରଣରୁ କେବଳ ପାଇକ ସମ୍ପ୍ରଦାୟ ନୁହେଁ ସମାଜର ଅନ୍ୟାନ୍ୟ ଛୋଟ ବିଭାଗ ମଧ୍ୟ ଆହତ ହୋଇଥିଲେ । ୧୮୧୭ ମସିହାରେ ଆରମ୍ଭ ହୋଇଥିବା ଏହି ଅସନ୍ତୋଷ ଅଗ୍ନି ପରି ଅତି ଶୀଘ୍ର ବ୍ୟାପିଗଲା । ସେହି ସମୟରେ ଲୋକଙ୍କ ଭାବନାରେ ଆଘାତ ଲାଗିଥିଲା କାରଣ ସେମାନଙ୍କ ପାଇଁ ଖୋର୍ଦ୍ଧାର ଶାସକ ପାରମ୍ପାରିକ ଭାବରେ ଜଗନ୍ନାଥ ମନ୍ଦିରର ଅଭିଭାବକ ତଥା ସେମାନଙ୍କ ପ୍ରତିନିଧୀ ଭାବରେ ଶାସନ କରିଥିଲେ । ତାଙ୍କୁ ଓଡିଶାର ରାଜନୈତିକ ତଥା ସାଂସ୍କୃତିକ ସ୍ୱାଧୀନତାର ପ୍ରତୀକ ଭାବରେ ବିବେଚନା କରାଯାଉଥିଲା । ରାଜ୍ୟର ପୃଷ୍ଠପୋଷକ ଜୟୀ ରାଜଗୁରୁଙ୍କ ଏହି ନିର୍ମମ ହତ୍ୟା ଲୋକଙ୍କ ସହ ଭଲ ହୋଇନଥିଲା, କାରଣ ଏଥିରେ ମଧ୍ୟ ସେମାନେ ଧାର୍ମିକ ଭାବରେ ଆଘାତ ପାଇଥିଲେ । ଏହି କାରଣଟି ଯଥେଷ୍ଟ ଥିଲା ଯାହା ତାଙ୍କୁ ବ୍ରିଟିଶ ରାଜକୁ ସମାପ୍ତ କରିବାକୁ ପ୍ରେରଣା ଦେଲା । ଖୋର୍ଦ୍ଧା ରାଜା ମୁକୁନ୍ଦଦେବ ଦ୍ୱିତୀୟ ବୟସ୍କ ହୋଇ ନ ଥିବାରୁ ଖୋର୍ଦ୍ଧା ଶାସନର ଅଧିକାର ରାଜ୍ୟର ପୂର୍ବ ସେନାଧ୍ୟକ୍ଷ ରହିଥିବା ବକ୍ସି ଜଗବନ୍ଧୁ ତଥା ପୃଷ୍ଠପୋଷକ ଜୟୀ ରାଜଗୁରୁଙ୍କ ହାତରେ ଥିଲା । ଏଭଳି ପରିସ୍ଥିତିରେ ଯେତେବେଳେ ଜୟୀ ରାଜଗୁରୁଙ୍କୁ ହତ୍ୟା କରାଯାଇଥିଲା ନିଜର ଜମି ଥାଇ ମଧ୍ୟ ଲୋକମାନେ ଇଂରେଜ ସରକାରଙ୍କ ଜୁଲୁମ କାରଣରୁ ଧୀରେ ଧୀରେ ଗରିବ ହେବାକୁ ଲାଗିଲେ । ବହୁ ସଂଖ୍ୟକ ପାଇକ ଲୋକ ଏବଂ ସମାଜର ଅନ୍ୟାନ୍ୟ ବିଭାଗ, ଘୁମୁସରଙ୍କ ଖୋଣ୍ଡ ସମେତ ଦୁଃଖ ଭୋଗିଲେ । ଏହି ଲୋକଙ୍କ ସହ ମିଶି ବକ୍ସି ଜଗବନ୍ଧୁ ବ୍ରିଟିଶ ରାଜ ବିରୁଦ୍ଧରେ ବିଦ୍ରୋହ କଲେ । ଯାହା ନିଜେ ଜଗବନ୍ଧୁଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ବାସ୍ତବରେ ମାର୍ଚ୍ଚ ୧୮୧୭ ପ୍ରାରମ୍ଭରେ, ଘୁମୁସର ଖୋଣ୍ଡସ୍ ଏବଂ ଖୁରଦାର ପାଇକ ମିଳିତ ଭାବରେ ବାଣପୁର ଉପରେ ଆକ୍ରମଣ କରିଥିଲେ, ଯେଉଁଠାରେ ସେମାନେ ବ୍ରିଟିଶ୍ ରାଜକୁ ଚିତ୍ରଣ କରୁଥିବା ପ୍ରତ୍ୟେକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତୀକକୁ ନଷ୍ଟ କରିବା ଆରମ୍ଭ କରିଥିଲେ । ଲୁଟ୍ ଓ ଆକ୍ରମଣ ପରେ ପୋଲିସ୍ ଷ୍ଟେସନ୍, ଟ୍ରେଜେରୀ ଏବଂ ସରକାରୀ ଅଟ୍ଟାଳିକା ଭାଙ୍ଗି ଦିଆଯାଇଥିଲା । ପାଇକ ବିଦ୍ରୋହୀମାନଙ୍କୁ କନିକା, କୁଜଙ୍ଗ, ନୟାଗଡ଼ ଏବଂ ଘୁମୁସରର ରାଜା, ଜମିଦାର, ଗ୍ରାମ ମୁଖିଆ ତଥା ସାଧାରଣ କୃଷକ ମାନଙ୍କର ସମର୍ଥନ ପ୍ରାପ୍ତ ଥିଲା । ବିଦ୍ରୋହ ଶୀଘ୍ର ପିପଲି ଏବଂ କଟକ ଭଳି ଅନ୍ୟ ଅଞ୍ଚଳରେ ବ୍ୟାପିଗଲା । ବ୍ରିଟିଶମାନଙ୍କୁ ସେମାନଙ୍କର ଜଣେ କମାଣ୍ଡର ଲେଫ୍ଟନାଣ୍ଟ ହରାଇ ପ୍ରାରମ୍ଭିକ ଆକ୍ରମଣର କ୍ଷତି ସହିବାକୁ ପଡିଲା । ଏପ୍ରିଲ୍ ୧୨, ୧୮୧୭ରେ ବିଦ୍ରୋହୀ ସୈନ୍ୟବାହିନୀ 'ପୁରୀ'ରେ ପହଞ୍ଚିଥିଲେ, ଯେଉଁଠାରେ ସେମାନେ ସରକାରୀ ସୈନିକ ତଥା ସରକାରୀ କର୍ମଚାରୀଙ୍କ ଉପରେ ମଧ୍ୟ ବହୁ କ୍ଷତି ଘଟାଇଥିଲେ । ଏହି ବିଦ୍ରୋହକୁ ଦମନ କରିବା ପାଇଁ ବ୍ରିଟିଶମାନେ କଠୋର ପଦକ୍ଷେପ ଗ୍ରହଣ କଲେ ଯାହାଦ୍ୱାରା ସେମାନେ ଯୁଦ୍ଧରେ ହଜିଯାଇଥିବା ସ୍ଥାନଗୁଡିକ ଫେରି ପାଇପାରିବେ ଏବଂ ପୁନର୍ବାର ଶାନ୍ତି ଏବଂ ଶୃଙ୍ଖଳା ଫେରାଇ ପାରିବେ । ଏହି ସମୟ ମଧ୍ୟରେ ଏକ ବ୍ୟାପକ ଦମନ ହୋଇଥିଲା ଯେଉଁଥିରେ ଅନେକ ଲୋକ କାରାଗାରରେ ଥିଲେ ଏବଂ ବହୁ ସଂଖ୍ୟକ ଲୋକ ପ୍ରାଣ ହରାଇଥିଲେ । ଏହି ଅବଧି ପ୍ରତାଡନା ଏବଂ ଅତ୍ୟାଚାରର ଥିଲା ଯେଉଁଥିରେ ବହୁ ସଂଖ୍ୟକ ଲୋକ କ୍ଷତିଗ୍ରସ୍ତ ହୋଇଥିଲେ । ଯଦିଓ ପ୍ରାରମ୍ଭରେ ବିଦ୍ରୋହୀ ସୈନ୍ୟ ଅନେକ ଯୁଦ୍ଧରେ ଜିତିଥିଲେ, କିନ୍ତୁ ବ୍ରିଟିଶମାନେ ଏହି ବଢୁଥିବା ସ୍ଫୁରଣକୁ ଲିଭାଇବାରେ ସଫଳ ହୋଇଥିଲେ । ଅକ୍ଟୋବର ୧୮୧୭ରେ ଏହି ଯୁଦ୍ଧ ସମାପ୍ତ ହୋଇଥିଲା । କିନ୍ତୁ ଏହାର ଅନେକ ନେତା ଖସିଯିବାରେ ସଫଳ ହୋଇଥିଲେ । ଅନେକ ବିଦ୍ରୋହୀ ୧୮୧୯ ପର୍ଯ୍ୟନ୍ତ ଗରିଲା ଯୁଦ୍ଧରେ ଲଢ଼ିଥିଲେ, କିନ୍ତୁ ଶେଷରେ ସେମାନଙ୍କୁ କାବୁ କରି ହତ୍ୟା କରାଯାଇଥିଲା । ୧୮୨୫ ମସିହାରେ ବକ୍ସି ଜଗବନ୍ଧୁଙ୍କୁ ମଧ୍ୟ ଗିରଫ କରାଯାଇଥିଲା ଏବଂ ୧୮୨୯ ମସିହାରେ କାରାଗାରରେ ମୃତ୍ୟୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବରଣ କରିଥିଲେ । ପାଇକ ଏବଂ ଘୋଣ୍ଡ ସମ୍ପ୍ରଦାୟ ବ୍ରିଟିଶମାନଙ୍କ ଦ୍ୱାରା କରାଯାଇଥିବା ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ବ୍ରିଟିଶରାଜଙ୍କ ପାଇଁ ଏକ ଆହ୍ୱାନ ଥିଲା ଯେ ସେମାନେ ଅଧିକ ଦିନ ପର୍ଯ୍ୟନ୍ତ ଭାରତକୁ କବ୍ଜା କରି ରଖିପାରିବେ ନାହିଁ । ୧୮୧୭ର ବିଦ୍ରୋହ ଭାରତର ଲୋକଙ୍କ ଆତ୍ମ ସମ୍ମାନକୁ ରକ୍ଷା କରିବା ପାଇଁ ଏକ ବିଦ୍ରୋହ ଥିଲା, ଯାହା ବ୍ରିଟିଶମାନେ ଜାଣିଥିଲେ । ସେଥିପାଇଁ ସେ ଶୀଘ୍ର ଏହି ବିପ୍ଲବକୁ ଦମନ କଲେ, ଯାହାଫଳରେ ସେ ସମଗ୍ର ଭାରତକୁ ନିଜ ଇଚ୍ଛାରେ ଶାସନ କରିପାରିବେ । ତଥାପି, ଏହି ସଂଗ୍ରାମ ଭାରତ ଇତିହାସରେ ପ୍ରଥମ ବିପ୍ଲବ ଭାବରେ ମାନ୍ୟତା ପାଇଲା ନାହିଁ । ସ୍ୱାଧୀନ ଭାରତରେ ବଞ୍ଚିବାର ସୌଭାଗ୍ୟର ଶ୍ରେୟ ପାଇଁ ଆଜି ଏହି ବିପ୍ଲବରେ ସହିଦ ହୋଇଥିବା ସୈନିକମାନଙ୍କ ପାଇଁ ସମ୍ଭବ ହୋଇପାରିଛି । ଏହା ହିଁ ହେଉଛି ଇତିହାସ, କିନ୍ତୁ ଏହା ଜାଣିବାପରେ ମଧ୍ୟ ଇତିହାସ ବହିରେ ଏହି ତଥ୍ୟକୁ ଜାଗା ଦେବାପାଇଁ ଡେରି କାହିଁକି ହେଉଛି । ଏହି ତଥ୍ୟଟିକୁ ୨୦୧୭ରେ ପୂର୍ବତନ ମାନବସମ୍ବଳ ବିକାଶ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାବେଡ଼କର ସତ୍ୟ ବୋଲି ସ୍ୱୀକାର କରିଥିଲେ ଏବଂ କହିଥିଲେ ଯେ, ପୂର୍ବରୁ  ଯେଉଁ ଇତିହାସ ଲେଖାଯାଇଛି ତାହା ବ୍ରିଟିଶମାନଙ୍କ ଦୃଷ୍ଟିକୋଣ ହିସାବରେ ଲେଖାଯାଇଛି ତାହା ପୁନର୍ନିରୀକ୍ଷଣ ହେବା ଉଚିତ । କିନ୍ତୁ ଏପର୍ଯ୍ୟନ୍ତ ଏହା ହୋଇପାରିଲା ନାହିଁ । ଏହାର ନିହିତ କାରଣ ହେଉଛି, ପାଇକ ବିଦ୍ରୋହ ସମ୍ପୂର୍ଣ୍ଣ ଭାବରେ ସଶସ୍ତ୍ର ଆନ୍ଦୋଳନ ଥିଲା । ସଶସ୍ତ୍ର ଆନ୍ଦୋଳନକୁ ଯେପରି ଭାବେ ଇଂରେଜମାନେ ଭୟ କରୁଥିଲେ ଠିକ ସେହିପରି ଭାରତ ସ୍ୱାଧୀନତା ପରେ ଆସିଥିବା ନେତୃତ୍ୱ ମଧ୍ୟ ସଶସ୍ତ୍ର ଆନ୍ଦୋଳନକୁ ଭୟକଲେ । କାରଣ ଇଂରେଜମାନେ ଯେଉଁ ନେତୃତ୍ୱ ହାତରେ ସତ୍ତା ହସ୍ତାନ୍ତର କଲେ ସେମାନେ ମଧ୍ୟ ସଶସ୍ତ୍ର ଆନ୍ଦୋଳନକୁ ବିରୋଧ କରୁଥିଲେ । ସ୍ୱାଧୀନତାର ପରବର୍ତ୍ତୀ କାଳରେ କଂଗ୍ରେସ ନେତୃତ୍ୱ ଇଂରେଜମାନଙ୍କର ଏହି କର୍ତ୍ତୃତ୍ୱକୁ ବୁଝି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଧ୍ୟ ଚୁପ ରହିଲେ ଏବଂ ସମସ୍ୟାଟି ଜୀବିତ ରହିଲା । ଅର୍ଥାତ ଯଦି ପାଇକ ବିଦ୍ରୋହକୁ ପ୍ରଥମ ସଂଗ୍ରାମ ବୋଲି ଘୋଷଣା କରାଯାଏ ତେବେ ଗାନ୍ଧିଜୀଙ୍କ ପ୍ରଭାବ କମ ହୋଇ କ୍ରାନ୍ତିକାରୀମାନଙ୍କର ଅମୁଲ୍ୟ ଯୋଗଦାନ ସାମନାକୁ ଆସିବ, ଯାହା ଶାସକ ବର୍ଗ ପାଇଁ ବିପଦ । ଗାନ୍ଧିଜୀଙ୍କ ନୀତିକୁ ଆଦର୍ଶ ରୂପେ ମାନି ସ୍ୱାଧୀନତା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସମସ୍ତ ଦଳର ନେତୃବୃନ୍ଦ ରାଜନୀତି କରିଆସୁଛନ୍ତି । କାରଣ ଏହି ନିତିଟି ସେମାନଙ୍କୁ ସୁହାଉଛି । ଯଦି ଇତିହାସରେ ଏହି ତଥ୍ୟଟିକୁ ଲିପିବଦ୍ଧ କରାଯାଏ ତାହେଲେ ଯୁବପିଢ଼ି କ୍ରାନ୍ତିକାରୀ ଯୋଦ୍ଧା ଏବଂ ସଶସ୍ତ୍ର ବିପ୍ଳବ ଦ୍ୱାରା ପ୍ରଭାବିତ ହେବେ । କିନ୍ତୁ ଇତିହାସ କାହାକୁ କ୍ଷମା କରିବ ନାହିଁ । ଆଜି ନୁହେଁ କାଲି ସତ୍ୟ ତାର ନିୟମ ଅନୁସାରେ ପାଇକ ବିଦ୍ରୋହ ତା ମାନ୍ୟତା ଫେରିପାଇବ । ପାଇକ ବିଦ୍ରୋହର ଐତିହାସିକ ତଥ୍ୟକୁ ବୈଜ୍ଞାନିକ ଦୃଷ୍ଟିକୋଣରେ ତର୍ଜମା କରିବାକୁ ହେବ । ଆମ ପାଖରେ ଐତିହାସିକ ତଥ୍ୟ ଅନେକ ରହିଛି ଯାହା ଆମେ ଗଣମାଧ୍ୟମରେ ଦେଖିବାକୁ ପାଉଛୁ । କିନ୍ତୁ ଏହି ତଥ୍ୟଗୁଡିକୁ ବିଜ୍ଞାନର କସୌଟୀରେ ପରୀକ୍ଷା ନିରୀକ୍ଷା କରି ତାର କାରଣକୁ ଖୋଜି ବାହାର କରିବାକୁ ହେବ, ନ ହେଲେ କେବଳ ଆମେ ତଥ୍ୟ ଦେଇ ଚାଲୁଥିବା କିନ୍ତୁ କାରଣକୁ ଖୋଜି ବାହାର କରି ପାରିବାରେ ଅକ୍ଷମ ହେଉଥିବା । ବାସ୍ତବରେ ଏହା ପ୍ରକୃତ ଜ୍ଞାନ ନୁହେଁ ।

ସୁଜନପୁର , ଯାଜପୁର

୯୯୩୮୭୭୮୮୧୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ମହାତ୍ମା ଗାନ୍ଧୀ



ଅକ୍ଷୟ କୁମାର
ରାଉତ

ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ, ମହାତ୍ମା ଗାନ୍ଧୀ

ପୂଣ୍ୟ ଭୂମି ଭାରତ । ଏଠାରେ ଅନେକ ଧର୍ମ, ସମ୍ପ୍ରଦାୟ, ଜାତି, ବର୍ଣ୍ଣ ଓ ବିଭିନ୍ନ ଭାଷାର ଲୋକ ବସବାସ କରନ୍ତି । ଏହି ପବିତ୍ର ଭୂମିରେ ଯେଉଁ କେତୋଟି ଉଜ୍ଜ୍ୱଳ ଜ୍ୟୋତିଷ୍କ ଉଦ୍ଭାସିତ ହୋଇ ସମଗ୍ର ବିଶ୍ୱକୁ ଦେଖାଇଥିଲେ ସତ୍ୟ, ଶାନ୍ତି, ଦୟା, କ୍ଷମା, ତ୍ୟାଗ ଓ ଅହିଂସାର ପଥ । ସେମାନଙ୍କ ମଧ୍ୟରୁ ସତ୍ୟ ଓ ଅହିଂସାର ପୂଜାରୀ, ଦୀନ ଦୁର୍ବଳର ବନ୍ଧୁ, ସ୍ୱାଧୀନ ଭାରତର ସ୍ରଷ୍ଟା, ଜାତିର ଜନକ, ଯୁଗ ମାନବ ମହାତ୍ମା ଗାନ୍ଧୀ ୧୮୬୯ ଖ୍ରୀଷ୍ଟାବ୍ଦ, ଅକ୍ଟୋବର ଦୁଇ ତାରିଖରେ ଗୁଜୁରାଟର ପୋରବନ୍ଦର ଠାରେ ଏକ ବୈଶ୍ୟ ବଣିକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ଜନ୍ମ ସମୟରେ ମହାତ୍ମା ଗାନ୍ଧୀଙ୍କର ନାମ ଥିଲା 'ମୋହନ ଦାସ କରମଚାନ୍ଦ ଗାନ୍ଧୀ' । ପିତା କରମଚାନ୍ଦ(କାବା) ଗାନ୍ଧୀ ଓ ମାଆଙ୍କର ନାମ ଥିଲା ପୁତ୍ଲୀ ବାଈ । କାବା ଗାନ୍ଧୀଙ୍କର ତିନୋଟି ସ୍ତ୍ରୀ ମରିଯିବା ପରେ ପୁତ୍ଲୀବାଇ ଥିଲେ ଚତୁର୍ଥ ସ୍ତ୍ରୀ ପୁତ୍ଲୀବାଇଙ୍କର ଚାରୋଟି ସନ୍ତାନ ମଧ୍ୟରୁ ମୋହନ ଥିଲେ ସବା ସାନ । କାବା ଗାନ୍ଧି ଥିଲେ ସାଧୁ ଓ ନୀତିନିଷ୍ଠ । ପୁତ୍ଲୀବାଇ ଥିଲେ ଧର୍ମ ପରାୟଣା, ସ୍ନେହ ବତ୍ସଳା, ତ୍ୟାଗମୟୀ ମାତା । ପିତାମାତାଙ୍କର ଏହି ସବୁ ସଦଗୁଣାବଳୀ ଦ୍ୱାରା ମୋହନଦାସ ପ୍ରଭାବିତ ହୋଇଥିଲେ । ସମୟ କ୍ରମେ ମୋହନଦାସ ହେଲେ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସତ, ଅହିଂସା ମହାମନ୍ତ୍ରରେ କାଶ୍ମୀର ଠାରୁ କୁମାରୀକାଯାଏ ଭାରତୀୟମାନଙ୍କୁ ଏକତ୍ରୀତ କରିପାରିଥିଲେ ।

ଗାନ୍ଧିଜୀଙ୍କ ବଂଶ ବିଭିନ୍ନ ରାଜ୍ୟରେ ଦେୱାନ ଭାବରେ କାମ କରୁଥିଲେ । ମୋହନ ଦାସ ପ୍ରଥମ ଲୁଲିଆ ମାଷ୍ଟ୍ରଙ୍କ ଚାଟଶାଳିରେ ପାଠପଢା ଆରମ୍ଭ କଲେ । ତାପରେ ବ୍ରାଂଚ ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଢିଲେ । ୧୮୮୦ ମସିହାରେ ତାଲୁକ ସ୍କୁଲରୁ ପାଶ୍ କରି କାଥିଆୱାର୍ଡ଼ ହାଇସ୍କୁଲରେ ପାଠ ପଢିଲେ । ସେ ଭଲ ପାଠ ପଢୁ ନଥିଲେ ମଧ୍ୟ ଉତ୍ତମ ଚରିତ୍ର ପାଇଁ ଶିକ୍ଷକମାନଙ୍କ ଶୁଭଦୃଷ୍ଟିରେ ରହିଥିଲେ । ଏକଦା ଇନିସ୍ପେକ୍ଟର ସ୍କୁଲ ପରିଦର୍ଶନରେ ଆସିଥିଲେ । ପ୍ରଧାନ ଶିକ୍ଷକ ଗାନ୍ଧୀଙ୍କୁ ପାଖ ପିଲାଠାରୁ ଠିକ୍ ଉତ୍ତର ଲେଖିବା ପାଇଁ ଯେତେ ଠାରିଲେ ମଧ୍ୟ ଗାନ୍ଧୀ କପି କରିନଥିଲେ । କାରଣ ତାଙ୍କ ଉପରେ ଶ୍ରବଣ କୁମାର ଓ ହରିଶ୍ଚନ୍ଦ୍ରଙ୍କର ନିଷ୍ଠା, ତ୍ୟାଗ, ସତ୍ୟର ପ୍ରଭାବ ପଡ଼ିଥିଲା । ପିଲା ସମୟରେ ସେ ସାଙ୍ଗମାନଙ୍କ ସାଙ୍ଗରେ ପଡ଼ି ବିଡ଼ି ଟାଣିବା ଅଭ୍ୟାସ ପ୍ରତିଜ୍ଞା ବଳରେ ଛାଡ଼ି ପାରିଥିଲେ । ପରବର୍ତ୍ତୀ ସମୟରେ ନିଶାମୁକ୍ତ ସୁସ୍ଥ ସମାଜଗଠନ ପାଇଁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ । ମୁସଲମାନ ସାଙ୍ଗ ପ୍ରରୋଚନାରେ ଥରେ ମାଂସ ଖାଇଥିଲେ । ମାତ୍ର ମୋହନ ଜୀବନରେ ଆଉ କେବେ ଆମିଷ ଛୁଇଁ ନଥିଲେ । ମୋହନଙ୍କର ଠିକ୍ ସାତବର୍ଷ ବେଳେ କସ୍ତୁରୀବାଇଙ୍କ ସହିତ ନିର୍ବନ୍ଧ ଓ ତେର ବର୍ଷ ବୟସରେ ବିବାହ ହୋଇଥିଲା । ପର ଅବସ୍ଥାରେ ସେ ବାଲ୍ୟ ବିବାହ ସମାଜରୁ ଉଠାଇବାକୁ ଅନେକ ଉଦ୍ୟମ କରିଥିଲେ ।

ଛୋଟ ବେଳରୁ ମୋହନ ଖୁବ ଡ଼ରକୁଳା ଥିଲେ । ଭୂତପ୍ରେତ, ଚୋର, ଡ଼କାୟତ ଓ ଅନ୍ଧାରକୁ ବହୁତ ଭୟ କରୁଥିଲେ । ରାମନାମ ଜପକଲେ ସବୁ ଭୟ ଭ୍ରାନ୍ତି ଓ ସଙ୍କଟ ଦୂର ହୋଇଯାଏ ବୋଲି ଧାଇ ମା ରମ୍ଭା ଠାରୁ ସେ ଶିକ୍ଷା କରିଥିଲେ । ସେହି ଦିନ ଠାରୁ ସେ ରାମାୟଣ ଶୁଣିବାକୁ ରାମ ନାମ ଜପ କରିବାକୁ ଭଲ ପାଉଥିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପିତାଙ୍କର ମୃତ୍ୟୁ ପରେ ମୋହନ ବାପ ଛେଉଣ୍ଡ ହୋଇଗଲେ । ତାଙ୍କର କାମ ଓ ଆଚରଣରେ ବହୁତ ପରିବର୍ତ୍ତନ ଘଟିଲା । ମନଲଗାଇ ପାଠ ପଢି ୧୮୮୭ ମସିହାରେ ବମ୍ବେ ବିଶ୍ୱବିଦ୍ୟାଳୟରୁ ମାଟ୍ରିକ ପାସ୍ କରି ବୃତ୍ତି ପାଇଲେ । ଭାବନଗରସ୍ଥ ସାମଲ ଦାସ କଲେଜରେ ନାମ ଲେଖାଇଲେ । ସେଠାରେ ସେ ଇଂରାଜୀରେ ପାଠ ପଢିବାକୁ ଭୟ କଲେ । ପାଠପଢି ପାସ୍ କଲେ ମଧ୍ୟ ଚାକିରି ମିଳିବା କଷ୍ଟ ତେଣୁ ସେ ଲଣ୍ଡନ ଯାଇ ତିନି ବର୍ଷରେ ବାରିଷ୍ଟରୀ ପାସ୍ କରିଆସିଲେ ଭଲ ଦିପଇସା ରୋଜଗାର କରିପାରିବେ । ଗାନ୍ଧୀ ପରିବାରର ଜଣେ ଦିଜଣ ବନ୍ଧୁଙ୍କର ପୁଅ ଲଣ୍ଡନରେ ପଢୁଥାନ୍ତି । ତେଣୁ ଗାନ୍ଧୀ ଲଣ୍ଡନରେ ରହି ପାଠ ପଢିବା ପାଇଁ ମନ ବଳାଇଲେ । ପୁଅର ଲଣ୍ଡନ ଯିବାକଥାଟା ମା ମନକୁ ପାଇଲା ନାହିଁ । ପରିଶେଷରେ ମାଆ ଗାନ୍ଧୀଙ୍କୁ ମୁଣ୍ଡ ଛୁଆଁ ଶପଥ କରାଇନେଲେ, ତିନୋଟି କଥା ରକ୍ଷା କରିବା ପାଇଁ, ମଦ ପିଇବୁ ନାହିଁ, ମାଛ ମାଂସ ଖାଇବୁ ନାହିଁ, କୌଣସି ସ୍ତ୍ରୀ ଓ ଝିଅକୁ ଛୁଇଁବୁ ନାହିଁ ।

ମୋହନ ୧୮୮୮ ମସିହା ସେପ୍ଟେମ୍ବର ମାସ ୪ ତାରିଖରେ ସ୍ତ୍ରୀ କସ୍ତୁରବା ଓ ପୁଅ ହରିଲାଲକୁ ଛାଡ଼ି ବମ୍ବେ ବନ୍ଦରରୁ ଜାହାଜରେ ଲଣ୍ଡନ ଯାତ୍ରା କଲେ । ଦୀର୍ଘ ପଚିଶ ଦିନର ଯାତ୍ରା ପରେ ମୋହନ ଲଣ୍ଡନରେ ପହଂଚିଲେ । ଭିକ୍ଟୋରିଆ ହୋଟେଲେରେ ତିନି ଦିନ ରହିବା ପରେ, ମୋହନ ଜଣେ ଭଦ୍ର ମହିଳାଙ୍କ ଘରେ ରହିଲେ । ସେ ଇଂରାଜୀରେ ଦୁର୍ବଳ ଥିବାରୁ ଶିକ୍ଷକଙ୍କ ଠାରୁ ଇଂରାଜୀ ଓ ଫରାସୀ ଶିକ୍ଷା କଲେ । ମନୋରଞ୍ଜନ ପାଇଁ ଭାୟୋଲିନ ତାଲିମ ନେଲେ । ସେଠାରେ ଆଉଥରେ ମାଟ୍ରିକ ପରୀକ୍ଷା ଦେଇ ପାଶ୍ କଲେ । ଲାଟିନ୍ ମଧ୍ୟ ଶିଖି ପାରିଲେ । ତାଙ୍କର ଘର କଥା ମନେ ପଡ଼ିବାରୁ ସେ ସାହେବୀ ଢଙ୍ଗ ଛାଡ଼ି ଖାଣ୍ଟି ଭାରତୀୟ ହୋଇଗଲେ । ନିଜ ଧର୍ମ ସହିତ ଅନ୍ୟ ଧର୍ମକୁ ମଧ୍ୟ ସମାନ ଦୃଷ୍ଟିରେ ଦେଖୁଥିଲେ । ୧୮୯୧ ମସିହାରେ ମେ ମାସରେ ବାରିଷ୍ଟରୀ ପାଶ୍ କରି ଜୁନ୍ ମାସରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାରିଷ୍ଟରୀ ଅନୁମତି ପତ୍ର ହାସଲ କରି ଜନ୍ମ ମାଟିକୁ ଫେରି ଆସିଲେ । ଜନ୍ମ ମାଟିରେ ପହଂଚିଲା ବେଳକୁ ତାଙ୍କ ମା ଆଉ ଇହଧାମରେ ନଥିଲେ । ସେ ନିଜକୁ ଅନେକ ଧିକ୍କାର କଲେ ।

ବଡ଼ ଭାଇ ପରିବାର ପ୍ରତିପୋଷଣ ପାଇଁ ଅନେକ ଧାର କରଜ କରିଥିଲେ । ସେ ସବୁର ପରିଶୋଧ ପାଇଁ ମୋହନ ଆଇନ୍ ବ୍ୟବସାୟ ଆରମ୍ଭ କଲେ । ଆଇନ୍ ବ୍ୟବସାୟରେ ଅସଫଳ ହୋଇ ଶିକ୍ଷକତା ଆରମ୍ଭ କଲେ । ଶିକ୍ଷକତା ପାଇଁ ବିଶ୍ୱ ବିଦ୍ୟାଳୟରେ ଡ଼ିଗ୍ରୀ ନଥିବାରୁ ସେ କିରାଣୀ ଚାକିରୀକୁ ଆଦରି ନେଲେ । ଅଳ୍ପ ରୋଜଗାରରେ ତାଙ୍କର ଗୁଜୁରାଣ ମେଣ୍ଟି ପାରୁନଥିଲା । ଏହି ସମୟରେ କାଥିଆୱାର୍ଡ଼ର ଏକ ମୁସଲମାନ ପ୍ରତିଷ୍ଠାନ ଦକ୍ଷିଣ ଆଫ୍ରିକାରେ ବ୍ୟବସାୟ କରୁଥାଏ । ଏହି ପ୍ରତିଷ୍ଠାନର ମାଲିକ ଥିଲେ ମୁର୍ଖ, ତେଣୁ ସେ ଜଣେ ସଚ୍ଚୋଟ ସାଧୁ ଓକିଲାତି ପାଶ୍ କରିଥିବା ବ୍ୟକ୍ତିର ଆବଶ୍ୟକତା ଲୋଡୁଥିଲେ । ମୋହନ ଏହି ପ୍ରତିଷ୍ଠାନରେ ଦକ୍ଷିଣ ଆଫ୍ରିକାରେ ଏକ ବର୍ଷ ପାଇଁ ଯୋଗ ଦେଲେ । ମାତ୍ର ସେଠାରେ ସେ ବହୁ ବର୍ଷ ରହିଗଲେ । ୧୮୯୩ ମସିହାରୁ ଯାଇ ଫେରିଲେ ୧୯୧୪ ମସିହାରେ । ମୋହନ ଦକ୍ଷିଣ ଆଫ୍ରିକାର ନାଟାଲ ପ୍ରଦେଶର ରାଜଧାନୀ ଡ଼ର୍ବାନ ସହରରେ ରହୁଥିଲେ । ଥରେ ମକଦ୍ଦମା କାମରେ ମୋହନ ଟ୍ରାନ୍ସଭାଲର ରାଜଧାନୀ ପ୍ରିଟୋରିଆକୁ ପ୍ରଥମ ଶ୍ରେଣୀ ଟିକଟ୍ କାଟି ଡ଼ର୍ବାନରୁ ଟ୍ରେନ ଯାତ୍ରା ଆରମ୍ଭ କଲେ । ମରିସବର୍ଗ ଷ୍ଟେସନରେ ଜଣେ ଗୋରା ସାହେବ ରେଳ କର୍ମଚାରୀମାନଙ୍କ ଦ୍ୱାରା ମୋହନଙ୍କୁ ଡ଼ବା ତଳକୁ ଠେଲି ଦେଲେ ଓ ଜିନିଷ ପତ୍ର ପ୍ଲାଟଫର୍ମ ଉପରକୁ ଫୋପାଡ଼ି ଦେଲେ । ମରିସବର୍ଗ ଷ୍ଟେସନର ବିଶ୍ରାମ ଗୃହର, ଏକ ଶୀତ ରାତ୍ରୀ ମୋହନଙ୍କ ଜୀବନର ଗତିପଥ ବଦଳାଇ ଦେଲା । ଡ଼ରକୁଳା ମୋହନ ଦୁଃସାହସୀ, ନିର୍ଭୀକ, ହୋଇଗଲେ । ସେ ଦଳିତ, ଅବହେଳି, ଅତ୍ୟାଚାରିତ, ସର୍ବହରାଙ୍କର ସାଥୀ, ମୁକ୍ତିଦାତା, ରକ୍ଷାକର୍ତା, ଭାଗ୍ୟବିଧାତା ହୋଇ କଳା ଲୋକମାନଙ୍କ ପାଇଁ ଲଢେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆରମ୍ଭ କରିଦେଲେ । ବ୍ୟବସାୟୀ ଅବଦୁଲ୍ଲାଙ୍କ ସାହାଯ୍ୟରେ ଭାରତୀୟମାନଙ୍କୁ ଏକତ୍ରୀତ କଲେ । ରେଳ ବିଭାଗରେ ମୋହନଙ୍କ ଯୋଗୁ କଳା ଲୋକମାନେ ପ୍ରଥମ ଶ୍ରେଣୀରେ ଯାତାୟତ କଲେ । ଭାରତରେ ଜାତୀୟ କଂଗ୍ରେସ ଗଠନକୁ ଦେଖି, ମୋହନ ନାଟାଲ ଠାରେ ନାଟାଲ କଂଗ୍ରସ ଗଠନ କଲେ । ନାଟାଲ କଂଗ୍ରେସ ମାଧ୍ୟମରେ ଭାରତୀୟମାନଙ୍କ ଦାବି ନାଟାଲ ସରକାରଙ୍କୁ ଜଣାଇଲେ ।

ଭାରତରୁ ଯେଉଁ ଶ୍ରମିକମାନେ ପାଂଚ ବର୍ଷ ଚୁକ୍ତି ଭିତ୍ତିରେ ଦକ୍ଷିଣ ଆଫ୍ରିକାର ନାଟାଲ ଅଂଚଳକୁ ଯାଉଥିଲେ । ପାଂଚ ବର୍ଷିଆ ଚୁକ୍ତି ଶେଷପରେ ସେଠାରେ ରହିବାକୁ ହେଲେ ଜଣକୁ ବର୍ଷକୁ ପଚିଶ ପାଉଣ୍ଡ କରଦେବାକୁ ପଡୁଥିଲା । ତେଣୁ ସେମାନେ ସାହେବଙ୍କର ଦାସ ପାଲଟିବାକୁ ବାଧ୍ୟ ହେଉଥିଲେ । ଦକ୍ଷିଣ ଆଫ୍ରିକାର କଳା ଗୋରାମାନଙ୍କ ମଧ୍ୟରେ ଥିବା ବର୍ଣ୍ଣ ବୈଷମ୍ୟ ଓ ଶ୍ରମିକଶୋଷଣ ବାଦକୁ ଦୂରେଇବା ପାଇଁ ଗାନ୍ଧିଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଛି । ଦକ୍ଷିଣ ଆଫ୍ରିକାରେ ଗାନ୍ଧୀ ଶ୍ରମିକମାନଙ୍କର ତ୍ରାଣକର୍ତ୍ତା ପାଲଟି ଯାଇଥିଲେ । ଶେଷରେ ଗାନ୍ଧୀଙ୍କ ନାଟାଲ କଂଗ୍ରେସ ପାଖରେ ନାଟାଲସରକାର ମୁଣ୍ଡ ନୂଆଁଇଲେ ।

୧୮୯୬ ମସିହାରେ ଗାନ୍ଧୀ ଭାରତକୁ ଫେରିଆସି ଦକ୍ଷିଣ ଆଫ୍ରିକାରେ ଥିବା ଭାରତୀୟଙ୍କ ଦୁଃଖଦୁର୍ଦ୍ଦଶାକୁ ଏକ ପୁସ୍ତକ ମାଧ୍ୟମରେ ଲେଖି ଏହାର ଦଶ ହଜାର କପି ଛାପି ସବୁଆଡ଼କୁ ପଠାଇଲେ । ଲଣ୍ଡନରେ ଇଂରେଜ ସରକାର ଓ ଅଧିକାଂଶ ଭାରତୀୟ ଜାଣିଲେ । ଗାନ୍ଧୀଙ୍କ ପାଇଁ ସଭା ସମିତି ଚାରିଆଡ଼େ ଆୟୋଜନ ହେଲା । କିନ୍ତୁ କଲିକତାରେ ସଭା କରାଇବା ଆଗରୁ ଦକ୍ଷିଣ ଆଫ୍ରିକାର ଟେଲିଗ୍ରାମ ପାଇଁ ଗାନ୍ଧୀ, ସ୍ତ୍ରୀ, ଦୁଇପୁଅ ଓ ଜଣେ ଭଣଜାକୁ ଧରି ଅବଦୁଲାଙ୍କ ଜାହାଜରେ ଡ଼ର୍ବାନ ଅଭିମୁଖେ ଯାତ୍ରା କଲେ । ମାତ୍ର ଡ଼ର୍ବାନରେ କିଛି ଖଳପ୍ରକୃତିର ଗୋରାମାନେ ପ୍ରଚାର କରିଦେଲେ ଯେ ଗାନ୍ଧୀ ଦୁଇଟି ଜାହାଜରେ ଭାରତୀୟ ଗୁଣ୍ଡାମାନଙ୍କୁ ଧରି ଇଂରେଜମାନଙ୍କୁ ମାରିବା ପାଇଁ ଆସୁଛନ୍ତି । ଜାହାଜକୁ ବନ୍ଦର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଧ୍ୟକୁ ପ୍ରବେଶ କରାଇ ଦେଲେ ନାହିଁ । ୨୩ଦିନ ପରେ ଇଂରେଜମାନେ ଜାଣିଲେ ଯେ ଜାହାଜରେ କେହି ଗୁଣ୍ଡା ନାହାଁନ୍ତି, ତାପରେ ଅନୁମତି ମିଳିଲା । ଲଫଟନ ସାହେବ ଏକ ଗାଡ଼ିରେ କସ୍ତୁରବା ଓ ପିଲାମାନଙ୍କୁ ଜଣେ ବନ୍ଧୁଙ୍କ ଘରକୁ ପଠାଇ ଦେଲେ । ନିଜେ ଓ ଗାନ୍ଧୀ ଚାଲିଚାଲି ରାସ୍ତାରେ ବନ୍ଧୁଙ୍କ ଘରକୁ ଯିବା ସମୟରେ କିଛି ଇଂରେଜ ଗୁଣ୍ଡାଲୋକ ଗାନ୍ଧୀଙ୍କୁ ନିର୍ଦ୍ଦୟ ଭାବରେ ପିଟି ଚାଲିଥାନ୍ତି । ସେହି ରାସ୍ତା ଦେଇ ଏସ୍.ପିଙ୍କ ସ୍ତ୍ରୀ ଯାଉଥିବାରୁ ଗୁଣ୍ଡାମାନେ ଦେଖି ଗାନ୍ଧୀଙ୍କୁ ଛାଡ଼ି ପଳାଇଲେ । ପୋଲିସ ଆସି ଗାନ୍ଧୀଙ୍କୁ ନେଇ ତାଙ୍କ ବନ୍ଧୁଙ୍କ ଘରେ ଛାଡ଼ି ଦେଇଥିଲେ । ଏହି ଖବର ଲଣ୍ଡନରେ ପହଂଚିଲା । ବ୍ରିଟିଶ ସରକାରଙ୍କ ପାଖରୁ, ନାଟାଲ ସରକାରଙ୍କ ପାଖକୁ ନିର୍ଦ୍ଦେଶ ଆସିଲା । ଦୋଷୀମାନଙ୍କୁ କଠୋର ଦଣ୍ଡ ଦିଅନ୍ତୁ । କିନ୍ତୁ ଗାନ୍ଧୀ ସମସ୍ତଙ୍କୁ କ୍ଷମା କରିଦେଲେ ।

ଦକ୍ଷିଣ ଆଫ୍ରିକାରେ ଡ଼ଚ ଓ ଇଂରେଜ ଦୁଇ ପ୍ରତିଦ୍ୱନ୍ଦୀ ଗୋଷ୍ଠୀ ଶାସନ କରୁଥିଲେ । ଦୁଇ ଗୋଷ୍ଠୀ ମଧ୍ୟରେ ଯୁଦ୍ଧ ଲାଗିଗଲା । ଗାନ୍ଧୀ ଏକ ଆମ୍ବୁଲାନ୍ସ ବାହିନୀ ଗଠନ କରି ଉଭୟ ଆହତ ସୈନ୍ୟମାନଙ୍କର ସେବା କଲେ । ଯୁଦ୍ଧରେ ବୁଅର ବା ଡ଼ଚ ମାନେ ହାରିଗଲେ । ଇଂରେଜ ସରକାର ଗାନ୍ଧୀଙ୍କର ସେବା ପାଇଁ ତାଙ୍କୁ ଯୁଦ୍ଧପଦକ ପ୍ରଦାନ କଲେ । ୧୯୦୧ ମସିହା ଡ଼ିସେମ୍ବର ମାସରେ ଜାତୀୟ କଂଗ୍ରେସ ତରଫରୁ କଲିକତାଠାରେ ଏକ ବିରାଟ ସଭା ହେଲା । ଏଥିରେ ଗାନ୍ଧୀ ଯୋଗ ଦେଲେ । ସେଠାରେ ଭାରତ ସେବକ ସଂଘର ସଭାପତି ଗୋପାଳ କୃଷ୍ଣ ଗୋଖେଲେଙ୍କ ଆଚରଣରେ ମୁଗ୍ଧ ହୋଇ ତାଙ୍କୁ ରାଜନୈତିକ ଗୁରୁ ଭାବରେ ଗ୍ରହଣ କଲେ । ଆଣ୍ଠୁ ଲୁଚୁନଥିବା ଖଦି ବ୍ୟବହାର କରିବା ସଙ୍ଗେ ସଙ୍ଗେ ପ୍ରଥମ ଶ୍ରେଣୀରେ ଯାତ୍ରା ପରିବର୍ତ୍ତେ ତୃତୀୟ ଶ୍ରେଣୀରେ ଯିବା ଆସିବା କଲେ । ଗାନ୍ଧୀ ଦକ୍ଷିଣ ଆଫ୍ରିକା ଫେରିଆସିଲେ । ଗାନ୍ଧୀ ଇଂରେଜ ଯୁବକ ପୋଲାକ୍‌ଙ୍କୁ ନେଇ "ଇଣ୍ଡିଆନ ଓପିନିୟନ" ନାମକ ପତ୍ରିକା ପ୍ରକାଶ କଲେ । ଡ଼ର୍ବାନ ଠାରୁ ପନ୍ଦର ମାଇଲ ଦୂରସ୍ଥ ଫିନିକ୍ସ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସହରର ଉପକଣ୍ଠରେ ଶହେ ଏକର ପରିମିତ ସ୍ଥାନରେ ଏକ ଆଶ୍ରମ ପ୍ରତିଷ୍ଠା କଲେ । ଏହି ଫିକନ୍ସ ଆଶ୍ରମରେ ଇଣ୍ଡିଆନ ଓପିନିୟନ ପ୍ରେସ୍ କାର୍ଯ୍ୟ ଚାଲିଲା । ପ୍ରେସର ସବୁ କର୍ମଚାରୀଙ୍କ ଦରମା ସମାନ ସତେ ଯେମିତି ସମସ୍ତେ ଗୋଟିଏ ପରିବାରର ସଦସ୍ୟ । ୧୯୦୪ ମସିହାରେ ଗାନ୍ଧି କସ୍ତୁରବା ଓ ପିଲାମାନଙ୍କୁ ଆଶ୍ରମକୁ ଅଣାଇଲେ । କସ୍ତୁରବା ଏହି ବିରାଟ ପରିବାରର ମା ରୂପେ ସମସ୍ତଙ୍କୁ ସମାନ ଭାବରେ ସ୍ନେହ ଓ ଶ୍ରଦ୍ଧା ପ୍ରଦାନ କଲେ ।

ଟଲଷ୍ଟୟଙ୍କ ଆଦର୍ଶରେ ଗାନ୍ଧୀ ପ୍ରଭାବିତ ହୋଇଥିଲେ । ଜୋହାନ୍ସବର୍ଗର ଅଳ୍ପ ଦୂରରେ ଏଗାରଶହ ଏକର ଜମି ଉପରେ ଗାନ୍ଧିଜୀ ଟଲଷ୍ଟୟଙ୍କ ନାମରେ ଟଲଷ୍ଟୟ ଆଶ୍ରମ ପ୍ରତିଷ୍ଠା କରିଥିଲେ । ଗାନ୍ଧିଜୀ ନିଜ ରଚିତ ପୁସ୍ତକ "ହିନ୍ଦ୍ସ୍ୱରାଜ" ସହିତ ଏକ ଚିଠି ଟଲଷ୍ଟୟଙ୍କ ପାଖକୁ ପଠାଇଥିଲେ । ଗାନ୍ଧିଙ୍କର ଚିଠି ପାଇ ଟଲଷ୍ଟୟ ୧୯୧୦ରେ ଏକ ଚିଠି ଲେଖିଲେ ଯେ ଭବିଷତ୍ୟରେ ଗାନ୍ଧୀ ବିଶ୍ୱର ଏକ ବିସ୍ମୟ ମହାମାନବ ହୋଇ ଉଦ୍ଭାସିତ ହେବେ । ତାଙ୍କର ଆଦର୍ଶ କାର୍ଯ୍ୟ ଧାରା ଜନ ମାନସକୁ ଅନୁପ୍ରାଣିତ କରିବ ।

ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର ଶ୍ରମିକ, କୃଷକ ଓ କୃଷ୍ଣକାୟ ମାନଙ୍କୁ ନେଇ ସତ୍ୟାଗ୍ରହ ଆରମ୍ଭ କରିଦେଲେ । ପରିଶେଷରେ ସତ୍ୟାଗ୍ରହରେ ଚରମ ସଫଳତା ମିଳିଥିଲା । ଭାରତୀୟ ମାନଙ୍କ ଉପରୁ କର ଉଠିଲା । ରେଜେଷ୍ଟ୍ରୀ ଆଇନ୍ ରଦ୍ଦହେଲା । ଭାରତୀୟମାନଙ୍କର ବିବାହକୁ ସାମାଜିକ ସ୍ୱୀକୃତି ମିଳିଲା । ଦକ୍ଷିଣ ଆଫ୍ରିକାର ଅର୍ଥନୀତିକ, ସାମାଜିକ, ରାଜନୈତିକ ଅବସ୍ଥାକୁ ବଦଳାଇ ଦେବାକୁ ସକ୍ଷମ ହେଲେ । ଦକ୍ଷିଣ ଆଫ୍ରିକାର ଅହିଂସା ସଂଗ୍ରାମ ତାଙ୍କୁ ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ ରୂପେ ପ୍ରତିପାଦିତ କରିପାରିଥିଲା । ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଥାଏ । ୧୯୧୪ ମସିହାର ଶେଷ ଭାଗରେ ଗାନ୍ଧୀ ଭାରତକୁ ପ୍ରତ୍ୟାବର୍ତନ କଲେ । ବମ୍ବେରେ ପହଂଚି ଗାନ୍ଧୀ ଯେଉଁ ଶ୍ରଦ୍ଧା, ସମ୍ବର୍ଦ୍ଧନା ଗୋଖଲେଙ୍କ ପାଇଁ ପାଇଲେ, ସେ କେବେବି କଳ୍ପନା କରିନଥିଲେ । ଭାରତରେ ବିଭିନ୍ନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଂଚଳର ଜନସାଧାରଣଙ୍କ ଅବସ୍ଥା ଜାଣିବା ପାଇଁ ଗୋଖଲେଙ୍କ ନିର୍ଦ୍ଦେଶରେ ଭାରତ ପରିଭ୍ରମଣ କଲେ । ଗୋଟିଏ ଦିନ ଗାନ୍ଧୀ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଉଦ୍ଘାଟନୀ ଉତ୍ସବରେ ଯୋଗଦେଇ ଯେଉଁ ଭାଷଣ ଦେଇଥିଲେ, ସେହି ଉଜସ୍ୱିନୀ ଭାଷଣ ସବୁରି ମନକୁ ପ୍ରଭାବିତ କଲା । ଗାନ୍ଧୀଙ୍କର ଜନ ପ୍ରିୟତା ବଢିଗଲା ।

ଦକ୍ଷିଣ ଆଫ୍ରିକାରେ ଆଶ୍ରମ ଜୀବନ ବିତାଇଥିବା ଗାନ୍ଧୀ ଆଉ ପାରିବାରିକ ବନ୍ଧନରେ ସଂକୁଚିତ ହୋଇ ରହିବାକୁ ଇଚ୍ଛା କଲେ ନାହିଁ । ତେଣୁ ସେ ଗୁଜୁରାଟର ଅହମ୍ମଦାବାଦ ନିକଟସ୍ଥ ସାବରମତୀ ନଦୀ କୂଳରେ ଆଶ୍ରମଟିଏ ପ୍ରତିଷ୍ଠା କରି ନାମ ଦେଲେ 'ସତ୍ୟାଗ୍ରହ ଆଶ୍ରମ' । ଏହି ଆଶ୍ରମରେ ଛୁଆଁ ଅଛୁଆଁ ଭେଦଭାବ ରହିଲା ନାହିଁ ।

ଗାନ୍ଧୀଙ୍କର ମୌଳିକନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ଓକିଲ ବଲ୍ଲଭ ଭାଇ ପଟେଲ ବିବାହ କଲେ ନାହିଁ । ପଟେଲ ଗାନ୍ଧୀଙ୍କ ସହିତ ଶ୍ରମିକ ଧର୍ମଘଟ ଓ କୃଷକ ଆନ୍ଦୋଳନରେ ଯୋଗ ଦେଲେ । ସେହିପରି ମହାଦେବ ଦେଶାଇ ନାମରେ ଜଣେ ଯୁବକ ଗାନ୍ଧୀଙ୍କର ବିଶ୍ୱସ୍ତ ସେକ୍ରେଟେରୀ ଭାବରେ ଆଜୀବନ ରହିଲେ । ଗାନ୍ଧୀ ବିହାରର ଚମ୍ପାରଣ ଠାରେ ଇଂରେଜ ଜମିଦାର ମାନଙ୍କର ଚାଷୀମାନଙ୍କ ଉପରେ ହେଉଥିବା ଅକଥନିୟ ଅତ୍ୟାଚାର ଅନୁଭବ କଲେ । ଜମିଦାର ମାନଙ୍କ ସହିତ ଚୁକ୍ତି କରି ଅସହାୟ ଚାଷୀମାନଙ୍କ ଦୁଃଖ ଦୂରକଲେ । ୧୯୧୯ ଏପ୍ରିଲ ୧୩ରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡରେ ଗାନ୍ଧୀ ମର୍ମାହତ ହୋଇପଡ଼ିଲେ । ଇଂରେଜ ସରକାରଙ୍କର ଏତାଦୃଶ ନୀତିରେ ବ୍ୟଥିତ ହୋଇ, ଏ ଦେଶରୁ ସେମାନଙ୍କୁ ବିତାଡ଼ିତ କରିବା ପାଇଁ ଭାରତୀୟମାନଙ୍କୁ ସତ୍ୟାଗ୍ରହ ମଧ୍ୟରେ ନୂଆ ଉପାୟ ଚିନ୍ତା କଲେ । ମୁସଲମାନଙ୍କ ହୃଦୟରେ ସତ୍ୟାଗ୍ରହ ପାଇଁ ଅନୁରାଗ ନଥିବାରୁ ଗାନ୍ଧୀ ୧୯୨୦ ଜୁଲାଇ ୩୦ରୁ ଅସହଯୋଗ ଆନ୍ଦୋଳନ ପାଇଁ ଆହ୍ୱାନ ଦେଲେ । ବହୁ ଭାରତୀୟ ଚାକିରି ଛାଡ଼ିଲେ । ମୋତିଲାଲ ନେହେରୁ ଦେଶବନ୍ଧୁ ଚିତରଞ୍ଜନ ଓକିଲାତି ଛାଡ଼ିଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରବୀନ୍ଦ୍ରନାଥ ତାଙ୍କର ନାଇଟ୍ ଉପାଧି, ଗାନ୍ଧୀ ତାଙ୍କର ଯୁଦ୍ଧ ପଦକ ଫେରାଇ ଦେଲେ । କଂଗ୍ରେସ ନେତାମାନେ ଖଦଡ଼ ପିନ୍ଧିଲେ, ଗାନ୍ଧୀ ସୂତାବୁଣା ଛୋଟ ଲୁଗା ପିନ୍ଧିଲେ । କୁଟିଖାଅ, କାଟି ପିନ୍ଧ ନୀତିରେ ଚାଲିଲେ । ସବୁ ବଡ଼ ବଡ଼ ନେତା ଗିରଫ ହେଲେ । ୧୯୨୨ ମାର୍ଚ୍ଚରେ ଗାନ୍ଧୀ ଗିରଫ ହୋଇ ଛଅବର୍ଷ ଜେଲ ଦଣ୍ଡ ଭୋଗକଲେ । ଗାନ୍ଧୀଙ୍କ ଦେହ ଅସୁସ୍ଥ ହେବାରୁ ସେ ଛଅ ବର୍ଷ ଜେଲଦଣ୍ଡ ବଦଳରେ ୨ ବର୍ଷ ଭୋଗ କଲେ ।

୧୯୨୯ ମସିହାରେ ଲାହୋର ଠାରେ କଂଗ୍ରେସର ଅଧିବେଶନରେ ନିଷ୍ପତି ନିଆଗଲା ଯେ ୧୯୩୦ ମସିହା ଜାନୁୟାରୀ ୨୬ କୁ ସମଗ୍ର ଭାରତ ସ୍ୱାଧୀନତା ଦିବସ ପାଳନ କରିବ । ଏହି ଦିନ ସମଗ୍ର ଭାରତରେ ଏକ ନୂତନ ଜାଗରଣ ଦେଖାଦେଲା । ଗାନ୍ଧୀ ଲବଣ ସତ୍ୟାଗ୍ରହ ଆରମ୍ଭ କରିଦେଲେ । ସରକାରଙ୍କ ନିୟମ ଭଙ୍ଗ କରି ଦାଣ୍ଡୀରେ ଗାନ୍ଧି ଲୁଣମରା କାର୍ଯ୍ୟ କଲେ । ଏହି ଖବର ଗାଁ ଠାରୁ ସହର ଯାଏ ବ୍ୟାପିଗଲା । ସମସ୍ତେ ଲୁଣ ମାରିବା ଆରମ୍ଭ କରିଦେଲେ । ଲକ୍ଷାଧିକ ଲୋକ ଓ ଗାନ୍ଧୀ ଗିରଫ ହେଲେ । କଂଗ୍ରେସ ପୂର୍ଣ୍ଣ ସ୍ୱାଧୀନତା ପାଇଁ ଲଢେଇ ଆରମ୍ଭ କରିଦେଲା । ଗୋଲ ଟେବୁଲ ବୈଠକ ପରେ ଗାନ୍ଧୀଙ୍କୁ ଗିରଫ କରାଗଲା । ଜେଲରେ ଥିବା ସମୟରେ ଇଂରେଜ ସରକାର ହରିଜନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଗଠନ କରିବାକୁ ନିଷ୍ପତି ନେଲେ । ଗାନ୍ଧୀ ଏହି ନୀତିକୁ ବିରୋଧ କରି ଅନଶନ କଲେ । ସରକାର ହରିଜନ ନୀତିର ପରିବର୍ତନ କଲେ । ଛୁଆଁଅଛୁଆଁ ଭେଦଭାବ ସମାଜରୁ କେତେକ ଅଂଶରେ ଉଠିଲା । ବହୁ ମନ୍ଦିରରେ ହରିଜନମାନେ ପ୍ରବେଶ କଲେ । ଗାନ୍ଧୀ ଅନଶନ ଭାଙ୍ଗିଲେ । ୧୯୪୨ରେ କଂଗ୍ରେସର ଭାରତ ଛାଡ଼ ଆନ୍ଦୋଳନ ଯୋଗୁ ସମଗ୍ର ଦେଶରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ହିଂସାକାଣ୍ଡ ଆରମ୍ଭ ହୋଇଗଲା । ସୁବାଷ ବୋଷ ରେଙ୍ଗୁନ ରେଡ଼ିଓରୁ ଘୋଷଣା କଲେ ଯେ ଗାନ୍ଧିଜୀ ହେଉଛନ୍ତି "ଜାତିର ଜନକ ବିଂଶ ଶତାବ୍ଦୀର ବିଶ୍ବର ମହାନାୟକ" । ଇଂରେଜ ସରକାର ଜିନ୍ନାଙ୍କ ମାଧ୍ୟମରେ ଭାରତକୁ ଦୁଇଭାଗ କରିବାକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚକ୍ରାନ୍ତ କଲେ । ହିନ୍ଦୁ, ମୁସଲମାନଙ୍କ ହଣା କଟା ଚାଲିଲା । ଜିନ୍ନାଙ୍କର କ୍ଷମତା ଲୋଭ କଂଗ୍ରେସ ନେତାଙ୍କର ଉଦାସୀନତା, ଗାନ୍ଧୀଙ୍କର ଅସହାୟତା ପାଇଁ ଅଖଣ୍ଡ ଭାରତ ଦୁଇ ଭାଗ ହୋଇଗଲା । ପ୍ରବଳ ହିଂସା, ରକ୍ତପାତ ମଧ୍ୟରେ ପାକିସ୍ଥାନକୁ ସ୍ୱାଧୀନତା ଅଗଷ୍ଟ ୧୪ ତାରିଖରେ ଦିଆଗଲା । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭକଲା । ଭାରତର ପଣ୍ଡିତ ନେହେରୁ ଓ ପାକିସ୍ଥାନର ଜ଼ିନ୍ନା ହେଲେ ମୁଖ୍ୟ କର୍ଣ୍ଣଧାର ।

କଠୋର ପନ୍ଥୀ ହିନ୍ଦୁମାନେ ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର କଲେ । ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ଗାନ୍ଧୀ ପ୍ରାର୍ଥନାସଭାକୁ ଆସିବା ମାତ୍ରେ ନାଥୁରାମ ତାଙ୍କୁ ଗୁଳିକଲେ । 'ହା' ରାମ କହି ଜାତିର ଜନକ ମହାତ୍ମା ବାପୁ ଟଳିପଡ଼ିଲେ । ଚାରିଆଡ଼େ ଶୋକର ଛାୟା ଖେଳିଗଲା । ସମଗ୍ର ପୃଥିବୀରୁ ହଠାତ୍ ଅହିଂସାର ଆଲୋକ ନିର୍ବାପିତ ହୋଇଗଲା । ସ୍ୱାଧୀନ ଭାରତ ଏକ ଅନ୍ଧକାରମୟ ଗର୍ତ୍ତକୁ ଠେଲି ହୋଇଗଲା । ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ, ବିସ୍ମୟ ମହାମାନବ ମହାତ୍ମା ଗାନ୍ଧୀ ଚିରଦିନ ପାଇଁ ଧରା ପୃଷ୍ଠରେ ଅମର ହୋଇ ରହିଗଲେ ।

ପାରାଦ୍ୱୀପଗଡ଼, କୁଜଙ୍ଗ,ଜଗତସିଂହପୁର
ମୋ-୯୯୩୭୬୯୧୪୭୫

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମାଡ଼ରେ ଭିଟାମିନ୍ ଏମ୍ !!!



ପଙ୍କଜ କୁମାର ପାଣିଗ୍ରାହୀ

## ମାଡ଼ରେ ଭିଟାମିନ୍ M, ହେଲେ ମନୀ (Money)ରେ M2 ? ?

ମାଡ ମାରିବା ଓ ମାଡ଼ ଖାଇବା ଜଣେ ମଣିଷର ବାଲ୍ୟ କାଳରୁ ଆରମ୍ଭ ହୋଇ ବେଳେ ବେଳେ ପ୍ରାପ୍ତ ବୟସ ପର୍ଯ୍ୟନ୍ତ ଜାରି ରହିଥାଏ !

କାହିଁକି ? ଏବଂ ତାହାଦ୍ୱାରା କ'ଣ ହୁଏ ?

କଥାରେ କହୁ ମାଡଖିଆ ମହାଦେବ, ମାଡ଼ ଖାଇଲେ ବର ଦେବ ! ଅର୍ଥାତ ମହାଦେବ ଶିବ ଭାଙ୍ଗ ଖାଇ ନିଶାସକ୍ତ ଅବସ୍ଥାରେ ରହିଥିବା ବେଳେ ଭକ୍ତର ଆର୍ତ୍ତନାଦ ଶୁଣି ନପାରିଲେ ତାଙ୍କୁ ମାଡ଼ ମାରି ଚେତନା ଫେରାଇ ଆଣିବା ପରେ ବର ପ୍ରାପ୍ତି ହେବାର ସମ୍ଭାବନାକୁ ଆଖି ଆଗରେ ରଖି ଏମିତି କୁହାଯାଉଥିବା ଅନୁମାନ ହେଉଛି ଆମର । ତାହାର କୌଣସି ବାସ୍ତବ ଜ୍ଞାନ ବିହୀନ ଅଧମ ମୋର ନିଜସ୍ୱ ବିଶ୍ଳେଷଣ ଏହା ଯେ, ଏମିତି କୁହାଯାଉଥିବା ବିଷୟରେ କିଛି ମହତ୍ୱପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ରହିଥିବା ଅନୁମାନ କରି ମାଡ଼ ଉପରେ ଆଧାରିତ ସମ୍ପୃକ୍ତ ଆଲେଖ୍ୟଟି କେତେଦୂର ଗ୍ରହଣୀୟ ବିଚାର କରି ଦେଖିବା.....

ଆମର ପୂର୍ବତନ ଆଦରଣୀୟ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାର ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକ କହିଥିଲେ ଯେ କୌଣସି ନିକୁସ୍ମ ସରକାରୀ ଚାକର ସାଧାରଣ ଲୋକଙ୍କ କାର୍ଯ୍ୟରେ ଅବହେଳା କଲେ ପ୍ରଥମେ ମାଡ଼ ମାରି ତାପରେ ତାଙ୍କୁ ଖବର ଦେଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ କଥା ସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନିଜେ ବୁଝିବେ ! ତାଙ୍କର ଏମିତି କହିବା ପଛରେ କିଛି ଗୁରୁତ୍ୱପୂର୍ଣ୍ଣ, ମହତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ଥିଲା କି ? ! ଆଉ ଅନ୍ୟ କୌଣସି ଉପାୟ ନକରି ମାଡ଼ ମାରିବା ଉପରେ ସେ ପ୍ରାଧାନ୍ୟତା ଦେଇଥିଲେ କାହିଁକି ? ! ! ଆଉ ଆଜି ସମୟରେ ସେମିତି କରିବା ତ କୋଶ ଦୂର, ଭାବି ମଧ୍ୟ ପାରିବେ ନାହିଁ ସାଧାରଣ ଲୋକେ । ଏସବୁ ସମୟଚକ୍ରର ଖେଳ ଯାହା ସମସ୍ତେ ବୁଝୁଥିବେ । ହେଲେ ତାଙ୍କର ସେହି ମାଡ଼ ଉପରେ ପ୍ରାଧାନ୍ୟତା ରହିବା ପଛର ରହସ୍ୟ କ'ଣ ? ! ! ହୁଏତ କିଛି ଅଭାବନୀୟତାକୁ ଦୂର କରାଯିବା ଲକ୍ଷ୍ୟ ରହିଥିବା ଅନୁମାନ କରୁଛୁ ଆମେ ଯାହା ବୋଧହୁଏ ଆଜି ସମୟରେ ଆଉ ଆବଶ୍ୟକ ପଡୁନାହିଁ କିମ୍ବା ଅତ୍ୟଧିକ ଆବଶ୍ୟକତା ରହିଛି ବିଚାର କରନ୍ତୁ ସର୍ବସାଧାରଣ......

କଥାଟି କୌଣସି ବିଜ୍ଞାନାଗାରରେ ଗବେଷିତ ଉଦ୍ଧୃତି ଉପରେ ଆଧାରିତ ବାସ୍ତବ ତଥ୍ୟ ନୁହେଁ, ବରଂ ମଣିଷର ବ୍ୟବହାରିକ ଆଚରଣର ଏକ ଦାର୍ଶନିକ ବିଶ୍ଳେଷିତ ତତ୍ୱ !

ମଣିଷ ମନର ମନସ୍ତାତ୍ୱିକ ବିଶ୍ଳେଷଣ କରି ଦାର୍ଶନିକ ତତ୍ୱର ନିଷ୍କର୍ଷ ଏହା ଯେ, ମାଡ଼ରେ ହୁଏତ କିଛି ବିଶେଷ ତଥ୍ୟ ରହିଛି ଯାହା କୌଣସି ଅସମ୍ଭବ କାର୍ଯ୍ୟକୁ ସମ୍ଭବ, ଅକର୍ତ୍ତବ୍ୟକୁ କର୍ତ୍ତବ୍ୟରେ ପରିଣତ  କରି ପାରୁଥିବା ହେତୁ ସ୍ଥଳ ବିଶେଷକୁ ନେଇ ତାହାର ବ୍ୟବହାର ରହିଛି ସମାଜରେ । କେତେବେଳେ ପିଲାଙ୍କୁ ପାଠ ବୁଝା ନପଡ଼ିଲେ କିମ୍ବା କୌଣସି ମାନବିକ ଆଚରଣରେ ବ୍ୟତିକ୍ରମ ଦେଖାଗଲେ ମାଡ଼ ମାରି ସୁଧାର, ପରିବର୍ତ୍ତନ କରାଯିବା ଲକ୍ଷ୍ୟ ରଖାଯାଇ ଥାଏ ତ କେତେବେଳେ ଅସାମାଜିକ ଲୋକଙ୍କୁ ସଜାଡ଼ିବା ପାଇଁ ଆଇନ ସମ୍ମତ ମାଡ଼ର ବ୍ୟବହାରିକ ପ୍ରାବଧାନ ରଖାଯାଇଥାଏ । ଅନେକ ସମୟରେ ବଚସା ମଧ୍ୟରେ ଏକ ଜିଦ୍‌ଖୋର ଅବୁଝା ମଣିଷକୁ ଦମନ କରିବା ପାଇଁ ମାଡ଼ର ବ୍ୟବହାର କରାଯାଇ ଥାଏ ତ ଆଉ କେତେବେଳେ ଗାଲୁଆଙ୍କ ଚେତନା ଫେରାଇ ଆଣିବା ପାଇଁ ମାଡ଼ର ଆବଶ୍ୟକତା ରହିଥାଏ । ହେଲେ ଏହି ସବୁ କ୍ଷେତ୍ରରେ ସାଧାରଣ ବାକ୍‌ବିନିଯୋଗ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମାଧ୍ୟମରେ କାର୍ଯ୍ୟ ହାସଲ ସମ୍ଭାବନା କ୍ଷୀଣ ହେଲେ ମାଡ଼ର ବ୍ୟବହାର ଅନିବାର୍ଯ୍ୟ ହେଉଥିବା ଲକ୍ଷ୍ୟକରି ଉପରୋକ୍ତ ଉକ୍ତିଟି ପ୍ରଚଳିତ ରହିଥିବା ବେଳେ ସ୍ୱର୍ଗତ ବିଜୁବାବୁ ତାହାର ଆବଶ୍ୟକତାକୁ ଯଥେଷ୍ଟ ଅନୁଭବ କରି ସେହିଭଳି କହିଥିବା ଅନୁମାନ କରିହେଉଛି । ଆଜି କିନ୍ତୁ ଆଉ ସେସବୁ ଦେଖିବାକୁ ମିଳୁନାହିଁ । କାରଣ କ'ଣ, ବିଚାର କରି ଦେଖିଲେ ଆଉ କିଛି ପରିବର୍ତ୍ତିତ ସାମାଜିକ ଚକ୍ର ନଜରକୁ ଆସୁଛି ଯାହାର ତୁଳନାତ୍ମକ ବିଚାର ବ୍ୟବଚ୍ଛେଦ କରାଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବା ଆବଶ୍ୟକ ମନେହୁଏ ଆମର ।

ସୂର୍ଯ୍ୟ କିରଣରୁ ଭିଟାମିନ 'D' ମିଳୁଥିବା ପ୍ରମାଣ ଦେଇଛି ବିଜ୍ଞାନ । ତାହାର ରାସାୟନିକ ପ୍ରତିକ୍ରିୟା ଶରୀରରେ କିଭଳି ଭିଟାମିନ ପ୍ରସ୍ତୁତ କରିଥାଏ ତାହା ବୈଜ୍ଞାନିକ ମାନଙ୍କୁ ଜଣାଥିବା ବେଳେ ସାଧାରଣ ମଣିଷ ସେଗୁଡିକୁ ଜାଣନ୍ତି ନାହିଁ । ଠିକ୍ ସେହିଭଳି ମାଡ଼ ଖାଇବା ଦ୍ୱାରା ସମ୍ପୃକ୍ତ ମଣିଷର ଶରୀରରେ କିଛି ରାସାୟନିକ ପରିବର୍ତ୍ତନ ଘଟିଥାଏ । ଯଦ୍ୱାରା ତାହାର ମାନସିକ ଉତ୍ତେଜନା ପ୍ରଶମିତ ହୋଇ ବିବେକର ଶିଥିଳ ଆଚରଣ ଗୁଡିକ ମସ୍ତିଷ୍କରେ ପ୍ରବାହିତ ହୋଇଥାଏ । ଫଳତଃ ସମ୍ପୃକ୍ତ ମଣିଷର ଉତ୍ତେଜିତ ଉନ୍ମାଦନା କମ୍ ହୋଇ ସ୍ଥିର ମସ୍ତିଷ୍କରେ ଉପଯୁକ୍ତ କାର୍ଯ୍ୟ କରିବାରେ ସାହାଯ୍ୟ କରିଥାଏ । ଆଉ କେତେବେଳେ ଆଶାତୀତ ଭାବେ ତାହା ବିପରୀତ ପ୍ରତିକ୍ରିୟା ସୃଷ୍ଟି କରି ଅନେକ ଅକର୍ତ୍ତବ୍ୟ, କୁକାର୍ଯ୍ୟ କରିବା ପାଇଁ ମଧ୍ୟ ସୁଯୋଗ ସୃଷ୍ଟି କରିଥାଏ ମଣିଷ ମସ୍ତିଷ୍କରେ ଯାହା ସ୍ଥଳ ବିଶେଷକୁ ନେଇ ତାହାର ପ୍ରତିକ୍ରିୟା ଉତ୍ପନ୍ନ ହେଉଥିବା ପ୍ରାୟତଃ ସମସ୍ତେ ଅନୁଭବ କରିଥିବେ । ହେଲେ କୌଣସି ସାଙ୍ଘାତିକ ସାମାଜିକ କିମ୍ବା ପାରିବାରିକ ସଂଘର୍ଷ ସମୟରେ ମାଡ଼ ବିପରୀତମୁଖୀ ପ୍ରତିକ୍ରିୟା ସୃଷ୍ଟି କରୁଥିବା ବେଳେ ସାଧାରଣ କାର୍ଯ୍ୟରେ ତାହାର ଯୁକ୍ତାତ୍ମକ ଉତ୍ତର ମିଳିଥାଏ । ମଣିଷ ହେଉ କି ଅନ୍ୟ କୌଣସି ଜୀବ ମାଡ଼ ଖାଇବା ପରେ ତାହାର ପ୍ରତିକ୍ରିୟା ଗୁଡିକ ଯେଉଁ ରାସାୟନିକ ପରିବର୍ତ୍ତନ ହେତୁ ହୋଇଥାଏ ତାହାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କୌଣସି ବୈଜ୍ଞାନିକ ମତବାଦ ନଥିବା ବେଳେ ଆମେ ତାକୁ ଭିଟାମିନ 'M' ର ନାମ ଦେଇ ବିଶ୍ଲେଷଣ କରିବା ବର୍ତ୍ତମାନ ପାଇଁ ଯେତେବେଳ ପର୍ଯ୍ୟନ୍ତ ତାହାର ବୈଜ୍ଞାନିକ ପ୍ରୟୋଗାତ୍ମକ ତଥ୍ୟ ଆସିନାହିଁ । ହେଲେ ସମ୍ମାନୀୟ ସ୍ୱର୍ଗତ ବିଜୁବାବୁଙ୍କ ସମୟରେ ସେହି ଭିଟାମିନ 'M' ର ଆବଶ୍ୟକତା ରହିଥିବା ବେଳେ ଆଜି ସମୟରେ ଆଉ ଆବଶ୍ୟକ ହେଉନଥିବା ପଛର ରହସ୍ୟ କ'ଣ ବିଚାର କରି ଦେଖିବା...... !

ସମୟ ସ୍ରୋତରେ ପରିବର୍ତ୍ତିତ ମଣିଷ ସମାଜ ଦିନକୁ ଦିନ ସାଙ୍ଘାତିକ ପରିବର୍ତ୍ତିତ ଜୀବନ ଧାରାରେ ବଂଚିବା ଶିଖୁଛି । ବିଭିନ୍ନ ପାରିପାର୍ଶ୍ୱିକ ପ୍ରଭାବ କାରଣରୁ ସେକାଳର ମଣିଷ ଆଉ ବର୍ତ୍ତମାନର ମଣିଷ ମଧ୍ୟରେ ଆକାଶ, ପାତାଳ ପରିବର୍ତ୍ତିତ ଜୀବନଶୈଳୀ, ଭାବଧାରା ଦେଖିବାକୁ ମିଳୁଥିଲେ ମଧ୍ୟ ଜନ୍ମଦାତ୍ରୀ ପ୍ରକୃତିର ସେହିଭଳି କୌଣସି ଆଖି ଦୃଷ୍ଟିଆ ପରିବର୍ତ୍ତନ ହୁଏନାହିଁ । କିନ୍ତୁ ମଣିଷ ସମୟ ସ୍ରୋତରେ ନିଜକୁ ପ୍ରବାହିତ କରି ବଂଚିବା ଶିଖୁଛି ଯାହା ତାକୁ ଭଲ ଦିଗଗାମୀ କରୁଛି କି ମନ୍ଦ ତାହାର କୌଣସି ଅନୁଶୀଳନ ନାହିଁ । ତେଣୁ ଏହି ପରିବର୍ତ୍ତିତ ସମୟ ସ୍ରୋତରେ High dose antibiotics- ପ୍ରସ୍ତୁତ କରାଯିବା ଭଳି ସେହି ପୁରାତନ ଭିଟାମିନ୍‌ର ମଧ୍ୟ ସମୟ ସାପେକ୍ଷ High Dose ଭିଟାମିନ ବ୍ୟବହାର କରିବା ଶିକ୍ଷା ମିଳିଛି ଆଜିର ସମୟରେ । ଦେଖାଗଲା ଯେ ସମୟ ସ୍ରୋତରେ କେବଳ ଭିଟାମିନ "M" ବ୍ୟବହାର ଆଉ ବୋଧେ କାମ କଲା ନାହିଁ ! ତେଣୁ ତାହାର ରୂପାନ୍ତରିତ Money ଭାବେ ଭିଟାମିନ M2 ର ବ୍ୟବହାର କରିବା ଶିକ୍ଷା ଦିଆଗଲା ଲୋକଙ୍କୁ ଯାହା Moneyରେ ଉପଲବ୍ଧ ହୋଇ ଯଥେଷ୍ଟ ଭଲ ପ୍ରଦର୍ଶନ କଲା ! ତେଣୁ ଆଜି ଆଉ ସେହି ପୁରୁଣା ଭିଟାମିନ "M" କୁ ଛାଡି ଆମେ କେବଳ M2 ର ବ୍ୟବହାର କରି ଯଥେଷ୍ଟ ଆନନ୍ଦରେ ରହୁଛେ କି ନିରାନନ୍ଦ ବିଚାର ନିଜ ନିଜର । କି'ନ୍ତୁ ଯାହା ହେଉ କୌଣସି ଉପସ୍ଥିତ ଅପ୍ରୀତିକର ପରିବେଶ ଆଉ ଦେଖିବାକୁ ମିଳୁନାହିଁ । ଏହି ଭିଟାମିନ M2 କେବଳ ବ୍ୟକ୍ତିଗତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବ୍ୟବସାୟ ମଧ୍ୟରେ ସୀମିତ ରହି ସମାଜକୁ କେଉଁ ଦିଗଗାମୀ କରୁଛି ସମସ୍ତେ ପ୍ରାୟତଃ ବୁଝୁଥିବେ । କିଁନ୍ତୁ ଆପଣ ମାନେ ଯଦି ଖୁସି ତାହେଲେ ସମଗ୍ର ସଂସାର ଖୁସି ।

ଏହି ଭିଟାମିନ M2 କେବଳ ସରକାରୀ ଚାକର ମାନଙ୍କ ପାଇଁ ଯଥେଷ୍ଟ ଉପଯୋଗୀ ହେଉଥିବା ବେଳେ ଉପରୋକ୍ତ ଅନ୍ୟାନ୍ୟ କାର୍ଯ୍ୟ ଗୁଡିକ କ୍ଷେତ୍ରରେ ସହାୟକ ହୋଇ ନପାରେ । କିନ୍ତୁ ସରକାରୀ କଳରେ ଭିଟାମିନ M2 ପ୍ରଚଳନର ମଧ୍ୟ ଯଥେଷ୍ଟ ଭିନ୍ନ ଦିଗ ପରିଲକ୍ଷିତ ହୁଏ ଯାହା ପ୍ରାୟତଃ ସମସ୍ତଙ୍କୁ ବୁଝୁଥିବ । ହେଲେ ପ୍ରଚଳିତ ଭିଟାମିନ M2 ପରିବର୍ତ୍ତେ ଯଦି କେବଳ "M"ର Double Dose ଅର୍ଥାତ୍ 2"M" ବ୍ୟବହାର କରାଯିବ ତାହେଲେ M2 ଠାରୁ ତାହା ଯଥେଷ୍ଟ ଗୁଣାତ୍ମକ କାର୍ଯ୍ୟ କରିବା ସୁନିଶ୍ଚିତ । କିଁନ୍ତୁ ଯେହେତୁ ଆମର ପ୍ରିୟ ପ୍ରଣମ୍ୟ ମୁଖ୍ୟମନ୍ତ୍ରୀ ବିଜୁ ବାବୁ ଆଉ ଆମ ଗହଣରେ ନାହାନ୍ତି ତେଣୁ ତାହା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ କଥା ବୁଝିବ ଆଉ କିଏ ?! ତେଣୁ ହୁଏତ ଆଜି ସମରେ ଭିଟାମିନ M2ର ବହୁଳ ବ୍ୟବହାର ଦେଖିବାକୁ ମିଳୁଛି ସବୁ କ୍ଷେତ୍ରରେ ଯାହାଦ୍ୱାରା ଲୋକେ ଖୁସିରେ ରହୁଛନ୍ତି କି ଦୁଃଖରେ ବିଚାର କରି ଦେଖନ୍ତୁ ବର୍ତ୍ତମାନର ଉପସ୍ଥିତ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ । କିଛି କ୍ଷଣ ପାଇଁ ଏହି ସାମାଜିକ ସ୍ଥିତି ଉପରେ କଡା ନଜର ରଖଲେ ହୁଏତ ସ୍ୱର୍ଗତ ପଟ୍ଟନାୟକଙ୍କ ଅମର ଆତ୍ମାକୁ ଶାନ୍ତି ମିଳନ୍ତା ବୋଲି ଆମର ଅନୁମାନ କେତେଦୂର ଠିକ୍ ବିଚାର କରି ମତାମତ ଦେବେ ବୋଲି ଆଶା......... !!

ପଙ୍କଜ କୁମାର ପାଣିଗ୍ରାହୀ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ.
ଦୂରଭାଷ.: ୯୪୩୭୭୩୨୪୯୦୭.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମର ପରିଭାଷା



ଚିନ୍ମୟୀ ପାତ୍ର

ବହୁତ ଅଜବ ଏ ପ୍ରଶ୍ନ ଯଦି କିଏ ପଚାରେ ପ୍ରେମ କ'ଣ ? ୨୦/୨୨ ବର୍ଷ ବେଳେ ଯେମିତି ଦ୍ୱନ୍ଦ୍ୱ ଥିଲା ଆଜି ମଧ୍ୟ ସେୟା । ସତରେ ପ୍ରେମ କ'ଣ ଜାଣିନି ନା ପ୍ରେମରେ କେବେ ପଡ଼ିନାହିଁ ? ଜୀବନର ମଧ୍ୟାହ୍ନ, ଗୋଟିଏ ସନ୍ତାନର ମାଆ ମଧ୍ୟ ତଥାପି ମନରେ ଏତେ ପ୍ରଶ୍ନବାଚୀ ? ସବୁବେଳେ ପ୍ରେମର ସଂଜ୍ଞାରେ ନିଜ ଉତ୍ତର ଖୋଜିବାକୁ ଚେଷ୍ଟା କରେ । ପ୍ରେମ ହେଉଛି ଶାଶ୍ୱତ ଓ ଚିରନ୍ତନ । ଦୁଇଟି ମନ; ଦୁଇଟି ହୃଦୟ; ଦୁଇଟି ଆତ୍ମାର ମିଳନ ହେଉଛି ପ୍ରେମ । ସତରେ କ'ଣ ଏହି ସଂଜ୍ଞାରେ ମୋର ସାମଞ୍ଜସ୍ୟ ଅଛି ? ମୋର ମନେ ପଡୁଛି ମତେ ପଚାରିଥିବା ଜଣେ ସାଙ୍ଗର ସେହି ପ୍ରଶ୍ନ ଯେ "ତମକୁ କେମିତିକା ଜୀବନସାଥୀ ଦରକାର ?" ଏ ପ୍ରଶ୍ନ ଅଧିକ ଜଟିଳ ଥିଲା ଗଣିତଠାରୁ ମଧ୍ୟ । କେବଳ ପାଠ ପଢ଼ି ଅଧିକା ନମ୍ବର ରଖିବା ଠାରୁ ଏ ପ୍ରଶ୍ନର ଠିକ୍ ଉତ୍ତର ପାଇବା ଥିଲା ମୋ ପାଇଁ ଗୋଟିଏ ଆହ୍ୱାନ । ଆମେ ଦେଖୁଥିବା ସିନେମାର ହିରୋ, ପଢୁଥିବା ଗଳ୍ପ ଉପନ୍ୟାସର ରାଜକୁମାରକୁ ତର୍ଜମା କରି କରି ପରିଶେଷରେ ଉତ୍ତରଟି ଥିଲା- ଯିଏ ମତେ ଅଧିକ ଭଲ ପାଉଥିବ, ମତେ ଭଲରେ ବୁଝୁଥିବ, ଯିଏ ମୋ ଇଚ୍ଛାକୁ ସମ୍ମାନ ଦେଉଥିବ ଓ ମୋ ପାଇଁ ସାରା ଦୁନିଆ ସହ ଲଢ଼ି ପାରୁଥିବ । ପ୍ରେମ କ'ଣ ବୋଲି ଆଜି ଯେତେବେଳେ ମୋ ସାଥୀ କଥା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବୁଛି- ମତେ ବହୁତ ଭଲପାଏ, ମୋ ପାଇଁ ସମସ୍ତଙ୍କ ସହ ଲଢ଼େଇ କରିବା, ମୋ ପାଇଁ ସେ ଜିଏଁ, ମୋ ବିନା ବଞ୍ଚିପାରିବ ନାହିଁ, ଏକଥା କେବେ ମଧ୍ୟ କହି ନାହାନ୍ତି କିନ୍ତୁ ମୁଁ ଅସୁସ୍ଥ ହୋଇଗଲେ ବ୍ୟସ୍ତ ହେବା, ମୋତେ ବହୁତ ସମୟ ଧରି ନ ଦେଖିଲେ ଆଶଙ୍କା କରିବା, ମୁଁ ମନ ଦୁଃଖରେ ରହିଲେ ଚିନ୍ତା କରିବା, ଏଇ ହୁଏତ ପ୍ରେମ । ନୀରବରେ ମତେ ଏତେ ଭଲ ପାଉଥିବା ମଣିଷକୁ ସଂସାରର ଭିଡ଼ ଭିତରେ ହଜେଇଦେବାକୁ ମନରେ ଆସୁଥିବା ଡରକୁ କୁହାଯାଏ ପ୍ରେମ ।

ସହକାରୀ ଶିକ୍ଷୟିତ୍ରୀ

ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ, ଗୋଳନ୍ଥରା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଅପ୍ରେଲ ୨୦୨୨

ଲେଖା ପଠାଇବାର ଶେଷ ତାରିଖ : ୩ ଅପ୍ରେଲ ୨୦୨୨

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ୍ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।




ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan